ମାନସିଂ ସ୍ମରଣିକା



Digitized by srujanika@gmail.com

ମହାପ୍ରସ୍ଥାଣ

Digitized by srujan ka@gmail.com

ମାନସିଂ ସ୍ମରଣୀକା

●

(ଏକାମ୍ର ଥିଏଟର୍ସ, ଭୁବନେଶ୍ୱରଙ୍କ
ଦ୍ୱାରା ପ୍ରକାଶିତ)

❋ ସଭାପତି

ଅଧ୍ୟାପକ **ଦୁର୍ଗାଚରଣ କୁଅଁର**

❋ ସମ୍ପାଦକ

ଶ୍ରୀ ରମେଶ ଧଳ

❋ ପରିକଳ୍ପନା ସମ୍ପାଦକ

ଶ୍ରୀ ନଗେନ୍ଦ୍ର ମୋହନ ମହାନ୍ତି

Digitized by srujan ka@gmail.com

ମାନସିଂ
ସ୍ମରଣୀକା

●

ପ୍ରକାଶକାଳ
ଅକ୍ଟୋବର
୧୯୭୮

●

ପ୍ରକାଶକ
ଏକାମ୍ର ଥିଏଟର୍ସ
ଭୁବନେଶ୍ୱର

●

ମୂଲ୍ୟ
ଟ ୫.୫୦

ବନ୍ଧେଇ
ଟ ୭.୫୦

Digitized by srujan ka@gmail.com

ଏକାମ୍ର ଥିଏଟର୍ସଙ୍କ ଦ୍ୱାରା ରବୀନ୍ଦ୍ର ମଣ୍ଡପଠାରେ ଆୟୋଜତ ସମ୍ବର୍ଦ୍ଧନା ସଭରେ ଓଡ଼ିଶାର ରାଜ୍ୟପାଳ କବ ମାନସିଂଙ୍କୁ ଏକାମ୍ର ଥିଏଟର୍ସ ତରଫରୁ ମାନପତ୍ର ପ୍ରଦାନ କରୁଛନ୍ତି ।

Digitized by srujan ka@gmail.com

ଏକାମ୍ର ଥିଏଟର୍ସ ଭୁବନେଶ୍ୱରଙ୍କ ଦ୍ୱାରା ରବୀନ୍ଦ୍ର ମଣ୍ଡପଠାରେ ଆୟୋଜିତ ସମ୍ବର୍ଦ୍ଧନା
ସଭାରେ କବି ମାନସିଂହ ନିକଟରେ ବସିଛନ୍ତି କବି ରାଧାମୋହନ
ଗଡ଼ନାୟକ ଓ ସ୍ୱାଗତ ଭାଷଣ ପାଠ କରୁଛନ୍ତି ଓଡ଼ିଶାର
ରାଜ୍ୟପାଳ ମାନ୍ୟବର ବି. ଡ଼ି. ଜାଟି ।

Digitized by srujan ka@gmail.com

ଓଡ଼ିଶାର କବିଗୁରୁ

ପଦ୍ମଶ୍ରୀ ଡକ୍ଟର **ମାୟାଧର ମାନସିଂହ**

ସେହି ମହାନ୍ ଆତ୍ମା ପ୍ରତି ସମଗ୍ର ଓଡ଼ିଆ ଜାତି ସହ ମୁଁ ମୋର ଅଶ୍ରୁଳ ଶ୍ରଦ୍ଧାଂଜଳି ଜଣାଉଛି ।

ବିଜୁ ପଟ୍ଟନାୟକ

Digitized by srujanika@gmail.com

ସମ୍ପାଦକୀୟ

ଆମପକ୍ଷରୁ

କବି ଡ଼ଃ ମାୟାଧର ମାନସିଂହ ଅର୍ଦ୍ଧଶତାବ୍ଦୀରୁ ଅଧିକ କାଳ ଓଡ଼ିଆ ସାହିତ୍ୟର ସେବାକରି ଆସିଛନ୍ତି । ସେ ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ । ଏକାଧାରରେ ସେ ଥିଲେ କବି, ନାଟ୍ୟକାର, ସମାଲୋଚକ, ଶିକ୍ଷାବିତ୍‌ ଓ ଚିନ୍ତାନାୟକ । ସାହିତ୍ୟ ତଥା ସାମାଜିକ ସ୍ତରରେ ସେ ଏକ ବିପ୍ଳବୀ ଥିଲେ । ସେ ଯଥାର୍ଥରେ ଓଡ଼ିଆ ସାହିତ୍ୟର ଏକ ମହାନ୍ ତୀର୍ଥ । ଉତ୍କଳ ବାଣୀପୀଠର ଏହି ଏକନିଷ୍ଠ ସାଧକଙ୍କର ତିରୋଧାନ ଗତ ତା ୧୧-୧୦-୭୩, କୁମାରପୂର୍ଣ୍ଣିମା ସନ୍ଧ୍ୟାରେ ହୋଇଯାଇଛି ।

ଏହି ମହାନ୍ ପ୍ରତିଭାଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ପାଇଁ ଭୁବନେଶ୍ବରର ଏକାମ୍ର ଥିଏଟର୍ସ ଅନୁକୂଲ୍ୟରେ ଏକ 'ସ୍ମରଣିକା' ପ୍ରକାଶ କରିବାର ସିଦ୍ଧାନ୍ତ ନିଆଗଲା । ସ୍ୱଳ୍ପ ସମୟ ମଧ୍ୟରେ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ବହୁ ଉପାଦେୟ ଲେଖା ଆମ୍ଭମାନଙ୍କର ହସ୍ତଗତ ହୋଇଛି—ଯାହାକି ବରେଣ୍ୟ କବିଙ୍କ ପ୍ରତି ତାଙ୍କର ଅଗଣିତ ବିମୁଗ୍ଧ ପାଠକଙ୍କର ସ୍ୱତଃସ୍ଫୁର୍ତ୍ତ ସ୍ନେହଶ୍ରଦ୍ଧାର ଫଳ । ବହୁତ ବିଳମ୍ବରେ ଏବେ ବି ଅନେକ ଲେଖା ଆମ ନିକଟରେ ଆସି ପହଞ୍ଚୁଛି, କିନ୍ତୁ ସମୟର ସ୍ୱଳ୍ପତା ଓ ସ୍ଥାନାଭାବ ହେତୁ ସେ ସମସ୍ତ ଲେଖା ପ୍ରକାଶ କରିବା ଆମ ପକ୍ଷରେ ସମ୍ଭବପର ହେଉ ନାହିଁ । ଏଥିପାଇଁ ସହୃଦୟ ଲେଖକ ଲେଖିକାମାନେ ଆମମାନଙ୍କୁ କ୍ଷମା କରିବେ ।

କବି ମାନସିଂହଙ୍କର ପବିତ୍ରସ୍ମୃତି ଉଦ୍ଦେଶ୍ୟରେ ଆମର ଏହା ଏକ ସାମାନ୍ୟ ପ୍ରଚେଷ୍ଟା ମାତ୍ର । ଜାତିର ଏହି ମହାନ ସାହିତ୍ୟିକ ପ୍ରତିଭାଙ୍କର ଚିରସ୍ଥାୟୀ ସ୍ମୃତିରକ୍ଷା କିପରିଭାବେ କରାଯାଇ ପାରିବ ଦେଶବାସୀ ସେ ଦିଗରେ ଯତ୍ନଶୀଳ ହେବା ଆଶାକରୁ ।

ଏକାମ୍ର ଥିଏଟର୍ସ
ରାମେଶ୍ୱର ପାଟଣା
ଭୁବନେଶ୍ବର
ତା ୨୨-୧୦-୭୩

ରମେଶ ଧଳ
ସମ୍ପାଦକ
ମାନସିଂହ ସ୍ମରଣୀକା କମିଟି

Digitized by srujan ka@gmail.com

ସୂଚୀ

॥ ପଦ୍ୟ ଭାଗ ॥

ରାଧାମୋହନ ଗଡ଼ନାୟକ
ସ୍ୱର୍ଗତଃ ଡ଼ଃ ମାୟାଧର ମାନସିଂ
ସଚ୍ଚିଦାନଂଦ ରାଉତରାୟ
କମଳ ଲୋଚନ ମହାନ୍ତି
ଅଧ୍ୟାପକ ବନୋଦ ରାଉତରାୟ
ପ୍ରବୋଧ କୁମାର ମିଶ୍ର
ଶ୍ରୀମତି ତୁଳସୀ ଦାସ
ଧୂନ ଖୁଣ୍ଟିଆ
ନକୁଞ୍ଜ କଶୋର କାନୁନ୍‌ଗୋ
ରଂଜିତା ଯେନା
ଭଗୀରଥି ନେପାକ
ଶୈଳବାଳା ମହାନ୍ତି
ହୃଦାନନ୍ଦ ଧୂରୁଆ
ସୁରେନ୍ଦ୍ର ନାଥ ବଦ୍ୟାଧର
ଶାନ୍ତା ବଶ୍ୱାଳ
ଡ଼ଃ ଶ୍ରୀନବାସ ପଟ୍ଟନାୟକ
କାହ୍ନୁଚରଣ ପାଣିଗ୍ରାହୀ
ନମିତା ରାୟ
ଅଧ୍ୟାପିକା ଶାନ୍ତିଲତା ଧଳ
ଶ୍ରୀବତ୍ସ ନାୟକ
ଶ୍ରୀମତି ଶେଫାଳୀ କୁଅଁର
ଡ଼ଃ ଗୋପାଳ ଚନ୍ଦ୍ର ମିଶ୍ର
ଶୁଭଲକ୍ଷ୍ମୀ ମହାନ୍ତି

॥ ଗଦ୍ୟ ଭାଗ ॥

ଡ଼ଃ ହରେକୃଷ୍ଣ ମହତାବ
କବିଚନ୍ଦ୍ର କାଳଚରଣ ପଟ୍ଟନାୟକ
କାଳନ୍ଦୀ ଚରଣ ପାଣିଗ୍ରାହୀ
ଡ଼ଃ କୁଞ୍ଜ ବହାରୀ ଦାଶ

Digitized by srujan ka@gmail.com

ନୀଳମଣି ସେନାପତି
ରାଧାଶ୍ୟାମ ଦାସ
ସଚ୍ଚିଦାନଂଦ ରାଉତରାୟ
ଡଃ ସଦାଶିବ ମିଶ୍ର
ଅଧ୍ୟାପକ ଗୋଲକ ବିହାରୀ ଧଳ
ଡଃ ବୈଦ୍ୟନାଥ ମିଶ୍ର
ଶ୍ରୀଧର ମହାପାତ୍ର
ଶ୍ରୀହର୍ଷ ମିଶ୍ର
ବିଭୂତି ଭୂଷଣ ତ୍ରିପାଠୀ
ଡଃ ବିଶ୍ୱନାଥ ସାହୁ
ଡଃ ନଟବର ସାମନ୍ତରାୟ
ଶ୍ରୀମତୀ ମଂଜରୀ ପଟ୍ଟନାୟକ
ରବି ରାୟ
ଅଧ୍ୟାପକ ମହାପାତ୍ର ନୀଳମଣି ସାହୁ
ଅଧ୍ୟାପକ ଦୁର୍ଗାଚରଣ କୁଅଁର
ନିତ୍ୟାନନ୍ଦ ମହାପାତ୍ର
ବେଣୁଧର ରାଉତ
ଅଖିଳ ମୋହନ ପଟ୍ଟନାୟକ
ଡଃ ଜାନକୀବଲ୍ଲଭ ମହାନ୍ତି
ବିଭୂତି ପଟ୍ଟନାୟକ
ଭଗୀରଥି ନେପାକ୍
ଅଧ୍ୟାପିକା ମନୋରମା ମହାପାତ୍ର
ଡଃ ଦାମୋଦର ଲେଙ୍କା
ଡଃ ହର ପ୍ରସନ୍ନ ମିଶ୍ର
ଗୋପୀନାଥ ମହାନ୍ତି
ଉଦୟନାଥ ଷଡ଼ଙ୍ଗୀ
ରାଜକିଶୋର ରାୟ
ରାଜେନ୍ଦ୍ର ବର୍ମା
ଲବଙ୍ଗଲତା ଦେବୀ
ରମେଶ ଧଳ
ସୀତାକାନ୍ତ ମହାପାତ୍ର
ଅଚ୍ୟୁତାନନ୍ଦ ଦଣ୍ଡ

Digitized by srujan ka@gmail.com

କବିବଂଧୁ ମାନସିଂହ ତୁମେ ଆଜି ନାହଁ

—ରାଧାମୋହନ ଗଡ଼ନାୟକ

ପୀଡ଼ିତ ମୁଁ ଶଯ୍ୟାଗତ ରହିଥିଲି ସୁଦୂର ମୋ ପଲ୍ଲୀ ନିବାସରେ
ଅକସ୍ମାତ
ପାଇଲି ସଂବାଦ,
କବିବଂଧୁ ମାନସିଂହ ତୁମେ ଆଜି ନାହଁ,
ଅଜ୍ଞାତରେ ନିଭୃତରେ ଏ ମାଟିରୁ ନେଇଛ ବିଦାୟ ।

କୁମାରୀ ପୂର୍ଣ୍ଣିମା ରାତି.......... ହସ ହସ ଯାର ଚଂଦ୍ରିକାରେ
ଉଛୁଳଇ ସାରା ସୃଷ୍ଟି ହରଷର ଉଦ୍‌ବେଳ ଜୁଆରେ,
ଆଦିଗଂତ ଭରି ଦେଇ ତାର ବୁକେ
ଝଡ଼ ବର୍ଷା ଅଂଧକାର ରୁଦ୍ର ବିଭୀଷିକା
ପ୍ରକୃତି କି ତାର ବୁକେ ତୁମ ପାଇଁ ରଚିଥିଲା ମୃତ୍ୟୁର ଭୂମିକା !
ସକାଳକୁ ତୁମେ ଆଉ ନାହଁ,
ଅଜ୍ଞାତରେ ନିଭୃତରେ ଏ ମାଟିରୁ ନେଇଛ ବିଦାୟ !

ବିପ୍ଳବର କବି ଥିଲ, ଅଦ୍‌ଭୁତ ଚରିତ୍ରର ନାୟକ
ଦୁନିଆ ଯାକର ସବୁ ସ୍ୱପ୍ନ ଦେଖୁଥିଲ,
ରକ୍ତର ରଂଜନ ଦେଇ ଜୀବନର ଶବଳିତ
ଚିତ୍ର ଲେଖୁଥିଲ,
ଆଦିରୁ ଅନାଦି ପୁଣି ସୁରାରୁ ପୀୟୂଷ
ରୂପାୟିତ କରୁଥିଲ ମୋ ଦେଶର ହେ କାବ୍ୟପୁରୁଷ ।

Digitized by srujan ka@gmail.com

ମୋ ଦେଶର ମାଟି ପାଇଁ ଜଳବାୟୁ, ବଳ ବନ ପାଇଁ
ମାୟାଧର 'କେତେ ତୁମ ମାୟା,
କୁସୁମିତ କାବ୍ୟ କବିତାରେ
ପଲ୍ଲବିତ କଥାରେ ଛଂଦାରେ
ଦେଉଥିଲ ସଂପ୍ରୀତିର, ଆସକ୍ତିର ଗୁମ୍ଫା ।

ଦେଶର ମନୀଷ ମୋର ସଂସ୍କୃତିର, କଳାର ପ୍ରତୀକ
କେଉଁ ପରି ହେଉଅଛୁ କଳଂକର ତନ୍ମୟ ପଥିକ ;
ହେ ମରମୀ, ହେ ଦରଦୀ କେତେ ତୁମ ବ୍ୟଥା,
ତା'ର କଲ୍ୟାଣ ପାଇଁ ଢାଳୁଥିଲ ସଜଳ ମମତା ।

ଅକୃତଜ୍ଞ ଦେଶ ମୋର ଅକୃତଜ୍ଞ ଜାତି
ଦେଇ ନାହିଁ ତୁମ ହାତେ ତୁମର ଯା ନ୍ୟାଯ୍ୟ ପୁରସ୍କାର,
ବରଂ ଦିନରାତି
ଉଚ୍ଚ ସ୍ୱରେ ତୋଳିଅଛୁ କୁତ୍ସାର ଝଂକାର ।

ଭଗ୍ନମନା ମାନସିଂହ, ଅବଶେଷେ ଅଭିମାନ କରି
ଚାଲି ଯାଇ ଅଛ ତୁମେ
ପ୍ରାଣେ ପ୍ରାଣେ ଶୋକ ଅଶ୍ରୁ ଭରି ।

ସତ କରି କହ ବନ୍ଧୁ ମୋ ଦେଶର ଅନୁରକ୍ତ କବି,
ଭୁଲି କି ପାରିବ ତୁମେ ଆର ପୁରେ
ମୋ ଦେଶର ମାଟିବାଣୀ
ମହାନଦୀ ଚଳକାର ଛବି ?

●

Digitized by srujan ka@gmail.com

[ଲେଖକ ଶ୍ରୀ ବିଭୂତି ଭୂଷଣ ତ୍ରିପାଠୀ ଆଇ.ଏ.ଏସ୍.ଙ୍କୁ ନିମ୍ନଲିଖିତ ପତ୍ରଟି ସ୍ୱର୍ଗତଃ ମାନସିଂ ତା ୭-୧୦-୧୯୬୪ ମସିହାରେ ଲେଖିଥିଲେ । ଚିଠିଟି ମାନସିଂଙ୍କ ସ୍ୱହସ୍ତରେ କବିତାରେ ଲିଖିତ । ଶ୍ରୀ ତ୍ରିପାଠୀ ସ୍ୱର୍ଗତଃ ମାନସିଂଙ୍କ ସମ୍ମତିରେ ଚିଠିଟି ପ୍ରକାଶ ପାଇଁ ଦେଇଥିବାରୁ ଧନ୍ୟବାଦାର୍ହ]

"Lead me from darkness to Light"

Phone-1128

MANSINHA LANE

CUTTACK-1

Dr. Mayadhara Mansinha

Dated 7.10.1964

ଶ୍ରଦ୍ଧାଭାଜନ,
ଅନୁଜପ୍ରତିମ,
ରସଜ୍ଞ ପାଠକୋତ୍ତମ
ଶ୍ରୀମାନ୍ ବିଭୂତି ଭୂଷଣେଷୁ—

ଭକ୍ତଭୂମେ ମାଜିଷ୍ଟ୍ରେଟ ହେବାର ଶୁଣିଲି,
ଉତ୍ତମ ସଂବାଦ ଏକ ବୋଲି ମୁଁ ମଣିଲି ।
ବିଭୂତିଂକ ବିଭୂତିର ସୁପ୍ରକାଶ ଲାଗି,
ଲୋଡ଼ାତ ବିସ୍ତୃତ କ୍ଷେତ୍ର; ଚରିତ୍ରାନୁରାଗୀ
ତ୍ରିପାଠୀଂକ ପାଠ ପାଇଁ ସେକ୍ରେଟେରିଏଟ
ଶୁଷ୍କ କକ୍ଷଠାରୁ ଲୋଡ଼ା,—ନିତ୍ୟ ଜନ-ଭେଟ,
ବହୁବିଧ ନରନାରୀ,—ଯାହାଂକର ନେତ୍ରେ
ଦିଶିବେ ସେ ଏକ ଏକ କାବ୍ୟ ପତ୍ର । ବେତ୍ରେ
ଟେଉଡ଼ିବା ଜୀବମାତ୍ର ବୋଦ୍ଧୁ—ହେବେ ଟୀକା
ଗାଇବାକୁ ପ୍ରାଣ-ଗାଥା ହୋଇଣ ନିଶଂକା ।

Digitized by srujan ka@gmail.com

ଏ ଯୋଗ୍ୟ ସାହିତ୍ୟାନୁଜ ଯୋଗ୍ୟ କ୍ଷେତ୍ର ପାଉ,
ତା-ହାତେ ମୋ-ପ୍ରିୟ ଜାତ-ସୁକଲ୍ୟାଣ ଧ୍ୟାଉଁ,
ପଠାଏ ମୋ ଆଶୀର୍ବାଦ, ଗୋର୍ଡ ଓ ଲଭ୍,
ତାଂକ ସବୁ ବାଧା ଯେହ୍ନେ ଲଭେ ପରାଭବ ।

ଶୁଣ ହେ ତ୍ରିପାଠୀ ତୁମ୍ଭ ଇଲାକା ସୀମାର
ଧାରେ ମୋର ଜନ୍ମ ପଲ୍ଲୀ, କ୍ଷାମତି ଯାହାର ନାଁ ।
ନନ୍ଦଲା, ଯା କୋଳେ 'ଜେମା' 'କମଳାୟନ' ବା
ଅଧ୍ୟରେ କଳ୍ପନା ଲୋକେ କରୁଥିଲେ ସଭି,
ବାସ୍ତବେ ଆସିବା ଆଗୁଁ । ନୃତ୍ୟ-ରାମାୟଣ—
ସ୍ରଷ୍ଟା ଶ୍ରୀ କେଶବ ପଟ୍ଟନାୟକଙ୍କ ଜନ୍ମ—
ଭୂମି, ପାଲୁରଗଡ଼ଟି ନେଇ ଯିବା-ରାସ୍ତା,—
ପେଟ୍ରୋଲ-ଖଜନ ସେ କି ?— କହୁ ଗଲି କଥା !
ଗଂଜାମରେ ଥିଲ ଯେବେ ଇନସ୍‌ପେକ୍ଟର,
ଦେଖିଅଛ ବହୁ ସ୍ଥାନ ସେ ଜନପଦର ।
ସର୍ବୋତ୍ତମ ଜିଲ୍ଲା ସେ ଯେ ଓଡ଼ିଶା ରାଷ୍ଟ୍ରର,
ସବୁ ଭଲ ସବୁଠାରୁ ଦୃଶ୍ୟ ମନୋହର ।
ବେଳେ ବେଳେ ଇଚ୍ଛା ହୁଏ ଶେଷ ଏ ଜୀବନ
ସେ ମାଟିରେ କଟାନ୍ତି କି ! ସେଠାର ନିର୍ଜନ
ନିଃଶେଷରେ ଶ୍ରେୟ ନକି କଟକ-ନଗର-
ବିଭସ୍ତତା ଠାରୁ, ହେ ତରୁଣ ବନ୍ଧୁବର ?

॥ ଇତି ॥

ଶ୍ରୀ ବିଭୂତିଭୂଷଣ ତ୍ରିପାଠୀ
ମାଜିଷ୍ଟ୍ରେଟ୍, ଗଞ୍ଜାମ ।

ଶୁଭାନୁଧ୍ୟାୟୀ
ମାୟାଧର ମାନସିଂହ

Digitized by srujan ka@gmail.com

॥ କବିର ମୃତ୍ୟୁ ॥

ସଚ୍ଚିଦାନଂଦ ରାଉତରାୟ

ଏଇପରି ଚୁପ୍‌ଚାପ ଚାଲିଯିବା ଭଲ,
କାହାକୁ ନ କହି କରି,
ଯେଉଁପରି ତୁମେ ଚାଲିଗଲ ।

ସୂର୍ଯ୍ୟ ଅସ୍ତ ଆଗୁ
ହେମଂତର ଧୂପ-ଗନ୍ଧ ସଂଜ
ହେମଶସ୍ୟ ଢାଂକି ଦେବା ଆଗୁ
ସବୁରିର ଅଜାଣତେ
ଚୁପଚାପ୍ ଚାଲିଯିବା ଭଲ୍ ।

କାରଣ ତୁମେ ଜାଣିଥିଲ
ଏଇ ସବୁ ହଟ୍ଟଗୋଳ, ଧ୍ୱନି, ଫୁଲମାଳ
ପାଣିରଙ୍ଗ ଗାର ।
ତୁମେ ଜାଣିଥିଲ
ଏମାନଙ୍କ ଲୁହ ଏବଂ ବିଦୂଷକୀ ଚାଲ୍
ଉଛୁଳା ହସର ।

ତୁମେ ଜାଣିଥିଲ
ଏଠିକାର ହାଲଚାଲ—

ଯାହା ଏକ ଭଗାବୀ ରଙ୍ଗର
ସଦର ଦପ୍ତର ।
(ମିଳେ ଯାହା ସହଜରେ
ଶୁଝାଯାଏ ସହଜ କିସ୍ତିରେ ।)

Digitized by srujan ka@gmail.com

ଆଉ ଏଠିକାର ଭୁରୁକୁଂଗ୍ସ
ପଂଡ଼ିତଙ୍କ ଦଳ
ପାଣିରୁ କାଢ଼ଂତି ସର, କ୍ଷୀରରୁ ଯେ ଜଳ ;
ମଳପରେ କହନ୍ତି ଯେ
ଆଖିପତା କର ଛଳଛଳ

'ମାଟିଘଟ ପଂଜୁରିକେ ରୁନ୍ଧି
ସୁବର୍ଣ୍ଣର ଶୁଆ ଗଲା ଉଡ଼ି,
ଦେଖ ଦେଖ କପଟ ଚଞ୍ଚଳ !!'

ତୁମେ ଜାଣିଥିଲ
ଏଠିକାର ହାଲ ॥

ପାଠକ ବିସ୍ମିତ ହୁଏ ।
କିଏ ମଂଗେଟଲ୍ ?
ଲେଖିଛଂତି କ'ଣ ସିଏ ହାଲେ ?
ଗ୍ରୁଚବର, ନୂଆ ବଂଶଧର
ଖୋଲି ମାନେ ବନ୍ଧ
କହେ, ଲେଖିଛଂତି କବିତା ସେ ପଦ୍ମ
ମହାନଦୀ ନେଇ ।

ମନେପଡ଼େ ଏତେବେଳେ ତାର ।
(ପୃଷ୍ଠାଟା ଯେ ହୋଇଗଲା ଚିରି
ପଣ୍ଟାଷ୍ଟାର ବେଳେ ।)

ଲେଡ଼ା ନାଇ ତାର ଆଉକିଛୁ.
ଲିରିକ୍ ବା ଲୋକଗାଥା ସତ,
କିଂବା ଅତିକଥା ହେଲେ କି ଅଛୁ ତଫାତ ।
କି ଲେଡ଼ା ତା' ଚିତ୍ରକଳ୍ପେ ଅଥବା ରୂପକେ,
ବା ଅଧିବାସ୍ତବେ ?

Digitized by srujan ka@gmail.com

ଅବା ମହାକାବ୍ୟେ ?
ଧ୍ୱନି, ରୀତି, ରସେ,

ଅଂଗିକେ ବା ଛଂଦେ ?
ସେ'ବି ଲେଖେ କୁନି କାବ୍ୟ
ମିନି ପତ୍ରିକାରେ,

ସେ ବି କଥାକାର, ରବି ବାସସ୍ତ୍ୟେ ।
ସେ ମଧ୍ୟ ଛାପିଛି ବହୁ "ପ୍ଲାଷ୍ଟିକ୍ ପବନ" ।
ପୁଣି କରେ ସମ୍ପାଦନ
ପତ୍ରିକା, ଯା ନାମ ଅଟେ "ହ-ଯ-ବ-ର-ଲ" ॥

ଖବର କାଗଜ
ଛାପିଲେନି ବିଂନ୍ଦୁ ଓ ବିସର୍ଗ ଯିଏ
ମରିବା ଆଗରୁ,

ଛାପୁଛଂନ୍ତି ଗଜ ପରେ ଗଜ
ଶୋକବାର୍ତ୍ତା, ଅଗ୍ରଲେଖାମାନ ।
"ଖବର ଜବ୍ବର"
ଡାକୁଛି ହକର
"ମରିଗଲେ ଶ୍ରେଷ୍ଠ କବି ରାଜ ॥"

ପ୍ରକାଶକ ମାରେ ହାଇ ।
ଭାବେ କେତେ ବିକ୍ରି ହେବ ଦଶାହ ବେଳରେ ।
ସେଦିନ ସଭାରେ
ଅର୍ଦ୍ଧଶତାବ୍ଦୀରେ ଛପା ଯେତେ ତାଂକ ବହି
ଠୁଳ କରେ ଆଣି ॥

ଏଠିକାର ହାଲ
ସବୁ ଥିଲା ଜାଣି ॥

Digitized by srujan ka@gmail.com

ଶତ୍ରୁ ଏ କହନ୍ତି ସିଏ ଶ୍ରେଷ୍ଠ ବନ୍ଧୁଜନ ।
ବନ୍ଧୁମାନେ ଲୁଚନ୍ତି ବଦନ ।
କେ ଶୁଣାଏ ଆସି ଶୋକ-ବାଣୀ
ଅମୁକ ନେତାର ।
(ଲେଖିଛନ୍ତି ଅଛର୍ଛରେ ରେଡ଼ିଓରୁ ଶୁଣି ।)
ଏଠା ହାଲ ସବୁ ଥିଲ ଜାଣି ॥
ଏଇପରି ଚୁପ୍ ଚାପ, ଚାଲିଯିବା ଭଲ,
କାହାକୁ ନ କହି କିଛି,
ଏକାକୀ କେବଳ ।
ଯେଉଁପରି ତୁମେ ଚାଲିଗଲ ।
ସବୁରିର ଅଜାଣତେ,
ଗୁଳି ଅସ୍ତ୍ର ଆଗୁ
ଏକେଲା ସହିଲ ।
ଏଇପରି ଚାଲିଯିବା ଭଲ ॥

Digitized by srujan ka@gmail.com

ମୃତ୍ୟୁ ଯେବେ ସତ୍ୟ

କମଳ ଲୋଚନ ମହାନ୍ତି

ମୃତ୍ୟୁ ଯେବେ ସତ୍ୟ
ଆଉ ସବୁ ମିଥ୍ୟା
କହୁ ଯାଅ କହୁ ଯାଅ କବି,
ମନ କାହିଁ ଏତେ ମାୟାଚ୍ଛନ୍ନ ?
ମାୟା ଖାଲି, ମାୟା, ମାୟାଧର,
କିବା ଥିଲା ଲେଖିବାର
"ଛିଷାବନ୍ତ ଗାଥା" ।

ଜୀବନରେ ଖାଲି ଜଳି ଜଳି
ଜାତକୁ, ଖଷାକୁ କଲ ଦୁଟମନ୍ତ—
କେହୁ ତ କହୁନି କେବେ
ଯୁବତୀର ଯଉବନ ଲୋଭେ
ପାଷାଣ ଦେବତା ଗୁଡ଼ି ସିଂହାସନ
ଦ୍ୱିଜକନ୍ୟା ଲକ୍ଷ୍ମୀ ଦ୍ୱାରେ
ହେଲେ, ହେଲେ ଆସି ଉଭା—
ପୂଜ୍ୟ ତମେ "ପୂଜାରଣୀ" ପାଇଁ
ପୂଜ୍ୟ ତମେ ପ୍ରେମିକ ପ୍ରବର !
"ହେମ ଶସ୍ୟ "ହେମ ପୁଷ୍ପ"

ଖାଲି ଶୁଭେ ଖାଲି ହେମ ! ହେମ !
ଲଳିତର ଲାଳିତ୍ୟ ବା ଲଲାଟର ଇନ୍ଦୁ
ବୁଦ୍ଧି ପର ମୁକ ସବେ
ଆମେ ସତେ ସବେ ବୌଦ୍ଧଧର୍ମୀ —
ବାକ୍ୟହୀନ ତ କାନ୍ଦୁଅଛୁ
କାନ୍ଦୁଛନ୍ତି କୁଜ ଓ ଟୁକୁନ—

Digitized by srujan ka@gmail.com

ଆଉ ଥରେ କହିଯାଅ କବି !
ଆମେ ସବୁ ବଂଚଥାଉ
ମରିବାର ପାଇଁ—

ଧୂପ ଦୀପ ଜାଳିଗଲ
"କଣ୍ଠ କାଚ" ଲେଖିଗଲ
ଜଳାଇ ଅନ୍ତର
ନିଜ ଦେହେ କଣ୍ଟା ଫୋଡ଼ି ଫୋଡ଼ି ......
ମହାକାବ୍ୟ ସେ "କମଳାୟନ"
ଭୁଲିବୁ କିପରି ?

ଜଗି ଯଉବନ ତଟେ ବସି
ବୁଦ୍ଧିଥିଲ କରିବାକୁ
"ହିସାବ ନିକାଶ"

କେବେ କିଂଚୁ ହିସାବକୁ ଆସିନାହିଁ
କେତେ ଲୋକ ଡ଼ାକି, ଡ଼ାକି ବହୁବାର—
ନ ଆସିଛ ନ ଆସିଲ ଭଲ କଲ କବି—
ପ୍ରେମ ଦଗ୍ଧ କବିଙ୍କର ଜୟଗାଥା
ଗାଇବୁ ଗାଇବୁ—

ମୃତ୍ୟୁ ଯେବେ ସତ୍ୟ,
ଆଉ ସବୁ ମିଥ୍ୟା,
ସ୍ୱ ଜାତି, ସ୍ୱ ଭାଷା ବଂଚି ଥାଉ ଥାଉ—
ହେ, ଗୁରୁ !
ହେ, କବି !
ହେ, କବି ଗୁରୁ !
ହିସାବ କରିଛୁ ଆମେ
କରୁଛୁ ନିକାଶ—

●

Digitized by srujan ka@gmail.com

ମହାମାନୀ ମାନସିଂହ

ଅଧ୍ୟାପକ ବିନୋଦ ରାଉତରାୟ

ହେ ପରମ ପ୍ରିୟକବି ଅଶ୍ରୁମୁଖୀ ଉତ୍କଳ ମାତାର,
ତମ ମହାଯାତ୍ରାକାଳେ ପ୍ରକୃତି ବି ଢାଳେ ଲୁହ ଧାର;
ସହସ୍ର ଉରଗସମ ପ୍ରଭଞ୍ଜନ ପ୍ରବଳ ବେଗରେ……
ଧରା ଓ ଅମ୍ବର ଭରି ଅକରୁଣ ବ୍ୟଥାରେ ଗୁମରେ ।
ତମ ମହାପ୍ରୟାଣରେ ଜ୍ୟୋତ୍ସ୍ନାଧୌତ ନିର୍ମଳା ରଜନୀ,
ଅମାବାସ୍ୟା ଠାରୁ ଗାଢ଼ ଅନ୍ଧକାରେ ଢାଂକିଛି ଅବନୀ,
ଚତୁର୍ଦ୍ଦିଗେ ହାହାକାର, ଅଯାଚିତ ଅଶ୍ରୁଳବିନ୍ଦୁ ପାତ;
ସତେ କିହେ, ସର୍ବବାଧ ସର୍ବଗ୍ରାସୀ ପ୍ରଳୟ ସଂଘାତ ।
ତମପ୍ରିୟ ଚିଲିକାରେ ଢେଉ ଉଠେ ପୁରୁଷେ ଉଚ୍ଚରେ,
ମାଳୁଦ ଓ ପାରିକୁଦ ଶରବଣ କମ୍ପଇ କୋହରେ;
ଘଡ଼ି ଘଡ଼ି ଛୁଟିପଡ଼େ କାଳାନ୍ତକ କ୍ରୂର ରଡ଼ିସମ
ତମକୁ ଛଡ଼ାଇନେବା କେତେ କଷ୍ଟ ? କେତେ ପରିଶ୍ରମ ?
ଶାରଦୀୟା ମହାଲକ୍ଷ୍ମୀ ହେମଦୀପ୍ତ ପୂଜା ବେଦୀ ପରେ,
ମହାମୌନେ ବୀଣା ତମ ତୋଳି ଦେଲ ମହାକାଳ କରେ;
ନିରବିଲା ମୁଗ୍ଧ କବି କଣ୍ଠତଟ ସୌନ୍ଦର୍ଯ୍ୟର ବାଣୀ,
ରୂପାନ୍ୱେଷୀ ମଣିଷର ପ୍ରେମ ଆଉ ପ୍ରଣୟ କାହାଣୀ ।
ମହାମାନୀ ମାନସିଂହେ ସାହିତ୍ୟର ସଭିକରି ଖାଲି
ଚାଲିଗଲ; ରହିଗଲା ଗାଳି ଆଉ ତାଳି,
ବହମାନ ଘଟଣାର ସ୍ରୋତ ମଧ୍ୟେ, ପ୍ରତିଫାଲ୍‌ଗୁନରେ
ତମରି ଧୂପର ଧୂଆଁ ଆମୋଦିବ ପ୍ରତିଟି ଅନ୍ତରେ ।
ତମ କାବ୍ୟ ସରସ୍ୱତୀ ହେଉ ଯେତେ ସାମାନ୍ୟ ସଂଚୟ,
ଚିର କାଳ କରିବ ସେ ଦୁବୃବାତା ଧରା ମଧୁମୟ ।

Digitized by srujan ka@gmail.com

ଧୂପର କବି

ପ୍ରବୋଧ କୁମାର ମିଶ୍ର

'ଧୂପ' ସମ ଜଳି ଜାଳିଲ କବି ହେ ! କୋଟି ଅନ୍ତର ଆବେଗ ଭରା,
ସହକାର ତଳ ବାୟୁଉତ୍ତଳ କେବେ ହେଲା କବି ! ମର୍ମହରା ।

ଗାଇଲ ମଧୁର ପ୍ରଣୟ-କବିତା ଜୀବନ ଆଉ ଯୌବନର,
ଗାଇଲ କୁଂଜ କାନନ ବିହାର ! ଅନନ୍ତ ଭାଷା ଗୌରବର ।

ସେଦିନ କା ଲାଗି କାନ୍ଦିଲ କବି ! ଛଳ ଛଳ ହେଲା ନେତ୍ରଯୁଗ,
ଅଳି-ସଂକୁଳ ସହକାର ତମ କହିଲା ପ୍ରୀତିର କି ଅନୁଯୋଗ ?

ଜୀବନର ଆଶେ ଜୀବନ ଖୋଜିଲ ଛିନ୍ନ ବୀଣାର ତନ୍ତ୍ରୀ ତୋଳି,
କେଉଁ 'କେମା' ସେ ଯେ ଢାଳିଲା ଆବେଗ ପ୍ରୀତି ଅଂଜନ ମୁଗ୍‌ଧେ ବୋଳି

'ହେମଶସ୍ୟ'ର ସ୍ତୁତିରେ ଦେଖିଲ ଗ୍ରାମ କନ୍ୟାର ରକ୍ତରାଗ
'ପ୍ରେମଶସ୍ୟ'ରେ ଲେଖିଲ କବି ହେ ! ମନ ମରାଳର ପ୍ରଣୟଭୋଗ ।

ସେଇ 'କେମା' ଆଜି ବିଳପେ ଉଚେ 'ଧୂମ'ସମ ଜଳି ସୃଷ୍ଟି ପରେ
'ସାଧବ ବୋହୂ' ସେ ଅଳପେ ଜଳପେ 'ନାହିଁ ମୋର କବି-ମୃତ୍ୟୁ ତୀରେ ।

ଲେଖନୀର ଧାରେ ଲେଖିଲ କବି ହେ ! ଯୌବନ ଜୟଯାତ୍ରା ଗାଥା
ମମତାର ପାରେ ଦେଖିଲ ଦରଦ ! ମୁଗ୍‌ଧ ମାନବ-ଜୀବନ ଗୀତା......

'ଧୂପ'ର ସୁରଭି ଆଜି ନାହିଁ ଲଭି ନଭିନ ପ୍ରଣୟ ସବିତା ଆଶି,
କଳ୍ପନା ଲତା ମଉନ କବି ହେ ! ଚିର ମଞ୍ଜୁଳ ସୃଷ୍ଟି ଶୋଷି—

ଭସ୍ମ ଭିତରେ ଦେଖିଲ ଜୀବନ ସେଇ ଭସ୍ମରେ ଅସ୍ତମାନ......
ସ୍ମରୁଯର ସମ ବଂଚିଚ କବି ! ଅତୁଳ କୀର୍ତ୍ତି ଦୀପ୍ତିମାନ ।

ମରିବାର ନୁହେଁ ମରିବ କି ତୁମେ ଭସ୍ମରୁ ଯିଏ ଜୀବନ ନିଏ ।
ମାଟିର ମଣିଷ ମାଟିରେ ମିଶିବ ଲୁହ ବିନ୍ଦୁରେ ହସୁଛି ସିଏ ।

Digitized by srujan ka@gmail.com

ହେ ମହାସାଧକ ତୁମେ ଚିର ଆୟୁଷ୍ମାନ

ଶ୍ରୀମତୀ ତୁଳସୀ ଦାସ

ତୁମ ଦେହ ସିନା ମାଟିରେ ଗଲଣି ମିଶି
ତୁମ କୀର୍ତ୍ତିରେ ଉଜ୍ଜ୍ୱଳ ଦଶ ଦିଶି
ଜଳପେ ତୁମର ଦେଶବାସୀ ଦିବାନିଶି ।

ତୁମ ଆୟୁଷର ସଫଳତା ଗଲଯେ ସରି
ତୁମେଯେ ଅମର ପାଶବନ କେବେ ମରି
ତୁମକୃତି ଖାଲି ପ୍ରତିଭାର ଫୁଲ ଝରି ।

ତୁମ କଳପନା ସଉଧ ଗଲଯେ ଭାଙ୍ଗି
ତୁମ ମମତାର ବୀଣାଯେ ଯାଉଛି ବାଜି
ତୁମଲାଗି ଦେଶ କାନ୍ଦଯେ ବାଉଳା ଆଜି ।

ତୁମ କାମନାର ତରୁ ସିନା ଗଲା ଟଳି
ସୁରଭି ଛୁଟାଏ ତୁମ ସାଧନାର କଳି
ତୁମ ପ୍ରୀତି କୋଟି ମନରେ ରାଜଇ ଝଳି ।

କୋଟି ମନରଯେ ମଣିଷ ଥିଲଟି ତୁମେ
ଆଲୋକ ଝରଣା ତମିସ୍ରର ମରୁଭୂମେ
ତୁମ ସ୍ମୃତି ଖାଲି କାଳର ଚିବୁକ ତୁମେ ।

ଯଶୋ ଦେହେ ତୁମେ ଜୀବିତ ରହିବ ଜାଣ
କରିଛ ମରଣେ ଅମୃତର ସୋପାନ
ହେ ମହା ସାଧକ ! ତୁମେ ଚିର ଆୟୁଷ୍ମାନ ।

❊

Digitized by srujan ka@gmail.com

।। ପଥିକ ।।

ଧ୍ରୁବ ଖୁଣ୍ଟିଆ

"ଯଥେଷ୍ଟ ତ ହେଲଣି ଏ ଜୀବନେ
ଏ ପାରିର ଭକ୍ତ ଅଭିଜ୍ଞତା,
ଦେଖିବା ଦେଖି ମୃତ୍ୟୁ ଆର ପାରେ
ଭାଗ୍ୟେ ଅଛି ଆନନ୍ଦ ବା ବ୍ୟଥା ।"

ମାନସିଂହ

ହେ ଅଭିଜ୍ଞ ଶିଳ୍ପୀ ଶ୍ରେଷ୍ଠ ଇଷ୍ଟ ତୁମ ଧରିଅଛି ଫଳ
ଏତେ ଦିନେ, କେଉଁ ଏକା ଭାଗ୍ୟ ବୃକ୍ଷେ ହେ ବ୍ୟଗ୍ର ବିହଙ୍ଗ !
ଉଡ଼ିବାକୁ ହୋଇଲ ଚଞ୍ଚଳ ସେପାରିକୁ, ଏଣେ ତୁମ
ମୁଖରିତ ଝଂକାର, ବସିଲଣି ବ୍ୟାପିବାକୁ ଟପି ଆମ
ସୀମିତ ଉତ୍କଳ, ଏ ବିଶ୍ୱର ଯେତେ ଜଳ ସ୍ଥଳ ।

ଅସିବ ଥରେ ହେ ଉଡ଼ି ତୁମର ସେ ସହକାର ତଳେ
ଦୁଇଟୋପା ଲୁହ ଝାରି ତୁମର ସେ ସ୍ମୃତିର କବରେ
କରିଯିବ ପ୍ରୀତି ନିବେଦନ ଏବଂ ଥରେ ଅଟକାଇ ନା'ଉରୀକୁ
ବାରବାଟୀ ତଳ ସେଇ ମହାନଦୀ କୂଳର ପାଷାଣେ
କରିବ ଚୁମ୍ବନ । ଉଡ଼ିଯିବ ପୁଣି ସେଇ ସିକତା-ଅରଣ୍ୟେ
ବିଗତ-ଯୌବନା ସେଇ ସୈକତ-ଶୟନା ଜୀର୍ଣ୍ଣ କୋଣାର୍କେ
କରି ଆଲିଙ୍ଗନ । ପୁଣି ଯିବ ତୁମର ସେ ଶ୍ମଶାନ ଭୂଇଁକୁ
ଦେଖିବ ତୁମର ପ୍ରିୟା ତୁମର ସେ ଚିତା ଭସ୍ମ ପରେ
ଦଳେ କ'ଣ ଗୃହାଛି ଚରଣ ?

ଯଦିବା ଆସିବ ଦୁଃଖ ନିଜ ଚକ୍ଷୁ ଝରାଇବ ଅଜସ୍ର ଲୋତକ
ଯଦିବା ଆସିବ ଶାନ୍ତି ଫୁଟାଇ ତୁମ ପ୍ରେମୀ ଓଠେ

Digitized by srujan ka@gmail.com

ହସର ଆଲୋକ ଏବଂ ସେଇ ହସ କାନ୍ଦ ଭଳ ଉଣ୍ଟ୍ରିତ
ମିଶାମିଶି ଆମ ପାଇଁ ରହିବ ସଞ୍ଚିତ, ଏ ସମୟ ଫରୁଅରେ
ସୃଷ୍ଟି ଥିବା ଯାକେ । ଏବଂ ଆମେ ଅନ୍ଧାରୀ ଗର୍ଭରୁ
ମୁକ୍ତ ହୋଇ ପହଞ୍ଚିବୁ ଯେବେ ବା ଅଲୋକେ
ସେତେବେଳେ ଶୁଣିବୁ ସେ ପ୍ରବଣ ଫୁଆରା
ହେ ପବିତ୍ର ଅମରାତ୍ମା ଆମ ରକ୍ତ ଏର ପନ୍ଥାଆରା ।

ଏଇ ଆଶା ବିଶ୍ୱାସର ଛନ୍ଦେ ନୀରବରେ ଅଶ୍ରୁ ଢାଳି ଢାଳି
ସେ ଅଶ୍ରୁରେ ପୂର୍ଣ୍ଣ ଆଜି ତୁମ ପ୍ରତି ଆମ ଶ୍ରଦ୍ଧାଞ୍ଜଳି ।

ଦେହ ପଡ଼ିଛି ଦାବ ଦାହନେ
ମୋର ଚିତାରୁ ବାହାରୁ ଆଲୋକ
ମତେ ପେଷ ପଡ଼ିଛେ ଘୋର କଷଣେ
ମୋର ହସ ଦେଖୁଥାଉ ଭୂଲୋକ ।

ମାନସିଂହ

ପ୍ରେମକବି ମାନସିଂହ

ନିକୁଞ୍ଜକିଶୋର କାନୁନଗୋ

ହେ ପ୍ରେମିକ, ଆହେ କବି, ହେ ସ୍ରଷ୍ଟା ମହାନ୍,
ଓଡ଼ିଆ ସାହିତ୍ୟ ରଥୀ ଆହେ ମାୟାଧର
ମାନସିଂହ, ସଂଗ୍ରାମେ କି ମୁଦିଲ ନୟନ
ସେନାପତି, ତବ କୀର୍ତ୍ତି ରହିବ ଭାସ୍ୱର ।

ହେମପୁଷ୍ପ ଫୁଟାଇଲ ଜାଳି ପ୍ରେମ ଧୂପ
ଅଫୁରନ୍ତ ପ୍ରେମଗୀତି ଗାଇଗଲ କବି,
ପ୍ରେମଶସ୍ୟ ଠିଆକଲ ଅକ୍ଷତ, କୋଣାର୍କ
ମାଟିବାଣୀରେ ଆଙ୍କିଲ ଏ ମାଟିର ଛବି ।

ରୂପ ଓ ଅରୂପ ପ୍ରେମ କରିଲ ବନ୍ଦନା
ରଚିଗଲ କେତେ କାବ୍ୟ, ନାଟକ, କବିତା ?
ସାଧନା-ପ୍ରଦୀପ ତବ ଅନ୍ତରେ ଆଲୋକ
କୋଟି ମନ ଗଗନରେ ଯେସ ନେସବିତା

ମାନସିଂହ ଚାଲିଗଲ ଦେଇ କଂପା ମନ,
ତୁମରି ବିହୁନେ କାନ୍ଦେ ଓଡ଼ିଆର ପ୍ରାଣ ।

Digitized by srujan ka@gmail.com

।। ଚିଲିକା କୂଳର କ୍ଳାନ୍ତ ବିହଙ୍ଗ ।।

ରଂଜିତା ଜେନା

ସମସ୍ତ ତାହାର ହୋଇତ ନଥିଲା ଶୋଇବା ପାଇଁ,
ଚିଲିକା କୂଳରେ କ୍ଳାନ୍ତ ବିହଙ୍ଗ ପଡ଼ିଲା ଶୋଇ !
        ଚିଲିକା ଶୁଣିଲା କୁଆଁ କୁଆଁ ସ୍ୱର ପହୁଟିଲେ ଯା'ର,
        ପହିଲେ ଚରଣ ଧୋଇଲା ଯାହାର ଚିଲିକାନୀର ।
ଏବେ ବି ତାହାର "ଧୂପ"ର ଗଂଧ ସମୀରେ ଭାସେ,
"ହେମଶସ୍ୟ" ତା' କେଦାରେ କେଦାରେ ଏବେବି ହସେ ।

        ବିଜନ ବେଳାରେ ଖୋଜିବ ଆଉକେ "ସାଧବ ଝିଅ",
        "ଜେମା"ର ଦୁଃଖେ ଆଉକା' ଲେଖନୀ ଢାଳିବ ଲୁହ ?
"ଅକ୍ଷତ" ତାର ରହିଥିବ ଯେତେ ବୁକୁର ଲେଖା,
ଲିଭିଗଲା ସିନା ଶାରଦ ସଂଜେ ଜୀବନ ଶିଖା !
        ପଥର କଣ୍ଟା ତୋଳିଛି ସେ ହାତେ କରିନିର୍ମଳ,
        ଜୀବନ ଯୁଦ୍ଧେ ହାରିତ ଯାଇନି ସେ ଅବିଚଳ ।

ଯେ ଷଟ୍ କୁସୁମ ଫୁଟିଲେ ତାହାର ଗୃହ ଅଂଗନେ,
ସଭିଏଁ ହୋଇଲେ ଦୀପ୍ତ ପ୍ରତିଭା ତା' ସ୍ନେହଧନେ ।

        ଧର୍ମ ଶରଣ ବୁଦ୍ଧ ଶରଣ ଚରଣ ତଳେ
        ମିଶିଗଲାଯେଇ ଶାନ୍ତ ବିହଙ୍ଗ କ୍ଳାନ୍ତ ଖେଳେ ।
କୁହ ତେବେ ଆଜି ତାପାଇଁ କି ଲୋଡ଼ା ସ୍ମରଣିକା ?
ଅବିସ୍ମରଣୀୟ ଚିର ଜୟୀ ସେତ ସୁନ୍ଦର ଟୀକା ।

ଓଁ ଶାନ୍ତିଃ

Digitized by srujan ka@gmail.com

ଶ୍ରଦ୍ଧାଞ୍ଜଳି : ମାୟାଧର ମାନସିଂହଙ୍କୁ

ଭଗୀରଥି ନେପାକ

ଏକ : ପୁନରାବୃତ୍ତି

[× × × "ଛୋଟ ଏକ ସମାଧିଟି ଶ୍ୟାମଘାସ ପରେ,
ଥାଇପାରେ ପଲ୍ଲୀ ବା ନଗରେ,
ଏକ ମାତ୍ର ଚିହ୍ନ ରୂପେ
ଦୀନ ଏହି ପୃଥ୍ୱୀ ବାସୀର,
ମୃତ୍ୟୁ ପରେ ଯିବ ଯେବେ, ଗୁଡ଼ି କୋଳ ମାଆ ଧରିତ୍ରୀର ।
ବସନ୍ତର ପୁଷ୍ପୋତ୍ସବେ,
ଶାରଦ ଜ୍ୟୋତ୍ସ୍ନାରେ
ସ୍ମରି କେବେ, ମୋଦେଶର ଯୁବକ ଯୁବତୀ,
ଆସି ସେ ସମାଧି ପରେ
ପୁଷ୍ପଡାଲା ପ୍ରୀତି-ଭରେ
କବରେ ଦେବେ ସେ ଯଦି ଶ୍ରଦ୍ଧାର ଆରତି,
ସେହି ସେ ହୋଇବ ମୋର ଶ୍ରେଷ୍ଠ ପୁରସ୍କାର ।"

'ସମାଧି'-ମାନସିଂହ

ଦୁଇ : ଶ୍ରଦ୍ଧାଞ୍ଜଳି

ତୁମେ କି ମରିଛ କବି ?
ମନ ମାନେ ନାହିଁ
ମରି ତୁମେ ହୋଇଛ ଅମର,
ଏହି ମାଟି ପବନରେ
ଅଗଣିତ ପଲ୍ଲୀ ଓ ସହରେ,
ତୁମ ନାମ ଶୁଭେ ବାରମ୍ବାର ।
ମରି ତୁମେ ହୋଇବ ଅମର ।।
ତୁମ ଲେଖା ପୋଥିମାନ
ଏଦେଶର ଅଭିମାନ,
ଅଗଣିତ ଲେଖକ ପାଠକ,
ତୁମ ପ୍ରତିକୃତି ଆଗେ

Digitized by srujan ka@gmail.com

ସ୍ନେହ ଆଶୀର୍ବାଦ ମାଗେ
ସାରା ଓଡ଼ିଶାରେ ଶୁଭେ ଡାକ,
"ପ୍ରିୟକବି ମାନସିଂ ଆମର
ମରନାହିଁ, ହୋଇଛନ୍ତି ଅମର ।।"
ହେ କବି-ସମାଲୋଚକ-ପ୍ରାବନ୍ଧିକ-ନାଟ୍ୟକାର
ସଂପାଦକ-ଶିକ୍ଷକ ପ୍ରବର
ସ୍ପଷ୍ଟବାଦୀ-ସତ୍ୟବାଦୀ-ସଂଗ୍ରାମୀ-ସାଧକ-ବୀର ।
ନୁହ ହୀନ ନଗଣ୍ୟ ମାତର ।
ଏ ନ ତର ଭୁଲଭ୍ରାନ୍ତ ଧରନାହିଁ ମନେ
କ୍ଷମା ମାଗେ ଶ୍ରୀପଦ୍ମରେ
ତୁମ ମୁଗ୍ଧ ପାଠକ ମୁଁ ଜଣେ
ସମାଧି ମୁଁ ପାରି ନାହିଁ କରି,
ମୋହ୍ୟଦସ୍ତ ସିଂହାସନେ ଅଭିଷିକ୍ତ କରି ସଯତନେ
'ଏକାନ୍ତ ଏକାକୀ' ଭାବେ, ଅଗ୍ର‌ପୂଜା କରି କବି ! ଧୂପବାତି ବସେ,
ବସନ୍ତର ପୁଷ୍ପୋତ୍ସବ, ଶାରଦୀୟ ଜ୍ୟୋତ୍ସ୍ନାର ପ୍ଲାବନ
ମୋ, ସ୍ମୃତିର ବେଳାଭୂମିପରେ, ଆପେ ଆପେ ତରଙ୍ଗାଇ ଆସେ ।।
ମୁଁ ସଂଗ୍ରାମୀ ଦୀନ କବି ଓଡ଼ିଶାର ଲାଂଛିତ ଲେଖକ
ଅଭିଷିକ୍ତ ସିଂହାସନ ତଳେ ବାଢ଼ିଦିଏ
ମୋ ମନ ଉଦ୍ୟାନ୍ତୁ ତୋଳି
ସଦ୍ୟଗନ୍ଧ କୁସୁମ-ସ୍ତବକ ।।
ପ୍ରୀତିଭରେ ଶ୍ରଦ୍ଧାଭରେ ଅସୀମ ସ୍ନେହରେ
ଅବନତ କରେ ମୋ' ମସ୍ତକ,
ପ୍ରିୟକବି, କଥାକାର, ଜାତି ଧର୍ମପଦ
ଭାଷା ସାହିତ୍ୟର କୋଣାର୍କ ।।
ମାନସିଂହ ମରିପାରେ ନାହିଁ
ମୃତ୍ୟୁ ତାରେ କରିଛି ଅମର
ତୁମକୁ ମୁଁ କରେ ନମସ୍କାର
ବାରମ୍ବାର
ମାନସିଂହ । ପ୍ରିୟ କବି ମୋର ।।

❋

Digitized by srujan ka@gmail.com

'ପୂଜାରିଣୀ'ର କବିଙ୍କୁ

ଶୈଳବାଳା ମହାନ୍ତି

'ଧୂପ' ପରି ସାରା ଜୀବନ ତ ତମେ
ସୁରଭି ବିତରି ଗଲ,
ତମ ବିନେ ଆଜ ଆମରି ଆଖିରେ
......ଅସରା ଲୁହର ଝର ।
ପ୍ରୀତିର ମାଣିକ ତମପରି ଆଉ
କିଏ ଗୋଟାଇବ କବି !
ଅମର ଲେଖନୀ ମୁନେ ଫୁଟାଇବ
ଧୂଳିରେ ସରଗ ଛବି !!

ଅକ୍ଷୟ ଧୂପର ବାସ ବିଞ୍ଚୁଛି
ଦିଗେ ଚଉଦିଗେ ଆଜି,
ତମେ ନାହିଁ ଏଠି ଭାବିଲେ ହୃଦୟ......
ବିଷାଦେ ପଡ଼ୁଛି ଭାଜି ।
ଶୂନ୍ୟ ସ୍ମୃତି-ଶାଖା ବିକଳେ ବାହୁନେ
କେଉଁଆଡେ ଗଲ ଚାଲି,
ହେ ପୂଜାରିଣୀର କବି ! ତମ ବିନେ
ସବୁ ଲାଗେ ଖାଲି ଖାଲି ।

ବିଭୂତି ପରି ମୁଁ ତବ ପାଦ-ଛୁଆଁ —
ଧୂଳି ଶିରେ ବୋଳି ହୁଏ
—ପ୍ରତିଭା ଉଜ୍ଜ୍ୱଳ ଅମର ଆତ୍ମାକୁ
ବିନମ୍ର ପ୍ରଣତି ଦିଏ ।

●

Digitized by srujan ka@gmail.com

ମାନସିଂସ୍ମରଣେ

ହୃଦାନନ୍ଦ ଧୂରୁଆ

ସୁରଭିତ 'ଧୂପ' ଠାରୁ ଅଲୌକିକ 'ବୁଦ୍ଧ' ଯାଏ,
ପୁଣି କେତେ ଅଗଣିତ ଗାଥା—

କହେ ନାହିଁ କବା ସତେ, ସ୍ପଷ୍ଟବାଦୀ ସେ ପ୍ରେମିକ,
ଆମ କବି-ମାନସିଂ କଥା ?

ଅମ୍ଳାନ କୀରତି ରୂପେ ସାହିତ୍ୟର କୋଣାରକ
ଗଢ଼ି, ଦୂରେ ଚାଲିଗଲ ସିଏ ।

ବରେଣ୍ୟ କବିଙ୍କୁ ମୋର ଆଙ୍କିବାକୁ ଭାଷା କାହିଁ ?
ନୀରବରେ ଖାଲି ଝୁରି ହୁଏ ।

Digitized by srujan ka@gmail.com

ଲୁହ ଦୁଇଟୋପା

ସୁରେନ୍ଦ୍ରନାଥ ବିଦ୍ୟାଧର

ଅନେକଙ୍କୁ କାଳ ହୁଏ
ଆପଣଙ୍କ କାଳ ହେବା କଥା
କେଜାଣି କାହିଁକି ମୋତେ
ଏତେ ଦେଇଅଛ ବ୍ୟଥା ।
ଆପଣଙ୍କ ଛନ୍ଦ ଭରା, ରସଭରା
ପ୍ରୀତର କବିତା,
ମନେହୁଏ ପୃଥିବୀର
ଯେତେକ ପ୍ରିୟ ଆଉ
ପ୍ରିୟତମା,
ପ୍ରତ୍ୟେକଙ୍କ ପୁଞ୍ଜିଭୂତ
ମନତଳ କଥା,
ସେଥିଲାଗି ଅବନତ
ହୋଇ ଅଛେ ମଥା ।
ଆପଣଙ୍କ ମନ ଦରପଣେ
ପ୍ରିୟ ଆଉ ପ୍ରିୟତମା
ଦେଖିପାରେ ଆପଣାର ଛବି
ଆତ୍ମହରା ହୋଇ କହୁଥାନ୍ତି

ଧନ୍ୟ, ଧନ୍ୟ ତୁମେ କବି
ପାଉଅଛ ସମସ୍ତଙ୍କ
ପ୍ରଣୟର ସୁଖ ଆଉ
ଦୁଃଖ ଅନୁଭବୀ ।
ସହକାର ଝୁରିବେ କିନା
ଝୁରିବେ କିନା ଆପଣଙ୍କ
ମନର ମାନସୀ
ସେ କଥା ଜାଣେନା
ମୁହିଁ,
ଆପଣଙ୍କ ବିୟୋଗରେ
ମର୍ମାହତ ହୋଇ,
ଏଢକରେ ରହୁଚି ମୁଁ
ଆପଣଙ୍କ ଚିତା ଭସ୍ମେ
ଲୁହ ଦୁଇଟୋପା
ଦେଇ ।

Digitized by srujan ka@gmail.com

ଶ୍ରଦ୍ଧାଞ୍ଜଳି : ପବିତ୍ର ଆତ୍ମାକୁ

ଶାନ୍ତା ବିଶ୍ୱାଳ

ଜୀବନ ପୁଷ୍ପରୁ ତବ ବୟସ ପାଖୁଡ଼ା ଯଦି ଝଡ଼ୁଥିଲା- ପଡ଼ୁଥିଲା- ବାର୍ଦ୍ଧକ୍ୟର ପୋଖରୀ ପାଣିରେ । ତଥାପି ତ ତମେ ଥିଲ, ଶୋଇଥିଲ ହୃଦପିଠାର ଚନ୍ଦ୍ରମା ବେଢ଼ରେ । ତମେ ପୁଣି ହସୁଥିଲ— ଜାତୀୟତା ପ୍ରତିନିଧି ଅକ୍ଷର ଅମ୍ଳାନ । ଆସିଥିଲ...... ଚାଲିଗଲ ବର୍ଷୁକା ସଂଧ୍ୟାରେ ଆହା, ଆମ ପାଇଁ ତାହା ଖାଲି ସ୍ୱପନ ସମାନ ।

ଯଦି ସେଇ ଶୁଭଦିନ ଖୋଜି ଦେବ, ଗୋଲାପ ମାନଙ୍କୁ ପୁଣି ଗୋଲାପ ଗଛରେ, ଅନୁତ୍ସୁକ ହେଉଅଛି ଆସିବାକୁ; ଆଲୁଅ ଦରଜା ଖୋଲି ଜାଣୁ ଆରପଟେ । ଲୁହ ଖାଲି ଝରିଯାଏ ବ୍ୟର୍ଥ ହୁଏ ଯେତେ ଯେତେ ଆମ ଡାକିବାର ।

ଶଂକାପ୍ଳୁତ ଆମ ମନ ଆଉ ତମେ ଫେରିବନି ଜାଣିଲ ଯଦିବା ସବୁ ଆତ୍ମାରେ ଆତ୍ମାରେ । ଆମେ କବି, ସାହିତ୍ୟିକ, ପ୍ରାବନ୍ଧିକ ନୁହଁ ଖାଲି କର୍ମୀ ସଂସ୍କାରକ । ବଳିଷ୍ଠ ଦାୟାଦ ଥିଲ ଏ ମାଟିର ସତ୍ୟ ବଂଶଧର— ତମେ ସିନା ଚାଲିଗଲ ହସି ହସି; ଯେତେ ଉପଚାର ତବ ଧୂପ, ଦୀପ, ନୈବେଦ୍ୟକୁ କାହାକୁ ବା ଅର୍ଘ୍ୟ ଦେବୁ, କିଏ ବା ବୁଝିବ ସେଇ କବି ପ୍ରାଣ ଧନ ।

ଲାଲ କଢ଼ ଫୁଟିବା ଉଷ୍ଣରେ, ମଣିଷର ଦୃଷ୍ଟି ଯାଏ ଯେତେ ଦୂର, ସେତେ ଦୂର ମୁଁ ଖୋଜୁଁଚି ହେ ଗୌରବ ଉତ୍କଳ ମାଟିର, ଅପୂରଣ ରହିଗଲା, ଯେଉଁବାଣୀ ଲେଖିଗଲ ଅର୍ଦ୍ଧଶତାବ୍ଦୀର ।

ଶ୍ରଦ୍ଧାଞ୍ଜଳି କିଏ କହେ ଏ'କୁ ଖାଲି ତିରୋଧାନେ ତୁମର ଉଦ୍ଦିଷ୍ଟ, ଏ ସେଇ ମମତା ଯାହା ଝରିପଡ଼େ ଅବିରତେ ତୁମ ପାଇଁ— କାଳଜୟୀ ଅମୃତ ସନ୍ତାନ...... ॥

Digitized by srujan ka@gmail.com

ମହାକବିର ମହାପ୍ରୟାଣ

ଡଃ ଶ୍ରୀନିବାସ ପଟ୍ଟନାୟକ

ମହାକବି ମହାପ୍ରୟାଣ ରଚିଲି ଆଜି
ତା ମହାଜାତିର ଗର୍ବ ଗଲାଯେ ଭାଜି
ସାହିତ୍ୟ-ଆକାଶୁ ଜ୍ୟୋତିଷ୍କ ପଡ଼ିଲି ଝରି
ମାନସିଂ କବି ଭୂତଳେ ଲେଟିଲି
                    ପୂର୍ଣ୍ଣିମା ରାତି ଘନ ଅନ୍ଧାର କରି ।

ଓଡ଼ିଆ ଜାତିର ପ୍ରିୟକବି ଗଲା ଚାଲି
ବୁକୁର ବେଦନା କହିଲାନି କା'ରେ ଖୋଲି
ରଚିଗଲି କେତେ 'ଧୂପ', 'ପୂଜାରିଣୀ', 'ହେମଶସ୍ୟ'ର ବୀଥି
ଅନ୍ତିମ କାଳ ବୁଦ୍ଧ—ବିହାର ରଚନାରେ ଦେଲି
                    ଢାଳି ଢାଳି କରି ପାଠ ।

ମହାନଦୀ ଜଳେ ଜ୍ୟୋତ୍ସ୍ନା ବିହାରର କବି
ଏପାରି ଆକାଶେ ନଥିଲି ଚନ୍ଦ୍ର ଛବି
ସେଥିଲାଗି କି ଏ ସେପାରେ ଗଲେକି ଚାଲି ?
ଅସରି ହେଲାକି ନିର୍ମଳା ରାତି ?
                    ମହା ଅନ୍ଧାରେ ଆସିଲାନି ଆଉ ଫେରି ?

ଓଡ଼ିଆ ମାଟିର 'ମାଟିବାଣୀ' ମାନସିଂହ
'ଅକ୍ଷତ', 'ଧୂପ', 'ଜେମା' ଓ 'ସାଧବ ଝିଅ'
କରରେ ଓଡ଼ିଆ ସ୍ରଷ୍ଟାର ଜୟ ଗାନ
ମହା ନିଦ୍ରାରେ ଶୋଇଗଲି ପରି
                    ପ୍ରିୟ କବି ତୋର. କରି ମହା ଅଭିମାନ ।

Digitized by srujan ka@gmail.com

‘ପୂଜାରିଣୀ’ ରଖି ପୂଜାଙ୍କ ଗଳ୍ପରେ ଗୁଚ୍ଛ
ବାଣୀ ମନ୍ଦିର ଅରଚନା ବନ୍ଦକରି
‘ହେମାଳୟ’ ଆଜି ଶୂନ୍ୟ କରିଲ କବି
ତାଭିଲି କେଥିଲ ନିର୍ଭୀକ ଜଣେ
ସାହିତ୍ୟ ଅନୁରାଗୀ ।

ଛନ୍ଦରେ ଓଡ଼ିଆ ଗୁଣଗାନ କରି ଜାଣି
ନତମସ୍ତକେ ସମ୍ମାନ ଅରପଣ—
କରି, ଗାଇଉଠ ଯେତେ ତା ରଚନା ବଳୀ
ଜାତୀୟ କବିର ଜୟଗାନେ ସାରା
ବିଶ୍ୱ ପଡ଼ୁ ଉଛୁଳି ।

ଅର୍ଘ୍ୟ ଦେଇ ସେ ଜାଳିଲ ‘ଆଲୋକ’ ଶିଖା
କାଳି କାଳି ଧରି ଲେଖିଲ ଅସୀମ ଲେଖା
ବୃଦ୍ଧ ବାଣୀର ଉଦ୍‌ବୁଦ୍ଧ କବି ପାଇଁ
ଥରେରେ ଓଡ଼ିଆ, ତାର ମୃତ୍ୟୁରେ,
ଅଶ୍ରୁ ତୋହର ଯାଉ ଅବାଟେ ବୋହି ।

ଜାଳିଉଠୁ ତାର ଦୀପ୍ତ ଆଲୋକ ଶିଖା
ମରିକି ପାରେ ସେ ମାନସିଂ କବି—?

କବିତା ଯାହାର
ହୃଦୟେ ହୃଦୟେ
ରହି ଯାଇଅଛି ଲେଖା ।

Digitized by srujan ka@gmail.com

କବି ଅର୍ଚ୍ଚନା

ଶ୍ରୀ କାହ୍ନୁଚରଣ ପାଣିଗ୍ରାହୀ, (ଧାମନଗର)

'ଧୂପ'ର ମହକ ଆକାଶକୁ ଗଲା ଉଠି,
କିପରି ଏ ଦୁଃଖ ସହିବ ଓଡ଼ିଆ ଜାତି ?
ବିଜନ ବେଳାରେ କାନ୍ଦୁଛି ସାଧବ ଝିଅ,
ଦରଦୀ କାହିଁରେ ପୋଛିବ ଆଖିରୁ ଲୁହ ।
କଟକ ସହରେ କଲେଜ ଜୀବନ କଥା,
"କଣ୍ଟକାଚ" ରେ ପଢ଼ି ଘୂରିଯାଏ ମଥା ।
ବଡ଼ ନିରମଳ ଅପାର ସେନେହ ବାଣୀ,
ଧନ୍ୟ ହେ କବି ! ଲେଖିବାର ତୁମ ଠାଣି !
ତୁମକୁ ଝୁରୁଛି ଏ ଦେଶର ବନ ବୀଥି,
ଝୁରୁଛନ୍ତି ପୁଣି ବୃନ୍ଦନୀ ପଖଲା ରୀତି
ରଙ୍ଗା ଜୀବ ସେ ଗଙ୍ଗାଧରର ଗୁଣ,
ବଖାଣିବ କେତେ କଲମ ତୁମର ଟାଣ ।
ଗୁଣ ଚିହ୍ନିବାରେ ଅସଲ ଗୁଣିଆଁ ତୁମେ,
ପାରିଜାତ ସତେ ଫୁଟାଇଲ ଏଇ ଭୂମେ ।

ଆଉ କି ଦେଖିବୁଁ ତୁମରି ପରିକା ଜଣେ,
କବି ହେ ତୁମକୁ ଅନ୍ତରେ ଭକ୍ତ ଭଣେ ।

Digitized by srujan ka@gmail.com

ପ୍ରଣତି

ନମିତା ରାୟ

କିଏ କହେ ଚାଲିଗଲ ଚାଲିଗଲ ତମେ କବି
ଆମଠାରୁ ଅନେକ ଦୂରକୁ……
ବିଶ୍ୱାସ ହୁଏନା ସତେ ଫେରିବନି ତମେ ଆଉ
ଏ ଦେହରେ ଏଇ ପୃଥିବୀକୁ !!
କିଏ କହେ "ମୃତ୍ୟୁ"ଯାକୁ ମୁଁ ତ କେବେ ଭାବୁନାହିଁ ତାହା……
[କର୍ମକ୍ଳାନ୍ତ ଏ ଶରୀର ଦିବସର ଶେଷେ ଟିକିଏ କି ବିଶ୍ରାମ ଲୋଡେ ନା
ତେବେ ଏଇ ଚିରସ୍ଥାୟୀ ବିଶ୍ରାମରେ ଆମେ କାହିଁ ବିଚଳିତ ହେବା]
କିଛି କାଠ ଟିକିଏ ଅନଳ ଏ ଶରୀର ବିଲୀନ କରିଲା—
ଲୁଚାଇଲା ଆଖି ଆଢୁଆଳେ
କିନ୍ତୁ ତମେ ହଜିବନି କବି ଆମର ମନରୁ— ଯେତେ ଦିନ ଭାଷା
ଆମ ଜୀଇଁଅଛି ଜାତିର ଓଠରେ—
ଆକାଶର ବି ଥିବ କାଳ କାଳ ଯାଏ……ଯେତେଦିନ ପ୍ରୀତି ଅଛି
ପ୍ରେମ ଅଛି ସବୁଜ ଧରାରେ
ଯେତେଦିନ ବିରହର ବ୍ୟଥା ଅଛି…ମିଳନର ଅଶ୍ରୁ ଅଛି
ପ୍ରଣୟୀ ମନରେ—
ଏମିତି ଆସିବା ଯିବା ଲାଗିଅଛି, ଲାଗିଥିବ
ପାରିବା କି ଏଡ଼ାଇ ତାହାକୁ —
ଆସିବାଟା ସତ୍ୟ ହୁଏ ଯଦି
ଫେରିବା ତ ମହାସତ୍ୟ ତାହୁଁ…
ତମ ସ୍ମୃତି ଭୁଲିବା ବ୍ୟତୀତ
ଆଉ ଅବା କି ପାରିବି ଦେଇ
ଆଜିର ଏ ବିଦାୟ ବେଳାରେ
ଅର୍ଘ୍ୟ-ଢାଳି ଲୁହ କେଇ ଟୋପା
କବି ହେ ! ଅଞ୍ଜଳି ପ୍ରଣତି
ମୋର ତମ ଲାଗି ବାଢ଼େ……

Digitized by srujan ka@gmail.com

ତୁମେତ ବାତୁଲ୍ କବି......

ଅଧ୍ୟାପିକା ଶାନ୍ତଲତା ଧଳ

ତୁମେତ ବାତୁଳ କବି, ତୁମ ଯୋଗ୍ୟ ତିଥି ଶାରଦ ପୂର୍ଣ୍ଣିମା
ସେଦିନର ଚନ୍ଦ୍ର କିନ୍ତୁ ସହକାର ଫାଙ୍କେ ଫାଙ୍କେ ଢାଳିନି ଜୋଛନା,
ତୁମ ଜୀବନର ସାଥୀ ଥିଲା ଝଡ଼, ମରଣେ ସେ ସାଥୀ ରହିଗଲା
ଏ ଜାତି ବାହୁନେ ଆଜି, ଶେଷ ଫୁଲଟିଏ ଯାହା ତୁମ ପଦେ ଦେଇ ନପାରିଲା ।

ମହାଦୀପ ଲିଭିଗଲା, ଅନ୍ଧାରରେ ରହିଗଲା ଧୂପର ସୁରଭି,
ରହିଗଲା ସୁରର ଝଙ୍କାର, ଦରଦୀ ଅନ୍ତର ଯାହା ପାରେ ଅନୁଭବି ।
ପଥ ନ ଦିଶିଲା ନାହିଁ, ତରଙ୍ଗରେ ଖସିଯିବ ଏ ଜାତିର ପ୍ରାଣ
ଜୀବନେ ସଂଗ୍ରାମୀ ଥିଲ, ମରି ତୁମେ ହୋଇଛ ମହାନ ।

ଲେଖନୀ ନୀରବ ରହୁ, ମୋ ଜାତି ପ୍ରେମିକ କବି ପଡ଼ିଲାଣି ଶୋଇ,
ବିମୁଗ୍ଧା ପାଠିକା ମୁଁ ଯେ, ବିନମ୍ର ପ୍ରଣତି ସହ,
ଦୁଇଟୋପା ଲୁହ ଦେଲି ଥୋଇ ।

Digitized by srujan ka@gmail.com

ମୃତ୍ୟୁଞ୍ଜୟୀ

ଶ୍ରୀ ଶ୍ରୀବତ୍ସ ନାୟକ

ତମେ ସତେ ଗଲ ଚାଲି
ମଣିଷର ଦୃଷ୍ଟି ବାହାରକୁ···
ତମେ ସତେ ଗଲ ମିଶି
ଏ ଆକାଶ ପବନେ ପବନେ
ଅତୀନ୍ଦ୍ରିୟ ଜଗତର ଅରୂପ-ରୂପରେ ?
ତମର ମଧୁର ରୂପ......କଥା........ହସ
ସତେ ସବୁ ସ୍ତବ୍ଧ ହେଲା
ଚିରକାଳ ପାଇଁ ? ?

ଆକାଶ କି ସ୍ତବ୍ଧ ହୁଏ···
ସ୍ଥିର ହୁଏ ପୃଥିବୀର ଗତି ?
ସୂର୍ଯ୍ୟ କରେ ଆତ୍ମହତ୍ୟା
ଝରିଯାଏ ହିମବନ୍ତ ସଲିଲ ଖାଳିଟି ? ?
ସ୍ରୋତ କେବେ ହୁଅଇ ସ୍ତଂଭିତ
ସିଂହ କେବେ ଫେରଇ ପଶ୍ଚାତେ ?
ହେ ବିଦଗ୍ଧ···ହେ ଅମର କବି···
ହେ ଉଦାର···ସର୍ବଂସହା ଧରଣୀର ସୁତ···
ହେ ଅଗ୍ରଜ ବୀର ସେନାପତି
କିପରି ବିଶ୍ୱାସ ଆମେ କରିବୁ କୁହତ···
ଏ ମାଟିର ଏତେ ମାୟା···
ତେଜି ମାୟାଧର ସତେ ହେଲ ଅନ୍ତର୍ହିତ ? ?

ମାନସିଂହ
ଗୁଣ···ମାନ···ସମ୍ମାନରେ ସିଂହ···
ଦଳିତ ପୀଡ଼ିତ ମାନ-ରକ୍ଷଣେ ନୃସିଂହ !
ଏ ହିରଣ୍ୟ କଶିପୁଙ୍କ ନ ହେଉଣୁ ଅନ୍ତ
ତମେ କେମନ୍ତେ ହେଲ ଅସ୍ତମିତ ?

Digitized by srujan ka@gmail.com

ହେ ଅର୍ଯ୍ୟାମା !
ତମେ ସତେ ହେଲ ରାହୁ ଗ୍ରସ୍ତ ? ?...

ସମଗ୍ର ଜୀବନ ତମ ଜାଳଦେଲ ତିଳ ତିଳ କରି
ନିଜେ ଜଳି ଆଲୋକିଲ ଏ ଜାତିର ଅନ୍ତର ବାହାର
ଚହଲାଇଲ ଦୀନାତମ ଜନମନରେ ଦେଶ ବିଦେଶରେ
ଗାଇଲ ତାହାରି ସ୍ତବ ଅନୁବ୍ରତ ବସନ୍ତ କୋକିଳ...
ପୁଷ୍ପିତ କରିଲ ତମେ ସାରସ୍ୱତ ନନ୍ଦନ କାନନ !
ଭୁଲିଗଲ ଆପଣାର ଦୈନ୍ୟ...ଦୁଃଖ...
ଅକୃତଜ୍ଞ ମଣିଷର କ୍ଷୁଦ୍ର ଈର୍ଷା—
ହୀନ ନିର୍ଯ୍ୟାତନ !!

ବହୁଦିନ ପରେ...
ହେ କବି ଜନ୍ମିବେ ଯିଏ ଏ ମାଟିର ସୂତିକାଗାରରେ...
ତୋଳି ନୂଆ ମଣିଷର ସ୍ତବ...
ବୁଝିବେ ସେ ତମ ଭାଷା...ତମ ସ୍ୱପ...ତମ କଥା...
ପୁଷ୍କଳ ସେ ଜୀବନର ମହାଅନୁଭବ !
ସେ ଆଣିବେ ଏ ଧରାରେ ମାନସିଂହ-ଦର୍ଶନର ସୂଅ...
"ମଣିଷକୁ ବଡ଼ କର...ଦେବତାକୁ ବଡ କର ନୁହଁ !!"

ତମେ ତ ମରଣ ବଂଧୁ...
କବି କେବେ ପାରେ ନାହିଁ ମରି,
ମରେ ନାହିଁ ମାନସିଂହ—
ପ୍ରତି ଜନ ମାନସରେ ସିଂହାସନ ପ୍ରତିଷ୍ଠିତ ଯା'ର...
କେଉଁ ହୀନ ଷଡଯନ୍ତ୍ର...ଝଡ଼ଝଂଜା ପାରେ ତା'ର କେଶ ସ୍ପର୍ଶ କରି ??

ହେ ବିଦଗ୍ଧ...ହେ ସାଧକ... ହେ ମନୀଷୀ ଘେନ ନିରାଜନା...
ଦୀନ ଅନୁରକ୍ତ ତବ ଅଶ୍ରୁ-ଅର୍ଘ୍ୟେ କରେ ଯେ ବନ୍ଦନା !!...

Digitized by srujan ka@gmail.com

ଶ୍ରଦ୍ଧାଞ୍ଜଳି

ଶ୍ରୀମତୀ ଶେଫାଳୀ କୁଅଁର

ଏ ଦେଶ ଜାତିର ବରେଣ୍ୟ କବି ଅଭିମାନେ ଗଲ ଗୃହ
ତୁମ ପାଇଁ ଆଜ ଝୁରନ୍ତି ସର୍ବେ ଅଶ୍ରୁ ଅର୍ଘ୍ୟ ଢାଳି ।

ସାଗର ବେଳାରେ ବକ୍ଷ ଫଟାଇ କାନ୍ଦେ ସାଧବ ଝିଅ,
କେତେ ପୁଷ୍ପିତା, ପ୍ରୀତିନନ୍ଦିତା, ଜେମା, ଉଲୁପୀ ହାୟ !

ଖୋଜନ୍ତି ଆଜ ଦେହ୍ଲି ସ୍ରଷ୍ଟାରେ ଖୋଜୁଥିବେ ଯୁଗ ଧରି
ନିଜ ସୃଷ୍ଟିରେ ଅମର ତୁମେ: ହେ କବି କି ପାରଇ ମରି !

ଜ୍ୟୋତ୍ସ୍ନା ନିଶୀଥେ ଢଳ ତନ୍ଦ୍ରୁଳ ବକୁଳ ବନର ପ୍ରାନ୍ତେ
ଦ୍ୱିଜକନ୍ୟା ଲକ୍ଷ୍ମୀ ପ୍ରଣୟ ବଶେର ସାକ୍ଷୀଗୋପାଳ ସାଥେ

ଫୁଟାଇଲ ଯେଉଁ ପ୍ରୀତିଗୁଞ୍ଜନ, ରମ୍ୟ ଚଟୁଳବାଣୀ
ଜାତିର ମର୍ମେ ଜାଗ୍ରତ ସଦା ଆଶାର ନିର୍ଝରଣୀ ।

ପାଇଥିଲ ଭଲ ଏ ଦେଶ ମାଟିକୁ, ଗାଇଛ ତାହାର ଗାନ,
ତା'ର ନଦୀ, ହ୍ରଦ, ଦୁର୍ଗ, ଦେଉଳ, ଅତୀତ, ବର୍ତ୍ତମାନ

ତୁମ ଲେଖନୀରେ ପାଇଅଛି ରୂପ, ତୁମେ ଯେ ଜାତିପ୍ନର
ଆଜି ଏ ବାସରେ ଦିଅଇ ଅର୍ଘ୍ୟ, ଘେନ ମୋ ନମସ୍କାର ।

Digitized by srujan ka@gmail.com

କବିର ପ୍ରୟାଣ

ଡ଼କ୍ଟର ଗୋପାଳଚନ୍ଦ୍ର ମିଶ୍ର

ଧୂପର ଗନ୍ଧେ ଆମୋଦିତ କରି
ସବୁଜ ବନାନୀ ଧରା
କେତେ ଯେ ତରୁଣ ତରୁଣରେ କବି
କଲେ ଆତ୍ମହରା
ହେମ ପୁଷ୍ପର ରଙ୍ଗ ବରଣେ
ହେମ ଶସ୍ୟର ବେଶେ
ଫୁଲାଣୀ ଅବା ପୁଷ୍ପିତା ତୁଳେ
ଖେଳିଲ କଳ୍ପଦେଶେ
ଜବା ଅକ୍ଷତ ମନ୍ତ୍ର ବାଣୀ ସାଥେ
ପୂଜିଲ ତୋଳିଲ ସତେ ।
ସାଧବ ଝିଅ କି ଖୋଜିଲ କାହାକୁ
ପୁଣି ସେ ସାଗର ପଥେ ।
ଦୂର ପଲ୍ଲୀର ଜେମା ଆସି ହତେ
ଗାଇଲା କି ତାର ଗୀତ
କେତେ ଯେ ଜୋଛନା, କେତେ ଯେ ବରଷା
ଧରାରେ ରଚିଲେ ପ୍ରୀତି
କବିର ତୁଳୀରେ ସବୁ ଦେଲେ ଧରା,
ଅନ୍ଧାରେ ଗଲା ଜଳି
କେତେ ଚଂପକ ପ୍ରିୟାର ସୁଷମା
ପଲ୍ଲୀ କୁଟୀରେ ଝଳି

Digitized by srujan ka@gmail.com

ସବୁର ମମତା   ପଛକୁ ପକାଇ
ନୀରବ ହୋଇଲ ଯେବେ ।
ତୁମର କବିତା,   ତୁମର କାବ୍ୟ
ଆଜି ମୁଖରିତ ତେବେ
ହତେ ଅବା କିଏ   ବଂଶୀ ବଜାଇ
ଏହି ପଥେ ଗଲା ଚାଲି ।
ବିଦାୟ ପରେ ତା   ମୂର୍ଚ୍ଛନା ଏବେ
ଶୁଭେ ଚଉଦିଗେ ଖାଲି ।

●

Digitized by srujan ka@gmail.com

ଶ୍ରଦ୍ଧାଞ୍ଜଳି

ଶୁଭଲକ୍ଷ୍ମୀ ମହାନ୍ତି

ହେ' ଜାତିର ଭଗ୍ନ କୋଣାରକ
ହେ ପରମ ସାହିତ୍ୟ ପ୍ରେମିକ
ଦୂରେ ଯେତେ ଦୂର ଯାଅ,
    କେହି ଯେବେ ନଝରିବେ ଲୁହ
    କାଂଦିବତ ସାଧବର ଝିଅ ।

ମହାନଦୀ ଜଳର କଲ୍ଲୋଳ
    ମଥା ପିଟି ବାହୁନିବ
    ଜହ୍ନଁ ଜ୍ୟୋତ୍ସ୍ନା ବିଧୌତ ଅମ୍ବର
ଏ ଦେଶର ଖାଲ ବନ ଝର
    କହିବେତ ଏକ ସ୍ୱରେ ହେ ଚିର ସୁଂଦର
    ତୁମେ ତାଙ୍କ ପ୍ରାଣ ମହେଶ୍ୱର

ଏ ଜାତିକୁ ନଯିବତ ଭୁଲ
    ଦୂରେ ଦୂରେ ଯେତେ ଦୂର ଯାଅ
        ତୁମେ ଗଲ ।

Digitized by srujan ka@gmail.com

PARADIP PORT

India's Youngest Port with most modern facilities

1. A well sheltered Harbour with a designed draft of 39 feet.
2. A mechanised Ore Loading Berth which has been able to load about 10,000 tonnes in a 3 shift day. The Berth has designed depth of 39 feet and capable of taking ships of 800 feet LOA and 60,000 DWT.
3. A Mooring Byoy Berth of taking ships of 500 feet LOA and 33 feet draft.
4. An Anchorage within the Harbour capable of taking ships of 450 feet LOA and 28 feet draft.
5. A specially designed Iron Ore Stacking area and large open storage accomodation for other cargoes.
6. Large fleet of barges and lighterage tugs.
7. Mobile cranes upto 15 tonnes capacity. A 60 tonnes mobile crane expected to be commissioned shortly.
8. Ample water supply both in stream and at Iron Ore Berth and limited quantity of Oil Bunkers. The ra e of supply at along-side berth 10 tonnes per hour.
9. Well connected with Road system. Railway link to the Port under construction.
10. Efficient Tele-communication system with Talex at the Port (025—249) and Bhubaneswar (025—243).
11. For ship to shore communication VHF sets (on 156.8 M/Cs Channel 16 and 56.45 M/Cs Channel 9) with 60 miles range. Telephones also provided on ship working in Port.
12. Efficient Pilot service during Day light hours. Night navigation services for the movement of ships through out Day and Night in progress.
13. Construction of a General Cargo Berth in progress.
14. WT & RT services available for use of the ship.
15. 19 crores development programme under way for expansion of Port facilities;

Address enquires to :

Chairman,
Paradip Port Trust.
P. O. : Paradip port
Dist. : Cuttack, ORISSA

Digitized by srujan ka@gmail.com

ପ୍ରଜାତନ୍ତ୍ର ପ୍ରଚାର ସମିତି ଆନୁକୂଲ୍ୟରୁ ପ୍ରକାଶିତ ହେଉଥିବା
ବିଶିଷ୍ଟ ପତ୍ରିକା ସମୂହ
ସଂବାଦ—ସାହିତ୍ୟ ଓ ସଂସ୍କୃତିର ପ୍ରତୀକ

ପ୍ରଜାତନ୍ତ୍ର

ନିର୍ଭୀକ, ନିରପେକ୍ଷ ଦୈନିକ ସଂବାଦପତ୍ର । ପ୍ରଗତିଶୀଳ ସାହିତ୍ୟ, ଉଚ୍ଚକୋଟୀର ଲେଖକ ଓ ସାମ୍ବାଦିକମାନଙ୍କ ଦ୍ୱାରା ପୁଷ୍ଟ ।

ପ୍ରତିଷ୍ଠାତା
ଡକ୍ଟର ହରେକୃଷ୍ଣ ମହତାବ

ସଂପାଦକ
ଶ୍ରୀହର୍ଷ ମିଶ୍ର

●

ଝଙ୍କାର

ଓଡ଼ିଆରେ ସର୍ବଶ୍ରେଷ୍ଠ ସାହିତ୍ୟ ପତ୍ରିକା
ସଂପାଦକ
ଡଃ ହରେକୃଷ୍ଣ ମହତାବ

●

ଦି ଇଷ୍ଟର୍ଣ୍ଣ ଟାଇମ୍ସ

ଓଡ଼ିଶାର ଏକମାତ୍ର ଇଂରାଜୀ ସାପ୍ତାହିକ
ସଂପାଦକ
ଡଃ ହରେକୃଷ୍ଣ ମହତାବ

●

ଯୋଗାଯୋଗ
ପ୍ରଜାତନ୍ତ୍ର ପ୍ରଚାର ସମିତି, କଟକ-୨
ଟେଲିଫୋନ : ୨୦୫୯୨, ୨୧୩୭୨, ୨୩୫୯୦

Digitized by srujan ka@gmail.com

ଅଧିକ ତୈଳ ଉତ୍ପାଦନ ପାଇଁ
ସୂର୍ଯ୍ୟମୁଖୀ ଚାଷ କରନ୍ତୁ

※

- ଜଗିଡ଼ା ଦୋରସା, ବାଲି ଦୋରସା, ମଟାଳ ମାଟିରେ ସୂର୍ଯ୍ୟମୁଖୀ ଚାଷ କରନ୍ତୁ ।
- ଖରିଫ୍ ଋତୁରେ ଜୁନ୍ ପ୍ରଥମ ସପ୍ତାହ, ରବି ଋତୁରେ ସେପ୍ଟେମ୍ବର ୧୫ ତାରିଖଠାରୁ ଅକ୍ଟୋବର ପ୍ରଥମ ସପ୍ତାହ, ଖରା ଦିନରେ ଜାନୁୟାରୀ ୧୫ ତାରିଖରୁ ଫେବୃୟାରୀ ପ୍ରଥମ ସପ୍ତାହ ମଧ୍ୟରେ ବିହନ ବୁଣନ୍ତୁ ।
- ଉନ୍ନତ ବିହନ—ସନ୍ ରାଇଜ୍, ଇ.ସି.-୧୯୭୫୦,
ଇ.ସି-୬୮୪୧୫, ଇ.ସି.-୬୯୭୭୪
- ଏକର ପିଛା ୪ କିଲୋ ବିହନ ବୁଣନ୍ତୁ ।
- ଏକର ପିଛା ୫ ଗାଡ଼ି ଗୋବର ଖତ ବା କମ୍ପୋଷ୍ଟ, ୧୦୦ କିଲୋ ସି.ଏ.ଏନ୍, ୧୫୦ କିଲୋ ସୁପର ଫସ୍ଫେଟ୍, ୬୦ କିଲୋ ମ୍ୟୁରେଟ୍ ଅଫ୍ ପଟାସ ସାର ପ୍ରୟୋଗ କରନ୍ତୁ ।
- ଆବଶ୍ୟକ ଫସଲ ସଂରକ୍ଷଣ ବ୍ୟବସ୍ଥା ଗ୍ରହଣ କରନ୍ତୁ ।

  - ସୂର୍ଯ୍ୟମୁଖୀ ମଞ୍ଜିରୁ ଶତକଡ଼ା ୪୦ ରୁ ୫୦ ଭାଗ ତେଲ ମିଳେ ।
  - ତେଲରେ ପ୍ରଚୁର ପରିମାଣରେ ଭିଟାମିନ୍ ଥାଏ ।
  - ଔଷଧ, ବାର୍ଣ୍ଣିସ୍ ଓ ରଙ୍ଗ ତିଆରିରେ ସୂର୍ଯ୍ୟମୁଖୀ ତେଲ ବ୍ୟବହାର କରାଯାଏ ।
  - ପିଡ଼ିଆରେ ପ୍ରୋଟିନ୍ ଅଂଶ ଥିବାରୁ ଗୋଖାଦ୍ୟ ରୂପେ ବ୍ୟବହାର କରାଯାଏ ।

କୃଷି ନିର୍ଦ୍ଦେଶାଳୟ
ଓଡ଼ିଶା, ଭୁବନେଶ୍ୱର

Digitized by srujan ka@gmail.com

ମାନସିଂହ ଅମର ଆତ୍ମା

ସ୍ମରଣେ

ଓଡ଼ିଶା ଫର୍ଟିଲାଇଜରସ୍ ଏଣ୍ଡ

କେମିକାଲସ ଲି:

ମେନ ରୋଡ, ରାଉରକେଲା-୪

Digitized by srujan ka@gmail.com

ଓ କ ବ ଳ

ପରିବାର ନିୟନ୍ତ୍ରଣ

ଦ୍ୱାରାହିଁ

ଆପଣ ସୁଖରେ କାଳାତିପାତ
କରି ପାରିବେ

ସେଥିପାଇଁ
ନିକଟତମ ପରିବାର
କଲ୍ୟାଣ-ନିୟୋଜନ କେନ୍ଦ୍ରରୁ

ପରାମର୍ଶ ନିଅନ୍ତୁ

ଏବଂ

କ୍ଷୁଦ୍ର ଓ ସୁଖୀ ପରିବାର

ଗଠନ କରନ୍ତୁ

ରାଜ୍ୟ ପରବାର ନୟୋଜନ ସଂସ୍ଥା

Digitized by srujan ka@gmail.com

ସମାଜ

The Samaja

ପ୍ରତିଷ୍ଠାତା-ଉତ୍କଳମଣି ଗୋପବନ୍ଧୁ ଦାସ

Largest Certified Oriya Daily

ESTD. 1919

PHONES - 20994, 21044, 20183, 23284,

GRAM - Samaj

MEMBERS — A.B.C.; I. & E. N.S.; I.L.N.A.; A.I.N.E.C

Advt Rates — Causal — Rs. 2 20 per Col. Line

Contract :— Rs. 6.05 Col. C.M Sub Rates:—Rs. 60.00 P.A.

Editor — R. N. RATH, M.L.A : Gl. Manager — F. C. DAS

GOPABANDHU BHAWAN, CUTTACK-1 (ORISSA)

Digitized by srujanika@gmail.com

ସ୍ୱର୍ଗତଃ ପଦ୍ମଶ୍ରୀ ଡକ୍ଟର ମାନ୍ଧାତା ମାନସିଂହଙ୍କ ଅମର ସ୍ମୃତି ଉଦ୍ଦେଶ୍ୟରେ କୃଷି ନିର୍ଦ୍ଦେଶାଳୟ ବିନମ୍ର ପ୍ରଣତି ଜଣାଉଛି ।

କୃଷି ନିର୍ଦ୍ଦେଶକ

"କଲେଜ ମେସ ଆଦର୍ଶବାଦ ପ୍ରଣୋଦିତ ପରି ବୋଧ ହେଲା । ପ୍ରତି ମିଲର ଦାମ ପାଞ୍ଚଅଣା ଦୁଇ ପଇସା × × × କଲେଜର ପରିବା ବଗିଚା ହଷ୍ଟେଲର ଚାହିଦା ଅନେକାଂଶରେ ପୂରଣ କରେ ।"

ଶିକ୍ଷାବିଦ୍‌ର ଗାଥା—ପୃ ୧୦୭—

ପ୍ରତ୍ୟେକ ଶିକ୍ଷାନୁଷ୍ଠାନ ଚାହିଁଲେ ଡକ୍ଟର ମାନସିଂହଙ୍କ ଆଦର୍ଶ ଅନୁକରଣ କରି ଶିକ୍ଷାନୁଷ୍ଠାନ ମାନଙ୍କରେ ଯଥେଷ୍ଟ ପନିପରିବା ଉତ୍ପାଦନ କରି ସ୍ୱାବଲମ୍ବୀ ହୋଇ ପାରିବେ ।

କୃଷି ନିର୍ଦ୍ଦେଶାଳୟ

Digitized by srujanika@gmail.com

ଓଡ଼ିଶାର ବରେଣ୍ୟ କବି ସ୍ୱର୍ଗତଃ ଡକ୍ଟର
ମାୟାଧର ମାନସିଂହଙ୍କ ସ୍ମୃତି ଉଦ୍ଦେଶ୍ୟରେ

କୃଷି ଉଦ୍ୟୋଗ ପ୍ରତିଷ୍ଠାନ

ବ୍ରହ୍ମପୁର
ଗଞ୍ଜାମ

ଅମର ପ୍ରତିଭା କବି ଡକ୍ଟର ମାନସିଂହଙ୍କ
ଆତ୍ମାର ସଦ୍‌ଗତି ପାଇଁ

ପୁସ୍ତକ ପ୍ରତିଷ୍ଠାନ

ପୁସ୍ତକ ପ୍ରକାଶକ ଓ ବିକ୍ରେତା
ବାରାକ୍‌ସ୍, ବ୍ରହ୍ମପୁର
ଗଞ୍ଜାମ

Digitized by srujan ka@gmail.com

ଓଡ଼ିଶାର ବିକାଶ କ୍ଷେତ୍ରରେ ଏକ ନୂତନ ଯୁଗର ଅଭ୍ୟୁଦୟ

ଓଡ଼ିଶାରେ ଚଳିତ ବର୍ଷ ଶେଷ ସୁଦ୍ଧା ପ୍ରାୟ ୬୦ ଲକ୍ଷ ଟନ୍ ଓ ପଞ୍ଚମ ଯୋଜନା କାଳ ଶେଷ ସୁଦ୍ଧା ପ୍ରାୟ ୯୦ ଲକ୍ଷ ଟନ୍ ଖାଦ୍ୟଶସ୍ୟ ଉତ୍ପାଦିତ ହେବ ।

ତୈଳବୀଜ, ଆଖୁ, ଝୋଟ ଏବଂ କପା ଭଳି ଅର୍ଥକରୀ ଫସଲର ଉତ୍ପାଦନ ବୃଦ୍ଧି ।

ଚଳିତ ଯୋଜନା ଶେଷ ସୁଦ୍ଧା ବୃହତ୍ ତଥା ମଧ୍ୟମ ଜଳସେଚନ ଯୋଜନା ଦ୍ୱାରା ରାଜ୍ୟରେ ପ୍ରତ୍ୟାଶିତ ଆୟାକଟ୍‌ର ଆୟତନ ପ୍ରାୟ ୨୧ ଲକ୍ଷ ଏକରକୁ ବୃଦ୍ଧି କରାଯିବ ।

ଚତୁର୍ଥ ଯୋଜନା ଶେଷ ସୁଦ୍ଧା ଉଠା ଜଳସେଚନ ଯୋଜନା ଦ୍ୱାରା ରାଜ୍ୟରେ ୧ ଲକ୍ଷ ଏକର ଜମିକୁ ଜଳ ଯୋଗାଇ ଦିଆଯିବ ।

ପାରାଦୀପ, ଗୋପାଳପୁର, ଚାନ୍ଦବାଲି, ଅସରଂଗ, ପୁରୀ ଏବଂ ଋଷିକୁଲ୍ୟା ଠାରେ ରହିଥିବା ମାଛଧରା ବନ୍ଦରର ବିକାଶ ।

ଚତୁର୍ଥ ଯୋଜନା ଶେଷ ସୁଦ୍ଧା ରାଜ୍ୟରେ ମୋଟରେ ୯୦୦ ମେଗାଓ୍ୱାଟ୍ ଓ ପଂଚମ ଯୋଜନା କାଳ ଶେଷ ସୁଦ୍ଧା ୧୨୯୦ ମେଗାଓ୍ୱାଟ୍ ବିଦ୍ୟୁତ୍ ଶକ୍ତି ଉତ୍ପାଦିତ ହୋଇପାରିବ । ୧୯୭୩-୭୪ ମସିହା ଶେଷ ସୁଦ୍ଧା ରାଜ୍ୟରେ ୧୨,୧୭୨ ଟି ଗ୍ରାମକୁ ବିଦ୍ୟୁତ୍ ଶକ୍ତି ଯୋଗାଇ ଦିଆଯିବ ।

'ଅର୍ଦ୍ଧନିଯୁକ୍ତ ଲୋକଙ୍କୁ କର୍ମ ଯୋଗାଣ' କାର୍ଯ୍ୟକ୍ରମ ଅନୁଯାୟୀ ଉତ୍ପାଦନାଭିମୁଖୀ ତଥା ପ୍ରାକ୍-ଅନୁସନ୍ଧାନ ଅଭିମୁଖୀ କାର୍ଯ୍ୟକ୍ରମ ଜରିଆରେ ଶିକ୍ଷିତ ବେକାରମାନଙ୍କୁ କର୍ମ ଯୋଗାଇ ଦେବା ନିମନ୍ତେ ନୂତନ ଯୋଜନାମାନ କାର୍ଯ୍ୟକାରୀ କରାଯାଉଛି ।

ଚଳିତ ବର୍ଷ ମଧ୍ୟରେ ୨୧,୩୯୭ ଜଣ ଶିକ୍ଷିତ ବ୍ୟକ୍ତିଙ୍କ କର୍ମସଂସ୍ଥାନ ।

ଗ୍ରାମାଞ୍ଚଳର ଲୋକମାନଙ୍କୁ ସର୍ବନିମ୍ନ ଆବଶ୍ୟକତା କାର୍ଯ୍ୟକ୍ରମ ଜରିଆରେ ଶିକ୍ଷା, ଜଳଯୋଗାଣ, ସ୍ୱାସ୍ଥ୍ୟ, ପୁଷ୍ଟିକର ଖାଦ୍ୟ ଯୋଗାଣ, ରାସ୍ତାଘାଟ, ବିଦ୍ୟୁତ୍ ଶକ୍ତି ଆଦି କ୍ଷେତ୍ରରେ ସୁବିଧା ସୁଯୋଗ ପ୍ରଦାନ ।

ଲୋକସଂପର୍କ ଓ ପର୍ଯ୍ୟଟନ ନିର୍ଦ୍ଦେଶକ,
ଓଡ଼ିଶା ସରକାର

Digitized by srujan ka@gmail.com

ସ୍ୱର୍ଗତଃ କବି ଡକ୍ଟର ମାୟାଧର ମାନସିଂହଙ୍କ
ସ୍ମୃତି ଉଦ୍ଦେଶ୍ୟରେ—

ଓଡ଼ିଶା ବୁକ୍ ଷ୍ଟୋର

ପୁସ୍ତକ ପ୍ରକାଶକ ଓ ବିକ୍ରେତା
ବିନୋଦ ବିହାରୀ, କଟକ

ଓଡ଼ିଶାର ଅମର ପ୍ରତିଭା
ଡକ୍ଟର ମାୟାଧର ମାନସିଂହଙ୍କ
ଅମର ଆତ୍ମାର ସଦ୍‌ଗତି ପାଇଁ ଆମେ
ଭଗବାନଙ୍କୁ ପ୍ରାର୍ଥନା କରୁ

ଫ୍ରେଣ୍ଡ୍‌ସ୍ ପବ୍ଲିସର

ପୁସ୍ତକ ପ୍ରକାଶକ ଓ ବିକ୍ରେତା
ବିନୋଦ ବିହାରୀ
କଟକ

ଡକ୍ଟର
ମାନସିଂହଙ୍କର
ଅମର ଆତ୍ମା
ସଦ୍‌ଗତି
ଲଭନ୍ତୁ

ସାଥୀ ପ୍ରକାଶନ

ପୁସ୍ତକ ପ୍ରକାଶକ ଓ ବିକ୍ରେତା
ବିନୋଦ ବିହାରୀ
କଟକ

Digitized by srujan ka@gmail.com

ବୁଦ୍ଧଂ ଶରଣଂ ଗଚ୍ଛାମି

Digitized by srujan ka@gmail.com

ଆଜନ୍ମ କବି ମାନସିଂହ

ଡକ୍ଟର ହରେକୃଷ୍ଣ ମହତାବ୍

"ଜନ୍ମରୁ କବି ହୁଅନ୍ତି, ଚେଷ୍ଟା ସତ୍ତ୍ୱେ କେହି କବି ହୁଅନ୍ତି ନାହିଁ", ଲାଟିନ୍ ଭାଷାର ଏହି ପ୍ରବଚନଟି ଡକ୍ଟର ମାୟାଧର ମାନସିଂହଙ୍କ ପକ୍ଷରେ ପୂର୍ଣ୍ଣ-ଭାବରେ ପ୍ରଯୁଜ୍ୟ । ଛାତ୍ରାବସ୍ଥାରୁ ମାନସିଂହଙ୍କ କବିପ୍ରତିଭା ବିକଶିତ ହୋଇଥିଲା ଓ ତାହା ସେତେବେଳେ ଲୋକଚକ୍ଷୁକୁ ମଧ୍ୟ ଆସିପାରିଥିଲା । ତାଙ୍କର ସେହି ସମୟର କବିତା ଆଜି ମଧ୍ୟ ଆଲୋଚିତ ହେଉଛି । ସେତେବେଳକାର କବିତା ଥିଲା ଉଦ୍ଦାମ ଯୌବନର ଭାବୋଚ୍ଛ୍ୱାସ । ସେଥିପାଇଁ ସାମାଜିକ ଜୀବନ ପ୍ରସ୍ତୁତ ନ ଥିଲା । ତେଣୁ ମାୟାଧର ସମାଲୋଚିତ ହେଲେ । କେବଳ ସେ ସମାଲୋଚିତ ହେଲେ ତାହା ନୁହେଁ, ନିର୍ଯାତିତ ମଧ୍ୟ ହେଲେ । ସେତେବେଳକାର ବ୍ରିଟିଶ ଓଡ଼ିଶାରେ କୌଣସିଠାରେ ଚାକିରି ନାହିଁ, ସେ ଶେଷରେ ଗଡ଼ଜାତ ଇଲାକାରେ ଚାକିରି କଲେ । ୧୯୪୭ ରେ ସ୍ୱାଧୀନତା ପରେ ଗଡ଼ଜାତ ମିଶ୍ରଣ ଆଗେ ସେ ଓଡ଼ିଶାର ଶିକ୍ଷା ବିଭାଗରେ ଉଚ୍ଚ ପଦରେ ଅଧିଷ୍ଠିତ ହୋଇ ପାରିଥିଲେ । କବି-ପ୍ରତିଭା ଜୀବନର ଘାତ ପ୍ରତିଘାତ ମଧ୍ୟରେ ଗତି କରୁଥାଏ । କିନ୍ତୁ ଧୀରେ ଧୀରେ ସେ ଗତି ମନ୍ଥର ହେଲା । ହୋଇପାରେ ସେପରି ପ୍ରାୟ ସବୁ କବିଙ୍କ ପକ୍ଷରେ । ରବୀନ୍ଦ୍ରନାଥ ତାଙ୍କ ଶେଷଜୀବନରେ ଏକ କବିତାରେ ଲେଖିଥିଲେ, କବିର ଜୀବନ ଶୀଘ୍ର ଶେଷ ହୋଇଯିବା ଉଚିତ ; କାରଣ ସେହି ଏକ ଭାବଧାରା ବହୁକାଳ ପ୍ରବାହିତ ହେଉଥିବାରୁ ତାଙ୍କର ଲେଖାର ନୂତନତ୍ୱ ଆଉ କିଛି ରହେ ନାହିଁ । ଏଣୁ ପ୍ରତ୍ୟେକ କବି ଅନ୍ୟ ଦିଗରେ ମଧ୍ୟ ଲେଖନୀ ଚାଳନା କରନ୍ତି, ଉପନ୍ୟାସ, କ୍ଷୁଦ୍ରଗଳ୍ପ, ପ୍ରବନ୍ଧ ଇତ୍ୟାଦି ମଧ୍ୟ ତାଙ୍କ ଲେଖନୀରୁ ପ୍ରକାଶିତ ହୁଏ । ମାୟାଧରଙ୍କ ପକ୍ଷରେ ମଧ୍ୟ ତାହା ହିଁ ହୋଇଥିଲା । ବହୁ ବିଷୟରେ ତାଙ୍କର ପ୍ରକାଶିତ ଲେଖା ପାଠକମାନଙ୍କ ଦ୍ୱାରା ଆଦୃତ ହେଉଥିଲା । ତାଙ୍କର ସମସ୍ତ ଲେଖା ଯେତେବେଳେ ସମୀକ୍ଷିତ ହେବ ସେତେବେଳେ ଜଣାଯିବ କି ଦିଗରେ କେଉଁ କାରଣରୁ ତାଙ୍କର ଗତିପଥ ଅଗ୍ରସର ହୋଇଛି । ସେ ବୌଦ୍ଧଧର୍ମରେ ବିଶ୍ୱାସୀ ହୋଇ ବୁଦ୍ଧଙ୍କର ଭକ୍ତ ହେଲେ, କାହିଁକି ସମାଜ ପ୍ରତି ତାଙ୍କର ବିତୃଷ୍ଣା ଆସିଲା ? ଖ୍ରୀ ୧୯୬୦ ବେଳକୁ ମନେହେଲା ଯେପରି ତାଙ୍କର ଭାବପ୍ରବାହ କ୍ରମଶଃ କ୍ଷୀଣରୁ କ୍ଷୀଣତର ହୋଇ ଶୁଷ୍କ ହୋଇଯାଉଛି । କାହିଁକି ତାଙ୍କ ଗତିପଥ ମନ୍ଥର ହେଲା ? କବି ହିସାବରେ ପ୍ରଶଂସିତ ହେଲେ ମଧ୍ୟ ଅନ୍ୟ କେତେକ ଲେଖା ବିଷୟରେ ସେ ସମାଲୋଚିତ ହେଲେ । କାହିଁକି ? ଏ ସବୁର ସମୀକ୍ଷା କାଳକ୍ରମେ

Digitized by srujan ka@gmail.com

ହେବ । କିନ୍ତୁ ଏହା ନିଶ୍ଚିତ ଯେ ଖ୍ରୀ: ୧୯୬୦ ସାଲ ପୂର୍ବରୁ ସେ ଥିଲେ ସର୍ବଶ୍ରେଷ୍ଠ କବି । ଏହା ହିଁ ମୁଁ ଏକ ପ୍ରବନ୍ଧରେ ବମ୍ବେରୁ ପ୍ରକାଶିତ ଏକ ପତ୍ରିକାରେ ଲେଖିଥିଲି ।

ଗତ କେତେବର୍ଷ ହେଲା ମନେହେଉଥିଲା ଯେପରି ସେ ଜୀବନର କୋଳାହଳରୁ ଅପସରି ଯାଉଛନ୍ତି । ସେ ନିଜେ ଆଉ ଲୋକସଂପର୍କ ରଖିବାକୁ ଆଗ୍ରହୀ ହେଉନାହାନ୍ତି । ତାଙ୍କୁ କୌଣସି ନିମନ୍ତ୍ରଣ କଲେ ସେ ଯାଆନ୍ତି, ଉଦାସୀନ ଭାବରେ ଯୋଗ ଦିଅନ୍ତି । ତାଙ୍କର ମନ ଅନ୍ତର୍ମୁଖୀ ହେବାପରି ଜଣାଯାଉଥିଲା । ୧୯୬୮-୬୯ ରେ ଗାନ୍ଧି ଶତବାର୍ଷିକୀ କମିଟିର ସମ୍ପାଦକ ଭାବରେ ମୁଁ ତାଙ୍କୁ ଯେତେବେଳେ ସାହିତ୍ୟ ବିଭାଗର ଅଧ୍ୟକ୍ଷ ହେବାପାଇଁ ଅନୁରୋଧ କରିଥିଲି, ସେ ସମ୍ମତ ହୋଇଥିଲେ ଏବଂ ଉତ୍ସାହ ସହକାରେ ସେ କାର୍ଯ୍ୟ ସମ୍ପାଦନ କରିଥିଲେ । ତାଙ୍କରି ପ୍ରଯତ୍ନରେ ଓଡ଼ିଆରେ ଅନ୍ୟୂନ ପଚିଶଖଣ୍ଡ ଗାନ୍ଧି ସାହିତ୍ୟ ପୁସ୍ତକ ପ୍ରକାଶିତ ହୋଇଥିଲା । ସେ ଚାହୁଁଥିଲେ ଏହିପରି କାର୍ଯ୍ୟ ଚାଲିଥାଉ । କିନ୍ତୁ ପାରିପାର୍ଶ୍ୱିକ ଅବସ୍ଥାରେ ସୁଦୂରପ୍ରସାରୀ କୌଣସି କାର୍ଯ୍ୟ ହାତକୁ ନେବା ସମ୍ଭବ ହେଲାନାହିଁ । ସେତେବେଳେ ତାଙ୍କର କାର୍ଯ୍ୟରୁ ମୁଁ ଜାଣିଛି, କୌଣସି ସଂଗଠନରେ ତାଙ୍କୁ ସମ୍ମାନ କରୁଥିବା ସହକର୍ମୀ ରହିଥିଲେ ସେ ଅଧ୍ୟକ୍ଷ ଭାବରେ ସଫଳତା ଅର୍ଜନ କରିପାରନ୍ତି । ଘାତପ୍ରତିଘାତ ମଧ୍ୟରେ ସଂଗଠନ ତିଆରି କରିବା ତାଙ୍କର ସ୍ୱଭାବବିରୋଧୀ ଥିଲା ।

ତାଙ୍କ ସହିତ ଶେଷ ସମ୍ପର୍କ ଏହି ହେଲା, କେତେମାସ ପୂର୍ବରୁ ଯେତେବେଳେ 'ପ୍ରଜାତନ୍ତ୍ର ପରିସର' ମଧ୍ୟରେ ଦିଲ୍ଲୀରୁ ଆସିଥିବା ଭାଷା କମିଶନର ସଦସ୍ୟମାନଙ୍କ ସହିତ ଓଡ଼ିଶାର ସାହିତ୍ୟିକ, ଲେଖକ ଓ ଶିକ୍ଷାବିତ୍‌ମାନଙ୍କର ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ସେତେବେଳେ ସେ ସଂପୂର୍ଣ୍ଣ ସୁସ୍ଥ ନ ଥିଲେ ମଧ୍ୟ ଆସି ଆଲୋଚନାରେ ଯୋଗ ଦେଇଥିଲେ ।

ତାଙ୍କର ପୂର୍ଣ୍ଣ ଜୀବନୀ ଲେଖିବାର ଅବସର ଏ ନୁହେଁ । ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି କରିବା ପାଇଁ ଏହି ସାମାନ୍ୟ ପ୍ରଯତ୍ନ । ବୟସରେ ସାନ, ଯେତେବେଳେ ଏ ସଂସାରରୁ ବିଦାୟ ନିଅନ୍ତି ସେତେବେଳେ ବୟସ୍କ ଲୋକଙ୍କ ପକ୍ଷରେ କନିଷ୍ଠମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଏକ ଦୁଃଖଦାୟକ କର୍ତ୍ତବ୍ୟ । ଏତିକି କହିଲେ ଯଥେଷ୍ଟ ହେବ ମାନସିଂହ ଥିଲେ ଓଡ଼ିଆ ସାହିତ୍ୟାକାଶରେ ଏକ ଉଜ୍ଜ୍ୱଳ ଜ୍ୟୋତିଷ୍କ । ଓଡ଼ିଆ ସାହିତ୍ୟ ଇତିହାସରେ ସେ ଅମର ହୋଇ ରହିବେ ।

Digitized by srujan ka@gmail.com

ମୋ ସାନଭାଇ ଆଉ ନାହିଁ

କବିଚନ୍ଦ୍ର ଶ୍ରୀ କାଳୀଚରଣ ପଟ୍ଟନାୟକ

ମାନସିଂହ ଚାଲିଗଲେ ଏଇ ଏଗାର ତାରିଖ କୁଆଁର ପୁନେଇଁ ସନ୍ଧ୍ୟାରେ । ଝିଅ ପୁଅ ପିଲା ବୁଢ଼ା, ପାଠୁଆ-ଅପାଠୁଆ,— ସଭିଙ୍କ ମୁହଁରେ ଯେଉଁ ଜହ୍ନ ହସ ଉକୁଟାଇ ଦିଏ, ସେଇ ଜହ୍ନ ସେଦିନ ମୁହଁ ଛପା ଦେଲା ପ୍ରଳୟ ବର୍ଷା ମେଘର ଅନ୍ଧାର କାନି ତଳେ ଦୁଃଖରେ କାନ୍ଦି କାନ୍ଦି ମୁହଁ ଲୁଚାଇ ଦେଲା । ସେଇ ଅନ୍ଧାର, ସେଇ ଅକାଳ, ସେଇ ଦୁର୍ଦ୍ଦିନ ଭିତରେ ଆଖି ବୁଜିଦେଲେ ମୋ ସାନ ଭାଇ ମାନସିଂହ ।

ଆଗରୁ ଟିକିଏ ମୁହଁଚିହ୍ନା ଥିଲେ ମଧ୍ୟ ମୋର ଭଲ ମନେ ଅଛି ୧୯୨୭ ସାଲରେ ତାଙ୍କର ମୋର ପାଖ ଚଣାଚଣି ହୋଇ ମିଶିଲୁ । ମୋର 'ଲକ୍ଷ୍ମୀ' ନାଟକ ଆଉ ତାଙ୍କର 'ପୂଜାରିଣୀ' କାବ୍ୟ ଲେଖାବେଳରୁ । ଦୁଇଟିର ବିଷୟବସ୍ତୁ ଏକ— ଖାଲି ବେଶ ପଟୁକା ନିଆରା ନିଆରା । ଏକାବେଳକେ କେମିତି ଦିହିଙ୍କର ଏକା ବିଷୟକୁ ମନ ବଳିଲା ବୋଲି ଦିହେଁ ତାଟକା ହେଲୁଁ । ମୁଁ ଟିକିଏ ଆଗରୁ ଲକ୍ଷ୍ମୀ ନାଟକ ଲେଖିଥିବାରୁ ସେଇଦିନୁ ମୁଁ ମାନସିଂହଙ୍କ ବଡ଼ ଭାଇ ଓ ସେ ମୋ ସାନଭାଇ ହୋଇ କୋଳାକୋଳି ହୋଇ ରହିଥିଲୁ ।

ତା' ପରେ କେତେ କେତେ କ୍ଷେତ୍ରରେ ଭେଟ, କେତେ ଖିଆପିଆ, କେତେ ଚାହୁଲି ଚାପରା, କେତେ ମନ ମିଶାମିଶି ଭିତରେ କାଳ ବିତିଗଲା ।

ମାନସିଂହ ଥିଲେ ଦି'ଜଣ । ଜଣେ ଶିକ୍ଷାବିତ୍, ଜଣେ ଦୀକ୍ଷାବିତ୍ । ଶିକ୍ଷାବିତ୍ ହିସାବରେ ସମ୍ବଲପୁରରେ ଭେଟ । ଗୌତମ ବୁଦ୍ଧଙ୍କ ସମ୍ପର୍କରେ ତାଙ୍କ ନାଟକ ସେ ମୋତେ ପଢ଼ିଲେ ଦେଖାଇ ପଠାଇଥିଲେ, ଟିକିଏ ଦେଖିଦାଖି କରିଦେବାକୁ । ମୁଁ ଯାଇ ତାଙ୍କର ସମ୍ବଲପୁର କଲେଜରେ ମଞ୍ଚସ୍ଥ କରାଇଥିଲି । ସେ ଲେଖା ନାଟକଟି ମୁଁ ଏବେ ସାଇତି ରଖିଛି । ତାଙ୍କ ସମ୍ବନ୍ଧେ କହି ବସିଲେ, ଲେଖି ବସିଲେ ତ ଖଣ୍ଡେ ପୁରାଣ ମୁଁ ରଚନା କରିପାରିବି ।

Digitized by srujan ka@gmail.com

କମଳା ସ୍ବନ ତାଙ୍କ ଲେଖା, ଯହିଁରେ ସେ 'ବସୁଧୈବ କୁଟୁମ୍ବକମ୍'ର ତତ୍ତ୍ବ ଆପିଛନ୍ତି । କବି କହୁଛନ୍ତି—

'ଅନୁଭବ ବିନେ
ଦୁଃଖ ସୁଖ କହି ନୋହେ ବଚନେ'

ଅତି ସତ୍ୟ ସ୍ବେ । ଜନେ ଅନୁଭବ ନ କଲେ କି କେହି କବି ହୋଇପାରିବେ ? ମାନସିଂହ ତାଙ୍କ ମନ ଭିତରର ଗୁମର ପରିଚୟ କମଳାସ୍ବନରେ ସଜାଡ଼ି ଥୋଇ ଯାଇଛନ୍ତି ସାରା ମାନବ ଜାତିର କଲ୍ୟାଣ କାମନାରେ ।

ଡାକ୍ତର ଆଇଜାକ ସାମନ୍ତରାୟଙ୍କ କୁଷ୍ଠରୋଗୀ ସେବା, ଚକସାର ବିଗ୍ରହ କରିବାକୁ ତ.ଙ୍କୁ କାହିଁକି ଦରିଲା ? ମନ ତାଙ୍କର ସେବାଧର୍ମୀ ବୋଲି ସିନା ?

ଶିକ୍ଷାବିତ୍ ଭାବେ ଶିକ୍ଷାବିତ୍ତର ତତ୍ତ୍ବ ବଖାଣି ଦେଶର ଜାତିର ଅଶେଷ ଉପକାରର ପ୍ରଚେଷ୍ଟା କରିଛନ୍ତି ସେ । ଆଉ ସାହିତ୍ୟ କଥା ? ଓଡ଼ିଶା ଏକା ନୁହେଁ, ଓଡ଼ିଶା ବାହାରେ, ଭାରତ ବାହାରେ ସେ ବଶିଷ୍ଟ ସାହିତ୍ୟିକ ।

ସେ ସ୍ବେକ୍‌ଠୋକ୍ ଠିକଣା କଥା କହୁଥିବାଲା । ତାଙ୍କ ସାଥିରେ ଯେଉଁମାନେ ମିଶିଛନ୍ତି, ଏ କଥା ସତ କି ମିଛ ସେମାନେ କହିବେ ।

ଗୋଟିଏ ବଡ଼ ଘଟଣା ମୋର ମନେ ଅଛି । ପ୍ରାୟ ବର୍ଷକ ତଳେ ଦିନେ ସେ ଖଣ୍ଡିଏ ଖବର କାଗଜ ଧରି ମୋ ପାଖକୁ ଆସି ମୋତେ କହିଲେ—ବଡ଼ ଭାଇ ! ତୁମେ ଟିକିଏ ଚେଷ୍ଟା କଲେ ମୋର ବଡ଼ ଉପକାର ହେବ । ପଢ଼ । କାଗଜଟିରେ ଦେଖିଲି ହୃଦ୍‌ରୋଗର ଏକ ଔଷଧ ବିଷୟ ଲେଖା ହୋଇଛି । ମୁଁ ସମସ୍ତଙ୍କ ଜାଣିବା ପାଇଁ ଆଜି ସେ କଥା ଲେଖୁଛି । ଲେଖା ଥିଲା—କଳାମନ୍ଦାରର ଚେର, କଳା ସୁତାରେ ବାନ୍ଧି, ଛତିକ ତୁଣ୍ଡିଲଭଳି ଗଳାରେ ପିନ୍ଧିଲେ ହୃଦ୍‌ରୋଗ ଆରୋଗ୍ୟ ହୁଏ । ଓଡ଼ିଶାର ପୁରପଲ୍ଲୀ ନାନା ସ୍ଥାନରେ ମୋର ପରିଚୟ ଥିବାରୁ ମୋତେ ସେ ଚେର ସଂଗ୍ରହ କରିବାକୁ ଅନୁରୋଧ କଲେ । ଏଣେତେଣେ ବହୁତ ଖୋଜାଖୋଜି କରି ମୁଁ ଶେଷକୁ ଚେର ଖଣ୍ଡେ ପାଇଲି । ତାଙ୍କୁ ତାକ ଚେର ଖଣ୍ଡେ ଦେଲି । ପିନ୍ଧିବାର ଦିନ ପନ୍ଦର ପରେ ସେ ଭଲ ଥିବାର କହିଲେ । ପୁଣି ଦିନେ ଆସି ହାଜର । କହିଲେ, ବିଛଣାରେ କେମିତି ସେ ଚେରଖଣ୍ଡି ହଜିଗଲା । ଯୋଗକୁ ଆଉ ଟିକିଏ ମୋ ପାଖରେ ଥିଲା, ତାକୁ ନେଇ ଭାରି ଆନନ୍ଦରେ ପିନ୍ଧିଲେ । କେତେଥର ତାଙ୍କୁ ଫୋନ୍‌ରେ ପଚାରିଛି— ଭଲଥିବାର ସମ୍ବାଦ ପାଇ ସୁଖୀ ହୋଇଛି ।

Digitized by srujan ka@gmail.com

ଏବେ କୁଆଁର ପୂନେଇ ଦଶ ବାର ଦିନ ଆଗରୁ ସେ ବେମାର ଅଛନ୍ତି, ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି— ଏ ଖବର ଆମେ କେହି ପ୍ରାୟ ଜାଣିନାହୁଁ । ଖବର କାଗଜରେ ତାଙ୍କ ଭଳି ଜଣେ ବିଶିଷ୍ଟ ପୁରୁଷଙ୍କ ଅସୁସ୍ଥତା ସମ୍ବାଦ ମଧ୍ୟ ଧାଡ଼ିଏ ହେଲେ ଲେଖା ନାହିଁ । ହଠାତ୍ ଏଗାର ତାରିଖ ରାତି ପ୍ରାୟ ସାଢ଼େ ସାତ୍‌ଟାବେଳେ ମୋତେ ଶ୍ରୀ ଗନ୍ଧର୍ବରାଜ ବିଶ୍ୱାଳ ଫୋନ୍‌ରେ ଏ ମର୍ମଫଟା ଦୁଃସମ୍ବାଦ ଦେଲେ । ଘଣ୍ଟାଏ କାଳ ମୁଁ ତାବ୍‌ଧା ହୋଇ ରହିଗଲି । ଲଗାଣ ବର୍ଷା, ଅସମର୍ଥ ଦେହ, ଯାଇ ପାରିଲି ନାହିଁ ତାଙ୍କ ଜୀବନଛଡ଼ା-ପିଣ୍ଡ ଟିକେ ହେଲେ ଦେଖିବାକୁ । ଖାଲି ଜଗନ୍ନାଥଙ୍କୁ ଡାକି ଦି'ଧାର ଲୁହ ଗଡ଼ାଇ ସେ ଅପାଶୋରି ଆତ୍ମାର ସଦ୍‌ଗତି ପ୍ରାର୍ଥନା କରି ରହିଲି ।

ଦାନା ଜୁଟିଲା ନାହିଁ ସେ ରାତିରେ ଆଉ ।

ଦେଶ ଜଣେ କୃତୀ ସନ୍ତାନକୁ ହରାଇଲା । ମୁଁ ମୋ ପ୍ରାଣର ସାନଭାଇକୁ ହରାଇ ମଲାଯାଏ ଝୁରୁଥିବି ।

ଭାଇବୋହୂ, ଆଉ ପିଲାମାନଙ୍କୁ କଅଣ ବୋଲି ସାନ୍ତ୍ୱନା ଦେବି, ଭାଷା ନାହିଁ ମୋର ।

ଜଗନ୍ନାଥ ସେମାନଙ୍କୁ ସାହା ହୁଅନ୍ତୁ, ସାନ୍ତ୍ୱନା ଦିଅନ୍ତୁ । ସାନ ଭାଇ ମୋର ସ୍ୱର୍ଗରେ ଥାଇ "ବୁଦ୍ଧଂ ଶରଣଂ ଗଚ୍ଛାମି" ଘୋଷୁ । ପରମକାରୁଣିକ ସିଦ୍ଧାର୍ଥ ତାଙ୍କୁ ଶରଣ ଦିଅନ୍ତୁ, ମୋର ଏତିକି ନିବେଦନ ।

Digitized by srujan ka@gmail.com

ସ୍ୱର୍ଗତ କବି ମାନସିଂ

ଶ୍ରୀ କାଳନ୍ଦୀଚରଣ ପାଣିଗ୍ରାହୀ

ଜ୍ୟୋତ୍ସ୍ନାପ୍ଲାବିତ କୁମାର ପୂର୍ଣ୍ଣିମା ମହୋତ୍ସବକୁ ମେଘାଚ୍ଛନ୍ନ ଆକାଶ ଯେପରି ଏଥର ଅନ୍ଧକାରମୟ କରି ପକାଏ, କବି ମାୟାଧର ମାନସିଂଙ୍କର ଦେହାବସାନ ସେହିପରି ବର୍ଷା ମଧ୍ୟରେ ସବୁଠୁଁ ଉଜ୍ଜ୍ୱଳତମ ସ୍ୱଚ୍ଛତମ ଶାରଦୀୟ ପୂର୍ଣ୍ଣିମା ରାତିରେ ଆଧୁନିକ ଓଡ଼ିଆ ସାହିତ୍ୟକୁ ଶୋକାଚ୍ଛନ୍ନ କରି ପକାଇଲା । ସାହିତ୍ୟ କ୍ଷେତ୍ରରେ ସୁଦୀର୍ଘ କାଳର ପରିଚୟ ସହିତ ବ୍ୟକ୍ତିଗତ ସମ୍ପର୍କ ମଧ୍ୟ ମୋର ଘଟେ ତାଙ୍କର ପ୍ରଥମ ରଚନା କବିତାଗୁଚ୍ଛ "ଧୂପ"ର ପ୍ରକାଶ ସମୟରେ ! କବିତାର ପ୍ରଥମ ପାହାଚରେ ଅବତୀର୍ଣ୍ଣ ହୋଇ କବି ମାନସିଂଙ୍କ 'ଧୂପ'ର ସୁବାସ ମହକି ଉଠେ ଚତୁର୍ଦ୍ଦିଗରେ । ବିପୁଳ ଉନ୍ମାଦନା ସୃଷ୍ଟି କରେ ତରୁଣ ପ୍ରାଣରେ ।

କବି ମାନେ ଯେ ଦରଦ ପ୍ରାଣର ଅଧିକାରୀ, ମାୟାଧର ଥିଲେ ବ୍ୟବହାର ତଥା ଆଳାପ ମେଳାପରେ । ତାହାରି ଏକ ଅପରୂପ ପ୍ରତୀକ ମଧ୍ୟ । କେବଳ ଆଧୁନିକ ଯୁଗର କବି ଭାବରେ, ପ୍ରେମିକ କମ୍ରା ସାଧକ ଭାବରେ ସେ ଆମ୍ଭମାନଙ୍କୁ ନିଗଡ଼ ବନ୍ଧୁତାର ବନ୍ଧନରେ ଅତି ଆପଣାର କରିପାରି ନାହାନ୍ତି । ନିଜ ମଧୁର ବ୍ୟବହାର ପୁଣି ସରଳ ସ୍ୱଚ୍ଛନ୍ଦ ଗୁଣାବଳୀରେ ମଧ୍ୟ ଦୂରକୁ ନିକଟ ଓ ପରକୁ ଆପଣାର କରିବା କ୍ଷେତ୍ରରେ ଅନ୍ୟାମାନ୍ୟ ଶକ୍ତି ଥିଲା ତାଙ୍କ ଶୋଭନୀୟ ସସ୍ନେହ ଆନ୍ତର ବ୍ୟବହାର ପୁଣି ଛନ୍ଦୋମୟ ଲେଖନୀରେ ମଧ୍ୟ ।

ପ୍ରେମିକ କବି ମାୟାଧର ନବଯୁଗର ଜଣେ ମହାନ୍ ସାଧକ ଭାବରେ ମଧ୍ୟ ଆମ ଭିତରେ ଆଦର୍ଶସ୍ଥାନୀୟ ହୋଇ ରହିଛନ୍ତି । ଜୀବନର ଶେଷ ନିଃଶ୍ୱାସ ଛାଡ଼ିବା ପର୍ଯ୍ୟନ୍ତ ସେହି ସାଧନାରୁ କେବେହେଲେ ସେ ବିଶ୍ରାମ ନେଇ ନାହାନ୍ତି ।

କବି ତାଙ୍କର ପୂର୍ବସୂରୀ ପଦ୍ମଚରଣ, ଲକ୍ଷ୍ମୀକାନ୍ତ ପ୍ରମୁଖଙ୍କର ଉପଯୁକ୍ତ ଉତ୍ତରାଧିକାରୀ ରୂପେ ନିଜକୁ ପ୍ରତିଷ୍ଠିତ କରିପାରିଛନ୍ତି । ଡକ୍ଟର ମାନସିଂଙ୍କର ତିରୋଧାନରେ ଓଡ଼ିଆ ସାହିତ୍ୟ ସଂସ୍କୃତି କ୍ଷେତ୍ରରୁ ଏକ ବଳିଷ୍ଠ ନେତୃତ୍ୱର ସ୍ଥାନ ଆଜି ଖାଲି ପଡ଼ିଗଲା ।

Digitized by srujan ka@gmail.com

କବିତା, ନାଟକ, ଗଳ୍ପ, ପ୍ରବନ୍ଧ, ଅାଲୋଚନା, ଭ୍ରମଣବୃତ୍ତାନ୍ତ ଓ ଶିଶୁ ସାହିତ୍ୟ ଆଦି ବିଭିନ୍ନ ବିଭାଗରେ ତାଙ୍କ ରଚନାବଳୀ ଓଡ଼ିଆ ସାହିତ୍ୟକୁ ସମୃଦ୍ଧିମନ୍ତ କରିଛି । ତାଙ୍କ ତିରୋଧାନରେ ଓଡ଼ିଆ ସାହିତ୍ୟ ଜଣେ ଶ୍ରେଷ୍ଠ ରସସ୍ରଷ୍ଟା-କବିଙ୍କୁ ହରାଇଲା । ସେହିଭଳି ତାଙ୍କ ରାଜନୈତିକ ରଚନାରେ ଫୁଟି ଉଠିଛି ବିଶ୍ଳେଷଣର ବିଚକ୍ଷଣତା ।

"ପ୍ରମତ୍ତ ପଦବୀ—ଲଭେ ବରେଣ୍ୟ ନେତାଏ,
ନାନା 'ଦଳେ' ଜାତି-କୁଳ ଛିନ୍ନ ହୋଇଯାଏ,
କଳା ଶିଳ୍ପ ସାହିତ୍ୟେ ବି ପଶେ ଆସି ଦଳ,
ନାହିଁ କାହିଁ ପୋଷେ ହେଲେ ସତ୍ତ୍ୱ ନିର୍ମଳ,
ରାଜତ୍ୱ କରଇ ଦେଶେ ମିଥ୍ୟା ମିଥ୍ୟାଚାର,
ପ୍ରତିଭା ମୂର୍ଖଙ୍କୁ କରେ ଶତ ନମସ୍କାର ।"

ଏହିଭଳି ଜଣେ ସତ୍ୟଦ୍ରଷ୍ଟା ସ୍ୱାଧୀନଚେତା ମରମୀ କବି ଆମ୍ଭମାନଙ୍କଠାରୁ ଚିର ବିଦାୟ ନେଇଗଲେ । ତାଙ୍କରି ଅମର ପ୍ରତିଭା ପ୍ରତି ଆମେ ଆଜି ସଶ୍ରଦ୍ଧ ନମସ୍କାର ଜଣାଉଛୁଁ ।

Digitized by srujan ka@gmail.com

ଶେଷପତ୍ର

ଡକ୍ଟର ଶ୍ରୀ କୁଞ୍ଜବିହାରୀ ଦାଶ

ମାନସିଂହ ପ୍ରୟାଣ ଏକାନ୍ତ ଅପ୍ରତ୍ୟାଶିତ । ଓଡ଼ିଶାର ଏତେ ବଡ଼ କବି ଏପରି ନୀରବଭାବେ ଚାଲିଯିବା କଥା ମୁଁ କଳ୍ପନାରେ ଆଣି ପାରୁନାହିଁ । ହୃଦ୍‌ରୋଗରେ ଆକ୍ରାନ୍ତ ହୋଇ ଦଶଦିନ ତଳେ ଡାକ୍ତରଖାନାକୁ ଯିବା, ତାଙ୍କ ଅସୁସ୍ଥତାର ସମ୍ବାଦ କୌଣସି ସମ୍ବାଦପତ୍ରରେ ପ୍ରକାଶିତ ନ ହେବା, ଅଜଣା ଅଶୁଣା ଭାବେ କପ୍‌ରେ ରାତି ଏଗାରଟାବେଳେ ତାଙ୍କୁ ଖାନନଗରକୁ ନିଆଯିବା ଘଟଣା ରହସ୍ୟାବୃତ ମନେହୁଏ । ପରଦିନ ସମ୍ବାଦ ପାଇ ଅଞ୍ଜୁଳାଏ ଫୁଲ ଶବାଧାରରେ ଦେବାଲାଗି ନେଇ ଅଶ୍ରୁପୂର୍ଣ୍ଣ ଚକ୍ଷୁରେ ତାଙ୍କ ଗୃହରୁ ମୁଁ ଫେରି ଆସିଲି । କବିଙ୍କର ଅଗଣିତ ପୂଜାରୀ ପୂଜାରିଣୀ ଗୋଟିଏ ସାଧାରଣ ପଟୁଆରରେ ତାଙ୍କୁ ସମାଚଉରକୁ ନେବାର ସୌଭାଗ୍ୟ ଲାଭ କରିପାରିଲେ ନାହିଁ । ସମସ୍ତଙ୍କ ଲାଗି ସାରା ଜୀବନ ଗାଇ ଗାଇ ଅଗୀତ ହୋଇ ମାନସିଂହ ଚାଲିଗଲେ । ଝଞ୍ଜା ଭସ୍ମରେ ତାଙ୍କୁ ହଠାତ୍ ଦାହ କରାଗଲା, ଉତ୍କଳୀୟ ଅନ୍ତରରେ ଆଉ ଏକ ମହାଝଞ୍ଜା ସୃଷ୍ଟି କରିବା ଲାଗି । ମାନସିଂହ-କବିତା-ପ୍ରେମୀ ଉତ୍କଳୀୟମାନେ ଏ ଦୁଃସମ୍ବାଦରେ ବଜ୍ରାଘାତର ବ୍ୟଥା ହିଁ ଅନୁଭବ କରିବେ ।

ସାରାଜୀବନ ମାନସିଂହଙ୍କ ସହିତ ମୋର ସ୍ନେହ ଶ୍ରଦ୍ଧାର ସଂପର୍କ ରହି ଆସିଥିଲା । କବି ଭାବରେ ମୁଁ ତାଙ୍କୁ ସମ୍ମାନିତ ଆସନ ଦେଇ ଆସିଛି । ତାଙ୍କ ଅକ୍ଳାନ୍ତ ଲେଖନୀ ସାରସ୍ୱତ କ୍ଷେତ୍ରରେ ମଧୁ ମଧୁ ବର୍ଷିଯାଇଛି । ସେ କେବଳ ଦେଇ ଯାଇଛନ୍ତି, କିଛି ପାଇନାହାନ୍ତି । ଓଡ଼ିଶା ସାହିତ୍ୟ ଏକାଡ଼େମୀ ବା କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର କୌଣସି ଅଭିନନ୍ଦନ ଗ୍ରନ୍ଥ କିମ୍ବା ଜାତୀୟ ସମ୍ବର୍ଦ୍ଧନା ସେ ପାଇନାହାନ୍ତି । ଏଥିରେ ବ୍ୟଥିତ ମୁଁ, ଯଦିବା ମୁଁ ଜାଣେ ସେ କିଛି ଆଶା କରି ନାହାନ୍ତି । ତଥାପି ପୂଜ୍ୟ ପୂଜାର ବ୍ୟତିକ୍ରମ ଯେ ହୋଇଛି, ଏହା ନିଶ୍ଚିତ ।

ଶେଷ ଜୀବନରେ 'ପାଇକ ଖେଦା' ପୁସ୍ତକ ଘେନି ତାଙ୍କ ସହିତ ମୋର ମତାନୈକ୍ୟ ଘଟିଥିଲା । ଆହ୍ୱାନର ଉତ୍ତର ମୁଁ ଦେଇଥିଲି 'ନବରବି'ରେ । ସେଇ ପ୍ରବନ୍ଧଟି ପଢ଼ି ସେ ଯେଉଁ ପତ୍ର ଲେଖିଥିଲେ ତାହା ହିଁ ମୋ ନିକଟକୁ ତାଙ୍କର ଶେଷ ପତ୍ର ।

Digitized by srujan ka@gmail.com

୮ । ୨ । ୭୩
କଟକ

ପ୍ରିୟ କୃଷ୍ଣ,

ସାଂପ୍ରତିକ 'ନବରବି'ରେ ତୁମର ଲେଖାଟି ପଢ଼ିଲି । ତୁମେ ମତେ ପ୍ରତ୍ୟାଘାତ କରିପାରି ସମୁଚିତ ଆତ୍ମସନ୍ତୋଷ ଲାଭ କରିବା ସ୍ୱାଭାବିକ । ସେଥିରେ ହିଁ ମୋର ଆନନ୍ଦ । ବିଶ୍ୱାସ କର, ତୁମର ଲେଖା ପଢ଼ି ମୋର ସାମାନ୍ୟତମ ଚୈତ୍ତିକ ବିକାର ଘଟିନାହିଁ । ମୁଁ ଏ ସବୁକୁ ଧରିନିଏ ଖେଳୁଆଡ଼ ସ୍ପିରିଟରେ । ଖେଳଟା ସ୍ୱଭାବତ ସଂଗ୍ରାମାତ୍ମକ ହେବା ଉଚିତ । ସଂଗ୍ରାମ ତ ସାମାଜିକ ଆଦବ କାଇଦା ଦେଇ ହୋଇ ନ ପାରେ ? ପିତା ପୁତ୍ର ସୋହରାବ୍ ରୋସ୍ତମ ଉପରେ ପ୍ରଶ୍ନ କରିଥିଲେ ସ୍ମରଣ କର ଏବଂ ସ୍ମରଣ କର ନିକଟତମ କୁଟୁମ୍ବୀମାନଙ୍କ ଭିତରେ କୁରୁକ୍ଷେତ୍ରର ବିପୁଳ ହତ୍ୟାକାଣ୍ଡ । କିନ୍ତୁ ସୂର୍ଯ୍ୟାସ୍ତ ପରେ, ଲଢ଼େଇର ଅବସାନ ପରେ, ସମସ୍ତେ ପୁଣି ଭାଇ ଭାଇ ଓ ବନ୍ଧୁ ବାନ୍ଧବ । ସାହିତ୍ୟିକ ସଂଗ୍ରାମ ମଧ୍ୟ ସେହି ସ୍ପିରିଟ୍‌ରେ ହେବା ଉଚିତ । ତୁମେ ତ ଜାଣ ଯେ, କୌଣସି ଜଣେ ହେଲେ ଓଡ଼ିଆ ଅଧ୍ୟାପକଙ୍କ ପ୍ରତି ମୋର ସାମାନ୍ୟତମ ବ୍ୟକ୍ତିଗତ ବିଦ୍ୱେଷଭାବ ନାହିଁ । କିନ୍ତୁ ଯେପରି ଭାବରେ ଏ କ୍ଲାସ୍ ଗଢ଼ି ଉଠିଛି, ମୁଁ ତାହାର ହିଁ ପ୍ରତିବାଦ କରି ଆସିଛି ଏବଂ ଆଜି ବି କରୁଛି, କାରଣ ମୁଁ ଉତ୍ତମ ଅବବୋଧ କରୁଛି ଯେ ଏ ଭାବରେ ଏମ୍. ଏ, ପି. ଏଚ୍. ଡି. ଆଦି ଗଦା କରିବା ଦ୍ୱାରା ଆମେ କୌଣସି ବ୍ୟକ୍ତିର ସୌଭାଗ୍ୟ ଗଢ଼ିଲେ ସିନା ସମୂହ ଭାବରେ ଆମେ ଜାତିର ଓ ଭାଷାର ଅମଙ୍ଗଳ ଡାକି ଆଣୁଛୁ । ଆଶା କରେ, ତୁମେ ମୋର ଦୃଷ୍ଟିକୋଣ ସହାନୁଭୂତିର ସହିତ ଗ୍ରହଣ କରିବ । ତୁମର ଓ ତୁମର ସମସ୍ତ ପରିବାରର ସୁଖ ଓ ସୌଭାଗ୍ୟ କାମନା କରି ରହିଲି ।

ତୁମର
ଚିର ଶୁଭାନୁଧ୍ୟାୟୀ
ମାନସିଂ

Digitized by srujan ka@gmail.com

ଶ୍ରଦ୍ଧାଞ୍ଜଳି

ଶ୍ରୀ ମାଳମଣି ସେନାପତି

ଓଡ଼ିଶାର ମାୟାଧର ମାନସିଂହଙ୍କ ବିୟୋଗରେ ମୋର ଏକ ବ୍ୟକ୍ତିଗତ କ୍ଷତି ଘଟିଲା । ଯଦିଓ ତାଙ୍କ ସହିତ ମୋର ଦେଖାସାକ୍ଷାତର ସୁଯୋଗ ବିଶେଷ ନ ଥିଲା, ତଥାପି ମୋର ମନେହୁଏ ଆମ ଦୁହିଁଙ୍କ ମଧ୍ୟରେ ଏକ ଆତ୍ମିକ ଅନ୍ତରଙ୍ଗତା ସ୍ଥାପିତ ହୋଇଥିଲା । ତାଙ୍କର ରଚନାବଳୀ ଗଭୀର ସ୍ୱଦେଶପ୍ରେମରେ ଅନୁରଞ୍ଜିତ । ନିକଟରେ ପ୍ରକାଶିତ ତାଙ୍କର ଇଂରେଜୀ ପୁସ୍ତକ 'Saga of the Land of Jagannath' (ଜଗନ୍ନାଥ ଦେଶର ଗାଥା) ସୂଚିତ କରେ ଉପର ଓଡ଼ିଶାର ଛବିମୂର୍ତ୍ତି ତାଙ୍କର ମାନସପଟରେ ସଦା ଜାଗ୍ରତ ଥିଲା । ସାହିତ୍ୟିକ ସମାଲୋଚନାରେ ସେ ଯଥେଷ୍ଟ ସାହସିକତାର ପରିଚୟ ଦେଇଅଛନ୍ତି । ଅନ୍ୟମାନେ କ'ଣ ଭାବୁଛନ୍ତି ସେଥିପ୍ରତି ଭ୍ରୂକ୍ଷେପ ନ କରି ସେ ତାଙ୍କର ନିଜସ୍ୱ ମତାମତ ନିର୍ଭିକ ଭାବରେ ପ୍ରକାଶ କରିଅଛନ୍ତି । ତାଙ୍କର ମୃତ୍ୟୁ ଓଡ଼ିଆ ସଂସ୍କୃତି ପ୍ରତି ଏକ ଦାରୁଣ ଆଘାତ ।

Digitized by srujan ka@gmail.com

ସ୍ମରଣେ

ଶ୍ରୀ ରାଧାଶ୍ୟାମ ଦାସ

ମାନସିଂହ ଆଉ ନାହାନ୍ତି, ତାଙ୍କ ସରଳ ସୁନ୍ଦର ହସ ହସ ମୁହଁ ଚିରଦିନ ପାଇଁ ଲିଭି ଯାଇଛି । ଅସମୟରେ ତାଙ୍କ ତିରୋଧାନ ଓଡ଼ିଶା ପକ୍ଷରେ ଏକ ନିଷ୍ଠୁର ଆଘାତ । ତାଙ୍କପରି ସ୍ୱାଧୀନଚେତା, ଚିନ୍ତାଶୀଳ ସାଧକ ଆଉ ବା କେତେଜଣ ଅଛନ୍ତି । ସାରା ଜୀବନ ନାନା ଘାତ ପ୍ରତିଘାତ ଭିତରେ ସେ ନିଜର କର୍ମମୟ ଜୀବନକୁ ଆଗେଇ ନେଇଥିଲେ । ସକଳ କାର୍ଯ୍ୟରେ ତାଙ୍କର ବୈଶିଷ୍ଟ୍ୟ ଥିଲା । ତାଙ୍କ ଚିନ୍ତାଧାରା ଅନେକ ସମୟରେ ଅନ୍ୟମାନଙ୍କଠାରୁ ପୃଥକ୍ ଥିଲା । ଶିକ୍ଷକ, କବି, ସାହିତ୍ୟିକ, ଲେଖକ, ସଂସ୍କାରକ ଓ ଜଣେ ଜାତୀୟତାବାଦୀ ବୋଲି ସେ ପ୍ରତିଷ୍ଠା ଲାଭ କରିଥିଲେ । ଦେଶ ଓ ଜାତି ପ୍ରତି ତାଙ୍କର ଅବଦାନ ମହାନ । ସ୍ପଷ୍ଟବାଦୀ, ନିର୍ଭୀକ ଅଥଚ ବିନମ୍ରୀ ଓ ସ୍ନେହୀ ମାନସିଂହ ଚିରଦିନ ଓଡ଼ିଶାର ଯୁବ-ହୃଦୟରେ ଜୀବନ୍ତ ରହିବେ । ଓଡ଼ିଆ ଜାତୀୟତା ଭାବ ତାଙ୍କୁ ସର୍ବଦା ଅନୁପ୍ରାଣିତ କରୁଥିଲା । ଏପରିକି ବିଦେଶରେ ଶିକ୍ଷା ସାଙ୍ଗ କରି ଡକ୍ଟର ମାନସିଂହ ବିଭିନ୍ନ ଦେଶ ପରିଭ୍ରମଣ କରି ଓଡ଼ିଶାର କଳା, ସ୍ଥାପତ୍ୟ ଓ ସଂସ୍କୃତିର ବୈଶିଷ୍ଟ୍ୟ ବିଷୟରେ ସେ ଦେଶର ଲୋକଙ୍କୁ ପରିଚିତ କରିବା ପାଇଁ ଉଦ୍ୟମ କରିଥିଲେ ଓ ଏଥିପାଇଁ ତାଙ୍କର ଅତ୍ୟନ୍ତ ଆଗ୍ରହ ଥିଲା । "ଖଣ୍ଡଗିରି ଯୁଗରୁ କୋଣାର୍କ" ପର୍ଯ୍ୟନ୍ତ ଓଡ଼ିଶାର କ୍ରମବର୍ଦ୍ଧମାନ ଶିଳ୍ପ, ସ୍ଥାପତ୍ୟ ଓ ସଭ୍ୟତା ସଂକ୍ରାନ୍ତରେ କେତେଗୁଡ଼ିଏ ଫଟୋଚିତ୍ର ତାଙ୍କ ବରାଦ ମୁତାବକ ତାଙ୍କୁ ଯୋଗାଇ ଦିଆ ଯାଇଥିଲା ଏବଂ ସେଗୁଡ଼ିକୁ "ଆଲୋକଚିତ୍ର" ମାଧ୍ୟମରେ ସେ ତାଙ୍କ ବକ୍ତୃତାରେ ବ୍ୟବହାର କରୁଥିଲେ—ଯାହା ବିଦେଶରେ ବିଶେଷ ଭାବରେ ଆଦୃତ ହୋଇଥିଲା ।

ସେ ସମାଲୋଚକ ଥିଲେ ସତ, ହେଲେହେଁ ମାନସିଂହ ତାଙ୍କ ସ୍ୱଭାବ ସୁଲଭ ମଧୁର ବ୍ୟବହାରରେ ସମସ୍ତଙ୍କୁ ମୁଗ୍ଧ କରିପାରୁଥିଲେ । ସ୍ୱାଧୀନ ମତବାଦର

Digitized by srujan ka@gmail.com

ଦୃଢ଼ ପୃଷ୍ଠପୋଷକ ଥିଲେ ସେ । କେତେବେଳେ "ଧୂପ" ଅନେକଙ୍କୁ ଚହଲାଇ ଦେଇଥିଲା ସତ ମାତ୍ର କବି ମାନସିଂହ ନିଜେ ଅଚଳ ଓ ସନ୍ତୁଷ୍ଟ ରହି ସବୁ ଝଡ଼ ଝଞ୍ଜାକୁ ସହିନେଲେ ଓ କର୍ମକ୍ଷେତ୍ରରେ ସିଧା ଚାଲିଲେ ।

ଆଉ ଗୋଟିଏ କଥା । ମିଶ୍ରଣ ପୂର୍ବରୁ କେତେକ ଓଡ଼ିଶା ଦେଶୀୟ ରାଜ୍ୟରେ ପ୍ରଜାଶକ୍ତିକୁ ଜାଗ୍ରତ କରି ନୂଆ ଦୁନିଆର ଆହ୍ୱାନ ତାଙ୍କ ପାଖେ ପହଞ୍ଚାଇବା ପାଇଁ କେତେକ ଚେଷ୍ଟା ପ୍ରକାରାନ୍ତରେ ହେଉଥିଲା । 'ଶିକ୍ଷକ ତାଲିମ୍ ଶିବିର' ମାଧ୍ୟମରେ "ବ୍ରତଚାରୀ" ବ୍ୟାୟାମ ପ୍ରଚଳନ ସଙ୍ଗେ ସଙ୍ଗେ ନାନା ଉତ୍ସାହବ୍ୟଞ୍ଜକ ସ୍ତବ-ସଙ୍ଗୀତ ପାଦ ମିଳାଇ ଚାଲିବା ପାଇଁ ବ୍ୟବହୃତ ହେଉଥିଲା । ଡକ୍ଟର ମାନସିଂହଙ୍କ ଉତ୍ସାହପୂର୍ଣ୍ଣ ସ୍ତବ-ସଙ୍ଗୀତଗୁଡ଼ିକ ଯଥେଷ୍ଟ ପ୍ରେରଣା ପ୍ରଦାନ କରିଥିଲା ।

ଜଣେ ବ୍ୟକ୍ତିଗତ ବନ୍ଧୁ ହିସାବରେ ସେ ଖୁବ୍ ସ୍ନେହୀ ଓ ସମ୍ମାନାସ୍ପଦ ବନ୍ଧୁ ଥିଲେ । ତାଙ୍କର ସାଧନାମୟ ଜୀବନ ଓ ମହାନ ବ୍ୟକ୍ତିତ୍ୱ ସମସ୍ତଙ୍କୁ ଉଦ୍‌ଭୂତ କରୁ—ପ୍ରେରଣା ଦେଉ ।

ଧନ୍ୟ ମାନସିଂହ, ଧନ୍ୟ ତୁମେ, ଅମର ତୁମେ ।

ଏ ପବିତ୍ର ଅବସରରେ ଆମର ବିନମ୍ର ଶ୍ରଦ୍ଧାଞ୍ଜଳି ।

———

Digitized by srujan ka@gmail.com

କବି ମାୟାଧର ମାନସିଂ
ଏକ ସ୍ୱପ୍ନ-ପ୍ରୟାଣ

ଶ୍ରୀ ସଚ୍ଚିଦାନନ୍ଦ ରାଉତରାୟ

କବି ମାନସିଂଙ୍କ ମୃତ୍ୟୁରେ ଆମ ଯୁଗର ସବୁଠୁ ବିଦଗ୍ଧ, ସବୁଠୁ ସୌନ୍ଦର୍ଯ୍ୟ-ପ୍ରବଣ, ଏକ ସ୍ୱର୍ଣ୍ଣକାନ୍ତିର କବିମାନସର ଅବସାନ ଘଟିଲା । ଆଧୁନିକ ସହିତ ପରଂପରାର ସଂଯୋଗ-ସେତୁରୂପେ ତାଙ୍କର ମହନୀୟ ଦାନ ଓଡ଼ିଆ ସାହିତ୍ୟରେ ଚିରଦିନ ଅମର, ଅମ୍ଳାନ ହୋଇ ରହିବ । କବି ମାନସିଂଙ୍କ ଆକସ୍ମିକ ମୃତ୍ୟୁ ବ୍ୟକ୍ତିଗତ ଭାବେ ମୋ ପକ୍ଷରେ ଏକ ଭୟଙ୍କର ଦୁଃଖାବହ ଘଟଣା । କାରଣ ଓଡ଼ିଶାରେ ଲକ୍ଷ ଲକ୍ଷ, ହିସାବ-ନିରୀକ୍ଷ ବ୍ୟସ୍ତ-ବାଗୀଶଙ୍କ ମଧ୍ୟରେ ଯେଉଁ ଗୁଡ଼ିଏ ମୁଣ୍ଡ ସବୁବେଳେ ମନେପଡ଼େ ଏବଂ ଯାହାଙ୍କ ସଙ୍ଗେ ମଣିଷ ନିର୍ଭୟରେ ଦି'ପଦ କଥାବାର୍ତ୍ତା କରିପାରେ ସେଥିରୁ ପ୍ରଥମଟି ଆଜି ଚାଲିଗଲା । ଏ ଦେଶରେ ଜନ୍ମ ହେବା ପରମ ସୌଭାଗ୍ୟର ବିଷୟ ଏଥିରେ ସନ୍ଦେହ ନାହିଁ । କିନ୍ତୁ ଏଠାରେ ମୃତ୍ୟୁ—ଯାହାର ଅର୍ଥ ସ୍ଥିତି ମଧ୍ୟ—ହୁଏତ ସେତେଟା ଚମତ୍କାର ନ ହୋଇପାରେ । ମାତ୍ର ଏ ମାଟିରେ ଡଃ ମାନସିଂଙ୍କ ଜନ୍ମ, ସ୍ଥିତି ଓ ମୃତ୍ୟୁ ସବୁ କିଛି ଠିକ୍ ମନେ ହୁଏ । ସେ ମୋ'ଠୁ ଏକ ଦଶନ୍ଧି କମ୍ବା ତହିଁରୁ କିଛି ବେଶୀ ବୟୋଜ୍ୟେଷ୍ଠ ଥିଲେ ପୁଣି ବ୍ୟବହାରରେ ଥିଲେ ସମବୟସ୍କପରି ସରଳ, ଅମାୟିକ ଏବଂ ପ୍ରିୟଭାଷୀ । ତେଣୁ ତାଙ୍କୁ ସହଜରେ ଭୁଲିଯିବା ସମ୍ଭବ ନୁହେଁ ।

ମାନସିଂହଙ୍କ କାବ୍ୟଜଗତର ମୂଳସ୍ୱର ଥିଲା ବ୍ୟକ୍ତିସ୍ୱାତନ୍ତ୍ର୍ୟ । ଅବଶ୍ୟ ସାର୍ତ୍ରଙ୍କ ଭାଷାରେ ଯେଉଁ ବ୍ୟକ୍ତିସ୍ୱାତନ୍ତ୍ର୍ୟର ଅନିବାର୍ଯ୍ୟ ପରିଣାମ ହେଉଚି ସମାଜ ଓ ରାଷ୍ଟ୍ର ସହିତ ସଙ୍ଘର୍ଷ ଓ କେବେ କେବେ ହାତାହାତି, ସେ ସେଥିରୁ ନିରାପଦ ଦୂରତ୍ୱରେ ଥିଲେ । ଏଠିକାର ପ୍ରଚଳିତ ଅନୁଷ୍ଠାନ ଓ ମୂଲ୍ୟମାନ ସହିତ ସେ ନିଜକୁ ବେଶ୍ ଖାପ ଖୁଆଇ ଚଳିପାରୁଥିଲେ । ତାଙ୍କର ବସ୍ତୁଜଗତ ଓ ଭାବଜଗତ ପ୍ରାୟ ସମାନ୍ତରାଳ ଭାବେ ଚାଲିଥିଲା, କେଉଁଠି ଠୋକ୍କର ଖାଇବାର ଭୟ ନ ଥିଲା । ତାଙ୍କର ସଫଳ ଗାର୍ହସ୍ଥ୍ୟ ଜୀବନ ହିଁ ଏହାର ସାକ୍ଷ୍ୟ ଦିଏ । ଅନେକେ ତ ମାନସିଂଙ୍କୁ ଦେଖିନ୍ତି ଏଇଆଡ଼ୁ । ଦୈନିକ ପତ୍ରିକାମାନଙ୍କର ସଂପାଦକୀୟ ମୂଲ୍ୟାୟନରେ ମାନସିଂ ପ୍ରତିଭାର ମାପକାଠି ହୁଏ ତାଙ୍କର ସାଂସାରିକ ଜମାଖାତାର ଜମାଟବନ୍ଧା ଅଙ୍କଗୁଡ଼ାକ ହିଁ ।

Digitized by srujan ka@gmail.com

କିନ୍ତୁ ଆଉ ଏକ ମାନସିଂ ଥିଲେ ଯିଏ ଏଇ ପ୍ରାତ୍ୟହିକ ଜୀବନଠୁ ଥିଲେ ବହୁତ ଦୂରରେ । ସେ ଥିଲେ ଏକ ସ୍ୱପ୍ନ-ପ୍ରୟାଣୀ କବି । 'ଧୂପ'ଠୁ 'ଖ୍ରୀଷ୍ଟ' ଏବଂ ଶେଷରେ 'କମଳାୟନ' ଏକ ଦୀର୍ଘ ପରିକ୍ରମା । କିନ୍ତୁ ସ୍ୱା'ର ଭିତରେ ରହିଚି ଏକ ଆତ୍ମ ନୁସନ୍ଧାନୀ ତଟସ୍ଥ ମନ—ଯାହା 'ଧୂପ'ର ମୋହମୁକ୍ତ ପରେ 'ହେମଶସ୍ୟ'ର ଚଉକାଠ ଭିତରେ ଧରାବତରଣର ମୁହୂର୍ତ୍ତ ଲୋଡ଼ିଚି । ସେତେବେଳକୁ 'ସବୁଜ'ର ମନଚିତ୍ର ଫିକାପଡ଼ି ଆସୁଥାଏ । ଭସା ଭସା ଭାଦର ବାଦଲ ଭିତରେ ସେ ଖୋଜି ବୁଲିଲେ ଖାଣ୍ଟି ଓଡ଼ିଆ ଇଡ଼ିୟମ ସନ୍ଧାନରେ । ଠାବ କଲେ, ଖାଲି ଠାବ କଲେ ନୁହେଁ, ମଞ୍ଚପ୍ରବେଶ କରାଇଲେ କେତୋଟି ଖାଣ୍ଟି ଓଡ଼ିଆଣୀ ମୁହଁକୁ । ସବୁଜପରି ଓ ନୀଳପରି, ଜାପାନ୍‌ପରି ବଦଳରେ ଆଣି ଛିଡ଼ା କରାଇଲେ ସାଧବ ଝିଅ, ଜେମା ପ୍ରଭୃତି କେତୋଟି ପରିଚିତ ଅଥଚ ସଂପୂର୍ଣ୍ଣ ମନଗଢ଼ା ଚିତ୍ରପ୍ରତିମାଙ୍କୁ ଯେଉଁମାନେ ଥିଲେ ଏକାନ୍ତ ଭାବରେ କଳ୍ପନାଶ୍ରୟୀ, ତେଣୁ ବାସ୍ତବବିମୁଖ; ଅନ୍ତର୍ଦ୍ୱନ୍ଦମୁକ୍ତ, ସରଳରୈଖିକ ମାନସୀ ପ୍ରତିମା ମାତ୍ର । ସେ ଅତୀତ ଆଡ଼କୁ ଆଖି ପକାଇଲେ, ଯେଉଁ ଦୃଷ୍ଟି ସେ ଶେଷପର୍ଯ୍ୟନ୍ତ ଆଉ ଫେରାଇ ଆଣିପାରିଲେ ନାହିଁ । ମାନସିଂ ଥିଲେ ସେଇ ମୁହୂର୍ତ୍ତ—ଯାହା ଏକ ଐଶ୍ୱର୍ଯ୍ୟମୟ ଅତୀତକୁ ଏକ ବିଚ୍ଛିନ୍ନ ଦୂରତ୍ୱରୁ ନିରୀକ୍ଷଣ କରିବାର ଆନନ୍ଦ ଓ ଅଭିମାନରେ ପୂର୍ଣ୍ଣ, ଅଥଚ ଯାହା ବର୍ତ୍ତମାନର ଯନ୍ତ୍ରଣା ଓ ଜଟିଳତାରୁ ଯଥାସମ୍ଭବ ବିଚ୍ଛିନ୍ନ ହୋଇ ରହିବାକୁ ନିଜର କାବ୍ୟଧର୍ମ ବୋଲି ମନେକରି ଆସିଚି । ତଥାପି ସେ ଯେ ମଣିଷର ଅପୂର୍ଣ୍ଣତା ସମ୍ବନ୍ଧରେ ସଚେତନ ନୁହନ୍ତି ତା' ନୁହେ । ସମକାଳୀନ ଫକ୍‌ନରଙ୍କ ପରି ସେ ମଧ୍ୟ ବେଳେ ବେଳେ ଚିତ୍କାର କରି ଉଠିଛନ୍ତି — "We have all failed to match our dreams in perfections". ମାତ୍ର ସେ ଚିତ୍କାର ଏକ ରୋମାଣ୍ଟିକ ଯନ୍ତ୍ରଣାର ଧ୍ୱନି ମାତ୍ର, ବିଦ୍ରୋହର ଉଚ୍ଚାରଣ ନୁହେଁ । ସେଇ ବୋଧହୁଏ ଆମ ଯୁଗର ସର୍ବଶେଷ ଏବଂ ସର୍ବଶ୍ରେଷ୍ଠ ରୋମାଣ୍ଟିଷ୍ଟ । ଅଥଚ ସବୁଜର ଧୂଆଁଳିଆ ବାଷ୍ପୀୟମଣ୍ଡଳ ଭିତରେ ସେଇ ପ୍ରଥମେ ଓଡ଼ିଶା ମାଟିର ଗନ୍ଧ ଆଣିଦେଇ ପାରିଥିଲେ—ଯାହାକୁ ଅବଶ୍ୟ ପରେ ସେ ଖୁବ୍ ବଢ଼ାବଢ଼ି କରି ସ୍ୱଧର୍ମ ଓ ପରଧର୍ମ ନାମରେ ତାତ୍ତ୍ୱିକ ଛକରେ ରଖିବାକୁ ଚେଷ୍ଟା କରିଥିଲେ ।

ମାନସିଂ ଥିଲେ ଏକ ନିଜସ୍ୱ-ବ୍ୟକ୍ତିକ ଜଗତର ବାସିନ୍ଦା । ତାଙ୍କର ବ୍ୟକ୍ତିସ୍ୱାତନ୍ତ୍ର୍ୟର ସୀମା ଏଇପର୍ଯ୍ୟନ୍ତ । ସେଇ ସୀମାବଦ୍ଧ ବଳୟ ଭିତରେ ସେ ଚାହୁଁଥିଲେ ଟିକିଏ ଓମରଖୈୟାମୀ ସ୍ୱାଧୀନତା— ସମାଜ ସହିତ ଟିକିଏ ମନ କଷାକଷି, ସମାଜ ପ୍ରତି ଟିକିଏ କଟାକ୍ଷ, କଟୂକ୍ତି ଓ ଅଭିମାନ । ତା'ପରେ ସେ ଯେଉଁ ପୂଜା ପୂଅକୁ ସେଇ ପୂଜାପୂଅ । ପରେ ଅବଶ୍ୟ ସେଇ ଜଗତ ଭିତରକୁ ସେ ଗାନ୍ଧୀ ଓ ଯିଶୁ ପ୍ରଭୃତିଙ୍କୁ ଆଣି ପୂରାଇଥିଲେ ଏବଂ କମଳାୟନର ପରିସରକୁ ରୁଷ ପର୍ଯ୍ୟନ୍ତ ବଢ଼ାଇବାକୁ ବାଧ୍ୟ ହୋଇଥିଲେ ।

Digitized by srujan ka@gmail.com

ମାତ୍ର ମୂଳତଃ ସେ ଜଣେ ଖାଣ୍ଟି ପ୍ରେମ ଂରିଷ୍ଟ ହିଁ ରହିଯାଇଥିଲେ । ତାଙ୍କର ସ୍ୱପ୍ନସ୍ମରଣ ଥିଲା ବାସ୍ତବରେ ଏକ ଘରବାହୁଡ଼ା—ଯେଉଁ ଘରବାହୁଡ଼ା ବା ନୋଷ୍ଟାଲଜିଆ ହିଁ ତାଙ୍କ କାବ୍ୟ କବିତାର ମର୍ମଧ୍ୱନି କହିଲେ ଅତ୍ୟୁକ୍ତି ହେବନାହିଁ । ମାତ୍ର କେଉଁଠି ତାଙ୍କର ସେ ଘର ? ସେ କଣ ଅତୀତର ଭଂଗାଭୁଣା କୋଣାର୍କ ବେଢ଼ାରେ ନା ମହାନଦୀର ପୁରାତନ କୂଳରେ ସାମୟିକ ଜ୍ୟୋତ୍ସ୍ନା ବିହାର ? ପଦ୍ମଚରଣଙ୍କ ପରି ସେ ଅତୀତକୁ ବାହୁନି ଗୁଡ଼ାଏ କାନ୍ଦି ନାହାନ୍ତି ସତ, କିନ୍ତୁ ଏ ଦେଶର ମହାନ୍ ଐତିହ୍ୟକୁ ସେ ଯେପରି ଭାବମୂର୍ତ୍ତି ମଧ୍ୟରେ ଫୁଟାଇ ପାରିଛନ୍ତି ସେପରି ଅନ୍ୟ କେହି ପାରିନାହାନ୍ତି । ଅବଶ୍ୟ ତାଙ୍କ ସୃଷ୍ଟିରୁ ଏହା ସବୁବେଳେ ଜଣାପଡ଼େ ଯେ ତାଙ୍କ ଘରଫେରନ୍ତା ମନର ଗତିକୋଣ ସତ୍ତାର କେନ୍ଦ୍ରବିନ୍ଦୁ ଆଡ଼କୁ ଯେତିକି ନୁହେଁ, ସତ୍ତାର ଏକ ସ୍ୱପ୍ନାୟିତ କଳ୍ପରୂପ ଆଡ଼େ ସେତିକି । ଅଥଚ ଏଇ କଳ୍ପଜଗତ ସମସ୍ତ ମଧ୍ୟରେ ମିଳିବା ଅସଂଭବ । ଏହାକୁ ପାଇବ କୁ ହେବ ଏକ ନିଃସମସ୍ତ ଦୂରତ୍ୱରେ କିମ୍ବା ଏକ ଦୂରବର୍ତ୍ତୀ ସମୟରେ— ଯେଉଁଠାରେ ସବୁକିଛି କଳ୍ପନା କରାଯାଇପାରେ । ବସ୍ତୁକୁ ଯେପରି ଇଚ୍ଛା ସେପରି ତାର ସ୍ୱବିରୋଧରୁ ବିଚ୍ଛିନ୍ନ କରି ଭଂଗା ଯା'ଇପାରେ, ଗଢ଼ା ଯାଇପାରେ, ବସ୍ତୁ ଚେତନା ସଂପର୍କରେ ସମସ୍ତ ଦିଆନିଆ ସୂତ୍ରକୁ ଅବହେଳା କରି ।

ଏ କଥା ସତ ଯେ ଆମ ସମସ୍ତଙ୍କ ଅପେକ୍ଷା ମାନସିଂହ ଥିଲେ ଅତି ଅଧିକ ମାତ୍ରାରେ ଓଡ଼ିଶାର ସ୍ଥାୟୀ ବାସିନ୍ଦା । ତା'ଙ୍କୁ ମନେହୁଏ ସେ ଯେପରି ଏଠା'ର ପ୍ରାଚୀନତମ ଆଦିବାସୀ—ଆଉ ଆମେ ସମସ୍ତେ ଯେପରି କେଉଁ ପରବର୍ତ୍ତୀ ପର୍ଯ୍ୟାୟର ଲୋକ ଏଠିକି ଆସି ଆସ୍ଥାନ ଜମାଇଛୁଁ । ପୈତୃକ ଭିଟାଭୂମିକୁ ଶେଷ ପର୍ଯ୍ୟନ୍ତ ଏପରି ଜାବୁଡ଼ି ଧରି ପଡ଼ି ରହିବାର ଧୈର୍ଯ୍ୟ ଓ ପ୍ରବୃତ୍ତିରେ ସେ ଥିଲେ ସତରେ ଅଟଳ ଓ ଅପରିବର୍ତ୍ତନୀୟ । ସମୟର କ୍ଷିପ୍ର ପ୍ରଭଂଜନକୁ ଏଡ଼ାଇ ଦେଇ ମାଟି କାମୁଡ଼ି ପଡ଼ି ରହିବାର ଲୋକ ମୁଁ ମାନସିଂଙ୍କ ଛଡ଼ା ଆଉ କାହାକୁ ଦେଖିନାହିଁ । ଆମ ସମସ୍ତଙ୍କ ଚେତନାର କୌଣସି ନା କୌଣସି ଅଂଶରେ ଦେଶ ମଧ୍ୟରେ ନିହିତ ବିଦେଶ ଏବଂ ବିଦେଶ ମଧ୍ୟରେ ନିହିତ ସ୍ୱଦେଶର ଭାବମୂର୍ତ୍ତି କେଉଁଠି ନା କେଉଁଠି ନିଶ୍ଚୟ ଲାଗୁଚି ଏବଂ ଏହା ହିଁ ହେଉଚି ଦ୍ୱିତୀୟ ମହା- ଯୁଦ୍ଧୋତ୍ତର ପୃଥିବୀର ଅପରିହାର୍ଯ୍ୟ ସାମାଜିକ—ଐତିହାସିକ ପରିଣାମ । ମଣିଷର ଚରିତ୍ରିତ ନିଖିଳ ଭାଙ୍ଗି ପଡ଼ିଚି । ସେ ହୋଇଚି ସୁଦୂରର ପିଆସୀ । କିନ୍ତୁ ମାନସିଂଙ୍କ ନିର୍ଣ୍ଣିତ ଜଗତରେ ବିଶେଷ କିଛି ପରିବର୍ତ୍ତନ ଦେଖା ଦେଇନାହିଁ ତାଙ୍କ ମାନଚିତ୍ର ପ୍ରାୟ ଅପରିବର୍ତ୍ତନୀୟ ହିଁ ରହିଚି । ତେବେ ତାଙ୍କ ମୋ ମଝିରେ ଯେ ଗୋଟାଏ ମୌଳିକ ତଫାତ୍ ନ ଥିଲା ତା ନୁହେଁ ମୁଁ ଅତୀତକୁ ରୂପାନ୍ତର

Digitized by srujan ka@gmail.com

ମଧ୍ୟରେ ପାଇବାକୁ ଖୁଣ୍ଟୁଥିଲାବେଳେ ସେ ଅତୀତକୁ ଅତୀତ ମଧ୍ୟରେ ହିଁ ଖୋଜୁଥିଲେ । ଏହା ହିଁ ଥିଲା ଆମ ଦୃଷ୍ଟିକୋଣ ମଧ୍ୟରେ ଏକ ବିରାଟ ବ୍ୟବଧାନ ।

ସେ ଥିଲେ ପ୍ରଧାନତଃ ମାଧୁର୍ଯ୍ୟ ରସର କବି । ତାଙ୍କ କାବ୍ୟ କବିତାରେ ତାଙ୍କ ବ୍ୟକ୍ତିତ୍ୱର ପ୍ରବଳ ପ୍ରତିଫଳନ ବହୁ ସମୟରେ ଚେତନାର ବିଚ୍ଛେଦ ଘଟାଇଛି । ମାତ୍ର ସେ ବିଚ୍ଛେଦ କାବ୍ୟକୁ ରସୋତ୍ତୀର୍ଣ୍ଣ ହେବାରେ ବାଧା ଦେଇନାହିଁ । ଏହା ହିଁ ମାନସିଂ ପ୍ରତିଭାର ଏକ ବଡ଼ ବିଶେଷତ୍ୱ । ବ୍ୟକ୍ତିକ ବା ବ୍ୟକ୍ତି କେନ୍ଦ୍ରିକ ହସ୍ତରୁ ତାହା ନୈର୍ବ୍ୟକ୍ତିକ ଅଙ୍ଗକୁ ଉନ୍ନୀତ ହୋଇପାରେ । ତାଙ୍କ ସାଧବଝିଅ, କେମିତା, ମାଲୁଣୀ ରାଧା ପ୍ରଭୃତି ଅସଂଖ୍ୟ ସୁନ୍ଦର କବିତାର ଉଦାହରଣ ଦିଆଯାଇପାରେ ଯାହାର ବସ୍ତୁନିଷ୍ଠ ଉପସ୍ଥାପନା ତଥା ସଂଯୋଜନା ମଧ୍ୟରେ, ଅନ୍ତସାରରେ ହେଉ ପଛକେ, ଏକ କାବ୍ୟିକ ଅପରିହାର୍ଯ୍ୟତା ସ୍ୱତଃ ଅନ୍ତଃସଲୀଳ ଥିବା ଜଣାପଡ଼େ । କିନ୍ତୁ ଲକ୍ଷଣୀୟ ଯେ ଏ ସମସ୍ତ କବିତା ଅତୀତ କଥାରୁ ସଂଭୂତ ହେଲେ ମଧ୍ୟ ଅତୀତ କଥାର ବାସ୍ତବ ମୁଖୀନତା ଓ ବସ୍ତୁନିଷ୍ଠରୁ ପ୍ରାୟ ବଞ୍ଚିତ ।

ତାଙ୍କର ଋଦ୍ଧିପ୍ରାପ୍ତ, ପରିଚ୍ଛନ୍ନ ଗଦ୍ୟ ଏବଂ ଚମତ୍କାର ସୁପାଠ୍ୟ ଇଂରାଜୀ ଶୈଳୀ ତାଙ୍କୁ ଆମ ସମୟର ଜଣେ ଶ୍ରେଷ୍ଠ ସାହିତ୍ୟିକ ରୂପେ ଚିହ୍ନିତ କରିଛି । ସେ ଅନେକ ସମୟରେ ଆଧୁନିକ ବ୍ୟକ୍ତିମାନସକୁ ପରଂପରାର ନିର୍ଣ୍ଣିତ ଓ ସ୍ୱାଭାବିକ ରୂପାନ୍ତର ରୂପେ ଗ୍ରହଣ କରି ନ ପାରି ନାନା ଭ୍ରମରେ ପଡ଼ିଛନ୍ତି ଏବଂ ଆଧୁନିକତାକୁ ଭୁଲ ବୁଝିଛନ୍ତି କିନ୍ତୁ ଏଇ ଭୁଲ ବୁଝିବା ଭିତରେ କୌଣସି ମୌଳିକ ଆବିଳତା ନାହିଁ । ତାହା ଏକ ସ୍ୱଚ୍ଛ, ସରଳ, ସଂଶୟବାଦୀର ହିଁ କଣ୍ଠସ୍ୱର ଏବଂ ବେଳେବେଳେ ପ୍ରଶ୍ନବାଚୀ ମଧ୍ୟ । ସବୁଠୁ ଆଶ୍ଚର୍ଯ୍ୟର କଥା, ମାନସିଂ ଏପରି ଏକ ସରଳ ବ୍ୟକ୍ତିତ୍ୱ ଯେ ତାଙ୍କଦ୍ୱାରା କେହି କେବେ ଅନିଷ୍ଟକାର କଥା ଭାବିପାରେ ନାହିଁ କି ତାଙ୍କ ଉପରେ ରାଗି ପାରେନାହିଁ ।

ଜବାହରଲାଲଙ୍କ ରବୀନ୍ଦ୍ରନାଥ ଋତୁରାଜ ବୋଲି କହିଥିଲେ । ମାନସିଂଙ୍କୁ ଆମେ ଓଡ଼ିଆ ସାହିତ୍ୟର ଧାରାଶ୍ରାବଣ ବୋଲି ଅଭିହିତ କରିପାରୁ । କାରଣ ତାଙ୍କର ଉଚ୍ଛ୍ୱାସ ଓ ପ୍ରାଚୁର୍ଯ୍ୟ ଏ ସାହିତ୍ୟକୁ ବହୁ ଦାରିଦ୍ର୍ୟ ଓ ସଂକୀର୍ଣ୍ଣତା ହାତରୁ ରକ୍ଷା କରିଛି ।

ସମସ୍ତ ଅସମୟରେ ବିଶ୍ୱବିଦ୍ୟାଳୟ ତଥା ପ୍ରଚଳିତ ଶିକ୍ଷା ଅନୁଷ୍ଠାନମାନଙ୍କରେ ଚାଲିଥିବା ଗତାନୁଗତିକତା ଓ ନିଷ୍ପ୍ରାଣ ପାଣ୍ଡିତ୍ୟ ବିରୋଧରେ ମାନସିଂ ସ୍ୱର ଉଠାଇଛନ୍ତି । ବହୁ ତଥାକଥିତ ଅଧ୍ୟାପକ-ଅଫିସର ମାଷ୍ଟରବୃନ୍ଦମାନଙ୍କ ମାରପେଞ୍ଚରେ ଓଡ଼ିଆ ଭାଷା ଓ ଓଡ଼ିଆ ସାହିତ୍ୟ କଣ୍ଠାଗତ ହେବାର

Digitized by srujan ka@gmail.com

ଉପକ୍ରମ ଦେଖି ସେ ହୁଏତ ସହ୍ୟକରି ପାରିନାହାନ୍ତି । ଏଇ ତଥାକଥିତ ଅଧ୍ୟାପକ ଅଫିସର ସମାଲୋଚକମାନେ ନିଜର ପଲ୍ଲବଗ୍ରାହିତା ଓ ନିଜର ନଗଣ୍ୟ ସାହିତ୍ୟ କର୍ମ ସତ୍ତ୍ୱେ ଓଡ଼ିଆ ସାହିତ୍ୟର ମାରଫତଦାର ଜିମ୍ମା ବଣ୍ଟୁରିକ ହୋଇ ବସିଛନ୍ତି । ଗୋଷ୍ଠୀଚାରଣ ଏବଂ ପ୍ରିୟାପ୍ରୀତିତୋଷଣ ଆଦି ନାନା କାରସାଦିରେ ଏମାନେ ସିଦ୍ଧହସ୍ତ । ସବୁ ଦେଶରେ ସବୁ ଯୁଗରେ ଏଇଭଳି ଦଳେ ଦିଗଗଜ ସାହିତ୍ୟର ମୂଲ୍ୟମାନ ନିର୍ଦ୍ଧାରଣ କରିବାକୁ ଚେଷ୍ଟା କରିଥାନ୍ତି । ଫରାସୀ ଏକାଡେମୀଠାରୁ ଆରମ୍ଭ କରି ଏକାମ୍ରକ୍ଷେତ୍ର ପର୍ଯ୍ୟନ୍ତ, ଭଲ୍‌ଗାଠାରୁ ଗଙ୍ଗା ପର୍ଯ୍ୟନ୍ତ ଏଇ ସାରସ୍ୱତ ଠିକାଦାରମାନେ ସର୍ବତ୍ର ଦେଖାଯାନ୍ତି । ଫରାସୀ ନାଟ୍ୟକାର ମଲିୟେରଙ୍କଠାରୁ ଆରମ୍ଭ କରି ପାଷ୍ଟରନାକ୍ ଏବଂ ଏଲିୟଟଙ୍କ ଯାଏଁ ସବୁ ସ୍ରଷ୍ଟାମାନଙ୍କୁ ଏବଂ ସବୁ ଦେଶର ସୃଜନଶୀଳ ସାହିତ୍ୟକୁ ଏମାନଙ୍କ ହାତରେ କମ୍ ଦୁର୍ଦ୍ଦଶା ଭୋଗିବାକୁ ପଡ଼ିନାହିଁ । ତେଣୁ ଡଃ ମାନସିଂହଙ୍କ ଭଳି ଜଣେ ବିଶିଷ୍ଟ ଏଇ ଶ୍ରେଣୀର ଲୋକଙ୍କୁ ଆକ୍ଷେପ କରିବାର ବିଚିତ୍ରତା କିଛିନାହିଁ । ଡଃ ମାନସିଂହଙ୍କ କଟୂକ୍ତି ବେଳେବେଳେ ଆପେକ୍ଷିକ ମନେହେଲେ ମଧ୍ୟ ଏହା ଯେ ଅପାତ୍ରରେ ପଡ଼ିନାହିଁ ତାହା ଆଜି ପ୍ରତ୍ୟେକେ ଅନୁଭବ କରୁଛନ୍ତି ।

ଡଃ ମାନସିଂ ଆଜି ଦେଶ କାଳର ବନ୍ଧନ କାଟି ନିଃସମୟରେ ଲୀନ ହୋଇ ଯାଇଛନ୍ତି । ସେ ଆଜି ମାନବୀୟ ସ୍ତରର ସବୁ ବାଦବିସମ୍ବାଦ, ମାନଅପମାନ, ନିନ୍ଦା ପ୍ରଶଂସାର ବହୁ ଊର୍ଦ୍ଧ୍ୱରେ । ତାଙ୍କ ମୃତ୍ୟୁରେ ଆମେ ସମସ୍ତେ ଦରିଦ୍ରତର ହୋଇଛେଁ । ମୁଁ ଏଇ ମହାନ୍ ବାଣୀ-ତାପସଙ୍କ ସ୍ମୃତିରେ ମୋର ବିନମ୍ର ଶ୍ରଦ୍ଧା ନିବେଦନ କରୁଛି ।

Digitized by srujan ka@gmail.com

ମାନସିଂ ପ୍ରତିଭା

ଡକ୍ଟର ସଦାଶିବ ମିଶ୍ର

କବି ମାନସିଂ ଚାଲିଯାଇଛନ୍ତି । ମାତ୍ର ମୋପରି ତାଙ୍କର କେତେ ସହାଧ୍ୟାୟୀ, ଯେଉଁମାନେ ତାଙ୍କର ସାନ୍ନିଧ୍ୟ ଲାଭ କରିଥିଲେ, ତାଙ୍କର ସୌରଭରେ ମୁଗ୍ଧ ହୋଇଥିଲେ ତାଙ୍କ କବିତାର ରୂପ ରସ ଛନ୍ଦରେ ଆକୃଷ୍ଟ ହୋଇଥିଲେ, ତାଙ୍କର ତରୁଣ କବିତା କଲେଜ ଦିନରୁ ଏ ପର୍ଯ୍ୟନ୍ତ ଏକାନ୍ତରେ ଏବଂ ବନ୍ଧୁମେଳରେ ଆବୃତ୍ତି କରିବାରେ ଅପାର ଆନନ୍ଦ ଉପଲବ୍ଧି କରୁଛନ୍ତି, ତାଙ୍କ ପାଖରୁ ସେ ଅପସରି ଯିବେ କିପରି ?

ମୋର ବର୍ଷକ ପୂର୍ବରୁ ମାନସିଂ କୃତୀ ଛାତ୍ର ହିସାବରେ ସୁନାମ ଅର୍ଜନ କରି କଲେଜ ଆସି ସାରିଥିଲେ । ସ୍କୁଲ ଜୀବନରେ ତାଙ୍କ ସହିତ ମୋର ପରିଚୟ ନ ଥିଲା । ସେତେବେଳର ଏକମାତ୍ର କଲେଜ 'ରେଭେନ୍ସା' କଲେଜର ପଶ୍ଚିମ ଛାତ୍ରାବାସରେ ଦୁହିଁଙ୍କର ରହଣି । ସେହିଠାରୁ ବନ୍ଧୁତା । ସେ ବନ୍ଧୁତାର ଅବସାନ ହୋଇଗଲା । ଛାତ୍ର ଜୀବନରେ, ଦୁର୍ଦ୍ଦିନରେ ଦୁଃଖଧନ୍ଦାରେ, ସହକର୍ମୀ ଭାବରେ, ସହଯାତ୍ରୀ ଭାବରେ ବହୁ ମଧୁମନ୍ତ ସ୍ମୃତି ନିବିଡ଼ ଭାବରେ ଆଙ୍କି ହୋଇ ରହିଛି ।

କଲେଜ ଜୀବନର ଆରମ୍ଭ ବେଳକୁ ସେ କବି ରୂପରେ ପରିଚିତ ହୋଇ ଯାଇଥିଲେ । ତାଙ୍କ କବିତାର ପରିପାଟୀ ଦୃଷ୍ଟି କରିଥିଲା ଅଲୋଡ଼ନ । ସେ ଭାଷା, ସେ ରସ, ସେ ଛନ୍ଦ ପାଠକ-ମହଲରେ ଆଣିଥିଲା ଅପୂର୍ବ ପୁଲକ । ମାତ୍ର ସେଥିସଙ୍ଗେ କୁହୁଳିଲା ଅସହିଷ୍ଣୁତାର ଆକ୍ରମଣ । ମନେଅଛି, ମାୟାଧରଙ୍କର କମନୀୟ କବିତା, ତରୁଣ କବିର ଆଶା, ଯେତେବେଳେ ଉତ୍କଳ ସାହିତ୍ୟରେ ପ୍ରକାଶିତ ହେଲା, କବି ତ ଶରବ୍ୟ ହେଲେ, ପତ୍ରିକାର ସମ୍ପାଦକ ବିଶ୍ୱନାଥ କର ସୁଦ୍ଧା ତ୍ରାହି ପାଇଲେ ନାହିଁ । ସେ ଦିନଠାରୁ ବହୁବାର ଏ କବିତା ପଢ଼ିଛୁ । ବୁଝିପାରିଲୁ ନାହିଁ, କାହିଁକି ଏ ତୀବ୍ର ସ୍ୱର ଉଠିଥିଲା । ମାତ୍ର ତରୁଣ କବିର ବିରାଟ ଆଶା ଏଥିରେ ପ୍ରତିହତ ହେଲାନାହିଁ । ବି. ଏ. ପଢ଼ିଲାବେଳେ ପ୍ରକାଶ ପାଇଲା ରମ୍ୟ ନାଟିକା ପୁଷ୍ପିତା । ଅପୂର୍ବ ପଦ୍ୟାଳାପ । କଲେଜ ହଷ୍ଟେଲରେ ବନ୍ଧୁମେଳରେ ବହୁବାର ପଢ଼ିଛୁ । ତା'ର ମଧ୍ୟ ପ୍ରତିକୂଳ ସମାଲୋଚନା, ମନେଅଛି, ମାନସିଂ ଏ ସମାଲୋଚନାର ଯେଉଁ କୈଫିୟତ ଦେଇଥିଲେ, ତତ୍ପରେ ବିକଶିତ ହେଲା କବିତା ଉଦ୍ୟାନରେ ଏକ ଅପରୂପ ସୁମନ— ଧୂପ । ଏ କବିତା-ଗୁଚ୍ଛର ପ୍ରତ୍ୟେକଟି କବିତା କଲେଜ ହଷ୍ଟେଲରେ ବହୁବାର ଆମ୍ଭେମାନେ ଆବୃତ୍ତି କରିଛୁ ।

Digitized by srujan ka@gmail.com

ଅନୁପମ ରସ, ଛନ୍ଦ, ଶୈଳୀ । କଣ୍ଠସ୍ଥ ହୋଇଗଲା । ଏବେ ମଧ୍ୟ ମନେଅଛି । ପରବର୍ତ୍ତୀ କାଳରେ ବହୁ ଲେଖକ ଲେଖିକା ଏହି ମାୟାଧରୀ ଛନ୍ଦରେ କବିତା ଲେଖିବାର ପ୍ରୟାସ କରିଛନ୍ତି । ମାତ୍ର ଧୃପର କବିତା ଉତ୍କୃଷ୍ଟ ପ୍ରତିର୍ଦ୍ଦ୍ୱିସ୍ୱାରୁ ଖ୍ୟାତି ପାଇଲା ନାହିଁ । କବି ପୂର୍ବରୁ ସଚେତନ ଥିଲେ । ଗୋଟିଏ କବିତାରେ ଲେଖିଥିଲେ "କର୍ମମ ଖାଲି ଖୋଜ ଅପରାଧ; ସୃଷ୍ଟି କରିବ ମିଛ ଅପବାଦ ।"

ଅପବାଦରେ କବିଙ୍କର ଲେଖନୀ ନିବୃତ୍ତ ହେଲାନାହିଁ । ମାତ୍ର ସେ ବ୍ୟଥିତ ହେଲେ । ଅନ୍ତରରେ ଆଘାତ ଲାଗିଲା । କବିତାର ଧାରା ପରିବର୍ତ୍ତିତ ହୋଇଗଲା । ବହୁଦିନ ପରେ 'ହେମଶସ୍ୟ' ପ୍ରକାଶ ପାଇଲା । ତାର ମୁଖବନ୍ଧ ଲେଖା ଯାଇଥିଲା କବିତା ଆକାରରେ । ଲେଖାଥିଲା, ଜଣେ ବନ୍ଧୁ ଲେଖିଛନ୍ତି ସେ ମୁଖବନ୍ଧ । ମାୟାଧର ନାମରେ ଜଣେ କବିଥିଲେ । ତାଙ୍କ କବିତା ଆଦର ପାଇଥିଲା, ରମ୍ୟ ଲଳିତ କବିତା ଭାବରେ ଖ୍ୟାତି ଅର୍ଜ୍ଜନ କରିଥିଲା । ମାତ୍ର କେତେକ ତଥାକଥିତ ନୀତିବାଦୀଙ୍କର ତାଡ଼ନାରେ ଜର୍ଜ୍ଜରିତ ହୋଇ କବି ସହର ଛାଡ଼ି ବାହାରିଗଲେ ନିଭୃତ ପଲ୍ଲୀକୋଳକୁ । ସେଠାରେ ସେ ଆତ୍ମହତ୍ୟା କଲେ । ମୁଁ ଯାଇଥିଲି କବିବନ୍ଧୁଙ୍କର ସେଇ ନିଭୃତ ନିବାସକୁ ଦେଖିଲି, ଏଣେତେଣେ ଗୁଡ଼ିଏ କବିତା ଛିନ୍ନଭିନ୍ନ ହୋଇ ଘରସାରା ପଡ଼ିରହିଛି । କବିଙ୍କର ସେଇ ଲେଖା-ଗୁଡ଼ିକ ସଂଗ୍ରହ କରି ମୁଁ ଏ କବିତାଗୁଚ୍ଛରେ ପ୍ରକାଶ କରୁଛି ।

ବହୁଦିନ ପୂର୍ବରୁ ଏ ସ୍ମୃତି । ପ୍ରଜ୍ଞାର ବିଲୟ ହୁଏନାହିଁ । କାହାରି ତାଡ଼ନାରେ ପ୍ରତିଭା ଶ୍ୱାସରୁଦ୍ଧ ହୁଏନାହିଁ । ପଥ ମାର୍ଗରେ ଅଚଳ ଚଟାଣର ସ୍ରୋତକୁ ଆକୁଳିତ କରେ । ମାତ୍ର ପ୍ରତିହତ କରିପାରେ ନାହିଁ । ମାନସିଂଙ୍କର ପ୍ରତିଭା କାବ୍ୟ କବିତା, ପ୍ରବନ୍ଧ, ନାଟକ, ସାହିତ୍ୟକ ଆଲୋଚନା ଜାତୀୟତାର ସନ୍ଧାନ, ତତ୍ତ୍ୱଦର୍ଶନର ବିସ୍ତୃତ-ସକଳ କ୍ଷେତ୍ରରେ ପ୍ରସାରିତ ହୋଇଗଲା । ମାତ୍ର ତାଙ୍କର ଏ ସକଳ ଅବଦାନ ପାଇଁ ସେ ପାଇଥିଲେ ବ୍ୟକ୍ତିଗତ ଜୀବନରେ ବହୁ ପ୍ରତିଘାତ, ବିପର୍ଯ୍ୟୟ, ନିର୍ଯ୍ୟାତନା ।

୧୯୩୩ ମସିହାରେ ମାନସିଂ ଇଂରେଜୀରେ ଏମ୍. ଏ. ପାଶ୍ କଲେ । ସେ ବର୍ଷ ସମସ୍ତ ବିଷୟରେ ଓଡ଼ିଶାରୁ ଏମ୍. ଏ. ଏମ୍. ଏସ୍. ସି. ପାଶ୍ କରିଥିଲେ ସର୍ବମୋଟ ମାତ୍ର ନଅଜଣ । ମାତ୍ର ସେତେବେଳେ ଉତ୍କଟ ଆର୍ଥନୀତିକ ସଂକଟ । ଚାକିରି ବଜାର ଅବରୁଦ୍ଧ । କୌଣସି ସ୍ଥାନରେ କିଛି ମିଳିଲା ନାହିଁ । କଳାହାଣ୍ଡି ହାଇସ୍କୁଲରେ ଶିକ୍ଷକତା କରିବାକୁ ଗଲେ । କିଛିକାଳ ପରେ ବହୁ କଷ୍ଟରେ ନାନା ଉଦ୍ୟମ କରି ବିଲାତ ଗଲେ । ହାତରେ ଗନ୍ଧ ଖାଇଲେ । ଗୋଟିଏ ମାତ୍ର ପୋଷାକ । ଯେଉଁଦିନ ସଫା କରିବାକୁ କମ୍ପା ଇସ୍ତ୍ରୀ କରିବାକୁ ଦିଅନ୍ତି ସେଦିନ ବାଧହୋଇ ଘର ଭିତରେ ରହନ୍ତି । କାଳିଦାସ ଏବଂ ସେକ୍ସପିଅରଙ୍କ ବିଷୟରେ

Digitized by srujan ka@gmail.com

ସନ୍ଦର୍ଭ ଲେଖିଲେ । ଡରହାମ ବିଶ୍ୱବିଦ୍ୟାଳୟରୁ ପି. ଏଚ୍. ଡ଼ି. ଉପାଧି ପାଇଲେ । ଫେରିଲେ । ୧୯୩୯ ମସିହା । ସେତେବେଳେ ଓଡ଼ିଶାରେ କଂଗ୍ରେସ ମନ୍ତ୍ରୀମଣ୍ଡଳ, ରେଭେନ୍‌ସା କଲେଜରେ ଅସ୍ଥାୟୀ ନିଯୁକ୍ତି ପାଇଲେ । ମାଟ୍ରିକ୍‌ଠାରୁ ଏମ୍. ଏ. ପର୍ଯ୍ୟନ୍ତ ସବୁ ସ୍ତରରେ କୃତୀ ଛାତ୍ର । ବିଲାତରୁ ପି. ଏଚ୍. ଡ଼ି. । ମାତ୍ର ପବ୍ଲିକ୍ ସର୍ଭିସ କମିଶନ ତାଙ୍କ ନାମ ସୁପାରିଶ କଲେ ନାହିଁ । ପୁଣି ଯାଇ ବନ୍ଧନ ବେସରକାରୀ ହାଇସ୍କୁଲରେ ଶିକ୍ଷକତା କଲେ । ବହୁ ଘାତପ୍ରତିଘାତ ଭିତରେ ଶେଷରେ ଗଙ୍ଗାଧର ମେହେର କଲେଜରେ ଅଧ୍ୟକ୍ଷ ହେଲେ ।

ଯେତେଦିନ ସେଠାରେ ଅଧ୍ୟକ୍ଷତା କରିଥିଲେ, ସେତିକି ତାଙ୍କ ଜୀବନର ଶ୍ରେଷ୍ଠ ଅଧ୍ୟାୟ । ଏ କଥା ସେ ବହୁବାର ବ୍ୟକ୍ତ କରିଛନ୍ତି । ତା'ପରେ ପୁଣି ଅପଯଶ ନିର୍ଯାତନା । ଲେଖନୀ କେବେ ସ୍ତମ୍ଭିତ ହୋଇନାହିଁ । ମାତ୍ର ବକ୍ରତା ପ୍ରକଟିତ ହୋଇଛି । ପ୍ରତିଭା କେବେହେଲେ କ୍ଷୁଣ୍ଣ ହୋଇନାହିଁ । ଲେଖନୀର ଧାରା ଭିନ୍ନ ମାର୍ଗରେ ପ୍ରସାରିତ ହୋଇଛି । ଅଳ୍ପଦିନତଳେ କଥାବାର୍ତ୍ତାରେ ଜଣେ ପଚାରିଲେ— ମାୟାଧରବାବୁ, ଲ ମିଜରେବଲରେ ଫାଣ୍ଟାଇନ୍‌ର କଥା ମନେ ଅଛି ? ଉତ୍ତର ଦେଲେ—ଯେଉଁ ମହୀୟସୀ ନାରୀ ନିଜର କନ୍ୟା କସେଟ୍‌କୁ ପତିତ ସମାଜରୁ ରକ୍ଷା କରିବା ପାଇଁ ନିଜର ଦାନ୍ତ ବିକି, ମଥାର କେଶ ବିକି, କଳଙ୍କିତ ପରିବେଷ୍ଟନୀରୁ ଦୂରେଇ ରଖିବାର ପ୍ରୟାସ କରେ, ସେ ଚରିତ୍ର କ'ଣ ପାଶୋରି ଯାଏ ?

ସାଧବ ଝିଅ ଏକ ଅନବଦ୍ୟ ରସ ସୃଷ୍ଟି । ସମଗ୍ର କାବ୍ୟରେ ଗୋଟିଏ ଯୁକ୍ତାକ୍ଷର ବାହାର କରି ପାରିବ ? କି ଚମତ୍କାର ଛନ୍ଦ ? ଭାଇକି ବନ୍ଧାଇବାକୁ ଆସିଥିଲା ସାଧବ ବାଳା । ଦୃଷ୍ଟି ପଡ଼ିଲା, ଭାଇଙ୍କ ପାଖରେ ତାଙ୍କର ବନ୍ଧୁ ଜଣେ ସୁଠାମ ଯୁବକ । ହାତରୁ ଖସିଲା ଫୁଲ-ହଳଦୀ; ହାତରୁ ଖସିଲା ଗୁଆଳ-ସରା । ମହାନଦୀରେ ଜ୍ୟୋତ୍ସ୍ନା ବିହାର କବିକୁ ଉଦ୍‌ବେଳିତ କରିଛି । ହୁଅନ୍ତା ଏହି ନିର୍ମଳା ରଜନୀ ଅସରା; ମୁଁ ଖୋଜୁଥାନ୍ତି ସତ୍ୟ ଶୁଭ୍ରତା'ରେ; ଏ ସୁନ୍ଦର ଜ୍ୟୋତ୍ସ୍ନା ତଳେ; ବାହି ଏ ତରଣୀ ମୃତ୍ୟୁପାଏ । ନ ଫେରେ ସେ ମହା ଅନ୍ଧକାରେ । ବିଗତ ଯୌବନା କୋଣାର୍କର ଜୀର୍ଣ୍ଣ ଦେହ ଭିତରେ କବିଙ୍କର ବିମୁଗ୍ଧ ନୟନ ଦେଖିଥିଲା ଅପରୂପ ବିଭବ । ଚନ୍ଦ୍ର ଜ୍ୟୋତ୍ସ୍ନାର ଶୀତଳ ସ୍ପର୍ଶରେ ସକଳ ଲାସ୍ୟ ମୂର୍ତ୍ତି ନୃତ୍ୟ ଭଙ୍ଗୀରେ ଉଦ୍ଭାସିତ ହୋଇ ଉଠିଥିଲେ ।

ପ୍ରତ୍ୟେକଟି କବିଙ୍କର ଅପରୂପ ସୃଷ୍ଟି, ଅଭିନବ ଅବଦାନ । କୌଣସି ତାଡ଼ନା, ନିର୍ଯାତନା, ବିପର୍ଯ୍ୟୟ ତାଙ୍କର ପ୍ରତିଭାକୁ ପ୍ରତିହତ କରିପାରି ନାହିଁ । ସେ ପ୍ରତିଭା ଜୀବନ୍ତ, ଭାସ୍ୱର, ଶାଶ୍ୱତ । ତା'ର କଣ ଅବସାନ ହୁଏ ?

Digitized by srujan ka@gmail.com

ମାନସିଂହ ସ୍ମରଣେ

ପ୍ରଫେସର ଗୋଲକବିହାରୀ ଧଳ

ନବମ ଶ୍ରେଣୀରେ ସାହିତ୍ୟ ସାର୍ ରାଧାନାଥଙ୍କ କବିତାର କେତେକାଂଶ ମୁଖସ୍ଥ କରିବା ପାଇଁ ଆମକୁ ବରାବର କହୁଥିଲେ । କିନ୍ତୁ ସାର୍‌ଙ୍କ ନୋ ଡାଗିବାରେ ଯାହାଙ୍କ କବିତା ଆମେ ଆପେ ଆପେ ମୁଖସ୍ଥ କରୁଥିଲୁ, ସେ ହେଉଛନ୍ତି କବି ମାନସିଂହ । ବିଶ ପାହାଡ଼ପେରି ସେ କାଳର ଗଡ଼ଜାତ ବ୍ରିଟିଶ ଓଡ଼ିଶା ଠାରୁ ବହୁତ ଦୂର ପରି ମନେ ହେଉଥିଲା । ତେଣୁ ମାନସିଂହଙ୍କୁ ଆମ୍ଭେମାନେ ବହୁତ ଦୂରରେ ଥିବା ଜଣେ କେହି ତରୁଣ କବି ବୋଲି କଳ୍ପନା କରୁଥିଲୁ । କିନ୍ତୁ ସେହି ମାନସିଂହ ନାଁଟି ଗୋଟିଏ ମାଜିକ ପରି ମନେ ହେଉଥିଲା, ସତେ ଯେମିତି କହ୍ଲାର ଆଲୁଅ, ମଳୟର ମଧୁପରଶ ।

ହଠାତ ଦିନେ ସମ୍ବାଦ ମିଳିଲା କବି ଆହୁରି ଦୂରକୁ ଯାଉଛନ୍ତି—ଯାଉଛନ୍ତି ବିଲାତ । ଆଜିକାଲିକା ବିଲାତ ନୁହେଁ, ସେକାଳ ବିଲାତ, ଯେଉଁକାଳେ ବିଲାତ ନାଁ ଶୁଣିଲେ ଲୋକେ ଆଁ କରି ପଡ଼ିଏ ରହିଯାନ୍ତି । ଆମ ରାଜ୍ୟରୁ ଅନ୍ନଦାଶଙ୍କର ଆଗରୁ ବିଲାତ ଯାଇଥାନ୍ତି, କବି ସାହେବ ହୋଇ ଫେରିଥାନ୍ତି, କିନ୍ତୁ ମାନସିଂହ କ'ଣ ହେବେ ଆମେ ଜାଣି ନ ଥାଉ । କେତେକାଳ ପରେ ସେହି ଦୂରର କବି ଆମକୁ ନିକଟର ବୋଲି ଜଣା ପଡ଼ିଲେ ଯେତେବେଳେ ସେ ଆମ ଘରପାଖ ଆଠଗଡ଼ ହାଇସ୍କୁଲରେ ହେଡ୍‌ମାଷ୍ଟର ହେଲେ । ସ୍କୁଲର ସବୁ ଛାତ୍ର ଏକ ପ୍ରକାର ଗେରୁଆ ଲୁଗା ପିନ୍ଧିବେ ବୋଲି ଯେତେବେଳେ ସ୍କୁଲରେ ନୋଟିସ ବାହାରିଲା, ସେତେବେଳେ ସେ ଅଞ୍ଚଳରେ ଚହଲ ପଡ଼ିଲା । ଢେଙ୍କାନାଳର ମହିମାଧର୍ମ ନା ଇଙ୍ଗ୍‌ଲିଶ ସ୍କୁଲର ୟୁନିଫର୍ମିଟି ! ତେବେ ସେ ଢେଙ୍କାନାଳ ରଙ୍ଗ କେତେ ଦିନ ରହିଲା ମୁଁ ଆଉ ଜାଣି ନାହିଁ । ବହୁତ ପରେ ଜାଣିଲି ମାନସିଂହ ଆଠଗଡ଼ରେ ଥିବାବେଳେ ତାଙ୍କ ପାଖରେ ତାଙ୍କର ଗୋଟିଏ କୁନିପୁଅ ଥିଲା, ସେ ଏବେ ଆଫଗାନିସ୍ଥାନର କାବୁଲ ସହରରେ ଭାରତୀୟ ଦୂତାବାସର ଫାଷ୍ଟ ସେକ୍ରେଟାରୀ ।

ଯେଉଁ ମାନସିଂହଙ୍କୁ ଆମେ ବହୁ ଦିନରୁ ଖୋଜୁଥିଲୁ, ତାଙ୍କୁ ଆମେ ପ୍ରଥମେ ଦେଖିଲୁ ରେଭେନ୍‌ସା କଲେଜରେ ଫାଷ୍ଟ ଇଅର କ୍ଲାସରେ । ସେତେବେଳେ କଲେଜ ଯାକରେ ଖୁବ୍ ବେଶି ହେଲେ ଚାରି ପାଞ୍ଚ ଜଣ ବିଲାତ ଫେରନ୍ତା, ଡକ୍ଟର ପଦର ଏତେ ଚହଲ ନ ଥାଏ । ତେଣୁ ଏକେ ତ କବି, ତହିଁରେ ପୁଣି ଡକ୍ଟର, ତହିଁରେ ପୁଣି ବିଲାତ ଫେରନ୍ତା, ଯୁଆଡ଼େ ଫେରିଲେ ଲୋକେ ହାତ

Digitized by srujan ka@gmail.com

ଦେଖାଇ ଚିହ୍ନାଇ ଦିଅନ୍ତି, 'ଏହି ମାନସିଂହ' । ବେଶ କବି ସୁଲଭ ଚେହେରା, ଭାବଭରା ଆଖି, ମନଖୋଲା ହସ । ସେ ମୋତେ ଆମର ଘର ପାଞ୍ଚଟି କ୍ଲାସ ନେଇଥିଲେ । ତା ପରେ ସେ କୁଆଡ଼େ ଗଲେ ଆମେ କିଛି ଜାଣିପାରିଲୁ ନାହିଁ ।

ଏହା ଭିତରେ ଡକ୍ଟର ମାନସିଂହଙ୍କୁ ବହୁ ବିପତ୍ତି, ଘାତ ପ୍ରତିଘାତ ଭିତରେ ପଡ଼ି ଉଠି ଯେତେବେଳେ ସମ୍ବଲପୁର କଲେଜରେ ପ୍ରିନ୍ସିପାଲ ଭାବରେ ଥାଇଲେ ସେତେବେଳେ ମୁଁ ବିଲାତରେ ଥାଏ । ମୋର ଯେତେବେଳେ ଫେରିବା ବେଳ ହେଲା ମୋତେ ଜଣାଇ ଦିଆଗଲା ଯେ, ମୁଁ ସମ୍ବଲପୁର କଲେଜରେ ମୋ ପୂର୍ବ ସ୍ଥାନରେ ରହିବି । ସେଇଠି ପିଲାଦିନର କବି, ଛାତ୍ରାବସ୍ଥାର ଶିକ୍ଷକଙ୍କ ସହିତ ସହକର୍ମୀ ଭାବରେ ଦେଖା ସାକ୍ଷାତ ହେଲା ଓ ତାଙ୍କ ପାଖରେ ଦୁଇ ତିନୋଟି ବର୍ଷ କଟିଲା ମଧ୍ୟ ।

କବିମାନେ ଯେମିତି ଭାବପ୍ରବଣ, ସେମିତି ସ୍ୱପ୍ନପ୍ରବଣ । ସେ କୌଣସି କଲେଜର ଜଣେ ସାଧାରଣ ପ୍ରିନ୍ସିପାଲ ପରି ମାନସିଂହ ନୁହନ୍ତି । ସେ ଜଣେ ବିଶିଷ୍ଟ ଆଦର୍ଶବାଦୀ ପ୍ରିନ୍ସିପାଲ । ସେ ସେଠି ଯେଉଁ କେତେ ବର୍ଷ ରହିଲେ ତା'ର ଭିତରେ ସମ୍ବଲପୁର କଲେଜକୁ ଏକ ଆଦର୍ଶ କଲେଜରେ ପରିଣତ କରିବାକୁ ଚେଷ୍ଟା କରିଥିଲେ । ପାଶ୍ଚାତ୍ୟ ଦେଶରେ ସେ ଶିକ୍ଷା ଲାଭ କରିଥିଲେ, ତେଣୁ ତାଙ୍କର ଚିନ୍ତାଧାରା ବହୁ ଭାବରେ ପାଶ୍ଚାତ୍ୟ ଚିନ୍ତାଧାରାରେ ଓତପ୍ରୋତ ଥିଲା ପରି ମନେ ହୁଏ । କଥା କଥାକେ ସେ କହନ୍ତି ଜଣେ ଇଂରେଜ ପିଲା, ଜଣେ ଆମେରିକାନ୍ ପିଲା ଯେଉଁ ପ୍ରକାର ଶିକ୍ଷା ପାଏ, ଯେଉଁ ଶିକ୍ଷା ପାଇ ସେ ବିଶ୍ୱବିଜୟୀ ହୁଏ, ଓଡ଼ିଆ ପିଲା ବା ଭାରତୀୟ ପିଲା କାହିଁକି ସେମିତି ନ ହୁଏ । ଛାତ୍ରଛାତ୍ରୀମାନଙ୍କ ପାଇଁ କେତେଗୁଡ଼ିଏ ଆଦର୍ଶ ନିୟମ ଗୋଟିଏ ବୋର୍ଡରେ ଲେଖାଇ କଲେଜରେ ଝୁଲାଇ ଦେଇଥାନ୍ତି । ତାକୁ ପଢ଼ି କେତେକ ହସନ୍ତି, କେତେକ ଚୁପ୍ ରହନ୍ତି, କିନ୍ତୁ ସେଗୁଡ଼ିକ ଅନାବଶ୍ୟକ ବୋଲି କେହି କେବେ କହନ୍ତି ନାହିଁ । ପିଲା କ'ଣ ଶିକ୍ଷକମାନଙ୍କ ପାଇଁ ମଧ୍ୟ କଲେଜ ହତାରେ ସିଗାରେଟ୍ ଇତ୍ୟାଦି ନ ଖାଇବା ପାଇଁ ଅନୁରୋଧ କରାଯାଇଥାଏ ।

'ରିଡ଼ରସ୍ ଡାଇଜେଷ୍ଟ'ରେ ସେ ସମୟରେ 'stay on stronger' ନାମରେ ଏକ ବହିର ସାରାଂଶ ବାହାରିଥାଏ । ଜଣେ ଆମେରିକାନ ମହିଳା ମିସେସ୍ ଆଲିସ୍ ଲିଏଡ୍ ନିଜ ଚେଷ୍ଟାରେ ଏକ ଅନୁନ୍ନତ ଅସଭ୍ୟ, ପାହାଡ଼ିଆ ଅଞ୍ଚଳକୁ କିପରି ଏକ ଭୂସ୍ୱର୍ଗରେ ପରିଣତ କରି ପାରିଥିଲେ ସେହି କାହାଣୀ ପଢ଼ି ସେ ଏତେ ମୁଗ୍ଧ ହୋଇଥିଲେ ଯେ 'ଗ୍ରାମୋନ୍ନତିର ପ୍ରେମାଞ୍ଜଳିର କାହାଣୀ' ନାମରେ ଏକ କ୍ଷୁଦ୍ର ପୁସ୍ତକ ଲେଖି ଛାତ୍ର ଓ ଶିକ୍ଷକମାନଙ୍କ ମଧ୍ୟରେ ଜାଗରଣ

Digitized by srujan ka@gmail.com

ସୃଷ୍ଟି କରିବା ପାଇଁ ଚେଷ୍ଟା କରିଥିଲେ । ଏହି ପ୍ରେମାଂଶୁକର କାହାଣୀକୁ ଦୃଷ୍ଟିରେ ରଖି ସେ ସମ୍ବଲପୁର ଗଙ୍ଗାଧର ମେହେର କଲେଜକୁ ଏକ ସ୍ୱୟଂ-ସଂପନ୍ନ ପରିବାରରେ ପରିଣତ କରିବାକୁ ଚେଷ୍ଟା କରିଥିଲେ । ସ୍ୱୟଂସଂପନ୍ନ 'ଅନୁଷ୍ଠାନ' ନ କହି ମୁଁ 'ପରିବାର' କହିବା ପାଇଁ ଚାହୁଁଛି । କାରଣ ବର୍ଷରେ ଥରେ କଲେଜର ସମସ୍ତ ଛାତ୍ରଛାତ୍ରୀ ଶିକ୍ଷକ ଓ ସେମାନଙ୍କର ପରିବାରକୁ ନେଇ ଯେଉଁ ବଣଭୋଜି ହେଉଥିଲା ତାହା ଅନ୍ୟ କୌଣସି କଲେଜରେ କେବେ ହୋଇଛି ବୋଲି ମୋର ମନେ ହୁଏ ନାହିଁ ।

ଗଙ୍ଗାଧର ମେହେର କଲେଜରେ ମାନସିଂହ ଯେତେ କାମ କରିଥିଲେ, କୌଣସି ଲୋକର ଦେଶପ୍ରୀତି, ଆନ୍ତରିକତା ଓ ଆଦର୍ଶ ନ ଥିଲେ କେହି କେବେ ତାହା କରିପାରିବେ ନାହିଁ । ଗୋଶାଳା, ପନିପରିବାର ଉଦ୍ୟାନ, କାଣ୍ଟିନ୍ ଷ୍ଟୋର ଏମିତି ଭାବରେ ଚାଲୁଥିଲା ଯେ କେହି ଶିକ୍ଷକ ମାସେ ଦୁଇମାସ ଦରମା ନ ପାଇ କଲେଜରୁ ଆବଶ୍ୟକୀୟ ଦ୍ରବ୍ୟ ଧାର ନେଇ ଚଳି ଯାଉଥିଲେ । ଜଣେ କବିଲୋକ ଏତେ ଦୈନନ୍ଦିନ କଥା କଳ୍ପନା କରି ତାକୁ କାର୍ଯ୍ୟକାରୀ କରିପାରିବା କଥା ନୁହେଁ । ମୁଁ ଭାବୁଥିଲି ମାନସିଂହ ସେତେବେଳେ ବେଶି କବିତା ଆଉ ନ ଲେଖି ଗଦ୍ୟ, ପାଠ୍ୟପୁସ୍ତକ, ସମାଲୋଚନା ଇତ୍ୟାଦିରେ ବ୍ୟସ୍ତ ଥିଲେ । ଗଦ୍ୟ ଲେଖକଙ୍କ ପାଦ ବୋଧହୁଏ ବେଶି ଭୂମିରେ ଥାଏ, କବିମାନେ ଉପରେ ଉଡ଼ନ୍ତି ଜ୍ୟୋତ୍ସ୍ନାରେ ଭାସନ୍ତି, ମଳୟ ପାନ କରନ୍ତି । କିନ୍ତୁ ମାନସିଂହ ଏତେବେଳକୁ ମାଟିକୁ ଓହ୍ଲାଇ ଆସି ସାରିଥିଲେ । ପିଲାମାନଙ୍କ ଭିତରେ ଆଦାନ ପ୍ରଦାନ ଓ ପରିବାର ସୁଲଭ ସ୍ନେହ ସହାନୁଭୂତି ଆଣିବା ପାଇଁ ସେ ବାହାରୁ ଆସିଥିବା ପିଲାମାନଙ୍କୁ ସ୍ଥାନୀୟ ପିଲାମାନେ ସେମାନଙ୍କ ଘରକୁ ଡାକିନେଇ ସୌହାର୍ଦ୍ଦ୍ୟ ସ୍ଥାପନ କରିବା ପାଇଁ ସ୍ଥାନୀୟ ପିଲାମାନଙ୍କୁ ଉପଦେଶ ଦେଉଥିଲେ । ଶିକ୍ଷାକୁ କେବଳ ପୁସ୍ତକ ପାଠରେ ସୀମିତ ନ ରଖି ଦୈନନ୍ଦିନ ଜୀବନରେ କାର୍ଯ୍ୟକାରୀ କରିବା ପାଇଁ ସେ ଖୁବ ଚେଷ୍ଟା କରୁଥିଲେ । ବ୍ୟକ୍ତିଗତ ଭାବରେ ସମ୍ବଲପୁରର ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ସହିତ ତାଙ୍କର ଘନିଷ୍ଠ ସଂପର୍କ ଥିଲା । ବାସ୍ତବରେ କିଛିକାଳ ପାଇଁ ମାନସିଂହ ଥିଲେ, କେବଳ ସମ୍ବଲପୁର ନୁହେଁ ପଶ୍ଚିମ ଓଡ଼ିଶାର ଶିକ୍ଷା ସଂସ୍କୃତିର ପ୍ରାଣକେନ୍ଦ୍ର ।

ପ୍ରିନ୍ସିପାଲ ମାନସିଂହ ଜଣେ ଅସାଧାରଣ ଲୋକ, ସରକାରୀ ଅଫିସରେ କଲେଜ ସମୟରେ ବସି ତାଙ୍କ କାବ୍ୟ କବିତା ବି ଲେଖୁଥାନ୍ତି । ଅନେକ ସମୟରେ ଅଫିସରେ ପଶିଗଲେ ଦେଖିବ ତଳକୁ ମୁହଁକରି ମାନସିଂହ ବସି କ'ଣ ଲେଖୁଛନ୍ତି । ତମେ ଠିଆ ହୋଇଛ ତାଙ୍କର ଆଦୌ ଧାରଣା ନାହିଁ । ମୁହଁଟେକି ତମକୁ ଚାହିଁଲେ ଓ ଚମକି ପଡ଼ିଲେ । ମନହେଲେ ତମକୁ ବସିବାକୁ କହିପାରନ୍ତି ନ କହି ବି ପାରନ୍ତି । ସେଥିପାଇଁ ଅନେକ ସମୟରେ ଲୋକେ ତାଙ୍କୁ

Digitized by srujan ka@gmail.com

ଭୁଲି ବି ବୁଝନ୍ତି । କିନ୍ତୁ ସେତେବେଳେ ସେ ସାଧାରଣ ଚେତନା ମଧ୍ୟରେ ବୋଧହୁଏ ନ ଥାନ୍ତି । ଅନେକ ସମୟରେ ତମେ କଥା କହୁଥିବ ସେ ଶୁଣୁଥିବେ, କିଛିକାଳ ପରେ ପୁଣି ଚମକିଉଠି ପଚାରିବେ 'ହଁ, କ'ଣ କହୁଥିଲ, ଟିକିଏ ଭୁଲିଗଲି ।

କଥା କଥାକେ ହସ, ହସିବେ ଯଦି ଘର ଫାଟି ପଡ଼ାଇବେ । ହସ, ମନଖୋଲା ହସ, ସରଳ ତରଳ କବି-ହୃଦୟର ହସ । ହସି ହସି ବେଳେ ବେଳେ ଆଖିରୁ ତାଙ୍କର ଲୁହ ଝରିପଡ଼େ । ପ୍ରିନ୍‌ସିପାଲ ହିସାବରେ ଅଧସ୍ତନ କର୍ମଚାରୀଙ୍କ କାର୍ଯ୍ୟର ମୂଲ୍ୟାୟନ କରିବା ଦୃଷ୍ଟିରୁ ସରକାରୀ 'ଗୁପ୍ତ ପଞ୍ଜିକା'ରେ ସେମାନଙ୍କର ଭଲ ମନ୍ଦ ଲେଖିବାକୁ ପଡ଼େ । ଲେଖନ୍ତି । କିନ୍ତୁ ଯାହାଙ୍କ ବିପକ୍ଷରେ ଲେଖନ୍ତି ସେମାନଙ୍କ ସହିତ ସାମାଜିକ ମିଳାମିଶାରେ ସେ ତ୍ରୁଟି କରନ୍ତି ନାହିଁ । ମୋର ଜଣେ ବନ୍ଧୁଙ୍କ ବିରୁଦ୍ଧରେ ଥରେ ସେ କଡ଼ାକରି ଲେଖିଥିଲେ । ମାତ୍ର ସେହି ବନ୍ଧୁ ଶେଷ ପର୍ଯ୍ୟନ୍ତ ମୋତେ ବରାବର ମାନସିଂହଙ୍କ ଭଲ ମନ୍ଦ ପଚାରୁ-ଥିଲେ ଓ କଟକ ଆସିଲେ ତାଙ୍କ ସଙ୍ଗେ ଦେଖା କରୁଥିଲେ ଓ ବରାବର କହୁଥିଲେ—Whatever they say, Mansing is a good soul. ତାଙ୍କ ମୃତ୍ୟୁରେ ଓଡ଼ିଶାରେ ଯେତେ ଲୋକ ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଦେଇଛନ୍ତି ସମସ୍ତେ ତାଙ୍କର ସରଳ ହୃଦୟତା ଓ ସହୃଦୟତା ବିଷୟରେ ଏକମତ ଛଡ଼ା ଦ୍ୱିମତ ପ୍ରକାଶ କରି ନାହାନ୍ତି ।

ମାନସିଂହ ରାଗିଗଲେ ଖୁବ୍ ବେଶି ରାଗି ପାରନ୍ତି ନାହିଁ । ଯଦି ଅଯଥା ବା ଅନ୍ୟାୟରେ ରାଗନ୍ତି, ପରେ ବୁଝାଇ ଦେଲେ ଶିଶୁ ସୁଲଭ ସରଳତାରେ ସବୁ ବୁଝିଯାଆନ୍ତି ଓ କ୍ଷମା ମାଗିବା ପାଇଁ ଆଦୌ ପଶ୍ଚାତ୍‌ପଦ ହୁଅନ୍ତି ନାହିଁ । କହନ୍ତି, 'ହଁ, ହୋଇଥିବ ମୁଁ ସେତେବେଳେ ବୁଝିପାରି ନ ଥିବି । ଏଥିରେ ଏତେକଥା ଅଛିବୋଲି ମୁଁ ଜାଣି ନ ଥିଲି, ମୋତେ ତ ଅନ୍ୟମାନେ ଅନ୍ୟପ୍ରକାର କଥା କହିଥିଲେ । ଆଚ୍ଛା ହଉ, ଏବେ ମୁଁ ବୁଝିଗଲି । ଏହି ହେଲା ମାନସିଂହ ମନୋବୃତ୍ତି । କବି ଲୋକ ନା, ସହଜରେ ଜାଲରେ ପଡ଼ନ୍ତି ।

ଶିକ୍ଷାର ଉନ୍ନତି ପାଇଁ ମାନସିଂହ ତାଙ୍କ ଦୃଷ୍ଟିକୋଣରୁ ବିଚାର କଲାବେଳେ ବ୍ୟକ୍ତିଗତ ବିଚାର ଆଦୌ କରନ୍ତି ନାହିଁ । ଯାହା ଅନେକଙ୍କୁ ଖୁବ୍ ବ୍ୟକ୍ତିଗତ ବୋଲି ମନେହୁଏ ସାଧାରଣ ନିୟମର ତାଡ଼ନାରେ ସେ ତାହା କରିଥାନ୍ତି ଓ ସେଥିପାଇଁ ଭୟଙ୍କର ଅପ୍ରିୟତା ଅର୍ଜନ କରିଥାନ୍ତି । ଶିକ୍ଷା ବିଷୟରେ ସେ ଯେତେବେଳେ ଯାହା ଭାବିଛନ୍ତି, ତାକୁ ସେ ଦୃଢ଼ କଣ୍ଠରେ କହିଛନ୍ତି ଲୌହ କଲମ ଚାଳରେ ଲେଖି ଯାଇଛନ୍ତି । ଓଡ଼ିଶାର କୌଣସି ପ୍ରିନ୍‌ସିପାଲ ଶିକ୍ଷା ବିଷୟରେ ନିଜ ଦୃଷ୍ଟିକୋଣରୁ ପୁସ୍ତକ ଲେଖିବାର ମୁଁ ଜାଣେନାହିଁ ।

Digitized by srujan ka@gmail.com

ମାନସିଂହଙ୍କର ସବୁଠୁ ବଡ଼ କଥା ତାଙ୍କ ସ୍ୱାଧୀନ ଚେତନା । ଶିକ୍ଷା, ସମାଜ, ସଂସ୍କୃତି ଯେ କୌଣସି ବିଷୟରେ ନିଜର ସ୍ୱାଧୀନ ମତ ପ୍ରଖ୍ୟାପନ କରିବା ପାଇଁ ସେ କେବେ ଡରନ୍ତି ନାହିଁ । ଲୋକପ୍ରତିନିଧି ହୋଇ, ମନ୍ତ୍ରୀ, ଏମ୍. ଏଲ୍. ଏ. ହୋଇ ଲଗାମଛଡ଼ା ହୋଇ କଥା କହିବା ଭିନ୍ନ କଥା । କିନ୍ତୁ ସରକାରୀ ଚାକିରି କରି ଛପାଇ କରି ନିଜର ସ୍ୱାଧୀନ ଚିନ୍ତାକୁ ପ୍ରଚାର କରିବା ସହଜ ନୁହେଁ । ତଥାକଥିତ ସ୍ୱାଧୀନ ଲୋକେ ବହୁ ଭାବରେ ପରାଧୀନ । ଚୁପ୍‌ରହି ପାଟି ନ ଫିଟାଇ, ଯେଉଁଆଡ଼କୁ ବର୍ଷା ସେହି ଆଡ଼କୁ ଛତା ଦେଖାଇ, ପରର ଅନ୍ୟାୟ କଥାକୁ ନ୍ୟାୟ ବୋଲି ସ୍ୱୀକାର କରି ସରକାରୀ ସିଡ଼ିରେ ଉପରକୁ ଉଠିବାର ଅଭ୍ୟାସ ମାନସିଂଙ୍କର ନ ଥିଲା । ଶିକ୍ଷା ବିଭାଗରେ ଚାକିରି କରି ଡି. ପି. ଆଇ. ଠାରୁ ଆରମ୍ଭ କରି ସେକ୍ରେଟାରୀ, କମିଶନର, ଶିକ୍ଷାମନ୍ତ୍ରୀ, ମୁଖ୍ୟମନ୍ତ୍ରୀ କାହାକୁ କେବେ ସେ ଛାଡ଼ି ନାହାନ୍ତି, କିମ୍ବା ତାଙ୍କୁ ବି କେହି ଛାଡ଼ି ନାହାନ୍ତି । ସେଇଥି ପାଇଁ ମାନସିଂ ସରକାରୀ ଚାକିରି ସିଡ଼ିରେ ଯେତିକି ଚଢ଼ିଛନ୍ତି, ସେତିକି ପଡ଼ିଛନ୍ତି, ଇଲାକା ହେଲେ ବି କାହା ପାଖରେ ପ୍ରସାଦ ଭିକ୍ଷା କରି ନାହାନ୍ତି । ଜେନେରାଲ କାଉଲ ବେଳେବେଳେ ମନ୍ତ୍ରୀଙ୍କ ଉପରକୁ ଫାଇଲ ଫିଙ୍ଗିଛନ୍ତି, କିନ୍ତୁ ତାଙ୍କ ପଛରେ ଥିଲା ପ୍ରଧାନମନ୍ତ୍ରୀଙ୍କ ରୁଚି, କିନ୍ତୁ ମାନସିଂହ କାହା ବଳରେ ସରକାରୀ ଅନ୍ୟାୟ ବିରୁଦ୍ଧରେ ଛିଡ଼ା ହେଉଥିଲେ ମୁଁ ଜାଣେ ନାହିଁ, ତେବେ ତାହା ତାଙ୍କର ଏକ ସ୍ୱଭାବସିଦ୍ଧ ସ୍ୱାଧୀନ ଚେତନା, ଯାହାକୁ ପ୍ରକାଶ କରିବା ପାଇଁ ସେ ଆଗପଛ କିଛି ଦେଖୁ ନ ଥିଲେ । ଯେଉଁ କଥା ଅନେକ ଲୋକ କହିବେ ବୋଲି ଭାବୁଥିବେ କିନ୍ତୁ କହିପାରୁ ନ ଥିବେ, ଦିନେ ଦେଖିଲାବେଳକୁ ମାନସିଂହ ତାକୁ କାଗଜରେ ବାହାର କରି ସାରିଥିବେ । କାହା ମୁହଁକୁ ନ ଅନାଇ, ଆଗକୁ ପଛକୁ ନ ଦେଖି ଭାବମୟ ଶୈଳୀରେ ବେଳେବେଳେ ସିଧାସଳଖ ଭାବରେ ଲେଖି ଦେଇଥିବେ । ତାଙ୍କ ଭାଷାରେ କର୍ତ୍ତାକୁ ଲୁଚାଇ କର୍ମବାଚ୍ୟରେ ଲେଖିବାର କୌଶଳ ନ ଥାଏ, ସବୁପ୍ରାୟ କର୍ତ୍ତୃବାଚ୍ୟ ସିଦ୍ଧବାକ୍ୟ ଯେଉଁଥିରେ 'ମୁଁ' 'ଏହି ଲେଖକ' ସବୁବେଳେ କର୍ତ୍ତା ଭାବରେ ସ୍ପଷ୍ଟାକ୍ଷରରେ ଲେଖାଥାଏ । ଯାହା ଲେଖାଥାଏ ସବୁ କବି ହୃଦୟର ଅନର୍ଗଳ ଉଦ୍‌ଗାର । ଯାହା ଅନର୍ଗଳ, ଯାହା ନିର୍ବାଧ, ତାହା ଅନେକଙ୍କୁ ଆଘାତ ଦେବ ଏଥିରେ ସନ୍ଦେହ ନାହିଁ । କିନ୍ତୁ ବର୍ଷାପରେ ବନ୍ୟା ଛାଡ଼ିଗଲେ ଲୋକେ ବନ୍ଧ ପକାଇ ଦେବାର ବ୍ୟବସ୍ଥା କରନ୍ତି, କିନ୍ତୁ ବନ୍ଧ କ'ଣ କେବେ ବନ୍ୟାକୁ ରଖେ ?

ମାନସିଂହଙ୍କର ଏହିପରି ଲେଖା ବାହାରିଲେ ପରେ ମଜା ହୁଏ । ସେ ତ ଲେଖିଦେଇ ଚୁପ୍ ହୋଇ ବସନ୍ତି । କିନ୍ତୁ ତାର ଯାହା ପ୍ରତିକ୍ରିୟା ହୁଏ ସେଥିପାଇଁ ଆତ୍ମୀୟସ୍ୱଜନ, ଶୁଭେଚ୍ଛୁ ନାନା ଭାବରେ ବ୍ୟସ୍ତ ହୋଇ ଉଠନ୍ତି । ଏ ଯେଉଁ ସ୍ୱର୍ଗ କେତେବେଳେ କେଉଁ ବିପତ୍ତି ପଡ଼ିବ, କିଏ ଜାଣେ ? ଘର ଭିତରେ ଟିଲିଟିଏ

Digitized by srujan ka@gmail.com

ଭଲ ଜିନିଷଟିଏ ଖର୍ଚ୍ଚ ଦେଲେ, ଘରେ ମା ବାପ ଭାଇ ଭଉଣୀ ସମସ୍ତେ ପାଟିତୁଣ୍ଡ କରନ୍ତି, ଗାଳି ଦିଅନ୍ତି, ବ୍ୟସ୍ତ ହୁଅନ୍ତି କିନ୍ତୁ ପିଲାଟି କିଛି ନ ଜାଣିଲା ପରି ବସି ଦେଇ ମୁଣ୍ଡ କୁଣ୍ଡାଇ ହେଉଥାଏ । ମାନସିଂହ ସେମିତି ଟେକି ଦେଇ ଚୁପ୍ ହୋଇ ବସିଥାନ୍ତି । ବାପ ଅଜା ସିଂହ ଥିଲେ ବୋଲି ପଢ଼ା ଘରେ ଖଣ୍ଡାପଟେ ଓହଳିଥାଏ । ସେଥିରେ ଯେଉଁ କଳଙ୍କ ଲାଗିଥାଏ, ସେହି କଳାରେ କଲମ ଚଷୁଥାନ୍ତି ମାନସିଂହ, ଖଣ୍ଡାରେ ଯୁଦ୍ଧ ନ ହୋଇ କଲମ ମୁନରେ ଚାଲିଥାଏ ସଂଗ୍ରାମ । ସତ୍ୟ ସୌନ୍ଦର୍ଯ୍ୟ ଓ ଆଦର୍ଶର ଏକନିଷ୍ଠ ପୂଜାରୀ ମାନସିଂହ ଜଣେ ଅଦ୍ୱିତୀୟ ସଂଗ୍ରାମୀ ଲେଖକ ।

ଓଡ଼ିଆ କଳା, ସାହିତ୍ୟ, ସଂସ୍କୃତିର ରାଜଦୂତ ଥିଲେ ଡକ୍ଟର ମାନସିଂହ । ଏନ୍‌ସାଇକ୍ଲୋପେଡ଼ିଆ ବ୍ରିଟାନିକାଠାରୁ ଇଲଷ୍ଟ୍ରେଟେଡ୍ ୱିକ୍ଲି ପର୍ଯ୍ୟନ୍ତ ଅନେକ ବାହାର କାଗଜରେ ଓଡ଼ିଶା ବିଷୟରେ ସେ ଇଂରେଜିରେ ଲେଖାଲେଖି କରୁଥିଲେ ଓ ସେହି ସୂତ୍ରରେ ଆମକୁ ସେ ବାହାରେ ପରିଚିତ କରାଇବା ପାଇଁ ଉଦ୍ୟମ କରୁଥିଲେ । ସେହି ସୂତ୍ରରେ ସେ ମୁଲକରାଜ ଆନନ୍ଦ ଓ ଚାର୍ଲସ ଫାବ୍ରି ପ୍ରଭୃତି ଦେଶୀ ବିଦେଶୀ କଳାକାରମାନଙ୍କର ଆଜୀବନ ବନ୍ଧୁ ହୋଇ ରହିଥିଲେ ।

ଓଡ଼ିଶାରେ ଦୁଇଜଣ ନିରବଚ୍ଛିନ୍ନ ବାଣୀସାଧକଙ୍କ କଥା ମୋର ସବୁବେଳେ ମନେପଡ଼େ, ଜଣେ ଡକ୍ଟର ଆର୍ତ୍ତବଲ୍ଲଭ ମହାନ୍ତି, ଆଉ ଜଣେ ଡକ୍ଟର ମାନସିଂହ । ଯେତେବେଳେ ଗଲେ ଦେଖେ ବହୁ ଶାରୀରିକ ଅସୁସ୍ଥତା ସତ୍ତ୍ୱେ ଡକ୍ଟର ଆର୍ତ୍ତବଲ୍ଲଭ ମହାନ୍ତି ପଢ଼ୁଥାନ୍ତି । ମାନସିଂହଙ୍କ ପାଖକୁ ଗଲେ ସେ ପଢ଼ୁଥାନ୍ତି ନଚେତ୍ ଲେଖୁଥାନ୍ତି । ତାଙ୍କ ସମ୍ବଲପୁର ରହଣୀବେଳେ ମୁଁ ଦେଖିଛି ଅନେକ ସମୟରେ ସେ ଠିଆ ହୋଇ ଗୋଟାଏ ଲେକ୍‌ଟର ଡେସ୍କ ଉପରେ ଲେଖାଲେଖି କରୁଥାନ୍ତି କିମ୍ବା ବହି ପକାଇ ପଢ଼ୁଥାନ୍ତି । ନିରବଚ୍ଛିନ୍ନ ସାରସ୍ୱତ ସାଧନା ଚାଲିଥାଏ ।

ଡକ୍ଟର କୁଞ୍ଜବିହାରୀ ଦାଶଙ୍କ ଭାଷାରେ ମାନସିଂହ ଏ ଜାତିକୁ ଦେଇଛନ୍ତି ବେଶୀ, ପାଇଛନ୍ତି କମ୍ । ପାଇବା ଲୋକ ତ ସମସ୍ତେ ଦେବା ଲୋକ ଦୁନିଆରେ କେତେଜଣ ? ଦେଇ ନ ପାଇଥିବା କେତେଜଣଙ୍କ ଭିତରେ ମାନସିଂହ ନିଶ୍ଚିତ ଭାବରେ ଜଣେ । ମାନସିଂହ ଗଲେ, ଗୋଟାଏ ଯୁଗ ଗଲା ।

ଦଶରା ଛୁଟି ପୂର୍ବରୁ ମାନସିଂହଙ୍କ ପାଖକୁ ଖଣ୍ଡିଏ ବହି ପଠାଇ ଦେଇଥିଲି, ଭାବିଥିଲି ଫେରିଲା ପରେ ତାଙ୍କ ସଙ୍ଗେ ଆଲୋଚନା କରି ବହିଟି ଫେରାଇ ଆଣିବି । କିନ୍ତୁ ସାତ ଦିନ ପରେ ଫେରିଲାବେଳକୁ ସେ ନ ଥିଲେ । ଏଇ ତ ସଂସାର ।

ଏକ ସାର୍ଥକ ଜୀବନ

ଅଧ୍ୟାପକ ଡକ୍ଟର ବୈଦ୍ୟନାଥ ମିଶ୍ର

ଡକ୍ଟର ମାନସିଂହଙ୍କର ପ୍ରତିଭା ପୂଜା କରିବାର ପ୍ରତିଭା ମୋର ନାହିଁ । ସେ କବି ଓ ସାହିତ୍ୟିକ ହିସାବରେ ଓଡ଼ିଆ ସାହିତ୍ୟ ବାଣୀ-ଭଣ୍ଡାରକୁ ଯେପରି ସମୃଦ୍ଧ କରିଯାଇଛନ୍ତି, ତାହା କେବଳ ଗୁଣବନ୍ତମାନେ ଅନୁଭବ କରିପାରିବେ । ଭ୍ରମର ପରି ଫୁଲରୁ ମଧୁ ସଂଗ୍ରହ କରିପାରେ, ଗୋବରପୋକର ସେ ଶକ୍ତି ଆସିବ କୁଆଡୁ ! ଉଦ୍ୟମ କରି କେହି କବି ହୁଅନ୍ତି ନାହିଁ, ହେଲେ ମଧ୍ୟ ନିଜର କୃତିଦ୍ୱାରା କବିତା ରାଜ୍ୟରେ ନିଜର ଶ୍ରେଷ୍ଠତ୍ୱ ପ୍ରତିପାଦନ କରିପାରିଲେ ନାହିଁ । ମାୟାଧର ବାବୁ ଥିଲେ ଉତ୍କଳଭାରତୀର ଏକ ବରେଣ୍ୟ କୀର୍ତ୍ତିଧର । ତାଙ୍କର ଲେଖନୀ ସାରସ୍ୱତ କ୍ଷେତ୍ରରେ ଯେଉଁ ମଧୁ ବର୍ଷିଯାଇଛି, ତାହା ଶୁଖିବାର ନୁହେଁ । ଯେଉଁମାନେ ତାଙ୍କୁ ଜୀବଦ୍ଦଶାରେ ଲାଞ୍ଛନା ଓ ଅବମାନନା କରିଛନ୍ତି, ସେମାନେ ମଧ୍ୟ ଏବେ ତାଙ୍କର ତେଜସ୍ୱୀ ପ୍ରତିଭାରେ ମ୍ରିୟମାଣ ହୋଇ, ତାଙ୍କ ପ୍ରତି ଅନୁପ୍ରାଣିତ ହୋଇଛନ୍ତି, କିନ୍ତୁ ଯେଉଁମାନେ ତାଙ୍କର ଗୁଣରେ ମୁଗ୍ଧ ହୋଇଛନ୍ତି, ପ୍ରତିଭାରେ ଆକୃଷ୍ଟ ହୋଇଛନ୍ତି, ସେମାନେ ଏବେ ଅବସନ୍ନ । ଓଡ଼ିଆ ସାହିତ୍ୟ ଗଗନରୁ ଯେପରି ଏକ ଯୁଗ ଲିଭିଯାଇଛି । ଏଣିକି ସାହିତ୍ୟିକମାନେ ମାୟାଧର ବାବୁଙ୍କ ଲିଖିତ କାବ୍ୟ, କବିତା ଓ ପ୍ରବନ୍ଧର ମୂଲ୍ୟାଙ୍କନ କରିବେ । ସେଥିପାଇଁ ଆମ ରାଜ୍ୟରେ ଅନେକ ସମାଲୋଚକ ଅଛନ୍ତି । କିନ୍ତୁ ମାୟାଧର ବାବୁଙ୍କର କବିତା ଓ କାବ୍ୟ କେହି ସୃଷ୍ଟି କରିପାରିବେ ନାହିଁ । ରୂପ, ରସ, ଛନ୍ଦରେ ତାଙ୍କର କବିତା ଥିଲା ପ୍ରାଣବନ୍ତ । ଜଣେ ଇଂରେଜ କବି କହିଛନ୍ତି ଯେ କବିତା ପାଇଁ ବିଷୟବସ୍ତୁ ଦରକାର ନାହିଁ । ଦରକାର ଏକ ସୌନ୍ଦର୍ଯ୍ୟ-ପ୍ରବଣ ହୃଦୟ । ସେ ହୃଦୟ ଆଉ ମିଳିବ ନାହିଁ । ସେଲି ଗାଇଛନ୍ତି, 'A poet is a nightingale who sits in darkness and sings to cheer its own solitude with sweet sounds'! ମାୟାଧର ବାବୁ ସେଲିଙ୍କ ପରି ଅନ୍ଧାରରେ ବସି ସୁମଧୁର ସ୍ୱରରେ ଗୀତ ବୋଲିଛନ୍ତି

Digitized by srujan ka@gmail.com

ନିଜର ନୀରବତାକୁ ଉପଭୋଗ କରିବା ପାଇଁ କିନ୍ତୁ ସେଥିରେ ଅନ୍ୟମାନଙ୍କ ପ୍ରାଣରେ ସ୍ୱଗପତ୍ ଆନନ୍ଦ ସୃଷ୍ଟି କରିଛନ୍ତି । ଏବେ କୋକିଳ ଚାଲିଯାଇଛି, ଗୀତ ଟେପ୍ ରେକର୍ଡ ହୋଇ ରହିଛି । ଟେପ୍ ରେକର୍ଡ ବଜେଇ ଆମେ ସେ ଗୀତ ଶୁଣି ପାରିବୁ । ସେ ସୁମଧୁର କଣ୍ଠର ସଙ୍ଗୀତ ଭୁଲି ହେବ ନାହିଁ । କିନ୍ତୁ କୋକିଳ ଆଉ ନୂତନ ଗୀତ ବୋଲି ପାରିବ ନାହିଁ । ସେହି ଅଭାବ ଆମେ ସମସ୍ତେ ଅନୁଭବ କରିବୁ ।

କିନ୍ତୁ ବ୍ୟକ୍ତିଗତ ଭାବେ ମୁଁ ଅନୁଭବ କରିବି ମାୟାଧର ବାବୁଙ୍କ ଅଭାବ, କାରଣ ଆମେ ଦୁହେଁ ଏକ ଯୋଜନା କରିଥିଲୁ, ଯାହାକି ଏ ପର୍ଯ୍ୟନ୍ତ ପୂରଣ ହୋଇ ପାରିନାହିଁ । ଗାନ୍ଧି ଶତବାର୍ଷିକୀ କମିଟି ତରଫରୁ ଯେଉଁ ସାହିତ୍ୟ ସବ୍ କମିଟି ଗଠନ କରାଯାଇଥିଲା ଗାନ୍ଧି ସାହିତ୍ୟ ରଚନା କରିବା ପାଇଁ ତାର ଥିଲେ ସେ ସଭାପତି ଓ ମୁଁ ଥିଲି ସଂପାଦକ । ସେଥିପାଇଁ ଆମେ ଦୁହେଁ ପ୍ରାୟ ଦେଢ଼ବର୍ଷ ଏକାଠି କାମ କରିଛୁ । ବିନା ସରକାରୀ ସାହାଯ୍ୟରେ ପ୍ରାୟ ୨୦ ଖଣ୍ଡି ବହି ପ୍ରକାଶ କରିବାର ସୌଭାଗ୍ୟ ଅର୍ଜ୍ଜନ କରିଛୁ । ଏଥିରେ ମାୟାଧର ବାବୁଙ୍କର ଉତ୍ସାହ ଓ କର୍ମପ୍ରେରଣା ଦେଖି ମୁଁ ସ୍ତମ୍ଭୀଭୂତ ହୋଇଯାଇଛି । ବୟସରେ ସେ ମୋଠାରୁ ବହୁତ ବଡ଼ । କିନ୍ତୁ ଉତ୍ସାହରେ ମୁଁ ତାଙ୍କ ସହିତ ସମସ୍କନ୍ଧ ହୋଇ ପାରି ନାହିଁ । ସାହିତ୍ୟ କମିଟି ତରଫରୁ ଯେତେ ପୁସ୍ତକ ପ୍ରକାଶ ପାଇଛି, ସବୁଟିର ବିଷୟବସ୍ତୁ ମୁଁ ଦେଖିଛି, ସେ ଦେଖିଛନ୍ତି ଭାଷା ଓ ଭାବ । ଆମ ଭିତରେ ପ୍ରଥମରୁ ଏହି କର୍ମବଣ୍ଟନ ହୋଇଥିଲା । ଗୋଟିଏ ଗୋଟିଏ ବହି ସେ ମୂଳରୁ ଶେଷ ପର୍ଯ୍ୟନ୍ତ ସଂଶୋଧନ କରିଛନ୍ତି, ବିନା ଦ୍ୱିଧାରେ, ବିନା ଅହମିକାରେ । ସେ ବହିଗୁଡ଼ିକର ପାଣ୍ଡୁଲିପି ପଢ଼ି କିପରି ଅଭିଭୂତ ହୁଅନ୍ତି, ତାହା ନ ଦେଖିଲେ ବିଶ୍ୱାସ କରି ହେବ ନାହିଁ । କବିମାନେ ଭାବପ୍ରବଣ ବୋଲି ସମସ୍ତେ କହନ୍ତି, କେତେକ ଭାବ-ପ୍ରବଣ ହେବାକୁ ଚେଷ୍ଟା କରନ୍ତି, କିନ୍ତୁ ମାୟାଧର ବାବୁ ଥିଲେ ପ୍ରକୃତ ଭାବପ୍ରବଣ ଯାହାଙ୍କର ଅନ୍ତରରୁ ରସର ଉଚ୍ଛ୍ୱାସ ବହୁଥିଲା । ତାଙ୍କର ହୃଦୟରେ ଥିଲା ନିଷ୍କଳଙ୍କ ପ୍ରେମ, ସେ ଗାନ୍ଧି ଓ ବିନୋବାଙ୍କର ପ୍ରତ୍ୟେକ କଥା ଶୁଣି ଅଭିଭୂତ ହୋଇଯାଉଥିଲେ ।

ଗାନ୍ଧି ସାହିତ୍ୟ କମିଟି ତରଫରୁ ଯେଉଁ ସବୁ ପୁସ୍ତକ ପ୍ରକାଶ ପାଇଛି, ସେଥିରୁ ଅଧିକାଂଶରେ ମାୟାଧର ବାବୁ ଲେଖିଛନ୍ତି ମୁଖବନ୍ଧ । ପ୍ରତ୍ୟେକଟି ମୁଖବନ୍ଧ ସ୍ୱତନ୍ତ୍ର, ଭାଷାବିଭବ ଓ ଅର୍ଥଗୌରବରେ ଅନବଦ୍ୟ ରସସୃଷ୍ଟି । ସେଗୁଡ଼ିକ ତ ପ୍ରବନ୍ଧ ନୁହେଁ, କବିତା । ମୁଁ ପ୍ରାୟ ଦିନେ ଛଡ଼ା ଦିନେ ଭୁବନେଶ୍ୱରରୁ କଟକ ତାଙ୍କ ପାଖକୁ ଯାଏ, ପୁସ୍ତକର ବିଷୟବସ୍ତୁ ଓ ଲେଖକ ବିଷୟରେ ଆଲୋଚନା କରେ । ଯେତେବେଳେ ଗୋଟିଏ ପାଣ୍ଡୁଲିପି ହାତକୁ ଆସିଯାଏ,

Digitized by srujan ka@gmail.com

ସେତେବେଳେ ତାଙ୍କର ମନରେ ଅପୂର୍ବ ଆନନ୍ଦର ଝଟକା ଖେଳିଯାଏ । ମାୟାଧର ବାବୁ ହସି ହସି କହନ୍ତି, ଏଇଥିରେ ଆମେ କହିବା, ବୈଦ୍ୟନାଥ ବାବୁ ! ଆପଣ ଲାଗିପଡ଼ନ୍ତୁ, ଗାନ୍ଧିଶତବାର୍ଷିକୀରେ ଆମର କାମ ହିଁ ଚିରଦିନ ଉଦ୍ଭାସିତ ହୋଇ ରହିବ । ତାଙ୍କର କଥା ଶୁଣି ପିଲାଦିନେ ପଢ଼ିଥିବା ଲଙ୍ଗଫେଲୋଙ୍କର କେତୋଟି କବିତା ଧାଡ଼ି ମୋର ମନେ ପଡ଼େ ।

'Each morning sees some task begun,
Each evening sees it close;
Something attempted, something done,
Has earned a nights repose !

ପ୍ରତ୍ୟେକ ଦିନ କିଛି ଏ ଢଙ୍ଗରେ କାମ ହେଉ, ତା'ହେଲେ ଆମର ଜୀବନ ସାର୍ଥକ ହେବ । ମୁଁ ଅନେକ ସମୟରେ ମାୟାଧର ବାବୁଙ୍କୁ ଦୁଃଖ କରି କହେ, ଯେ କାମ ଆଗେଇ ପାରୁନାହିଁ । ଯେଉଁମାନଙ୍କଠାରୁ ସାହାଯ୍ୟ ଓ ସମର୍ଥନ ମିଳିବାର କଥା, ସେମାନଙ୍କଠାରୁ ମିଳୁନାହିଁ । ମୁଁ ଭାଙ୍ଗିପଡ଼େ, ଅନ୍ୟମାନଙ୍କ ବିରୁଦ୍ଧରେ ଅଭିଯୋଗ କରେ, କିନ୍ତୁ ମାୟାଧର ବାବୁ ମ୍ରିୟମାଣ ହୁଅନ୍ତି ନାହିଁ । ସେ ଜୀବନରେ କେତେ ଘାତ ଓ ପ୍ରତିଘାତ ଦେଇ ଯାଇଛନ୍ତି, ଏଇ ସାମାନ୍ୟ କଥାରେ ଭାଙ୍ଗି ପଡ଼ିବେ କିପରି । ମତେ ଉତ୍ସାହ ଦେଇ କହନ୍ତି, ଆମେ କର୍ତ୍ତବ୍ୟ କରିଯିବା । କର୍ତ୍ତବ୍ୟ ହିଁ ଆମର ଏକମାତ୍ର ବ୍ରତ, କର୍ତ୍ତବ୍ୟ କରିବା ଯେ ପର୍ଯ୍ୟନ୍ତ ଆମର ଶିରା ଓ ପ୍ରଶିରାରେ ସ୍ପନ୍ଦନ ଥିବ । ଯାହାଙ୍କୁ ଏକ କାମ ମିଳିଛି, ସେଥିରେ ସେ ଖୁସି ହେଉ, ସେ ଅନ୍ୟ କୌଣସି ଅନୁଗ୍ରହ ନ ଖୋଜୁ ।

ଆମେ କିଛି କାମ କରୁ ସତ, କିନ୍ତୁ ଆମର ଅଭିଳାଷ ପୂରଣ ହୋଇ ପାରିଲା ନାହିଁ । ଯୋଜନା ମଝିରେ ଅଟକିଗଲା । ଶତବାର୍ଷିକୀରେ ଶହେ ଖଣ୍ଡି ପୁସ୍ତକ ବାହାର କରିବୁ ବୋଲି ଠିକ୍ କରିଥିଲୁ । ତାର ପଞ୍ଚମାଂଶରୁ ଆଗେ ହେଲା । ଅବଶ୍ୟ ଆମ ଉଦ୍ୟମରେ ପ୍ରୋତ୍ସାହିତ ହୋଇ ଅନ୍ୟ କେତେକ ପୁସ୍ତକ ଏ ସମ୍ବନ୍ଧରେ ପ୍ରକାଶ କଲେ । କିନ୍ତୁ ଅପ୍ରତ୍ୟାଶିତ ଭାବରେ ସାହିତ୍ୟ କମିଟିର ମୁଣ୍ଡି ମାରି ଦିଆହେଲା । ତାପରେ ମାୟାଧର ବାବୁଙ୍କ ସହିତ ସଭା ଓ ସମିତିରେ ଅନେକ ଥର ଦେଖା ହୋଇଛି । ସେ ସବୁଥର ଗୋଟିଏ କଥା ପଚାରିଛନ୍ତି, ଆମର ପ୍ରକାଶିତ ପୁସ୍ତକ ଅଛପା ରହିଗଲା । କିପରି ଏଗୁଡ଼ିକ ଲୋକ-ଲୋଚନକୁ ଆସିବ । ମୁଁ ଉତ୍ତର ଦିଏ, ଆମର କର୍ତ୍ତବ୍ୟ ସରିଛି, ଆପଣଙ୍କ ଭାଷାରେ ସେତିକିରେ ଆମେ ସନ୍ତୁଷ୍ଟ ହେବା ଉଚିତ । ଏଣିକି ଅନ୍ୟମାନେ ପ୍ରସ୍ତର କାମ କରନ୍ତୁ । ସେ କହନ୍ତି, କାମର କେତେବେଳେ ଶେଷ ନାହିଁ । ଯେଉଁ କାମ ଆରମ୍ଭ

Digitized by srujan ka@gmail.com

କରିଛେ, ସେହି କାମ ଶେଷ କରିବା ଆମର କର୍ତ୍ତବ୍ୟ । ଅଙ୍ଗପ୍ରତ୍ୟଙ୍ଗ ଶିଥିଳ ହେବା ପର୍ଯ୍ୟନ୍ତ ଆମକୁ କାମ କରିବାକୁ ପଡ଼ିବ । ନିଜ ସାଧନାର ସିଦ୍ଧି ହାସଲ କରିବା ପାଇଁ ।

ଯେ ସିଦ୍ଧି ହାସଲ କରିଛନ୍ତି, କିନ୍ତୁ ତାଙ୍କର କର୍ତ୍ତବ୍ୟ ପୂରଣ ହୋଇନାହିଁ । ଜୀବନ ଓ ମୃତ୍ୟୁ ଭିତରେ ସଂପର୍କ ଏତେ କ୍ଷୀଣ ଯେ କେହି କର୍ତ୍ତବ୍ୟ ପୂରଣ ହେବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ସାହସ କରିପାରିବେ ନାହିଁ । ତେବେ ମାୟାଧର ବାବୁ ଯେତିକି କରିଛନ୍ତି, ସେତିକି ଯଥେଷ୍ଟ । ନିଜର କୃତି ଦ୍ୱାରା, କରଣୀ ଦ୍ୱାରା ସେ ଓଡ଼ିଶାରେ ଚିରଦିନ ବନ୍ଦନୀୟ ହୋଇ ରହିବେ । ଏକ ସାର୍ଥକ ଜୀବନର ଜବନିକା ପଡ଼ିଛି । ଆମ ଆଖିରେ ଏବେ ଯେତେ ଲୁହ ଅଛି, କବି ସ୍ମୃତିରେ ତାକୁ ଉତ୍ସର୍ଗ କରି ପାରିଲେ ଆମେ ହିଁ ଧନ୍ୟ ହେବୁ ।

Digitized by srujan ka@gmail.com

ସ୍ୱର୍ଗତ ମାନସିଂହଙ୍କ ଧର୍ମମତ

ଶ୍ରୀ ଶ୍ରୀଧର ମହାପାତ୍ର

କାମନୀୟ କବି ପ୍ରତିଭା ନେଇ ମାୟାଧର ମାନସିଂହ ଜନ୍ମଗ୍ରହଣ କରିଥିଲେ । ତାଙ୍କ ରଚନାବଳୀର ଉପଯୁକ୍ତ ଆଲୋଚନା ଓ ମୂଲ୍ୟାୟନ ଅଦ୍ୟାବଧି ହୋଇନାହିଁ । ଧୂପ, ହେମପୁଷ୍ପ ଆଦି କବିତାଗୁଚ୍ଛ ଯୋଗୁ ତାଙ୍କର ପ୍ରସିଦ୍ଧି ଅବଶ୍ୟ ସମ୍ୟକ ସ୍ୱୀକୃତ; କିନ୍ତୁ ତାଙ୍କର ଅନବଦ୍ୟ କାବ୍ୟ ଜେମା, ବିଶେଷତଃ କମଳାୟନ, ଏଯାବତ୍ ସବିଶେଷ ଲୋକ ଦୃଷ୍ଟି ଆକର୍ଷଣ କରିପାରି ନାହିଁ । ଏ ସବୁର ଉପଯୁକ୍ତ ବିଚାର ହେଲେ କବି-ପରମ୍ପରାରେ ସ୍ୱଭାବକବି ଗଙ୍ଗାଧରଙ୍କ ପରେ ଯେ ମାନସିଂହଙ୍କ ସ୍ଥାନ ନିର୍ଦ୍ଧାରିତ ହେବ, ଏହା ମୋର ବିଶ୍ୱାସ ।

ମାନବୀୟ ସକଳ ଦିଗରୁ ବିଚାରକଲେ, ମାନସିଂହଙ୍କ ଜୀବନ ଯେ ଗୋଟିଏ ପୂର୍ଣ୍ଣ ସାର୍ଥକ ଜୀବନ ଏଥିରେ ସନ୍ଦେହ ନାହିଁ । ଜୀବଦଶାରେ ତାଙ୍କ ମସ୍ତକରେ ସ୍ୱର୍ଣ୍ଣମୁକୁଟ ପରିବର୍ତ୍ତେ ଯେତେ କଣ୍ଟାମୁକୁଟ ପିନ୍ଧାଇ ଦିଆଯାଇଥାଉ ପଛେ, ତଦ୍ଦ୍ୱାରା ତାଙ୍କର ପ୍ରତିଭା ଅଧିକତର ଦୀପ୍ତିବନ୍ତ ହୋଇଉଠିଛି । ତେଣୁ ତାଙ୍କର ତିରୋଧାନ ପରେ ତାଙ୍କ ଜୀବନର ସକଳ ବିଭବ ବିବୃତ ହେବା ବାଞ୍ଛନୀୟ ।

ସ୍ୱର୍ଗତ ମାନସିଂହ କେବଳ କବି, ପ୍ରାବନ୍ଧିକ, ଔପନ୍ୟାସିକ, ନାଟ୍ୟକାର ଓ ଶିକ୍ଷାବିତ୍ ନ ଥିଲେ । ସେ ଥିଲେ ମଧ୍ୟ ଆମ ସମାଜର ଧର୍ମ ଓ ସଂସ୍କୃତିର ବଶିଷ୍ଟ ଚିନ୍ତକ । ଏଥିପାଇଁ ସେ ପ୍ରୌଢ଼ିଜୀବନର ପ୍ରାକ୍‌କାଳରେ 'ଜୀବନ ପଥ' ନାମକ ଉଚ୍ଚକୋଟୀର ବଚନାବଳି ଏବଂ ଉତ୍ତରଜୀବନରେ ଶ୍ରୀମଦ୍ ଭଗବଦ୍ ଗୀତାର ଭାଷ୍ୟ ଲେଖି ଯାଇଛନ୍ତି । ସେ ଶୁଦ୍ଧପୂତ ଜୀବନଯାପନ କରୁଥିଲେ ଏବଂ ସେଥିପାଇଁ ପଞ୍ଚଶୀଳ ନୀତି ପାଳନର ପକ୍ଷପାତୀ ଥିଲେ । କିନ୍ତୁ ଏଥିପାଇଁ ତାଙ୍କୁ ବୌଦ୍ଧଧର୍ମାବଲମ୍ବୀ କହିବା ବୋଧହୁଏ ସମୀଚୀନ ହେବ ନାହିଁ । ମୁଁ ଗତ ୧୫ ବର୍ଷ ହେଲା ତାଙ୍କ ସାନ୍ନିଧ ଲଭି କରି ଧାରଣା କରିଛି ଯେ ସେ ପିତୁଳା ପୂଜାର ସମର୍ଥକ ନ ଥିଲେ ମଧ୍ୟ ନିଷ୍ଠାପର ସନାତନଧର୍ମୀ ଥିଲେ । ପିତୁଳା ପୂଜା ମଧ୍ୟ ବେଦ ନିର୍ଦ୍ଦିଷ୍ଟ ନୁହେଁ ; ତାହା କେବଳ ସ୍ମୃତିପୁରାଣ ବିହିତ ।

ମାନସିଂହଙ୍କ ଲେଖାବଳୀରେ ତାଙ୍କର ଧର୍ମ ଧାରଣା ସମ୍ବନ୍ଧେ ଯେଉଁସବୁ ସୂଚନା ରହିଛି ତାହାର ବିସ୍ତୃତ ଆଲୋଚନାର କ୍ଷେତ୍ର ଇଏ ନୁହେଁ । ପ୍ରବୀଣ ସମାଲୋଚକବର୍ଗ ଏ ସମ୍ପର୍କରେ ଆଲୋକପାତ କରିବେ । ତେବେ ତାଙ୍କର ପାରିବାରିକ ଜୀବନରେ ଚଳଣୀ ନେଇ କିଛି ଆଲୋଚନା କଲେ ବୋଧହୁଏ ଅବାନ୍ତର ହେବନାହିଁ । ଏହାଦ୍ୱାରା ହୁଏତ ମାନସିଂହଙ୍କର ଅନ୍ତରର ଚିତ୍ର କେତେକାଂଶରେ ପ୍ରତିଭାତ ହେବ ।

Digitized by srujan ka@gmail.com

ପ୍ରାୟ ଦୁଇବର୍ଷ ପରେ ମାନସିଂହଙ୍କର ବଡ଼ ଝିଅର ବିବାହ ସ୍ଥିର ହେଲା ରୁପର୍ଟ ନାମକ ଜଣେ ପଦସ୍ଥ ମାନ୍ଦ୍ରାଜୀ ଖ୍ରୀଷ୍ଟିୟାନ ଯୁବକଙ୍କ ସହିତ । ଝିଅ କିନ୍ତୁ ଖ୍ରୀଷ୍ଟଧର୍ମ ଗ୍ରହଣ କରିବେ ନାହିଁ । ତତ୍କ୍ଷଣାତ୍ ମାନସିଂହ ଏହି ବିବାହକୁ ସଂକ୍ଷେପରେ ବୈଦିକଅନୁଷ୍ଠାନରେ କରିବାକୁ ଇଚ୍ଛା କରି, ଏହା କରିଦେବାକୁ ମୋତେ ଅନୁରୋଧ କଲେ, ଶ୍ରୀମାନ୍ ରୁପର୍ଟଙ୍କର ଏଥିପାଇଁ ସମ୍ମତି ଥିଲା । କିନ୍ତୁ ଅନ୍ୟ ଧର୍ମାବଲମ୍ବୀ ଯୁବକର ବିବାହରେ ବେଦମନ୍ତ୍ର ପ୍ରୟୋଗ କରାଯିବ କିପରି ? ଆପତ୍ତି କରି କହିଲି, "ମୁଁ ପୌରୋହିତ୍ୟ କରେନାହିଁ । ଆପଣଙ୍କ ଶ୍ରଦ୍ଧାକୁ ମଧ୍ୟ ପ୍ରତ୍ୟାଖ୍ୟାନ କରି ପାରୁନାହିଁ । ମୁଁ ଏହା କରିପାରେ ଯଦି ବର ଓ ବର ପିତା ସେଦିନ ପାଇଁ ହେଉପଛେ, ଆମର ଧର୍ମକୁ ସ୍ୱୀକାର କରି ଆନୁଷଙ୍ଗିକ ବିଧି ପାଳନ କରନ୍ତି ।"

ବରପକ୍ଷ ସ୍ୱୀକୃତ ହେଲେ । ନାରୀସଂଘ ସଦନରେ ବିବାହ କର୍ମର ବ୍ୟବସ୍ଥା ହେଲା । ପଣ୍ଡିତ ବଳଭଦ୍ର ମିଶ୍ର ଏଥିରେ ମୋର ସହାୟକ ହେଲେ । ରୁପର୍ଟଙ୍କ ନୂତନ ନାମକରଣ ହେଲା "ରୂପଚନ୍ଦ୍ର" । ତାହାଙ୍କୁ ପଞ୍ଚାମୃତ ସେବନ କରାଇ ସ-ମନ୍ତ୍ର ମାର୍ଜ୍ଜନା କରାଯିବା ପରେ ବିବାହ କର୍ମ ଆରମ୍ଭ କରାଗଲା । ମାନସିଂହ ବସ୍ତ୍ର ଧାରଣ କରି କନ୍ୟାଦାନ କରିବା ପାଇଁ ବସିଲେ । ହୋମାଗ୍ନି ପ୍ରଜ୍ୱଳିତ ହେଲା । କୌତୁକ ସୂତ୍ର ବନ୍ଧନ ଓ ସପ୍ତପଦୀ ପରେ ଯେତେବେଳେ ବର-ବଧୂର ହୃଦୟ ଆଲମ୍ବନ ବିଧି କରାଗଲା ଏବଂ ମନ୍ତ୍ରପାଠ କରାଗଲା—

"ଓଁ ମମବ୍ରତେତେ ହୃଦୟଂ ଦଧାମି,
ମମଚିତ୍ତ ମନୁଚିତ୍ତଂ ତେ ଅସ୍ତୁ ।
ମମବାଚମେକମନା ଜୁଷସ୍ୱ, ପ୍ରଜାପତି ଷ୍ଟ୍ୱାନିଯୁନକ୍ତୁ ମହ୍ୟଂ ॥"

ଯେତେବେଳେ ମାନସିଂହଙ୍କ ଆଖି ଛଳଛଳ ହୋଇ ଆସିଲା । ସେ ମନ୍ତ୍ରର ଭାବ ଶ୍ରୀମାନ୍ ରୂପଚନ୍ଦ୍ରଙ୍କୁ ବୁଝାଇଦେଲେ । ଅନ୍ୟାନ୍ୟ କର୍ମାନୁଷ୍ଠାନ ପରେ ନିମନ୍ତ୍ରିତ ଭଦ୍ରବ୍ୟକ୍ତି ଓ ଭଦ୍ରମହିଳାଗଣ ମୁକୁଟମଣ୍ଡିତ ବରକନ୍ୟାଙ୍କୁ ଉପହାର ସହ ସ୍ନେହସିକ୍ତ ଆଶୀର୍ବାଦ ପ୍ରଦାନ କଲେ ।

ଏ ଘଟଣାର କିଛିଦିନ ପରେ ମାନସିଂହଙ୍କ ଦ୍ୱିତୀୟ ପୁତ୍ରଙ୍କର ବିବାହ ଭମ୍ବେର ବିଶିଷ୍ଟ ବ୍ୟକ୍ତି ମଙ୍ଗଳଦାସ ପକ୍ୱାଶାଙ୍କ ନାତୁଣୀ ଶ୍ରୀମତୀ ସୋନେଲଙ୍କ ସହିତ ହେବା ସ୍ଥିର ହେଲା । ଅବଶ୍ୟ ଏ ବିବାହବିଧି ବମ୍ବେଠାରେ ସଂପନ୍ନ ହେଲା । ମାତ୍ର କଟକରେ କୌଳିକ ବିଧିରେ ନିର୍ବନ୍ଧ ହେଲା ଏବଂ ପୁରୀରୁ ମହାପ୍ରସାଦ ଅଣାଯାଇ ବନ୍ଧୁମାନଙ୍କୁ ପରିବେଷଣ କରାଗଲା ।

Digitized by srujan ka@gmail.com

ପରବର୍ତ୍ତୀ ଘଟଣା ହେଲା ତାଙ୍କର ପଡ଼ୁଆଁ ନାଗୁଣୀର ବର୍ଷ ପୂରଣୀ ଦିନ। ବୈଦିକ ମନ୍ତ୍ରରେ ଶିଶୁକୁ ଆଶୀର୍ବାଦ ପ୍ରଦାନ କରିବା ପାଇଁ ସେ ମୋତେ ଅନୁରୋଧ କଲେ ଏବଂ ମୁଁ ତାହା କଲି।

ଏହି ସବୁ ସାମାଜିକ ବିଧିବିଧାନ ତଥା ତାଙ୍କ ସହିତ ବହୁ ଘଟଣାରେ ସାଂସ୍କୃତିକ ଆଲୋଚନାରୁ ମୋର ହୃଦବୋଧ ହୋଇଛି ଯେ ବୈଦିକ ମନ୍ତ୍ର ଓ ପରମ୍ପରାରେ ତାଙ୍କର ଦୃଢ଼ ଗଭୀର ଆସ୍ଥା ଥିଲା।

ତାଙ୍କ ଲିଖିତ ଏକ ପ୍ରବନ୍ଧରୁ (ଅପ୍ରକାଶିତ) ନିମ୍ନ କେତେକ ପଂକ୍ତି ଉଦ୍ଧାର କରୁଅଛି। ବାଗ୍ଭରେ ଅନ୍ୟାନ୍ୟ ବିଷୟ ଆଲୋଚନା କରିବି।

"ଠିକ୍ ଆଧୁନିକ ବିଜ୍ଞାନପରି ପାଞ୍ଚହଜାର ବର୍ଷ ପୂର୍ବେ ଭାରତୀୟ ଆର୍ଯ୍ୟମାନେ ଏହାମଧ୍ୟ ଜାଣିଥିଲେ ଯେ, ଏହି ବିପୁଳ ବିରାଟ ସୃଷ୍ଟିଷ ଜଗତ୍ ରଚିତ କେବଳ ସେହି ଐଶ୍ୱରିକ ଜ୍ୟୋତିରୁ। ସେହି କାରଣରୁ ସେମାନେ ସୂର୍ଯ୍ୟଙ୍କର ଅନ୍ୟ ନାମ ରଖିଥିଲେ 'ସବିତା'—ଅର୍ଥାତ୍ ଯିଏ ସୃଷ୍ଟି କରେ। ଆମେ ଯେତେବେଳେ ଜାଣୁ ଯେ ସୂର୍ଯ୍ୟ କେବଳ ବିରାଟ ସୌରଜଗତର ଜନକ ନୁହନ୍ତି, ଏ ଜଗତରେ ତାଙ୍କ ବିନା କୌଣସି ପ୍ରକାର ଜୀବନ ସମ୍ଭବ ନୁହେଁ। ଭାରତୀୟ ଆର୍ଯ୍ୟମାନଙ୍କର ପାଞ୍ଚ-ହଜାର ବର୍ଷ ପୂର୍ବର ଏ ପ୍ରକାର ବିଜ୍ଞାନସମ୍ମତ କଳ୍ପନା ଆମ୍ଭମାନଙ୍କୁ ସତ୍ୟରେ ବିସ୍ମୟାଭିଭୂତ କରେ। ସନାତନ ଧର୍ମର କୋଟି କୋଟି ଲୋକ ଆଜି ମଧ୍ୟ ପ୍ରତ୍ୟହ ଗାୟତ୍ରୀମନ୍ତ୍ର ଜପ କରିଥାନ୍ତି। ଏହି ପ୍ରସିଦ୍ଧ ମନ୍ତ୍ରର ଦେବତା ହେଲେ ସୂର୍ଯ୍ୟ ବା ଜୀବନସ୍ରଷ୍ଟା ଓ ପାଳୟିତା ସବିତା। ଏହି କ୍ଷୁଦ୍ର ମନ୍ତ୍ରଟିର ଅର୍ଥ ପୁଣି ଏପରି ଉଦାତ୍ତ, ଶୁଭଙ୍କର ଓ ସାର୍ବଜନୀନ ଯେ ଏହାକୁ ଯେ କୌଣସି ଧର୍ମର ଲୋକ ଧର୍ମ ସାଧନରୂପେ ଆବୃତ୍ତି କରିବାରେ କୌଣସି ଆପତ୍ତି ନ ଥାଇପାରେ। ଏହା ଏହିପରି—

"ଆମ୍ଭେମାନେ ସେହି ଜୀବନ ଓ ଆଲୋକଦାୟୀ ବରେଣ୍ୟ ସବିତାଙ୍କୁ ଧ୍ୟାନକରୁଁ, ଯେ ଏହି ପୃଥିବୀ, ଆକାଶ ଏବଂ ଆକାଶର ଊର୍ଦ୍ଧ୍ୱରେ ମଧ୍ୟ ସମଭାବରେ ପରିବ୍ୟାପ୍ତ, ଯେପରି କି ସେ ଆମ୍ଭମାନଙ୍କର ବୁଦ୍ଧିକୁ ସନ୍ମାର୍ଗରେ ପରିଚାଳିତ କରିବେ।"

ଏହା ହିଁ ସ୍ୱର୍ଗତ ମାନସିଂହଙ୍କ ଶୁଦ୍ଧପୂତ ଅନ୍ତରର ଏବଂ ଧର୍ମମତର ନିଦର୍ଶନ।

Digitized by srujan ka@gmail.com

କବି ମାନସିଂହ

ଶ୍ରୀ ଶ୍ରୀହର୍ଷ ମିଶ୍ର

କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ ହାସ୍‌ପାତାଳରେ ଆଧୁନିକ ଓଡ଼ିଶାର ପ୍ରବୀଣକବି ଡକ୍ଟର ମାୟାଧର ମାନସିଂହଙ୍କର ହୃଦ୍‌ରୋଗରେ ପରଲୋକ ହୋଇଯାଇଛି । ଡକ୍ଟର ମାନସିଂହ ଗତ କିଛିକାଳ ଧରି ଅସୁସ୍ଥ ଥିଲେ ସୁଦ୍ଧା ଏଭଳି ଏକ ଦୁର୍ଯୋଗପୂର୍ଣ୍ଣ ସଂଧ୍ୟାରେ ଆକସ୍ମିକ ଭାବରେ ସାଧାରଣଙ୍କ ଅଗୋଚରରେ ବିଦାୟ ଗ୍ରହଣ କରିବେ ବୋଲି ଆମମାନଙ୍କର ଧାରଣା ନ ଥିଲା ।

ଡକ୍ଟର ମାନସିଂହ 'ପ୍ରଜାତନ୍ତ୍ର ପ୍ରଚାର ସମିତି'ର ପ୍ରତିଷ୍ଠାଠାରୁ ଏହାର ସାହିତ୍ୟ ତଥା ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ଘନିଷ୍ଠଭାବରେ ସସ୍ତ୍ରୀକ ଜଡ଼ିତ ଥିଲେ । 'ଝଙ୍କାର' ମାସିକ ପତ୍ରର ସମ୍ପାଦକମଣ୍ଡଳୀରେ ସେ ବହୁକାଳ ସ୍ଥାନ ଗ୍ରହଣ କରି-ଥିଲେ । ପ୍ରଥମ ବିଷୁବ ମିଳନ ଉତ୍ସବରେ ମଧ୍ୟ ସେ ସଭାପତିତ୍ୱ କରିଥିଲେ । ଚଳିତ ଶତାବ୍ଦୀର ତୃତୀୟ ଦଶକରେ ଓଡ଼ିଶାର ସାହିତ୍ୟାକାଶରେ ମାୟାଧର ମାନସିଂହ ଏକ ଉଜ୍ଜ୍ୱଳ ଜ୍ୟୋତିଷ୍କ ରୂପେ ଉଦିତ ହୋଇ ଦୀର୍ଘ ଅର୍ଦ୍ଧଶତାବ୍ଦୀରୁ ଅଧିକକାଳ ଶିକ୍ଷା, ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ନିଜର ଅସାଧାରଣ ପ୍ରତିଭାର ପରିଚୟ ଦେଇ ଯାଇଛନ୍ତି । ତାଙ୍କର ପ୍ରଥମ ପ୍ରକାଶିତ କାବ୍ୟଗ୍ରନ୍ଥ 'ଧୂପ' ଓଡ଼ିଆ ସାହିତ୍ୟକ୍ଷେତ୍ରରେ ଏକ ଆଲୋଡ଼ନ ସୃଷ୍ଟି କରିଥିଲା । ଓଡ଼ିଆ ସାହିତ୍ୟକ୍ଷେତ୍ରରେ ଚଳିତ ଶତାବ୍ଦୀର ଦ୍ୱିତୀୟ ଦଶକରେ କାଳିନ୍ଦୀ, ବୈକୁଣ୍ଠ, ଅନ୍ନଦାଶଙ୍କର, ହରିହର ପ୍ରମୁଖଙ୍କ ଆନୁକୂଲ୍ୟରେ ଯେଉଁ 'ସବୁଜ ଯୁଗ'ର ଅବତାରଣା ହୋଇଥିଲା ତାହାର ପ୍ରଭାବ ସ୍ତିମିତ ହୋଇ ଆସିଲାବେଳକୁ କବି ମାନସିଂହ ଓଡ଼ିଆ ସାହିତ୍ୟର ନୂତନ ବାର୍ତ୍ତାବହ ରୂପେ ଆବିର୍ଭୂତ ହୋଇ ଅଳ୍ପ ସମୟ ମଧ୍ୟରେ ନିଜକୁ ସୁପ୍ରତିଷ୍ଠିତ କରି ପାରିଥିଲେ । ବ୍ୟକ୍ତିଗତ ଭାବରେ ସେ ଥିଲେ ଜଣେ ସଂପୂର୍ଣ୍ଣ ସଂସ୍କାରମୁକ୍ତ ମାନବତାଧର୍ମୀ ବ୍ୟକ୍ତି । ତାଙ୍କ ଭଳି ସ୍ପଷ୍ଟବାଦୀ ବ୍ୟକ୍ତି କେବଳ ଓଡ଼ିଶା ନୁହେଁ ଅନ୍ୟତ୍ର ମଧ୍ୟ କ୍ୱଚିତ ଦେଖିବାକୁ ମିଳିଥା'ନ୍ତି । ସ୍ପଷ୍ଟବାଦିତା ଯୋଗୁଁ ସାଂସାରିକ ଜୀବନରେ ମାନସିଂହ ବହୁ ବିପଦର ସମ୍ମୁଖୀନ ହୋଇଥିଲେ ସୁଦ୍ଧା ସେଥିପ୍ରତି ସେ ଭ୍ରୂକ୍ଷେପ କରିନାହାଁନ୍ତି ।

Digitized by srujan ka@gmail.com

ଶେଷ ଜୀବନରେ କବି ମାନସିଂହ ବୌଦ୍ଧଧର୍ମ ପ୍ରତି ଆକୃଷ୍ଟ ହୋଇ ନିଷ୍ଠାପର ଭାବରେ ବୁଦ୍ଧଙ୍କ ପ୍ରଦର୍ଶିତ ମାର୍ଗରେ ଜୀବନ ଅତିବାହିତ କରି ଆସୁଥିଲେ । ସେ ଯଥାର୍ଥରେ କାୟମନୋବାକ୍ୟରେ 'ସତ୍ୟ' ଓ 'ସୁନ୍ଦର'ର ଉପାସକ ଥିଲେ । ଛାତ୍ର ଜୀବନରୁ ଆରମ୍ଭ କରି ଶେଷ ନିଶ୍ୱାସ ତ୍ୟାଗଯାଏ ମାନସିଂହ ସାରସ୍ୱତ ସେବାରେ ହିଁ ଆତ୍ମନିୟୋଗ କରି ଯାଇଛନ୍ତି । ଇଂରେଜୀ ତଥା ଓଡ଼ିଆ ଉଭୟ ଭାଷାରେ ତାଙ୍କର ସମାନ ଦକ୍ଷତା ଥିଲା । ଇଂରେଜୀରେ ତାଙ୍କର ଶେଷ ମହତ୍ କୃତି 'ଜଗନ୍ନାଥ ଦେଶର କାହାଣୀ' (Saga of the land of Jagannath) ଏହା ମଧ୍ୟରେ ଓଡ଼ିଶାର ସାଂସ୍କୃତିକ ଐତିହାସିକ ଗ୍ରନ୍ଥ ଭାବରେ ଦେଶ-ବିଦେଶରେ ସୁଖ୍ୟାତି ଅର୍ଜନ କରିଛି । ମାନସିଂ ରଚନାବଳୀ ଦ୍ୱାରା ଆଧୁନିକ ଓଡ଼ିଆ ସାହିତ୍ୟ ବହୁଳ ଭାବରେ ସମୃଦ୍ଧ ଓ ରସସିକ୍ତ ହୋଇପାରିଛି । ଅଧ୍ୟାପନା ତାଙ୍କର ଜୀବିକା ଥିଲେ ହେଁ ମାନସିଂହ କବି, ପ୍ରାବନ୍ଧିକ ଓ ବୁଦ୍ଧିଜୀବୀ ଭାବରେ ସାହିତ୍ୟ ତଥା ସାଂସ୍କୃତିକ କ୍ଷେତ୍ରରେ ଚିରକାଳ ଏକ 'ଜ୍ୟୋତିଃସ୍ତମ୍ଭ' ରୂପେ ବିରାଜିତ ରହିବେ । ୭୮ ବର୍ଷ ବୟସ୍କ କବି ମାନସିଂହଙ୍କ ମହାପ୍ରୟାଣରେ ମୁଁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସଙ୍ଗେ ସଙ୍ଗେ ତାଙ୍କ ଶୋକସନ୍ତପ୍ତ ପତ୍ନୀ ଶ୍ରୀଯୁକ୍ତା ହେମଲତା ମାନସିଂହ ଓ ସୁଯୋଗ୍ୟ ପୁତ୍ର-କନ୍ୟାମାନଙ୍କ ପ୍ରତି ଆନ୍ତରିକ ସମବେଦନା ଜ୍ଞାପନ କରୁଛି ।

Digitized by srujan ka@gmail.com

“ସୃଷ୍ଟି ଯାର ବିମଳ ଆଲୋକ
ସେ କି କେବେ ଅନ୍ଧକାରେ ରହେ ?”

ଏକ ସ୍ମୃତିଚାରଣ

ବିଭୂତିଭୂଷଣ ତ୍ରିପାଠୀ

ପ୍ରାୟ ତିରିଶ ବର୍ଷ ବା ତହୁଁ ଊର୍ଦ୍ଧ୍ୱ ତଳର କଥା—କାଲିପରି ଲାଗୁଛି । କଲେଜ ଛୁଟିରେ ମୁଁ ଘରେ—ଭଦ୍ରକରେ ଥାଏଁ । ‘ସହକାର’ରେ ପ୍ରକାଶ ହୋଇଥାଏ ମାୟାଧର ମାନସିଂହଙ୍କ କବିତା ‘ଆତତାୟୀ’ । ଥରେ ପଢ଼ିଲି, ଦୁଇ ଥର, ତିନି ଥର । ମୋର କିଶୋର ପ୍ରାଣ ବିଗଳିତ ହେଲା । ଆଖିରେ ଲୁହ ନିକେଇ ଆସିଲା । ‘ସହକାର’ ଖଣ୍ଡି ଧରି ଗଲି କାନ୍ତକବି ଲକ୍ଷ୍ମୀକାନ୍ତ ବାବୁଙ୍କ ଘରକୁ । ଘରେ ପଶୁ ପଶୁ କହିଲି, ‘ଆଜି ଗୋଟାଏ ଭଲ ଜିନିଷ ଆଣିଛି ଆପଣଙ୍କ ପାଇଁ—ମାନସିଂହଙ୍କର ଏକ ନୂତନ କବିତା’ । କାନ୍ତକବି ତାଙ୍କ ପଲଙ୍କରେ ତକିଆ ଉପରେ ଆଉଜି ବସି ଉତ୍‌ଫୁଲ୍ଲ ହୋଇ କହିଲେ, ‘ମାନସିଂହଙ୍କ କବିତା ? ପଢ଼ ପଢ଼, ଶୁଣିବା’, ତା’ପରେ ମୁଁ ସ୍ପଷ୍ଟ ଉଚ୍ଚାରଣରେ ପଢ଼ିବାକୁ ଲାଗିଲି—‘ମଧ୍ୟରାତି, ଅନ୍ଧଫେନ ଆରମ୍ଭିଛି ନିଶିନ୍ଦିସ୍ୟା ତାର...’ କାନ୍ତକବି ନୀରବରେ ଶୁଣିଯାଉଥାନ୍ତି । ମଝିରେ ମଝିରେ ଆଉଥରେ ଗୋଟାଏ ଗୋଟାଏ ପଂକ୍ତି ଫେରାଇ ପଢ଼ିବାକୁ କହୁଥାନ୍ତି । କବିତା ପଢ଼ା ସରିଲା । କାନ୍ତକବି ନିଶ୍ୱାସଟାଏ ପକାଇ ଶୂନ୍ୟକୁ ଚାହିଁ ରହିଲେ । ଏହି ସମୟରେ ପ୍ରବେଶ କଲେ ଜଣେ ପ୍ରବୀଣ ଶିକ୍ଷକ ଭଦ୍ରଲୋକ । କାନ୍ତକବି କହିଉଠିଲେ—“ଶୁଣ ମାନସିଂହଙ୍କ ନୂଆ କବିତା । ବିଭୂତି, କବିତାଟା ଆଉ ଥରେ ପଢ଼ ତ !” ପଢ଼ିଲି । ଭଦ୍ରଲୋକ ମଝିରେ କିପରି ଅସ୍ଥିର ହୋଇ କହିଉଠିଲେ—‘ରଖ ତୁମ କବିତା, ଏଇ ଆଦର୍ଶ, ଏଇ ନୀତି ତୁମେ ସମାଜ ଆଗରେ ଥୋଉଛ !’ ଭଦ୍ରଲୋକ ଯେପରି ଟିକେ ଉତ୍ତେଜିତ ହୋଇଯାଇଥାନ୍ତି ।

କାନ୍ତକବି କିଛି ସମୟ ସେଇ ଭଦ୍ରଲୋକଙ୍କ ଆଡ଼େ ଚାହିଁ ରହି କୌତୁକ କରି କହିଲେ—‘ଯାହା କୁହ, ତୁମର ଚଷାଣ୍ଡିଆ ବୁଦ୍ଧି ଗଲା ନାହିଁ । ତୁମେ କବିତା ବୁଝିବ କଣ ?’

ପ୍ରାୟ ଦେଢ଼ମାସ ତଳେ ମାୟାଧର ବାବୁ ଆମ ଘରକୁ ଆସିଥାନ୍ତି, ସାଙ୍ଗରେ ଗଡ଼ନାୟକବାବୁ । ନାନାକଥା ଭିତରେ ପୁରୁଣା ଦିନର ଏଇ କଥାଟା ମନେ ପଡ଼ିଗଲା; କହିପକାଇଲି । ଶୁଣି ମାୟାଧର ବାବୁଙ୍କର ସେ କି ହସ ! ହୋ ହୋ ହୋଇ ସେ ପ୍ରାଣଖୋଲା ହସ ଆଜି ବି କାନରେ ବାଜୁଛି । ମୋତେ କହିଲେ—

Digitized by srujan ka@gmail.com

'ଏ କଥାଟା ତୁମେ ଠିକେ ଭଲ କରି ଲେଖିଛ ! ତା' ସଙ୍ଗେ 'ଆତତାୟୀ'ର ସମାଲୋଚନା । ନିଶ୍ଚୟ ଲେଖିବଟି !' କିଛି ଗଞ୍ଜନାତ୍ମକ ବି କଥାରେ ଯୋଗ ଦେଲେ । ମୁଁ ହଁ ଭରିଲି, କିନ୍ତୁ ସେ ପ୍ରତିଶ୍ରୁତି ରକ୍ଷିପାରିନାହିଁ । ଏହା ମଧ୍ୟରେ ଅକ୍ଟୋବର ଏଗାର ତାରିଖର ରାହୁ ଗ୍ରାସରେ ସେ ଆଲୋକ ନିଭିଗଲା ।

ମାୟାଧର ବାବୁଙ୍କ କବିତାରେ କି ଯାଦୁ ଥାଏ କେଜାଣି, ତାଙ୍କର ଅଦ୍ୟ ପର୍ଯ୍ୟନ୍ତର ରୋମାଣ୍ଟିକ୍ ଭାବୋଚ୍ଛ୍ୱାସ ହେଉ ବା ପରିଣତ ବୟସର ଭାବଗମ୍ଭୀର ପ୍ରଶାନ୍ତ ମର୍ମବାଣୀ ହେଉ, ତାଙ୍କର ପ୍ରତ୍ୟେକଟି କବିତା ମୋ ଅନ୍ତରକୁ ଅତି ଗଭୀର ଭାବରେ ସ୍ପର୍ଶ କରିଛି, ଚିତ୍ତରେ ଦେଇଛି ଏକ ଅନନୁଭୂତ ତୃପ୍ତି । ପ୍ରତ୍ୟେକଟିରେ ଲାଗି ରହିଛି ଉତ୍କଳମାଟିର ଗନ୍ଧ । ସହଜରେ ତା' ଓଡ଼ିଆ ପ୍ରାଣରେ ସ୍ପନ୍ଦନ ସୃଷ୍ଟି କରେ । ପ୍ରାଚୀନ ଉତ୍କଳର ଐତିହ୍ୟ ଓ ପରମ୍ପରା ସଙ୍ଗେ ମିଶିଛି ସଂସ୍କାରମୁକ୍ତ ସଦାନୂତନ ନିର୍ଭୀକ ଅତ୍ୟାଧୁନିକ ଦୃଷ୍ଟିଭଙ୍ଗୀ, ପୁରାତନ ଓ ନୂତନର ଏକ ଚମତ୍କାର ସମନ୍ୱୟ ଓ ସମ୍ମିଶ୍ରଣ । ସେହି ସଂଗମରେ ଅବଗାହନ କରି ଚିତ୍ତ ଅପାର ଆନନ୍ଦରେ ପରିପୂର୍ଣ୍ଣ ହୁଏ । ଆଶ୍ଚର୍ଯ୍ୟ ହୋଇ ଲକ୍ଷ୍ୟ କରିଛି, ମୋର ପଞ୍ଚସ୍ତରି ବର୍ଷ ବୟସ୍କା ବୃଦ୍ଧା ମାତାଙ୍କର ମୁଣ୍ଡ ପାଖରେ ମାନସିଂ ଗ୍ରନ୍ଥାବଳୀ ଚିହ୍ନ ଦିଆଯାଇ ରଖାଯାଇଛି । ପୋଥିପୁରାଣ ପଢ଼ିଲା ଭଳି ସେ ନିବିଷ୍ଟ ମନରେ ପଢ଼ନ୍ତି ମାନସିଂଙ୍କ କବିତା । ବର୍ତ୍ତମାନ ତାଙ୍କର ଦୃଷ୍ଟିଶକ୍ତି କ୍ଷୀଣ ହେବାରୁ ନାତିକୁ କହି ପଢ଼ାଇ ଶୁଣନ୍ତି ସେ କବିତାଗୁଡ଼ିକୁ । କଣ ସେ କବିତାରେ ଅଛି ଯାହା ଏକ ସଙ୍ଗେ ତରୁଣ ମନକୁ ମୁଗ୍‌ଧ କରୁଛି, ବୌଦ୍ଧିକ ସୁହୃଦଙ୍କୁ ପରିତୃପ୍ତ କରୁଛି ଓ ମୃତ୍ୟୁପଥଯାତ୍ରୀ ବୃଦ୍ଧାଙ୍କ ପ୍ରାଣରେ ଯୋଗାଉଛି ଶାନ୍ତି ଓ ସାନ୍ତ୍ୱନା !

କାବ୍ୟ କବିତାରେ ଯେପରି, ତାଙ୍କର ପ୍ରବନ୍ଧ ନିବନ୍ଧ, ସାହିତ୍ୟିକ ଆଲୋଚନା ଓ ଯାବତୀୟ ରଚନାରେ ମଧ୍ୟ ସେପରି, ସବୁଥିରେ ଏକ ମୌଳିକ ଚିନ୍ତା, ଏକ ଚମତ୍କାର freshnessର ଛାପ । ନୂଆ ନୂଆ ଶବ୍ଦଯୋଜନା, ଅଭିନବ ପ୍ରକାଶଭଙ୍ଗୀ, ସଂସ୍କାରମୁକ୍ତ ରସୋତ୍ତୀର୍ଣ୍ଣ ସୁରୁଚିସମ୍ପନ୍ନ ଏକ ବର୍ଣ୍ଣାଢ୍ୟ sensibilityର ସ୍ୱାକ୍ଷର ତାଙ୍କର ସମସ୍ତ ରଚନାରେ ପରିସ୍ଫୁଟ । ତାଙ୍କର ଯେତେ ପାଖକୁ ଆସିଛି ସେତେ ଆଶ୍ଚର୍ଯ୍ୟ ହୋଇ ଦେଖିଛି ସାହିତ୍ୟ ସେବାରେ ସେ କି ଏକନିଷ୍ଠ ସାଧନା ! ଧ୍ୟାନମଗ୍ନ ଋଷିପ୍ରତିମ ଏହି ସାଧକର ସାନ୍ନିଧ୍ୟରେ ଆସି ନିଜକୁ ଧନ୍ୟ ମନେ କରିଛି ।

ବ୍ୟକ୍ତିଗତ ଭାବରେ ମାୟାଧର ବାବୁ ମୋତେ ବଡ଼ ସ୍ନେହ କରୁଥିଲେ । ଏକ ମାତା ଗର୍ଭରୁ ଭୂମିଷ୍ଠ ନ ହେଲେ ବି ସେ ମୋର ଅଗ୍ରଜ ଥିଲେ । ବୟସର ଯଥେଷ୍ଟ ବ୍ୟବଧାନ ସତ୍ତ୍ୱେ ସେ ମୋର ଅନ୍ତରଙ୍ଗ ବନ୍ଧୁ । ତାଙ୍କର ଗ୍ରନ୍ଥାବଳୀର ପ୍ରଥମ ଖଣ୍ଡ ଉପହାର ଦେଇ ମୂଳ ପୃଷ୍ଠାରେ ଯେଉଁ ଦୁଇଧାଡ଼ି ସେ ଲେଖିଥିଲେ ତା' ମନରୁ ଭୁଲିହେବ ନାହିଁ ।

Digitized by srujan ka@gmail.com

“ଦେଲ ତାଙ୍କୁ ଯିଏ ମୋର
କବିତାର ସାଥୀ,
ଅନୁଜପ୍ରତିମ ବନ୍ଧୁ ବିଭୂତି ତ୍ରିପାଠୀ ।”

ତାଙ୍କ ମନ ଶିଶୁମନ ପରି କୋମଳ ସରଳ । ଭାରି ସ୍ପର୍ଶକାତର ତାଙ୍କର ହୃଦୟ । ଥରେ କେଉଁ ବିଷୟରେ ଆମ ଭିତରେ ଟିକେ ହୁଏତ କଥା କଟାକଟି ହୋଇ ଯାଇଥିବ । ମୁଁ ବୋଧହୁଏ ଅଭିମାନ କରି ଟିକେ ଅଲଗା ହୋଇଯାଇଥିଲି ନା କଣ, ଚିଠି ଆସିଲା କବିତାରେ—

“ମରଣ ଦର୍ଶନ ଭଲ ତମ ସଙ୍ଗେ ମତଭେଦଠାରୁ,
କଲ୍ୟାଣୀୟ ହେ ବିଭୂତି, ପ୍ରୀତି ନୁହେଁ ମୋର ମାଛ-ସାରୁ ।”

ବାକି ଲାଇନ୍‌ଗୁଡ଼ା ମନେ ନାହିଁ । ଲଜ୍ଜିତ ହୋଇ ଯାଇ ତାଙ୍କୁ କ୍ଷମା ମାଗିଥିଲି । ଏମିତି କେତେଥର କେତେ ପ୍ରକାରର କବିତା-ପତ୍ର ତାଙ୍କଠୁ ପାଇଛି । ଗଞ୍ଜାମକୁ କଲେକ୍ଟର ହୋଇ ଗଲାବେଳେ ତାଙ୍କଠୁ ଯେଉଁ ସ୍ନେହାଶୀର୍ବାଦ ପାଇଥିଲି କବିତାରେ, ସେ କବିତାଟି ଏଇ ସଙ୍କଳନର ଅନ୍ୟତ୍ର ପ୍ରକାଶ ପାଇଛି ।

ଆଜି ସାରା ଓଡ଼ିଶାରେ ଏ ଅମୂଲ୍ୟ ରତ୍ନକୁ ହରାଇ ସମସ୍ତେ ହାହାକାର କରୁଛନ୍ତି । ସମସ୍ତେ ମର୍ମାହତ । ଶୋକସଭା; ଅଶ୍ରୁତର୍ପଣ ଆଜି ସର୍ବତ୍ର ପାଳିତ ହେଉଛି । ତା' ସ୍ୱାଭାବିକ, ତା' ବାଞ୍ଛନୀୟ, କିନ୍ତୁ ଲୁହ ପୋଛି ଉଠି ଲାଗିପଡ଼ିବାକୁ ହେବ । ମାନସିଂ ତାଙ୍କ ସୀମିତ ଜୀବନକାଳ ମଧ୍ୟରେ ଓଡ଼ିଶାର ସାହିତ୍ୟ ସଂସ୍କୃତିକୁ ଅନେକ କିଛି ଦେଇ ଯାଇଛନ୍ତି । ତାଙ୍କ ଦିଆ ମଣିମାଣିକରେ ଆମର ସାରସ୍ୱତ ଗନ୍ତାଘର ଭରିଉଠିଛି । ସେ ସବୁ ସମ୍ପତ୍ତିର ଉତ୍ତରାଧିକାରୀ ରୂପେ କରିଛୁଁ କି ଆମେ ସମୁଚିତ କୃତଜ୍ଞତା ସ୍ୱୀକାର ? ଦେଇଛୁଁ କି ଏଇ ବିଚକ୍ଷଣ ପ୍ରତିଭାକୁ ତା'ର ଯୋଗ୍ୟ ମାନମର୍ଯ୍ୟାଦା ? ନିଜକୁ ନିଜେ ପଚାରି ଉତ୍ତର ପାଇବାର ବେଳ ଆସିଛି । ଆତ୍ମପ୍ରବଞ୍ଚନାର ଅବକାଶ ନାହିଁ । ପ୍ରତିଭାକୁ ଅସମ୍ମାନ କରିବା ଏକ ଜାତୀୟ ଅପରାଧ । ସେ ଅପରାଧ ପାଇଁ ଆମକୁ ପ୍ରାୟଶ୍ଚିତ କରିବାକୁ ହେବ । ହୃତ୍ ସୁଯୋଗର ପୁନରୁଦ୍ଧାର କରି ସବୁ ଅବହେଳା. ସବୁ ତ୍ରୁଟି ବିଚ୍ୟୁତି ସୁଧାରିବାକୁ ହେବ । ସବୁ କ୍ଷତିର ଭରଣା କରିବା ଏବେ ବି ସମ୍ଭବ 'ପୋସ୍ଥମସ୍' ଭିତ୍ତିରେ । ମାନସିଂ ପ୍ରତିଭା ଯେପରି ଉତ୍କଳ ଆକାଶରେ ଭାସ୍ୱର ରହେ, ସେ ଦାୟିତ୍ୱ ସମଗ୍ର ସାହିତ୍ୟ ସମାଜର—ବ୍ୟକ୍ତିଗତଭାବେ ଆମ ସମସ୍ତଙ୍କର ।

Digitized by srujan ka@gmail.com

ସ୍ୱାଧୀନଚେତା ଡକ୍ଟର ମାନସିଂହ

ଡକ୍ଟର ବିଶ୍ୱନାଥ ସାହୁ

ସନ୍ ୧୯୧୮-୧୯ ମସିହା । ମୁଁ ରେଭେନ୍ସା କଲେଜରେ ଇଣ୍ଟରମିଡ଼ିଏଟ୍ ସାଇନ୍ସ କ୍ଲାସରେ ଭର୍ତ୍ତି ହୋଇଥାଏ । କଲେଜର ପୂର୍ବ ଛାତ୍ରାବାସରେ ରହୁଥାଏ । ସ୍ୱର୍ଗୀୟ ଡକ୍ଟର ଆର୍ତ୍ତବଲ୍ଲଭ ମହାନ୍ତି ଛାତ୍ରାବାସର ସୁପରିଣ୍ଟେଣ୍ଡେଣ୍ଟ ଓ ପୂଜ୍ୟ ଶ୍ରୀ ଗୁରୁଚରଣ ମହାନ୍ତି ସହକାରୀ ସୁପରିଣ୍ଟେଣ୍ଡେଣ୍ଟ ରହିଥାନ୍ତି । ରବିବାର ଦିନ ମଧ୍ୟାହ୍ନରେ ମୁଁ ଏବଂ ଆଉ କେତେକ ଛାତ୍ର ଆର୍ତ୍ତବଲ୍ଲଭ ବାବୁଙ୍କର ପ୍ରାଚୀନ ତାଳପତ୍ର ପୋଥିରୁ ସାହିତ୍ୟ ଆଲୋଚନା ଶୁଣିବାକୁ ଯାଉ । ଅନେକ ସମୟରେ ପଶ୍ଚିମ ଛାତ୍ରାବାସରୁ ମୁଁ ଦୁଇଜଣ ଯୁବକ ଛାତ୍ରଙ୍କୁ ଦେଖେ । ସେ ଦୁହେଁ ବି. ଏ. କ୍ଲାସର ଶେଷବାର୍ଷିକ ଛାତ୍ର । କେତେଥର ସାକ୍ଷାତ ପରେ ପୂର୍ବ ଛାତ୍ରାବାସରୁ ଯାଉଥିବା ବି. ଏ. ଶ୍ରେଣୀର ଛାତ୍ର ଶ୍ରୀ ଚନ୍ଦ୍ରମଣି ମିଶ୍ରଙ୍କୁ ସେହି ଦୁଇଟି ଯୁବକଙ୍କ ପରିଚୟ ପଚାରିଲି । ଚନ୍ଦ୍ରମଣିବାବୁ ଜଣଙ୍କୁ ଶ୍ରୀ ମାୟାଧର ମାନସିଂହ ଓ ଅନ୍ୟ ଜଣଙ୍କୁ ଶ୍ରୀ ଉଦୟନାଥ ରଥ ବୋଲି ପରିଚୟ ଦେଲେ । ଏହି ହେଲା ମାନସିଂହ-ବାବୁଙ୍କ ସମ୍ବନ୍ଧରେ ମୋର ପ୍ରଥମ ଧାରଣା ।

ମଧ୍ୟଇଂରାଜୀ ଓ ଉଚ୍ଚ ଇଂରାଜୀ ବିଦ୍ୟାଳୟରେ ଇତିହାସ ଅଧ୍ୟୟନ କରିବା ସମୟରେ ମୁଁ ବୁଦ୍ଧଦେବ ଓ ଅଶୋକଙ୍କ ଛବି ଦେଖିଥିଲି । ଆର୍ତ୍ତବାବୁଙ୍କର ବିଶ୍ରାମ କୋଠରୀରେ ସାହିତ୍ୟ ଆଲୋଚନାରତ ମାନସିଂହ ବାବୁଙ୍କର ସୌମ୍ୟ ମୂର୍ତ୍ତି ଦେଖି ମୋର ମନରେ ବୁଦ୍ଧଙ୍କର ପ୍ରତିମୂର୍ତ୍ତି ଜାଗ୍ରତ ହୋଇଉଠେ । ମାନସିଂହଙ୍କର ସୁଲଳିତ ସ୍ୱର, ଭାବପୂର୍ଣ୍ଣ ବ୍ୟାଖ୍ୟା ଓ ଧୀର ସାରଗର୍ଭକ ଆଲୋଚନା ଶୁଣି ମୁଁ ଅଭିଭୂତ ହୋଇଉଠେ । ମନରେ ଭାବନା ଆସେ ମା ବାକ୍‌ଦେବୀ ମାନସିଂହଙ୍କ ପ୍ରତି ଜୀବନର ପ୍ରାକ୍‌କାଳରୁ ଯେତେବେଳେ ଏତେ ଶୁଭ ଆଶୀର୍ବାଦ ଦେଇଛନ୍ତି ଭବିଷ୍ୟତରେ ସେ ନିଶ୍ଚେ ମନୀଷିପର ମଣିଷଟିଏ ହୋଇପାରିବେ । ଉତ୍କଳର ସାହିତ୍ୟାକାଶରେ ଜଣେ ଉଜ୍ଜ୍ୱଳ ଜ୍ୟୋତିଷ୍କ ହୋଇ ପ୍ରଭା ବିକୀରଣ କରିବେ ।

ସେତେବେଳକୁ ମହାତ୍ମାଗାନ୍ଧିଙ୍କର ସ୍ୱଦେଶୀ ଆନ୍ଦୋଳନ ପ୍ରାରମ୍ଭ ଅବସ୍ଥାରେ ଥାଏ । ବ୍ରିଟିଶ ଶାସନର ଇଉନିଅନ ଜାକ୍ ପତାକା ଫରଫରେଇ ଉଡ଼ୁଥାଏ । କଲେଜ ଛାତ୍ରମାନଙ୍କ ମଧ୍ୟରେ ଆଲୋଚନା ଚାଲିଥାଏ ଯେଉଁ ଛାତ୍ରମାନେ

Digitized by srujan ka@gmail.com

ରେଭେନ୍‌ସା କଲେଜରୁ ବି· ଏ· ବା ବି· ଏସ୍‌ସି· ପ୍ରଥମ ଶ୍ରେଣୀରେ ବା ଅନର୍ସ ସହ ଉତ୍ତୀର୍ଣ୍ଣ ହେବ । ସେ ଅବଲମ୍ବେ ଡେପୁଟି ମାଜିଷ୍ଟ୍ରେଟ ରୂପରେ ଭର୍ତ୍ତି ହୋଇଯିବ । ସେତେବେଳେ ଥିଲା ବ୍ରିଟିଶ ରାଜତ୍ୱର ଆନୁଗତ୍ୟ ଯୁଗ । ମୋର ଧାରଣା ଥିଲା ମାନସିଂହବାବୁ ନିଶ୍ଚୟ ଜଣେ ଡେପୁଟି ମାଜିଷ୍ଟ୍ରେଟ ହେବେ ।

ସନ୍ ୧୯୩୦ରୁ ସନ୍ ୧୯୩୭ ମସିହା ପର୍ଯ୍ୟନ୍ତ ମୁଁ ନାଗପୁର ଓ ପାଟଣାରେ ରହି ଓଡ଼ିଶା ସହିତ ସଂପର୍କ କ୍ଷୀଣଥାଏ । ତେବେ ଉତ୍କଳ ସାହିତ୍ୟ ଓ ଅନ୍ୟାନ୍ୟ ମାସିକ ପତ୍ରିକାରୁ ଡକ୍ଟର ମାନସିଂହଙ୍କ କବିତା ଓ ଲେଖା ପଢ଼ିବାକୁ ପାଏ । ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେଲା । ମୁଁ ବିଦ୍ୟାଧରପୁର ସରକାରୀ କୃଷି ଫାର୍ମକୁ ମ୍ୟାନେଜର ହୋଇ ଆସିଲି । ଶ୍ରୀ ଦୁର୍ଗାମାଧବ ବେହୁରା ବଲିଡରୁ ଫେରି ବିଦ୍ୟାଧରପୁର ଫାର୍ମରେ ସହକାରୀ ନିର୍ଦ୍ଦେଶକ ରୂପେ ଯୋଗଦେଲେ । ଦୁର୍ଗାମାଧବ ବାବୁଙ୍କ ମାଧ୍ୟମରେ ମୁଁ ଡକ୍ଟର ମାନସିଂହଙ୍କ ସହ ପ୍ରତ୍ୟକ୍ଷ ସଂସର୍ଗରେ ଆସିଲି । ରେଭେନ୍‌ସା କଲେଜ ଛାତ୍ର ଜୀବନ ସମୟର ଧାରଣା ଡକ୍ଟର ମାନସିଂହ ଶାସନ ବିଭାଗରେ ଜଣେ ଉଚ୍ଚତମ କର୍ମଚାରୀ ହେବେ, ବଦଳିଗଲା । ଦେଖିଲି ଡକ୍ଟର ମାନସିଂହ ଶିକ୍ଷା ବିଭାଗରେ ପଶି ଓଡ଼ିଶାର ଯୁବା ଯୁବକମାନଙ୍କ ଜୀବନ ଗଢ଼ୁଛନ୍ତି । ତାଙ୍କର କଲମରୁ କେବଳ ଶାଶ୍ୱତ ପ୍ରେମର ଭାବନା ଝରେନାହିଁ, ଝରୁଥାଏ ଉତ୍କଳର ପ୍ରାଚୀନ ଗୌରବ ଏବଂ ସେହି ଗୌରବ କିପରି ଫେରିଆସି ଓଡ଼ିଆ ଜାତି ଖାରବେଳ ଓ ଗଙ୍ଗବଂଶର କୀର୍ତ୍ତିମୟ କାର୍ଯ୍ୟର ଅଧିକାରୀ ହେବ । ତାଙ୍କର "ମହାନଦୀରେ ଜ୍ୟୋତ୍ସ୍ନା ବିହାର" ପଦ୍ୟରେ ସେ ଲେଖିଛନ୍ତି—

ହାୟରେ ଉତ୍କଳ ଭୂମି ପ୍ରକୃତି ସୁନ୍ଦର
ମନ୍ଦାକିନୀ ସମ ସଦା ମାରକତ ଗିରି
କାନନେ କେନ୍ଦାରେ ଲକ୍ଷ ଶୋଭାର ବିହାର
ଥାଉଁ ତୋର କହ କିମ୍ପା ଏତେ ଶିଘ୍ର ?

× × ×

ସେ ସୌଭାଗ୍ୟ ଶେଷେ ହାୟ ! ଏ ଜାତିର ଶେଷ
ନ କଲା ବିଧାତା କିମ୍ପା ? ସେ ଗୌରବ ପରେ
ବଞ୍ଚିବା ଧରି ଏ ଖାଲି କଙ୍କାଳ, ବିଶେଷ
ବିଧି ଆଜେ ମରଣରୁ ଶତଗୁଣ ବଳେ ।

Digitized by srujan ka@gmail.com

ଡକ୍ଟର ମାନସିଂହଙ୍କ ସହ ଉତ୍କଳ ବିଶ୍ୱବିଦ୍ୟାଳୟର ବୋର୍ଡ଼ ଅଫ୍ ଷ୍ଟଡ଼ିଜ୍ ଓ ସିନେଟ ସଭ୍ୟ ହିସାବରେ ଏବଂ ବିଶ୍ୱବିଦ୍ୟାଳୟର ଜ୍ଞାନକୋଷ ସଙ୍କଳନରେ ଏବଂ ଅନ୍ୟାନ୍ୟ ଅନୁଷ୍ଠାନର ସଭ୍ୟ ହିସାବରେ ଅତି ନିକଟ ସଂସ୍ପର୍ଶରେ ଆସିବାକୁ ସୁବିଧା ପାଇଛୁ । ସେ ବିଜ୍ଞାନ ପ୍ରଗତିର ସମିତିର କେତେକ ଅଧିବେଶନରେ ସଭ୍ୟ ହିସାବରେ ଯୋଗ ଦେଇଛନ୍ତି । ତାଙ୍କର ଜୀବନର ଆକାଙ୍‌କ୍ଷା ଓଡ଼ିଆ ଜାତି ବଡ଼ ହେଉ । ଓଡ଼ିଶା ସାହିତ୍ୟ, କଳା ଓ ବିଜ୍ଞାନ କ୍ଷେତ୍ରରେ ଅଗ୍ରଣୀ ହେଉ । ବିଚ୍ଛିନ୍ନ ଓଡ଼ିଆ ସମାଜ ଓଡ଼ିଶା ସହ ମିଶି ଗାଇ ଉଠୁ—

"ଗଙ୍ଗାଠାରୁ ଗୋଦାବରୀଯାଏ ବ୍ୟାପୀ
କୀର୍ତ୍ତିମାଳା ଯାର ରହିଛି ଅଦ୍ୟାପି ।"

ସେ ଅଶୋକଙ୍କ ପରି ହିଂସା-ପ୍ରଣୋଦିତ ତରବାରିର ଶାସନ, ଶାସନ ନୁହେଁ ନୀତି ଧରି ଚଳୁଥିଲେ । ସେ ଅନ୍ୟାୟ ପାଖରେ ମୁଣ୍ଡ ନୁଆଁଉ ନଥିଲେ କିମ୍ବା କବିତା ମାଧ୍ୟମରେ ଚଟୁଭାଷା ପ୍ରୟୋଗ କରି ଜୀବନରେ ଗଣ୍ୟମାନ୍ୟ ହେବାକୁ ଚେଷ୍ଟା କରୁ ନ ଥିଲେ । ସେ ଜଣେ ଥିଲେ ସ୍ୱାଧୀନଚେତା ନିର୍ଭୀକବାଣୀ ଓ ଜନ୍ମଭୂମି ସେବକ । ତାଙ୍କର ତିରୋଧାନରେ ଉତ୍କଳର ସାହିତ୍ୟ ଆକାଶରୁ ଏକ ଉଜ୍ଜ୍ୱଳ ଜ୍ୟୋତିଷ୍କର ନିର୍ବାଣ ହୋଇଗଲା । ମାତ୍ର ସେ ଯେଉଁ ମଧୁମୟ ଓ ପ୍ରାଣବନ୍ତ ଲେଖା ଛାଡ଼ିଯାଇଛନ୍ତି । ତାହା ଭାବୀ ବଂଶଧରଙ୍କୁ ଯଥେଷ୍ଟ ଆଲୋକ ଦେଖାଇବ । ତାଙ୍କର ଜୀବନର ସ୍ୱପ୍ନ ଓ ଯତ୍ନ ବିଶାଳ ଉତ୍କଳ ଏକ ସମୃଦ୍ଧିଶାଳୀ ଓ ଗୌରବମୟ ରାଜ୍ୟରେ ପରିଣତ ହେଉ ତାହା ହିଁ ହେବ । ତାଙ୍କର ଅମରଆତ୍ମା ବିଭୁଙ୍କ ଅଙ୍ଗରେ ଲୀନ ହୋଇ ଓଡ଼ିଆ ଜାତିର ପ୍ରଗତି ଓ ବିକାଶ ପଥରେ ଯାତ୍ରା ନିମନ୍ତେ ଆଶୀର୍ବାଦ ଦିଅନ୍ତୁ ଏହା ହିଁ ମୋର ତାଙ୍କପ୍ରତି ଶ୍ରଦ୍ଧାଞ୍ଜଳି ।

Digitized by srujan ka@gmail.com

କବି ମାନସିଂହଙ୍କ ପନ୍ଦର ବର୍ଷ ରଚନାର କାଳ ନିର୍ଣ୍ଣୟ

ଡକ୍ଟର ନଟବର ସାମନ୍ତରାୟ

କବି ମାୟାଧର ମାନସିଂହ ଦୀର୍ଘ ତିରିଶ ବର୍ଷ ଧରି ନିଜର ବଳିଷ୍ଠ ଲେଖନୀ ସହାୟରେ ଓଡ଼ିଆ ସାହିତ୍ୟକୁ ଯେପରି ଋଦ୍ଧିମନ୍ତ କରିଛନ୍ତି; ସେପରି ଉଦାହରଣ ଓଡ଼ିଆ ସାହିତ୍ୟରେ ଏକାନ୍ତ ସୁଲଭ ନୁହେଁ । କିନ୍ତୁ ଏହି ତିରିଶ ବର୍ଷର ନିରଳସ ସାଧନା-ପ୍ରସୂତ ସାହିତ୍ୟ ଉପରେ ଯଥାଯଥ ସମାଲୋଚନା ହୋଇ ତାର ଅନ୍ତର୍ନିହିତ ସୌନ୍ଦର୍ଯ୍ୟ ପ୍ରତିଷ୍ଠା କରିବାର ପ୍ରୟାସ ଏ ଦେଶରେ ହୋଇ ନ ଥିବା କେବଳ ଓଡ଼ିଆ ସାହିତ୍ୟ ଭାଗ୍ୟରେ ଏକାନ୍ତ ସମ୍ଭବପର । କେବଳ ମାନସିଂହ ସାହିତ୍ୟ ନୁହେଁ, ଆଧୁନିକ ଜୀବିତ ଲେଖକ ନୀଳକଣ୍ଠ, କାଳିନ୍ଦୀ, ବୈକୁଣ୍ଠ ପ୍ରଭୃତି ଲେଖକମାନଙ୍କ ରଚନାକୁ ଆମେ ଆଜି ପର୍ଯ୍ୟନ୍ତ ଯେ ଉପଯୁକ୍ତ ସମ୍ମାନ ଦେଖାଇ ପାରିନୁ, ଏକଥା ମୁକ୍ତ କଣ୍ଠରେ ମଧ୍ୟ ସ୍ୱୀକାର କରାଯାଇପାରେ । ଏ ଦିଗରେ ସମସ୍ତ ସମୟରେ ପ୍ରାଥମିକ ପ୍ରଚେଷ୍ଟା ସ୍ୱରୂପ ଯେଉଁ ଆଲୋଚନା ପ୍ରକାଶ ପାଏ, ସେ ସବୁ ବହୁ ଦିଗରୁ ମଧ୍ୟ ଅସଂପୂର୍ଣ୍ଣ ଓ ଅସନ୍ତୋଷଜନକ ।

ଆଧୁନିକ ଯୁଗର କବିମାନଙ୍କ ରଚନା ଆଲୋଚନା କଲାବେଳେ ଆମେ ସାଧାରଣତଃ ସେମାନଙ୍କ ରଚନା ବା ପ୍ରକାଶ କାଳ ଉପରେ ଆଦୌ ଦୃଷ୍ଟି ଦେଇ ନ ଥାଉ । କବି ଯେ ଯୁଗରେ ଜନ୍ମଲାଭ କରିଥିବା ହେତୁ ସେହି ଯୁଗଚିନ୍ତାଦ୍ୱାରା ବହୁ ପରିମାଣରେ ପ୍ରଭାବିତ ହୋଇଥାଏ, ସମୟର ଅଗ୍ରଗତି ଓ ପରିବର୍ତ୍ତନର ତାଡ଼ନାରେ କବିର ମାନସିକ ପ୍ରତିକ୍ରିୟା ଓ କବି ପ୍ରତିଭାର ଯେ କ୍ରମବିକାଶ ଏକାନ୍ତ ସମ୍ଭବପର; ସମାଜର ପରିବେଷ୍ଟନୀ, ବ୍ୟକ୍ତିଜୀବନର ସ୍ୱତନ୍ତ୍ର ଆଭିମୁଖ୍ୟ, କବିର ରଚନାକୁ ଯେ ବହୁ ପରିମାଣରେ ନିୟନ୍ତ୍ରଣ କରିଥାନ୍ତି—ଏପରି ବହୁବିଧ ସମସ୍ୟାର ସମ୍ମୁଖୀନ ଆମେ ଆଦୌ ହେଉନି, କାରଣ ସମାଲୋଚନା କଲାବେଳେ ଆମେ ରଚନାକାଳ ଉପରେ ବିଶେଷ ଗୁରୁତ୍ୱ ଦେବାକୁ ଇଚ୍ଛା କରୁନି । ରଚନାର ତାତ୍ତ୍ୱିକ ବିଶ୍ଳେଷଣ ତାର ରସ-ସୌନ୍ଦର୍ଯ୍ୟ ପ୍ରଖ୍ୟାପନର ମାନଦଣ୍ଡ ବୋଲି କେହି କେହି ରଚନାକାଳ ଜାଣିବା ପାଇଁ ଆଦୌ ଚିନ୍ତିତ ହୁଅନ୍ତି ନାହିଁ । କିନ୍ତୁ ଦେଖିବାର କଥା, ସାହିତ୍ୟାଲୋଚନାର ଏହା କଦାପି ସର୍ବଶେଷ ମାନଦଣ୍ଡ ନୁହେଁ, ପୁନଶ୍ଚ, ଏହା ଯେ ସର୍ବଶ୍ରେଷ୍ଠ ମାନଦଣ୍ଡ ତାହା ମଧ୍ୟ ଦୃଢ଼ଭାବରେ କୁହାଯାଇ ନ ପାରେ । କାରଣ ସମୟଜ୍ଞାନ ବିରହିତ ହୋଇ ତାତ୍ତ୍ୱିକ ବିଶ୍ଳେଷଣ କଲେ

Digitized by srujan ka@gmail.com

ସାହିତ୍ୟ-ସୌନ୍ଦର୍ଯ୍ୟ ପ୍ରତିଷ୍ଠା ନିର୍ଭୁଲ ଭାବେ ହୋଇ ନ ପାରେ । କାଳକ୍ରମ ଓ ତାତ୍ତ୍ୱିକ ବିଶ୍ଳେଷଣ ଏ ଉଭୟର ମଧୁର ମିଳନରେ କଳାର ପ୍ରକୃଷ୍ଟ ମହତ୍ତ୍ୱ ପ୍ରତିଷ୍ଠିତ ହୁଏ । ଆଧୁନିକ ଓଡ଼ିଆ ସାହିତ୍ୟର ବିଶିଷ୍ଟ କବି ମାନସିଂହଙ୍କ ରଚନାର କାଳନିର୍ଣ୍ଣୟ ମୁଁ ସେଇ ଅଭାବ ପୂରଣ ନିମନ୍ତେ ପ୍ରସ୍ତୁତ କରିଛି । ଆଶା, ଏ ଦେଶର ପାଠକ ପାଠିକା ମାନସିଂହ ସାହିତ୍ୟ ଅଧ୍ୟୟନ ଓ ଆଲୋଚନା କଲାବେଳେ ଯଦି ଏଥିରୁ କିଛି ଉପକାର ପାଇ ପାରନ୍ତି ତାହେଲେ ମୋର ସମସ୍ତ ପରିଶ୍ରମ ନିଷ୍ଫଳ ହେବନି ।

କବି ମାନସିଂହଙ୍କ ଯେଉଁ ରଚନା ମୋର ଆଖିକି ଆସିଛି, ସେ ସମସ୍ତଙ୍କୁ ମୁଁ କାଳାନୁକ୍ରମିକଭାବେ ସଜାଇ ରଖୁଛି ।

୧ । ଗ୍ରାମକବି (ପ୍ରଥମ ପ୍ରକାଶ ୧୯୨୮)—କଟକ ସତ୍ୟବାଦୀ ପ୍ରେସରେ ମୁଦ୍ରିତ ଓ 'ପ୍ରଗତିସଂଘ' ଦ୍ୱାରା ପ୍ରକାଶିତ । ଏହାର ଭୂମିକାରେ କବି ଲେଖିଛନ୍ତି "ଏ ଲେଖା ପ୍ରାୟ ତିନିବର୍ଷ ତଳର" ଅର୍ଥାତ୍ 'ଗ୍ରାମକବି' ରଚନାର ସମୟ ହେଉଛି ୧୯୨୫ ସାଲ । କିନ୍ତୁ ଏ ପୁସ୍ତକରେ ଥିବା ଶେଷ ଗାନଟି "କାନନେ ଆଜି ମୋର ଚଉ ଗୈର ପ୍ରଥମେ 'ଜୀବନ ସ୍ୱପନ' ନାମରେ ଉତ୍କଳ ସାହିତ୍ୟ ୩୦।୧୦ ମାଘ ୧୩୩୫ (ଜାନୁୟାରୀ ୧୯୨୭) ରେ ପ୍ରକାଶିତ ହୋଇଥିଲା । କବି ପଦ୍ମଚରଣ ପଟ୍ଟନାୟକ ଏ ପୁସ୍ତକ ଉପରେ ଅଭିମତ ଦେଇଛନ୍ତି—"ତମ ବନ୍ଧୁର କଳନା ଓଡ଼ିଶାରେ ଗୋଟିଏ ନୂଆ କଥା । ଏ ଧରଣର ସୃଷ୍ଟି କେବଳ ଦୃଶ୍ୟ କାବ୍ୟରେ କାହିଁକି, ଆମ ଦେଶର ଆଧୁନିକ ସାହିତ୍ୟର କୌଣସି ବିଭାଗରେ ଏତେ ସୁସ୍ପଷ୍ଟ ଓ କବିତ୍ୱପୂର୍ଣ୍ଣ ଭାବରେ ପଢ଼ିଥିବାର ମୁଁ ଦେଖିନାହିଁ ।" ଉତ୍କଳ ସାହିତ୍ୟ ୩୨।୯ ପୌଷ ୧୩୩୭ (ଡିସେମ୍ବର ୧୯୨୮) ସଂଖ୍ୟାର ଗୋଟିଏ ସ୍ୱତନ୍ତ୍ର କ୍ଷୁଦ୍ର ବିଜ୍ଞାପନରୁ ଉଦ୍ଧୃତ ।

୨ । 'କୋଣାର୍କ'— କୋଣାର୍କ ଗୀତିକାବ୍ୟର ସର୍ବପ୍ରଥମ କବିତା । ଏହା ପ୍ରଥମେ 'ଲେଖକ ଶ୍ରୀ—' ନାମରେ 'ବାରୁଣୀ' ଆଷାଢ଼ ୧୩୩୩ (ଜୁନ ୧୯୨୬)ରେ ପ୍ରକାଶିତ । ଯେତେଦୂର ମନେହୁଏ, ଏହା ହିଁ ମାନସିଂହଙ୍କ କବି ଜୀବନରେ ପ୍ରଥମ ପ୍ରକାଶିତ କବିତା ।

୩ । 'ବାରବାଟୀ' (କବିତା)—ଉତ୍କଳ ସାହିତ୍ୟ ୩୦।୮ ମାର୍ଗଶିର ୧୩୩୪ (ନଭେମ୍ବର ୧୯୨୭)—ମାଟିବାଣୀ (୧୯୪୭) ପୃ—୧୧ ।

Digitized by srujan ka@gmail.com

ପତ୍ରିକାରେ ଏହାର ପ୍ରଥମ ପଦ ଥିଲା ଏମିତ—

"ମହୁମାର ଶୂରତାର ଇତିହାସ ଶିରେ
ରାଜଟୀକା ସମ
ନମସ୍ୟ ପରମ,
ତୁମେ ତୁଙ୍ଗ ବାରବାଟୀ ବୀରରକ୍ତ ମାଂସରେ ଗଠିତ,
ଅତୀତର ବକ୍ଷପରେ
ଏ ଜାତର ଜୟସ୍ତମ୍ଭ ପର
ଦର୍ପଭରେ ମଥା ଟେକ କର
ବଜୟ ପତାକା ତବ ଚରୋଜ୍ଜ୍ୱଳ ଚର ଉନ୍ନମିତ ।"

ପୁସ୍ତକରେ ସ୍ଥାନ ପାଇଥିବା କବିତାଟିରେ କେତେକ ସ୍ଥଳରେ ଏମିତ ପରିବର୍ତ୍ତନ ଲକ୍ଷ୍ୟ କରାଯାଇପାରେ ।

୪ । 'କବିର ନମନ୍ତ୍ରଣ'—ଉତ୍କଳ ସାହିତ୍ୟ ୩୦।୧୧ ଫାଲଗୁନ ୧୩୩୪ (ଫେବୃୟାରୀ ୧୯୨୭) ଏ କବିତାର ଆରମ୍ଭ ଏମିତ—

"କବି ଯେବେ ଥିଲେ ଶଇଶବେ
ଜ୍ୟୋସ୍ନା-ସ୍ୱପ୍ନ-ସ୍ମୃତି ଖାଲି ଧର,
ପାଇଲେ ସେ ଦନେ ଆମନ୍ତ୍ରଣ
ଭ୍ରମିଲେ ସେ ଡାକ ଅନୁସର ।"

୫ । 'ପ୍ରାବୃଟ ସମ୍ଭାଷଣ'—ଉତ୍କଳ ସାହିତ୍ୟ ୩୧।୫ ଭାଦ୍ର ୧୩୩୪ (ଅଗଷ୍ଟ ୧୯୨୭), ହେମ ପୁଷ୍ପ (୧୯୩୫) ପୃ: ୯୧, ହେମ ପୁଷ୍ପ (୧୯୪୭) ପୃ: ୨୨ ।

୬ । 'ବଂଶୀର ଡାକ'—ରେଭେନ୍‌ସାଭିଆନ, ସେପ୍‌ଟେମ୍ବର ୧୯୨୭—ହେମ ପୁଷ୍ପ—୧୯୩୫ ।

୭ । 'ଅନୂଢ଼ା'—ଉତ୍କଳ ସାହିତ୍ୟ ୩୧।୮ ମାର୍ଗଶିର ୧୩୩୫ (ଡିସେମ୍ବର ୧୯୨୭) ହେମ ପୁଷ୍ପ (୧୯୩୫) ପୃ: ୧୦୫, ମାଟିବାଣୀ (୧୯୪୭) ପୃ: ୮୬ ।

୮ । 'ତରୁଣ କବିର ଆଶା'—ଉତ୍କଳ ସାହିତ୍ୟ ୩୨।୧ ବୈଶାଖ ୧୩୩୫ (ଏପ୍ରିଲ ୧୯୨୮) ଧୂପ (୧୯୪୮) ପୃ: ୧ ।

ଧୂପ (୧୯୩୧) ଓ 'ଜୀବନ ଚିତା' (୧୯୪୭)ରେ ଏଇ କବିତାଟିର କେବଳ ୨୦ଟି ପଦ ଦେଖିବାକୁ ମିଳେ । 'ଧୂପ' (୧୯୪୮)ରେ କିନ୍ତୁ ଏଇ ୨୦ ପଦ ସହିତ

Digitized by srujan ka@gmail.com

ଆଉ ଅଧିକ ୩ଟି ପଦ ଯୋଗ କରାଯାଇଛି । କିନ୍ତୁ ପତ୍ରିକାରେ ଥିଲା ୬୧ଟି ପଦ । "ସବୁ ତରୁଣୀଙ୍କ ଚିରନ୍ତନ ଧନ" ପଦଟି ଯାହା ପ୍ରଥମେ ପତ୍ରିକାରେ ସ୍ଥାନ ପାଇଥିଲା, ତାହାକୁ ଲକ୍ଷ୍ୟକରି 'ସହକାର' ୮।୭ ଚୈତ୍ର ୧୩୩୫ (ମାର୍ଚ୍ଚ ୧୯୨୮)ର ସଂପାଦକୀୟ ଲେଖାରେ ଅତି ତୀବ୍ରତର ମନ୍ତବ୍ୟ ପ୍ରକାଶ ପାଇବାରୁ, ବୋଧହୁଏ କବି ଏହି ପଦଟିକୁ ଧୂପ (୧୯୩୧)ରେ ସ୍ଥାନ ଦେଇ ନାହାନ୍ତି ।

୯ । 'ଗୋପ ତର୍ପଣ' ଉତ୍କଳ ସାହିତ୍ୟ ୩୨।୩ ଆଷାଢ଼ ୧୩୩୫ (ଜୁନ ୧୯୨୮) ମାଟିବାଣୀ (୧୯୪୭) ପୃ: ୪୨ ।

ଏ କବିତାଟି ଆରମ୍ଭ ହୋଇଛି ଏମିତି—

"ତୁମେ ତାଣ୍ଡବନଟ ନୁହଁ ଶଙ୍କର ଭୋଳା
 ନୁହଁ ବୈଶାଖ ରକ୍ତ-ପ୍ରବଣ-ଡୋଳା
ତୁମେ ଧରିନାହଁ କେବେ ରୁଦ୍ରର ଅବତାର
 ଅତ୍ୟାଚାରୀର କରିବାକୁ ପ୍ରତିକାର
 ରାଜା ହୋଇ ହାତେ ଧରିନାହଁ ରାଜଦଣ୍ଡ
 ଗର୍ଜନ ହାନେ ନ କରିଛ ନରଷଣ୍ଡ ।
ତୁମେ ପ୍ରଳୟଙ୍କର ନୁହଁ ହେ ମହିଷଭଞ୍ଜନୀ
 ଅଥବା ଲେନିନ୍ ଭୀମ-ବିପ୍ଳବ-ବାଣୀ
ତୁମେ ଅଟ ହେ ଶାନ୍ତ, ସତ୍ୟର ପୁରୋହିତ
 ସନ୍ନ୍ୟାସୀ, ଋଷୀ, ଅବତାର ପରହିତ
ତୁମେ ଥିଲ ହେ କେବଳ ପତିତ ଜାତିର ବନ୍ଧୁ
 ଓଡ଼ିଆ ଜାତିର ଆପଣାର ଗୋପବନ୍ଧୁ ।"

ଏଥିରୁ କେବଳ ଶେଷ ଚାରିଧାଡ଼ି ସାମାନ୍ୟ ପରିବର୍ତ୍ତନ ସହ ପୁସ୍ତକରେ ସ୍ଥାନ ପାଇଛି ।

୧୦ । 'ରୂପସୀର ପୂଜା'—'ସହକାର' ୮ମ କଳସ ବାର ଅଞ୍ଜଳି, ଭାଦ୍ର ୧୩୩୫ (ଅଗଷ୍ଟ ୧୯୨୮) ହେମ ପୁଷ୍ପ (୧୯୪୭) ପୃ: ୬୫ ।

୧୧ । 'ଉପେକ୍ଷିତା' ଏକ ଦୀର୍ଘ ଅମିତ୍ରାକ୍ଷରର କବିତା ।

ପ୍ରକାଶ ସମୟ—

(କ) ସହକାର ୮।୧୨ ଭାଦ୍ର ୧୩୩୫ (ଅଗଷ୍ଟ ୧୯୨୮)

(ଖ) ସହକାର ୯।୧ ଆଶ୍ୱିନ ୧୩୩୬ (ସେପ୍ଟେମ୍ବର ୧୯୨୮)

(ଗ) ସହକାର ୯।୨ କାର୍ତ୍ତିକ ୧୩୩୬ (ଅକ୍ଟୋବର ୧୯୨୮)

Digitized by srujan ka@gmail.com

ପତ୍ରିକାର ଏଇ ସଂଖ୍ୟାର ଶେଷରେ କ୍ରମଶଃ ବୋଲି ଲେଖାଅଛି । କିନ୍ତୁ କବିଙ୍କ ମତାନୁସାରେ ଏଇଠାରେ ହିଁ କବିତାଟି ଶେଷ । ଏ କବିତାଟିର ନିର୍ଦ୍ଦେଶ ଦେଖନ୍ତୁ—"ଗୋଦାବରୀ କୂଳରେ ସୁରମ୍ୟ ଉପବନ । ତା' ମଧ୍ୟରେ ବିରାଟ ଓ ସୁଦୃଶ୍ୟ ସୌଧ । ଗୋଟିଏ କକ୍ଷରେ ରାକ୍ଷସ ରାଜକୁମାରୀ ସୂର୍ପଣଖା ବ୍ୟାକୁଳ ଭାବରେ ଗୋଟିଏ ପଲଙ୍କ ଉପରେ ଅର୍ଦ୍ଧଶାୟିତା ରହିଛି । ତା'ର ଅପୂର୍ବ ରୂପରାଶି, ଆଲୁଳାୟିତ କୁନ୍ତଳ ଓ ଶ୍ଳଥ ବସନ ଭୂଷଣ ମଧ୍ୟରୁ ଉଛୁଳି ପଡୁଛି, ଗବାକ୍ଷ ପଥରେ ଅନାଇଲେ ଦୂର ବନ କୋଳରେ ରାମ ଲକ୍ଷ୍ମଣଙ୍କର ପର୍ଣ୍ଣଶାଳା ଓ ତାର ଦ୍ୱାର ପାଖରେ ଜାନକୀଙ୍କୁ, ଗଛଲତାର ଅସ୍ପଷ୍ଟ ଛବି ଦେଖା ଯାଉଛି । ସେ ସେହି ଆଡ଼କୁ ନିର୍ନିମେଷ ନୟନରେ ଅନାଇ ରହି ହୃଦୟର ଅବ୍ୟକ୍ତ ବେଦନାକୁ କବିତା—ପ୍ରଯାରରେ ଭଟାଇ ଦେଉଛି ।"

୧୨ । 'ତ୍ୟକ୍ତ ପୁଷ୍ପ' (କ୍ଷୁଦ୍ର ଗଳ୍ପ)—ସହକାର ୯।୨ କାର୍ତ୍ତିକ ୧୩୩୬ (ଅକ୍ଟୋବର ୧୯୨୮) କବି ମାନସିଂହଙ୍କର ଏଇ ଏକମାତ୍ର କ୍ଷୁଦ୍ର ଗଳ୍ପ ମୁଁ ଏ ପର୍ଯ୍ୟନ୍ତ ଦେଖିବାକୁ ପାଇଛି । ଶୁଣିଲି, ସେ ଆଉ କେତୋଟି କ୍ଷୁଦ୍ର ଗଳ୍ପରେ ମଧ୍ୟ ହାତ ଦେଇଛନ୍ତି ।

୧୩ । 'ନିଦ୍ରିତ ଭଗବାନ'—ଉତ୍କଳ ସାହିତ୍ୟ ୩୨।୮ ମାର୍ଗଶିର ୧୩୩୬ (ନଭେମ୍ବର ୧୯୨୮) ଜୀବନଚିତା (୧୯୪୭) ପୃ: ୮ ।

୧୪ । 'ପ୍ରଣୟୀ'—ଉତ୍କଳ ସାହିତ୍ୟ ୩୨।୧୦ ମାଘ ୧୩୩୬ (ଜାନୁୟାରୀ ୧୯୨୯) ଧୂପ (୧୯୪୮) ପୃ: ୫୯, ଜୀବନ ଚିତା (୧୯୪୭) ପୃ: ୪୯ ।

୧୫ । 'ପ୍ରେମର ପରମାଣ'—ଉତ୍କଳ ସାହିତ୍ୟ ୩୨।୧୨ ଚୈତ୍ର ୧୩୩୬ (ମାର୍ଚ୍ଚ ୧୯୨୯) ଧୂପ (୧୯୪୮) ପୃ. ୮୯ । ପୁସ୍ତକରେ ଏ କବିତାର ନାମ ଅଛି 'ପ୍ରେମର ପରମାଣ' ।

୧୬ । 'ସାଧବ ଝିଅ' (କାବ୍ୟ)—ପ୍ରଥମ ପ୍ରକାଶ ୧୯୪୬ ସାଲ । କିନ୍ତୁ ଏହାର ଗୁଡ଼ିଏ କବିତା ଭିନ୍ନ ଭିନ୍ନ ସମୟରେ ପ୍ରକାଶିତ ।

(କ) 'ସାଧବ ଝିଅ'—ପୁସ୍ତକର ପ୍ରଥମ କବିତା—ଉତ୍କଳ ସାହିତ୍ୟ ୩୩।୨ ଜ୍ୟେଷ୍ଠ ୧୩୩୬ (ମେ ୧୯୨୯) ।

(ଖ) 'ମାଲୁଣୀ'—ପୁସ୍ତକର ଚତୁର୍ଥ କବିତା—ସହକାର ୧୨।୭ କାର୍ତ୍ତିକ ୧୩୩୯ (ଅକ୍ଟୋବର ୧୯୩୧) ।

(ଗ) 'ସାଧବପୁଅ'—ପୁସ୍ତକର ଦ୍ୱିତୀୟ କବିତା—ସହକାର ୧୨।୮ ମାର୍ଗଶିର ୧୩୩୯ (ନଭେମ୍ବର ୧୯୩୧) ।

Digitized by srujan ka@gmail.com

ଏ କବିତାର ଫୁଟ୍‌ନୋଟ୍‌ରେ ଅଛି—"ସପ୍ତମ ସଂଖ୍ୟା ସହକାରରେ 'ମାଲୁଣୀ' କବିତାର ମାଲୁଣୀ, ଯେଉଁ ସାଧବ ପୁଅକୁ ସ୍ୱଜଦାଣ୍ଡରେ ଭେଟିବାର ଲେଖା ଅଛି, ପାଠକମାନଙ୍କୁ ଅନୁରୋଧ, ଏହି କବିତାର ସାଧବ ପୁଅକୁ ସେହିଲୋକ ବୋଲି ମନେ କରିବେ । ବହୁଦିନ ତଳେ ଉତ୍କଳ ସାହିତ୍ୟରେ ପ୍ରକାଶିତ, ଏହି ଲେଖକର 'ସାଧବ ଝିଅ' ନାମକ କବିତାର ବଳପନ୍ତୀ ତରୁଣୀ ନାୟିକା, ଏହି ସାଧବ ପୁଅର କାମ୍ୟବସ୍ତୁ ।"

(ଘ) 'ମାଳା ଗ୍ରହଣ'—ପୁସ୍ତକର ୮ମ କବିତା—ସହକାର ୨୩।୧୦ ଅକ୍ଟୋବର ୧୯୪୩ ।

ଏ କବିତାର ଫୁଟ୍‌ନୋଟ୍‌ରେ ଦିଆଯାଇଛି—"ଲେଖକଙ୍କ ଅପ୍ରକାଶିତ 'ସାଧବ ଝିଅ' କାବ୍ୟର ଏକ ଅଂଶ ।"

୧୭ । 'ଦକ୍ଷିଣାପ୍ରତି'—ଉତ୍କଳ ସାହିତ୍ୟ ୩୩।୫ ଭାଦ୍ର ୧୩୩୭ (ଅଗଷ୍ଟ ୧୯୨୯), ହେମପୁଷ୍ପ (୧୯୩୫) ପୃ: ୮୦, ଜୀବନ ଚିତା ପୃ: ୨୫ ।

୧୮ । 'ମହାନଦୀରେ ଜ୍ୟୋସ୍ନା ବିହାର' ଉତ୍କଳ ସାହିତ୍ୟ ୩୩।୭ କାର୍ତ୍ତିକ ୧୩୩୭ (ଅକ୍ଟୋବର ୧୯୨୯) ମାଟିବାଣୀ (୧୯୪୭) ପୃ: ୩ ।

୧୯ । 'ରେଙ୍ଗୁନ ଚିଠି'—ରେଭେନ୍‌ସାଭିଆନ୍— ଅକ୍ଟୋବର ୧୯୨୯, ମାଟିବାଣୀ ପୃ: ୨୭ ।

୨୦ । 'ଯଥାସ୍ଥାନ'—ଉତ୍କଳ ସାହିତ୍ୟ ୩୩।୮ ମାର୍ଗଶିର ୧୩୩୭ (ନଭେମ୍ବର ୧୯୨୯) ହେମପୁଷ୍ପ (୧୯୩୫) ପୃ: ୮୪, ହେମପୁଷ୍ପ (୧୯୪୭) ପୃ: ୨୫ ।

୨୧ । 'କୁବ୍‌ଜା ରାଧା'—'ସହକାର' ୧୦।୯ ପୌଷ ୧୩୩୭ (ଡିସେମ୍ବର ୧୯୨୯), ହେମପୁଷ୍ପ (୧୯୩୫) ।

୨୨ । 'ପୂର୍ଣ୍ଣିମା' (ନାଟିକା)—'ସହକାର' ୧୧।୪ ଶ୍ରାବଣ ୧୩୩୭ (ଜୁଲାଇ ୧୯୩୦) ।

ଏ ନାଟିକାଟି ସହକାରରେ ପ୍ରକାଶ ପାଇବାର ପର ମାସରେ ହରିଶ୍ଚନ୍ଦ୍ର ବଡ଼ାଳ ଏହାକୁ ସମାଲୋଚନା କରନ୍ତି । 'ପୂର୍ଣ୍ଣିମା ଲେଖକଙ୍କ କୈଫିୟତ୍' ନାମରେ ମାନସିଂହ ଏହାର ଉତ୍ତର ଦିଅନ୍ତି ସହକାର ୧୧ ଭାଗ ଆଶ୍ୱିନ ୧୩୩୮ (ସେପ୍‌ଟେମ୍ବର ୧୯୩୦) ସଂଖ୍ୟାରେ ।

୨୩ । 'ଶୁଭଦୃଷ୍ଟି'—ସହକାର ୧୧।୮,୯ ସଂଖ୍ୟା ମାର୍ଗଶିର, ପୌଷ ୧୩୩୮ (ନଭେମ୍ବର, ଡିସେମ୍ବର ୧୯୩୦) ।

Digitized by srujan ka@gmail.com

'ହେମ ପୁଷ୍ପ' (୧୯୩୫)ରେ ଯେଉଁ 'ଶୁଭଦୃଷ୍ଟି', 'ଗବ୍ରଘଗ' ଓ 'ପରୀ୍ପୋକ' ନାମରେ ସ୍ୱତନ୍ତ୍ର ଉନୋଟି କବିତା ଅଛି, ସେ ସବୁ ହେମ ପୁଷ୍ପ (୧୯୪୭)ରେ କେବଳ ଗୋଟିଏ କବିତା 'ଶୁଭଦୃଷ୍ଟି'ର ୩ଟି ସର୍ଗରେ ସ୍ଥାନ ପାଇଛନ୍ତି ।

୨୪ । 'ଧୂପ'—ପୁସ୍ତକ ପ୍ରକାଶ କାଳ ୧୯୩୧ ସାଲ—ଉତ୍କଳ ସାହିତ୍ୟ ପ୍ରେସ, କଟକ । ସହକାର ୧୨।୨ ଜ୍ୟେଷ୍ଠ ୧୩୩୮ (ମେ, ୧୯୩୧) ସଂଖ୍ୟାରେ ସ୍ଥାନ ପାଇଥିବା ଗୋଟିଏ ସ୍ୱତନ୍ତ୍ର ଗ୍ଲେଟିଆ କାଗଜରେ ନିମ୍ନଲିଖିତ ବିଜ୍ଞାପନ ଦିଆଯାଇଛି ।

ମାୟାଧର ମାନସିଂହଙ୍କ
ପ୍ରଥମ କବିତା ଗ୍ରନ୍ଥ 'ଧୂପ'
ଶୀଘ୍ର ପ୍ରକାଶିତ ହେବ ।
ପ୍ରାଣସ୍ପର୍ଶୀ ପ୍ରେମ କବିତାର ସଂଗ୍ରହ
ପ୍ରାୟ ସମସ୍ତ କବିତା ଅପ୍ରକାଶିତ ଥିଲା ।
ଆଗାମୀ ପୂର୍ଣ୍ଣିମାକୁ ଅପେକ୍ଷା କରନ୍ତୁ ।
ସୁନ୍ଦର ଛପା, ଶସ୍ତା ଦାମ, ଉପହାରର ଶ୍ରେଷ୍ଠ ସାମଗ୍ରୀ ।

ସହକାର ୧୨।୩ ଆଷାଢ଼ ୧୩୩୮ (ଜୁନ୍ ୧୯୩୧) ରେ ପତ୍ରିକାର ସମ୍ପାଦକ 'ଧୂପ' ଉପରେ କହିଛନ୍ତି, ''ଲେଖକ ଶ୍ରୀମାନ୍ ମାୟାଧର ମାନସିଂହ । ୩୨ଟି ପ୍ରେମ କବିତା ପୁସ୍ତକଟିର କଳେବର, କବିତାଗୁଡ଼ିକ ଗୀତ ଛନ୍ଦରେ ଲିଖିତ,'' ଇତ୍ୟାଦି ।

'ଧୂପ'ର ଦୁଇଟି ସଂସ୍କରଣରେ ୩୨ଟି ଲେଖାଏଁ କବିତା ଅଛି ।

୨୫ । 'ନବନମ ସମ୍ବର୍ଦ୍ଧନା'—ଉତ୍କଳ ସାହିତ୍ୟ ୩୫।୩ ଆଷାଢ଼ ୧୩୩୮ (ଜୁନ୍ ୧୯୩୧) ।

୨୬ । 'ଗୋପ ପ୍ରୟାଣ'—'ସମାଜ' ଗୋପବନ୍ଧୁ ଶ୍ରାଦ୍ଧ ସଂଖ୍ୟା, ୩ୟ ଶ୍ରାଦ୍ଧ ବାର୍ଷିକ ଦିବସ ୧୫।୭ ବୁଧବାର ୧୯୩୧ ।

ଏଥିରେ ଲେଖକ—'ଦୂର ଅତିଥି' ବୋଲି ସ୍ଥାନ ପାଇଛି । ପାଟଣାରେ ଏମ୍. ଏ. ପଢ଼ିଲାବେଳେ ଏହା ଲେଖା ଯାଇଛି । ମାଟିବାଣୀ ପୃଷ୍ଠା ୪୭ ।

୨୭ । 'ରୂପ ଦେବତା'—ସହକାର ୧୨।୧୨ ଚୈତ୍ର ୧୩୩୯ (ମାର୍ଚ୍ଚ ୧୯୩୨) ହେମ ପୁଷ୍ପ (୧୯୩୫) ପୃଷ୍ଠା ୧୨୦; ହେମ ପୁଷ୍ପ (୧୯୪୭ ପୃଷ୍ଠା ୯ ।

୨୮ । 'ବର୍ଷା ସନ୍ଧ୍ୟା'—ସହକାର ୧୨।୧୨ ଚୈତ୍ର ୧୩୩୯ (ମାର୍ଚ୍ଚ ୧୯୩୨) ମାଟିବାଣୀ ପୃଷ୍ଠା ୨୧ ।

Digitized by srujan ka@gmail.com

୨୯ । 'ପ୍ରାଚୀନ ଓଡ଼ିଆ କାବ୍ୟ' (ପ୍ରବନ୍ଧ)—ସହକାର ୧୩।୫ ଭାଦ୍ର ୧୩୩୯ (ଅଗଷ୍ଟ ୧୯୩୨) "ଓଡ଼ିଆ ସମାଜ ଓ ସାହିତ୍ୟ" ପୃଷ୍ଠା ୧ ।

୩୦ । 'ଗୃହମାୟା'—ସହକାର ୧୩।୭ କାର୍ତ୍ତିକ ୧୩୪୦ (ଅକ୍ଟୋବର ୧୯୩୨) ଏହାର ନାମ 'ଘରପଣା' ବୋଲି 'ମାଟିବାଣୀ' ପୃଷ୍ଠା ୩୨ ରେ ଅଛି ।

୩୧ । 'ପୂଜାରଣୀ'—(ପ୍ରଥମ ପ୍ରକାଶ ୧୯୩୨)—'ସବୁଜ ସାହିତ୍ୟ ସମିତି'ର ଏହା ହିଁ ଚତୁର୍ଥ ଗ୍ରନ୍ଥ । ଏହାର ପ୍ରକାଶକ 'ସବୁଜ ସାହିତ୍ୟ ସମିତି,' ଲକ୍ଷ୍ମୀନାରାୟଣ ପ୍ରେସରେ ମୁଦ୍ରିତ । ପୁସ୍ତକଟି କବିଙ୍କ ବନ୍ଧୁ ଶ୍ରୀ ରତ୍ନାକର ଷଡ଼ଙ୍ଗୀଙ୍କୁ ଉତ୍ସର୍ଗୀକୃତ ।

୩୨ । 'ରବୀନ୍ଦ୍ରନାଥଙ୍କ କବିତା' (ପ୍ରବନ୍ଧ)—ସହକାର ୧୩।୧୦ ମାଘ ୧୩୪୦ (ଜାନୁୟାରୀ ୧୯୩୩) "କବି ଓ କବିତା" ପୃଷ୍ଠା ୧୨ ।

୩୩ । 'ପର ଧର୍ମ' (ପ୍ରବନ୍ଧ)—ସହକାର ୧୩।୧୧ ଫାଲ୍‌ଗୁନ ୧୩୪୦ (ଫେବୃୟାରୀ ୧୯୩୩) "ଓଡ଼ିଆ ସମାଜ ଓ ସାହିତ୍ୟ" ପୃଷ୍ଠା ୩୭ ।

୩୪ । 'ରାଧାନାଥ ଓ ମଧୁସୂଦନ' (ପ୍ରବନ୍ଧ)—ଯୁଗବାଣୀ ମାର୍ଚ୍ଚ ୧୯୩୩ "କବି ଓ କବିତା" ।

୩୫ । 'ହେମ ଶସ୍ୟ'—ସହକାର ୧୪।୫ ଭାଦ୍ର ୧୩୪୦ (ଅଗଷ୍ଟ ୧୯୩୩) 'ହେମ ପୁଷ୍ପ' (୧୯୩୫) ପୃଷ୍ଠା ୪୫ରେ ଏ କବିତା 'ପ୍ରେମ ଓ ସିଦ୍ଧି' ନାମରେ ସ୍ଥାନ ପାଇଛି ।

୩୬ । 'ହେମ ଶସ୍ୟ' (କବିତା) ପୁସ୍ତକ— ପ୍ରଥମ ପ୍ରକାଶ ୧୯୩୩ । "ପ୍ରଗତି ସଂଘ" ଏହାର ସ୍ୱତ୍ତ୍ୱାଧିକାରୀ । ଲକ୍ଷ୍ମୀନାରାୟଣ ପ୍ରେସରେ ମୁଦ୍ରିତ । ପୁସ୍ତକଟି ଭଗବତୀ ଚରଣ ପାଣିଗ୍ରାହୀଙ୍କୁ ଉତ୍ସର୍ଗୀକୃତ । ଏ ପୁସ୍ତକର ଗୁଡ଼ିଏ କବିତା 'ହେମ ଶସ୍ୟ' ନାମରେ ପ୍ରଥମେ ସହକାର ୧୩।୯ ପୌଷ ୧୩୪୦ (ଡିସେମ୍ବର ୧୯୩୨)ରେ ପ୍ରକାଶିତ ହୋଇଥିଲା । ସେ ଗୁଡ଼ିଏ କବିତା— "ଜନ୍ମେ ପରିଚୟ," "ଜାଣେ ଜାଣେ," "ଆକର୍ଷଣ" ଓ "ପ୍ରେମିକର ଅଧିକାର" ।

'ହେମ ଶସ୍ୟ' (୧୯୩୩) ପୁସ୍ତକର କବିତାମାନ ଅନ୍ୟ ବିଭିନ୍ନ ସ୍ଥାନରେ କିପରି ସ୍ଥାନ ପାଇଛି ତାହା ପରେ ଦେଖାଇ ଦିଆଯିବ ।

୩୭ । 'ଆର୍ଯ୍ୟ ମଧୁସୂଦନ'—ସହକାର ୧୪।୧୦ ମାଘ ୧୩୪୧ (ଜାନୁୟାରୀ ୧୯୩୪) ।

Digitized by srujan ka@gmail.com

ଏ କବିତାଟି ଏମିତି ଆରମ୍ଭ ହୋଇଛି—

“ଆସି ହେ ବୀର ବର୍ଷ ହେ
ଶୁଭ କି ତବ ତୂର୍ଯ୍ୟ ହେ ?
ଗୋଟି ଗୋଟି କରି ଜଳାଇ ଯାଉଛ
କୋଟିଏ ଜାତିର ସୂର୍ଯ୍ୟ ଯେ ।”

୩୮ । 'ଆମ୍ଭ ଘର'— ନବଭାରତ ୧।୧ ମିଥୁନ ୧୩୪୧ (ଜୁନ୍ ୧୯୩୪) ହେମ ପୁଷ୍ପ (୧୯୩୫) ପୃଷ୍ଠା ୧୨୮; ହେମ ପୁଷ୍ପ (୧୯୪୭) ପୃଷ୍ଠା ୫୯ ।

୩୯ । 'ଦେବପୂଜା— ନବଭାରତ ୧।୫ ତୁଳା ୧୩୪୧ (ଅକ୍ଟୋବର ୧୯୩୪) ହେମ ପୁଷ୍ପ (୧୯୩୫) ପୃଷ୍ଠା ୧୩୩, ଜୀବନ ଚିତା ପୃଷ୍ଠା ୩୯ ।

ଏହାର ଫୁଟ୍‌ନୋଟରେ ଲେଖାଅଛି “ଲେଖକଙ୍କ ଅପ୍ରକାଶିତ ହେମ-ପୁଷ୍ପରୁ” ।

୪୦ । 'ପଲ୍ଲୀ କବି ନନ୍ଦକିଶୋର' (ପ୍ରବନ୍ଧ)—ସହକାର ୧୬।୨ ଜ୍ୟେଷ୍ଠ ୧୩୪୨ (ମେ ୧୯୩୫) “କବି ଓ କବିତା” (୧୯୪୮) ପୃଷ୍ଠା ୧୧୯ ।

୪୧ । 'ଉତ୍କଳ ଗାଉଁଲି ଗୀତର ପରିଚୟ' (ପ୍ରବନ୍ଧ)— ନବଭାରତ ୨।୨ କର୍କଟ ୧୩୪୨ (ଜୁଲାଇ ୧୯୩୫) “ଓଡ଼ିଆ ସମାଜ ଓ ସାହିତ୍ୟ” (୧୯୫୧) ପୃଷ୍ଠା ୭୩ ।

୪୨ । 'କୋଣାର୍କର ଲାସ୍ୟଲୀଳା'—କୋଣାର୍କ' କାବ୍ୟର 'ଲାସ୍ୟଲୀଳା'”—ସହକାର ଷୋଡ଼ଶ ଭାଗ ଭାଦ୍ର, ଆଶ୍ୱିନ ୧୩୪୩ (ଅଗଷ୍ଟ, ସେପ୍ଟେମ୍ବର ୧୯୩୫) ।

ଏହାର ପ୍ରଥମ ନାମ ଥିଲା—'କୋଣାର୍କର ଲାସ୍ୟ-ଲୀଳା' । ଜ୍ୟୋତ୍ସ୍ନା-ଜୀବନ୍ତ ପାଷାଣ-ବିଗ୍ରହମାନଙ୍କର ନୃତ୍ୟ ବିଳାସ) ଏହାର ପାଦଟୀକାରେ ଲେଖକ କହିଛନ୍ତି “ଛନ୍ଦରକ୍ଷା ପାଇଁ ଓ କେତେକ ସ୍ଥାନରେ ରଚନାକୁ ଶ୍ରୁତି ମଧୁର କରିବା ପାଇଁ ଏହି କବିତାରେ ଚନ୍ଦ୍ର୍‌ବିନ୍ଦୁ ସାହାଯ୍ୟରେ ଯୁକ୍ତାକ୍ଷର ପରିହାର କରାଯାଇଛି ।” କବି ନିମାପଡ଼ା ହାଇସ୍କୁଲରେ ଶିକ୍ଷକ ଥିଲାବେଳେ କୋଣାର୍କ ମନ୍ଦିର ଦେଖିବାର ସୁଯୋଗ ପାଇଥିଲେ । କୋଣାର୍କ ଦେଖିସାରି ସେ “କୋଣାର୍କ' ପ୍ରବନ୍ଧ 'ସହକାର' ଜୁଲାଇ ୧୯୩୫ ସଂଖ୍ୟାରେ ପ୍ରକାଶ କରିଥିଲେ । 'ଲାସ୍ୟଲୀଳା' ଏଇ 'କୋଣାର୍କ' ପ୍ରବନ୍ଧର ବହୁପରିମାଣରେ ଗୀତ ରୂପ ମାତ୍ର ।

୪୩ । 'ତୀର୍ଥ ଯାତ୍ରା'—ନବ ଭାରତ ୨।୭,୭ ବିଛା, ଧନୁ ୧୩୪୨ (ନଭେମ୍ବର, ଡିସେମ୍ବର ୧୯୩୫) ମାନସିଂହ ଚୟନ (୨ୟ ଭାଗ) ପୃଷ୍ଠା ୧୭୦ ।

Digitized by srujan ka@gmail.com

୪୪ । 'ହେମ ପୁଷ୍ପ' (କବିତା ପୁସ୍ତକ)—ପ୍ରକାଶକ, ଚଣ୍ଡେଶ୍ୱର ମିଶ୍ର, ସଂପାଦକ, 'ପ୍ରଗତି ସଂଘ' ନୂତନ ମୁଦ୍ରଣ ୧୯୩୫ ସାଲ ।

ଏ ପୁସ୍ତକର କବିତା ସବୁ ଉପରେ ଅନ୍ୟତ୍ର ସ୍ଥାନ ପାଇଛି ପରେ ଦେଖାଇ ଦିଆଯିବ ।

୪୫ । 'ନାପିଗୁଣୀର ଗାନ୍ଧୀ ପୂଜା'—ନବ ଭାରତ ୨।୯ କୁମ୍ଭ ୧୩୪୨ (ଫେବୃୟାରୀ ୧୯୩୬) ବା.ପ୍ର ତର୍ପଣ (୧୯୪୮) ପୃଷ୍ଠା ୨୩, ମାଟିବାଣୀ—ପୃଷ୍ଠା ୬୨ ।

୪୬ । 'କବି ଲକ୍ଷ୍ମୀ' (କବିତା)—ନବ ଭାରତ ୨।୧୨ ବୃଷ ୧୩୪୩ (ଜୁନ୍ ୧୯୩୬) ।

୪୭ । 'ବିଲ ଲକ୍ଷ୍ମୀ'—ଆଧୁନିକ ୧।୫ ସେପ୍ଟେମ୍ବର ୧୯୩୭ ମାଟିବାଣୀ (୧୯୪୭) ପୃଷ୍ଠା ୩୯ ।

୪୮ । 'ନବ ସାହିତ୍ୟର ପ୍ରତିଷ୍ଠା' (ପ୍ରବନ୍ଧ)—ନବ ଭାରତ ୩।୪ କନ୍ୟା ୧୩୪୩ (ସେପ୍ଟେମ୍ବର ୧୯୩୭) ।

୪୯ । 'ଓଡ଼ିଆରେ ଲେଖିବ କାହିଁକି ?' ନବ ଭାରତ ୩।୫ ତୁଳା ୧୩୪୩ (ଅକ୍ଟୋବର ୧୯୩୭) "ଓଡ଼ିଆ ସମାଜ ଓ ସାହିତ୍ୟ" ପୃଷ୍ଠା ୬୪ ।

୫୦ । 'ବିରହ ପ୍ରଦୀପ'—ଆଧୁନିକ ୧।୬ ଅକ୍ଟୋବର ୧୯୩୬ ପ୍ରେମ ଶସ୍ୟ (୧୯୪୫) ପୃଷ୍ଠା ୧୬୪ ।

୫୧ । 'ଜେମା' (କାବ୍ୟ)—ପ୍ରଥମ ପ୍ରକାଶ ୧୯୪୭ । ଏହାର ଭୂମିକାରେ କବି ଲେଖିଛନ୍ତି "ଏହା ପ୍ରାୟ ୧୦ ବର୍ଷତଳେ ଲେଖା ହୋଇ ଅବହେଳିତ ଭାବରେ ପାଣ୍ଡୁଲିପିରେ ପଡ଼ି ରହିଥିଲା ।" ଏହାର ପ୍ରଥମ ସର୍ଗର କିଛି ଅଂଶ 'ବୁଡ଼ା ଦଳେଇ' ନାମରେ 'ନବ ଭାରତ' ୪।୧ ମିଥୁନ ୧୩୪୪ (ଜୁନ୍ ୧୯୩୭) ରେ ପ୍ରକାଶ ପାଇଥିଲା । ଏଇ କବିତାର ଫୁଟନୋଟ୍‌ରେ ଲେଖାଅଛି, "ଲେଖକର ଅପ୍ରକାଶିତ ଜେମା କାବ୍ୟର ଅଂଶ ।"

ଏହି କବିତାଟି ପୁନର୍ବାର 'ଆରତି' ୧।୬ ଓ ୧।୭ କାର୍ତ୍ତିକ ଓ ମାର୍ଗଶିର ୧୩୪୮ (ଅକ୍ଟୋବର ଓ ନଭେମ୍ବର ୧୯୪୦ ଦୁଇ ସଂଖ୍ୟା) ରେ ପ୍ରକାଶିତ । ଏଥିର ପ୍ରଥମ ସଂଖ୍ୟାରେ କବିତାର ଆରମ୍ଭରେ 'ନାୟିକା ପ୍ରତି' କବିତାଟି ଅଛି ଓ ପ୍ରଥମେ ନିର୍ଦ୍ଦେଶ ଦିଆଯାଇଛି—"ବର୍ଣ୍ଣିତ ବିଷୟ—ଦଳାଇ ଓ ତାଙ୍କର ଦୁଇ କନ୍ୟା । ଗଞ୍ଜାମ ଧନୀକର ସେମାନଙ୍କ ପ୍ରତି ଆଗ୍ରହ । ପଦ୍ମାର ବିବାହ ଓ ମୃତ୍ୟୁ । କିଶୋରୀ ଜେମାର ବୟସ୍କ ଧନୀକଙ୍କ ସହ ବିବାହ ।" ପ୍ରକାଶିତ ଜେମା କାବ୍ୟ (୧୯୪୭) ରେ ଏଇ 'ନାୟିକା ପ୍ରତି' କବିତାଟି ନାହିଁ ।

Digitized by srujan ka@gmail.com

୫୨ । 'ଉତ୍କଳ ବନ୍ଦନା'—'ବର୍ତ୍ତିକା' ୧।୧ ଭାଦ୍ର ୧୩୪୫ (ଅଗଷ୍ଟ ୧୯୩୭) ମାଟିବାଣୀ—ପୃଷ୍ଠା ୧୧୫ ।

୫୩ । 'ନଷ୍ଟ ନୀଡ଼'—(ନାଟକ)—(ପ୍ରଥମ ପ୍ରକାଶ ୧୯୩୭) ଏହାର ପ୍ରଥମ ଅଙ୍କର କେତେକାଂଶ) 'ବର୍ତ୍ତିକା' ୧।୨ କାର୍ତ୍ତିକ ୧୩୪୫ (ଅକ୍ଟୋବର ୧୯୩୭) ରେ ପ୍ରକାଶିତ ହୋଇଥିଲା ।

୫୪ । 'ପଶ୍ଚିମ ପଥିକ'—(ପ୍ରଥମ ପ୍ରକାଶ ୧୯୪୭) 'ନବ ଭାରତ' ୪।୮ ମକର ୧୩୪୫ (ଜାନୁୟାରୀ ୧୯୩୮) ଠାରୁ କ୍ରମଶଃ କେତେଗୁଡ଼ିଏ ପରିଚ୍ଛେଦ ପ୍ରକାଶ ପାଇଛି ।

୫୫ । 'ବାପୂଜୀ'—'ନବ ଭାରତ'—୫।୨ କର୍କଟ ୧୩୪୬ (ଜୁଲାଇ ୧୯୩୮) ମାଟିବାଣୀ—ପୃଷ୍ଠା ୫୮ ବାପୁ ତର୍ପଣ (୧୯୪୮) ପୃଷ୍ଠା ୧୫ ।

୫୬ । 'ୟୁରୋପରେ ଭାରତୀୟ ଚନ୍ଦ୍ରାଧାରୀ'—(ପ୍ରବନ୍ଧ) 'ଆରତି' ୧।୧ ବୈଶାଖ ୧୩୪୭ (ଏପ୍ରିଲ୍ ୧୯୪୦) ।

୫୭ । 'ବୋଇତ ବନ୍ଦାଣ'—(କାବ୍ୟ ନାଟିକା) 'ଆରତି' ୧।୩ ଆଷାଢ଼ ୧୩୪୭ (ଜୁନ୍ ୧୯୪୦) ।

ଏହାର ଫୁଟ୍‌ନୋଟରେ ଅଛି ଲେଖକଙ୍କର ଅପ୍ରକାଶିତ କାବ୍ୟ ନାଟିକା 'ତପୋଇ'ର ଏକ ଅଂଶ—ମାଟିବାଣୀ ପୃଷ୍ଠା ୭୭ । ଏ କାବ୍ୟ ନାଟିକାଟି ବୋଧହୁଏ ପୂର୍ଣ୍ଣାଙ୍ଗ ରୂପରେ ପୁସ୍ତକାକାରରେ ଏପର୍ଯ୍ୟନ୍ତ ପ୍ରକାଶିତ ହୋଇନି ।

୫୮ । 'ତରସ୍ୱୀରଣୀ'—(କବିତା) 'ଆରତି'—୧।୪ ଶ୍ରାବଣ ୧୩୪୭ ଜୁଲାଇ (୧୯୪୦) ।

୫୯ । 'ଦାନ'—କବିତା 'ଆରତି'—୧।୫ ଭାଦ୍ର ୧୩୪୭ (ଅଗଷ୍ଟ ୧୯୪୦)

୬୦ । 'କୁନ୍ତଳା କୁମାରୀ'— 'ଆରତି'—୧।୫ ଭାଦ୍ର ୧୩୪୭ (ଅଗଷ୍ଟ ୧୯୪୦) 'କବି ଓ କବିତା'—(୧୯୪୮) ପୃଷ୍ଠା ୧୨୭ ।

ଏହାର ଫୁଟ୍‌ନୋଟରେ ଲେଖା ଅଛି—

'ତା ୨୪।୮।୧୯୪୦ ରେ ନବଯୁଗ ସାହିତ୍ୟ ପରିଷଦରେ ପଠିତ ।'

୧୯୨୭ ଠାରୁ ୧୯୪୦ ସାଲ ପର୍ଯ୍ୟନ୍ତ କବି ମାନସିଂହଙ୍କ ବିଭିନ୍ନ ରଚନା କେବେ କେଉଁଠି ପ୍ରକାଶିତ ହୋଇଥିଲା ତାହା ଜଣାଗଲା । ପାଠକପାଠିକାମାନେ ଏହା

Digitized by srujan ka@gmail.com

ଦେଖି ଯେପରି ମନେ ନ କରନ୍ତୁ ଯେ ମାନସିଂହ ଏତଦ୍‌ବ୍ୟତୀତ ଆଉ କଛି ଲେଖି ନ ଥିଲେ । ପତ୍ର ପତ୍ରିକାମାନଙ୍କରୁ ମୁଁ ଯେତକ ସଂଗ୍ରହ କରିଥିଲି, ତାକୁ କେବଳ ଏଠାରେ ଉପସ୍ଥାପନ କରିଛି । ଆଉ ଅଧିକ ଏଥିରେ କେହି ଯୋଗକରି ପାରିଲେ ମାନସିଂହ ସାହିତ୍ୟ ଅନୁଶୀଳନ ପାଇଁ ବହୁତ ଉପକାର ହୋଇପାରେ । ବର୍ତ୍ତମାନ ମୁଁ 'ହେମ ଶସ୍ୟ' (୧୯୩୩) ଓ 'ହେମ ପୁଷ୍ପ' (୧୯୩୫) କବିତା ପୁସ୍ତକ ଦୁଇଟିର କବିତା କଥା ବିଚାର କରୁଛି । ଏ ଉଭୟ ପୁସ୍ତକ ଆଜି ସାଧାରଣଙ୍କ ପକ୍ଷରେ ଅତୀବ ଦୁଷ୍ପ୍ରାପ୍ୟ । ତେଣୁ ଏ ପୁସ୍ତକ ଦୁଇଟିର କବିତା ସବୁ ଅନ୍ୟତ୍ର କିପରି ସ୍ଥାନ ପାଇଛି ତାହା ଦେଖାଇ ଦେଉଛି ।

(କ) 'ହେମଶସ୍ୟ' (୧୯୩୩) ।

୧ । 'ମାଟିବାଣୀ'—(୧୯୪୭)—୨ଟି କବିତା (ଗୋପବନ୍ଧୁ ଓ ଚନ୍ଦ୍ରଶେଖର) ।

୨ । 'ମାନସିଂହ ଚୟନ'—(୨ୟ ଭାଗ—୪ଟି କବିତା—(ସରମ, ରୂପାଲୋକ, ସାଧନା, ଅପରାଧ । ଏଇ ଚୟନରେ ଆଉ ମଧ୍ୟ ୭ଟି କବିତା ଏଥିରୁ ଅଛି) ।

୩ । ପତ୍ରିକାରେ ସ୍ଥାନ ପାଇଛି—୧—(ପ୍ରେମିକର ଅଧିକାର, ଅନ୍ୟ ଛଅୋଟି 'ପ୍ରେମ ଶସ୍ୟ'ରେ ଅଛି) ।

୪ । 'ପ୍ରେମ ଶସ୍ୟ' (୧୯୪୫) ୩୨ଟି କବିତା—(ଏଥିରେ ମଧ୍ୟ ପତ୍ରିକାରେ ସ୍ଥାନ ପାଇଥିବା 'ଆକର୍ଷଣ' 'ଜାଣେ ଜାଣେ' ଓ 'ଜନ୍ମେ ପରଜନ୍ମ' ଅନ୍ତର୍ଭୁକ୍ତ) ।

୫ । ଅନ୍ୟାନ୍ୟ—୧୭ଟି କବିତା (ଯଥା:—ପ୍ରାରମ୍ଭଭାଷ, କଳ୍ପଲତା, ଯୁଗଳ ଜୀବନ, ପ୍ରେମ-ସ୍ୱର୍ଗ, ସୋହାଗ, ନାରୀ, ଦାନ ପ୍ରତିଦାନ, ବିଦ୍ରୋହ, ଯୋଗ୍ୟତା, ଅଭିମାନ, ମୃତ୍ୟୁରସ୍ତ, ଭୋଗ ଓ ତ୍ୟାଗ, ଭକ୍ତ, ପ୍ରାର୍ଥନା, ଭଗିନୀ, ଜିଜ୍ଞାସା, ଭଗିନୀ) ।

ହେମଶସ୍ୟ ପୁସ୍ତକର କବିତା ସଂଖ୍ୟା ହେଉଛି ୫୯, କିନ୍ତୁ ଏହାର ପ୍ରଥମରେ ଥିବା 'ପ୍ରିୟାପ୍ରତି' ଓ 'ପ୍ରାରମ୍ଭ ଭାଷ'କୁ ମିଶାଇ ଏ ପୁସ୍ତକର କବିତା ସଂଖ୍ୟା ହେଉଛି ୬୧ ।

(ଖ) 'ହେମ ପୁଷ୍ପ'—(୧୯୨୫) ଏ ପୁସ୍ତକର ସମଗ୍ର କବିତା ସଂଖ୍ୟା ହେଉଛି ୪୭ଟି । ପୁସ୍ତକଟି 'ସୂଚୀ', 'ପ୍ରେମ ଶସ୍ୟ' ଓ 'ହେମପୁଷ୍ପ' ଏଇ ତିନି ଭାଗରେ ବିଭକ୍ତ । ଏଇ ତିନି ବିଭାଗର କେଉଁ କେଉଁ କବିତା ଅନ୍ୟ କେଉଁ କେଉଁ ପୁସ୍ତକରେ ସ୍ଥାନ ପାଇଛି ତାହା ଦେଖନ୍ତୁ—

Digitized by srujan ka@gmail.com

୧ । ସୂଚୀ—ଏଥିରେ ଅଛି ୫ଟି କବିତା ।

(କ) 'ଜୀବନଚିନ୍ତା'—୧—(କବିର ପୁରସ୍କାର) ।

(ଖ) 'ହେମପୁଷ୍ପ'—(୧୯୪୭)—୩ଟି କବିତା—(ଶୁଭ ଦୃଷ୍ଟିର ୩ଟି ସର୍ଗ)।

(ଗ) ଅନ୍ୟାନ୍ୟ—୧—(ମାଙ୍ଗଳିକ) ।

୨ । 'ହେମ ଶସ୍ୟ'—ଏଥିରେ ଅଛି ୧୩ଟି କବିତା ।

(କ) ପ୍ରେମ ଶସ୍ୟ—(୧୯୪୫)—୩ଟି—(ମିଳନ ମାଧୁରୀ, ଅତୃପ୍ତ ଭୋଗ ଓ ବିରହଗାଥା) ।

(ଖ) ଅନ୍ୟାନ୍ୟ—୧୦ଟି କବିତା—ପ୍ରେମ ଓ ସିଦ୍ଧି, ମନୋରଥ, ନିତ୍ୟ-ବସନ୍ତ, ପ୍ରିୟ ଚକ୍ଷୁ, କଥାକହ, ଅପେକ୍ଷା, କଥମ୍ବୁଲି, ପ୍ରଥମ ଓ ପ୍ରଧାନ, ସମ୍ବନ୍ଧ ଓ କରଣ୍ଡିଆ) ।

୩ । 'ହେମ ପୁଷ୍ପ—ଏଥିରେ ଅଛି ୨୮ଟି କବିତା—

(କ) ମାଟିବାଣୀ—୩ଟି କବିତା—ଅନୂଢ଼ା, ମହାନଦୀରେ ଜ୍ୟୋତ୍ସ୍ନା ବିହାର ଓ କଣ୍ଟକାଚ ।

(ଖ) ଜୀବନ ଚିନ୍ତା—୧୦ଟି କବିତା—ଦକ୍ଷିଣା ପ୍ରତି, ଧରଣୀ ବାସ, ଜୀବନ ସ୍ୱର୍ଣ୍ଣଯୁଗ, ସୁଖଦୁଃଖ, ବୀଣା-ଭିକ୍ଷା, ପ୍ରାଣ-ପକ୍ଷୀ, ବିଶ୍ୱରୂପ, ଦେବପୂଜା ଓ ଗୀତାର୍ପଣ । ଜୀବନ ଚିନ୍ତାର 'ମୂକ ଦେବତା'; 'ଆଲୋକ ମାଗେ', 'ଆହ୍ୱାନ' ଓ 'ଜୀବନର ପ୍ରୟୋଜନ' ଏଇ ଚାରୋଟି କବିତା 'ଗୀତାର୍ପଣ'ର ଚାରୋଟି କବିତା ସଙ୍ଗେ ସମାନ ।

(ଗ) ହେମ ପୁଷ୍ପ (୧୯୪୭)—୧୩ଟି କବିତା—(ପରେ ଏ କବିତାଗୁଡ଼ିକର ନାମ ଦିଆଯାଉଛି) ।

(ଘ) ଅନ୍ୟାନ୍ୟ—୨ଟି କବିତା—(ଭଗିନୀ ଓ ଭଗ୍ନ ମନୋରଥ) । ସମୁଦାୟ ୪୭ଟି କବିତା ।

୧୯୪୦ ସାଲ ପରେ ମାନସିଂହ ଅନେକ କବିତା ଲେଖିଛନ୍ତି, କବିତା ପୁସ୍ତକ ମଧ୍ୟ ସେ ଛପାଇଛନ୍ତି । କିନ୍ତୁ ପ୍ରେମଶସ୍ୟ (୧୯୪୪), ଜୀବନଚିନ୍ତା (୧୯୪୭) ମାଟିବାଣୀ (୧୯୪୭) ଓ ହେମପୁଷ୍ପ (୧୯୪୭) ପୁସ୍ତକମାନଙ୍କରେ ଆମର ଆଲୋଚ୍ୟ ସମୟର ଅନେକ କବିତା ସ୍ଥାନ ପାଇଛି । କେଉଁ ପୁସ୍ତକରେ ଏପରି କେତେ କବିତା ସ୍ଥାନ ଲାଭ କରିଛି ତାହା ବର୍ତ୍ତମାନ ଦେଖନ୍ତୁ ।

୧ । ପ୍ରେମଶସ୍ୟ (୧୯୪୫)—ଧୂପ, ହେମଶସ୍ୟ ଓ ଶେଷଗୁଚ୍ଛ ନାମରେ ଏହା ୩ଟି ଭାଗରେ ବିଭକ୍ତ । ଏ ପ୍ରତ୍ୟେକ ବିଭାଗର କବିତା ଦେଖନ୍ତୁ ।

Digitized by srujan ka@gmail.com

(କ) 'ଧୂପ' ବହିରୁ ୨୨ଟି କବିତା; ଶେଷଗୁଚ୍ଛ—ଧୂପ ବହିରୁ ୩ଟି କବିତା ।

ତେଣୁ 'ଧୂପ'ର ୨୫ଟି କବିତା ଏଥିରେ ଅଛି । ବାକି ନଥିବା ସାତଟି କବିତା ହେଉଛି—ତରୁଣ କବିର ଆଶା, ପ୍ରଣୟୀ, ପାଶୋର ପ୍ରଣୟ, ପ୍ରେମର ପରିମାପ, ପ୍ରେମର ଭିକ୍ଷା, ପ୍ରେମ ଓ ଜୟ ଏବଂ ପ୍ରେମ ଓ ମୃତ୍ୟୁ ।

(ଖ) ଶେଷଗୁଚ୍ଛ—[୧] ହେମପୁଷ୍ପ (୧୯୩୫)ରୁ ୩ଟି କବିତା—ବିରହୀ ଗାଥା, ମିଳନ ମାଧୁରୀ ଓ ଅତୃପ୍ତ ବେଗ ।

[୨] ଅନ୍ୟାନ୍ୟ ୭—(ଜ୍ୟୋତ୍ସ୍ନା ବେଗ, ଶ୍ରାବଣ ଅଭିସାର, ନାରୀ ସ୍ୱୟମ୍ବର, ଯୋଗ୍ୟ ହେବ, ନବଜନନୀ, ନାରୀର ଅଧିକାର ଓ ବିରହ ପ୍ରଦୀପ 'ବିରହ ପ୍ରଦୀପ' ପତ୍ରିକାରେ ପ୍ରକାଶିତ—(ଆଧୁନିକ ଅକ୍ଟୋବର ୧୯୩୭) ।

(ଗ) ହେମ ଶସ୍ୟ—୩୭ଟି କବିତା—ସର୍ବମୋଟ ୭୨ଟି କବିତା ।

୨ । ଜୀବନଚିନ୍ତା—(୧୯୪୭) ଏଥିରେ ଅଛି ୩୦ କବିତା ।

(କ) 'ହେମପୁଷ୍ପ' (୧୯୩୫)ରୁ—୧୪ଟି କବିତା ।

(ଖ) 'ଧୂପ'ରୁ—୨ଟି କବିତା—(ତରୁଣ କବିର ଆଶା ଓ ପ୍ରଣୟୀ) ।

(ଗ) ପତ୍ରିକାରୁ—୩ଟି କବିତା—(ଜାଗ୍ରତ ଭଗବାନ, କ୍ରେତାର ଗୌରବ)—ଭଞ୍ଜ ପ୍ରଦୀପ—ଜାନୁୟାରୀ ୧୯୪୨ ଓ 'ଆନ୍ତର୍ଯ୍ୟାମୀ' ସହକାର ନଭେମ୍ବର ୧୯୪୧ ।

(ଘ) ଅନ୍ୟାନ୍ୟ—୧୧ଟି— (ଶେଷକଥା, ବିଶୃଙ୍ଖଳ ସୃଷ୍ଟି, ବନ୍ଧନ, କୃତାର୍ଥ, ଦୂର୍ବାର ଆରାଧନା, ଅନୁତପ୍ତ, ଦୁର୍ବଳ ସୈନିକ, ତୀର୍ଥ-ଧୂଳି, ଅଶ୍ରୁ ପୂଜା, ସମର ବିମୁଖ ଓ ଦ୍ୱନ୍ଦ୍ୱ ।)
ମୋଟ—୩୦ଟି କବିତା ।

୩ । 'ମାଟିବାଣୀ'—(୧୯୪୭) ଏଥିରେ ଅଛି ୨୯ଟି କବିତା ।

(କ) 'ହେମ ଶସ୍ୟ' (୧୯୩୩)ରୁ—୨ଟି କବିତା ।

(ଖ) 'ହେମ ପୁଷ୍ପ' (୧୯୩୫)ରୁ—୩ଟି କବିତା ।

(ଗ) ପତ୍ରିକାରୁ—୧୨ଟି କବିତା—(ଏଥିରୁ କେବଳ 'ପଲ୍ଲୀସନ୍ଧ୍ୟା' ଭଞ୍ଜ ପ୍ରଦୀପ—ଏପ୍ରିଲ ୧୯୪୨ ରେ ପ୍ରକାଶିତ, ଅନ୍ୟାନ୍ୟ ୧୯୪୦ ପୂର୍ବରୁ) ।

Digitized by srujan ka@gmail.com

(ଘ) ଅନ୍ୟାନ୍ୟ—୧୨ଟି କବିତା—(କୁଟୀର ଚନ୍ଦନ, ସ୍ୱର୍ଗତ କବି ଗୋପାଳକୃଷ୍ଣ, ଗାନ୍ଧିଜୀ, ରବୀନ୍ଦ୍ରନାଥ, ଡଅପୋଇ ବିଳାପ ଇତ୍ୟାଦି । ମୋଟ—୨୯ଟି କବିତା ।

୪ । 'ହେମ ପୁଷ୍ପ' (୧୯୪୭) —ଏଥିରେ ଅଛି ୩୫ଟି କବିତା ।

(କ) 'ହେମ ଶସ୍ୟ (୧୯୩୫)ରୁ—୧ (ରୂପାଲୋକ) ।

(ଖ) ପତ୍ରିକାରୁ—୨ଟି (ରୂପସୀର ପୂଜା (ଅଗଷ୍ଟ ୧୯୨୮) ଓ 'ଶେଷ ମୃତ୍ୟୁ' ଭଞ୍ଜ ପ୍ରଦୀପ ସେପ୍ଟେମ୍ବର-ଡିସେମ୍ବର ୧୯୪୩)

(ଗ) 'ହେମ ପୁଷ୍ପ' (୧୯୩୫)ରୁ ୧୭ଟି କବିତା (ସୃଷ୍ଟିଦୃଷ୍ଟି ୩ ସର୍ଗ, ରୂପ ଦେବତା, ଇଗନୀ କଣୋଣ୍ଡ, ବିରହୀଘନ, ପ୍ରାକୃତ ସମ୍ଭାଷଣ, ଯଥାସ୍ଥାନ, ଘନଶବଂଶ, ହଂସହତ୍ୟା, ବସନ୍ତୋତ୍ସବ, ଜ୍ୟୋତ୍ସ୍ନାମୟୀ ଭିକ୍ଷୁକ, କୁଳଟା ରାଧା, ବଂଶୀର ଡାକ, ଆତ୍ମପର, ବେଠିକ୍ । 'ବେଠିକ୍' କବିତାଟି 'ହେମ ପୁଷ୍ପ' (୧୯୩୫) ପୁସ୍ତକରେ କୌଣସି ନାମରେ ନାହିଁ ।

(ଘ) ଅନ୍ୟାନ୍ୟ—୧୫ଟି କବିତା ।

କବି ମାୟାଧର ମାନସିଂହ କେଉଁ ବୟସରେ ଏ ଲେଖା ସବୁ ରଚନା କରିଥିଲେ, ତାହା ଜାଣିବା ପାଇଁ ତାଙ୍କର ଜନ୍ମ ଓ ଶିକ୍ଷାର ସମୟ ଜାଣିବା ଉଚିତ । ଏ ବିଷୟରେ ନିମ୍ନଲିଖିତ ସମ୍ବାଦ ପାଟନା ବିଶ୍ୱବିଦ୍ୟାଳୟର ବାର୍ଷିକ କାଲେଣ୍ଡରରୁ ସଂଗ୍ରହ କରାଯାଇଛି ।

୧ । ଜନ୍ମ—୧୯୦୫ ସାଲ ନଭେମ୍ବର ତା ୧୩ ରିଖ ।

୨ । ମେଟ୍ରିକ୍ ପାଶ—୧୯୨୬ ସାଲ ।

୩ । ଆଇ. ଏ. ପାଶ—୧୯୨୮ ସାଲ ।

୪ । ବି. ଏ. ପାଶ—୧୯୩୦ ସାଲ—ଇଂରାଜୀରେ ଅନର୍ସ (୨ୟ ଶ୍ରେଣୀ) ।

୫ । ଏମ୍. ଏ. ପାଶ—୧୯୩୨ ସାଲ—(ଇଂରାଜୀରେ ୨ୟ ଶ୍ରେଣୀ) ।

(ଜାନୁୟାରୀ ୧୯୫୮)

Digitized by srujan ka@gmail.com

ଅନୁଭୂତିରୁ ଖିଏ

ଶ୍ରୀମତୀ ମଞ୍ଜରୀ ପଟ୍ଟନାୟକ

୧୯୬୭ ମସିହା ସେପ୍‌ଟେମ୍ବର ବା ଅକ୍ଟୋବର ମାସର କୌଣସି ଏକ ସଂଧ୍ୟା । ମୋର ତୃତୀୟ ପୁଅ ପ୍ରଶାନ୍ତ ରୋଡ୍‌ସ ବୃତ୍ତି ପାଇ ବିଲାତର ଅକ୍‌ସଫୋର୍ଡ ବିଶ୍ୱବିଦ୍ୟାଳୟକୁ ଗବେଷଣା ପାଇଁ ଯାଉଥାଏ । ବକ୍‌ସି ବଜାରସ୍ଥ ହିନ୍ଦ୍ ସେବକ ସଙ୍ଘ କାର୍ଯ୍ୟାଳୟରେ ଶ୍ରୀଯୁକ୍ତ ଶ୍ୟାମସୁନ୍ଦର ମିଶ୍ର ଏକ ବିଦାୟ ସମ୍ବର୍ଦ୍ଧନାର ଆୟୋଜନ କରିଥାନ୍ତି । ଓଡ଼ିଶାର ବହୁ ଜଣାଶୁଣା ଶିକ୍ଷାବିତ୍‌ଙ୍କ ସମାବେଶ ହୋଇଥାଏ । ସେଇଠି ଡକ୍ଟର ମାନସିଂହଙ୍କ ସହିତ ମୋର ଶେଷ ଦେଖା । ଉତ୍ସବର ଆନୁଷ୍ଠାନିକ ଭାଷଣ ଶେଷହେଲା । ତା ପରେ ବନ୍ଧୁମିଳନର ଆୟୋଜନ । ଡକ୍ଟର ମାନସିଂହ ସସ୍ତ୍ରୀକ ବଡ଼ ଆଗ୍ରହର ସହ ପ୍ରଶାନ୍ତ ନିକଟକୁ ଆଗେଇଆସି ଚୌକିଟାଣି ବସିଲେ । ତା'ପରେ ଇଂଲଣ୍ଡର ଅର୍ଥନୈତିକ ଓ ସାମାଜିକ ବ୍ୟବସ୍ଥା ସମ୍ପର୍କରେ ବହୁ ପିତୃ-ସୁଲଭ ଉପଦେଶ ଦେଇଥିଲେ । ଇଂଲଣ୍ଡର ଅନେକ ଶିକ୍ଷାବିତ୍‌ଙ୍କ ଠିକଣା ମଧ୍ୟ ତାଙ୍କ ଡାଏରୀରୁ ବାହାରକରି ପ୍ରଶାନ୍ତକୁ ଦେଲେ । ସେଇଠି ଓଡ଼ିଆ ସାହିତ୍ୟର ବିଭିନ୍ନ ଦିଗ ସଂପର୍କରେ ମଧ୍ୟ ମୋ ସହିତ ଅନେକ ସମୟ ଧରି ଆଲୋଚନା କଲେ । ଡକ୍ଟର ମାନସିଂହଙ୍କ ବ୍ୟକ୍ତିତ୍ୱର ପ୍ରଧାନ ବୈଶିଷ୍ଟ୍ୟ ଥିଲା ଗୁଣର ଆଦର କରିବା ଓ ଶିକ୍ଷାକ୍ଷେତ୍ରରେ ନୂତନ ଗବେଷଣାକୁ ଉତ୍ସାହ ଦେବା ।

ଆଉ ଥରକର ଘଟଣା । ୧୯୪୬ କିମ୍ବା ୪୭ ମସିହାର ଏକ ରୌଦ୍ରଦଗ୍ଧ ମଧ୍ୟାହ୍ନ । ଶିକ୍ଷାବିଭାଗର ଜଣେ ପଦସ୍ଥ କର୍ତ୍ତା ରୂପେ କୌଣସି ଅଞ୍ଚଳ ପରିଦର୍ଶନ କରି ଫେରିବା ବାଟରେ ହଠାତ୍ ଆମ ଛଟଣୀ ଘରେ ପହଞ୍ଚିଗଲେ । ପ୍ରାଣନାଥ ବାବୁ ସେତେବେଳକୁ ଜେଲ୍‌ରେ । ଦୁଇଟି ଛୋଟ ପିଲାଙ୍କୁ ଖୁଆଇସାରି ମୁଁ ଖାଇବାକୁ ଯାଉଥାଏ । ଡକ୍ଟର ମାନସିଂହ ଖାଇଥିବେ କି ନାହିଁ ଭାବି ମୁଁ ମନେ ମନେ ଟିକିଏ ଚିନ୍ତିତ ହୋଇପଡ଼ିଲି । କିନ୍ତୁ ସେ ମୋ ଅସୁବିଧା ବିଷୟ ଜାଣିପାରି ଆଗରୁ କହିଲେ—''ମୁଁ ପ୍ରାଣନାଥ ବାବୁଙ୍କ ପାଖକୁ ଆସିନି, ଆପଣଙ୍କ ପାଖକୁ ଆସିଛି କିଛି ସାହିତ୍ୟ ଚର୍ଚ୍ଚା କରିବାପାଇଁ ।'' ତା ପରେ ବହୁ ସମୟ ଧରି ଆଲୋଚନା ଚାଲିଲା । ତାଙ୍କର କେତେକ କବିତା ପଢ଼ି ଶୁଣାଇଲେ । ପରେ ସେଥିରୁ କେତୋଟି ପ୍ରଥମ-ଖଣ୍ଡ ''ମାନସିଂହ ଗ୍ରନ୍ଥାବଳୀ''ର ''ମାଟିବାଣୀ'' ଉପବିଭାଗରେ ରହିଥିବାର ଦେଖିଲି । ''ରେଙ୍ଗୁନ୍ ଚିଠି'', ''ବିଲଲକ୍ଷ୍ମୀ'' ପ୍ରଭୃତି କେତେକ କବିତାରେ ପଲ୍ଲୀଜୀବନର ଚିତ୍ର ବଡ଼ ସୁନ୍ଦର ଭାବରେ ଅଙ୍କିତ ହୋଇଛି । ଏହାଛଡ଼ା ''ଜେମା'', ''ହେମଶସ୍ୟ'' ପ୍ରଭୃତି କାବ୍ୟକବିତାରେ କବି ମାନସିଂହଙ୍କ ପ୍ରତିଭା ଅମଳିନ ହୋଇ

Digitized by srujan ka@gmail.com

ରହିଛି । ତାଙ୍କର "ପଶ୍ଚିମ ପଥିକ" ଭ୍ରମଣାନୁଭୂତ ଓଡ଼ିଆ ଭ୍ରମଣ ସାହିତ୍ୟର ଅନ୍ୟତମ ଆଦ୍ୟ କୃତି କହିଲେ ଅତ୍ୟୁକ୍ତି ହେବ ନାହିଁ । ଏଥିରେ ପାଶ୍ଚାତ୍ୟ ଜନ-ଜୀବନର ଚିତ୍ର ପ୍ରାଞ୍ଜଳଭାବେ ବର୍ଣ୍ଣିତ ହୋଇଛି ।

କଟକ ରେଭେନ୍‌ସା କଲେଜରେ ସ୍ୱର୍ଗତ ପ୍ରାଣନାଥ ବାବୁ, ଭଗବତୀ ବାବୁ ଓ ଶ୍ରୀ ଶ୍ୟାମସୁନ୍ଦର ମିଶ୍ର ପ୍ରମୁଖ ଏକାଶ୍ରେଣୀର ଛାତ୍ର ରୂପେ ପରସ୍ପର ଅନ୍ତରଙ୍ଗ ବନ୍ଧୁ ଥିଲେ । ଡକ୍ଟର ମାନସିଂହ ସେମାନଙ୍କ ଠାରୁ ମାତ୍ର ଗୋଟିଏ ଶ୍ରେଣୀ ଉପରେ ପଢୁଥିଲେ ମଧ୍ୟ ଘନିଷ୍ଠ ବନ୍ଧୁ ଥିଲେ । ୰ପ୍ରାଣନାଥ ବାବୁ ଓ ଡକ୍ଟର ମାନସିଂହ ଉଭୟେ ୧୯୦୫ ମସିହା ନଭେମ୍ବର ମାସରେ ଜନ୍ମଗ୍ରହଣ କରିଥିଲେ । ସେହିପରି ୧୯୪୩ ଅକ୍ଟୋବର ୨୩ ତାରିଖ ଦିନ ଭଗବତୀ ବାବୁଙ୍କ ଅକାଳବିୟୋଗ ଘଟିଗଲା । ପ୍ରାଣନାଥ ବାବୁଙ୍କ ମୃତ୍ୟୁ ହୁଏ ୧୯୭୦ ଅକ୍ଟୋବର ୫ ତାରିଖ ଦିନ । ୧୯୭୩ ମସିହାର ସେହି ଅକ୍ଟୋବର ୧୧ ତାରିଖରେ ଡକ୍ଟର ମାୟାଧର ମାନସିଂହଙ୍କ ତିରୋଧାନ ବାସ୍ତବିକ୍ ଗଭୀର ବେଦନାଦାୟକ । ଓଡ଼ିଆ ତିଥି ଅନୁସାରେ ଦେଖିଲେ ଏହି ତିନୋଟିଯାକ ଦାରୁଣ ବିଚ୍ଛେଦ ଉତ୍ସବମୁଖର ଶାରଦୀୟ ସମୟରେ ହୋଇଛି । ଏହାହିଁ ନିୟତିର ବିଚିତ୍ରଲୀଳା ।

ମୁଁ ଡକ୍ଟର ମାନସିଂହଙ୍କ ଅମରସ୍ମୃତି ପ୍ରତି ଗଭୀର ଭକ୍ତି-ଅର୍ଘ୍ୟ ଅର୍ପଣ କରୁଛି । କବିଙ୍କ ଗୋଟିଏ ପ୍ରାଣସ୍ପର୍ଶୀ କବିତା ଆଜି ମନେପଡ଼େ—

"କେ ଜାଳିବ ସନ୍ଧ୍ୟାଦୀପ ଆଜି
ଅନ୍ଧକାର ରହିଲା କୁଟୀର,
ମନ୍ଦିରର ଲକ୍ଷ୍ମୀ ଗଲା କାହିଁ
ସବୁଆଡ଼ ନୀରବ-ଗମ୍ଭୀର ।
ବାହାର ଭିତର ସବୁଆଡ଼
ଅନ୍ଧକାର ଘୋଟିଛି ପସ୍ତ୍ରଣେ,
ପ୍ରଦୀପ ଆଣିଲେ ଆନ କେହି
ସେ ଆଲୋକେ ପସ୍ତ୍ରଣ ନ ମାନେ ।
ମନମାଗେ ସେହି ପରିଚିତ
କାରୁକାନ୍ତ କମନୀୟ କରେ,
ଜାଳିବାର ସ୍ୱର୍ଣ୍ଣ ଦୀପଶିଖା
ଝଲସାଇ ନୀଳ ନୟନରେ ।" × ×

ଆଜି ଓଡ଼ିଆ ସାହିତ୍ୟାକାଶରେ ଡକ୍ଟର ମାନସିଂହଙ୍କ ତିରୋଧାନ ସେହିପରି ଏକ ଅନ୍ଧକାରମୟ ଶୂନ୍ୟତା ସୃଷ୍ଟି କରିଛି, ଯାହାକି ସହଜେ ପୂରଣ ହୋଇପାରିବ ନାହିଁ ।

●

Digitized by srujan ka@gmail.com

ଭୁଲିବି ବା କିପରି ?

ଶ୍ରୀ ରବି ରାୟ

୧୯୭୭ ସାଲରେ ମୋର ଦିଲ୍ଲୀରେ ଡକ୍ଟର ମାନସିଂହଙ୍କ ସହ ପ୍ରଥମ ପରିଚୟ । ସେତେବେଳକୁ ମୁଁ ପୁରୀ ଲୋକସଭା ନିର୍ବାଚନମଣ୍ଡଳୀରୁ ନିର୍ବାଚିତ ହୋଇ ଦିଲ୍ଲୀ ପାର୍ଲିଆମେଣ୍ଟକୁ ଯାଇଥାଏ । ହଠାତ୍ ମୋ ଟେଲିଫୋନ୍‌ଟି ବାଜି-ଉଠିଲା । ଟେଲିଫୋନ୍‌ଟି ଉଠାଇବାରୁ ଆବାଜ ଆସିଲା— "ମୁଁ ମାନସିଂହ କହୁଛି । ଆପଣ ମୋର ପ୍ରତିନିଧି । କେବେ ଆପଣଙ୍କ ସହ ଭେଟ ହେବ ।" ଡକ୍ଟର ମାନସିଂହଙ୍କ ଜନ୍ମସ୍ଥାନ 'ନନ୍ଦଲା' ପୁରୀଜିଲାର କୃଷ୍ଣପ୍ରସାଦ ଥାନା ଅନ୍ତର୍ଭୁକ୍ତ ଓ କୃଷ୍ଣପ୍ରସାଦ ଥାନା ମୋର ପାର୍ଲିଆମେଣ୍ଟ ନିର୍ବାଚନମଣ୍ଡଳୀର ଅଂଶବିଶେଷ । ମୁଁ ଟେଲିଫୋନ୍ ପାଇ ତାଙ୍କ ଠିକଣାଟି ତାଙ୍କଠାରୁ ନେଇନେଲି । ମୁଁ ସେଇ ଠିକଣା ଠାବ କରି ପହଞ୍ଚି ଦେଖେ ତ ସେ ବିଶିଷ୍ଟ କଳା-ସମାଲୋଚକ ସ୍ୱର୍ଗତ ଫାବ୍ରୀଙ୍କ ଘରେ ବସି ବେଶ୍ କଥୋପକଥନରେ ମଗ୍ନ । ତାଙ୍କ ସହ ଭାରତ-ସରକାରଙ୍କ ବୈଦେଶିକ ବିଭାଗରେ କାର୍ଯ୍ୟ କରୁଥିବା ତାଙ୍କ ଦ୍ୱିତୀୟ ପୁତ୍ର ଲଳିତେନ୍ଦୁ ମାନସିଂହ ମଧ୍ୟ ଥିଲେ । ସ୍ଥାପତ୍ୟ କଳାଠାରୁ ଆରମ୍ଭ କରି ଓଡ଼ିଶୀନାଚ ପର୍ଯ୍ୟନ୍ତ ବହୁ ବିଷୟ ଉପରେ ଆଲୋଚନା ହେଲା । ଫାବ୍ରୀ ତାଙ୍କ ସ୍ୱଭାବ ସୁଲଭ ନାଟକୀୟ ଢଙ୍ଗରେ ଡକ୍ଟର ମାନସିଂହଙ୍କ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରି କହିଲେ ଯେ ତାଙ୍କରି ଯୋଗୁଁ ସେ ଓଡ଼ିଶାର ମନ୍ଦିର-କଳା ସମ୍ପର୍କରେ ଯେ ରୁଚି ନେଇଛନ୍ତି ତା ନୁହେଁ ସେ ସମ୍ପର୍କରେ ଭାରତ ବାହାରେ ବହୁ ପତ୍ରପତ୍ରିକାକୁ ପ୍ରବନ୍ଧ ଲେଖି ଦେଇଛନ୍ତି ।

ଡକ୍ଟର ମାନସିଂହଙ୍କ ସହ ମୋର ପ୍ରଥମ ପରିଚୟ ବେଶ୍ ବୌଦ୍ଧିକ ପରିବେଶରେ ହେଲା । ଏଇ ପ୍ରଥମ ପରିଚୟରେ ମୋର ତାଙ୍କ ସହ ଏପରି ଘନିଷ୍ଠତା ହୋଇଗଲା ଯେ ସେ ଯେତେବେଳେ ଦିଲ୍ଲୀ ଆସନ୍ତି ମୋ ସହ ଭେଟ ନ କରି ଦିଲ୍ଲୀ ଛାଡ଼ନ୍ତି ନାହିଁ । ପାର୍ଲିଆମେଣ୍ଟରେ ଭାରତ ସରକାରଙ୍କ ଦ୍ୱାରା ପରିଚାଳିତ ଲଳିତକଳା ଏକାଡେମୀ ଓ ସାହିତ୍ୟ ଏକାଡେମୀ ବିଷୟରେ କେତେକ ପ୍ରଶ୍ନ କରିବାକୁ ସେ ମୋତେ କେତେକ ତଥ୍ୟ ଦେଇଥିଲେ । ଏ ଦୁଇଟି ଅନୁଷ୍ଠାନ କେତେକ ସ୍ୱାର୍ଥାନ୍ୱେଷୀ ଅଣସାହିତ୍ୟିକ ବ୍ୟକ୍ତିମାନଙ୍କର ଚରାଭୂଇଁ ହୋଇଥିବାରୁ ମୁଁ ପାର୍ଲିଆମେଣ୍ଟରେ ତାର ଯେଉଁ ସମାଲୋଚନା କରିଥିଲି ତା କେବଳ ଡକ୍ଟର ମାନସିଂହଙ୍କ ଯୋଗୁଁ ସମ୍ଭବ ହୋଇପାରିଥିଲା ।

Digitized by srujan ka@gmail.com

ତାପରେ ସେ ବହୁବାର ତାଙ୍କର କଟକ ଘରକୁ ଯିବାକୁ ମୋତେ ନିମନ୍ତ୍ରଣ କରିଛନ୍ତି । କିନ୍ତୁ ମୋର ବ୍ୟସ୍ତ ରାଜନୀତିକ ଜୀବନରେ ତା ସମ୍ଭବ ହୋଇପାରି ନ ଥିଲା । ୧୯୭୧ ନିର୍ବାଚନର ଅବ୍ୟବହିତ ପୂର୍ବରୁ ସେ 'ସ୍ୱରାଜ୍ୟ' ପତ୍ରିକାର ଭୁବନେଶ୍ୱରରେ ସମ୍ପାଦନା କରୁଥିବାବେଳେ ତାଙ୍କ ସହ ମୋର ଶେଷ ଦେଖା । ସେତେବେଳେ ତାଙ୍କର ସ୍ୱାସ୍ଥ୍ୟ ଭଲ ନ ଥାଏ । ୧୯୭୧ ନିର୍ବାଚନରେ ତାଙ୍କ ଘର ନିର୍ବାଚନମଣ୍ଡଳୀ ବ୍ରହ୍ମଗିରିରୁ ଓଡ଼ିଶା ବିଧାନସଭା ପାଇଁ ପ୍ରାର୍ଥୀ ହେବା ପାଇଁ ତାଙ୍କୁ କେତେକ ବନ୍ଧୁ ଓ ସହକର୍ମୀ ତାଙ୍କ ଉପରେ ଚାପ ପକାଉଥାଆନ୍ତି । କିନ୍ତୁ ମୁଁ ତାଙ୍କୁ ଏ ସମ୍ପର୍କରେ ଯେଉଁ ପରାମର୍ଶ ଦେବି ତା ତାଙ୍କର ଶିରୋଧାର୍ଯ୍ୟ ହେବ ବୋଲି କହିବାରୁ ମୁଁ ବଡ଼ ଅଡ଼ୁଆରେ ପଡ଼ିଗଲି । ତାଙ୍କ ସ୍ୱାସ୍ଥ୍ୟର ଅବସ୍ଥା ଦେଖି ମୁଁ ତାଙ୍କୁ ନିର୍ବାଚନ ନ ଲଢ଼ିବା ପାଇଁ କହିଲି । ସେ ତାକୁ ଅକୁଣ୍ଠିତ ମନରେ ମାନିନେଲେ ଓ ସେଇ ଅନୁଯାୟୀ ତାଙ୍କ ବନ୍ଧୁ ଓ ସହକର୍ମୀମାନଙ୍କୁ ତାଙ୍କ ନିର୍ଦ୍ଦିଷ୍ଟ ଫଇସଲା ଜଣାଇଦେଲେ ।

ଡକ୍ଟର ମାନସିଂହଙ୍କ ଜୀବନ-ଦର୍ଶନ ସମ୍ପର୍କରେ ତାଙ୍କୁ ଘନିଷ୍ଠରୂପେ ଜାଣିଥିବା କେତେକ ବନ୍ଧୁଙ୍କ ସହ ମୁଁ ଏବେ ଆଲୋଚନା କରୁଥିଲି । ସେମାନଙ୍କ ଠାରୁ ଶୁଣିଲି ଯେ ସେ ଗୌତମ ବୁଦ୍ଧଙ୍କ ଦର୍ଶନ ପ୍ରତି ଆକୃଷ୍ଟ ହୋଇଥିଲେ ଓ ମୃତ୍ୟୁର ଅବ୍ୟବହିତ ପୂର୍ବରୁ ମହାବୋଧି ସମାଜକୁ ଜମି ଦିଆଇବା ପାଇଁ ଅକ୍ଳାନ୍ତ ପରିଶ୍ରମ କରିଥିଲେ । ବୁଦ୍ଧଦର୍ଶନ ପ୍ରତି ସେ କାହିଁକି ଆକର୍ଷିତ ହୋଇଥିଲେ ତା ଗବେଷଣାସାପେକ୍ଷ । ବ୍ରାହ୍ମଣବାଦ ତଥା ବର୍ଣ୍ଣାଶ୍ରମ ଧର୍ମର ପ୍ରାଧାନ୍ୟ ଯୋଗୁଁ ବହୁ ହଜାର ବର୍ଷ ଧରି ଆମ ଦେଶର ପଛୁଆ ଜାତି, ହରିଜନ, ଆଦିବାସୀ ଓ ନାରୀସମାଜ ସାଂସ୍କୃତିକ, ରାଜନୀତିକ, ଅର୍ଥନୀତିକ ଓ ସାମାଜିକ କ୍ଷେତ୍ରରେ ଉଚ୍ଚ ଜାତିର ସମାଜପତିମାନଙ୍କ ଦ୍ୱାରା ନିର୍ଯ୍ୟାତିତ ହୋଇ ଆସୁଛନ୍ତି । ଇତିହାସରେ ପ୍ରଥମ ଥର ପାଇଁ ଦେଶର କୋଟି କୋଟି ପତିତମାନଙ୍କ ଶୋଷଣ ବିରୁଦ୍ଧରେ ଗୌତମ ବୁଦ୍ଧ ବିଦ୍ରୋହ କଲେ । ଜାତିପ୍ରଥାଜନିତ ସମସ୍ତ ପ୍ରକାର ଶୋଷଣ ଓ ନିଷ୍ପେଷଣ ବିରୁଦ୍ଧରେ ତାଙ୍କୁ ବିଦ୍ରୋହର ପ୍ରତୀକ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ବୋଧହୁଏ ଡକ୍ଟର ମାନସିଂହ ନିଜ ଜୀବନରେ ବହୁ କଷ୍ଟ ଅନୁଭୂତିରୁ ବୁଦ୍ଧଙ୍କ ବାଣୀର ସାର୍ଥକତା ଉପଲବ୍ଧି କରିଥିବେ । ବନ୍ଧୁ ବିଜୟ ବେହେରାଙ୍କ ଠାରୁ (ମାନସିଂହଙ୍କ ଶାଳକ ଓ ବାରିଷ୍ଟର) ଶୁଣିଲି ଯେ ପାରମ୍ପରିକ ରୀତିରେ ତାଙ୍କର ଦଶାହ ଇତ୍ୟାଦି ପାଳନ ନ କରିବାକୁ ସେ ଦୃଢ଼ ଭାବରେ ବାରଣ କରିଛନ୍ତି । ତାଙ୍କର ଏ ଶେଷ ଇଚ୍ଛାକୁ ତାଙ୍କର ଦାୟାଦମାନେ ସମ୍ମାନ କରିବେ, ସେ ଭରସା ମୋର ଅଛି ।

Digitized by srujan ka@gmail.com

ଏ କଥା ସ୍ୱୀକାର୍ଯ୍ୟ ଯେ, ଆମ ଦେଶରେ କବି, କଳାକାର ଓ ସାହିତ୍ୟିକ-ମାନଙ୍କୁ ଯେପରି ସମ୍ମାନ ଦେବାର କଥା ତା ଆମେ ଦେଇ ଜାଣିନାହୁଁ । ଫ୍ରାନ୍ସ ଓ ସ୍ୱିଡେନ ପ୍ରଭୃତି ଦେଶମାନଙ୍କରେ ଉକ୍ତ ଦେଶର ରାଷ୍ଟ୍ରପତି ସମ୍ରାଟ କିମ୍ବା ପ୍ରଧାନମନ୍ତ୍ରୀମାନଙ୍କ ଅପେକ୍ଷା ଏମାନଙ୍କୁ ଅଧିକ ସମ୍ମାନ ଦିଆଯାଇଥାଏ । ଏପରିକି ଯଦି କୌଣସି ବିଶିଷ୍ଟ କବି, ବୈଜ୍ଞାନିକ କିମ୍ବା ସାହିତ୍ୟିକର ସମ୍ମାନାର୍ଥେ କୌଣସି ସଭା ବା ବୈଠକ ଡକାଯାଇଥାଏ ଓ ସେ ବୈଠକରେ ଉକ୍ତ ଦେଶର ପ୍ରଧାନମନ୍ତ୍ରୀ, ରାଷ୍ଟ୍ରପତି କିମ୍ବା ସମ୍ରାଟ ଉପସ୍ଥିତ ଥାଆନ୍ତି ତେବେ ସେମାନଙ୍କୁ କବି ଓ କଳାକାରଙ୍କ ସମ୍ମାନରେ ଠିଆ ହେବାକୁ ପଡ଼ିଥାଏ । ଆମେମାନେ କେବେ ଯେ ଆମର ବିଶିଷ୍ଟ କବି, ବୈଜ୍ଞାନିକ ଓ କଳାକାରମାନଙ୍କୁ ଏପରି ସମ୍ମାନରେ ଭୂଷିତ କରିଚୁ ତା' କହିବା କଷ୍ଟକର । କିନ୍ତୁ କବି, ମାନସିଂହଙ୍କର ଓଡ଼ିଆ ସାହିତ୍ୟ ପ୍ରତି ଅବଦାନ ସମ୍ପର୍କରେ ଭାବିବାବେଳେ ଦେଶର ଜନସାଧାରଣ, ଚିନ୍ତାଶୀଳ ବ୍ୟକ୍ତି ତଥା ଯୁବ-ସମାଜ ତାଙ୍କୁ ଉପଯୁକ୍ତ ସମ୍ମାନ ଦେବା ପାଇଁ ନୂତନ ପରମ୍ପରା ସୃଷ୍ଟି କରିବାରେ ବ୍ରତୀ ହେବେ ବୋଲି ଆଶା ।

ମୋ ପାଇଁ ସେ ପଦ୍ମଭୂଷଣ ମାନସିଂହ ନୁହନ୍ତି, ସେ କବି ମାନସିଂହ । ସେ ତାଙ୍କ କବିତା ଓ ଲେଖନୀରେ ଯେଉଁ କେତେକ ଚିରନ୍ତନ ମୂଲ୍ୟବୋଧର ସନ୍ଧାନ ଦେଇଛନ୍ତି ସେଥିପାଇଁ ସେ ଅମର ।

Digitized by srujan ka@gmail.com

ଗୁଣ ସୁମରି ହୁଅନ୍ତି ବିକଳ......

ଅଧ୍ୟାପକ ମହାପାତ୍ର ନୀଳମଣି ସାହୁ

ଅନେକଙ୍କ ଭଳି ମୁଁ ମଧ୍ୟ ଜାଣି ନ ଥିଲି । ଆପଣ ଦୁଇ ସପ୍ତାହ ଧରି କଟକ ହାସପାତାଳରେ ମୃତ୍ୟୁ ସଙ୍ଗେ ଧସ୍ତପସ୍ତ ଲଗାଇଥିଲେ । ସେ ଦୁଃସମ୍ବାଦ ଆମର କଟକରୁ ପ୍ରକାଶିତ ଦୈନନ୍ଦିନ ସମ୍ବାଦପତ୍ରର ନିଜସ୍ୱ ସଂବାଦଦାତାମାନଙ୍କର କର୍ଣ୍ଣପଥାରୂଢ଼ ହୋଇ ନ ଥିଲା । ଆକାଶବାଣୀଙ୍କ ଗୋଚରକୁ ଆସିପାରି ନ ଥିଲା । ସମ୍ବାଦ ସଂଗ୍ରହକାରୀମାନେ ବୋଧେ ଅପେକ୍ଷାକୃତ ଅଧିକତର ଦୁଃସମ୍ବାଦମାନ ସଂଗ୍ରହ କରିବାରେ ବ୍ୟସ୍ତ ରହିଥିଲେ ?

ପ୍ରାୟ ମାସକତଳେ ଆପଣ ମୋ ଘରକୁ ଆସିଥିଲେ । ମୋ ବାରଣ୍ଡାରେ କେତେଜଣ ଅଧ୍ୟାପକ ଓ ସାହିତ୍ୟିକ ବସିଥିଲେ । ସବୁଥର ପରି ଆପଣଙ୍କୁ ଫାଟକପାଖେ ଦେଖି ମୁଁ ପରମ ଶ୍ରଦ୍ଧା, ଭକ୍ତି ଓ ଆନନ୍ଦ ଭାବାକ୍ରାନ୍ତଭାବରେ ପାଛୋଟି ଆଣିବାକୁ ଯାଇଥିଲି । ମୋତେ ମଧ୍ୟ ସେତେବେଳେ କେମିତି କେଜାଣି ଆପଣ "ଆସିବେ ଆସିବେ" ବୋଲି ଲାଗୁଥିଲା । ପ୍ରାୟ ସବୁଥର ସେମିତି ଲାଗେ—ଏବଂ ଆପଣ ଆସନ୍ତି । ଏଥର ବି ଆପଣ ଆସିଲେ । ମାତ୍ର ମୋ ସଙ୍ଗେ ବିଶେଷ କଥାବାର୍ତ୍ତା କଲେନାହିଁ । ଅନ୍ୟମାନଙ୍କ ସଙ୍ଗେ ଦରକାରୀ କଥାବାର୍ତ୍ତା କରିସାରି ପୁଣି ଚାଲିଗଲେ । ମୁଁ ମନେ ମନେ ପ୍ରମାଦ ଗଣିଲି । ଆପଣ କଣ ମୋ ପ୍ରତି ବିରକ୍ତ ଥିଲେ ? ପ୍ରାୟ ବର୍ଷେହେଲା ଆପଣ ମୋ ସଙ୍ଗେ ଲାଗିଥିଲେ ଆପଣଙ୍କର ଲିଖିତ ବହିଟି ଉପରେ ଗୋଟାଏ ଆଲୋଚନା ଲେଖିଦେବାକୁ । ବହୁ ଜଞ୍ଜାଳ ଓ କିଛି ପରିମାଣରେ ଆଳସ୍ୟଜନିତ ଅପ୍ରବୃତ୍ତି ହେତୁ ମୁଁ ତାହା କରିପାରି ନ ଥିଲି । କିନ୍ତୁ ସବୁ ଠିକ୍‌ଠାକ୍ କରି ରଖିଥିଲି ଲେଖିବି ବୋଲି । ଆପଣ କଣ ମୃତ୍ୟୁ ପୂର୍ବରୁ ମୋ ଠାରୁ ସେତେକ ଆଶା କରୁଥିଲେ ? କିଛିଦିନ ଧରି ଆପଣ ଆମ୍ଭମାନଙ୍କ ପିଛା ଲାଗିଥିଲେ—ଆପଣଙ୍କର ସାହିତ୍ୟ-କୀର୍ତ୍ତି ଉପରେ ଆମର ଲିଖିତ ମତାମତ ଶୁଣିଥିବା ଲାଗି । ଆମେ ତାହା ଶୁଣାଇବାକୁ ମଧ୍ୟ ଖୁବ୍ ଆଗ୍ରହୀ ଥିଲୁ । ମାତ୍ର ଆମେ କଣ ଜାଣିଥିଲୁ ଆପଣ ଏତେଶୀଘ୍ର ଆଖି ବୁଜିଦେବେ ଚିରଦିନ ଲାଗି ? ଆପଣ କଣ ସତରେ ଆପଣଙ୍କର କୀର୍ତ୍ତିର ସ୍ୱୀକୃତି ଆମଠାରୁ ଚାହୁଁଥିଲେ ? ନା ବୋଧେ । ମୋର ତ ମନେ ହେଉଥିଲା—ମୁହଁରେ ଯେତେ ଯାହା ପ୍ରକାଶ କଲେ ବି ଭିତରେ ଭିତରେ ଆପଣ ହୋଇ ଉଠିଥିଲେ ଖୁବ୍ ଉଦାସ ଆଉ ନିର୍ଲିପ୍ତ ।

Digitized by srujan ka@gmail.com

ହଁ—ଆପଣଙ୍କଠାରେ ହୃଦରୋଗର ପ୍ରଥମ ଆକ୍ରମଣ ବେଳଠାରୁ ମୁଁ ଏ କଥା ଜାଣିଛି । ଭିତରେ ଭିତରେ ଗତ କେତୋଟି ବର୍ଷଧରି ଆପଣ ଖୁବ୍ ନିଃସଙ୍ଗ, ନିର୍ଲିପ୍ତ ଓ ଉଦାସୀନ ହୋଇ ଯାଇଥିଲେ । ଆପଣଙ୍କ ଚେତନାର ମୂଳ କେନ୍ଦ୍ରରେ ଆପଣ ବୁଦ୍ଧଙ୍କର ନିର୍ବାଣ ପ୍ରେରଣା ଅନୁଭବ କରୁଥିଲେ କି ? ଆପଣଙ୍କ ଗୃହିଣୀରୁ ମନେ ହେଉଥିଲା—ସତେ କି ଆପଣ ସର୍ବତ୍ର ଶୂନ୍ୟତାକୁ ଦେଖୁଛନ୍ତି । ଶେଷ ପର୍ଯ୍ୟନ୍ତ ଅବଶ୍ୟ ଆପଣ ପୂର୍ବବତ୍ ହୋ ହୋ ହୋଇ ହସୁଥିଲେ । ମାତ୍ର ସତେ କି ଭିତର ସଙ୍ଗେ ଆଉ ତାର ବିଶେଷ ସଂପର୍କ ନ ଥିଲା । ମୁଁ ବୁଝୁଥିଲି—ଆପଣ ସବୁ ଛାଡ଼ିଦେବାକୁ ଆରମ୍ଭ କଲେଣି । ସେଇଥିଲାଗି କିଣ ଆପଣଙ୍କ ଅନୁରୋଧକୁ ମୁଁ ବିଶେଷ ଗୁରୁତ୍ୱ ଦେଉ ନ ଥିଲି ? ଆପଣଙ୍କୁ ଠିକ୍‌ଭାବେ ବୁଝିବା ସବୁଦିନେ ଏମିତି ମୋର ସାଧ୍ୟାତୀତ ।

୧୯୪୬ ଠାରୁ ଆପଣଙ୍କର କବିତା ସଙ୍ଗେ ମୁଁ ପରିଚିତ । ମାତ୍ର ୧୯୪୯ ମସିହାଠାରୁ ମୁଁ ବ୍ୟକ୍ତିଗତଭାବେ ଆପଣଙ୍କ ସଙ୍ଗେ ଘନିଷ୍ଠଭାବେ ସଂପର୍କିତ ହୋଇ ଯାଇଥିଲି । ତୁଇ ବର୍ଷକାଳ ତ ମୁଁ ଆପଣଙ୍କର ବେଶ୍ ନିକଟରେ ରହିଛି । ଆପଣ ମୋର ପିତାତୁଲ୍ୟ—ଗୁରୁତୁଲ୍ୟ । ଆପଣ ମୋର ପ୍ରେମିକ ତୁଲ୍ୟ । ଆପଣ ପ୍ରେମ-ମୟ ପୁରୁଷ । ମୁଁ ଆପଣଙ୍କର ପଦସେବା କରିବାର ଅଧିକାର ଭୋଗ କରିଛି । ତୁଇ ବର୍ଷକାଳ ଆପଣଙ୍କର ଜନୈକ ପ୍ରିୟ ଶିଷ୍ୟ ବନ୍ଧୁ ଭଳି ଆପଣଙ୍କ ସଙ୍ଗେ ଏକତ୍ର କାର୍ଯ୍ୟ କରିଛି ଓ ଏକତ୍ର ଭ୍ରମଣ କରିଛି । ସେତିକବେଳେ ମୁଁ ଆପଣଙ୍କୁ ପ୍ରାଣଭରି ଭଲପାଇ ଯାଇଛି । ପ୍ରେମରେ ପଡ଼ିଯାଇଛି । ମାତ୍ର ମୁଁ ଏହାମଧ୍ୟ ଜାଣେ—ଏବେ ବି ଜାଣେ—ଆପଣଙ୍କ ହୃଦୟରେ ମୋର ଏହି ପ୍ରେମରେ ପଡ଼ିବା ସମ୍ବାଦ ବେତେ ଜୋରରେ ବାଜି ନ ଥିବ । ବାଜିବା ମଧ୍ୟ ସବୁବେଳେ ସମ୍ଭବ ନୁହେଁ । ନ ବାଜିଲେ ବିଶେଷ କିଛି ଯାଏଆସେନା । ପ୍ରେମ ରାଜ୍ୟରେ ଏକ ପକ୍ଷିଆ ଗତିଚଳେ । ସେହି ପାଖାପାଖି ରହିବା ସମୟ ଭିତରେ ମୁଁ ଆପଣଙ୍କ ସଙ୍ଗେ ବହୁତ ମିଶିଛି । ଆପଣଙ୍କ ସଙ୍ଗେ ଧର୍ମ, ଦର୍ଶନ ଓ ସାହିତ୍ୟ ସଂପର୍କରେ ବହୁ ଆଲୋଚନା କରିଛି । ବେଳେବେଳେ ସବୁ ନୈଷ୍ଠିକ ପ୍ରେମିକଙ୍କ ଭଳି, ବିଶ୍ୱାସୀଙ୍କ ଭଳି, କର୍ମୀ ଓ ଜ୍ଞାନୀଙ୍କ ଭଳି ଆପଣ ଆପଣଙ୍କର ଧାରଣା ଓ ମତରେ ମତାନ୍ଧ ଭଳି ଅଟଳ ରହି ଯୁକ୍ତି କରନ୍ତି । ଅବଶ୍ୟ ଆପଣ ଖୁବ୍ ଜ୍ଞାନୀ ଥିଲେ—ଖୁବ୍ ଶକ୍ତିଶାଳୀ ମଧ୍ୟ ଥିଲେ ।

ତତ୍‌ସତ୍ତ୍ୱେ ବି ମୁଁ ବହୁବାର ଆପଣଙ୍କୁ ଶୋଚନୀୟ ଭାବେ ତର୍କ ବା ଆଲୋଚନାରେ ପରାସ୍ତ କରିଛି ।

ଆପଣ ବୌଦ୍ଧଧର୍ମର ପୁନରୁତ୍‌ଥାନ ଚାହୁଁଥିଲେ । ମୁଁ ଚାହୁଁଥିଲି ବୈଷ୍ଣବ ଧର୍ମର ଅଭ୍ୟୁତ୍‌ଥାନ । ଆପଣ ରସବାଦର ସପକ୍ଷରେ ଯୁକ୍ତି କଲେ ମୁଁ ଧରୁଥିଲି

Digitized by srujan ka@gmail.com

ସ୍ୱାତବାଦର ପକ୍ଷ । ଆପଣ ସ୍ୱତନ୍ତ୍ରବାଦର ପକ୍ଷନେଲେ ମୁଁ ଧରୁଥିଲି ସମାଜବାଦର ପକ୍ଷ । ବହୁବାର ଆପଣ ପରାସ୍ତ ହୁଅନ୍ତି । ମାତ୍ର ଆଶ୍ଚର୍ଯ୍ୟ କଥା ! ପରାଜୟ ସ୍ୱୀକାର କରିସାରି ଆପଣ ମୋ ଆଖିକୁ ଏକ ବିଚିତ୍ର ଦୁର୍ବୋଧ ଉଦାର ପିତୃ-ସୁଲଭ ଦୃଷ୍ଟିରେ ଚାହିଁରହି ହୋ ହୋ କରି ହସି ଉଠନ୍ତି । ସେଇଠୁ ମତେ ଅକସ୍ମାତ୍ କେମିତି ଲାଜଲାଗେ । ମୁଁ ମନେ ମନେ ଆପଣଙ୍କର ଗେହ୍ଲା ଝିଅଟିଏ ଭଳି ଆପଣଙ୍କ କୋଳରେ ମୁହଁ ଲୁଚାଇ କାନ୍ଦିଉଠେ । ସତେ କି ଆପଣ ହାରିବା ଉଚିତ ନୁହଁ ! ସୁନ୍ଦର ନୁହଁ । ମୋ ଅଜାଣତରେ ମୁଁ ଆପଣଙ୍କୁ ହରେଇ ଦେଇଛି । ଝିଅମାନେ ବାପାଙ୍କୁ ହରେଇ ଦେବାକୁ ଚାହାନ୍ତି ନାହିଁ । ଝିଅମାନେ କଣ ପୁଅ ହୋଇଛନ୍ତି କି ? ବାପା ହାରିଲେ ଯାଇ ଖୁସୀ ହେବେ ? ଆପଣଙ୍କ ଭଳି ପ୍ରେମିକ ପିତା ମିଳିଲେ କିଏଭଳି ଆପଣଙ୍କ ଝିଅ ହେବାକୁ ନ ଚାହିଁବ ? ସବୁ ରୂପବତୀ ଓ ରସବତୀ ନାରୀଙ୍କ ପାଇଁ ଆପଣ ଯେମିତି ଜଣେ ସୁନ୍ଦର ପ୍ରେମିକ ଆଉ କବିପୁରୁଷ—ସେମିତି ସବୁ ଭାବବତୀ ସେବାପରାୟଣା ବାକ୍‌ବିଳାସିନୀ କନ୍ୟା-ମାନଙ୍କର ଆପଣ ଅଭିଳଷିତ ପ୍ରେମିକ ପିତାଟିଏ ଭଳି ନ ଥିଲେ କି ? ସେଇଥି-ପାଇଁ କଣ ଯୋଗ୍ୟ ପୁତ୍ରମାନେ ଥାଉଁ ଥାଉଁ ଆପଣଙ୍କର ସାନ ଝିଅଟି ଆପଣଙ୍କର ମୁଖଚନ୍ଦ୍ରରେ ଅଗ୍ନି-ସଂଯୋଗ କଲା ? ମୋର ତା' ପ୍ରତି ଈର୍ଷା ହୁଏ । ମୁଁ ଆପଣଙ୍କର ଝିଅଟିଏ ହୋଇଥାନ୍ତି କି ? ତା'ହେଲେ ମୁଁ ଆପଣଙ୍କର ପ୍ରଣୟ-ଗୀତି ଗୁଡ଼ିକୁ ସବୁ ମୁଖସ୍ଥକରି ଦେଇଥାନ୍ତି । ଆପଣଙ୍କର ବ୍ୟକ୍ତିଗତ ସୁଟ୍‌କେସ୍‌ଟିକୁ ନିରୋଳାରେ ଖୋଲି ଆପଣଙ୍କର ପ୍ରେମିକାଙ୍କ ଲିଖିତ ପ୍ରେମପତ୍ର ସବୁ ଲୁଚିଲୁଚି ପଢ଼ି ନେଇଥାନ୍ତି । ଆଉ ଲୋକମୁଖରୁ ମନଦେଇ ଶୁଣିଥାନ୍ତି—ଆପଣଙ୍କର ସେହିସବୁ ରୋମାଞ୍ଚକର ପ୍ରେମାଭିସାରର କାହାଣୀମାନ । ସେଇଠୁ ମୁଁ ନିଜକୁ ଆପଣଙ୍କ ପ୍ରେମିକା ଭଳିଆ ଗଢ଼ିବାକୁ ଚେଷ୍ଟା କରିଥାନ୍ତି ଓ ଶେଷରେ ଆପଣଙ୍କ ଭଳି ପ୍ରେମିକଟିଏ ଖୋଜି ବୁଲିଥାନ୍ତି ଜୀବନସାରା । ପାଇଥାନ୍ତି ତ ? କେଜାଣି ?

ଆପଣଙ୍କର ବ୍ୟକ୍ତିତ୍ୱ କି ଅଦ୍ଭୁତ ! କେତେ ବିରୋଧାଭାସୀ ବିଚିତ୍ର ଗଠ-ବୃତ୍ତିରେ ଗୋଳିଆମିଶା ବ୍ୟକ୍ତିତ୍ୱ ଆପଣଙ୍କର ! କେତେ ସୁମଧୁର ! କେତେ ଉଚ୍ଛାଟକ ! ଆଉ କେତେ ଆକର୍ଷକ ! ଆପଣ ପ୍ରଥମ ଯୌବନରେ ଅନ୍ୟର ବିବାହିତା ରୂପବତୀ ପତ୍ନୀ ସଙ୍ଗେ ସହକାର ତଳେ ଗୁପ୍ତ ପରକୀୟା ପ୍ରଣୟରେ ମାତିଥିଲେ ବୋଲି ଶୁଣାଯାଏ । ସେ ପ୍ରଣୟ ଶେଷ ପର୍ଯ୍ୟନ୍ତ ଆପଣଙ୍କ ଅନ୍ତରକୁ ଉଦ୍‌ବେଳିତ ଓ ଉଦ୍‌ଭାସିତ କରି ରଖିଥିଲା—ମୁଁ ଜାଣେ । ଆପଣଙ୍କର ସେହି ରସବତୀ ପ୍ରେମମୟୀ ପ୍ରଣୟିନୀଙ୍କ ପ୍ରତି ଏବେସୁଦ୍ଧା ଆପଣଙ୍କର ଅନ୍ତର କି ଗଭୀର ସମ୍ମାନଜନକ ଭାବାବେଶରେ ପୂର୍ଣ୍ଣଥିଲା, ତାହା ମଧ୍ୟ ମତେ ଜ୍ଞାତବ୍ୟ ଅଛି ।

Digitized by srujan ka@gmail.com

ଅଥଚ ଆପଣଙ୍କ ଭଳି ସୁଖୀ ଶୃଙ୍ଖଳିତ ଓ ନିରାପଦ ଦାମ୍ପତ୍ୟ ଜୀବନ କେତେଜଣଙ୍କର ବା ଅଛି ? ଆପଣଙ୍କର ବହୁ ଲେଖା ଭିତରେ ଆପଣ ଆପଣଙ୍କର ପ୍ରିୟବନ୍ଧୁ ପତ୍ନୀ ହେମଲତାଙ୍କ ପ୍ରତି ଗଭୀର କୃତଜ୍ଞତା ଓ ସମ୍ମାନ ଭାବ ଜ୍ଞାପନ କରିଛନ୍ତି । ଜୀବନର ବହୁ ଜଟିଳ ଓ ସଂକଟପୂର୍ଣ୍ଣ ମୁହୂର୍ତ୍ତରେ ଆପଣ ସେହି ବୁଦ୍ଧିମତୀ ଓ ସୁନିପୁଣା ଗୃହିଣୀଙ୍କର ସତର୍କ ପରାମର୍ଶ ଗ୍ରହଣ କରିଅଛନ୍ତି । ଏଣେ ଆପଣ ବୃତ୍ତିରେ ଥିଲେ ଜଣେ ଆଦର୍ଶ ଶିକ୍ଷକ, ଅଧ୍ୟକ୍ଷ ଏବଂ ପାଠ୍ୟବୋଧକ ଓ ସାମାଜିକ କ୍ଷେତ୍ରରେ ଜଣେ ଆଦର୍ଶ ନୀତିବାନ୍ ବ୍ୟକ୍ତି । ଆଚ୍ଛା ତେବେ କିପରି ଏ ପରିସ୍ଥିତିରେ ଆପଣ ଆପଣଙ୍କର ସେହି ରୋମାଣ୍ଟିକ୍ ଗୁପ୍ତ ପ୍ରଣୟାନୁଭୂତିକୁ ନିଜ ଭିତରେ ଏମିତି ଲୁଚାଇ ରଖି ପାରିଥିଲେ ? ପାପ-ପ୍ରଣୟ ବେଶୀଦିନ ରହେନାହିଁ । ଆତ୍ମେନ୍ଦ୍ରିୟ ପ୍ରୀତି କ୍ଷଣସ୍ଥାୟୀ ଓ ସନ୍ତାପଦାୟକ । ମାତ୍ର ସବୁ ଉତ୍ତମ ପ୍ରେମିକ ପୁରୁଷଙ୍କ ଭଳି ହୃଦୟର ନିଭୃତତମ, ଗଭୀରତମ, ରସାତଳ ପ୍ରଦେଶରେ ଅତି ସଂଗୋପନରେ ଗୋପନୀୟ ଓ ଏକାନ୍ତ ବ୍ୟକ୍ତିଗତ ରୋମାଣ୍ଟିକ୍ ପ୍ରେମକୁ କିପରି ଫୁଲ, ତୁଳସୀ, ଚନ୍ଦନ ଓ ଧୂପାଳତି ଦେଇ ପୂଜା କରାଯାଏ—ସେ ସାଧନା ଆପଣଙ୍କୁ ନିଶ୍ଚୟ ଜଣାଥିଲା ।

ନ ହେଲେ ଏକଇ କଣ୍ଠରୁ "ଧୂପ" ଓ "ହେମଶସ୍ୟ"ର ସଙ୍ଗୀତ ସମାନ ଆବେଗ, ସମାନ ଗତି ଓ ସମାନ ତାଳରେ ନିଃସୃତ ହୋଇଥାନ୍ତା କିପରି ? ଆପଣ କଣ ସତରେ ସ୍ୱକୀୟା ଓ ପରକୀୟା ପ୍ରେମାନୁଭୂତିକୁ ସମାନ ଭାବରେ ଧରି ରଖିଥିଲେ ? କେଜାଣି ? ବିଶ୍ୱାସ ହୁଏନା । ଆପଣ ସଂସାର କ୍ଷେତ୍ରରେ ଚିରଦିନ ବିପଦ ସଂକଟ ଓ ବିରୋଧ ଭିତରେ ଚଳିଛନ୍ତି । ଆପଣଙ୍କର ନିଷ୍ଠାପର ଦାମ୍ପତ୍ୟ ପ୍ରେମ ଗୋଟିଏ ନିରାପତ୍ତାର ଦୁର୍ଗ ମଧ୍ୟରେ ସର୍ବଦା ଆପଣଙ୍କୁ ରକ୍ଷାକରି ଆସିଥିଲା । ସେହିପରି ଭାବଜଗତରେ ମଧ୍ୟ ଆପଣ ବହୁ ବିରୋଧ ଓ ସଂକଟର ସମ୍ମୁଖୀନ ହୋଇଛନ୍ତି । କଣ ଆପଣଙ୍କର ସେହି ଗୋପନୀୟ ଚିତ୍ତମନ୍ଦିରରେ ନିତ୍ୟ ପୂଜିତା ପରକୀୟା ପ୍ରେମ ନିଷ୍ଠା ଆପଣଙ୍କୁ ଭାବଜଗତର ସେହିସବୁ ଝଡ଼ଝଞ୍ଜା ଭିତରେ ବି ଏକ ରକ୍ଷା-କବଚର ଅଲୌକିକ ମାଂତ୍ରିକ ଶକ୍ତିରୂପେ ଆପଣଙ୍କୁ ଧୈର୍ଯ୍ୟ, ଶକ୍ତି, ବଳ, ଉଚ୍ଛ୍ୱାସ, ଆବେଗ, ପ୍ରେରଣା ଏବଂ ତତ୍ସଙ୍ଗେ ସଙ୍ଗେ ବୈରାଗ୍ୟ, ନିରାଶକ୍ତି କ୍ଷମା ଓ ତିତିକ୍ଷା ଦ୍ୱାରା ଆପଣଙ୍କୁ ସବୁବେଳେ ଆପଣଙ୍କ ଅଲକ୍ଷ୍ୟରେ ରକ୍ଷାକରି ଆସୁଥିଲା ? ଦୁଇଟା ଇ ବୋଧେ ସତ୍ୟ ମାତ୍ର ଏ କଥା ମାନିବାକୁ ହେବ—ଆପଣ ପରକୀୟା ଜଗତରେ ଇ ଥିଲେ କବି, ପ୍ରେମିକ ଓ ସନ୍ନ୍ୟାସୀ ।

ଆଚ୍ଛା—ଆପଣ ଆଗ କବି ନା ଆଗ ପ୍ରେମିକ । ବୋଧେ ଆଗ ପ୍ରେମିକ । ପ୍ରେମ ହିଁ ଆପଣଙ୍କର କବିତାର ଉତ୍ସ । ଆପଣ, ନାରୀଠାରୁଇ ପ୍ରେମ ସାଧନା ଆରମ୍ଭ କରିଛନ୍ତି । ଭଲ ପାଇଛନ୍ତି ରୂପବତୀ ଓ ଋଷବତୀ ନାରୀର ଶୀକାରୀ ରୂପ ଓ

Digitized by srujan ka@gmail.com

ନିର୍ବିକାର ରସ ମାଧୁର୍ଯ୍ୟକୁ । ସେହି ନାରୀ ହିଁ ଆପଣଙ୍କ ପ୍ରେମକୁ ମୁକ୍ତି ଦେଇଛି—ଦେଇଛି ମଧ୍ୟ ଗତି ଓ ଶକ୍ତି । ଆପଣ ଶିଶୁମାନଙ୍କୁ ଭଲପାନ୍ତି । ଭଲପାନ୍ତି ଚତୁର୍ଦ୍ଦିଗର ପ୍ରକୃତିକୁ । ପୁଣି ଆପଣଙ୍କ ଭଳି ଜୀବନବାଦୀ ସମାଜ ପ୍ରେମିକ ମୁଁ ଏ ଦେଶରେ ବେଶି ଦେଖିଛି କି ? .. ଶେଷରେ ଆପଣଙ୍କର ପ୍ରେମ ବିଗଳିତ ହୋଇ ବହିଯାଇଛି ଭକ୍ତିର ଧାରାଟିଏ ହୋଇ କାହା ଆଡ଼କୁ ? ଈଶ୍ୱର ? ଆପଣ ଈଶ୍ୱର ବିଶ୍ୱାସ କରନ୍ତି ? ଆପଣ ପରା ବୌଦ୍ଧ ? କିନ୍ତୁ ବେଦର ମନ୍ତ୍ରଗୁଡ଼ିକ ପ୍ରତି ଆପଣ ଏତେ ଉଚ୍ଛ୍ୱସିତ ହୁଅନ୍ତି କିପରି ? ଆପଣ ବୈଷ୍ଣବ ଧର୍ମର ନିନ୍ଦା କରନ୍ତି । ବୈଷ୍ଣବ ଧର୍ମର ଅତ୍ୟଧିକ କୋମଳ ଭାବାବେଗ ଓଡ଼ିଶାରୁ କ୍ଷାତ୍ରତେଜ ଲୋପ କରିଦେଲା—ଏ ବାକ୍ୟ ଆପଣ ପ୍ରଥମ ଶୁଣିଥିଲେ ନବଜାଗ୍ରତ ଭାରତର ପ୍ରଥମ ଭାଗ୍ୟବିଧାତା ବୀରେଶ୍ୱର ସ୍ୱାମୀ ବିବେକାନନ୍ଦଙ୍କ କଣ୍ଠରୁ । ତା'ପରେ ଆପଣ ସେହି ଯୁକ୍ତିରେ ମାତିଗଲେ । ଆପଣ ବିବେକାନନ୍ଦଙ୍କୁ ବୁଦ୍ଧ ଓ ଶଙ୍କରଙ୍କ ଭଳି ଭଲ ପାଉଥିଲେ । ଆପଣ ବିବେକାନନ୍ଦଙ୍କ ବାକ୍ୟ ଆବୃତ୍ତି କରି ନାଚି ଉଠୁଥିଲେ । ଅଥଚ ଭାବବିହ୍ୱଳ ପ୍ରେମାବତାର ଶ୍ରୀଚୈତନ୍ୟ ଓ ଶ୍ରୀ ରାମକୃଷ୍ଣଙ୍କ କଥା ପଢ଼ିଲେ ଆପଣ କାନ୍ଦି ଉଠୁଥିଲେ କିପରି ? ଚଉକିରୁ ଉଠିପଡ଼ି ବା ରାସ୍ତାରେ ବୁଲୁବୁଲୁ ଦୁଇବାହୁ ଆକାଶକୁ ଉଠାଇ କାନ୍ଦି ଉଠନ୍ତି କୋଉ ପ୍ରେରଣାରେ ? ଜଗନ୍ନାଥ ମନ୍ଦିରକୁ ଆପଣ କେତେଥର ଯାଇଛନ୍ତି ? ମୁଁ ଜାଣେ ବୁଦ୍ଧଗୟା, ବେଲୁଡ଼, ଦକ୍ଷିଣେଶ୍ୱର ଓ ପଣ୍ଡିଚେରୀକୁ ମିଶାଇ ଆପଣ କେବଳ ତୀର୍ଥ ଉଦ୍ଦେଶ୍ୟରେ ବହୁବାର ଭାରତ ଭ୍ରମଣ କରିଛନ୍ତି । ଉତ୍ତର, ପୂର୍ବ ଦକ୍ଷିଣ ପଶ୍ଚିମ ଭାରତ । ଅଥଚ ଓଡ଼ିଶାକୁ ଜଗନ୍ନାଥଙ୍କ ଦେଶ ଓ ହିନ୍ଦୁ ଧର୍ମକୁ ଜଗନ୍ନାଥ ଧର୍ମରେ ପରିଣତ କରିବାରେ ଆପଣ କେଡ଼େ ପ୍ରଗଳଭ ଓ କଡ୍‌ଖୋର ନ ଥିଲେ । ଆପଣ ତ ବୌଦ୍ଧ ! ପୁଣି ଶ୍ରୀକୃଷ୍ଣଙ୍କୁ ପୁରୁଷୋତ୍ତମ କହି ଏତେ ଲୋତକ-ବ୍ୟାକୁଳ ହୁଅନ୍ତି କିପରି ? ଆପଣ ପଣ୍ଡିଚେରୀ ଯାଇଥିବାବେଳେ ଶ୍ରୀମାଙ୍କୁ ବହୁ ପ୍ରଶ୍ନ କରିବାଲାଗି ମନସ୍ଥ କରିଥିଲେ । ମାତ୍ର ଆପଣଙ୍କ ତୁଣ୍ଡରୁ ଶୁଣିଛି ଆପଣ ମା'ଙ୍କ ମୁହଁକୁ ଚାହିଁବା ମାତ୍ରେ ହଠାତ୍ କହିଁ କହିଁ ହୋଇ କାନ୍ଦିଉଠି ତାଙ୍କ କୋଳରେ ମୁହଁ ମାଡ଼ିଦେଲେ—କୋଉ ଅନ୍ତର ପ୍ରେରଣାରେ ? କୋଉ ଭାବାବେଗର ଅଧୀନ ହୋଇ ? ଶ୍ରୀମା କିଏ ? ତାଙ୍କ ସଙ୍ଗେ ଆପଣଙ୍କର କି ପ୍ରକାର ସଂପର୍କ ଓ ଯୋଗାଯୋଗ ଥିଲା ? ମୁଁ ଜାଣେ—ଆପଣଙ୍କ ହୃଦୟ ଥିଲା ବୈଷ୍ଣବ-ବିରହ-କାରୁଣ୍ୟରେ ଟଳ ଟଳ ଅଶ୍ରୁଳ । ମସ୍ତିଷ୍କ ଥିଲା ବୌଦ୍ଧ ପ୍ରଜ୍ଞାରେ ସମୁଜ୍ଜ୍ୱଳ । ଆଉ ଆପଣଙ୍କ କଣ୍ଠରେ ଥିଲା ଖ୍ରୀଷ୍ଟିଆନ୍ ସହାନୁଭୂତିର ଆହା ଆହା ଧ୍ୱନି ।

କାବ୍ୟ ଜଗତରେ ଆପଣ ଥିଲେ ଅତୀତ ଓଡ଼ିଶାର ରୋମାଣ୍ଟିକ ଭାବ-ଶୈଳୀର ଅଭ୍ୟୁତ୍ଥାନପନ୍ଥୀ । ତାର ସୁର୍ ଥିଲା ଭାବପ୍ରବଣ ସଂସ୍କାରଶୀଳ । ମାତ୍ର

Digitized by srujan ka@gmail.com

ଗଦ୍ୟ ରଚନାରେ ଆପଣ ଥିଲେ ଆଧୁନିକ ପାଶ୍ଚାତ୍ୟ ବିଶ୍ଳେଷଣ ତତ୍ତ୍ୱର ଯୁକ୍ତିବାଦର ପ୍ରବର୍ତ୍ତକ । ଆପଣଙ୍କର ଗଦ୍ୟର ଧର୍ମ ହେଉଛି ବିସ୍ତାରାତ୍ମକ, ପ୍ରୟୋଗାତ୍ମକ ଓ ନିର୍ଦ୍ଦେଶାତ୍ମକ । ବେଳେବେଳେ ବ୍ୟଙ୍ଗାତ୍ମକ ବା ବିଦ୍ରୂପାତ୍ମକ ମଧ୍ୟ । ଓଡ଼ିଆ ଭାଷାରେ ଲେଖିଲାବେଳେ ଆପଣଙ୍କର ଚିନ୍ତା-ସଙ୍ଗତି ବା ଭାବ-ସାମ୍ୟ ରହେନାହିଁ । ଭାବପ୍ରବଣ ହୋଇ କାହାକାହାକୁ ଅବାନ୍ତର ଭାବେ ଶୋଧି ପକାନ୍ତି—ଅକାରଣ ଅନ୍ୟକୁ ଶରମାରି ଆହତ କରନ୍ତି । ମାତ୍ର ସେହି କଥା ଇଂରେଜୀରେ ଲେଖିଲାବେଳେ ଆପଣ କେମିତି ଏତେ ସଂଯତ ହେଇପାରନ୍ତି ? ଏ ପ୍ରକାର ଦୋଷ ଭାଷାଗତ ପ୍ରେରଣାରୁ ନା ଏହା ଏକ ବ୍ୟକ୍ତିଗତ ଅସଂଯମ ? ଆପଣ ତ ଓଡ଼ିଆ ଗଦ୍ୟକୁ ଇଂରେଜୀ ଗଦ୍ୟ ଛାଞ୍ଚାରେ ପକାନ୍ତି । ତା'ହେଲେ ଇଂରେଜୀ ଶୈଳୀର ସଂଯମ ଓଡ଼ିଆ ଗଦ୍ୟରେ ରଖନ୍ତି ନାହିଁ କାହିଁକି ? ବୁଝିଛି । ଆପଣ ଅନୁଭବ କରନ୍ତି ଓଡ଼ିଆରେ । ମାତ୍ର ଇଂରେଜୀରେ ହିଁ ଚିନ୍ତା କରନ୍ତି । ଅସୁବିଧା ନ ହେବ କିପରି ? ଅସୁବିଧା ହେବ ।

ଆପଣ ଯେତେବେଳେ ଅକାରଣ ଉଚ୍ଛ୍ୱସିତ ହୋଇ ହୋ ହୋ ହସି ଉଠନ୍ତି—ଦିଶନ୍ତି ଅବୋଧ ଶିଶୁଟିଏ ଭଳି । ଯେତେବେଳେ ଜର୍ଜ ଜର୍ଜ ହୋଇ ଅକାରଣ କାନ୍ଦି ପକାନ୍ତି—ଦିଶନ୍ତି ରସପରିପକ୍ୱ ପ୍ରୌଢ଼ଟିଏ ଛାକ୍ରଇ ଅପେକ୍ଷା କରି କରି ଏଯାବତ କୁମାରୀ ରହିଥିବା ତାଙ୍କର ଆଦ୍ୟ ଯୌବନର ପ୍ରଣୟିନୀର କଥା ମନେ ପକାଇ କାନ୍ଦୁଛନ୍ତି । ଆଉ ଯେତେବେଳେ ଭର୍ତ୍ସନା ବା ଉପହାସ କରନ୍ତି ନା—ଲାଗନ୍ତି; ବର୍ତ୍ତମାନର ପରିସ୍ଥିତି ଓ ଲୋକମାନଙ୍କୁ ନ ବୁଝିପାରି ବା ସେମାନଙ୍କ ସଙ୍ଗେ ଏକମତ ନ ହୋଇ ବିରକ୍ତ, କ୍ରୁଦ୍ଧ ଝିଙ୍ଗିଶୂଳା ବୃଦ୍ଧଟିଏ ।

ଆପଣଙ୍କର ଜନ୍ମ ପରା ଓଡ଼ିଶାର ବିଖ୍ୟାତ କ୍ଷତ୍ରିୟ ଖଣ୍ଡାଏତ ବଂଶରେ ? କେହି କେହି ଆପଣଙ୍କୁ ଜାତିରେ ଊଣା କରିବା ପାଇଁ ଅସମ୍ମାନ ଅର୍ଥରେ "ଚଷା" ବୋଲି ଥଟ୍ଟା କରିବାର ମୁଁ ଜାଣିଛି । ଜଣେ ବିଶିଷ୍ଟ ସାହିତ୍ୟିକ ଆପଣଙ୍କୁ ମାୟାଧର ନାୟକ ବୋଲି କହି ବାରମ୍ବାର ଥଟ୍ଟା କରନ୍ତି । ଆପଣ ବି ସେକଥା ଜାଣିଥିଲେ । ମୋର କିନ୍ତୁ ମନେ ହୁଏ—ସତେ କି ଆପଣଙ୍କ ବଂଶର ମାଆମାନେ ପବିତ୍ର କୃଷକ ପରିବାରରୁ ଆସିଥିଲେ ଓ ପିତାମାନେ ଜନ୍ମିଥିଲେ ପ୍ରଚଣ୍ଡତେଜା ସୂର୍ଯ୍ୟ ବା ଚନ୍ଦ୍ର ବଂଶୀୟ କ୍ଷତ୍ରିୟମାନଙ୍କ ଔରସରୁ । କାରଣ ଆପଣଙ୍କଠାରେ ଥିଲା କ୍ଷତ୍ରିୟ ସୁଲଭ ମହାଭିମାନୀ ଉଦଗ୍ର, ଜିଦ୍‌ଖୋର୍ ପ୍ରକୃତି କ୍ଷାତ୍ରତେଜୋଦ୍ଦୀପ୍ତ ଅହଂକାରୀ ଅଭିଜାତ ସମ୍ମାନବୋଧ ସଦର୍ପ ଚାଲି ଓ ତେଜୋମୟ ଗୃହାଣୀ, ରେରେକାର ବାଣୀ ଓ ଅନ୍ୟର ତେଜକୁ ମ୍ଳାନ କଲାଭଳି, ଅନ୍ୟକୁ ଉଡ଼େଇ ଦେଲାଭଳି ବେପରୁଆ ଭୀଷଣ ଅଟ୍ଟହାସ । ଗଦ୍ୟ ଲେଖିଲାବେଳେ ଆପଣ କଲମ ଚଲାନ୍ତି ନା ତରବାରି ଚଲାନ୍ତି ? କାରଣ ଆପଣଙ୍କର ଗଦ୍ୟ ଶୈଳୀ କହେ—କାହାକୁ ମାରିବ ଦେଖାଅ । ଦେଖାଅ

Digitized by srujan ka@gmail.com

ମନେ କାହାକୁ ଡାକିବ ? ଏକଥା ଦେଖିଲେ କିଏ ଅବିଶ୍ୱାସ କରିବ ଯେ ଆପଣ ଖ୍ରୀଷ୍ଟିୟ ପିତାର ଔରସରୁ ଜନ୍ମ !

କିନ୍ତୁ ତା ସଙ୍ଗେ ସଙ୍ଗେ ବି ଆହୁରି ଏକ ବ୍ୟକ୍ତିତ୍ୱ ଆପଣଙ୍କର ଫୁଟିପଡ଼େ । ସେଇଟି ଆପଣଙ୍କର କବି-ବ୍ୟକ୍ତିତ୍ୱ । କୃଷକର ସରଳତା, ନମନୀୟତା, ସହନଶୀଳତା, ଶ୍ରମଶୀଳତା, ଅନାସକ୍ତି, ଫଳତ୍ୟାଗ, ସୃଜନଶୀଳତା, ପବିତ୍ରତା, ନିଶ୍ଚିନ୍ତତା, ବିଶ୍ୱାସ, ଅପେକ୍ଷମାଣତା ଓ ଅଶ୍ରୁସଜଳଦୀନତା ଆପଣଙ୍କଠାରେ ଯେ ଦେଖିନି ସେ ଆପଣଙ୍କୁ ଜମା ଦେଖିନାହିଁ । ଏତେବେଳେ ଆପଣ କବିତା ଲେଖନ୍ତି । ଆପଣ କଲମ ଚଳାନ୍ତି କାବ୍ୟ-କ୍ଷେତ୍ରରେ ଲଙ୍ଗଳ ବା ମଇଟିଏ ଭଳି । ଉପରମାଟି ତଳକୁ ହୁଏ । ତଳ ମାଟି ଉଠେ ଉପରକୁ । ସମାନ ହୁଏ । କ୍ଷେତ୍ର ହୁଏ ସମତଳ । ବିହନ ବୁଣାଯାଏ । ଗଛହୁଏ । ଫୁଲ ଫୁଟେ । ଶସ୍ୟ ଫଳେ—ପ୍ରେମପୁଷ୍ପ ବା ହେମଶସ୍ୟ । ହୃଦୟର ଉଷ୍ମ ଅନୁଭୂତିରେ ଆଖିରେ ଅଶ୍ରୁ ମିଶେ । ମାଟି ହୁଏ ଆର୍ଦ୍ରୋଷ୍ଣ—ସୁଶ୍ୟାମଳ—ସୁମେଦୁର—। ମାଟି ହୁଏ ବାଣୀ-ମୁଖର—ରୂପମୟ, ରସମୟ, ଗୀତମୟ ।

ବିଲାତରୁ ପି. ଏଚ. ଡି. କରି ଫେରିଲା ପରେ ଆପଣଙ୍କୁ ରେଭେନ୍ସା କଲେଜରେ ଇଂରେଜୀ ଲେକ୍ଚରର ପଦଟିଏ ମଧ୍ୟ ସେକାଳର ଓଡ଼ିଆ ପ୍ରଶାସନିକମାନେ ଦେଇ ନ ଥିଲେ । କିନ୍ତୁ ଶେଷ ପର୍ଯ୍ୟନ୍ତ ଆପଣଙ୍କର ଜୀବନ ଏକ ଶିକ୍ଷାବିତ୍‌ର ଗାଥାରୂପେ ଜାତିର କର୍ଣ୍ଣରେ ଧ୍ୱନିତ ଓ ପ୍ରତିଧ୍ୱନିତ ହୋଇ ରହିଥିବ ।

ଆପଣ ବୁଦ୍ଧଙ୍କ ପ୍ରେମରେ ପଡ଼ି ହିନ୍ଦୁ ଧର୍ମ ତ୍ୟାଗ କରିଥିଲେ । ମାତ୍ର ବେଦ, ଉପନିଷଦ ଓ ଗୀତା ଲାଗି ହିନ୍ଦୁ ଋଷିମାନଙ୍କୁ ପୂଜା କରୁଥିଲେ । ବାଲ୍ମୀକି, ବ୍ୟାସ, କାଳିଦାସ ଓ ଶଙ୍କରଙ୍କ ଲାଗି ସଂସ୍କୃତ ଭାଷାକୁ ଶ୍ରଦ୍ଧା କରୁଥିଲେ । ଶାରଳା, ଜଗନ୍ନାଥ, ଗୋପାଳକୃଷ୍ଣଙ୍କ ଲାଗି ଓଡ଼ିଆ ଭାଷାରେ କବିତା ଲେଖୁଥିଲେ । ପାଶ୍ଚାତ୍ୟ ଜ୍ଞାନ ବିଜ୍ଞାନ ଲାଗି ଇଂରାଜୀ ଭାଷା ଭାରତର ରାଷ୍ଟ୍ରଭାଷା ହେଉ ବୋଲି ମଧ୍ୟ ଆପଣଙ୍କର ଅନ୍ତରର ନୈଷ୍ଠିକ ଇଚ୍ଛା ଥିଲା । ଆପଣ କହୁଥିଲେ—ଯୀଶୁଖ୍ରୀଷ୍ଟଙ୍କୁ ବୁଦ୍ଧଙ୍କ ଭଳି ହିନ୍ଦୁ ଦର୍ଶନର ଅବତାର ଭିତରେ ଗ୍ରହଣ କରିନେବା ଉଚିତ । ଧର୍ମପଦ, ଗୀତା ଓ ଭାଗବତ ସଙ୍ଗେ ବାଇବେଲକୁ ମଧ୍ୟ ହିନ୍ଦୁ ଧର୍ମଶାସ୍ତ୍ରର ଅଙ୍ଗୀଭୂତ କରାଇ ନେବାଲାଗି ଆପଣଙ୍କର ଭିତରର ଆଗ୍ରହ ଥିଲା ପରି ଲାଗୁଥିଲା ।

ଆପଣଙ୍କର ରାଜନୀତିକ ଓ ଅର୍ଥନୀତିକ ଆଦର୍ଶ ଥିଲା ଗାନ୍ଧୀବାଦ । ଆପଣ ବ୍ୟକ୍ତିବାଦର ଆଦର୍ଶ ଓ ମର୍ଯ୍ୟାଦାର ସୁରକ୍ଷା ଲାଗି କମ୍ୟୁନିଜିମ୍‌ର ବିରୋଧ କରୁଥିଲେ । ମୋ ତୁଣ୍ଡରୁ ସମାଜବାଦର ନାମ ଶୁଣିଲେ ଆପଣ ଚଟିଯାଉଥିଲେ । ଆପଣ ଦେଶରେ ଅର୍ଥନୀତିକ ବୈଷମ୍ୟ, ଦାରିଦ୍ର୍ୟ ଓ ଅଜ୍ଞାନର ଘୋର ବିରୋଧୀ

Digitized by srujan ka@gmail.com

ଥିଲେ । ଅଥଚ ସମାଜବାଦ ନାମରେ ସୁବିଧା ଓ କ୍ଷମତା ଖୋର ରାଜନୀତିବାଜ ଏବଂ ସୁବିଧାବାଦୀ ଆପଣାସ୍ୱାର୍ଥୀ ନଗ୍ନପତ୍ରକାମୀ ବ୍ୟୁରୋକ୍ରାଟମାନଙ୍କର ଚକ୍ରବ୍ୟୁହ ମଧ୍ୟରେ ଯେମିତି ଦେଶଟା ପଡ଼ି ନ ଯାଏ ସେଥିପ୍ରତି ସତର୍କ ହେବାକୁ ଆପଣ ଗର୍ଜନ କରି ଉଠୁଥିଲେ । ଆପଣ ମଧୁବାବୁଙ୍କର ଓ ଉତ୍କଳମଣି ଗୋପବନ୍ଧୁଙ୍କ ମାର୍ଗରେ ଥିଲେ ଓଡ଼ିଆ । ଗାନ୍ଧୀ ଓ ରବୀନ୍ଦ୍ରଙ୍କ ମାର୍ଗରେ ଥିଲେ ଭାରତୀୟ । ଟଲଷ୍ଟୟ, ରସେଲ ଓ ସୋରେନ୍‌କେନ୍ ଆଦିଙ୍କ ଧାରାରେ ଥିଲେ ଆନ୍ତର୍ଜାତିକ ମାନବବାଦୀ । ଏବଂ ଶେଷରେ ଶ୍ରୀ ଅରବିନ୍ଦ, ଶ୍ରୀମାଙ୍କ ମାର୍ଗରେ ଥିଲେ ମହା-ଭାଗବତ ଓ ଅତିମାନବବାଦୀ ।

ଆପଣ ଓଡ଼ିଆ ଭାଷା ଓ ସାହିତ୍ୟର ଅଧ୍ୟାପକମାନଙ୍କୁ ଅତି କଡ଼ା ଭାଷାରେ ଭର୍ତ୍ସନା ଓ ଉପହାସ କରିଛନ୍ତି । ହିନ୍ଦୁଧର୍ମର ସଂସ୍କାର ଓ କୁସଂସ୍କାରଗୁଡ଼ିକର କଠୋର ସମାଲୋଚନା କରିଛନ୍ତି । ବେସିକ୍ ଶିକ୍ଷା ପ୍ରଣାଳୀର ଉଗ୍ର ନିନ୍ଦାବାଦ କରିଛନ୍ତି । ଆଧୁନିକ କବିତା ଓ ସମକାଳୀନ ଲେଖକମାନଙ୍କୁ ବୁଝି ନ ବୁଝି ଯାହା ତାହା ଗାଳିଗୁଲଜ ଓ ଅପମାନ ଦେଇଛନ୍ତି, ତାହା ବଦଳରେ ଆପଣଙ୍କ ଉପରେ ପ୍ରଚୁର ଶିଳାବୃଷ୍ଟି ହୋଇଛି । ମୁଁ ଜାଣେ—ଆପଣଙ୍କର ବାକ୍ୟବାଣର ଜ୍ୱାଳା ଓ ପୀଡ଼ା ଏ ପର୍ଯ୍ୟନ୍ତ ଶରବ୍ୟମାନଙ୍କର ଦେହ ମନରୁ ଯାଇନାହିଁ । ମାତ୍ର ଆପଣଙ୍କ ମୁଣ୍ଡରେ ସେମାନଙ୍କ ଦ୍ୱାରା ନିକ୍ଷିପ୍ତ ଖଣ୍ଡିଏ ହେଲେ ପଥର ବାଜିଛି କି ? ବାଜିଥିବ । କଷ୍ଟ ହୋଇଛି କି ? ହୋଇଥିବ ।

ଆପଣ ନିଜ ଗୋଡ଼ରେ ନିଜେ ଠିଆ ହୋଇଛନ୍ତି । ସମଗ୍ର ଦେଶ ଆପଣଙ୍କ ଯୋଗ୍ୟତାକୁ ସ୍ୱୀକାର କରୁଥିଲାବେଳେ, ଦେଶର ହର୍ତ୍ତା କର୍ତ୍ତା ବିଧାତାମାନେ ଆପଣଙ୍କୁ ସର୍ବଦା ଅଗ୍ରାହ୍ୟ କରି ଆସିଛନ୍ତି । ଅପମାନ କରି ଆସିଛନ୍ତି । ଅବହେଳା କରି ଆସିଛନ୍ତି । ଆପଣଙ୍କୁ ଯଥାଯୋଗ୍ୟ ଆସନ ଦେଇନାହାନ୍ତି । କ୍ଷମତାଧାରୀ ଆତ୍ମ-ସର୍ବସ୍ୱ କୌଶଳୀ ରାଜନୀତିବାଜ ଆପଣଙ୍କୁ ଜାଲରେ ପକାଇ କେବେ ବା ସାମାନ୍ୟ କିଛି ସୁବିଧା ସୁଯୋଗ ଦେଇ—ସେମାନଙ୍କ ଅନ୍ୟାୟକୁ ସମର୍ଥନ କରିବା ଲାଗି ପ୍ରବର୍ତ୍ତାଇଛନ୍ତି । ମାତ୍ର ଆପଣ କଣ କାହା ଜାଲରେ ପଡ଼ିବା ଲୋକ ? ଆପଣଙ୍କ ପିଣ୍ଡ ପ୍ରତିଶୋଧର ହଂସାବହ୍ନି ଗୋଡ଼ାଇଛି । କିଏ ଆପଣଙ୍କ ମୁଣ୍ଡ କିଣି ପାରି-ଥାନ୍ତା ? କିଏ ବା ଆପଣଙ୍କ ମଥା କାଟି ପାରିଥାନ୍ତା !

ଆପଣ ଅଜାତଶତ୍ରୁ ହୋଇ ଜନ୍ମ ହୋଇ ନ ଥିଲେ । ଅଜାତଶତ୍ରୁ ହୋଇ ମଧ୍ୟ ବଞ୍ଚି ନଥିଲେ । ମରି ମଧ୍ୟ ନାହାନ୍ତି ସମସ୍ତ ଶତ୍ରୁଙ୍କୁ ସଂହାର କରିସାରି । ସେମିତି ବୁଝିଲେ କେଉଁ ବୀରପୁରୁଷ ଶତ୍ରୁହୀନ ! କେଉଁ ପ୍ରେମିକ ପୁରୁଷର ଗୃହପଟେ ଅପ୍ରେମିକମାନେ ଈର୍ଷାପଣରେ ଘେରି ନ ଥାନ୍ତି ? ଏ (ପ୍ର) ଦେଶରେ ମାଳ ମାଳ

Digitized by srujan ka@gmail.com

ପ୍ରେମସ୍ୱାଠ କାଙ୍ଗାଳ ଦଳ ସବଂତାଙ୍ଗ ଗୁପ୍ତି ଛୁରୀ ଆଉ ଥାଳ ଧରି ଛଦ୍ମବେଶରେ ବୁଲୁଛନ୍ତି । ସେମାନେ ଦିନରେ ଭିକ୍ଷା କରନ୍ତି— ରାତିରେ ଛୁରୀ ଭୁଷି ଧନ ଛଡ଼ାଇ ନିଅନ୍ତି । ସମସ୍ତେ ଛଳେବଳେ କୌଶଳେ ଆପଣା ଆକାଂକ୍ଷିମାନ ପୂର୍ଣ୍ଣ କରିବାକୁ ବ୍ୟଗ୍ର । ସମସ୍ତେ ଆଗ ଆସନଟିରେ ବସିପଡ଼ିବାକୁ ବ୍ୟାକୁଳ । ସମସ୍ତେ ଆପଣା କଥା କହିବାକୁ ଖଳଖଳ ଜିହ୍ୱା ।

ମାସ୍ୱାଁଥିର ମାନସିଂହ । ମୋର ପୂଜ୍ୟପାଦ ପ୍ରେମିକ ପିତା ! ହେ ଲକ୍ଷ ଲକ୍ଷ ସ୍ୱପ୍ନବତୀ କନ୍ୟାଙ୍କର କବିପିତା ! ପ୍ରେମିକ ପିତା ! ମୁଁ ଜାଣେ—ଆମ୍ଭେମାନେ ଜାଣୁ—ଆପଣ କାହାକୁ ଖାତିର କରୁ ନ ଥିଲେ । ଆମଭଳି ଲକ୍ଷ ଲକ୍ଷ ସ୍ୱପ୍ନବତୀ ବାଳବିଳାସିନୀ ସେବାବ୍ରତୀ କନ୍ୟାମାନଙ୍କର ବାପାଙ୍କର ଅଭାବ ବା କଣ ଥିଲା ? ଲକ୍ଷ ଲକ୍ଷ ରୂପବତୀମାନଙ୍କର ପ୍ରେମିକଙ୍କର ଅଭାବ କଣ ଥିଲା ? ବୁଦ୍ଧ ଶିଷ୍ୟଙ୍କର କି କାମନା ବା ଥିଲା ? ଶ୍ରୀ ଚୈତନ୍ୟ ରାମକୃଷ୍ଣ ବିବେକାନନ୍ଦ ଅରବିନ୍ଦଙ୍କ ଭଳି ପାଉଥିବା ଆପଣଙ୍କର ଅଭାବ ବା କଣ ଥାଇପାରେ ? ଶୋଚନା କଣ ଥାଇପାରେ ? ଭୟ ବା ଥାଇପାରେ କାହାକୁ ? କୋଉ ପାର୍ଟଶୀଶପାରେ ଆଶା ଥିଲା ଆପଣଙ୍କର ? କୋଉ କ୍ଷୀର ମାଲପୂଆରେ ଥିଲା ଲୋଭ ? ନା କୋଉ ରତ୍ନସିଂହାସନରେ ଚଢ଼ିବା ପାଇଁ ଲାଳସା ?

ଆପଣ ଚଉକୀ ଉପରେ ବସିବାବେଳେ ମନେହୁଏ କଣ ପୃଥିବୀର ରାଜସିଂହାସନରେ କବି ଆରୂଢ଼ ହେଲେଣି କି ? ଆପଣ ରାସ୍ତାରେ ଚାଲିବାବେଳେ ମନେହୁଏ କଣ ରାଜପଥମାନ କବି ପଥରେ ରୂପାନ୍ତରିତ ହୋଇଗଲେଣି କି ? ଆପଣ କଥା କହିବାବେଳେ ମନେହୁଏ ଆପଣଙ୍କର ପ୍ରେମିକାଙ୍କର ଭାଷା କଣ ଆମର ମାତୃଭାଷା କି ? ତା ନ ହେଲେ ଏ ଭାଷା ଏତେ କାବ୍ୟ ରସସିକ୍ତ ହେଲା କେମିତି ? ଆପଣ ହସିଲାବେଳେ ମନେହୁଏ—ପୃଥିବୀ ଏହିକ୍ଷଣି ଚିନ୍ତାପମୁକ୍ତ ହୋଇଗଲାଣି କି ? କାନ୍ଦିଲାବେଳେ ମନେହୁଏ—କଣ ଏ ପୃଥିବୀ ଗୋପୀ ଭାବରେ ବିହ୍ୱଳ ହୋଇ କୃଷ୍ଣଚନ୍ଦ୍ରଙ୍କୁ ଖୋଜି ବୁଲୁଛି କି ? ଆପଣ ଭର୍ତ୍ସନା କଲାବେଳେ ମନେହୁଏ—କଣ ଏ ପୃଥିବୀରୁ ବ୍ୟକ୍ତିଗତ ସମସ୍ୟା ଦୂର ହୋଇ କେବଳ ସାମାଜିକ ସମସ୍ୟା ରହିଛି କି ?

ପୂଜ୍ୟପାଦ ! ଆପଣଙ୍କଠାରେ ମୋର କ୍ଷୁଦ୍ର ଚିତ୍ତ ବହୁ କ୍ଷୁଦ୍ରତା ମଧ୍ୟ ଲକ୍ଷ୍ୟ କରିଛି । ଆପଣଙ୍କ ଭିତରେ ତ ମହତ୍ତ୍ୱ ଓ ଅହଂକାରର ପୁରୁଷ ଓ ପ୍ରକୃତି ଚେତନାର ଗର୍ବ ଓ ବିନମ୍ରର ବିଶ୍ୱାସ ଓ ସଂଶୟର ଆଲୋକ ଓ ଅନ୍ଧକାରର ଅବିରାମ ଦ୍ୱନ୍ଦ୍ୱ ଚାଲିଥିଲା । ଏହି ଅବିରତ ଦ୍ୱନ୍ଦ୍ୱର ଜ୍ୱାଳାରେ ଆପଣ ଥିଲେ ସଦା ଜାଗ୍ରତ, ସଦା ସକ୍ରିୟ ଓ ସଦା ଜୀବନ୍ତ । ଏହି ଦ୍ୱନ୍ଦ୍ୱ-ବୋଧ ଆପଣଙ୍କୁ ସତେଜ

Digitized by srujan ka@gmail.com

ଶୈଳୀରେ ପରିଣତ କରିଛୁ ସତ୍ୟ— ମାତ୍ର ବନ୍ଧୁ ଭ୍ରମପ୍ରମାଦରେ ଆପଣଙ୍କର କ୍ଷୁଦ୍ର ଛାତ୍ରଗୁଡ଼ିକୁ ମଧ୍ୟ ଧକ୍କାରେ ପକାଇ ଦେଇଛୁ । ସେହି କ୍ଷୁଦ୍ର ଛାତ୍ରଗୁଡ଼ିକ ଭିତରେ ମୁଁ ଯେତେଥର ସଚେତନ ହୋଇଛୁ ସେତେଥର ଆପଣଙ୍କର ପ୍ରାଣ ଗହନରୁ ଉଚ୍ଚାରିତ ଆଶ୍ୱାସ କବିତା ମୋର ମନରେ ଉଦିତ ହୋଇଯାଇଛୁ । ମୋର ଆଖି ଅଶ୍ରୁସଜଳ ହୋଇଉଠିଛୁ । ଆପଣ ନା ଗାଇଛନ୍ତି—

"କର ମୋର କ୍ଷୁଦ୍ର ପୃଷ୍ଠେ
ଅଙ୍ଗୁଳି ସଞ୍ଚାର
କର ମୋର କ୍ଷୁଦ୍ରତାରେ
ଗୌରବ ସଞ୍ଚାର
ହେ ବୈଷ୍ଣବ ଶିରୋମଣି !"

କେଉଁ ରାଜୀବଲୋଚନ ନବଦୁର୍ବାଦଳ ଶ୍ୟାମ ଅଭିରାମ ବଂଶୀଧରର କୃପା କରାଙ୍ଗୁଳୀର ସ୍ନେହ ସଞ୍ଚାର ଲାଗି ଆପଣ ନିଜ ଉନ୍ନତ ପୃଷ୍ଠଦେଶକୁ ଏତେ ସଙ୍କୁଚିତ ନମ୍ର ଓ ବିନୀତ କରି ରଖିଥିଲେ ? ମୋର ମନେହୁଏ—ଆପଣଙ୍କର ଆଶା ଓ ଅପେକ୍ଷା ସଫଳ ହୋଇଛୁ । ଆପଣ ରାମକୃପା ଲାଭ କରିଛନ୍ତି । ନହେଲେ ଆପଣ ଏତେ ରମଣୀୟ ହୋଇଥିଲେ କିପରି ?

ହେ ମୋର ପ୍ରେମିକ ପିତୃଦେବ ! କବି ପିତୃଦେବ ! ଆପଣ ଅଜସ୍ର ଗୀତି କବିତା ଲେଖିଛନ୍ତି, ଅଜସ୍ର ପ୍ରବନ୍ଧ ରଚନା କରିଛନ୍ତି । ଆପଣଙ୍କ ଲେଖନୀ ବହୁମୁଖୀ—ବହୁଦିଗ ସ୍ପର୍ଶୀ । ଆପଣଙ୍କର ଅମଳିନ କୀର୍ତ୍ତି ଓଡ଼ିଶାର ଆକାଶରେ ଆକାଶ ଦୀପ ହୋଇ ଯୁଗେ ଯୁଗେ ଜଳିବ । ମାତ୍ର ଆପଣ କିନ୍ତୁ ଆପଣଙ୍କ କୀର୍ତ୍ତିଠାରୁ ମହତ୍ତର । ଆପଣଙ୍କର ମୃତ୍ୟୁପର ମୁଖମଣ୍ଡଳ ଦେଖିଛୁ ଫଟୋରେ । ଆପଣ ଆନନ୍ଦରେ ଦେହତ୍ୟାଗ କରିଛନ୍ତି । ଆପଣଙ୍କ ମୁଖମଣ୍ଡଳରେ ଅବଶୋଷର ଚିହ୍ନ ନାହିଁ । ଆପଣଙ୍କର ଆତ୍ମା ସେହି ରାଜ୍ୟକୁ ଯାଇଛନ୍ତି ଯେଉଁଠିକି ଯିବାଲାଗି ଆପଣ ଜ୍ଞାନ, ଭକ୍ତି ଓ କର୍ମମାର୍ଗରେ ନାରୀ, ଶିଶୁ, ପ୍ରକୃତି ଓ ସମାଜର ପିଛା ଧରିଥିଲେ । ଅଥଚ ସେହି ସ୍ଥାନଟିର ଠିକଣା ଆପଣଙ୍କୁ ସେତେବେଳେ ବୋଧହୁଏ ଜଣା ନ ଥିଲା । ଆପଣ କଣ ସେହି ପରମ ପ୍ରେମ ଧାମକୁ ଯାଇଛନ୍ତି ? ଆପଣଙ୍କ ଶତ୍ରୁମାନଙ୍କୁ ସେହି ସ୍ଥାନକୁ ଯିବା ଲାଗି କେତେ ଜନ୍ମ ଲାଗିବ କେଜାଣି ? କିନ୍ତୁ ସେ ଧାମରେ ଆମଠାରୁ ଆହୁରି ଅନ୍ତରଙ୍ଗ ପ୍ରେମମୟ ସଖା, ଶିଷ୍ୟ ଓ କନ୍ୟାମାନେ ଆପଣଙ୍କୁ ଘେରି ରହିବେ ।

● ● ●

Digitized by srujan ka@gmail.com

କୁମାର ପୂର୍ଣ୍ଣିମା ଦିନ ଆପଣ ଆମକୁ ପିତୃସ୍ଥାନ, ଗୁରୁସ୍ଥାନ ଓ ପ୍ରେମିକସ୍ଥାନ କରି ଚାଲିଗଲେ । କୁମାର ପୂର୍ଣ୍ଣିମାର ପୂର୍ଣ୍ଣଚନ୍ଦ୍ର ବ୍ୟତୀତ ଆଉ ଭଲ କେଉଁ ପୂର୍ଣ୍ଣିମାର ଚନ୍ଦ୍ର ଆପଣଙ୍କ ପିତୃ ଆତ୍ମାକୁ ଚନ୍ଦ୍ରଲୋକକୁ ଡାକି ନେଇଥାନ୍ତା ? ଆପଣ ଥିଲେ କୁମାର ପୂର୍ଣ୍ଣିମାର ଜନ୍ମ । ଆପଣ ଏ ପୃଥିବୀରେ ଭୂମିଷ୍ଠ ହେବା ପୂର୍ବରୁ ନିଶ୍ଚୟ ଆଉ କେଉଁ ଚନ୍ଦ୍ରକୁ ଅନ୍ଧକାର କରି ଆସିଥିବେ । ମାତ୍ର ଆପଣ ଏ ପୃଥିବୀକୁ ଛାଡ଼ିବା ଦିନ ଏ ଧରାର ସମଗ୍ର ରାତି ଥିଲା ପୂର୍ଣ୍ଣଚନ୍ଦ୍ରର ରାତି—ଜ୍ୟୋତ୍ସ୍ନାପ୍ଲାବିତ । ଆପଣଙ୍କର ଆତ୍ମା ଜ୍ୟୋତ୍ସ୍ନାପ୍ଲାବିତ ପଥରେ ଚନ୍ଦ୍ରଲୋକକୁ ଗଲେ କି ? ଏଣେ କିନ୍ତୁ କୁମାର ପୂର୍ଣ୍ଣିମାର ରାତି ଥିଲା ମେଘାଚ୍ଛାଦିତ—ଝଞ୍ଜାବିହ୍ୱଳ—ବନ୍ୟାକୁଳିତ ।

ପିତା ! ଆପଣଙ୍କର ମୃତ୍ୟୁ-ସମ୍ବାଦ ଶୁଣିଲି ଶ୍ରୀ କ୍ଷେତ୍ରରେ । ପୂର୍ଣ୍ଣିମା ପରଦିନ । ଦିବା ଏଗାର ଘଟିକାରେ । ସ୍ୱନାମଧନ୍ୟ କଥାକାର ମୋର ପୂଜ୍ୟ ଅଧ୍ୟାପକ ଶ୍ରୀଯୁକ୍ତ ରାଜକିଶୋର ରାୟଙ୍କ ସଙ୍ଗେ ତାଙ୍କ ଘରେ ସାକ୍ଷାତ ହେବା ମାତ୍ରେ ସେ ମୋ କାନ୍ଧରେ ଢଳିପଡ଼ିଲେ କାନ୍ଦି କାନ୍ଦି—

ଝାଲମଣି ! ମାନସିଂହ ଆଉ ନାହାନ୍ତି । ସମ ବୟସ୍କ ପୁତ୍ରର କାନ୍ଧରେ ଢଳିପଡ଼ି ପିତାଟିଏ କାନ୍ଦୁଛି । ମୁଁ କାନ୍ଦିଲି ନାହିଁ । କାନ୍ଦିପାରିଲି ନାହିଁ । ଶ୍ରୀଯୁକ୍ତ ରାୟଙ୍କୁ ସମ୍ଭାଳିଲି । ଏ ପର୍ଯ୍ୟନ୍ତ ମଧ୍ୟ କାନ୍ଦିନାହିଁ । ପିତା ! ଆପଣ ମୋର କାନ୍ଦ ଦେଖିଛନ୍ତି—ଆପଣଙ୍କ ଲାଗି ରୂପବତୀ କନ୍ୟାଟିଏ ଭଳି ବହୁବାର କାନ୍ଦିଛି । ଆପଣ ଜାଣନ୍ତି । ଆଉ ଆଖିରୁ ଲୁହ ବୋହୁନାହିଁ । ଲୁହ ନ ବହୁ—ପିତା ! ତୁମେ ଉପରୁ ଜାଣିବ—ମୋ ଭଳି ଲକ୍ଷ ଲକ୍ଷ ରୂପବତୀ କନ୍ୟାମାନେ—

"ତୁମ କଥା ଭାଳି କନ୍ୟା ସକଳ
ଗୁଣ ସୁମରି ହୁଅଛୁ ବିକଳ ।"

Digitized by srujan ka@gmail.com

'କମଳାୟନ'ର କବି ମାନସିଂହ

ଅଧ୍ୟାପକ ଶ୍ରୀ ଦୁର୍ଗାଚରଣ କୁଅଁର

ମଧ୍ୟଯୁଗ ଠାରୁ ଏଯାବତ୍ ଓଡ଼ିଆ କାବ୍ୟକବିତାର ଏକ ବଳିଷ୍ଠ ପରମ୍ପରା ରହିଆସିଛି । ଉପେନ୍ଦ୍ର, ଅଭିମନ୍ୟୁ ଓ ଦୀନକୃଷ୍ଣଙ୍କ ଠାରୁ ରାଧାନାଥ, ମଧୁସୂଦନ ଓ ସତ୍ୟବାଦୀ କବିଗୋଷ୍ଠୀଙ୍କ ମଧ୍ୟଦେଇ ଓଡ଼ିଆ କାବ୍ୟର ଯେଉଁ ଧାରା ପ୍ରବାହିତ କବି ମାନସିଂହ ସେହି ଗୌରବମୟ ପରମ୍ପରାର ଏକ ଉତ୍ତରସାଧକ । ମାନସିଂହଙ୍କ ସାହିତ୍ୟିକ ସାଧନା ଆରମ୍ଭବେଳକୁ ପାଶ୍ଚାତ୍ୟ କାବ୍ୟ ଜଗତରେ ବହୁ ପରୀକ୍ଷା ନିରୀକ୍ଷା ଓ ପରିବର୍ତ୍ତନ ଘଟିଯାଇଥିଲା । ସେହି ସମୟଟି ମଧ୍ୟ ଥିଲା ରବୀନ୍ଦ୍ର କାବ୍ୟ-ପ୍ରତିଭାର ମଧ୍ୟାହ୍ନ । ଏସବୁର ପ୍ରଭାବ ଯେ ମାନସିଂହଙ୍କ ଉପରେ ନ ପଡ଼ିଛି ତାହା ନୁହେଁ, କିନ୍ତୁ ତାଙ୍କର ସମସ୍ତ କାବ୍ୟକବିତା ଏକ ସ୍ୱକୀୟ ସୌକୁମାର୍ଯ୍ୟ, ମନନଶୀଳତା ଓ ବ୍ୟକ୍ତିତ୍ୱବୋଧରେ ମହିମ୍ନାନ । ଧୂପ, ହେମଶସ୍ୟ, ପୂଜାରଣୀ, ଶୁଭଦୃଷ୍ଟି, ଜେମା, ସାଧବଝିଅ ପ୍ରଭୃତି ତାଙ୍କର ଗ୍ରଣି ଗ୍ରଣି କାବ୍ୟ, କବିତା ଓ କାବ୍ୟନାଟିକା ଓଡ଼ିଆ ସାହିତ୍ୟର ଅକ୍ଷୟସମ୍ପଦ ହୋଇ ରହିବ ।

'କମଳାୟନ' କାବ୍ୟ ମାନସିଂହଙ୍କର ପରିଣତବୟସର ଲେଖା । ଏହାର ପରିକଳ୍ପନା, ଗଠନଶୈଳୀ ଓ ଜୀବନଦର୍ଶନ କବିଙ୍କର ଅନ୍ୟାନ୍ୟ କାବ୍ୟକବିତାଠାରୁ ଭିନ୍ନ । ଆଧୁନିକଯୁଗର ପୃଷ୍ଠଭୂମିରେ 'କମଳାୟନ' କାବ୍ୟର ପରିକଳ୍ପନା କରାଯାଇଛି ଏବଂ ଏହାର ନାୟକ ନାୟିକା ଆମର ପରିଚିତ ସମାଜର ସାଧାରଣ ନରନାରୀ । ଆଧୁନିକ ଜୀବନ, ଯୁଗର କେତେକ ମୁଖ୍ୟ ଘଟଣାପ୍ରବାହ ଓ ସାଂସ୍କୃତିକ ସଂକଟକୁ କାବ୍ୟରେ ରୂପାୟିତ କରିବାର ପ୍ରଚେଷ୍ଟା ମାନସିଂହଙ୍କ ପରି ଏକ ସୃଜନ-ଶୀଳ ପ୍ରତିଭା ପକ୍ଷରେ ଅସ୍ୱାଭାବିକ ନ ହେଲେହେଁ, ଏହା ଯେ ଏକ କଷ୍ଟସାଧ୍ୟ ବ୍ୟାପାର ଏଥିରେ ସନ୍ଦେହ ନାହିଁ । ଏ ଯୁଗ ମୁଖ୍ୟତଃ କ୍ଷୁଦ୍ର କବିତାର ଯୁଗ । କାବ୍ୟ, ମହାକାବ୍ୟ ଏପରିକି ଦୀର୍ଘ କବିତା ଅତୀତର ବିଷୟ ହୋଇଗଲାଣି । ଉପନ୍ୟାସ କାବ୍ୟର ସ୍ଥାନ ଅଧିକାର କରିଛି । ଅତୀତର ଇଲିଆଡ୍, ଅଡ଼ିସି ପରି ଜେମସ୍ ଜଏସଙ୍କର 'ଇଉଲିସେସ୍' ଉପନ୍ୟାସ ହିଁ ଏ ଯୁଗର ମହାକାବ୍ୟ । ଅବଶ୍ୟ ଏ ଶତାବ୍ଦୀର ତୃତୀୟଦଶକରେ ଟି ଏସ୍., ଏଲିଅଟ ଓ ଅଡ଼େନ୍ ପ୍ରଭୃତି ଶକ୍ତିଧର ଇଂରେଜ କବି କେବଳ ଦୀର୍ଘ କବିତା ନୁହେଁ, କାବ୍ୟନାଟିକା ମଧ୍ୟ ରଚନା କରି

Digitized by srujan ka@gmail.com

ବିଶୃଙ୍ଖଳିତ ହୋଇପାରିଛନ୍ତି । ଟେଲିଅଟଙ୍କର ଉକ୍ତି, "I by no means believe that the 'long poem' is a thing of the past; but at least there must be more in it for the length than our grand parents seemed to demand", ମଧ୍ୟ ଏଠାରେ ପ୍ରଣିଧାନଯୋଗ୍ୟ । ପାଶ୍ଚାତ୍ୟ ସଭ୍ୟତାର ସାଂପ୍ରତିକ ସଂକଟ ଓ ମାନସିକ ବିପର୍ଯ୍ୟୟକୁ ଏକ ନୂତନ ବୌଦ୍ଧିକ ବିଗ୍ରହ ଓ ଶକ୍ତିଶାଳୀ ଭାଷା ମାଧ୍ୟମରେ ପ୍ରକାଶ କରି ଏଲିଅଟ ଓ ଅନ୍ୟମାନେ ପୃଥିବୀର କାବ୍ୟଜଗତରେ ଏକ ଯୁଗାନ୍ତର ସୃଷ୍ଟି କରିଅଛନ୍ତି । ଆମ ଦେଶର ସମସ୍ୟା ଓ ପରିବେଶ ପାଶ୍ଚାତ୍ୟ ଜଗତଠାରୁ ଅନେକାଂଶରେ ଭିନ୍ନ । ଓଡ଼ିଆ କାବ୍ୟ କବିତାର ଏକ ଶକ୍ତିଶାଳୀ ପରମ୍ପରା ରହିଛି । କମଳାୟନ କାବ୍ୟର ମୂଲ୍ୟାୟନ କଲାବେଳେ ଏ ସବୁକୁ ଦୃଷ୍ଟିରେ ରଖିବାକୁ ହେବ । କାବ୍ୟଟିରେ କେତେକ ଆନ୍ତର୍ଜାତିକ ଚରିତ୍ର ଓ ଘଟଣାର ସମାବେଶ ହୋଇ-ଥିଲେହେଁ ମୁଖ୍ୟତଃ ଏହା ସ୍ୱାଧୀନତାର ପ୍ରାକ୍‌କାଳ ଓ ପରବର୍ତ୍ତୀକାଳ ଓଡ଼ିଶାର ଏକ ଚିତ୍ର । ସମସାମୟିକ ପରିବେଶ ଓ ଘଟଣାବଳୀର ବର୍ଣ୍ଣନା ସଙ୍ଗେ ସଙ୍ଗେ ଏକ ଅଭିଜ୍ଞ ଓ ଆଦର୍ଶପ୍ରବଣ କବିମାନସର ପ୍ରତିଫଳନ କାବ୍ୟର ଛନ୍ଦେ ଛନ୍ଦେ ଦେଖିବାକୁ ମିଳେ ।

କାବ୍ୟନାୟକ କମଳର ଅୟନ ବା ଜୀବନାଦର୍ଶ କାବ୍ୟର ମୁଖ୍ୟ ଉପଜୀବ୍ୟ ହୋଇଥିବାରୁ କାବ୍ୟରନାମ କମଳାୟନ ରଖାଯାଇଛି । ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟନେଇ ଯେ କାବ୍ୟଟି ଲେଖାଯାଇଛି ତାହା ଆରମ୍ଭରୁ ଅନୁମାନ କରିହୁଏ । କାବ୍ୟର ପ୍ରଥମ-ସର୍ଗ 'ଉତ୍କଳ ଓ ଗୋପବନ୍ଧୁ' ଏହି ଅନୁମାନକୁ ଅଧିକ ସ୍ପଷ୍ଟ କରିଛି । ଉତ୍କଳର ଦୁର୍ଭିକ୍ଷ ପ୍ରପୀଡ଼ିତ ନିରନ୍ନ ଜନତାଙ୍କ ସେବାରେ ରତ "ସଖା ଦୀନ ଜନତାର ॥ ପର ଦୁଃଖ ଲାଗି ହୃଦ, ହୋଇ ଅଶ୍ରୁଧାର ॥ ବହେ ଯାର ଅବିରତ ।" ସେହି ଉତ୍କଳମଣି ଗୋପବନ୍ଧୁଙ୍କର ଭାବମୂର୍ତ୍ତି କାବ୍ୟର ଅନ୍ତର୍ନିହିତ ସ୍ୱର ବା tone ନିର୍ଦ୍ଦିଷ୍ଟ କରିବାରେ ସହାୟକ ହୋଇଛି । ଗୋପବନ୍ଧୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ କାବ୍ୟର ନାୟକ କମଳ 'ଦେଶ ଓ ଦୀନ ଜନତାର' ସେବାକୁ ନିଜ ଜୀବନର ଅୟନ ରୂପେ ବାଛିନେଇଛି ଏବଂ ବହୁ ବାଧାବିଘ୍ନ ସତ୍ତ୍ୱେ ଶେଷ ଜୀବନ ପର୍ଯ୍ୟନ୍ତ ଏହି ଆଦର୍ଶରେ ଅଟଳ ରହିଛି । ଜୀବନର ବହୁ ସମସ୍ୟା ଓ ଦ୍ୱନ୍ଦ୍ୱର ସମ୍ମୁଖୀନ ହୋଇ ସ୍ୱକୀୟ ବିଗ୍ରହ ବୁଦ୍ଧିରେ ସେ ସବୁର ସମାଧାନ କରିବା କମଳ ଚରିତ୍ରର ଏକ ବିଶେଷତ୍ୱ । ବିରହ ପିତାମାତା ଓ ବିଧବା ଭଗିନୀ ପ୍ରତି ସାଂସାରିକ କର୍ତ୍ତବ୍ୟବୋଧ ଓ ଦେଶସେବା ମଧ୍ୟରେ ଯେତେବେଳେ ତା' ମନରେ ଦ୍ୱନ୍ଦ୍ୱ ଦେଖାଦେଇଛି ସେ ଶିକ୍ଷକତା ଗ୍ରହଣ କରି ପରିବାର ପୋଷଣ ଦାୟିତ୍ୱକୁ ଅଗ୍ରାଧିକାର ଦେଇଛି । ଏଠାରେ କମଳ ଚରିତ୍ରର ଏହି 'ମାନବିକତା' ଗୁଣ

Digitized by srujan ka@gmail.com

ଲକ୍ଷଣୀୟ । ପରେ ରାଜନୈତିକ ଜୀବନର ନୀଚ ସ୍ୱାର୍ଥାନ୍ୱେଷଣ, ପରସ୍ପର ପ୍ରତି ଈର୍ଷା, ଓ ଶଠତାରେ କ୍ଷୁବ୍ଧ ହୋଇ ଜନସେବା ଉଦ୍ଦେଶ୍ୟରେ ରାଜନୈତିକ ଦଳତ୍ୟାଗ କରିବା ପଛରେ ଏହି 'ମାନବିକତା'ର ପ୍ରେରଣା ବିଦ୍ୟମାନ । କମଳ ଓ କରୁଣାଙ୍କର ନ୍ୟୁୟର୍କ ଅବସ୍ଥାନ କାଳରେ ବହୁ ଦେଶ ଓ ଜାତିର ଲୋକଙ୍କ ସଂପର୍କରେ ଆସିବା ଦ୍ୱାରା ଦୃଷ୍ଟିକୋଣ ପ୍ରସାରିତ ହୋଇଛି ଏବଂ ବିଶ୍ୱମୈତ୍ରୀ ଭାବରେ ସେମାନେ ଉଦ୍‌ବୁଧ ହୋଇଛନ୍ତି । ଧର୍ମ, ଜାତି ଓ ଭାଷାଦ୍ୱାରା ବହୁଧା ବିଭକ୍ତ ଭାରତୀୟ ସମାଜ ଓ ପାଶ୍ଚାତ୍ୟ ସମାଜ ମଧ୍ୟରେ ଥିବା ପ୍ରଭେଦ ସେମାନଙ୍କ ଆଖିରେ ସ୍ପଷ୍ଟତର ହୋଇଛି ।

"ଭାରତରେ ଛନ୍ତି ହିନ୍ଦୁ, ଜୈନ, ମୁସଲମାନ
ବଙ୍ଗାଳୀ, ଓଡ଼ିଆ, ଶୂଦ୍ର, ବ୍ରାହ୍ମଣ, ଖ୍ରୀଷ୍ଟାନ,
ମନୁଷ୍ୟ ହିଁ ଛନ୍ତି ଆମେରିକା, ଇଂଲଣ୍ଡରେ
ନୀରବ୍ରି ହିଁ ଆଗକଥା, ଭିନ୍ନତା ପଛରେ ।"

(କମଳାୟନ—୯ମ ସର୍ଗ)

ଦ୍ୱିତୀୟ ମହାଯୁଦ୍ଧ ସମୟରେ ଭାରତୀୟ ଜାତୀୟ କଂଗ୍ରେସର ଯୁଦ୍ଧରେ ଅସହଯୋଗସତ୍ତ୍ୱେ କମଳ ଓ କରୁଣାଙ୍କର ସ୍ୱେଚ୍ଛାସେବକ ଭାବେ ଯୁଦ୍ଧରେ ଯୋଗଦାନ ମୂଳରେ ଏହି 'ବିଶ୍ୱମାନବିକତା' ଭାବ ହିଁ ମୁଖ୍ୟ ।

"ଦେଶରୁ ମାନବ ବଡ଼; ମାନବର ଦୁଃଖ
ଡାକୁଛି ଆଶ୍ରୟ ପାଇଁ ହୋଇ ଲକ୍ଷ-ମୁଖ ।"

'ଦେଶ, ଜାତି, ଧର୍ମ ସବୁରି ଉପରେ ମାନବ ହିଁ ସତ୍ୟ' ଏହା ହେଉଛି କମଳାୟନ କାବ୍ୟର ଅନ୍ତର୍ନିହିତ ବାଣୀ । କାବ୍ୟର ଦ୍ୱିତୀୟ ଭାଗରେ ଦେଶ-ବିଦେଶରେ ଶିକ୍ଷିତା ଓ ଆମେରିକାନ ଧାତ୍ରୀ ମିସ୍ ଓ୍ୟାଟସନ ଦ୍ୱାରା ପ୍ରତିପାଳିତା କମଳକରୁଣାଙ୍କର ଏକମାତ୍ର ସନ୍ତାନ ବିଶ୍ୱମିତ୍ରାର ରୁଷୀୟ ଯୁବକ ସେପିଲକ୍ ଓ ଇଂରେଜ ବାରନ୍ ମାଲକମ୍ ସହ ଦାମ୍ପତ୍ୟ ଆତ୍ମୀୟତା ଏହି 'ବିଶ୍ୱ ମାନବିକତା'ର ଭାବକୁ ଅଧିକ ପଲ୍ଲବିତ ଓ ପ୍ରସାରିତ କରିଛି ମାତ୍ର । ହଙ୍ଗେରୀ ଉପରେ ରୁଷର ସାମ୍ରାଜ୍ୟବାଦୀ ଆକ୍ରମଣ କାଳରେ ହଙ୍ଗେରୀ ପକ୍ଷ ସମର୍ଥନ କରି ରୁଷ ଯୁବକ ସେପିଲକ୍‌ର ଆତ୍ମାହୁତି ଓ ହଙ୍ଗେରୀୟ ସାମରିକ ନେତାଙ୍କର ସ୍ତ୍ରୀ ମେରୀସ୍ଥାର ବିଶ୍ୱମିତ୍ରା ନିକଟକୁ ସହାନୁଭୂତିସୂଚକ କରୁଣ ପତ୍ର ଏହି ବିଶ୍ୱବନ୍ଧୁତ୍ୱ ମୂର୍ତ୍ତିତା ଭାବକୁ ଅଧିକ ପ୍ରକଟିତ କରିଛି ।

କାବ୍ୟର ମୁଖ୍ୟ ଚରିତ୍ର କମଳକୁ ଏକ ଆଦର୍ଶ ପୁତ୍ର, ଭ୍ରାତା, ଶିକ୍ଷକ, ସ୍ୱାମୀ ଓ ଉଦାର ମାନବପ୍ରେମୀ ଭାବେ ଚିତ୍ରଣ କରାଯାଇଛି । ଏ ପ୍ରକାର ଆଦର୍ଶବାଦୀ ଚରିତ୍ର ଏକପର୍ଯ୍ୟାୟଭୁକ୍ତ ଚରିତ୍ର ବା type ରେ ପରିଣତ ହେବାର ସମ୍ଭାବନା

Digitized by srujan ka@gmail.com

ଅଧିକ, କିନ୍ତୁ ତାର ସ୍ରଷ୍ଟାର ସମସ୍ତ ଇଚ୍ଛା, ଆଦର୍ଶ ଓ ସମ୍ଭାବନାକୁ ନେଇ ସେ ଏକ ଏକକ ଚରିତ୍ର ଭାବେ ପ୍ରତିଷ୍ଠିତ ହେବାରେ ଅନେକାଂଶରେ ସଫଳ ହୋଇଛି । କାବ୍ୟନାୟିକା କରୁଣା ମଧ୍ୟ ଏକ ଆଦର୍ଶ କନ୍ୟା, ପତ୍ନୀ ଓ ଗୃହିଣୀ ଭାବେ ଚିତ୍ରିତ—କିନ୍ତୁ କମଳ ଚରିତ୍ରର ଜଟିଳତା (complexity) ଓ ଉଚ୍ଚ ଆଦର୍ଶପ୍ରବଣତା ତାଠାରେ ଦେଖିବାକୁ ମିଳେନାହିଁ । ସଂଗ୍ରାମିକା ଦଳଭୁକ୍ତ ହୋଇ ମି: ଓ୍ୟାଟ୍‌ସନ୍‌ଙ୍କୁ ହତ୍ୟାକରି ଦଶବର୍ଷ କାରାବରଣ କରିବା ପଛରେ କରୁଣାର କୌଣସି ରାଜନୈତିକ ବା ଦେଶପ୍ରେମର ପ୍ରେରଣା ଅପେକ୍ଷା ପିତୃ ଅପମାନର ପ୍ରତିଶୋଧ ମନୋବୃତ୍ତି ହିଁ ମୁଖ୍ୟ । ପିତାଙ୍କର ମୃତ୍ୟୁପରେ ଉତ୍ତରାଧିକାର ସୂତ୍ରେ ପାଇଥିବା ବିପୁଳ ସମ୍ପତ୍ତି ସ୍ୱାମୀଙ୍କ ପଦତଳେ ଅର୍ପଣ କରି ତାଙ୍କର ପଦାଙ୍କ ଅନୁସରଣ କରିବାରେ ହିଁ ସେ ଜୀବନର ପରମ ତୃପ୍ତି ଓ ସାର୍ଥକତା ଅନୁଭବ କରିଛି । କରୁଣାକୁ ପାରମ୍ପରିକ ଭାରତୀୟ ନାରୀ ଚରିତ୍ରର ଏକ ପ୍ରତୀକ ରୂପେ ଗ୍ରହଣ କରାଯାଇପାରେ ।

ସ୍ୱଦେଶ ପ୍ରୀତି ଏବଂ ଜାତୀୟ ସଂସ୍କୃତି ଓ ପରମ୍ପରା ପ୍ରତି ଏକ ସଂସ୍କାର-ଶୀଳମନର ଗଭୀର ମମତାବୋଧ ମାନସିଂହଙ୍କର ଅଧିକାଂଶ ସାହିତ୍ୟିକ କୃତିରେ ଦେଖିବାକୁ ମିଳେ । କବିଙ୍କର ଏହି ଦେଶପ୍ରୀତି କିନ୍ତୁ ସ୍ୱଦେଶର ଅନ୍ଧସ୍ତାବକତା ନୁହେଁ । କମଳାୟନ କାବ୍ୟରେ ନିଜ ଦେଶର ନାନା କୁସଂସ୍କାର, ଜାତିଗତ ଓ ଧର୍ମଗତ ବିଭେଦ ବିରୁଦ୍ଧରେ କବି ତୀବ୍ର ମନ୍ତବ୍ୟ ପ୍ରକାଶ କରିବା ସଙ୍ଗେ ସଙ୍ଗେ ପାଶ୍ଚାତ୍ୟ ସଭ୍ୟତାରେ ଯାହାକିଛି ସୁନ୍ଦର ଓ ମହନୀୟ ମୁକ୍ତକଣ୍ଠରେ ତାର ପ୍ରଶଂସା କରିଅଛନ୍ତି । କବିଙ୍କର ମୁକ୍ତ ମନ ଓ ଉଦାର ମାନବବାଦୀ ଦୃଷ୍ଟିକୋଣ 'କମଳାୟନ' କାବ୍ୟରେ ବିଶେଷ ଭାବେ ଲକ୍ଷଣୀୟ, କିନ୍ତୁ ନିଜ ଦେଶର ମହାନ ସଂସ୍କୃତି ଓ ଆଧ୍ୟାତ୍ମିକ ପରମ୍ପରା ସଂପର୍କରେ ସେ ସର୍ବଦା ସଚେତନ । ନିଜର ଐତିହ୍ୟକୁ ଭୁଲି ପାଶ୍ଚାତ୍ୟ ଶିଳ୍ପ ଓ ଯାନ୍ତ୍ରିକ ସଭ୍ୟତାର ବହିରଙ୍ଗରେ ଆତ୍ମବିସ୍ମୃତ ପ୍ରାଚ୍ୟ ଯୁବକଙ୍କ ପ୍ରତି କବିଙ୍କର କଟାକ୍ଷ ତୀବ୍ର ଓ ଶ୍ଳେଷାତ୍ମକ ।

"ବିଚଳିତମନା ଏବେ ଏସିଆ-ଯୁବକେ
ନ ପଶୁରି ନିଜ ରନ୍ଧ୍ରେ, ଧାଆଁନ୍ତି ପୁଲକେ
ଦେଖିବାକୁ ଇଷ୍ଟାତୀୟ କୃତ୍ରିମ ସଭ୍ୟତା
ଇଉରୋପର, ଦେଶେ ଫେରି ବର୍ଣ୍ଣି ସେହି କଥା,
—ନଇ-ପୋଲ, ଯନ୍ତ୍ର-ଧୂମ, ରେଲଓ୍ୱେ ଷ୍ଟେସନ
ରଙ୍ଗମଞ୍ଚେ ଶ୍ୱେତ-ନଟୀ ଅଶ୍ଳୀଳ-ନର୍ତ୍ତନ—
କି ଆତ୍ମପ୍ରସାଦ ପୁଣି, କି କୃତକାର୍ଯ୍ୟତା !
ଇଉରୋପର ଧୂଳୀ-ସ୍ପର୍ଶେ ଗର୍ବୋନ୍ନତ ମଥା !"

(କମଳାୟନ—୯ ସର୍ଗ)

Digitized by srujan ka@gmail.com

କବିବର ରାଧାନାଥଙ୍କ ପରେ ମାନସିଂହ ବୋଧହୁଏ ହେଉଛନ୍ତି ଉତ୍କଳ ପ୍ରକୃତିର ଶ୍ରେଷ୍ଠ ପୂଜାରୀ । 'ଉତ୍କଳ-କମଳା-ବିଳାସ-ଦୀର୍ଘିକା' ଚିଲିକା ଓ ତା'ର ଉପାନ୍ତ ଅଞ୍ଚଳର ଅପରୂପ ସୌନ୍ଦର୍ଯ୍ୟ ବର୍ଣ୍ଣନାହିଁ କମଳାୟନ କାବ୍ୟ ଉତ୍ତର ଖଣ୍ଡର ସବୁଠାରୁ ବେଶି ଆକର୍ଷଣୀୟ ବିଷୟ । ଓ୍ୱାର୍ଡସ୍‌ୱାର୍ଥଙ୍କ ଲେକ୍‌ଡିଷ୍ଟ୍ରିକ୍ଟ ବା ରବୀନ୍ଦ୍ରନାଥଙ୍କ 'ପଦ୍ମା' ପରି ଅପୂର୍ବ ଲାବଣ୍ୟମୟୀ ଚିଲିକା ତା'ର କୋଳରେ ଜନ୍ମିତ ଓ ଲାଳିତ କବି ମାନସିଂହଙ୍କ ମାନସପଟରେ ଚିର ଜାଗରୂକ ଏବଂ ତାଙ୍କର ବିଭିନ୍ନ କାବ୍ୟକବିତାରେ ଚିଲିକାର ସୌନ୍ଦର୍ଯ୍ୟ ବର୍ଣ୍ଣନା ଏକ ବିଶେଷ ସ୍ଥାନ ଅଧିକାର କରିଛି । ରାଧାନାଥ ଚିଲିକା ପ୍ରକୃତିର ଚିତ୍ରକର ହୋଇପାରନ୍ତି କିନ୍ତୁ ଚିଲିକା ଯଥାର୍ଥରେ ମାନସିଂହଙ୍କର 'କବି-ମାନସୀ,' ଚିଲିକାର ପ୍ରଭାତ, ପ୍ରଦୋଷ, ସୁଦୂରପ୍ରସାରୀ ବେଳାଭୂମି ଏବଂ ଋତୁଚକ୍ରର ଆବର୍ତ୍ତନରେ ଚିଲିକା ପ୍ରକୃତିର ନବ ନବ ଉନ୍ମେଷ ତାଙ୍କ ଲେଖନୀରେ ମୂର୍ତ୍ତି ଓ ପ୍ରାଣବନ୍ତ ।

"ତପନ ବୁଡ଼ଇ ଧୀରେ ସଲିଳ ଉହାଡ଼େ,
ଶାନ୍ତ, ସନ୍ଧ୍ୟା-ଛାୟା ମାଡ଼ିଆସେ ଦ୍ରୁତପଦେ
ଗିରି-ଶ୍ରେଣୀ ଭୃଗୁ ଡେଇଁ ଚିଲିକା ଉପାନ୍ତେ ।
ଶେଷ ସ୍ୱର୍ଣ୍ଣାଲୋକ ଶିଖା ବିଦାୟୀ ଦିନର,
ଜଳୁଛି ତଥାପି ଦୂରେ ଖଣ୍ଡାହୁଣା ଚୂଳେ,
ଶୋଲଗିର ପ୍ରାଚୀନ ସେ ନ୍ୟଗ୍ରୋଧ ମସ୍ତକେ ।"

(ଉତ୍ତର ଖଣ୍ଡ—୧ମ ଅଧ୍ୟାୟ)

କିମ୍ବା

"ପକ୍ଷୀ ଦଳ ଦଳ
ଉଡ଼ୁଛନ୍ତି ମାଳାକାରେ, ଅର୍ଦ୍ଧବୃତ୍ତେ; ଅବା
ତଳେ ଖସି, ସୁମଧୁର କୋଳାହଳେ ପୁଣି
ସ୍ନେହ-ବିକମ୍ପିତ ମାତୃବକ୍ଷେ ଚିଲିକାର
ସନ୍ତରନ୍ତି ପରିପୂର୍ଣ୍ଣ ଜୀବନ ଆନନ୍ଦେ
ତରଳ ସେ ନୀଳ ସ୍ତନେ—, କରେ ଚକ ଚକ
ରବି କରେ ନୀର-ଧୌତ ପତତ୍ର ତାଙ୍କର ।
ସ୍ୱର୍ଣ୍ଣପାଲ ଟାଣି ଧୀରେ, ଦୂରେ ଓ ନିକଟେ
ଭାସିଯାନ୍ତି ତରୀ ଦୂର ତୀର ଲକ୍ଷ୍ୟ କରି
ଅଭାଗ୍ୟର ସ୍ୱପ୍ନ ସମ ।"

ଚିଲିକା ବର୍ଣ୍ଣନାରେ ଏ ପ୍ରକାର ବହୁ ଦୃଷ୍ଟାନ୍ତ କାବ୍ୟର ଉତ୍ତରଖଣ୍ଡରେ ଦେଖିବାକୁ ମିଳେ । ସାଗରବେଳାରେ ଟେନିସନ୍‌ଙ୍କ ଏନ୍‌କ୍ ଆର୍ଡେନ୍ କାବ୍ୟର

Digitized by srujan ka@gmail.com

ଏନକ୍, ଫିଲିପ୍ ଓ ଏନାଂକର କରୁଣ ପ୍ରଣୟକାହାଣୀ ଅଭିମାନ୍ତ ହେଲାପରେ ଚିଲିକାର ଛବିଳ ପରିବେଶରେ ରୂପସୀ ବିଶ୍ୱମିତ୍ରା, ସେପିଲକ୍ ଓ ମାଲ୍‌କମ୍‌ଙ୍କର ପ୍ରଣୟଗାଥା ସେପିଲକ୍‌ର ମୃତ୍ୟୁରେ ବିଷାଦମୟ ବ୍ୟର୍ଥତାରେ ପରିଣତ ହୋଇଛି ।

କାବ୍ୟର ପ୍ରଥମ ସର୍ଗରେ ଗ୍ରାମ୍ୟମଲ୍ଲ ଘଟଣାରୁ ଉତ୍କଳର ପ୍ରାଚୀନ ଗୌରବ ସମ୍ବନ୍ଧରେ ଉଲ୍ଲେଖ ଏବଂ ଉତ୍ତରଖଣ୍ଡରେ ‘ଶତସେବ୍ୟୋତ୍ସବ’ ବ୍ୟପଦେଶରେ ପାଇକ ନୃତ୍ୟ, ଯାତ୍ରା, ପାଲା ଇତ୍ୟାଦି ଓଡ଼ିଶାର ନିଜସ୍ୱ ସାଂସ୍କୃତିକ ବୈଭବର ସବିଶେଷ ବର୍ଣ୍ଣନା କବିଙ୍କର ସ୍ୱାଭିମାନ ଓ ଜାତୀୟ ସଂସ୍କୃତି ପ୍ରତି ଗଭୀର ମମତାବୋଧର ପରିଚୟ ଦିଏ । କାବ୍ୟର ଦ୍ୱିତୀୟ ଭାଗରେ ଋଷିପ୍ରତିମ ସ୍ୱାମୀ ସଦାନନ୍ଦଙ୍କର ଉପସ୍ଥିତି ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଛି । ତାଙ୍କର ଶ୍ରୁତିସ୍ନିଗ୍ଧ ଶୁଭ୍ରତା ଓ ଉଦାତ୍ତ କଣ୍ଠରେ ସ୍ତୋତ୍ରଗାନ ଭକ୍ତକବି ମଧୁସୂଦନଙ୍କର ‘ଋଷିପ୍ରାଣେ ଦେବାବତରଣ’ କବିତାର ରହସ୍ୟମୟ ପରିବେଶକୁ ସ୍ମରଣ କରାଇଦିଏ । ନିରୀଶ୍ୱର ମାର୍କସ୍‌ବାଦୀ ସେପିଲକ୍ ଏବଂ ଭାରତୀୟ ଆଧ୍ୟାତ୍ମିକତାର ପ୍ରତୀକ ସ୍ୱାମୀ ସଦାନନ୍ଦଙ୍କ ମଧ୍ୟରେ ବୌଦ୍ଧଧର୍ମ, ଖ୍ରୀଷ୍ଟଧର୍ମ, ମାର୍କସ୍‌ବାଦ ଓ ଭାରତୀୟ ଆଧ୍ୟାତ୍ମବାଦ ସଂପର୍କରେ ନାନା ଯୁକ୍ତି ଓ ତାର୍କିକ ଆଲୋଚନା ଏକ ପରିଣତ କବିମାନସର ସ୍ୱଗତୋକ୍ତି ପରି ମନେହୁଏ । ଭାରତୀୟ ସନାତନ ଆର୍ଯ୍ୟଧର୍ମର ବୈଶିଷ୍ଟ୍ୟ ପ୍ରତିପାଦନ କରିବା କବିଙ୍କର ଲକ୍ଷ୍ୟ, କିନ୍ତୁ ସ୍ୱାମୀ ସଦାନନ୍ଦଙ୍କ ସ୍ପର୍ଶରେ ନିରୀଶ୍ୱର ସେପିଲକ୍‌ର ସମାଧି ଓ ଭାବାନ୍ତର ଏକ ମିରାକଲ ପରି ମନେହୁଏ ଏବଂ ଏହା ସାଧାରଣ ଅନୁଭୂତିର ବହିର୍ଭୂତ ବିଷୟ ।

‘କମଳାୟନ’ ଏକ ଚରିତ୍ର ଓ ଘଟଣାବହୁଳ କାବ୍ୟ ହୋଇଥିବାରୁ ଏହାର ବର୍ଣ୍ଣନା ଶୈଳୀ କ୍ଷିପ୍ର ଏବଂ ଭାଷା ଆଡମ୍ବରହୀନ । କବିଙ୍କର ‘ଶୁଭଦୃଷ୍ଟି’ କାବ୍ୟ ବା ‘ପୂଜାରିଣୀ’ କାବ୍ୟନାଟିକାରେ ଭାଷାର ଯେଉଁ ମୃଦଙ୍ଗ ମୁରଜ ଧ୍ୱନି ପ୍ରତିଧ୍ୱନିତ- ସମସ୍ୟାବହୁଳ ଆଧୁନିକ ଜୀବନର ଚିତ୍ର ଆଙ୍କିଲାବେଳେ ତାହା ସ୍ୱାଭାବିକ ଭାବରେ କ୍ଷୁଣ୍ଣ ଓ ଖଣ୍ଡିତ । ଭାଷାର ସରଳତା ସମୟେ ସମୟେ ଜଗନ୍ନାଥ ଦାସଙ୍କ ଭାଗବତର ସରଳ ଅଥଚ ଶକ୍ତିଶାଳୀ ବର୍ଣ୍ଣନାଶୈଳୀକୁ ସ୍ମରଣ କରାଇଦିଏ ।

“ଯେ ବନ୍ଧନ ଶ୍ୱେତାଙ୍ଗଙ୍କୁ କରିଅଛି ବଳି
ସେହି କମେ ତାଙ୍କୁ କରିପାରେ ନିଜ ବଳି ।
ମେଘରୂପେ ସୃଜି ପୁଣି ବାଷ୍ପରୂପେ ଖାଏ
ଯେସନ୍ତେ ରବି, ସେହିପରି ସଂସାର ଖେଳାଏ ।
ସେ ଅଦୃଷ୍ଟ ମହାଶକ୍ତି, ରଚଇ, ନାଶଇ
ଏ ସଭ୍ୟତା-ଭବିଷ୍ୟତ କିଏ ପାରେ କହି ?”

(କମଳାୟନ-୯ମ ସର୍ଗ)

Digitized by srujan ka@gmail.com

'ଧୂପ' ଓ 'ହେମଶସ୍ୟ'ର କବିଙ୍କର ଲେଖନୀ ମୁନ ଯେ ଶ୍ରାନ୍ତ ହୋଇଯାଇ ନାହିଁ ତା'ର ପ୍ରମାଣ ମିଳେ କାବ୍ୟରେ ପ୍ରଶସ୍ତିଚିତ୍ର ବର୍ଣ୍ଣନା ଏବଂ ସୁନ୍ଦରୀ ବିଶ୍ୱମିତ୍ରାର ରୂପ ଓ ଚଳଣି ପ୍ରକୃତ ଚିତ୍ରଣରୁ । କାବ୍ୟର ଦ୍ୱିତୀୟ ଭାଗରେ ଘଟଣାବଳୀର ସ୍ୱଳ୍ପତା ହେତୁ ବର୍ଣ୍ଣନାଶୈଳୀ ଗମ୍ଭୀର ଏବଂ ଭାଷା ଅପେକ୍ଷାକୃତ ପରିପାଟୀ ଓ ଆଭିଜାତ୍ୟମଣ୍ଡିତ । କେତେକ ସଙ୍ଗୀତ ସନ୍ନିବେଶିତ କରି କାବ୍ୟର ଏହି ଭାଗରେ ଛନ୍ଦବୈଚିତ୍ର୍ୟ ସୃଷ୍ଟି କରିବାର ପ୍ରୟାସ କରାଯାଇଛି ସତ, କିନ୍ତୁ ସାରା କାବ୍ୟଟିରେ ଭାଷା ଓ ଶୈଳୀର ସମତା ରକ୍ଷା କରାଯାଇପାରି ନାହିଁ । ଆଧୁନିକ ଜୀବନର ଚିତ୍ର ଦେଲାବେଳେ କେତେକ ଇଂରେଜୀ ଶବ୍ଦର ବ୍ୟବହାର ସ୍ୱାଭାବିକ ମନେ ହେଲେହେଁ 'କମଳାୟନ' କାବ୍ୟରେ ଏହାର ବହୁଳ ପ୍ରୟୋଗ ହେତୁ କାବ୍ୟର ଭାଷା ସ୍ଥାନେ ସ୍ଥାନେ ଶ୍ରୁତିକଟୁ ମନେହୁଏ । କିନ୍ତୁ ଓଡ଼ିଆ କାବ୍ୟ ପରମ୍ପରାରେ ନୂତନତ୍ୱ ସୃଷ୍ଟି କରି ଆଧୁନିକ ଯୁଗର ପୃଷ୍ଠଭୂମିରେ ଏକ ପୂର୍ଣ୍ଣାଙ୍ଗ କାବ୍ୟ ରଚନା କରିବାରେ କବି ଯେଉଁ ସାହସିକ ପଦକ୍ଷେପ ନେଇଛନ୍ତି, ସେ ତୁଳନାରେ ଏ ସାମାନ୍ୟ ତ୍ରୁଟି-ବିଚ୍ୟୁତି ନଗଣ୍ୟ ।

ସମସାମୟିକ ଯୁଗ ଓ ଜୀବନ ପ୍ରବାହକୁ ନେଇ ଏକ କାବ୍ୟ ଲେଖିବା କବିଙ୍କର ବହୁବର୍ଷ କଳ୍ପନାର ଫଳ ବୋଲି ସେ 'କମଳାୟନ' କାବ୍ୟର ଭୂମିକାରେ ଉଲ୍ଲେଖ କରିଅଛନ୍ତି । କବିହିଁ ତାର ସମସାମୟିକ କାଳର ସର୍ବଶ୍ରେଷ୍ଠ ସଚେତନ ବ୍ୟକ୍ତି । ନିଜ ଯୁଗର ସମାଜ, ରାଜନୀତି, ଧର୍ମଧାରଣା ଓ ସାଧାରଣ ଜୀବନ ପ୍ରବାହର ଯେଉଁ ଆଲେଖ୍ୟ ତାର କବିମାନସରେ ପ୍ରତିଫଳିତ ହୁଏ ସ୍ୱକୀୟ ଚିନ୍ତା ଓ ଭାବାବେଗ ମଧ୍ୟ ଦେଇ ସେ ସବୁର ମନୋଜ୍ଞ ପ୍ରକାଶ ହୋଇଥାଏ ତା'ର କାବ୍ୟ କବିତାରେ । ତେଣୁ ପ୍ରତିଭାବାନ କବି ନିଜ ବିଷୟ ଲେଖି ଲେଖି ହୁଏ ତା ଯୁଗର ଶ୍ରେଷ୍ଠ ଲିପିକାର । "The great poet, in writing himself, writes his time." ଦାନ୍ତେ ଓ ସେକ୍ସପିଅରଙ୍କ ସଂପର୍କରେ ଜଣେ ବିଶିଷ୍ଟ ସମାଲୋଚକଙ୍କର ଏହି ଉକ୍ତି 'କମଳାୟନ' କାବ୍ୟପ୍ରତି ମଧ୍ୟ ପ୍ରଯୁଜ୍ୟ । କବି ଏକ ସଂସ୍କାରମୁକ୍ତ ମନ ଓ ବିଶ୍ୱମାନବିକତାର ଦୃଷ୍ଟିକୋଣରୁ ତାଙ୍କର ପାରିପାର୍ଶ୍ୱିକ ପରିସ୍ଥିତି ଓ ଯୁଗର କେତେକ ମୁଖ୍ୟ ସମସ୍ୟାକୁ ଯେପରି ଭାବେ ଦେଖିଛନ୍ତି ଓ ବିଚାର କରିଛନ୍ତି କାବ୍ୟରେ ତାହା ପ୍ରକାଶ କରିଅଛନ୍ତି । ଆମ ଯୁଗର ବହୁମୁଖୀ ସଙ୍କଟରୁ ମାନବ ସମାଜ ଓ ସଭ୍ୟତାକୁ ରକ୍ଷା କରିବା ପାଇଁ କବି ଯେଉଁ ଅହିଂସା ବିଶ୍ୱମୈତ୍ରୀ ଓ ମାନବ ପ୍ରେମର ବାଣୀ ଶୁଣାଇଅଛନ୍ତି ତାହା କେତେଦୂର ଗ୍ରହଣୀୟ ସେ ଭିନ୍ନ କଥା । 'କମଳାୟନ' କାବ୍ୟ ମାନସିଂହଙ୍କ ବିଦଗ୍ଧ କବି-ମାନସର ଏକ ଆତ୍ମଲିପି ହେବା ସଙ୍ଗେ ସଙ୍ଗେ ଆମ ସମସାମୟିକ କାଳର ସେ ଏକ ବିଶ୍ୱସ୍ତ ପ୍ରତିଲିପି ହୋଇ ରହିବ, ଏହା ନିଶ୍ଚିତ ।

Digitized by srujan ka@gmail.com

ଈଶ୍ୱର ଶ୍ରୀ ମାୟାଧର ମାନସିଂ

ଶ୍ରୀ ନିତ୍ୟାନନ୍ଦ ମହାପାତ୍ର

ସବୁ ଶେଷ ହୋଇଗଲା । ଜଳି ପାଉଁଶ ହୋଇଗଲା । ମରଦେହଟା । ନିଃଶବ୍ଦ ଗତି । ପତରଟିଏ ବି ହଲିଲା ନାହିଁ । କାହାର ଯେମିତି କିଛି ହୋଇ-ନାହିଁ । କେହି ଜାଣିପାରିଲେ ନାହିଁ । ଅଳ୍ପ କେତେ ଜଣଙ୍କ ଛଡ଼ା । ଏତେ ବଡ଼ କଥାଟେ ହୋଇଗଲା । ଗୋଟାଏ ଅର୍ଦ୍ଧ ଶତାବ୍ଦୀର ସାଧନାର ବିରାମ । ପଚାଶ ବର୍ଷ ଧରି ଯାହାର ସୃଷ୍ଟି ସହସ୍ର ଓଡ଼ିଆ ପାଠକଙ୍କର ମତିଗତିକୁ ଚଞ୍ଚଳ କରିଛି, ଯାହାର କୃତି ଅସଂଖ୍ୟ ରସଗ୍ରାହୀ ଚିତ୍ତରେ ରତି ସଂଚାର କରିଛି, ତାର ସର୍ଜନାର ଅବସାନରେ, ବିରତିରେ, କେଉଁଠି ହେଲେ ସ୍ପନ୍ଦନ ମଧ୍ୟ ନାହିଁ । ନିର୍ବେଦ ଜଡ଼ ଏ ଜାତିର ପ୍ରାଣ ।

ସେ ରାଜନୈତିକ ନେତା ନ ଥିଲେ । ଶଠତାର ପାଟବକୁ ଧରି ଆଟୋପ ତାଙ୍କର ଭୂଷଣ ନ ଥିଲା । ଦେହର ଖାଦ୍ୟ ଯୋଗାଇବାର ଫମ୍ପା ପ୍ରତିଶ୍ରୁତି ଦେବା ତାଙ୍କର ପେଶା ନ ଥିଲା । ତା' ହୋଇଥିଲେ ସାରା ଓଡ଼ିଶାରେ ଶ୍ରୀଯୁକ୍ତ ମାୟାଧର ମାନସିଂହଙ୍କ ପରଲୋକରେ ଚତୁର୍ଦ୍ଦିଗରେ ଶୃଙ୍ଖଳା ଖେଳି ଯାଇଥାନ୍ତା । ଧ୍ୱଂସ ଗୋଟାଏ ଶାର୍ଦ୍ଦୁଳର ଶେଷ ଶ୍ୱାସ ନୁହେଁ । ଗୋଟାଏ ବସନ୍ତ କୋକିଳର ଚିରନୀରବ ସହଚାରର କୋମଳ କଣ୍ଠଲଗ୍ନ ପଦ୍ମ ଗହ୍ୱରରୁ । ମନର ଖାଦ୍ୟ ଯୋଗାଣରେ ଅଭାବ ସୃଷ୍ଟି କରି ସେ ଚାଲିଗଲେ । ଦେହର ଖାଦ୍ୟ ପାଇଁ ଚହଲ ପଡ଼ିଛି । ଦରଦାମ୍ ବଢ଼ିଯାଉଛି ଦେଶରେ । ପଡ଼ିଯାଉଛି ମନର ଖୋରାକ୍ ପାଇଁ ସାମଗ୍ରୀର ଅନିର୍ଦ୍ଧାରିତ ମୂଲ୍ୟ ।

ଚିତା! ଧୂ ଧୂ ହୋଇ ଜଳି ଧପ୍ କିନା ଲିଭି ଯାଇଥିବ । ପରଦିନ ସକାଳ ପହରରେ କିଏ ଆସି ଅସ୍ଥି ଶୀତଳେଇ ଯାଇଥିବ । ସେଇ ତାଙ୍କର ଶେଷକୃତ୍ୟ । ବିଶେଷତ୍ୱ ହୀନ ଶେଷ ସଂସ୍କାର । ଓଡ଼ିଶାରେ କବି ହୋଇ ଜନ୍ମ ହେବାର ଅଭିଶାପ କିନ୍ତୁ ଅଶେଷ । କଟକ ଖାନ୍‌ନଗରର ଏହି ମଶାଣିରେ ସେ ଜଳିଯାଇ ନାହିଁ । ସେହି ଉତ୍ତରାଧିକାରକୁ ଧରି କେତେଜଣ କବି ଲେଖକଙ୍କ ଭିତରୁ କେଉଁଠି ଜଣେଅଧେ ଶୋକ-ସଭା, ଶୋକ-ପ୍ରସ୍ତାବ, ସ୍ମରଣିକା ପ୍ରକାଶରେ ବ୍ୟସ୍ତ । ମାତ୍ର ସ୍ୱର୍ଗତଃ ଆତ୍ମା ତାର ସଦ୍‌ଗତି ପାଇଁ ଏଇ ସଭା, ପ୍ରସ୍ତାବ ଆଉ ସ୍ମରଣିକାକୁ ଅପେକ୍ଷା କରି ନ ଥିବ ।

Digitized by srujan ka@gmail.com

ସେହି ନିରାଡ଼ମ୍ବର, ନୀରବ, କୋଳାହଳହୀନ, ନିଷ୍ଫଳ କୃତ୍ୟ ହିଁ ତାଙ୍କର ଯଥାର୍ଥ ସମ୍ମାନ । ଯିଏ ସମ୍ମାନ ପଛରେ କେବେ ଗୋଡ଼ାଇ ନାହିଁ ଜୀବନରେ, ତାକୁ ଆଡ଼ମ୍ବର ଭିତରେ, କୋଳାହଳ ଭିତରେ, ସମ୍ମାନ ଦେବ କିଏ ? ସେ ତ ସମ୍ମାନକୁ ଗୋଇଠାମାରି ଆଡ଼େଇ ଦେଇଛନ୍ତି ବାଟ ଉପରୁ, ଆତ୍ମ ଅଭିମାନରେ ନୁହେଁ, ଲେଖକ ଅଭିମାନରେ । ଓଡ଼ିଶାର ଜଣେ ଲେଖକ ହିସାବରେ ସମ୍ମାନର ଆଶା ରଖି ନ ଥିଲେ ସତ, କିନ୍ତୁ ଲେଖକ ହେବାର ଅଭିମାନକୁ ସେ କେବେ ଆହତ ହେବାକୁ ଦେଇନାହାନ୍ତି । ସେଥିପାଇଁ ବୋଧହୁଏ ସେ ଥିଲେ ମାନସିଂହ । ସମ୍ମାନ ତାଙ୍କର ଜନ୍ମ ଅଧିକାର ।

ଓଡ଼ିଶାର ଲେଖକ କେହି କ୍ୱଚିତ୍ ଜୀବଦ୍ଦଶାରେ, ସମ୍ମାନ ପାଏ । ଯିଏ ଅବା ପାଏ, ସେ ପାଏ ତାର ଭକ୍ତ ପାଠକମାନଙ୍କଠାରୁ ନୁହେଁ, ସେ ପାଏ ସରକାରଙ୍କ-ଠାରୁ । କେତୁଟା ଟଙ୍କା ଅବା ଛୋଟିଆମୋଟିଆ ଖେତାବ୍‌ଟାଏ । ସେ ସବୁ 'ଗୃହକଣ୍ଟା କୁଢ଼ଆଁ' । ଲେଖକକୁ ସମ୍ମାନ ଦେବ ଟଙ୍କାରେ ଉପାଧିରେ, କେଉଁ ଶାସକର ଏଡ଼େ ବହପ ? ମାନସିଂହଙ୍କର ମାନ ତଳେ ପଡ଼ିଯାଇଥାନ୍ତା ସେ ସମ୍ମାନରେ । ଯିଏ ଠିକ୍ କଥାକୁ ଠକ୍‌ଠକ୍ କରି କହି ଶିଖିଛି, ସମ୍ମାନ ତାକୁ ଡରେ । ଯାହାକୁ ସମ୍ମାନ ଡରେ ତାରି ବେକରେ ଫୁଲମାଳା ଦିଏ କାବ୍ୟ ନାୟିକା । ସେ ହିଁ ପ୍ରକୃତରେ କବି ପ୍ରକୃତରେ ।

କବି କଇତବ-ବର୍ଜିତ । କପଟତାର କପାଟ ନ ଖୋଲିଲେ କାବ୍ୟର ପ୍ରାଣ ଭାବ, ପ୍ରବେଶ କରି ପାରେନାହିଁ ଲେଖକର ହୃଦପଟରେ । ପ୍ରକୃତିର ପ୍ରକୃତ ଛବି ଫୁଟେ ନାହିଁ ଆବର୍ଜନାରେ ମଳିନ ଚିତ୍ତବୃତ୍ତିରେ । କବିର ପୁରୁଷକାର ଲୁଣ୍ଠିତ ହୁଏ କପଟତାର ଛଦ୍ମପାତ୍ରରେ । କବି ଶୁଦ୍ଧ, ସ୍ୱଚ୍ଛ, ନିର୍ମଳ । ପରିଶ୍ରପୁରୁଷ । ସେ ମାୟାର ବଶୀଭୂତ ନୁହେଁ । ମାୟା ତାର ସ୍ୱାୟତ୍ତ । ମାନସିଂହ ଥିଲେ ପ୍ରକୃତ କବି । କପଟତାର ବହୁ ଦୂରରେ । ସାରଲ୍ୟ ତାଙ୍କର ଭୂଷଣ । ଭୂଷଣରେ ମଧ୍ୟ ସେ ସରଳ । ହୃଦୟର ନିର୍ମଳତା ଯେପରି ଫୁଟି ପଡୁଥିଲା ମୁଖମଣ୍ଡଳରେ । ଏବେ ବି ସେହି ନିର୍ମଳତା ଓଡ଼ିଶାର ଭାବରାଜ୍ୟରେ ଖେଳି ବୁଲୁଛି । ଅନୁଭବ କରିବା ପାଇଁ ଲୋଡ଼ା ଅନୁସନ୍ଧିତ୍ସା ଆଉ ଧୈର୍ଯ୍ୟ ।

କବି ଅନେକ । ଓଡ଼ିଶାର ପାଣି ପବନରେ କବିତା ହିଁ ଉଧାଏ ବେଶି । ସେହି ଦୃଷ୍ଟିରୁ ଏ ଦେଶରେ କବିଙ୍କର ଅଭାବ ନାହିଁ । ତାଙ୍କ ଭିତରୁ କାହାରି ଶାସକ ରାଜନୀତିଜ୍ଞମାନଙ୍କ ସ୍ୱୀକୃତି ଲାଭ କରିବାର ସୌଭାଗ୍ୟ ଉଦୟ ହୋଇଥାଏ । ନିଜର ସ୍ୱାଧୀନ ସତ୍ତାକୁ ବିକାଦେଇ ଯେଉଁ ସ୍ୱୀକୃତି ମିଳେ ସେ ଉଚ୍ଛିଷ୍ଟ ଭୋଜନର ଦୁର୍ଭାଗ୍ୟ କେବେ ଘଟିନାହିଁ ମାନସିଂହଙ୍କ ଜୀବନରେ । ସତ୍ୟର ବେଦୀ ଉପରେ

Digitized by srujan ka@gmail.com

ସେ ଶିବଙ୍କୁ ସୁନ୍ଦର ଭାବରେ ପ୍ରତିଷ୍ଠା କରି ଯେଉଁ ପୂଜା ଆରମ୍ଭ କରିଥିଲେ, ତାହାର ପ୍ରଥମ ଓ ପ୍ରଧାନ ଉପଚାର, ସ୍ୱାଧୀନ-ଚିନ୍ତା—ସ୍ୱାଧୀନ-ଚିନ୍ତନ । ଅତଏବ ଅଭ୍ୟର୍ଥନାର ଅନଶନ ହିଁ ସେ ଉପାସନାର ପ୍ରଧାନ ଅଂଶ ।

ସେହି ବ୍ରତରେ ଅନୁବ୍ରତ ବ୍ରତୀ ମାୟାଧରବାବୁ ଆଜି ସେହି ସନାତନ ଚିନ୍ତନରେ ମଗ୍ନ । ଯେଉଁ ସମାଜ କୃତଜ୍ଞତା ଦେଇ ଶିଖିନାହିଁ, ସେଇ ସମାଜକୁ ସେ ପଛରେ ପକେଇ ଅନ୍ତର୍ଧାନ ହୋଇଗଲେ । ମାନ, ଅପମାନର ବହୁ ଊର୍ଦ୍ଧ୍ୱକୁ ଚାଲିଗଲେ । ମାନାପମାନୟୋ ତୁଲ୍ୟ ସ୍ତୁଲ୍ୟ ମିତ୍ରାରିପକ୍ଷୟୋ । ଆତ୍ମାରେ ହିଁ ଆତ୍ମା ଆତ୍ମାଦ୍ୱାରା ସେ ତୁଷ୍ଟ, ପରିତୁଷ୍ଟ । ମାୟାଧରବାବୁ ଆଜି ସ୍ୱର୍ଗତ ନୁହନ୍ତି, ସମାଧିସ୍ଥ । ଈଶ୍ୱର ମାୟାଧର ମାନସିଂହ ।

କବି ନିଜକୁ ସମ୍ମାନ ଦେଇ ଶିଖିନାହିଁ । କିନ୍ତୁ କବି କବିକୁ ହିଁ ସମ୍ମାନ ଦିଏ । ସେ ସମ୍ମାନରେ କବି ସମ୍ମାନିତ ହୁଏନାହିଁ, ହୁଏ ତାର କୃତି—ତାର କବିତା । ଦୁର୍ଭାଗ୍ୟର ବିଷୟ, ଆମେ କାବ୍ୟକାର କବିକୁ ସମ୍ମାନ ଦେଇ ଶିଖିନାହୁଁ । ନିଜକୁ ଗୌରବ ଦେବାକୁ ଯାଇଁ, କେବଳ ଆହରିତ ଅପମାନ ହିଁ ଆମର ପୁଞ୍ଜି ହୋଇ ରହିଛି । ତେଣୁ ମାୟାଧରବାବୁଙ୍କ ପ୍ରତି ଶ୍ରଦ୍ଧା ଜ୍ଞାପନ କରିବାର ଅଧିକାର ଆମର ଅଛି କି ନାହିଁ ମୋର ସନ୍ଦେହ ।

ସେଠି ଚରଣାନ୍ତରେ ପ୍ରଶାନ୍ତ ଗୋଟାଏ ସଂଗ୍ରାମଶୀଳ ଆତ୍ମାର ଚିତ୍କାର ଶୁଭୁଛି । ମାୟାଧରଙ୍କ କାବ୍ୟର ଅକ୍ଷର ଯେପରି, ଅକ୍ଷୟତାର ଦାବି ଯେନି ଉପସ୍ଥିତ । ଗୋଟାଏ ଆଘାତ-ପ୍ରବଣ ପ୍ରାଣ । ବଡ଼ ସ୍ପର୍ଶକାତର ସେ ; ସାମାନ୍ୟ ଆନନ୍ଦରେ ଉଲ୍ଲସିତ, ବିଷାଦରେ ବିଷଣ୍ଣ ସ୍ନେହର ସ୍ନିଗ୍ଧ, ହତାଦରରେ ଆହତ । ଗୁଣରେ ମୁଗ୍ଧ । ଦୋଷଠାରୁ ଦଶହାତ ଦୂରରେ । କାହାରି ପ୍ରଶଂସା ପାଇଁ ପ୍ରଶସ୍ତ ହୃଦୟ । ନିନ୍ଦା କରିବା ପାଇଁ ଯଥାସମ୍ଭବ ନୀରବତା । ମାନସିଂହ ଜଣେ ପୁରୁଷ ସିଂହ । ମାନସିଂ ଭୁଲ ବୁଝିବାର ଅବକାଶ ଦେଇଛନ୍ତି ବହୁ ମାତ୍ରାରେ ବନ୍ଧୁମାନଙ୍କୁ-ପାଠକମାନଙ୍କୁ । କେବଳ ସରଳତା ଆଉ ସ୍ପଷ୍ଟବାଦିତା ପାଇଁ । ହୃଦୟ ସବୁବେଳେ ଉଦ୍‌ବେଳ, ଉଚ୍ଛଳ, ଭାବର ଗମ୍ଭୀରତା ସତ୍ତ୍ୱେ ପ୍ରକାଶର ଉଚ୍ଛ୍ୱାସ ଯେନି ସେ ଚାଲନ୍ତି ଦୁନିଆଁରେ ପାର୍ଶ୍ୱଦେବତା ହୋଇ ରହିଗଲେ ।

କବି ପ୍ରାଣରେ, ପ୍ରେମକରୁଣା ଘୃଣା ବିତୃଷ୍ଣାର ତୀବ୍ରତା ତାଙ୍କର କ୍ଷଣେକ୍ଷଣକର ଅନୁଭୂତି । ତାହା ହିଁ ଯେପରି ତାଙ୍କର ସଂପଦ । ସମାନଧର୍ମୀ ବିନା ତାଙ୍କର ପ୍ରଖର ପ୍ରାଣ ପ୍ରାଚୁର୍ଯ୍ୟରୁ ବିବିଧ ରସ ଆହରଣ କରିବା ଦୁଷ୍କର । ସେଥିପାଇଁ କବିଙ୍କର ସ୍ୱରୂପ ଦର୍ଶନ ଆବିଷ୍କାର-ସାପେକ୍ଷ ।

Digitized by srujan ka@gmail.com

ସ୍ୱପ୍ନରେ ସରସ୍ୱତୀଙ୍କର ବରପ୍ରାପ୍ତ ମାୟାଧର ହେଲେ ପୁଣି ନିର୍ବାଣକାମୀ ସାଧକ ରୂପରେ ଦର୍ଶନ ଦେଲେ । ସେ ହେଲେ କଥା । ତିନି ପନ୍ଦର ବର୍ଷ ତଳେ । ସତ୍ୟର ସଂଧାନୀ ମାୟାଧର 'ଧର୍ମଂ ଶରଣଂ' କାମନା କରି ବସିଲେ । ମାତ୍ର ତୃପ୍ତି ଆସିଲା ନାହିଁ । ପୁଣି ଚାଲିଲା ସତ୍ୟର ସଂଧାନ । ''ମାମେକଂ ଶରଣଂ ଗଚ୍ଛ ସର୍ବଭାବେନ ଭାରତ''ର ସ୍ୱର ଶୁଣିଲେ ମାୟାଧର । ଗୀତାର ନୂତନ ଭାଷ୍ୟକାର ମାୟାଧର ସ୍ଥିତପ୍ରଜ୍ଞ ହୋଇ ଉଠିଲେ । ନିର୍ବାଣରୁ ବ୍ରହ୍ମ ନିର୍ବାଣ । ପୁଣି ବ୍ରହ୍ମ-ନିର୍ବାଣରୁ ଶରଣାଗତ ।

ଆଜୀବନ ସତ୍ୟର ସନ୍ଧାନ ପରେ ସାମାନ୍ୟ ଶ୍ମଶାନରେ କଣ ସେ ଆଗ୍ରହ ଅନ୍ୱେଷଣର ଅବସାନ ହୋଇପାରେ ? ନାଁ । ଅସମ୍ଭବ ! ସତ୍ୟ କାମ, ଶ୍ରେୟାନ୍ୱେଷୀ ମାୟାଧର ଯେ ଏକ ଅନିର୍ବାଣ ଜ୍ୟୋତି ।

ସମସ୍ତଙ୍କୁ ଆପଣାର କରିବାର ସ୍ୱଭାବ ଯେଣୁ ସେ ପରିଶେଷରେ ମରଣକୁ ଅତି ନୀରବରେ ଅତି ଗୋପନରେ ଏକାନ୍ତ ଆପଣାର କରି ଜୀବନ ଉତ୍ସର୍ଗ କରି ଦେଇଗଲେ ।

●

Digitized by srujan ka@gmail.com

"ସୁନାଫୁଲ ବନସ୍ପତି, ପଡ଼ିଲା ଯେ ଟଳି !"

—ବୈକୁଣ୍ଠନାଥ

ଅଧ୍ୟାପକ ଶ୍ରୀ ବେଣୁଧର ରାଉତ

ଏଇ ଅକ୍ଟୋବର ମାସର ଦୁଇ ତାରିଖ । ସଂଧ୍ୟା ସମୟ । ହୃଦ୍‌ରୋଗର ଡାକ୍ତର ଡ.ବି. ଟଂପେଙ୍କଠାରୁ ଶୁଣିଲି ଯେ କବି ମାୟାଧର ମାନସିଂହ ବିଶେଷ ଭାବରେ ଅସୁସ୍ଥ ହୋଇପଡ଼ିଛନ୍ତି । ଦୁଇ ତିନି ଦିନ ହେଲା ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି । ତାଙ୍କର ସଂକଟଜନକ ଅବସ୍ଥା କଟିଯାଇଛି ଏବଂ ଅବସ୍ଥାରେ କିଛି ଉନ୍ନତି ଘଟିଛି । ତେବେ ବିପଦ ତୁଟିଯାଇଛି ବୋଲି କହି ହେବନାହିଁ । ଡାକ୍ତର ସ୍ପଷ୍ଟ ନ କହିଲେ ସୁଦ୍ଧା ତାଙ୍କ କଥାରୁ ବୁଝି ହେଉଥିଲା— ଏଇ ଘାଟି ପାରିହେବା ରୋଗୀପକ୍ଷରେ ସହଜ ନୁହେଁ । ସୌଭାଗ୍ୟକ୍ରମେ ପାରି ହୋଇଗଲେ ମଧ୍ୟ ଅତିଶୀଘ୍ର ସେଠାକୁ ଫେରିଆସିବାକୁ ପଡ଼ିବ; ଏବଂ ତାହା ଯେତେଦୂର ସମ୍ଭବ ହେବ ଶେଷଥର । ଯେହେତୁ ରୋଗୀ ଡାକ୍ତରଙ୍କ ପରାମର୍ଶ ମ.ନ ନିଜର ଯଥୋଚିତ ହେପାଜତ ନେଇନାହାନ୍ତି । ପରିଣାମରେ ହୃଦ୍‌ରୋଗ ପରିସ୍ଥିତି ଜଟିଳରୁ ଜଟିଳତମ ହୋଇଗଲାଣି ।

ଭାବିଲି, କବି ମାନସିଂହ-ବ୍ୟକ୍ତିତ୍ୱରେ ନିର୍ମିତ କବି ମାନସିଂହ, ବିଶେଷତଃ କିଛି ସୁସ୍ଥ ଥିଲେ । ମୃତ୍ୟୁଭୟରେ କଣ ଡରିଯିବା ଲୋକ ! ସେ ତ ବେପରୁଆ-ପଣରୁ ଜୀବନରେ କାହାକୁ ଡରିନାହାନ୍ତି, (ବୋଧହୁଏ, ନିଜର ଶିକ୍ଷକ ବ୍ୟତୀତ) କାହାକୁ 'ସାର୍' ବୋଲି ଡାକିନାହାନ୍ତି, କାହା ପାଖରେ ଯୋଡ଼ହସ୍ତ ହୋଇ-ନାହାନ୍ତି । ମାନୀ ଦୁର୍ଯ୍ୟୋଧନ ପରି ମାନୀ ମାନସିଂହ । ଏ କାଳର ମର୍ଯ୍ୟାଦା-ପୁରୁଷ-ସିଂହ । ସ୍ୱଭାବରେ ଉପଯୁକ୍ତ । ଯେମିତିକି ତାଙ୍କର ସହଜାତ 'ମଟୋ' ଥିଲା—

"ଯଥା ବୀରଶ୍ଚ ବୀର୍ଯ୍ୟଂ ଚ ନ ବିଭ୍ୟତୋ ନ ରିଷ୍ୟତଃ ।
ଏବା ମେ ପ୍ରାଣ ମା ବିଭେଃ ଏବା ମେ ପ୍ରାଣ ମା ରିଷଃ ॥"

(ଯେମିତି ବୀର କମ୍ବା ବୀର୍ଯ୍ୟ ଡରେନାହିଁ, କ୍ଷୀଣ ହୋଇଯାଏ ନାହିଁ— ଆରେ ମୋର ପ୍ରାଣ, ସେଇଭଳି ତୁ ବି ଡରନାହିଁ, କ୍ଷୀଣ ହୋଇ ଯାଆନାହିଁ ।)

ଆହୁରି କେତୋଟି ପ୍ରସଙ୍ଗସାର୍ଥକ ସୂକ୍ତ ମନେ ପଡୁଥାଏ—

'ଯଥା ବ୍ରହ୍ମ ଚ କ୍ଷତ୍ରଂ ଚ ନ ବିଭ୍ୟତୋ. .ଯଥା ମୃତ୍ୟୁଶ୍ଚାମୃତଂ ଚ ନ ବିଭ୍ୟତୋ..."

Digitized by srujan ka@gmail.com

—ଯେପରି ବ୍ରହ୍ମ ଓ କ୍ଷର, ଯେପରି ମୃତ୍ୟୁ ଓ ଅମୃତ ନିର୍ଭସ୍ତ, କବି ମାନସିଂହ ସେଇପରି ବୀତଭସ୍ତ । ସେଥିପାଇଁ ତ ଡାକ୍ତରୀ ନିର୍ଦ୍ଦେଶ ନ ମାନି କେତେଦିନ ତଳେ ମହାବୋଧି କାର୍ଯ୍ୟରେ ବେଶ୍ ଚଳପ୍ରଚଳ କରିଛନ୍ତି । ଅଧିକ ଚଳପ୍ରଚଳ ବି କରିଥିବେ । ଏଇତ—ପ୍ରାୟ ମହାଳୟାର ଆଖପାଖରେ ମୋର ବନ୍ଧୁ ମହାପାତ୍ର ନୀଳମଣି ସାହୁଙ୍କ ଘରକୁ ଏବଂ ମୋ ଘରକୁ ରିକ୍ସାରେ ଆସିଥିଲେ ।

ଉଚ୍ଛନ୍ନ ଲାଗୁଥାଏ ତାଙ୍କୁ ଦେଖିବାକୁ । ଡକ୍ଟର ହଂପେ ବାହାଲେ ଏବଂ ମୁଁ ତାଙ୍କ ସହିତ କାର୍ଡିଓଲୋଜି ବିଭାଗକୁ ଗଲି । ପ୍ରଥମେ ଦୃଷ୍ଟିରେ ପଡ଼ିଲେ ଡକ୍ଟର ବସନ୍ତକୁମାର ବେହୁରା । କୁପ୍‌ଗ୍ରୁପ୍ ବସିଥାନ୍ତି । ଗୋଟିଏ Reader's Digestର ପୃଷ୍ଠା ଓଲଟପାଲଟ କରୁଥାନ୍ତି । ହଲ୍‌ଟି ନିସ୍ତବ୍ଧ ଲାଗିଲା । ନୂଆ ସନ୍ଧପାତ ଖଣ୍ଡା ଗୋଟିଏ ଚନ୍ଦାନାଳୀ ବିଛଣାରେ ଶଯ୍ୟାଗତ କବି ମାନସିଂହଙ୍କୁ ଦେଖିଲି—କଂକାଳସାର ଶୀର୍ଣ୍ଣ ମୂର୍ତ୍ତି । ଏଇ ଶୀର୍ଣ୍ଣ ମୂର୍ତ୍ତିର ଉପସ୍ଥିତି ସେଇ ନିସ୍ତବ୍ଧତାକୁ ପରିପୂର୍ଣ୍ଣ କରିଦେଇଥିଲା । ମନେ ଲାଗିଲା—

"ଅପମେଘୋଦୟଂବର୍ଷଂ ଅଦୃଷ୍ଟକୁସୁମଂ ଫଳମ୍"—

ମେଘର ଅନୁଦୟରେ ବର୍ଷା ହୋଇପାରେ, କୁସୁମର ଅନବସ୍ଥାନରେ ଫଳ ହୋଇପାରେ, ସେମିତି ଏଇ ନିସ୍ତବ୍ଧ ପରିବେଶରେ ପ୍ରତ୍ୟକ୍ଷ କବିତାର ସମ୍ଭବ ନ ଥିଲେ ବି କବି ମାନସିଂହଙ୍କ ଉପସ୍ଥିତିରୁ କେବଳ କବିତାର ଗୋଟାଏ ଅସ୍ଫୁଟ ଗୁଞ୍ଜନ ସଞ୍ଚାର ଅନୁଭୂତ ହେଉଥାଏ ।

ଡାକ୍ତର ତାଙ୍କୁ ପଚରାଉଚରା କଲେ ଏବଂ ଯେତେବେଳେ ତାଙ୍କ ପେଟରେ ଚିପ ଦେଉଥାନ୍ତି, ସେତକରେ ସେ କେବଳ କ୍ଷୀଣୋଚ୍ଚାରିତ ଆଃ-ଉଃ ଧ୍ୱନି କରୁଥାନ୍ତି । ଇଏ ସେଇଲୋକ—କବି ମାନସିଂହ, ସାହିତ୍ୟିକ ଓ ସମାଲୋଚକ ମାନସିଂହ, ସାହିତ୍ୟେତିହାସକାର ମାନସିଂହ ଓ ବିସମ୍ବାଦିତ (controversial) ମାନସିଂହ, ଅଧକ୍ଷ ତଥା ଶିକ୍ଷାବିତ୍ ମାନସିଂହ, ଓଡ଼ିଶା ବାହାରେ ପ୍ରତିଷ୍ଠିତ ଓଡ଼ିଆ-ସାହିତ୍ୟିକ ମାନସିଂହ ଏବଂ ଏମ୍. ଏ. ଶ୍ରେଣୀରେ ମୋର ଅଧ୍ୟାପକ ମାନସିଂହ । ଏତେ ପ୍ରକାର ବ୍ୟକ୍ତିତ୍ୱ ସବଳ ମାନସିଂହଙ୍କର ଏ ରୂପ ଚଳପ୍ରଚଳ ଶକ୍ତିହୀନ ଗୋଟିଏ ରୋଗୀର ମାତ୍ର । ବସନ୍ତ ବାବୁଙ୍କ ସଙ୍ଗେ ପଦେ ଅଧେ କଥାଭାଷା ହେବା ପରେ ମୂହ୍ୟମାନ ହୋଇ ସାର୍‌ଙ୍କୁ ଚାହିଁ ରହିଥାଏ । ତାଙ୍କର ସେଇ ବେଳର ରୂପରେଖ ରାଧାନାଥଙ୍କ କଥାରେ କୁହାଯାଉ—

"ଆହା ଶୀର୍ଣ୍ଣ ଅଙ୍ଗ ଦିଶେ କେଡ଼େ ମ୍ଳାନ !
ପ୍ରାତେ ଦୀପ ଯଥା ଆସନ୍ନ-ନିର୍ବାଣ ॥"

Digitized by srujan ka@gmail.com

ମୁଁ ସାର୍‌ଙ୍କ ନିକଟକୁ ଗଲି । ସେ ମୁହୂର୍ତ୍ତେ ବୃଦ୍ଧି ଅନ୍ତୋଚ୍ଛାରିତ କଣ୍ଠରେ କହିଲେ, "ଓ' ବେଣ୍ଡ୍ର, ତୁମେ ଆସିଚ ମତେ ଦେଖିବାକୁ ? But you have come to see a dying man. What can I give you except blessings, I bless you. I bless you" ମୁଁ ବ୍ୟସ୍ତ ହୋଇ କହିଲି, "ଆପଣ ଏତେ କଥା କହନ୍ତୁ ନାହିଁ । ଡାକ୍ତର କଣ ଆପଣଙ୍କୁ ମନା କରିନାହାନ୍ତି କି ଏତେ କଥା ନ ଗପିବା ଲାଗି ? ଆପଣ ଭଲ ହୋଇଯିବେ ସାର୍ । ଏବେ ତ (ବେଗମ) କମିଗଲାଣି ।" ମୋ ଆଶ୍ୱାସନା ନ ଘେନି ସେ କହିଲେ, "ଡା଼କ୍ତର ତୁମକୁ ସତ କହିନାହାନ୍ତି । ମୁଁ ବୁଝିପାରୁଛି ମୁଁ ବଞ୍ଚିବିନାହିଁ । I know what it is, how deep it is. ଯାହାହେଉ ତୁମେ ଆସିଛ ତ ଦେଖିବାକୁ ।" ଜଣେ dying manଙ୍କର ମୃତ୍ୟୁବରଣ ପାଇଁ ପ୍ରସ୍ତୁତ ଅନୁଭବ କଲି—ମୃତ୍ୟୁ ପାଇଁ ତାଙ୍କର ଭୟ ନାହିଁ ଅଥଚ ଜୀବନ ପାଇଁ ଆସକ୍ତି ବି ଅଛି । ଏଇ ଅଭୟ ଓ ଆସକ୍ତି—ଉଭୟ ଭିତରେ ଗୋଟାଏ ନିର୍ଲିପ୍ତତା ବାରିହୋଇ ପଡୁଥାଏ ।

ଏପରି ଅବସ୍ଥାରେ ମଧ୍ୟ ତାଙ୍କର ସ୍ୱଭାବସିଦ୍ଧ ଜିଜ୍ଞାସା ପ୍ରବୃତ୍ତି ଲକ୍ଷ୍ୟ କଲି । ସେ ପଚାରିଲେ, "ଏ ଡାକ୍ତରଙ୍କ ନାଁ କଣ ?" କହିଲି, "ଡା. ବି. ଟଂପେ ।" ପଚାରିଲେ, "ପୁରା ନାଁ ?" ମୁଁ କହିଲି, "ଦାନକର ଭବାନୀଶଙ୍କର ଟଂପେ ।" ସେ ସଂଜ୍ଞା ଧରି ନ ପାରି ଜିଜ୍ଞାସା କଲେ, "ଟପେ ? ଟୋପେ ?" ବୋଧହୁଏ, ସିପାହୀ ବିଦ୍ରୋହର ତାନ୍ତିଆ 'ଟୋପେ' ସ୍ମୃତି ଆସିଗଲା । ମୁଁ ଇଂରେଜୀ ବନାନ କଲି—"T-o-n-p-e." କହିଲେ, "ଓଡ଼ିଆ ? ନାହିଁ ତ !" ମୁଁ କହିଲି, "ମରାଠି ବ୍ରାହ୍ମଣ ।"

ତା ପରେ ମେଡ଼େନ୍ଦ୍ରରକୁ ଲେଉଟିଲେ ।

ଏହାର ପ୍ରାୟ ପାଞ୍ଚ ମିନିଟ ପରେ ମାନସିଂହଙ୍କ ଝିଅ ଏବଂ ଆଉ କେତେଜଣ ପହଞ୍ଚିସାରିଥାନ୍ତି । ଡାକ୍ତର ଟଂପେ ବି ଫେରିଆସିଥାନ୍ତି । କିଛି ସମୟ ପାଇଁ ମୁଁ ଟଂପେଙ୍କ ସହିତ ବାହାରକୁ ଗଲି । ଆମର ସମସ୍ତ କଥାଭାଷା ତାଙ୍କୁ କହିଲି । ସାର୍‌ଙ୍କର ପୂର୍ବାପର ଅସୁସ୍ଥତା ବିଷୟରେ କଥାବାର୍ତ୍ତା ହେଲୁ ।

ମୋର ମନେ ପଡୁଥାଏ—ପ୍ରାୟ ପାଞ୍ଚବର୍ଷ ତଳେ କବି ମାନସିଂହ କ୍ୟାପିଟାଲ ହସପିଟାଲର ନର୍ସିଂହୋମରେ ଥାନ୍ତି । ମୁଁ ଯାଇଥିଲି ଦେଖିବାକୁ । ସେତେବେଳେ ଏକୁଟିଆ ଥିଲେ । ଜଣେ ପରିଚାରକ ବୋଲହାକ କରୁଥାଏ । ସେ ପ୍ରଫୁଲ୍ଲ ଦିଶୁଥିଲେ । ତାଙ୍କର ଅନେକ କଥା ଭିତରୁ ଗୋଟିଏ ମୋ ମନକୁ ଲାଗିଥିଲା, 'ଦେଖୁଛ, ଶେଷ ବୟସ ଆଡ଼କୁ କେତେ ନିଃସଙ୍ଗତା, କେତେ ଦୁଃଖ !

Digitized by srujan ka@gmail.com

ପୁଅ ଦୁହେଁ ଦୂରରେ । ଏମିତି ବେଳରେ ବି କେହି କାହାକୁ ଦେଖି ପାରିବା ସମ୍ଭବ ହେଉନାହିଁ । କେଡ଼େ ଏକୁଟିଆ ଜୀବନ !" ସେ ପ୍ରଫୁଲ୍ଲ ଥିବାରୁ ମୁଁ କୌତୁକ କରିଥିଲି, "ଆଇ. ଏ. ଏସ. ନ ହେଲେ କେହି ଯୋଗ୍ୟ ମଣିଷ ନୁହେଁ କି ପ୍ରତିଭାବାନ୍ ନୁହେଁ—ଏହା ଆପଣ କହନ୍ତି ବୋଲି ସମସ୍ତେ କହନ୍ତି । ତାର ଦୃଷ୍ଟାନ୍ତ ତ ଆପଣ ଦେଇଛନ୍ତି—ଓଡ଼ିଆ ଅଧ୍ୟାପକମାନେ ।" ଏତିକରେ ସେ ତାଙ୍କର ସ୍ୱାଭାବିକ ଢଙ୍ଗରେ ଖଲଖଲ ହସିଉଠିଲେ । ମୁଁ କହିଲି, "ଆପଣଙ୍କର ଏ ଶୂନ୍ୟତାକୁ ପୂର୍ଣ୍ଣତାରେ ପରିଣତ କରିବ ପୁଅଙ୍କ ଗୌରବରେ ଆପଣଙ୍କର ଆନନ୍ଦ ।" *ଭାବିଥିଲି ଏ କଥାର ଈଷତ୍ ଶ୍ଳେଷରେ ଗୌରବବୋଧ ବା ଆନନ୍ଦକୁ ବାତ୍ସଲ୍ୟର ସାନ୍ନିଧ୍ୟ କାମନା କରିବ । ମାତ୍ର ଅପ୍ରତ୍ୟାଶିତ ଭାବରେ ସେଇ ଅଖିଳିଆ ଧ୍ୱନିପୂର୍ଣ୍ଣ ହସ ସେ ହସୁଥାନ୍ତି । ଏ ଘଟଣାଟି ବନ୍ଧୁ ବନ୍ଧୁଙ୍କୁ କହୁଛି—ତହିଁରେ କିଞ୍ଚିତ୍ ଦୁଷ୍ଟାମିର ବିଳାସ ବି ଥିଲା—ସେ ବୁଢ଼ାକୁ ଟିକିଏ ଚମକିଟି ଦେଉଛୁ । ମାତ୍ର ବୁଢ଼ାଟି ତ କେବଳ ସାହିତ୍ୟିକ ବା କବି ନୁହେଁ, ବାପା ମଧ୍ୟ । ବାପା-ପଣରେ ସେ ଯେ ଏତେ ଗଭୀର ସ୍ନେହପୂର୍ଣ୍ଣ, ଭାବିଲେ ଆନନ୍ଦ ଲାଗେ । ତାଙ୍କର ଏକେଲା ଶୂନ୍ୟତାକୁ 'ବାପା'ର ଗଭୀର ସ୍ନେହ— କମଠୀସ୍ଥ ବାତ୍ସଲ୍ୟ ସ୍ନେହପୂର୍ଣ୍ଣ କରୁଥିଲା । ଏଇ ପରିସୀମାରେ ପୁତ୍ରବତ୍ସଳ ବାପା ଦଶରଥ କେବଳ ଏହାଙ୍କର ତୁଳ୍ୟ ବ୍ୟକ୍ତି ।

ଚା ପାନ ଇତ୍ୟାଦି ସାରି, ଡାକ୍ତରଙ୍କ ସହିତ ପୁଣି କବି ମାନସିଂହଙ୍କ ନିକଟକୁ ଆସିଲି । ଛ-ସାତ ଜଣଙ୍କର ଗହଳି ଥିଲା । ହୃଦ୍‌ରୋଗର ପ୍ରାଧ୍ୟାପକ ଡାକ୍ତର ଯଦୁନାଥ ଦାସ ଏ ଭିତରେ ରୋଗୀ ଦେଖିସାରି ଫେରି ଯାଇଥାନ୍ତି । ରୋଗୀର ଅବସ୍ଥା ଯଥାପୂର୍ବ । ମୁଁ ଲକ୍ଷ୍ୟ କରୁଥାଏ, ଅନ୍ତିମ ସମୟରେ ଜଣେ କବିର—ବଡ଼ଲୋକର—(ସେଇପରି) କବି ମାନସିଂହଙ୍କର ଆଚରଣ ଓ ବ୍ୟବହାର । ମହତ୍ପୁରୁଷମାନଙ୍କର ଅନ୍ତିମକାଳୀନ ଆଚରଣବିଧି ଆମକୁ କୌତୂହଳୀ କରିଥାଏ । ଏଠି ମନେ ହେଉଥିଲା, କବିଙ୍କର ମୃତ୍ୟୁସମ୍ପର୍କୀ ପ୍ରାଗ୍‌ବେଦନ ବା ପ୍ରାକ୍‌ପରିଜ୍ଞାନ (premonition) ଆସିଗଲାଣି । ସେଥିପାଇଁ ବୋଧହୁଏ ଆସନ୍ନ-ଅସ୍ଥିରତା ଭିତରେ ସେ ଏତେ ନିର୍ଲିପ୍ତ ଓ ନିର୍ଭୟ ଦିଶୁଥାନ୍ତି । ସତେ ଯେମିତି ବହୁ ଅନୁଭୂତିର କବି ଜୀବନ ଓ ମୃତ୍ୟୁକୁ ଏକାକାର କରିଦେଇ ମହାଜୀବନର— ଅମୃତର ଚୂଡ଼ାନ୍ତ ଅନୁଭବଟିକୁ ପ୍ରତୀକ୍ଷା କରୁଥିଲେ । କବି ବୈକୁଣ୍ଠନାଥଙ୍କ ଭାଷାରେ କୁହାଯାଉ—

"ବିପୁଳ ପ୍ରାଣର ଅନୁଭୂତି ହେଉ ସାର,
ଆସୁ ମୃତ୍ୟୁ, ସତ୍ୟ ହେଉ କାଳ-ଅନ୍ଧକାର ।"

Digitized by srujan ka@gmail.com

ସମଗ୍ର ପରିବେଶ ଓ ଘଟଣାରେ ଅଭିଭୂତ ହୋଇ ଫେଲେ । ଅଳ୍ପଦିନେ ଅରେ ଯାଇଥିଲି । ରୋଗୀର ପ୍ରାୟ ସମାନ ଅବସ୍ଥା । ମୋ ଭାବନାରେ ସମାନ ଅବସ୍ଥା । କବି ବ୍ୟକ୍ତିତ୍ୱର ବନ୍ଧୁ ବର୍ଷୀୟାନ୍ ମାନସିଂହଙ୍କର ବି ସମାନ ଚେତନାବସ୍ଥା, ସେ ଅଗଣନ୍ତୁକ ମୃତ୍ୟୁର ପ୍ରତୀକ୍ଷାରତ । କେବେ କାଳ ଅନ୍ଧକାର ତାଙ୍କ ଜୀବନରେ ସତ୍ୟ ହେବ—ଏଇ ପ୍ରତୀକ୍ଷାରେ ।

ସେଇ କାଳ-ଅନ୍ଧକା'ରକୁ ଅଙ୍ଗୀକାର କରିବାକୁ ଆଲୋକପୂର୍ଣ୍ଣା ପୂର୍ଣ୍ଣିମାର ତ ପ୍ରୟୋଜନ । କୁମାର ପୂର୍ଣ୍ଣିମା ଆସିଲା । ଜୀବନ ଓ ମୃତ୍ୟୁର ଗଙ୍ଗା-ଯମୁନା-ମିଳନ ହେଲା । ବିପୁଳ ପ୍ରାଣର—ମହାଜୀବନର ସଂଭବ ହେଲା । ଇହଲୋକରୁ ବିଦାୟ ନେଇଥିବା ସାରସ୍ୱତ ମାୟାଧର ମାନସିଂହ—ମାଜ୍ଞା ମାନସିଂହ ସେଇ ରହସ୍ୟ-ଲୋକରେ ମଧ୍ୟ ଘୋଷଣା କରୁଥିବେ, "ମୁଁ ସାରସ୍ୱତ, ମୁଁ ଆତ୍ମା, ମତେ କେହି ପରାଜିତ କରିପାରିବେନା । ମାରି ପାରିବେନା । ମୁଁ ଅମର ।"

"ଅହମିନ୍ଦ୍ରୋ ନ ପରାଜିଗ୍ୟେ । ଅହମିନ୍ଦ୍ରୋ ନ ପରାଜିଗ୍ୟେ ।"

"ହେ ସାରସ୍ୱତ ପୁରୁଷ, ହେ ମହତ୍ତ୍ୱ ପୁରୁଷ, ହେ ନସ୍ତ୍ୟାବାନ୍ ବଫବାଦିତ ପୁରୁଷ, ଆପଣ ଏଇ ଲୋକରେ ବି ଅମର ରହିବେ—ଏପରି ଜ ଛୁନ୍ଦିବିତ୍ୟୁତ ସନ୍ତ୍ୱେ । କାହିଁକି ନା,

"ଖଲାଭିପ୍ରକ୍ତାପି କବୀନ୍ଦ୍ରବାଣୀ ସୌନ୍ଦର୍ଯମେବା ଧୃକମୁଦ୍‌ବହନ୍ତି ।"

"ହେ ଯଶୋଦେହୀ ଆୟୁଷ୍ମାନ୍, ଆମକୁ ସାରସ୍ୱତ ସଦ୍‌ବୁଦ୍ଧି ସୌଜନ୍ୟ ଦିଅନ୍ତୁ ।"

ଶାନ୍ତି, ଶାନ୍ତି, ଶାନ୍ତି ।

(*ଉଦ୍ଧୃତ ଅବିକଳ ନ ହେଲେ ବି ମୌଳିକ ବିଷୟବସ୍ତୁ ଅକ୍ଷୁଣ୍ଣ ରହିଛି)

Digitized by srujan ka@gmail.com

ମାନସିଂ ଏକ ପ୍ରତିଭା —ଏକ ସ୍ୱପ୍ନ

ଶ୍ରୀ ଅଖିଳମୋହନ ପଟ୍ଟନାୟକ

କବି ଓ ଲେଖକମାନେ ଏ ଦେଶରେ ପ୍ରଥମେ କଲମ ଚଳେଇ ଶିଖି, ତା'ପରେ ବହୁ ଛପି ଓ ଧୀରେ ଧୀରେ ପ୍ରକାଶକମାନଙ୍କର କଂସା କବାଟ ବାଟେ ଗଳି ଜନପ୍ରିୟତା ଅର୍ଜନ କଲବେଳକୁ ଅନେକ ବୃଢ଼ା ହୋଇଯାଇଥାଏ । ସୁପାରିଶ୍ ହେଇ ନାଲିଫିତାର ସାଗର ଲଙ୍ଘନ କରି ସାହିତ୍ୟ ଏକାଡ଼େମୀ ପୁରସ୍କାର ପାଇଲାବେଳକୁ ତ ପ୍ରାୟ ଜରା ଅବସ୍ଥାପ୍ରାପ୍ତ (ସ୍ୱାଧୀନତା ଆଣିଥିବା ଦେଶପ୍ରେମୀ-ମାନଙ୍କର ତାମ୍ରଫଳକ ଲାଭର ସମଦଶା) । ବହୁ ଲେଖକମାନଙ୍କୁ ପ୍ରସ୍ଥମସ୍ ବା' ଜାବନୋତ୍ତୀର୍ଣ୍ଣ ଆୱାର୍ଡ ସବୁ ମିଳିଥାଏ, କାରଣ ଦେଶ ବା ଜାତି ତାଙ୍କ ପ୍ରତିଭା କଥା ବୁଝୁ ବୁଝୁ ବିଳମ୍ବ ହୋଇଯାଇଥାଏ । କୌଣସି କୌଣସି ଲେଖକଙ୍କୁ (ଯଥା— କାଫ୍‌କା) ତାଙ୍କ କବର ଭିତରୁ ଦୀର୍ଘ ଉଣେଇଶ କୋଡ଼ିଏ ବର୍ଷ ପରେ କାଢ଼ି ଜାତି ଅମୂଲ୍ୟ ସମ୍ପଦ ବୋଲି ମୁଣ୍ଡରେ ମୁଣ୍ଡେଇଧରି ବୁଲେ । ଏହାର ଅର୍ଥ ଦ୍ୱିବିଧ । ଜାତି ସମସାମୟିକ ପ୍ରତିଭାକୁ ବୁଝିପାରେ ନାହିଁ କିମ୍ବା ଲେଖକ ବା କବି ସାଂପ୍ରତିକ ଗଣ ବା ଜନଚେତନା ଠାରୁ ସ୍ଥଳବିଶେଷରେ ପଞ୍ଚଦଶ ଏପରିକି କୋଡ଼ିଏ ବର୍ଷ ଆଗୁଆ ଥାଏ ।

କିନ୍ତୁ କବି ମାୟାଧର ମାନସିଂ ଥିଲେ ଏହାର ଏକ ବ୍ୟତିକ୍ରମ । ସେ ତାଙ୍କର ତରୁଣ ସମୟରୁ ଓଡ଼ିଶାର ଘରେ ଘରେ, ଏପରିକି ପ୍ରତିଟି କିଶୋରର ମନ-ମନ୍ଦିରରେ କବି ପ୍ରସିଦ୍ଧି ଲାଭ କରିଥିଲେ । ତାଙ୍କର 'ଧୂପ' କବିତା ସଂକଳନ ପାଇଁ । ମୁଁ ମୋର କିଶୋର ଅବସ୍ଥାରେ ହିଁ ତାଙ୍କର 'ଧୂପ' କବିତା ପଢ଼ି ବିହ୍ୱଳିତ ହୋଇଥିଲି । ସେହି ବିହ୍ୱଳ ଭାବ ପାଇଁ ବୋଧହୁଏ ମୋର ଚପଳକୈଶୋରର କିଛିଟା ଅବଦାନ ଥିଲା । ତେଣୁ ପରିଣତ ବୟସରେ 'ଧୂପ' ବହୁବାର ପଢ଼ିଛି ଏବଂ ଠିକ୍ ସେହିପରି ବିହ୍ୱଳିତ ହୋଇଛି । ସେତେବେଳେ ହୁଏତ ସମ୍ମୋହିତ ହୋଇଥିଲି ଭାବି ଭାବି "ପ୍ରିୟା ମୋର ଠିଆ ହୋଇଥିବ କଥା କଳିକା ଚୂଡ଼ାରେ ମାଗି"— କିନ୍ତୁ ଏବେ ମୋର ପ୍ରିୟା ଜାନକୁ ଅଣ୍ଟାରେ ଭିଡ଼ି ଅଣି ସରସର ହିଭରେ ଠିଆ ହୋଇଥିବା ବେଳେ ମୁଁ ତଥାପି ବିହ୍ୱଳିତ ହେଉଛି—ଧୂପର ସରଳ ଶବ୍ଦ-ବିନ୍ୟାସରେ । ମୁଁ ସପ୍ତମ ଶ୍ରେଣୀର ଛାତ୍ର କିନ୍ତୁ ତଥାପି ଧୂପର 'ପ୍ରାବୃଟ' 'ଭରମ' ଓ ତରୁଳ୍ୟ ଗୋଟିଏ ଦୁଇଟି ଶବ୍ଦକୁ ଛାଡ଼ିଦେଲେ ଆଉ କିଛି ଶବ୍ଦ ବୁଝିବାରେ ଅସୁବିଧା ହୋଇନାହିଁ । ସେ'ତ ଗଳ୍ପ ଭାଷା । ଧୂପର ବକ୍ତବ୍ୟ ଯଥା 'ମିଳନ'

Digitized by srujan ka@gmail.com

'ବିରହ' 'ଅଭିମାନ' ଇତ୍ୟାଦି ଭାବ ମଧ୍ୟ ବୁଝିବାରେ କିଛି ଅସୁବିଧା ହୋଇନାହିଁ । ତାର ଏକମାତ୍ର କାରଣ ସେହି ଭାବଗୁଡ଼ିକୁ ଅତ୍ୟନ୍ତ ସରଳଭାଷା ମାଧ୍ୟମରେ ବ୍ୟକ୍ତ କରାଯାଇଛି । କାହାର ବୁଝିବାକୁ ଅସୁବିଧା ହବ—

"ହୃଦୟରେ ତରୁଣ କବିର ଆଶା, ଏତେ ବିରାଟ ସେ ପାଏ କି ଭାଷା
ଆକାଶ ପାତାଳ କେତେ ସେ କରେ—ନିମିଷକରେ ।"

ମାୟାଧର ବୋଧହୁଏ 'ଧୂପ' ଠାରୁ ଆରମ୍ଭକରି ବହୁ ପଥ ପରିକ୍ରମା କରିଛନ୍ତି, କମଳାୟନ—କୋଣାର୍କ—ସାଧବଝିଅ ଓ ଅନ୍ୟାନ୍ୟ ବହୁ ପୁସ୍ତକ ଦେଇ ତାଙ୍କର ସର୍ବଶେଷ ପୁସ୍ତକ "ଦି ସାଗା ଅଫ୍ ଦି ଲ୍ୟାଣ୍ଡ ଅଫ୍ ଜଗନ୍ନାଥ" ପର୍ଯ୍ୟନ୍ତ । କିନ୍ତୁ ସେ ରହିଥିଲେ ଓ ରହିବେ 'ଧୂପ' ର ରଚୟିତା ମାୟାଧର ।

କିନ୍ତୁ ଧୂପ ପଢିବାର ଅନେକ ଆଗରୁ ମୁଁ ଜାଣିଥିଲି ମାୟାଧର ମାନସିଂଙ୍କୁ ବାପାଙ୍କ ଜରିଆରେ । ବାପା ତାଙ୍କର ଶିକ୍ଷକସୁଲଭ ଗାମ୍ଭୀର୍ଯ୍ୟ ନେଇ ହଠାତ୍ ପ୍ରଶଂସା କରି ବସି ନ ଥାନ୍ତି । କିନ୍ତୁ ବେଳେ ବେଳେ କୌଣସି କଥାରୁ ମାୟାଧର ମାନସିଂଙ୍କର ପ୍ରସଙ୍ଗ ଉତ୍ଥାପିତ ହେଲେ ସେ କହୁଥିଲେ, "He was really brilliant" । ବାପା ଅନେକ କମ୍ ଲୋକଙ୍କୁ ଏପରି ଅକୁଣ୍ଠିତ ସାର୍ଟିଫିକେଟ୍ ଦବାର ଦେଖିଛି ।

ବାପାଙ୍କ ସାଙ୍ଗରେ ଯାଇ ଠିଆ ହୋଇଥିଲି ରେଭେନ୍‌ସା କଲେଜର ପ୍ରଫେସର କମନ୍‌ରୁମ୍ ସାମ୍ନାରେ । ପର୍ଦ୍ଦା ଠେଲି ବାହାରି ଆସିଲେ ମାୟାଧର ମାନସିଂ ଓ ଅତ୍ୟନ୍ତ ସମ୍ଭ୍ରମ ଭାବରେ ବାପାଙ୍କୁ ପ୍ରଣାମ କଲେ । ସେତେବେଳେ ମାନସିଂ ବୋଧହୁଏ ଇଂରାଜୀ ଅଧ୍ୟାପକ ଥାଆନ୍ତି । ଦେଖିବାକୁ ବେଶ୍ ସୌମ୍ୟଦର୍ଶନ । ମୁଣ୍ଡରେ କୁଞ୍ଚୁକୁଞ୍ଚିଆ ବାଳ, ହସ ହସ ମୁହଁ, ଟଣା ଟଣା ଆଖି । ମୋଟ ଉପରେ କହିଲେ କବି କବି ଚେହେରା । ବାପା ମୋର ତାଙ୍କ ସହିତ ପରିଚୟ କରେଇ ଦେଇ ନ ଥିଲେ କାରଣ ସେତେବେଳେ ଗଣ୍ୟ ମାନ୍ୟ ଲୋକମାନଙ୍କ ସହିତ ବାଳକ ମାନଙ୍କର ପରିଚୟ କରେଇଦବାର ରିଆଜ୍ ଆରମ୍ଭ ହୋଇ ନ ଥିଲା । ତା ଛଡ଼ା ମୋର ପିତୃଦତ୍ତ ନାଁଟିକୁ ବାଦ୍ ଦେଇ ଆଉ କଣ ପରିଚୟ ବା ଦେଇପାରି ଥାଆନ୍ତେ !

ସେହି ସମୟରେ ବା ଠିକ୍ ତାର ପରେ ପରେ ବାହାରିଲା ତାଙ୍କର ସଂପାଦକତ୍ୱରେ 'ଆରତି' ପତ୍ରିକା । ତାହା ଥିଲା ଓଡ଼ିଶାର ପ୍ରଥମ ସୁଦର୍ଶନ ପତ୍ରିକା ଓ ସେଥିରେ ତତ୍‌କାଳୀନ ସମସ୍ତ କୃତୀ ଲେଖକମାନେ ଲେଖୁଥିଲେ । ଓଡ଼ିଶା ସାହିତ୍ୟକୁ 'ଆରତି'ର ଆଗମନ ପ୍ରକୃତରେ ଥିଲା ଏକ ନୂତନ ପ୍ରଚେଷ୍ଟା ଏବଂ ଆଜ

Digitized by srujan ka@gmail.com

ଯଦ କେହି 'ଆଭତ୍ତି'ର ପୁରୁଣା ସଂଖ୍ୟା ସବୁକୁ ଆଜକାଲର ପତ୍ରିକା ସହିତ ତୁଳନା କରେ ତାହାହେଲେ ବୁଝିହେବ ଯେ ସେ ସମୟରେ 'ଆଭତ୍ତି' ପରି ଏକ ଅତ୍ୟାଧୁନିକ ପତ୍ରିକା ବାହାର କରିବା ପଛରେ ସଂପାଦକଙ୍କର କି ଅକୁଣ୍ଠିତ ଉଦ୍ୟମର ପ୍ରୟୋଜନ ହୋଇଥିବ । ଆଜ ଯାହା ହଉଚ ସେବେ ମଧ୍ୟ ପତ୍ରିକାଟି କିଛି ସଂଖ୍ୟା ପରେ ଆଉ ଚାଲି ପାରିଲା ନାହିଁ । (ଆଜକାଲର ଲେଖକ ଓ ପାଠକର ସଂଖ୍ୟା ସହିତ ୧୯୪୦ ମସିହାର ସଂଖ୍ୟା ସହିତ ତୁଳନା କରନ୍ତୁ ।)

ସେତେବେଳକୁ ଓଡ଼ିଆ ଭାଷା ଓ ସାହିତ୍ୟର ଏକ ଦୟନୀୟ ଅବସ୍ଥା । କୌଣସି ପତ୍ର ପତ୍ରିକା ପ୍ରକାଶ ପାଉନାହିଁ । 'ନବଭାରତ' ବୋଧହୁଏ ପ୍ରାୟ ବନ୍ଦ ଏବଂ ସହକାର ଅନିୟମିତ । ଏପରିକି ଶିଶୁ ପତ୍ରିକା ଖଣ୍ଡିଏ ମଧ୍ୟ ପଢ଼ିବାକୁ ମିଳିବା ଦୁଃସାଧ୍ୟ ।

ପୁଣି ଥରେ ମାନସିଂଙ୍କ ଦୃଢ଼ିଷ୍ଠ ଉଦ୍ୟମରେ ପ୍ରକାଶ ପାଇଲା 'ଶଙ୍ଖ' । 'ଶଙ୍ଖ' ପତ୍ରିକାର ଆବିର୍ଭାବ ମୋ ଜୀବନର ଏକ ବିଶେଷ ଘଟଣା । ସେତେବେଳେ (୧୯୪୬-୪୭) ମାନସିଂ ଲେଖକମାନଙ୍କୁ ପାଞ୍ଚଟଙ୍କା କରି ପାରିତୋଷିକ ଦେଉଥିଲେ । ମୋର ବଡ଼ ଭାଇ 'ଶଙ୍ଖ'କୁ ଗୋଟିଏ କ୍ଷୁଦ୍ର ଗଳ୍ପ ପଠାଇଥିଲେ ପ୍ରକାଶନ ପାଇଁ—କହିବା ବାହୁଲ୍ୟ ଯେ ତାଙ୍କର ହସ୍ତାକ୍ଷର ଭଲ ହୋଇ ନ ଥିବା ହେତୁ ସେ ବାଧ ହୋଇ ଏହି ଅଧମ ଲେଖକ ସାହାଯ୍ୟ ଲୋଡ଼ିଥିଲେ ଗପଟିକୁ ନକଲ କରିବା ପାଇଁ । ଗଳ୍ପଟି ଆସନ୍ତା ସଂଖ୍ୟାରେ ପ୍ରକାଶ ପାଇବାରେ ମୁଁ ବିସ୍ମିତ ଓ ସାମାନ୍ୟ ଈର୍ଷାନ୍ୱିତ ହୋଇଥିଲି ମଧ୍ୟ । ତା'ର ଅଳ୍ପଦିନ ପରେ ମୋର ଈର୍ଷାକୁ ଦ୍ୱିଗୁଣିତ କରି ପାଞ୍ଚଟି ଟଙ୍କା ମନିଅର୍ଡରରେ ଆସି ପହଞ୍ଚିଲା ଭାଇଙ୍କ ପାଖରେ । ମୁଁ ସ୍ପଷ୍ଟ ଘୋଷଣା କଲି ଯେ ମୋର ସୁନ୍ଦର ହସ୍ତାକ୍ଷର ଗଳ୍ପଟିକୁ ପ୍ରକାଶ କରିବା ପାଇଁ ସଂପାଦକଙ୍କୁ ଯଥେଷ୍ଟ ପ୍ରଭାବିତ କରିଚ ତେଣୁ ପାରିତୋଷିକ ପାଞ୍ଚଟଙ୍କାରୁ ମୋର ପ୍ରାପ୍ୟ ନିଶ୍ଚିତ ଏକ ଟଙ୍କା । କିନ୍ତୁ ହାୟ ! ଭାଇ ଆଠଅଣା ପଇସାରୁ ବେଶୀ ଦେବେ ନାହିଁ ବୋଲି ସେକ୍‌ଠୋକ୍ ମନା କରିଦେଲେ । ମୁଁ ସେଇଦିନ ରାତିରେ ମୋର ପ୍ରଥମ ଗଳ୍ପ ଲେଖି 'ଶଙ୍ଖ'ର ସମ୍ପାଦକଙ୍କ ପାଖକୁ ଗୋପନରେ ପଠାଇଥିଲି । ଗୋପନ କରିବାର ଉଦ୍ଦେଶ୍ୟ ଯଦ ତାହା ପ୍ରକାଶ ନ ପାଏ ତାହାହେଲେ ମୋର ଅଗ୍ରଜଙ୍କର ଉପହାସଜନିତ ଅଟ୍ଟହାସ୍ୟ ସହ୍ୟ କରିବା ସମ୍ଭବ ହବନାହିଁ । କିନ୍ତୁ ଭଗବାନଙ୍କର ଅଶେଷ କରୁଣା—ତାହା ପର ସଂଖ୍ୟାରେ ପ୍ରକାଶ ପାଇଲା ଓ ପ୍ରତ୍ୟାଶିତ ପାଞ୍ଚଟି ଟଙ୍କା ମଧ୍ୟ ତାହା ସହିତ ଆସି ପହଞ୍ଚିଲା । କିନ୍ତୁ ଅସଲ କଥା ଯାହା ପାଇଁ ଏହି ସବୁର ଅବତାରଣା କଲି ତା' ହଉଛି ଏହି ଯେ ଡକ୍ଟର ମାନସିଂ ମୋ ନାଁ ପଛରେ ବାପାଙ୍କର କ୍ୟାର୍ ଅଫ୍‌ଟି ଦେଖି ବାପାଙ୍କୁ ଖଣ୍ଡେ ଚିଠି ଦେଇଥିଲେ—ମତେ ଭବିଷ୍ୟତରେ ଲେଖାଲେଖି କରିବାକୁ ଉତ୍ସାହିତ କରିବା

Digitized by srujan ka@gmail.com

ପାଇଁ । ସେ ଚିଠି ମୋ ପାଖରେ ଏବେ ମଧ୍ୟ ସୁରକ୍ଷିତ କାରଣ ମୁଁ ତାହାକୁ ଏକାଡେମୀ ପୁରସ୍କାର ଅପେକ୍ଷା ଅଧିକ ମୂଲ୍ୟବାନ୍ ମନେକରେ ।

ବିଭିନ୍ନ ପରିବେଶରେ ମୋର ଡକ୍ଟର ମାନସିଂଙ୍କ ସହିତ ବହୁବାର ସାକ୍ଷାତ୍ ହୋଇଛି ଏବଂ ଅନ୍ତରଙ୍ଗ ଆଳାପ ହୋଇଛି ମଧ୍ୟ କିନ୍ତୁ ମୁଁ ସାହିତ୍ୟିକ ଭାବରେ ତାଙ୍କର ଦୃଷ୍ଟି କୌଣସି ଦିଗ ଆକର୍ଷଣ କରି ନ ପାରି ଥିବାରୁ ସେ ମୋ ସହିତ ସାହିତ୍ୟ ବିଷୟରେ ଖୁବ୍ କମ୍ ଆଲୋଚନା କରନ୍ତି । (ଏହାର ଅର୍ଥାନ୍ତର ଯେପରି ନ ହୁଏ ଯେ ମୁଁ ସାହିତ୍ୟାକାଶର ଜ୍ୟୋତିଷ୍କ ଏବଂ ମାନସିଂଙ୍କ ବ୍ୟତୀତ ମୁଁ ଅନ୍ୟ-ମାନଙ୍କର ଦୃଷ୍ଟି ଆକର୍ଷଣ କରିଛି ଓ ସେମାନେ ମୋ ସହିତ ଘଣ୍ଟା ଘଣ୍ଟା ଧରି ସାହିତ୍ୟାଲୋଚନା କରନ୍ତି)

କିନ୍ତୁ କାଳକ୍ରମେ ଥରେ ଖଲ୍ଲିକୋଟ କଲେଜରେ ଏକ ସାହିତ୍ୟ ସଭାରେ ମୁଁ ଥିଲି ପ୍ରଧାନବକ୍ତା ଓ ମାନସିଂ ଥିଲେ ପ୍ରଧାନ ଅତିଥି । ମୋର ବକ୍ତୃତା ପ୍ରସଙ୍ଗରେ ମୁଁ ଜାତକ ଗଳ୍ପ ସମ୍ପର୍କରେ କିଛି କିଛି ମତପ୍ରକାଶ କରିଥିଲି ଯେ ଜାତକର ଅଧିକାଂଶ ଗଳ୍ପ ଯୌନଧର୍ମୀ । ପ୍ରଧାନ ଅତିଥି ତାଙ୍କର ବକ୍ତବ୍ୟବେଳେ ଏହାର ପ୍ରଚଣ୍ଡ ପ୍ରତିବାଦ କରିଥିଲେ ଓ ସେଦିନ ଅନେକ ରାତି ପର୍ଯ୍ୟନ୍ତ ସେଇ କଲେଜ ପ୍ରାଙ୍ଗଣରେ କ୍ଷୁଦ୍ରଗଳ୍ପର ଧର୍ମ ସମ୍ପର୍କରେ ଆଲୋଚନା ହୋଇଥିଲା । ବିଦାୟ ନେଲାବେଳେ ମୋର କାନ୍ଧ ଉପରେ ହାତ ରଖି ଅତି ହୃଷ୍ଟ ଭାବରେ କହିଥିଲେ "ତମ କଥାରେ କିଛିଟା ସତ୍ୟତା ଅଛି—ଯାହାହେଉ ତମେ ଏତେ ପଢ଼ାପଢ଼ି କରିଚ ଦେଖି ଭାରି ଖୁସି ଲାଗିଲା । ବାପାଙ୍କୁ ମୋର ପ୍ରଣାମ ଦେବ ।"

ମୁଁ ଗୋଟାଏ ସୁଯୋଗ ନେଇ ମୋର କୃତଜ୍ଞତା ଜଣାଇ ବସିଲି, "ସାର୍ ଆପଣଙ୍କ 'ଶଙ୍ଖ' ପତ୍ରିକାରୁ ହିଁ ମୋ ଲେଖା ଲେଖି ଆରମ୍ଭ ।" ମୋର ଏଇ ସାମାନ୍ୟ ବଧେଇ ତାଙ୍କ ଉପରେ କିଛି ପ୍ରତିକ୍ରିୟା ସୃଷ୍ଟି କଲା ନାହିଁ । ତାଙ୍କ ସହିତ ସାହିତ୍ୟ ଆଲୋଚନା କରିବାର ଶେଷ ସୁଯୋଗ ମୋ ହାତରୁ ଖସିଗଲା । ମୋର ସେଦିନ ତାଙ୍କ ସହିତ ଶେଷଦେଖା । କାଗଜରେ କେତେ "ଶୋକସଭା", "ଶ୍ରଦ୍ଧାଞ୍ଜଳି", "ସାର୍ଟିଫିକେଟ୍ ମିଳିଚି" ନ ବାହାରୁଛି କିନ୍ତୁ ଡକ୍ଟର ମାନସିଂଙ୍କର ଅସୁସ୍ଥତା କଥା କୌଣସି ସମ୍ବାଦପତ୍ରରେ ଦେଖିବାକୁ ପାଇଲି ନାହିଁ । ଡକ୍ଟର ମାନସିଂ ତାଙ୍କର ମୃତ୍ୟୁକାଳୀନ ରୋଗଶଯ୍ୟାରେ ତାଙ୍କର ଲେଖକ ବନ୍ଧୁ, ପ୍ରଶଂସକମାନଙ୍କ ସହାନୁଭୂତି ନାମକ ଗୁଣରୁ ବଞ୍ଚିତ ବୋଲି ମନେ କରିଥିବେ ।

ମୁଁ ମାୟାଧର ମାନସିଂଙ୍କର ବ୍ୟକ୍ତିଗତ ସଂପର୍କରେ ବିଶେଷ ଘନିଷ୍ଠ ଭାବରେ ନ ଆସିଥିଲେ ମଧ୍ୟ ତାଙ୍କର ପ୍ରତ୍ୟେକଟି ପୁସ୍ତକ ମୁଁ ମନୋଯୋଗର

Digitized by srujan ka@gmail.com

ସହିତ ଅନୁଧ୍ୟାନ କରିଛୁ ଏବଂ ତାଙ୍କର ସକଳ ସୃଷ୍ଟି ଭିତରୁ ଗୋଟିଏ ବନ୍ଧରେ ମଧ୍ୟ ପ୍ରଚାରର ଅଭାବ ଲକ୍ଷ୍ୟ କରିପାରି ନାହିଁ । ବନ୍ଧୁଗୁଡ଼ିକର ଅଯଥା ତାଲିକା ଦେଇ ଲେଖାଟିକୁ ଦୀର୍ଘ କରିବ ନାହିଁ । ତାଙ୍କ ଲେଖା ଭିତରେ କେତେବେଳେ ସେ କୋଣାର୍କର ଅଳସକନ୍ୟାମାନଙ୍କୁ ଜୀବନ୍ତ କରିଛନ୍ତି ତ କେତେବେଳେ ପଞ୍ଚଶର-ଭଙ୍ଗ ସାଧବବାଳୀ ହାତରୁ ଅନ୍ୟମନସ୍କତାବଶତଃ ଅକ୍ଷତ ଓ ଦୂବାର ସର୍ଗ ଖସେଇ ପକେଇଛନ୍ତି ପୁଣି କେତେବେଳେ ମହାନଦୀରେ ଜ୍ୟୋତ୍ସ୍ନାବିହାର କରୁ କରୁ ସ୍ୱଚ୍ଛନ୍ଦ ସାବଲୀଳ କଣ୍ଠରେ ଗୁମର ଉଠିଚି ତାଙ୍କର ସ୍ୱର୍ଣ୍ଣକାତର, ସ୍ୱଦେଶପ୍ରେମୀ ମନ ।

"ବୋଇତ ବନ୍ଦାଣ ଲାଗି ଏ ଉଚ୍ଛିନା ବାଲି
ନ ଫେରିବେ ରଜାଗର୍ଣ୍ଣୀ ନ ଫେରିବେ ବାରେ
ବୋଇତ ବନ୍ଦାଣ ଲାଗି ଏ ଉଚ୍ଛିନା ବାଲି
ନାଗରିକା ପଦପ୍ରାନ୍ତ ନ ଚୁମ୍ବିବ ଧୀରେ ?
ଦୁର୍ଗ ଆଉ ଉଠିବନି ? .."

ପୁଣି ମନେପଡ଼ୁଯାଏ 'ହେମଶସ୍ୟ' ର 'ହେମପୁଷ୍ପ'ର 'କଣ୍ଟକାଚ' କବିତା କଥା, ଯାହାକୁ ପଢ଼ିଲାବେଳେ ଏପରି କେହି ଲୋକ ନାହିଁ ଯାହାର ଅକ୍ଷିରେ ଲୁହ ଆସି ନ ଯିବ । ଆହା ! ଭଉଣୀ କୁଆଡ଼େ ବୁଝିବ କଲେଜ ପଢ଼ୁଆ ଭାଇର ଦାରିଦ୍ର୍ୟ କୁଆଡ଼ୁ ସେ ଆଣିଦବ ସୁନା କାଚ !

ମାୟାଧର କବିମାନସର ଜନ୍ମ ଓ ବିକାଶ ଆକସ୍ମିକ ନୁହେଁ । ସେ ଥିଲେ ଜଣେ ପରିଶ୍ରମୀ ମେଧାବୀ ଛାତ୍ର, ସଂଯମୀ ମନୁଷ୍ୟ ଓ ସେ ଜୀବନର ନାନା ଘାତପ୍ରତିଘାତ ଭିତରେ ସମ୍ୟକ୍ ଜ୍ଞାନ ଓ ଅନୁଭୂତି ଆହରଣ କରିଥିଲେ । ଘୋର ଦାରିଦ୍ର୍ୟ ଭିତରେ ସେ ଏମ୍. ଏ. ପାସ୍ କରି ବିଦେଶରୁ ପି. ଏଚ୍. ଡି. ଉପାଧି ଲାଭକରି ଗୃହକୁ ଫେରି ଜୀବନରେ କଠୋର ସଂଗ୍ରାମ କରି ଆସିଛନ୍ତି ଚିରଜୀବନ, ଅଶେଷ କଷାଘାତ ସହ୍ୟ କରିଛନ୍ତି ତାଙ୍କର ସ୍ପଷ୍ଟବାଦୀତା (ଦୋଷ) ? ହେତୁ । କେତେବେଳେ ନିମାପଡ଼ା, ପୁଣି ବାଣପୁର ସ୍କୁଲ୍ । କେତେବେଳେ ଆଠଗଡ଼ରେ ତ କେବେ ପୁଣି ସ୍କୁଲ ଇନସ୍‌ପେକ୍ଟର ଓ ଶେଷରେ ମେହେର କଲେଜର ଅଧ୍ୟକ୍ଷ । ଜୀବନରେ ଉତ୍ତମ ଶିକ୍ଷକ ହେବା ତାଙ୍କର ବ୍ରତ ଥିଲା ଏବଂ ସେ ତାହା ତାଙ୍କର ଜୀବନକାଳ ଭିତରେ ସଫଳତାର ସହିତ ହାସଲ କରିପାରିଥିଲେ— କିନ୍ତୁ ତାଙ୍କ ପରି ଜଣେ ବିଦ୍ୱାନ୍, ଅନୁଭୂତିପ୍ରବଣ, ସ୍ପଷ୍ଟବାଦୀ ଶିକ୍ଷକ ପ୍ରତି ସ୍ଥାନରେ ଲାଞ୍ଛିତ ହୋଇଛନ୍ତି କିନ୍ତୁ ତଥାପି ସେ ଗାହିର କରିବାକୁ ଭୁଲି ନାହାନ୍ତି ଯେ ପ୍ରତିଟି ଶିକ୍ଷା ଅନୁଷ୍ଠାନର ଚରମ ନିୟାମକ ସେହି ଅନୁଷ୍ଠାନର ଅଧ୍ୟକ୍ଷ ହେବା ଉଚିତ୍—ନ ହେଲେ କି ସେ କ୍ଷୋଭର ସହିତ ଲେଖି ଥାଆନ୍ତେ ।

Digitized by srujan ka@gmail.com

"କିନ୍ତୁ ମୋର ଜଣା ଗବେଷକ ଶିକ୍ଷାମନ୍ତ୍ରୀ ଶ୍ରୀ—ର ମହାଶୟ, ଏଠି ଜିଗ୍ରିଣ ହୋଇ ଧରିଲେ ଯାଇ ଲେଖକର ଟୋକାବେଳେ ଲିଖିତ ଖଣ୍ଡିଏ ନାଟିକାକୁ । ତାହା ଖରାପ ସାହିତ୍ୟ ବୋଲି ପ୍ରମାଣିତ କରିବା ପାଇଁ ଢେର୍ ଚେଷ୍ଟାକଲେ, ଶୁଣିଲି ତାଙ୍କୁ ଅନୁବାଦ କରି ତତ୍କାଳୀନ ଗଭର୍ଣ୍ଣରଙ୍କୁ ମଧ୍ୟ ଶୁଣାଇଥିଲେ । ମୁଁ ଆଶଙ୍କା କରୁଥିଲି ଯେ, ସେ ବହିକୁ ନିଷିଦ୍ଧ କରି ଏକ ସରକାରୀ ଇସ୍ତାହାର ଯେକୌଣସି ଦିନ ବାହାରିବ । କାହିଁକି ବାହାରିଲା ନାହିଁ ମୁଁ ଜାଣେନା । କିନ୍ତୁ ସେଦିନ, ବଡ଼ ଅଧିକାରୀ ଓ ଶ୍ରେଷ୍ଠ ମନର ଏ ପ୍ରକାର ସହାବସ୍ଥାନ ଦେଖି ଅତି ବିସ୍ମିତ ହୋଇଥିଲି ।" (ଶିକ୍ଷାବିତ୍ର ଗାଥା—ପୃ-୧୩୧)

ଶିକ୍ଷାବିତ୍ର ଗାଥା ଲେଖକଙ୍କର ଆତ୍ମଜୀବନୀ କହିଲେ ଅତ୍ୟୁକ୍ତି ହେବନାହିଁ । ସେ ବହିଖଣ୍ଡିକ ପଢ଼ିଲେ ଜଣାପଡ଼ିବ କିପରି କବି ବାଉମ୍ଭାର ଆଦର୍ଶ ପଛରେ ଅନୁଧାବନ କରି ବିଡ଼ମ୍ବିତ ହୋଇଛନ୍ତି ଓ ଅନ୍ତଃସାରଶୂନ୍ୟ, ଅର୍ଦ୍ଧଶିକ୍ଷିତ ରାଜନୈତିକ ନେତାମାନଙ୍କର ପ୍ରମାଦପୂର୍ଣ୍ଣ ଆଦେଶରେ ଜର୍ଜ୍ଜରିତ ହୋଇଛନ୍ତି ।

ପିଲାବେଳେ ଶୁଣିଥିଲି ଥରେ ରାଜା ପଞ୍ଚମଜର୍ଜ ଗୋଟିଏ ପବ୍ଲିକ୍ ସ୍କୁଲକୁ ପରିଦର୍ଶନ କରି ଗଲାବେଳେ ସେହି ସ୍କୁଲର ପ୍ରଧାନ ଶିକ୍ଷକ ତାଙ୍କର ନିଜର ଚଉକୀ ରାଜାଙ୍କ ପାଇଁ ଛାଡ଼ି ଦେଇଥିଲେ । ପଞ୍ଚମଜର୍ଜ ପ୍ରଧାନଶିକ୍ଷକଙ୍କୁ କହିଥିଲେ— "ସ୍କୁଲର ଅଧକ୍ଷଙ୍କ ଚଉକୀରେ ବସିବାକୁ ଆଉ କେହି ଲୋକ ଯୋଗ୍ୟ ନୁହଁ—" ରାଜା ମଧ୍ୟ ନୁହଁ । ହାୟ ! ବ୍ରିଟିଶ୍ ସାମ୍ରାଜ୍ୟର ସମ୍ରାଟ ପଞ୍ଚମଜର୍ଜ ଏବଂ ମୋ ଦେଶର ପଲ୍ଲବଗ୍ରାହୀ, ପଣ୍ଡିତମନ୍ୟ, ଅର୍ଦ୍ଧଶିକ୍ଷିତ ଶ୍ଳେଟ୍ ଯାଦୁକରର ଦଳ !

ଜୀବନରେ ଅହରହ ସଂଗ୍ରାମ କରି, ନିଜର ତଥାକଥିତ କର୍ମକର୍ତ୍ତାମାନଙ୍କର ଅସୂୟା ଓ ଈର୍ଷାର ଶିକାର ହୋଇ ସେ ଯେ କିପରି ଓଡ଼ିଆ ସାହିତ୍ୟର ଇତିହାସ, ଓଡ଼ିଆ ବିଶ୍ୱକୋଷ ଇତ୍ୟାଦି ସଂକଳନ କରିବା ଛଡ଼ା ମଧ୍ୟ ନିଜର ସୃଜନଧର୍ମୀ ଲେଖାକୁ ଅତୁଟ ରଖିପାରୁଥିଲେ, ଭାବିଲେ ଆଶ୍ଚର୍ଯ୍ୟ ଲାଗେ । କଠୋର ପରିଶ୍ରମ କରି ନ ପାରୁଥିଲେ ଏହା ସମ୍ଭବ ନୁହଁ । ଏ ସମସ୍ତ ଯନ୍ତ୍ରଣା ଭିତରେ ସ୍ୱପ୍ନଦ୍ରଷ୍ଟା ମାନସିଂ, ଦେଶପ୍ରେମୀ ମାନସିଂ ଓ ବିଦ୍ରୋହୀ ମାନସିଂ ତାଙ୍କର ପାରିବାରିକ ଦିଗ ପ୍ରତି ମଧ୍ୟ ସୂକ୍ଷ୍ମ ଦୃଷ୍ଟି ରଖିଥିଲେ । ତା' ନ ହେଲେ ତାଙ୍କର ଦାୟାଦମାନେ ଉଚ୍ଚ ଶିକ୍ଷିତ, ଭଦ୍ର ଓ ମିଷ୍ଟଭାଷୀ ହବା ସମ୍ଭବପର ନୁହଁ । ମାନସିଂଙ୍କର ଦାୟାଦମାନଙ୍କୁ ଯେଉଁ ବନ୍ଧୁମାନେ ବ୍ୟକ୍ତିଗତ ଭାବରେ ଜାଣନ୍ତି ସେମାନେ ଏହାର ସାକ୍ଷ୍ୟ ଦେବେ ।

ଶେଷ କଥା ଜୀବନର ମଧ୍ୟାହ୍ନରେ ହଠାତ୍ କବି ମାନସିଂଙ୍କର ମନେ ପଡ଼ି ଯାଇଥିଲା । ନିଜର ପଛରେ ପକାଇ ଦେଇ ଆସିଥିବା ଦିନଗୁଡ଼ିକର କଥା ଏବଂ

କେଜାଣି କାହିଁକି ସେ 'ସହକାର' ପୃଷ୍ଠାରେ ଲେଖିଥିଲେ "ହିସାବ ନିକାଶ"। କିଏ କହିବ କବିର ପ୍ରଜାପତି ମନ କାହିଁକି ଲେଖିଥିଲା।

"ହେ ! ମୋର ଅତୀତର ପ୍ରଣୟିନୀ, ମୁଁ ଥିଲି ଏକ ଅପାପବିଦ୍ଧ ତରୁଣ ଆଉ ତମେ ଆସି ଏକ ମାୟାବିନୀ କୁହୁକିନୀ ବେଶରେ ମତେ ଭୁଲେଇ ନେଲ"— ସେତେବେଳେ ଅନ୍ୟଏକ ସୁଲଙ୍କିତ ଅମର ପ୍ରତିଭାବାନ୍ କବି ବୈକୁଣ୍ଠନାଥ ପଟ୍ଟନାୟକ ତାର ଜବାବ ଦେଇଥିଲେ "ହିସାବ-ନିକାଶ୍, ନିଶାପ"ରେ।

"ଜରା ଯୌବନ ସୀମାନ୍ତେ ବସି ହେ କବି ଆଜି
ନିକାଶ କରୁଛ ବ୍ୟର୍ଥ ଜୀବନ ହିସାବରାଜି।"

ସେଦିନ ବୋଧହୁଏ ଓଡ଼ିଶାର ଚିରତରୁଣ ଧୂପର କବି ତାଙ୍କର ମନ ଭିତରର ଅଳନ୍ଧୁ ସବୁ ସଫା କରୁଥିଲେ, ଆଉ ସେହି ଅଳନ୍ଧୁ ସବୁର ବିଶ୍ୱକର୍ମୀ ଶିଳ୍ପୀ ବୁଢ଼ି ଆଣ୍ଠୀଟି ସେଇ ଅଳନ୍ଧୁ ଭିତରେ ବସି ରହିଥିଲା ନିର୍ବାକ୍, ନିର୍ଲିପ୍ତ ଓ ପ୍ରଶାନ୍ତ ଚିତ୍ତ।

Digitized by srujan ka@gmail.com

ଏକ ଶ୍ରଦ୍ଧାଞ୍ଜଳି

ଡକ୍ଟର ଜାନକୀବଲ୍ଲଭ ମହାନ୍ତି

ଏବେ ବି ମନେପଡ଼େ କବି ମାୟାଧର ମାନସିଂହଙ୍କ ବହୁ କବିତା କୈଶୋର ଓ ଆଦ୍ୟ ଯୌବନରେ ଆମେ ସବୁ ପ୍ରବେଶିକା ଶ୍ରେଣୀର ଛାତ୍ର ଥିଲାବେଳେ କିପରି ଆମକୁ ବିହ୍ୱଳ ଓ ଅନୁପ୍ରାଣିତ କରିଥିଲା । ମାତ୍ର ମୋ ସହ କବି ମାନସିଂହଙ୍କ ପତ୍ର ମାଧ୍ୟମରେ ପ୍ରଥମ ସଂପର୍କ ସ୍ଥାପିତ ହୋଇଥିଲା ମୁଁ ରେଭେନ୍‌ସା ବି. ଏ. ଶ୍ରେଣୀର ଛାତ୍ର ଥିବାବେଳେ ୧୯୪୬ ମସିହାରେ ଅପ୍ରତ୍ୟାଶିତ ଭାବରେ । ସେତେବେଳେ ସେ ସମ୍ବଲପୁରରେ ରହି 'ଶଙ୍ଖ' ପତ୍ରିକାର ସମ୍ପାଦନା କରୁଥାନ୍ତି ଓ ଅତ୍ୟନ୍ତ ସନ୍ତର୍ପଣରେ ଏକ କବିତା ଏଇ ଲେଖକ 'ଶଙ୍ଖ'ରେ ପ୍ରକାଶ ଲାଗି ପଠାଇଥିଲା । କେତେଦିନ ପରେ ଉକ୍ତ କବିତାଟିର କେତେକ ସ୍ଥାନରେ ପରିବର୍ତ୍ତନର ସୂଚନା ଦେଇ ଏକ ଉତ୍ସାହପୂର୍ଣ୍ଣ ପତ୍ର କବି ମାନସିଂହଙ୍କଠାରୁ ପାଇ ଏଇ ଲେଖକ ଯେ ଦିନେ ଅତୀବ ଉତ୍ସାହିତ ଓ ଆନନ୍ଦିତ ହୋଇଥିଲା ଏହା କୃତଜ୍ଞତାର ସହିତ ସ୍ୱୀକାର କରୁଅଛି । ମୋର ସେଇ କବିତାଟି ହେଉଛି 'ଧରି ବିଦାୟ' ଓ ଏହା 'ଶଙ୍ଖ'ର ୧ମ ବର୍ଷ ୬ଷ୍ଠ ସଂଖ୍ୟାରେ ମୁଦ୍ରିତ ହୋଇଥିଲା । ଏକ ପ୍ରତିଷ୍ଠିତ ସାହିତ୍ୟ ପତ୍ରିକାରେ ଏହା ହିଁ ଏଇ ଲେଖକର ପ୍ରଥମ ପ୍ରକାଶିତ ରଚନା । ସେତେବେଳେ ଜଣେ କଲେଜ ଛାତ୍ରର ଲେଖା ଏକ ପ୍ରତିଷ୍ଠିତ ପତ୍ରିକାରେ ପ୍ରକାଶିତ ହେବା କମ୍ ପ୍ରଶଂସନୀୟ ବ୍ୟାପାର ମନେ ହେଉ ନ ଥିଲା । ଯାହାହେଉ ମୋର ପ୍ରଥମ କବିତା ଯେ ମାନସିଂହଙ୍କ ସପ୍ରଶଂସ ଅଭିମତ ଲାଭ କରି ତାହାଙ୍କ ସଂପାଦିତ ପତ୍ରିକାରେ ସର୍ବପ୍ରଥମେ ପ୍ରକାଶିତ ହୋଇଥିଲା ଏହା ହିଁ ମୋ ପକ୍ଷେ ଏକ ସ୍ମରଣୀୟ ବିଷୟ । ପରବର୍ତ୍ତୀ କାଳରେ ଏଇ ଲେଖକ ତାହାଙ୍କ ପରାମର୍ଶ କ୍ରମେ 'ଓଡ଼ିଆ ପ୍ରେମ କବିତା' ପୁସ୍ତକଟି ମଧ୍ୟ ସଂକଳନ କରିଥିବା ବିଷୟ ଏବେ ନମ୍ରତାର ସହ ସ୍ମରଣ କରୁଅଛି ।

ସେତେବେଳେ ଇଷ୍ଟର୍ଣ୍ଣ ଷ୍ଟେଟ ଏଜେନ୍‌ସିର ଶିକ୍ଷା ପରାମର୍ଶ ଦାତାରୂପେ କବି ମାନସିଂହ ସମ୍ବଲପୁରରେ କାର୍ଯ୍ୟ କରୁଥିଲେ । ମାତ୍ର ୧୯୪୭ ରେ ଓଡ଼ିଶାର ଦେଶୀୟ ରାଜ୍ୟମାନଙ୍କର ସମ୍ମିଶ୍ରଣ ଫଳରେ ସେ କର୍ମହୀନ ହୋଇ ପଡ଼ିଲେ ଓ ସମ୍ଭବତଃ କୌଣସି ଏକ ଜୀବିକା ଅନ୍ୱେଷଣରେ କଟକରେ ଆସି ଅବସ୍ଥାନ କରୁଥିଲେ । ସେହି ସମୟରେ ତାଙ୍କୁ ପ୍ରଥମେ ଦେଖିବାର ସୁଯୋଗ ମୋତେ ମିଳିଥିଲା । ଅତ୍ୟନ୍ତ ସରଳ, ଅମାୟିକ ଭାବରେ ସେ ଆମ ଗ୍ରାମ ନିକଟବର୍ତ୍ତୀ ନିମାପଡ଼ା ହାଇସ୍କୁଲରେ ଶିକ୍ଷକ ଥିବା ବେଳର କେତେ ଘଟଣା ମୋ ନିକଟରେ

Digitized by srujan ka@gmail.com

ବର୍ଣ୍ଣନା କରିଥିବା ଏବେ ମନେପଡ଼ୁଛି । ଏହି ସମୟରେ ରେଭେନ୍‌ସା କଲେଜରେ ନୂଆ କରି ଓଡ଼ିଆରେ ଏମ୍. ଏ. ବିଭାଗ ଖୋଲିଲା ଓ କବି ମାନସିଂହ ସାମୟିକ ଭାବେ ଓଡ଼ିଆ ବିଭାଗରେ ଅଧ୍ୟାପକ ଭାବେ ନିଯୁକ୍ତ ହେଲେ ଓ ଆମ୍ଭମାନଙ୍କୁ ତାଙ୍କର ଛାତ୍ର ହେବାର ସୁଯୋଗ ମିଳିଗଲା । ପୂର୍ବରୁ ଓଡ଼ିଆରେ ପଢ଼ାଇବାର ଅଭିଜ୍ଞତା ଇଂରାଜୀରେ ସୁପ୍ରବୀଣ ଡଃ ମାନସିଂହଙ୍କର ନ ଥିଲା । ଏଣୁ ସେ ବେଳେବେଳେ ଇଂରାଜୀରେ ନୋଟ୍ ଡାକୁଥିଲେ । ଯା'ହେଉ, ଏହି ପଦରେ ମଧ୍ୟ ସେ ବେଶିଦିନ ରହିପାରି ନ ଥିଲେ । ତାଙ୍କୁ ଦକ୍ଷିଣ ଓଡ଼ିଶାର ସ୍କୁଲ ସମୂହର ଇନସ୍‌ପେକ୍ଟର ଭାବେ ବଦଳି କରି ଦିଆଗଲା ଓ ପରେ ସେ ଗଙ୍ଗାଧର ମେହେର କଲେଜର ଅଧ୍ୟକ୍ଷ ଭାବେ ନିଯୁକ୍ତ ହୋଇଥିଲେ ।

ବହୁ ଉଚ୍ଚ ଇଂରାଜୀ ବିଦ୍ୟାଳୟ ଓ ଶିକ୍ଷାନୁଷ୍ଠାନ ସହ ମାନସିଂହ ତାହାଙ୍କ କର୍ମ ଜୀବନରେ ସଂପୃକ୍ତ ହୋଇଥିଲେ ହେଁ ଏହି ମେହେର କଲେଜରେ ତାହାଙ୍କ କାର୍ଯ୍ୟକାଳ ଅତୀବ ପ୍ରଶଂସନୀୟ । ତାହାଙ୍କ ସୁପରିଚାଳନା ଓ ପରିକଳ୍ପନା ଫଳରେ ଏହି କଲେଜ ବାସ୍ତବିକ ଓଡ଼ିଶାର ଏକ ଆଦର୍ଶ କଲେଜ ହୋଇ ପାରିଥିଲା । ଇତ୍ୟବସରରେ ଏହି ଲେଖକ ବାଲେଶ୍ୱର ଫକୀରମୋହନ କଲେଜରେ ନିଯୁକ୍ତି ପାଇ ସାରିଥାଏ । ଏହି ସମୟରେ ତାହାଙ୍କ ଆମନ୍ତ୍ରଣକ୍ରମେ ଲେଖକ ସମ୍ବଲପୁର ଯିବାର ସୁଯୋଗ ପାଇ ପାରିଥିଲା । କୌଣସି ଅଧ୍ୟକ୍ଷଙ୍କ କାର୍ଯ୍ୟକାଳ ମଧ୍ୟରେ ଓଡ଼ିଶାର କୌଣସି କଲେଜରେ ସମ୍ବଲପୁର କଲେଜ ଭଳି ପରିବର୍ତ୍ତନ ଓ ବିକାଶ ହେବା ମୋର ଶିକ୍ଷା ବିଭାଗୀୟ କାର୍ଯ୍ୟକାଳ ମଧ୍ୟରେ ମୁଁ ଦେଖିଛି ବୋଲି ମନେ ହୁଏନାହିଁ । ସେତେବେଳେ ସେ ସେହି କଲେଜରେ ବଗିଚା, କ୍ୟାଣ୍ଟିନ୍, କୋ-ଅପରେଟିଭ ଷ୍ଟୋର, ଡାଏରୀ ଫାର୍ମ, ଲେଣ୍ଡିଙ୍ଗ ସୋସାଇଟି ପ୍ରତିଷ୍ଠା କରାଇ ପାରିଥିଲେ । ସମ୍ବଲପୁର ଟ୍ରଷ୍ଟ ଫଣ୍ଡ ପକ୍ଷରୁ ଅଧ୍ୟାପକମାନଙ୍କ ଲାଗି କେତେକ ବାସଗୃହ ନିର୍ମାଣ ମଧ୍ୟ ତାଙ୍କରି ଉଦ୍ୟମରେ ହୋଇ ପାରିଥିଲା । ସର୍ବୋପରି ସେ ଏହି କଲେଜ ଇଉନିୟନ ପକ୍ଷରୁ ଓଡ଼ିଆରେ 'ମେହେର ପ୍ରଦୀପ' ନାମକ ଏକ ମାସିକ ପତ୍ରିକା ମଧ୍ୟ ପ୍ରକାଶ କରାଇ ପାରିଥିଲେ—ଯାହା ଏପର୍ଯ୍ୟନ୍ତ ଓଡ଼ିଶାର ଅନ୍ୟ କେଉଁ କଲେଜ ପକ୍ଷେ କରିବା ସମ୍ଭବପର ହୋଇ ପାରିନାହିଁ । ତାହାଙ୍କ କାର୍ଯ୍ୟକାଳ ମଧ୍ୟରେ ଏହି କଲେଜ ଇଉନିୟନ ପକ୍ଷରୁ ଏକ ନିଖିଳ ଉତ୍କଳ ଲେଖକ ସମ୍ମିଳନୀ ମଧ୍ୟ ଅନୁଷ୍ଠିତ ହୋଇ ପାରିଥିଲା । ସେହି ସମୟରେ ଆହୂତ ହୋଇ ଏହି ଲେଖକ ସମ୍ବଲପୁର କଲେଜରେ କବି ମାନସିଂହଙ୍କ କାର୍ଯ୍ୟଦକ୍ଷତା ଓ ସୁପରିଚାଳନାର ଯେଉଁ ପରିଚୟ ପାଇଥିଲା ତାହା ବିସ୍ମୟକର ।

କବି ମାନସିଂହ ଥିଲେ ଯେପରି ଶୃଙ୍ଖଳାବାଦୀ ସେହିପରି କଳ୍ପନାପ୍ରବଣ । ଏଠାରେ ଅଧ୍ୟକ୍ଷ ଭାବରେ ଆପଣାର ବିବିଧ ଭାବନା, କଳ୍ପନା ଓ ଆଦର୍ଶକୁ ସେ ନାନା ଭାବରେ କାର୍ଯ୍ୟକାରୀ କରିବାକୁ ଯେପରି ସମର୍ଥ ହୋଇଥିଲେ ପ୍ରକୃତରେ

Digitized by srujan ka@gmail.com

ତାହା ବିରଳ । ଶୁଣିଛି, କଲେଜର ଛାତ୍ର ଓ ଅଧ୍ୟାପକମାନଙ୍କ ଲାଗି ସେ ଏକ ନିର୍ଦ୍ଦିଷ୍ଟ କଲେଜ-ପରିଚ୍ଛଦର ମଧ୍ୟ ବ୍ୟବସ୍ଥା କରିଥିଲେ । ତାହାଙ୍କ ସମୟରେ କଲେଜର ସମସ୍ତ ଛାତ୍ରଛାତ୍ରୀ ଅଧ୍ୟାପକ ଓ ସେମାନଙ୍କ ପରିବାର ବଣଭୋଜି ଉଦ୍ଦେଶ୍ୟରେ ପ୍ରତିବର୍ଷ ବିଭିନ୍ନ ସ୍ଥାନକୁ ଯିବା ସମ୍ଭବ ହୋଇ ପାରୁଥିଲା । କଲେଜର ପ୍ରବେଶପଥ ନିକଟରେ ସେ ଦୁଇଟି ବୋର୍ଡରେ କଲେଜରେ ବିଦ୍ୟାର୍ଥୀର କରଣୀୟ ଓ ଅକରଣୀୟ ବିଷୟ ସବୁ ଲିପିବଦ୍ଧ କରି ରଖାଇଥିଲେ ।

ମାତ୍ର କାଳର ଗତିରେ ଏକଦା ଆଦର୍ଶସ୍ଥାନୀୟ ବିବେଚିତ ହେଉଥିବା ସେହି ଶିକ୍ଷାୟତନର ପୁସ୍ତକାଗାରରେ ଏବେ ତାହାଙ୍କ ସଂପାଦିତ 'ମେହେର ପ୍ରଦୀପ'ର ଖଣ୍ଡିଏ ମାତ୍ର ପୁରାତନ ସଂଖ୍ୟା ସଂରକ୍ଷିତ ହୋଇ ରହିପାରି ନାହିଁ । 'ମେହେର ପ୍ରଦୀପ'ର ସମସ୍ତ ସଂଖ୍ୟା ସଂରକ୍ଷିତ ହେବା ତ ଦୂରର କଥା ! ସମ୍ବଲପୁରର କଥିତଭାଷା, ଲୋକଗୀତ ଓ ଲୋକକବିଙ୍କୁ ଲୋକଲୋଚନକୁ ଆଣିବା ଲାଗି କବି ମାନସିଂହ ହିଁ ସର୍ବାଦୌ ଏହି 'ମେହେର ପ୍ରଦୀପ' ଓ 'ଶଙ୍ଖ' ମାଧ୍ୟମରେ ଉଦ୍ୟମ କରିଥିଲେ ।

ସୀମା ଆନ୍ଦୋଳନ ସମୟରେ ୧୯୫୭ ମସିହାରେ ପରିସ୍ଥିତି ଏପରି ହେଲା, ତାହାଙ୍କ ସ୍ୱପ୍ନ ଓ ଆଦର୍ଶର ମହାବିଦ୍ୟାଳୟରୁ ତାଙ୍କୁ ବାଧ୍ୟହୋଇ ବିଦାୟ ନେଇ ପୁନଶ୍ଚ କଟକକୁ ଆସିବାକୁ ପଡ଼ିଲା—ପ୍ରୌଢ଼ ଶିକ୍ଷା-ଅଫିସର ଭାବରେ । ସେତେ-ବେଳକୁ ମୁଁ ମଧ୍ୟ ବଦଳି ହୋଇ ଆସିଥାଏ ରେଭେନ୍ସା କଲେଜକୁ । ପ୍ରୌଢ଼ଶିକ୍ଷା ଅଫିସର ଭାବରେ ସେ କେତେକ ନୂତନ ଯୋଜନା ଓ ଉପାଦେୟ ସଙ୍କଳନ ମୁଦ୍ରଣ କରାଇଥିଲେହେଁ ଏଇ ପଦବୀରୁ ବାଧ୍ୟହୋଇ ବିଦାୟନେଲେ ଓ ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ 'ଜ୍ଞାନକୋଷ'ର ମୁଖ୍ୟ ସଂକଳୟିତା ଭାବେ ନିଯୁକ୍ତ ହେଲେ । କଟକ ରେଲଷ୍ଟେସନ ନିକଟବର୍ତ୍ତୀ ଉତ୍କଳ ବିଶ୍ୱବିଦ୍ୟାଳୟ ଅଫିସ ଗୃହରେ ସେତେବେଳେ ଜ୍ଞାନକୋଷ ଅଫିସ ହୋଇଥାଏ । ଏହି ସମୟରେ କାର୍ଯ୍ୟ ଉପଲକ୍ଷରେ ମୋତେ ବହୁବାର ସେଠାକୁ ଯିବାକୁ ପଡୁଥିଲା । ତା' ଛଡ଼ା ଉତ୍କଳ ସାହିତ୍ୟ ସମାଜର ସମ୍ପାଦକ ଭାବରେ ମଧ୍ୟ କବିଙ୍କ ସହ ବାରମ୍ବାର ଆଳାପ ଆଲୋଚନାର ଅବକାଶ ମିଳୁଥାଏ । ଜ୍ଞାନକୋଷ ଲାଗି ମଧ୍ୟ ମୁଁ ୩/୪ ଗୋଟି ପ୍ରବନ୍ଧ ଲେଖିଥିଲି ତାହାଙ୍କ ନିର୍ଦ୍ଦେଶରେ । କବି ମାନସିଂହ ମଧ୍ୟ ସେତେବେଳେ ଉତ୍କଳ ସାହିତ୍ୟ ସମାଜର କାର୍ଯ୍ୟନିର୍ବାହକ ସମିତିର ଅନ୍ୟତମ ସଦସ୍ୟ ଥାଆନ୍ତି । ମନେ ପଡୁଛି, ଏଇ ସମୟରେ ଆମେ ଗଢ଼ିଥିବା 'ରବିବାସରୀୟ ସାହିତ୍ୟ ସଂସଦ'ର ସାପ୍ତାହିକ ଆଲୋଚନାଚକ୍ରକୁ ଆମେ ଥରେ ତାଙ୍କୁ ଆମନ୍ତ୍ରଣ କରିଥିଲୁ । ଆପଣାର 'ସାହିତ୍ୟିକ ଜୀବନ' ସମ୍ପର୍କରେ ସେ ସେଦିନ ଅନେକ କଥା କହିଥିଲେ । (ବୟୋ-ଜ୍ୟେଷ୍ଠ ଲେଖକମାନେ ଏଇ ବିଷୟରେ ହିଁ ରବିବାସରୀୟ ସାହିତ୍ୟ ସଂସଦରେ ଆଲୋକପାତ କରୁଥିଲେ ।) ଆଜି ସେଇସବୁ ବିଷୟକୁ ସ୍ମୃତିରୁ ଉଦ୍ଧାର କରି ଲେଖିବା ଅନାବଶ୍ୟକ ମନେ କରୁଛି ।

Digitized by srujan ka@gmail.com

ମୋଟ ଉପରେ ମୋ ଜାଣିବାରେ କବି ମାନସିଂହଙ୍କଠାରେ ବହୁ ବିରୋଧିଭାବ ସମାବେଶ ଦେଖିବାକୁ ମିଳେ । ସେ ଯେପରି ସ୍ୱପ୍ନବାଦୀ ସେହିପରି ପ୍ରାକ୍ଟିକାଲ ଯେପରି ରୁଢ଼ ଭାଷଣ ସେହିପରି ସରଳ । ତାହାଙ୍କ ଶିଶୁସୁଲଭ ପ୍ରାଣଖୋଲା ହସ ବାସ୍ତବିକ ଅପୂର୍ବ । ତାହାଙ୍କ ଜୀବନ ଚିର ସଙ୍ଘର୍ଷମୟ । ଆପଣାର ଅଦମ୍ୟ ସାଧନା ଓ ପ୍ରତିଭା ବଳରେ ସେ ନିଜକୁ ସୁପ୍ରତିଷ୍ଠିତ କରିଯାଇଅଛନ୍ତି । ମୁଖ୍ୟତଃ ସେ ଥିଲେ କର୍ମବାଦୀ । ଭାଗ୍ୟବାଦିତା ତାଙ୍କର କର୍ମଧାରାକୁ ଶିଥିଳ କରି ପାରିନାହିଁ । ପରନ୍ତୁ ଦୃଢ଼ ଆତ୍ମବିଶ୍ୱାସ ହିଁ ତାଙ୍କୁ ବିବିଧ କ୍ଷେତ୍ରରେ ଜୟଯୁକ୍ତ କରିଅଛି । ଭାବପ୍ରବଣତା ସହ କର୍ମପ୍ରବଣତାର ଚମତ୍କାର ସମନ୍ୱୟ ସେ ଜୀବନରେ କରିପାରିଥିଲେ । ସେ ଥିଲେ ଚିର ବିପ୍ଳବୀ, ସଂସ୍କାରମୁକ୍ତ ଓ ସ୍ୱାଧୀନ ବିଚାରବନ୍ତ । ନିର୍ଭୀକ ଭାବରେ ସେ ଆପଣାର ମତ ବ୍ୟକ୍ତ କରୁଥିଲେ । ଏଣୁ ତାଙ୍କୁ ଜୀବନରେ ବହୁ କ୍ଷେତ୍ରରେ ଅପ୍ରୀତିଭାଜନ ହେବାକୁ ପଡ଼ିଛି । ନିରଳସ, ନିଷ୍ଠାପର ସାଧନା ତାହାଙ୍କ ଜୀବନ-ସାଫଲ୍ୟର ଅନ୍ୟତମ ଦିଗ । ଶୃଙ୍ଖଳିତ ସଂଯତ ଭାବରେ ସେ ଆପଣାର ଦୈନନ୍ଦିନ କର୍ତ୍ତବ୍ୟ ସମ୍ପାଦନ କରୁଥିଲେ । ନିୟମିତ ଅଧ୍ୟୟନ ଓ ଗ୍ରନ୍ଥ ରଚନାରେ ସେ ପୂର୍ଣ୍ଣ ଆତ୍ମନିୟୋଗ କରିଥିଲେ । ସାହିତ୍ୟ ବ୍ୟତୀତ ବିବିଧ ବିଷୟରେ ତାଙ୍କର ଅପରିସୀମ ପାଣ୍ଡିତ୍ୟ ଥିଲା ।

ସମ୍ଭବତଃ ଓଡ଼ିଆ ଅଧ୍ୟାପକମାନଙ୍କ ପ୍ରତି ତାଙ୍କର କଟୂକ୍ତି ମୋତେ ଦିନେ ବ୍ୟଥିତ କରିଥିଲା ଓ ପ୍ରସଙ୍ଗକ୍ରମେ ମୁଁ ତାହାଙ୍କ ଇଂରାଜୀରେ ଲିଖିତ ଓଡ଼ିଆ ସାହିତ୍ୟର ଇତିହାସ ପୁସ୍ତକର ଏକ ସମାଲୋଚନା ଲେଖିଥିଲି । ମାତ୍ର ତାହାଙ୍କ ହୃଦୟରେ ମୋ ପ୍ରତି ଯେ ପ୍ରଚୁର ମମତା ଓ ମୋ ବିଷୟରେ ତାଙ୍କର ଧାରଣା ଯେ ଭିନ୍ନ ଏହାର ପରିଚୟ ମୁଁ ବହୁ କ୍ଷେତ୍ରରେ ଲାଭ କରିଛି ।

ଓଡ଼ିଶାର କଳା ସଂସ୍କୃତି ପ୍ରତି ତାଙ୍କର ମମତା ଥିଲା ଅପରିସୀମ । ଅବସର ଗ୍ରହଣ କଲାପରେ ମଧ୍ୟ ସେ ଓଡ଼ିଆ ଓ ଇଂରାଜୀରେ ଲେଖାଲେଖି କରିବାରେ ପୂର୍ଣ୍ଣ ଆତ୍ମନିୟୋଗ କରିଥିଲେ ଓ ବହୁ ଉଚ୍ଚକୋଟୀର ଗ୍ରନ୍ଥ ପ୍ରଣୟନ କରିବାକୁ ସମର୍ଥ ହୋଇଥିଲେ । ମାତ୍ର ଆକସ୍ମିକ ଭାବରେ ତାଙ୍କର ବିୟୋଗ ଫଳରେ ଓଡ଼ିଆ ସାହିତ୍ୟ ତାଙ୍କର ଅମର ଦାନରୁ ବଞ୍ଚିତ ହେଲା ।

ଆଧୁନିକ ଓଡ଼ିଆ ସାହିତ୍ୟ ତାହାଙ୍କ ବିବିଧ ଓ ବିପୁଳ ଦାନରେ ସୁସମୃଦ୍ଧ । ପ୍ରାୟ ଅର୍ଦ୍ଧଶତାବ୍ଦୀ ନିରଳସ ସାଧନା ଫଳରେ ସେ ବହୁ କାବ୍ୟ କବିତା, ନାଟକ, କାବ୍ୟ-ନାଟିକା, ପ୍ରବନ୍ଧ, ସାହିତ୍ୟ ଆଲୋଚନା, ଭ୍ରମଣ ବୃତ୍ତାନ୍ତ ପ୍ରଭୃତି ରଚନା କରି ଆପଣାକୁ ଚିରସ୍ମରଣୀୟ କରିଯାଇଅଛନ୍ତି । ତାହାଙ୍କ ବିପୁଳ ସୃଷ୍ଟି ହିଁ ତାଙ୍କର ଅମର କୀର୍ତ୍ତି । ସେହି ଅମର ଓ ଅବିସ୍ମରଣୀୟ ପ୍ରତିଭା ନିକଟରେ ମୋର କୃତଜ୍ଞ ଶ୍ରଦ୍ଧାଞ୍ଜଳି ନିବେଦନ କରି ମୋର ବକ୍ତବ୍ୟ ଶେଷ କରୁଛି ।

●

Digitized by srujan ka@gmail.com

"ଧୂପ"ର ଧୂସର କବି

ଅଧ୍ୟାପକ ଶ୍ରୀ ବିଭୂତି ପଟ୍ଟନାୟକ

"ନୟନୁ ଯାହାର ଲୋତକ ମୋ ପାଇଁ ବହିଲା
ମୋ' ନୟନେ ସେ ତ ପରମପୂଜ୍ୟା ମହିଳା !"

ଏ ସ୍ୱର୍ଗୀୟବିଭା ମହିଳା କିଏ ? ସେ କଅଣ ଜଣେ ରକ୍ତମାଂସଧାରିଣୀ ମାନବୀ ? ସେ କଅଣ କାମନା, ଲାଳସା, ଈର୍ଷା, ଅସୂୟାର କେହି ଚଳନ୍ତ ପ୍ରତିମା ?

ଉତ୍ତୀର୍ଣ୍ଣ-କୈଶୋରରେ ଏହି ପ୍ରଶ୍ନ ମୋ ମନକୁ ବହୁବାର ଆଲୋଡ଼ିତ କରି-ଥିଲା । ପ୍ରାୟ ତେରବର୍ଷ ତଳେ ରେଭେନ୍‌ସା କଲେଜ ସବୁଜ ପ୍ରାନ୍ତରରେ ଏହି ପ୍ରଶ୍ନର ପ୍ରତିଧ୍ୱନି ଶୁଣିଥିଲି ଏମ୍.ଏ. ଶ୍ରେଣୀର ଶିକ୍ଷାର୍ଥିନୀ ଜଣେ ତରୁଣୀଙ୍କ କଣ୍ଠରେ ।

ସେ ପ୍ରଶ୍ନଟି ପଚାରି, ମୁଁ ଉତ୍ତର ଦେବା ଆଗରୁ ନିଜେ ମନ୍ତବ୍ୟ ଦେଇଥିଲେ, "ଜାଣିନା, ସତରେ ଯଦି କେହି ଏଭଳି ମହିଳା ଥିଲେ, ତାଙ୍କ ପ୍ରତି ମୋର ଆକଣ୍ଠ ଈର୍ଷା ଜାଣିନା, ମୋର ଇଚ୍ଛାହୁଏ ଯଦି ମୁଁ ସେହି ମହିଳା ହୋଇଥାଆନ୍ତି !"

ସେ କଥା ସମ୍ଭବ ନ ଥିଲା । ଭଦ୍ରମହିଳା ମୋ ସହିତ ଯେଉଁଦିନ କଥାବାର୍ତ୍ତା କରୁଥିଲେ, ତାର କୋଡ଼ିଏ ବର୍ଷ ପୂର୍ବରୁ ଅନ୍ତତଃ ସେ ଜନ୍ମ ହୋଇଥିଲେ ତାର କିଛି ସମ୍ଭାବନା ଥିଲା !

ମୁଁ ଭଦ୍ରମହିଳାଙ୍କୁ କିଛି ଉତ୍ତର ନ ଦେଇ 'ଧୂପ'ର କବିଙ୍କୁ ମନେ ମନେ ଈର୍ଷା କରିବାକୁ ଆରମ୍ଭ କରିଥିଲି । କିନ୍ତୁ ମୋ ପ୍ରଶ୍ନର ଉତ୍ତର ମତେ ମିଳିଯାଇଥିଲା ।

'ଧୂପ'ର ନାୟିକା କେହି ବ୍ୟକ୍ତିବିଶେଷ ହୁଅନ୍ତୁ କି ନ ହୁଅନ୍ତୁ, ମାନସିଂହ ତାଙ୍କୁ ନିଜର ସଂବେଦନଶୀଳ ସୃଷ୍ଟି ପ୍ରତିଭା ଦ୍ୱାରା ଜଣେ କାବ୍ୟ-ନାୟିକାରେ ପରିଣତ କରିଦେଇଥିଲେ । 'ଧୂପ'ର ପ୍ରତି ଅନୁରକ୍ତ ପାଠକ ନିଜକୁ ନାୟକ ମନେକରି 'ଧୂପ'ର ଦୃଷ୍ଟିରେ ନିଜର ନାୟିକାର ପ୍ରେମ, ବିରହ-ମିଳନର ଆବେଗ ଅନୁଭବ କରି ପାରୁଥିଲା ବୋଲି 'ଧୂପ' କାବ୍ୟ ସେଦିନ ପ୍ରତି ତରୁଣର ଗୀତା, ବାଇବେଲରେ ପରିଣତ ହୋଇଥିଲା । ଯେଉଁ କବିତାରେ କବି ନିଜର ବ୍ୟକ୍ତି-ଚେତନାକୁ ବ୍ୟଷ୍ଟି-ଚେତନାରେ ପରିଣତ କରିପାରେ ତାହାହିଁ ହେଉଛି ମହତ୍ ସୃଷ୍ଟି ଏବଂ ଏହି କାରଣରୁ 'ଧୂପ' ପ୍ରେମ ଓ ପ୍ରଣୟର ଏକ ମହତ୍ ଗୀତି-କବିତା ସଂକଳନ ।

Digitized by srujan ka@gmail.com

'ଧୂପ' ପୂର୍ବରୁ ଓ ପରେ ଓଡ଼ିଆ ଭାଷାରେ ବହୁ ପ୍ରେମକବିତା ଓ କାବ୍ୟ ରଚିତ ହୋଇଛି । ମାନସିଂହଙ୍କ ନିଜ ଭାଷାରେ, "ଆମ ସାହିତ୍ୟରେ ପ୍ରେମ କବିତାର ଅରଣ୍ୟ ରହିଛି ।" ତାହାହେଲେ କେଉଁ ଗୁଣ ପାଇଁ 'ଧୂପ'ର ମୃଦୁ ମଧୁର ସୁରଭି ସେହି ଅରଣ୍ୟ ଭିତରେ ବହୁ କ୍ଳାନ୍ତ ପାଠକଙ୍କ ଘ୍ରାଣେନ୍ଦ୍ରିୟକୁ ଉତ୍ତେଜିତ କରିଥିଲା ?

ଓଡ଼ିଆ ସାହିତ୍ୟରେ ଆଧୁନିକ ଯୁଗର ଅନୁପ୍ରବେଶ ପୂର୍ବରୁ ନାରୀ ଥିଲା ଜନନୀ, ଭଗ୍ନୀ ଓ ପତ୍ନୀ । ପ୍ରେମିକାର ଅଧିକାର ତାକୁ ମିଳି ନ ଥିଲା । ଯେଉଁ ପରକୀୟା ପ୍ରେମର ଚିତ୍ର ଆମେ ଓଡ଼ିଆ ସାହିତ୍ୟରେ ଦେଖୁ; ତାହା ଗୌଡ଼ୀୟ, ବୈଷ୍ଣବ ଧର୍ମ ଦର୍ଶନର ରାଧାକୃଷ୍ଣଙ୍କ ଅପ୍ରାକୃତ ପ୍ରେମଲୀଳା ମଧ୍ୟରେ ସୀମିତ ଥିଲା । ଭଞ୍ଜଙ୍କ କାବ୍ୟ-ନାୟିକା ଲାବଣ୍ୟବତୀ ବିବାହ ପୂର୍ବରୁ ପ୍ରେମ କରୁଥିଲା ସତ୍ୟ, କିନ୍ତୁ ତାହା ଥିଲା ଚନ୍ଦ୍ରଭାନୁଙ୍କ ପତ୍ନୀତ୍ୱର ପୂର୍ବରାଗ ମାତ୍ର !

ଫ୍ରୟେଡ଼ୀୟ ମନସ୍ତାତ୍ତ୍ୱିକ ବିଶ୍ଳେଷଣର ମାପ କାଠିରେ ମର୍ଣୀରେ ମୂଲ୍ୟାଙ୍କନ କରାଗଲା ପରେ ସବୁଜଯୁଗ ବେଳକୁ ଓଡ଼ିଆ ସାହିତ୍ୟରେ ନାରୀକୁ ପ୍ରେମିକାର ଅଧିକାର ମିଳିଲା । କିନ୍ତୁ ମାନସିଂହଙ୍କ ବହୁ ସମସାମୟିକ ସବୁଜକବି ନିଜର ପ୍ରେମିକାକୁ ରୂପକଥାର ପରୀ ବେଶରେ ଏପରି ଅବଗୁଣ୍ଠନବତୀ କରି ଦେଇଥିଲେ ଯେ, ସବୁଜ କାବ୍ୟ-ନାୟିକା ମାନବୀ କି ମାର୍ବଲର ପ୍ରତିମୂର୍ତ୍ତି, ସେ ବିଷୟରେ ପାଠକର ମନ ସଂଶୟାଚ୍ଛନ୍ନ ହୋଇ ପଡ଼ିଥିଲା ।

ମଧ୍ୟଯୁଗ ପୂର୍ବରୁ କାବ୍ୟ ନାୟିକା ଥିଲେ ଦେବୀ ଅଥବା ଦାନବୀ । ମଧ୍ୟଯୁଗରେ ଦେବୀ-ଦାନବୀଙ୍କ ସହିତ ରାଜକନ୍ୟାମାନେ ହେଲେ କାବ୍ୟ-ନାୟିକା । ଆଧୁନିକ ଯୁଗର ଉଷା-କାଳରେ ପୁରାଣ, ଇତିହାସର ନାୟିକାମାନଙ୍କ ସହିତ ପ୍ରକୃତି ମଧ୍ୟ ଓଡ଼ିଆ କାବ୍ୟରେ ନାୟିକାର ଭୂମିକା ଗ୍ରହଣ କଲା । ସବୁଜ ଯୁଗରେ ଅନ୍ନଦାଶଙ୍କର, ବୈକୁଣ୍ଠ ଓ କିଛି ପରିମାଣରେ କାଳନ୍ଦୀଚରଣ ପ୍ରମୁଖଙ୍କ କବିତାରେ ନାୟିକା ହେଲା ରବୀନ୍ଦ୍ରନାଥଙ୍କ ଭାଷାରେ "ଅର୍ଦ୍ଧେକ କଳ୍ପନା ପୁଣି ଅର୍ଦ୍ଧେକ ମାନବୀ !" ସବୁଜକବି ତାକୁ ମାଟିର ପୃଥିବୀରେ ଭୂମିଷ୍ଠ କଲେ ସିନା ଅତୀନ୍ଦ୍ରିୟ ଭାବାବେଶର ସ୍ୱପ୍ନିଳ କଳ୍ପନାରେ ସେ ନିଷ୍ପ୍ରାଣ ହୋଇଯାଇଥିଲା । ସେମାନେ କେହି ନିଜର ରକ୍ତମାଂସଧାରିଣୀ ପ୍ରେମିକାକୁ କାବ୍ୟ-ନାୟିକା ଭାବରେ ପାଠକ ଆଗରେ ଖୋଲାଖୋଲି ଭାବରେ ଉପସ୍ଥାପିତ କରିବାକୁ ସାହସ କରି ନ ଥିଲେ । କାରଣ ଯେଉଁମାନଙ୍କ ପାଇଁ ସେମାନେ କବିତା ଲେଖୁଥିଲେ, ସେହି ପାଠକଗୋଷ୍ଠୀ ଥିଲେ ଆତ୍ମ-ପ୍ରତାରକ । ସେମାନେ ମନରେ, କାର୍ଯ୍ୟରେ ଥିଲେ ପରକୀୟା-ପ୍ରେମର ପୂଜାରୀ, ବ୍ୟଭିଚାରୀ, କିନ୍ତୁ ମୁହଁରେ, କଥାରେ ଥିଲେ ଏକ ପତ୍ନୀ-ବ୍ରତୀ ଅଥବା ବ୍ରହ୍ମଚାରୀ !

Digitized by srujan ka@gmail.com

ମାନସିଂହଙ୍କ 'ଧୂପ'ର କାବ୍ୟନାୟିକା ସେହିଭଳି ଆତ୍ମ-ପ୍ରବଞ୍ଚନା, କପଟ-ଛଳନା ବିରୁଦ୍ଧରେ ପ୍ରଥମେ ବିଦ୍ରୋହର ଧ୍ୱଜା ଉତ୍ତୋଳନ କରିଥିଲା । ସେ ଦୃଷ୍ଟିରୁ ଓଡ଼ିଆ ସାହିତ୍ୟରେ 'ଧୂପ'ର ନାମହୀନା ନାୟିକା ହେଉଛି ପ୍ରଥମ ବିଦ୍ରୋହିଣୀ ନାରୀ, ଯେ ପ୍ରେମକୁ ପାପ ବୋଲି ଗୋପନ ନ କରି ସଦର୍ପରେ ଚାଲେ ନିଜ ପ୍ରେମିକ ଗଳାରେ ବାହୁ ଛନ୍ଦିବାର ସାହସ କରିଥିଲା ଏବଂ ଉଦାତ୍ତ କଣ୍ଠରେ ନିଜ ପ୍ରେମିକ ପାଖରେ ପଣ କରିଥିଲା—

"ଯେ ନୀଡ଼ ଗଢ଼ିଛୁ ତମ ନୀଡ଼-ସୁଖ ପାଇଁକି
ମତେ ରଖିବାକୁ ପକ୍ଷ ତୁମର ନାହିଁକି ?"
('ଧୂପ'—"ଆଷାଢ଼ ଅଭିସାର")

କବି ଭାବରେ 'ଧୂପ' ମାନସିଂହଙ୍କ ଶ୍ରେଷ୍ଠ କାବ୍ୟକୃତି ନିଶ୍ଚୟ ନୁହେଁ । 'ସାଝି-ବାଣୀ' କବିତାଗୁଚ୍ଛର କାବ୍ୟିକ ଆବେଦନ, 'କମଳ' ସନେଟ-ଶତକର ପରିପକ୍ୱ ଜୀବନ-ଦର୍ଶନ 'ଧୂପ'ରେ ଅନୁପସ୍ଥିତ । କିନ୍ତୁ ଆନ୍ତରିକତାର ନିବିଡ଼-ସ୍ପର୍ଶ, ଗୀତିମୟତା ଏହା ତରୁଣ-ପାଠକ ହୃଦୟକୁ ଏପରି ସହଜରେ ସଂକ୍ରମଣ କରିପାରେ, ଯାହା ଅନ୍ୟତ୍ର ଦୁର୍ଲଭ । ତାଙ୍କୁ ଏଥିପାଇଁ ଯୌବନର କବି ବୋଲି କହି ଯେଉଁ ଚତୁର-ସମାଲୋଚକମାନେ ତାଙ୍କ ସମଗ୍ର-କବି ପ୍ରତିଭାକୁ ଲଘୁ ପ୍ରତିପାଦନ କରିବାକୁ ଚେଷ୍ଟା କରନ୍ତି, ସେମାନେ ପ୍ରକୃତରେ ଜୀବନ କଅଣ ତାହା ଜାଣନ୍ତି ନାହିଁ । 'ଧୂପ' କବିତାର ପ୍ରଭାବ 'ଧୂପ' ପରେ ପ୍ରକାଶିତ ପ୍ରେମ-କବିତା ଗୁଡ଼ିକରେ କେତେ ଅଧିକ, ତାହା ଲକ୍ଷ୍ୟ କଲେ ସେମାନେ ନିଜର ମନ୍ତବ୍ୟର ସଂକୀର୍ଣ୍ଣତା ସହଜରେ ଉପଲବ୍ଧି କରି ପାରିବେ ।

'ଧୂପ'ର ସର୍ବଶେଷ ଭୂମିକାରେ କବି ଉଲ୍ଲେଖ କରିଥିଲେ, "ଯୌବନର ରଙ୍ଗ ନ ଚଷମାରେ ଯେଉଁ ଜଗତ ସ୍ୱପ୍ନପୁରୀ ପରି ପ୍ରତୀତ ହେଉଥିଲା. ଆଜି ତାହା ରୁକ୍ଷ, ନୀରସ ଓ ହାହାକାରମୟ । ଏ କବିତାଗୁଡ଼ିକର ବର୍ତ୍ତମାନ ସଂସ୍କରଣ ପାଇଁ ପ୍ରୁଫ୍ ପଢ଼ିଲାବେଳେ ମନେ ହେଉଥିଲା ସେଗୁଡ଼ିକ ଯେପରି ଅନ୍ୟ କେଉଁ କବି ଦ୍ୱାରା ରଚିତ । ତଥାପି ଏକ ହୃଦୟର ଇତିହାସ ଭାବରେ ଏ ସବୁର ମୂଲ୍ୟ ଥାଇପାରେ ।"

ହଁ, ଧୂପ ରଚିତ ହୋଇଥିଲା ଜଣେ କବିର ବ୍ୟକ୍ତିଗତ ହୃଦୟର ଇତିହାସ ଭାବରେ । ସବୁ ଗୀତି କବିତାର ଜନ୍ମ ଠିକ୍ ଏହିପରି ଭାବରେ ହୁଏ । କିନ୍ତୁ ପ୍ରକାଶିତ ହେଲାପରେ କବିତାର ମହତ୍ତଗୁଣ ଯୋଗୁଁ ଏହା ବହୁ ତରୁଣଙ୍କ ହୃଦୟର ଇତିହାସରେ ପରିଣତ ହୋଇଯାଇଥିଲା ।

Digitized by srujan ka@gmail.com

'ଧୂପ' କବିଙ୍କର ଶେଷ ଇଚ୍ଛା ଥିଲା—

''ଶୁଣିବ ଯେବେ ପ୍ରିୟା ଗୋ ମୋର
ପ୍ରଣୟୀ ତବ ଜଗତେ ନାହିଁ
ଆସିବ ମୋର ଭସ୍ମ ପାଶେ
ଦେବ ହେ ତାରେ ଦେହର ଛାଇ ।
ପାଡ଼ିବ ଯଦି ଭସ୍ମ ପରେ
ପଦ୍ମପାଦ ଗୃହିବ ଧୀରେ
ଜୀବନ ପୁଣି ଲଭିବ ସଖି !
ନିଶ୍ଚୟ ମୁଁ ମରଣ-ତୀରେ ।''

('ପ୍ରେମ ଓ ମୃତ୍ୟୁ')

ଜାଣେନା, 'ଧୂପ'ର ନାୟିକା କେହି ରକ୍ତମାଂସଧାରିଣୀ ମହିଳା କିମ୍ବା ନୁହନ୍ତି । ଏ କଥା ମଧ୍ୟ ମତେ ଜଣାନାହିଁ ସ୍ୱର୍ଗୀୟ କବିଙ୍କ ଚିତାଭସ୍ମ ଉପରେ ସେହି କାବ୍ୟ-ନାୟିକା ନିଜର ପଦ୍ମ-ପାଦ ଗୃହିଛନ୍ତି କି ନାହିଁ ! ଏ ଆତ୍ମ-ପ୍ରବଞ୍ଚକ ସମାଜ ବ୍ୟବସ୍ଥା ଭିତରେ ଏହା ସମ୍ଭବ କି ନୁହେଁ ଏବଂ ଶେଷ ମୁହୂର୍ତ୍ତି ପର୍ଯ୍ୟନ୍ତ କବିଙ୍କର ଏହି ଇଚ୍ଛା ଅପରିବର୍ତ୍ତିତ ରହିଥିଲା କି ନାହିଁ—ତାହା ମଧ୍ୟ ଜାଣିବା ଦରକାର ନାହିଁ । କିନ୍ତୁ ମୁଁ ଏକଥା ଭଲକରି ଜାଣେ, ପ୍ରେମିକ କବିଙ୍କର ସ୍ମୃତିର ଭସ୍ମ, ଯାହା 'ଧୂପ'ର କବିତାଗୁଡ଼ିକରେ ଇତଃସ୍ତତ ବିକ୍ଷିପ୍ତ, ସେହି ସ୍ମୃତିର ପାଉଁଶକୁ ଚନ୍ଦନ ଭଳି 'ଧୂପ'ର ଅଗଣିତ ପାଠକ ପାଠିକା ନିଜ ହୃଦୟରେ ଲେପନ କରିଛନ୍ତି । ବ୍ୟକ୍ତି ଭାବରେ ମାୟାଧର ମାନସିଂହଙ୍କ ମୃତ୍ୟୁ ଘଟିଛି; କିନ୍ତୁ 'ଧୂପ'ର କବି ଦୀର୍ଘକାଳ ପାଇଁ ବହୁ ପାଠକ ପାଠିକାଙ୍କ ହୃଦୟରେ ଭସ୍ମ ତଳର ଅଗ୍ନି ଭଳି ପ୍ରଜ୍ଜ୍ୱଳିତ ହେବେ । ମୃତ୍ୟୁ ସେ ଅଗ୍ନିକୁ ନିର୍ବାପିତ କରି ପାରିବ ନାହିଁ ।

Digitized by srujan ka@gmail.com

କବି ମାନସିଂହଙ୍କର ସଂକ୍ଷିପ୍ତ ଜୀବନୀ

ଶ୍ରୀ ଭଗୀରଥି ନେପାକ

ଗତ ୧୧ । ୧୦ । ୭୩ ସନ୍ଧ୍ୟାବେଳେ, କୁମାର ପୂର୍ଣ୍ଣମୀ ଲଗ୍ନରେ ଓଡ଼ିଶାର ପ୍ରଖ୍ୟାତ ବାଣୀପୁତ୍ର ମାୟାଧର ମାନସିଂହଙ୍କ ଦେହାବସାନ ହୋଇଗଲା ।

ସେ ଥିଲା ଏକ ଦୁର୍ଗମ, ବାତ୍ୟାବିଧ୍ୱସ୍ତ କାଳରାତ୍ରି । ୯ଟା କାଳରାତ୍ରିରେ ଡକ୍ଟର ମାନସିଂହ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ୍ କଲେଜ ହସ୍ପିଟାଲ୍‌ରେ ହଠାତ୍ ହୃଦଯନ୍ତ୍ର କ୍ରିୟା ବନ୍ଦ ହେବା ଫଳରେ ପ୍ରାଣତ୍ୟାଗ କଲେ ।

ତାଙ୍କର ଶାରୀରିକ ଅସୁସ୍ଥତା ସମ୍ବାଦ କୌଣସି ପତ୍ରପତ୍ରିକା ପରିବେଷଣ କରି ନ ଥିଲେ । ତେଣୁ ପରଦିନ ବେତାର କାର୍ଯ୍ୟକ୍ରମର ଆଞ୍ଚଳିକ ସମ୍ବାଦରେ ଯେତେବେଳେ ସର୍ବପ୍ରଥମେ ଘୋଷଣା କରାଗଲା, ଡକ୍ଟର ମାୟାଧର ମାନସିଂହ ଆଉ ନାହାନ୍ତି ବୋଲି ଓଡ଼ିଶାର ପୁରପଲ୍ଲୀର ଅଗଣିତ ଜନତା ସେ ସମ୍ବାଦ ଶ୍ରବଣ କରି ସ୍ତମ୍ଭୀଭୂତ ହୋଇଗଲେ ।

ଓଡ଼ିଶାର କଳା-ସାହିତ୍ୟ-ସଂସ୍କୃତିର ପ୍ରଧାନ ପୃଷ୍ଠପୋଷକ, କବି-ସାହିତ୍ୟିକ-ସମାଲୋଚକ-ଶିକ୍ଷକ-ସାମ୍ବାଦିକ-ସଂସ୍କାରକ-ସଂପାଦକ ଶ୍ରୀଯୁକ୍ତ ମାୟାଧର ମାନସିଂହ ୧୯୦୫ ମସିହାରେ କମନୀୟ ନୀଳାମ୍ବୁ 'ଚିଲିକା' ପରିବେଷ୍ଟିତ, 'ମାଲୁଦ'ର ଏକ ଦରିଦ୍ର ପରିବାରରେ ଜନ୍ମଗ୍ରହଣ କରିଥିଲେ । ତାଙ୍କୁ ଯେତେବେଳେ ମାତ୍ର ଚାରିବର୍ଷ ବୟସ, ସେ ପିତାମାତାଙ୍କର ସ୍ୱର୍ଗୀୟ ବାତ୍ସଲ୍ୟ ସ୍ନେହରୁ ଚିରଦିନ ସକାଶେ ବଞ୍ଚିତ ହୋଇଥିଲେ । ବଡ଼ ବାପା ଓ ବଡ଼ ମା'ଙ୍କ ଉପରେ ତାଙ୍କର ଲାଳନପାଳନ ଭାର ପଡ଼ିଥିଲା ।

ଶିକ୍ଷା :—ଚିଲିକା ପରିବେଷ୍ଟିତ ମାଲୁଦର ସେହି ଗ୍ରାମ୍ୟ ପାଠଶାଳାରେ ସେ ବିଦ୍ୟାରମ୍ଭ କରିଥିଲେ । ଛାତ୍ରାବସ୍ଥାରେ ସେ ବିଭିନ୍ନ ସ୍ତର ଓ ବିଭାଗରେ ନିଜର ଅଲୌକିକ ବିଦ୍ୟାବୁଦ୍ଧିର ପରିଚୟ ପ୍ରଦାନ କରିଥିଲେ । ସେ କ୍ଲାସ ପରୀକ୍ଷାରେ କୃତିତ୍ୱ ସହକାରେ ଉତ୍ତୀର୍ଣ୍ଣ ହୋଇ ବରାବର ବୃତ୍ତିଲାଭ କରି ଆସୁଥିଲେ । ଖୋର୍ଦ୍ଧା ହାଇସ୍କୁଲରୁ ପ୍ରଥମ ଶ୍ରେଣୀରେ ପ୍ରବେଶିକା ପରୀକ୍ଷାରେ ପାଶ୍ କରି ଉଚ୍ଚଶିକ୍ଷା ନିମନ୍ତେ ସେ ରେଭେନ୍‌ସା କଲେଜରେ ନାମ ଲେଖାଇ

Digitized by srujan ka@gmail.com

ଥିଲେ । ଏହି କଲେଜରୁ ଇଂରାଜୀରେ ସମ୍ମାନର ସହିତ ବି. ଏ. ପାଶ୍‌କରି ପାଟନାରେ ଯାଇ ଇଂରାଜୀରେ ଏମ୍. ଏ. ପଢ଼ିଲେ ।

୧୯୩୩ ମସିହାରେ ମାନସିଂହ ଇଂରାଜୀରେ ଏମ୍. ଏ. ପାଶ୍ କଲେ । ସେ ବର୍ଷ ସମଗ୍ର ଓଡ଼ିଶାରୁ ଏମ୍. ଏ., ଏମ୍. ଏସ୍. ସି. ପାଶ୍ କରିଥିଲେ ମାତ୍ର ନଅ ଜଣ ଛାତ୍ର । ମାନସିଂ ଏହି ନଅ ଜଣଙ୍କ ଭିତରୁ ଜଣେ ।

ଜୀବନ ସଂଗ୍ରାମ :—ଏମ୍. ଏ. ପାଶ୍ କରିବା ପରେ ସେ ଓଡ଼ିଶାର ବିଭିନ୍ନ ସ୍କୁଲରେ ଶିକ୍ଷକତା କଲେ । କଳାହାଣ୍ଡିରେ ଶିକ୍ଷକତା କଲାବେଳେ ସୁବିଧା ପାଇ ସେ ବିଲାତ ଯାତ୍ରା କରିଥିଲେ ଓ ଇଂଲଣ୍ଡର ଡରହାମସ୍ ବିଶ୍ୱ-ବିଦ୍ୟାଳୟରୁ ପି. ଏଚ୍. ଡି. ଉପାଧି ନେଇ ଓଡ଼ିଶାକୁ ଫେରି ଆସିଥିଲେ ୧୯୩୯ ମସିହାରେ ।

ବିଲାତ ରହଣୀକାଳ ମଧ୍ୟରେ ସେ ନିଜ ହାତରେ ରାନ୍ଧୁଥିଲେ । ସେଇଠି ଗୋଟିଏ ମାତ୍ର ପୋଷାକରେ ଚଳୁଥିଲେ । ଯେଉଁଦିନ ସେ ପୋଷାକ ସଫା ହୁଏ, ସେଦିନ ବାଧ୍ୟ ହୋଇ ଘର ଭିତରେ ରହୁଥାନ୍ତି । ଏତେ ଅଭାବ ଅସୁବିଧାରେ ଚଳି ମଧ୍ୟ କାଳିଦାସ ଏବଂ ସେକ୍‌ସପିଅର୍‌ଙ୍କ ଉପରେ ଯେଉଁ ପ୍ରବନ୍ଧ ଲେଖିଥିଲେ, ତାହା ଖୁବ୍ ଉଚ୍ଚ ପ୍ରଶଂସିତ ହୋଇଥିଲା ।

ବିଲାତରୁ ଫେରିବା ପରେ ସେ କିଛିଦିନ ପାଇଁ ରେଭେନ୍‌ସା କଲେଜରେ ଅସ୍ଥାୟୀ ନିଯୁକ୍ତି ପାଇଥିଲେ । କିନ୍ତୁ ଭାଗ୍ୟର ବିଡ଼ମ୍ବନା, ସେ ଚାକିରି ତତ୍କାଳୀନ ପବ୍ଲିକ୍ ସର୍ଭିସ୍ କମିଶନର ସଭ୍ୟମାନଙ୍କ ଦ୍ୱାରା ଅନୁମୋଦନ ଲାଭ କଲାନାହିଁ । ମାଟ୍ରିକ୍‌ଠାରୁ ଏମ୍. ଏ. ପର୍ଯ୍ୟନ୍ତ ସବୁ ସ୍ତରରେ କୃତିତ୍ୱ ଓ ବିଲାତରୁ ପି. ଏଚ୍. ଡି. ହାସଲ କରି ଆସିଥିବା ମାନସିଂହଙ୍କୁ ସରକାରୀ ଚାକିରି ମନା ହେଲା । ଏହାପରେ ସଂଗ୍ରାମୀ ମାନସିଂହ ହତୋତ୍ସାହ ନ ହୋଇ ବିଭିନ୍ନ ବେସରକାରୀ ସ୍କୁଲରେ ଶିକ୍ଷକତା କଲେ । ପୂର୍ବ ଭାରତୀୟ ଦେଶୀୟ ରାଜ୍ୟମାନଙ୍କରେ ଶିକ୍ଷା ନିର୍ଦ୍ଦେଶକ ଭାବରେ ସେ କିଛିକାଳ କଟାଇଥିଲେ । ତାପରେ ସେ ଓଡ଼ିଶା ସରକାରଙ୍କ ଶିକ୍ଷା ବିଭାଗରେ ଯୋଗଦେଇ କିଛିକାଳ ଅଧ୍ୟାପକ, ଅଧ୍ୟକ୍ଷ ଓ ଅନ୍ୟାନ୍ୟ ପଦବୀରେ ସମ୍ମାନ ସହ କାର୍ଯ୍ୟକରି ସରକାରୀ ଚାକିରିରୁ ଅବସର ଗ୍ରହଣ କରିଥିଲେ ।

ଯେତେଦିନ ପର୍ଯ୍ୟନ୍ତ ସେ ସମ୍ବଲପୁର ଗଙ୍ଗାଧର ମେହେର କଲେଜରେ ଅଧ୍ୟକ୍ଷତା କରିଥିଲେ, ସେହି ସମୟତକ ତାଙ୍କ ଜୀବନର ଶ୍ରେଷ୍ଠ ସମୟ ବୋଲି ସେ ବାରମ୍ବାର ପ୍ରକାଶ କରିଅଛନ୍ତି ।

Digitized by srujan ka@gmail.com

ଏହାପରେ ଜୀବନ ନାନା ଘାତପ୍ରତିଘାତରେ କଟିଥିଲା । କିଛିକାଳ ପାଇଁ ସେ ଉତ୍କଳ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଓଡ଼ିଆ ଭାଷାରେ 'ବିଶ୍ୱକୋଷ' ସଂକଳନ ଦାୟିତ୍ୱରେ ଥିଲେ । ପୁଣି ତାଙ୍କର ସାହିତ୍ୟିକ ଜୀବନଧାରାର ବ୍ୟତିକ୍ରମ ଭାବରେ ସେ 'ସ୍ୱରାଜ୍ୟ' ଦୈନିକ ସମ୍ବାଦପତ୍ରର ସଂପାଦକ ଦାୟିତ୍ୱ ବହନ କରିଥିଲେ । ଏହି ସମୟରେ ସେ ଭୁବନେଶ୍ୱରରେ ରହୁଥିଲେ ।

ସ୍ୱାସ୍ଥ୍ୟହାନି କାରଣରୁ ସେ ଜୀବନର ଶେଷ କେଇବର୍ଷ ସମସ୍ତ କାର୍ଯ୍ୟରୁ ଅବ୍ୟାହତି ନେଇ ଘରେ ବସି ଲେଖାଲେଖି ଓ ପଢ଼ାପଢ଼ି କରୁଥିଲେ । ସେ କେନ୍ଦ୍ର ସାହିତ୍ୟ ଏକାଡ଼େମୀର ସଭ୍ୟ ଥିଲେ ଏବଂ ୧୯୭୭ ମସିହାରେ ଭାରତ ସରକାରଙ୍କ ଦ୍ୱାରା 'ପଦ୍ମଶ୍ରୀ' ଉପାଧିରେ ଭୂଷିତ ହୋଇଥିଲେ ।

ମୃତ୍ୟୁଶଯ୍ୟାରେ ଶୋଇ ମଧ୍ୟ ସେ ଶେଷ ପର୍ଯ୍ୟନ୍ତ ପଢ଼ାପଢ଼ିରେ ଓ ଲେଖାଲେଖିରେ ବ୍ୟସ୍ତ ଥିଲେ । ଶେଷ ଅବସ୍ଥାରେ ସେ 'ଆଲୋକ' ମାଗାଜିନ୍‌ର ସମ୍ପାଦନା କରୁଥିଲେ । ମୃତ୍ୟୁବେଳକୁ ତାଙ୍କର ବୟସ ହୋଇଥିଲା ୬୮ ବର୍ଷ ।

ବ୍ୟକ୍ତିଗତ ସଂସାର :—ସ୍ୱଳ୍ପବର୍ଷ ବେଳୁ ପିତୃମାତୃହୀନ ମାନସିଂହ ଦାରିଦ୍ର୍ୟ, ଅଭାବ ଅନାଟନ ଭିତରେ ବଢ଼ି, କେବଳ ମାତ୍ର ନିଜର ଯୋଗ୍ୟତା ବଳରେ ହିଁ ଜୀବନରେ ଚରମ ସାଫଲ୍ୟ ଲାଭ କରିଛନ୍ତି ।

ଜୀବନର ନାନା ପ୍ରକାର ଉତ୍ଥାନ ପତନ, ଜୟ ପରାଜୟ ଭିତରେ କବି-ପତ୍ନୀ ହେମଲତା ମାନସିଂହ ତାଙ୍କ ନିକଟରେ ରହି ତାଙ୍କୁ ବଞ୍ଚିବାର ଉତ୍ସାହ ଓ ପ୍ରେରଣା ଯୋଗାଇଥିଲେ । ସେ ଜଣେ ସୁଗୃହିଣୀ ଓ ସୁଲେଖିକା ।

ତାଙ୍କର ତିନିପୁଅ ଓ ଦୁଇ କନ୍ୟା ଅଛନ୍ତି ।

ମୃତ୍ୟୁବେଳେ ତାଙ୍କର ବଡ଼ପୁଅ ବିଶିଷ୍ଟ ବୈଜ୍ଞାନିକ ଡକ୍ଟର ଲଳାଟେନ୍ଦୁ ମାନସିଂହ ଆମେରିକାର 'ନାସା' ଅନୁଷ୍ଠାନରେ ଭୂ-ରସାୟନ ବିଭାଗରେ ଅବସ୍ଥାପିତ ହୋଇ ସେହି ଆମେରିକାରେ ହିଁ ଥିଲେ । ମଧ୍ୟମ ପୁତ୍ର ଶ୍ରୀ ଲଳିତେନ୍ଦୁ ମାନସିଂହ ଯେ କି ସର୍ବଭାରତୀୟ ଆଇ. ଏ. ଏସ୍. ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ, ସେ କାବୁଲସ୍ଥ ଭାରତୀୟ ଦୂତାବାସରେ ଫାଷ୍ଟ ସେକ୍ରେଟେରୀ ଭାବେ କାବୁଲଠାରେ ଏବଂ କନିଷ୍ଠ ପୁତ୍ର ଶ୍ରୀ ଲଲିତେନ୍ଦୁ ମାନସିଂହ, ଆଇ. ଏ. ଏସ୍. ଗୁଜୁରାଟରେ ଥିଲେ । ତାଙ୍କର କନିଷ୍ଠ ପୁତ୍ର ମଧୁ ମଧ୍ୟ ଜଣେ ଆଇ. ଏ. ଏସ୍. ଏବଂ ମଧ୍ୟମା ପୁତ୍ରବଧୂ ସୋନାଲ ମାନସିଂ ନୃତ୍ୟ ଶିଳ୍ପୀ ଭାବେ ଆନ୍ତର୍ଜାତିକ ପ୍ରତିଷ୍ଠା ଅର୍ଜନ କରିଅଛନ୍ତି ।

Digitized by srujan ka@gmail.com

ଜ୍ୟେଷ୍ଠା କନ୍ୟା ଶ୍ରୀମତୀ ଭକ୍ତେଦତା ଆକାଶବାଣୀର ଜଣେ ପଦସ୍ଥ ଅଫିସରଙ୍କୁ ବିବାହ କରିଅଛନ୍ତି ।

ତାଙ୍କର କନିଷ୍ଠା କନ୍ୟା ସଂଘମିତ୍ରା ଖାନ୍‌ନଗର ଶ୍ମଶାନରେ ତାଙ୍କ ଚିତାରେ ଅଗ୍ନି ସଂଯୋଗ କରିଥିଲେ ।

ଶେଷାବସ୍ଥାରେ ସେ ପତ୍ନୀ ହେମଲତା ଓ କନ୍ୟା ସଂଘମିତ୍ରାଙ୍କର ସେବା ଶୁଶ୍ରୂଷା ଲାଭ କରୁଥିଲେ ।

ଶେଷ ଜୀବନରେ କବି ମାନସିଂହ ବୌଦ୍ଧଧର୍ମ ପ୍ରତି ଆକୃଷ୍ଟ ହୋଇ ନିଷ୍ଠାପର ଭାବରେ ବୁଦ୍ଧଙ୍କ ପ୍ରଦର୍ଶିତ ମାର୍ଗରେ ଜୀବନ ଅତିବାହିତ କରି ଆସୁଥିଲେ । ସେ ଯଥାର୍ଥରେ କାୟମନୋବାକ୍ୟରେ ସତ୍ୟ ଓ ସୁନ୍ଦରର ଉପାସକ ଥିଲେ ।

ସାହିତ୍ୟ :— ଛାତ୍ର ଜୀବନରୁ ଆରମ୍ଭ କରି ଶେଷନିଶ୍ୱାସ ତ୍ୟାଗ ପର୍ଯ୍ୟନ୍ତ ମାନସିଂହ ସାରସ୍ୱତ ସେବାରେ ହିଁ ଆତ୍ମନିୟୋଗ କରିଥିଲେ । ଇଂରାଜୀ ଓଡ଼ିଆ ଉଭୟ ଭାଷାରେ ତାଙ୍କର ବିଚକ୍ଷଣ ଦକ୍ଷତା ଥିଲା ।

ଇଂରାଜୀ ଭାଷାରେ "The Saga of the Land of Jagannath" ତାଙ୍କର ଅନ୍ୟତମ ଅବିନଶ୍ୱର କୀର୍ତ୍ତି । କବି ନିଜେ ତାଙ୍କ କବିତାବଳୀରୁ ଉଦ୍‌ଧୃତ କରି ୨୫ଟି କବିତା ଇଂରାଜୀରେ ଅନୁବାଦ କରି 'Ripples of the Mahanadi' ନାମରେ ପ୍ରକାଶ କରିଥିଲେ ।

ତାଙ୍କ ଶେଷ ଜୀବନର ସର୍ବଶ୍ରେଷ୍ଠ ରଚନା ହେଲା 'ସରସ୍ୱତୀ ଫକୀର-ମୋହନ' ଗ୍ରନ୍ଥ ।

କବି ମାନସିଂହ କେବଳ ଜଣେ ବ୍ୟକ୍ତି ନ ଥିଲେ, ସେ ଥିଲେ ଏକ ଅନୁଷ୍ଠାନ । ତାଙ୍କ ବିୟୋଗରେ ଓଡ଼ିଆ ଜାତି, ଓଡ଼ିଆ ସାହିତ୍ୟର ଅପୂରଣୀୟ କ୍ଷତି ଘଟିଲା ।

Digitized by srujan ka@gmail.com

ସାଧନାର ସମାଧି

ଡକ୍ଟର ଚୌଧୁରୀ ହରପ୍ରସନ୍ନ ମିଶ୍ର

ଡକ୍ଟର ମାୟାଧର ମାନସିଂହ ଏବେ ଆଉ ଇହଧାମରେ ନାହାନ୍ତି । ଏହା ଭାବିଲାବେଳେ ଅନେକ ପୁରୁଣା ସ୍ମୃତି ମୋର ମନେ ପଡ଼େ । କିଛିଦିନ ପାଇଁ ମୁଁ ଡକ୍ଟର ମାନସିଂହଙ୍କ ଘର ନିକଟରେ ମୋର ଭଉଣୀଙ୍କ ଘରେ ରହୁଥାଏ । ପ୍ରତ୍ୟେକ ଦିନ ତାଙ୍କ କର୍ମରତ ଜୀବନର ସାଧନା ସମସ୍ତଙ୍କ ମନରେ ତାଙ୍କପ୍ରତି ଶ୍ରଦ୍ଧା ଓ ସ୍ନେହର ଭାବଧାରା ଜନ୍ମାଇ ଆସିଛି । ଆଜି ସେହି ସାଧନା ଓ ସାଧକର ଅଭାବ ପ୍ରତ୍ୟେକ ମୁହୂର୍ତ୍ତରେ ଉପଲବ୍ଧି ହୁଏ । ସେମାନଙ୍କର ଜୀବନ ଶଯ୍ୟା ବା ନୂତନ ସାମାଜିକ ନ୍ୟାୟର ସ୍ଥାନ ନ ଥିଲା । ସେମାନେ ସମାଜକୁ ଯେଉଁ ସାଧନାର ହସ୍ତ ଦେଇ ଯାଇଛନ୍ତି, ତାହା ଆମ ସାମାଜିକ ଜୀବନର ଅମୂଲ୍ୟ ସମ୍ପଦ ହୋଇ ରହିବ । କିନ୍ତୁ ଆଜିକାଲିକାର ମୂଲ୍ୟବୋଧ ସେହି ଭାବଧାରା ଓ ପ୍ରେରଣାକୁ ସମାଧି ନ ଦେଲେ, ଆମ ସମାଜ ପ୍ରତି ଭଗବାନଙ୍କର ଅଶେଷ ଦୟା ଅଛି ବୋଲି ବୁଝିବାକୁ ହେବ । ଭଗବାନଙ୍କଠାରେ ପ୍ରାର୍ଥନା, ଡକ୍ଟର ମାନସିଂହଙ୍କ ସ୍ମୃତି ଏ ଜାତିପ୍ରତି ଚିରନ୍ତନ ପ୍ରେରଣାଦାୟକ ହୋଇ ରହୁ ।

●

Digitized by srujan ka@gmail.com

ସେ ସ୍ମୃତି ଅମ୍ଳାନ, ସେ ଦାନ ଅବିସ୍ମରଣୀୟ

ଶ୍ରୀମତୀ ମନୋରମା ମହାପାତ୍ର

କବି ଚାଲିଗଲେ । ଓଡ଼ିଆ ସାହିତ୍ୟର ଯୁଗପ୍ରବର୍ତ୍ତକ ମାନସିଂହ ଚାଲିଗଲେ । କୁମାର ପୂର୍ଣ୍ଣିମା । ଆକାଶରେ ସେ ଦିନ ନ ଥିଲା ଜହ୍ନ । ଚାରିଦିଗ ଆଚ୍ଛନ୍ନ କରି ଆକାଶରେ ଥମ ଥମ ହୋଇଥିଲା ଘନ କଳା ମେଘମାଳା, ଆଶୁ ବିପର୍ଯ୍ୟୟର ସଙ୍କେତ ବହନ କରି । ପୁଣି ବେଳେ ବେଳେ ଆକାଶ ଫାଟି ଝରିପଡୁଥିଲା ବୁକୁଫଟା କାନ୍ଦଣା । ସମଗ୍ର ବାତାବରଣରେ ଭରିଥିଲା ବିଷାଦର ରେଣୁ ବିନ୍ଦୁ ବିନ୍ଦୁ ହୋଇ । ଆଉ ଠିକ୍ ଏତିକିବେଳେ ଉତ୍କଳ ସାହିତ୍ୟାକାଶର ଉଜ୍ଜ୍ୱଳ ନକ୍ଷତ୍ର ଉତ୍କଳର ମାୟାଧର ମାନସିଂହ ଅପସରି ଗଲେ, ଧରଣୀରୁ ଶେଷ ବିଦାୟ ନେଇ । ଏହି ଦୁର୍ବିସହ ରାତି, ଘନଘଟା, ବୃଷ୍ଟିଧାରା—ଅଶୁଭ ସଙ୍କେତର ପରିଣତି ଆଖି ଆଗରେ ଘଟିଗଲା—ଗୋଟାଏ ଯୁଗର ଅବସାନ ହେଲା । ପରମପ୍ରିୟ ବନ୍ଧୁଜନ ବନ୍ଦିତ କବି ଉତ୍କଳକୁ ନିଃସ୍ୱ କରି ଚାଲିଗଲେ ।

ଏକାନ୍ତ ସ୍ପର୍ଶକାତର, ଦରଦୀ, ମମତାରେ ଉଦ୍‌ବେଳିତ, କରୁଣାରେ ଅଭିଷିକ୍ତ ଏକ ମହାନ ପ୍ରାଣ, ଯିଏ କବିତାର ପ୍ରତି ଛନ୍ଦରେ ବୁଣି ଦେଇପାରୁଥିଲେ ଆପଣା ଅନ୍ତରର ଅଫୁରନ୍ତ ଐଶ୍ୱର୍ଯ୍ୟ, ପ୍ରଜ୍ଞାର ଆଲୋକରେ ଆଲୋକିତ କରୁଥିଲେ କୋଟି ଅନ୍ତର, ଲକ୍ଷ ଲକ୍ଷ ଅନ୍ତରର ବେଦନାକୁ ଆପଣାର ବେଦନା ବୋଲି ଗୁଢ଼ ତଳେ ଚାପି ଧରି କାବ୍ୟରେ ନିଗିଡ଼ାଇ ଦେଇପାରୁଥିଲେ, ଯାହାଙ୍କର ପ୍ରାଣ ପ୍ରାଚୁର୍ଯ୍ୟର ଅକ୍ଷୟ ଅମ୍ଳାନ ସ୍ୱାକ୍ଷର ତାଙ୍କର ପ୍ରତି ସୃଷ୍ଟିରେ, ପ୍ରତି କାବ୍ୟରେ ସୁସ୍ପଷ୍ଟ । ସେହି ପରମ ପ୍ରେମିକ କବି ଆଜି ସବୁଦିନ ପାଇଁ ଆମ୍ଭଠାରୁ ଦୂରକୁ ଚାଲିଗଲେ । ଏକ ମହାନ ସାରସ୍ୱତ ପ୍ରତିଭାର ଅନ୍ତିମ ଶୟନ !!!

ତାଙ୍କର ଅମର ଉର୍ଜ୍ଜସ୍ୱଳ ଲେଖନୀରୁ ସେହି ଛନ୍ଦମଧୁର ପ୍ରାଣସ୍ପର୍ଶୀ ରସପ୍ଳୁତ କବିତାଧାରା ଆଉ ଝରିବ ନାହିଁ । ମାତ୍ର ତାଙ୍କର ସାର୍ଥକ ସୃଷ୍ଟି— ଅଜସ୍ର କବିତାଗୁଚ୍ଛ, ନାଟକ, ସାହିତ୍ୟ, ଶିକ୍ଷା, ସମାଲୋଚନାର ଅମ୍ଳାନ କାନ୍ତି କିନ୍ତୁ ଚିରଦିନ ଝଟକୁଥିବ— ଅନୁରଣିତ ହେଉଥିବ ଯୁଗ ଯୁଗ ଧରି ପ୍ରତି ସାହିତ୍ୟପ୍ରେମୀର କର୍ଣ୍ଣକୁହରରେ । ଉତ୍ତରପୁରୁଷଙ୍କୁ ଦେଉଥିବ ବଞ୍ଚିବାର ପାଥେୟ !

Digitized by srujan ka@gmail.com

ମନସ୍ୱିନୀ, ପ୍ରାଣନଗିଡ଼ା, ଏକାନ୍ତ ସରସ ମଧୁମୟ ପ୍ରେମ କବିତାର ହୃଦୟତନ୍ତ୍ରୀକୁ ସଜଳ ସ୍ପର୍ଶ, ପୁଣି ଦେଶପ୍ରୀତିର ମହନୀୟତାରେ ପ୍ରଜ୍ୱଳିତ ଆଗ୍ନେୟ ବାଣୀର ପରିଧି ଦୀପ୍ତି, ଆହୁରି ଜୀବନର ଅପରାହ୍ନରେ ବୁଦ୍ଧଙ୍କର ଅହିଂସାମନ୍ତ୍ରରେ ଅନୁପ୍ରାଣିତ ଗୁଣି ଭିକ୍ଷୁ ଜୀବନର ଧର୍ମପରିପ୍ଲୁତ ଅପୂର୍ବ ଉପଲବ୍ଧିର ଗମ୍ଭୀର ଧ୍ୱନି—ମଧୁର ବର୍ଣ୍ଣନା—ସବୁର ପରିସମାପ୍ତି ଘଟିଲା । ଏହି ଚିରଯଶସ୍ୱୀ କବି ମାନସିଂହ ପ୍ରତି ଶ୍ରେଣୀର ପାଠକ ପାଠିକାଙ୍କୁ ମୁଗ୍ଧ କରିପାରିଥିଲେ । ତାଙ୍କ ତରୁଣ ବୟସର ରଚନା ଧୂପ, ହେମଶସ୍ୟ, ପ୍ରେମଶଶୀ, ଜୀବନଚିତା ଆଜି ମଧ୍ୟ କୋଟି କୋଟି ତରୁଣ ତରୁଣୀ ପାଠକଗଣ ଉଦ୍ବେଳିତ ହୁଅନ୍ତି । ରସର ଅଫୁରନ୍ତ ସାଗରରେ ଅବଗାହନ କରି ଏହି ଛନ୍ଦଗୁରୁଙ୍କ ବନ୍ଦନା କରନ୍ତି ପରମ ଶ୍ରଦ୍ଧାରେ । ତାଙ୍କର ସାଧବଝିଅ, କେମା, କୋଣାର୍କର ଛନ୍ଦମଧୁର ନିବିଡ଼ ସରସ କବିତା କଲ୍ଲୋଳରେ ଭାସି ଭାସି ଏ ପ୍ରାନ୍ତ ମଣିଷ ଦରଦୀ ପ୍ରାଣର ସ୍ପର୍ଶ ପାଇବା ସଙ୍ଗେ ସଙ୍ଗେ ଦେଖେ ଏ ଦେଶର ପ୍ରାଚୀନ ସଂସ୍କୃତିକୁ, ପରମ୍ପରାକୁ, ଉତ୍କଳର ନୌବାଣିଜ୍ୟର ପରାକାଷ୍ଠାକୁ । ପୁଣି ଆବିଷ୍କାର କରେ ଉତ୍କଳୀୟଙ୍କର ସୁଦୂର ସ୍ୱର୍ଣ୍ଣଦ୍ୱୀପରେ ବସତି ସ୍ଥାପନ କରିବା ମୂଳରେ ନିହିତ ଥିବା ସୂକ୍ଷ୍ମ ସୂତ୍ରକୁ । ଅପୂର୍ବ ସେ ଅନୁଧ୍ୟାନ—ପ୍ରୀତିର ବନ୍ଧନରେ ବାନ୍ଧିଦେଲା ସାଧବପୁଅକୁ ବିଦେଶ ଭୂଇଁର ସରଳାବାଳା— Brain drain (ବୁଦ୍ଧି ନିଃସରଣୀ)ର ଏକାନ୍ତ କୋମଳ ଅନବଦ୍ୟ ବିଶ୍ଳେଷଣ, କାରଣ ନିର୍ଣ୍ଣୟ ! ଭାବମୟ, ପ୍ରାଣସ୍ପର୍ଶୀ, କାନ୍ତ, ମଧୁର ପଦାବଳୀର କଳକଳ ଛଳଛଳ ଝରଣା ସମ ସାବଲୀଳ ସେ ଭାଷା'ର ତରଙ୍ଗ । ଖାଲି ଅନୁଭବ କରିହୁଏ । ହୃଦୟକୁ ଅଭିଭୂତ କରେ । ଅଖଣ୍ଡ ଆନନ୍ଦ ପରିବେଷଣ କରେ ପ୍ରତି ପାଠକଙ୍କୁ ! ଅତୁଳନୀୟ ଅବିସ୍ମରଣୀୟ ସେ ଦାନକୁ ଏ ଜାତି ଭୁଲିବ କେମିତି ? ସେ ଦାତାଙ୍କୁ ବା ପାଶୋରିବ କିଭଳି !

ପୁଣି ସେହି ଲେଖନୀରେ ଝଙ୍କୃତ ହୋଇଛି ଆଗ୍ନେୟବାଣୀ । ପ୍ରକୃତ ପୂଜାରୀ ପରମ ପ୍ରେମିକ-କବି-ଅଫୁରନ୍ତ ସୌନ୍ଦର୍ଯ୍ୟ ମଧ୍ୟରେ ଦେଖିପାରିଛନ୍ତି ଉତ୍କଳ ସନ୍ତାନର ଅନ୍ନର ଅଭାବ, ଦୁର୍ଭିକ୍ଷର କରାଳରୂପ, ଅତୀତ ଉତ୍କଳର ଗୌରବୋଜ୍ଜ୍ୱଳ ଅଧ୍ୟାୟକୁ ମର୍ମସ୍ପର୍ଶୀ ଭାଷାରେ ସ୍ମରଣ କରାଇ ବୁକୁର ଧାର ଧାର ରକ୍ତରେ ଅଭିଷିକ୍ତ କରି ରଚନା କରିଛନ୍ତି— ମହାନଦୀରେ ଜ୍ୟୋତ୍ସ୍ନାବିହାର— ଗୋପପ୍ରୟାଣ— ଆହୁରି ଅନେକ ଅନେକ ଅକ୍ଷୟ ଅବଦାନରେ ଉତ୍କଳ ବାଣୀଭଣ୍ଡାର ଭରିଦେଇଛନ୍ତି । ଆଉ ଭରି ଦେଇଛନ୍ତି କୋଟି ଅନ୍ତର କାବ୍ୟାମୃତରେ ! ଏ ଅନବଦ୍ୟ କାବ୍ୟସମ୍ଭାର ରକ୍ତସ୍ରୋତରେ ପ୍ରବାହିତ କରାଏ ସ୍ୱଦେଶପ୍ରୀତି— ଝଙ୍କୃତ କରେ ଆତ୍ମଶକ୍ତି । ଅନ୍ତରର ସ୍ତରେ ସ୍ତରେ ଖେଳାଇଦିଏ ଏକ ସର୍ବତ୍ୟାଗୀ ବାସନା । ଦେଶ ପାଇଁ ଜାତି ପାଇଁ ଜୀବନକୁ ବଳି ଦେବାପାଇଁ ଏକ ଅଖଣ୍ଡ ଦୁର୍ବାର ପିପାସାରେ କଣ୍ଠନଳୀ ଜଳି ଜଳି ଯାଏ । ଚିତ୍ତ ଉଦ୍‌ବେଳିତ ହୁଏ, ଭାବ ବିହ୍ୱଳ ହୁଏ !

Digitized by srujan ka@gmail.com

"ବୁଦ୍ଧମ୍ ଶରଣମ୍ ଗଚ୍ଛାମି, ସଂଘମ୍ ଶରଣମ୍ ଗଚ୍ଛାମି" ବୌଦ୍ଧିକ ଚିନ୍ତାଧାରାରେ ପରିପକ୍ୱ କବି ଜୀବନର ଅପରାହ୍ଣରେ ସଂବେଦ୍ୟ ଓ ପ୍ରଜ୍ଞା ଅନ୍ୱେଷଣରେ ଆତ୍ମନିବେଦିତ ହୋଇଛନ୍ତି । ପ୍ରବୀଣ କବିଙ୍କ ଲେଖନୀରୁ ଝରିଛି ଯେଉଁ ଆଧ୍ୟାତ୍ମିକ ଚେତନାଭରା ଗମ୍ଭୀର ସନ୍ଦେଶ—ମୁକ୍ତିର ବାର୍ତ୍ତା—ନିକଷ ଉପଲବ୍ଧି, ଶିଳ୍ପ ସ୍ୱରୂପିରେ ସେ ରଚନାବଳୀ ଏକକ, ସ୍ୱତନ୍ତ୍ର ମହିମାରେ ସମୁଜ୍ଜ୍ୱଳ । କ୍ଷମା, କରୁଣା ବୈରାଗ୍ୟର ପ୍ରତିଧ୍ୱନିତ ! ବାଣୀ ଦ୍ରଷ୍ଟା, ତତ୍ତ୍ୱଦର୍ଶୀ କବି ମାନସିଂ ସବୁ ଶ୍ରେଣୀର ପାଠକ ଚିତ୍ତକୁ ଜୟ କରିବାର ଅପୂର୍ବ ଅଲୌକିକ ପ୍ରତିଭାର ଅଧିକାରୀ । ଏ କବିତା ତୋଳେ ହୃଦୟ ତଟରେ ବାଜେ କଳକଳ ନାଦରେ ଝଂକୃତ ହୁଏ । କବି ଓ ପାଠକର ଅନ୍ତର ଏକାକାର ହୋଇଯାଏ ଅନୁଭୂତିର ସ୍ପନ୍ଦନରେ, ଉପଲବ୍ଧିର ଐକ୍ୟରେ, ପରମ ପ୍ରାପ୍ତିର ଅନାବିଲ ଆନନ୍ଦରେ । ଏଭଳି ସ୍ରଷ୍ଟାଙ୍କୁ ଆମେ ଭୁଲିବୁ କିପରି ? ଏ ସଂପଦ ଆମେ ଯେ ଅନନ୍ତ କାଳଧରି ସାଇତି ରଖିବୁ ବୁକୁତଳେ । ସ୍ମୃତିର ଗନ୍ତାଘରେ ପରମ ଆଦରରେ ! ସମୟର ବାଲୁକାରେ ସେ ପଦଚିହ୍ନଗୁଡ଼ିକର ଚିହ୍ନ ଅନୁସରଣ କରି ଗତି କରିବାକୁ ଅନ୍ତ ଆତ୍ମା ମୋ ଝଳବଳ ହେବ—ଉଦ୍‌ବେଳିତ ହେବ । ସେ ଅପୂର୍ବ ଶବ୍ଦ ଯୋଜନା, ଅନବଦ୍ୟ ଛନ୍ଦ, ଅନୁପମ ଭାଷାର ଜାଲରେ ଯେ ବନ୍ଦୀ ହୋଇଛି, ସେ ଯେ ଦୁଷ୍ପ୍ରାପ୍ୟ ସଂପଦର ଅଧିକାରୀ ! ମୃତ୍ୟୁଞ୍ଜୟୀ କବି ମାନସିଂ ବଞ୍ଚି ରହିବେ ଚିରକାଳ, ଲକ୍ଷ ଲକ୍ଷ ବିମୁଗ୍ଧ ପାଠକ ପାଠିକା ଚିତ୍ତରେ ।

କୈଶୋରରେ ଏହି ଅପରୂପ ଶିଳ୍ପକୃତି, ଅନବଦ୍ୟ ରଚନା ମତେ ଅଭିଭୂତ କରିଥିଲା । ତାଙ୍କ କବିତାର ପ୍ରତି ପଂକ୍ତି ମୋର କଣ୍ଠସ୍ଥ ! ଅପଟୁ ହାତରେ ମୁଁ ଧରିଥିଲି କଲମ । ଦୁଇ ଛନ୍ଦ-ଗୁରୁଙ୍କର ଛନ୍ଦର ଲହରୀରେ ଆତ୍ମହରା ହୋଇ—ଜଣେ ମାନସିଂହ—ଅନ୍ୟ ଜଣେ ଗଡ଼ନାୟକ । ସେ ଦୁହିଁଙ୍କୁ ପ୍ରଣାମ କରି ମୁଁ ଛନ୍ଦ କବିତା ଲେଖିବାକୁ ପ୍ରୟାସ କଲି ! ମନରେ ଏକ ଅଙ୍କୁର ଆଶା—ଏ କବିତାର ପାଣ୍ଡୁଲିପି ସଂଶୋଧନ କରି ଦଅନ୍ତେକି ମୋର ପରମ ପୂଜ୍ୟ ବରେଣ୍ୟ କବି ମାନସିଂହ ? ମୋର ପ୍ରଥମ କବିତାଗୁଚ୍ଛର ପାଣ୍ଡୁଲିପି ଅତି ଭୟରେ, ଏକାନ୍ତ ସନ୍ତର୍ପଣରେ, ପରମ ଆଗ୍ରହରେ ଅର୍ପଣ କରିଥିଲି କବି ମାନସିଂହଙ୍କ ହାତରେ—ସଂଶୋଧନ କରିବା ପାଇଁ । ସେ ମୋ ଜୀବନର ଏକ ଅଭୁଲା ଦିନ ! ଆଜି ସେ ସ୍ମୃତି ହୃଦୟକୁ ବ୍ୟଥିତ କରୁଛି । ସେହି ସ୍ନେହମୟ ବାଣୀ ଅନୁରଣିତ ହେଉଛି ।

ମତେ ସାହସ ଦେଇଥିଲେ କବି ଦୁର୍ଗାମାଧବ ମିଶ୍ର । ସଂଶୋଧନ, କବି ମାନସିଂ ନିଶ୍ଚୟ କରିଦେବେ ଆଗ୍ରହରେ— ସେ ଅପୂର୍ବ— ଆପଣ ଭୁଲନ୍ତୁନା—

Digitized by srujan ka@gmail.com

ଦେଖିବେ । ୧୯୫୮ ମସିହାର ଘଟଣା ! ଏହି ସୌମ୍ୟକାନ୍ତ ଉଦାର କବିଙ୍କୁ ପ୍ରଥମ ଥର ପାଇଁ ଏତେ ନିକଟରୁ ଦର୍ଶନ କରିବାର ସୁଯୋଗ ପାଇଲି । ଥୋଇଆ-ସାହିର ସାମ୍ନା ବାରଣ୍ଡାରେ ସେ ବସିଥିଲେ, ସମ୍ମୁଖରେ ବହିସ୍ତୁପ, ଅଧରରେ ସେହି ଅପୂର୍ବ ହାସ୍ୟରେଖା—ତୁଳନା ନାହିଁ । ସବୁ ଶୁଣି ସେ ହସିଲେ । କବିତା "କୁଆର ଯେଉଁଠି ଉଠେ" ସେ ସଂଶୋଧନ କରିବେ । ଛନ୍ଦର ତ୍ରୁଟି ? ଆରେ—ଯେ ଏ କୁଆର, ଏଥିରେ ଏଣ୍ଡୁବେଣ୍ଡୁ ବସି ଆସିବ ଯେ— ସେ ହସିଲେ—ସେହି ଉଦାର ପ୍ରଶାନ୍ତ, ପ୍ରାଣମୟ ହସ । ଯାହା ମନ ଭରିଦିଏ ଶ୍ରଦ୍ଧାରେ, ଭକ୍ତିରେ, ଅନାବିଳ ଆନନ୍ଦରେ ! ତାଙ୍କର ସେ ଆଗ୍ରହ, ସ୍ନେହଭରା ଉପଦେଶ, ଛନ୍ଦଜାତ ତ୍ରୁଟିର ସୂଚନା, କାଳିଦାସଙ୍କ ରଚନାର ଉଦ୍ଧୃତି, ଅସାଧାରଣ ପ୍ରତିଭାଦୀପ୍ତ ବିଶ୍ଳେଷଣ ସର୍ବୋପରି କବିସୁଲଭ ସହାନୁଭୂତି ମତେ ଦେଇଥିଲା ସାହସ, ଅନୁପ୍ରେରଣା ! ସଂସ୍କୃତ ସାହିତ୍ୟ-ପ୍ରୀତି ଜାଗ୍ରତ କରିଥିଲା—ପଠନର ସ୍ପୃହା, ଜ୍ଞାନ ଲିପ୍ସା ଆହୁରି ପ୍ରବଳତର ହେଲା ସେ ମହନୀୟ ବ୍ୟକ୍ତିତ୍ୱ ତଥା କବିପ୍ରତିଭାର ସଂସ୍ପର୍ଶରେ ଶ୍ରୀଯୁକ୍ତା ହେମଲତା ମାନସିଂହଙ୍କର ଅଫୁରନ୍ତ ସ୍ନେହ ଉତ୍ସାହ, କବିଙ୍କର ସ୍ନେହସିକ୍ତ ଉପଦେଶ, ଅନାବିଳ ଅପରୂପ ହାସ୍ୟଧାର । ମୋ ମନରୁ ନୈରାଶ୍ୟକୁ ଦୂରେଇ ନେଇଥିଲା । ମୋ ଆଗରେ ଉନ୍ମୋଚିତ ହେଲା ଏକ ଅପୂର୍ବ ଦ୍ୱାର···ଜ୍ଞାନ ଭଣ୍ଡାରର ଲୋଭନୀୟ ଦ୍ୱାର ଦେଖି ମୁଁ ବିମୁଗ୍ଧ ହୋଇ ଦେଖିଲି । ମୋର ପ୍ରଥମ ସାହିତ୍ୟ ସୃଷ୍ଟିକୁ ଲୋକଲୋଚନକୁ ଆଣିବାରେ ସହାୟତା କରିଥିଲେ ମୋର ପରମ ପୂଜ୍ୟ କବି ମାନସିଂହ ! ତାହା ମୁଁ ଭୁଲିବି କିପରି ? ପ୍ରଥମ କବିତା ପୁସ୍ତିକା ପ୍ରକାଶନ ପରେ ପ୍ରଥମ ପୁସ୍ତକ ମୁଁ ତାଙ୍କ ହସ୍ତରେ ଦେଇ—ପାଦଛୁଇଁ ପ୍ରଣାମ କଲି । ଯାହାଙ୍କର ଅନୁପ୍ରେରଣା ମୋର ଶ୍ରେଷ୍ଠ ସୃଷ୍ଟିକୁ ସାର୍ଥକ କରିଛି ତାଙ୍କର ଆଶୀର୍ବାଦ ଯେ ମୋର ସାରସ୍ୱତ ସାଧନା ପଥର ଏକାନ୍ତ ପାଥେୟ । ସେ ଆଶୀର୍ବାଦ କଲେ । ମମତାଭରା ଆଖି ଛଳଛଳ ହେଲା—ଅଧରରେ ସେହି ଅମ୍ଳାନ ଚିରନ୍ତନୀ ହସ ! 'ଏ ବହି ହୁଏତ ବିକି ହେବନାହିଁ । କିନ୍ତୁ ନିରାଶ ହେବନି । ଆହୁରି ଲେଖିବ । ଆହୁରି ପଢ଼ିବ । ସାଧନା—ଏ ପଥ ଏମିତି । ତୃପ୍ତି ମିଳିବ—ପରିଶେଷରେ ।'

ଏହାପରେ ବହୁବାର ତାଙ୍କୁ ଦେଖିଛି, ଆଳାପ କରିଛି । ଆଲୋଚନା କରିଛି । ଉପଦେଶ ମାଗିଛି । ସ୍ନେହମୟ, ଭାବବିହ୍ୱଳ ପ୍ରତିଭା ନିକଟରେ ନତମସ୍ତକ ହୋଇଛି । ସେ ମତେ ଉତ୍ସାହିତ କରିଛନ୍ତି । ମୋର ସାମାନ୍ୟ କୃତିତ୍ୱରେ ମତେ ଅଭିନନ୍ଦନ ଜଣାଇଛନ୍ତି, ଆଶୀର୍ବାଦ କରିଛନ୍ତି । ବିଭିନ୍ନ ବହି, ସଂସ୍କୃତ ସାହିତ୍ୟ ପଢ଼ିବାକୁ ଉପଦେଶ ଦେଇଛନ୍ତି । ସେ ଅସୁସ୍ଥ ହୋଇଥିଲେ । ଖବର ପାଇଲି ମାତ୍ରେ ପ୍ରତି ଥର ମୁଁ ଯାଇଛି, ଦର୍ଶନ ନିମନ୍ତେ । ମାତ୍ର ସେ ଶେଷ ବିଦାୟ ନେଇ

Digitized by srujan ka@gmail.com

ଚାଲିଗଲେ । ମୁଁ ତାଙ୍କୁ ଦେଖି ପାରିଲି ନାହିଁ । ମହାନିଦ୍ରାରେ ଶାୟିତ ସେ ସୌମ୍ୟରୂପକୁ ଦେଖିଲି—ସେହି ପରମ ପୂଜ୍ୟ କବିଙ୍କୁ ହରାଇ ଆଜି କେତେ ସ୍ମୃତି ଜାଗ୍ରତ ହେଉଛି । କଣ୍ଠ ବାଷ୍ପରୁଦ୍ଧ ହେଉଛି—ତଥାପି ସେହି ମହାନ୍ ଆତ୍ମା—ସେ କବିପ୍ରତିଭା ଉଦ୍ଦେଶ୍ୟରେ ବିନମ୍ର ପ୍ରଣତି ଢାଳି ମୁଁ କହିବି—ହେ କବି—ଆପଣ ଆମଠାରୁ ବିଚ୍ଛିନ୍ନ ହୋଇ ପାରିବେ ନାହିଁ । ଉପଲବ୍ଧି ପରେ ଆପଣଙ୍କ ପ୍ରଦତ୍ତ ସଂପଦ ସ୍ତୁପିକୃତ ! ଅକ୍ଷୟ କାବ୍ୟାମୃତରେ ଆପଣ ଏ ସାହିତ୍ୟକୁ ଋଦ୍ଧିମନ୍ତ କରିଛନ୍ତି । କୋଟି କୋଟି ଲେଖନୀ ଚାଳନାର ପଥ ପ୍ରଶସ୍ତ କରିଛନ୍ତି । ହେ ଦିଗ୍ଦର୍ଶକ । ଆପଣ କୋଟି ମରମରେ ବୁଣିଛନ୍ତି ଆଶ୍ୱାସନାର ବୀଜ ! ମୃତ୍ୟୁ—ମହାପ୍ରେମିକ ମୃତ୍ୟୁ ଆପଣଙ୍କୁ ନେଇଯାଇଛି । କିନ୍ତୁ ଚିରଞ୍ଜୀବୀ କବି ! ହେ ବରେଣ୍ୟ ଶିକ୍ଷାବିତ୍ ଅଗଣିତ ପାଠକ ପାଠିକା ଅନ୍ତରରେ ଆପଣ ଯେ ମିଶି ଯାଇଛନ୍ତି । ସେହି ପରମପୁରୁଷ ବୁଦ୍ଧଙ୍କ ଆତ୍ମାରେ ଆପଣ ମିଶିଗଲେ ! ସାର୍ଥକ ପୁରୁଷ ଆପଣ ! ଆମେ କିନ୍ତୁ ଆପଣଙ୍କ ସାହିତ୍ୟ ଭିତରେ ଆପଣଙ୍କୁ ପାଇବୁ କବି—ଯୁଗଯୁଗର ଧନ—ଆପଣଙ୍କ କାବ୍ୟର ସୌରଭରେ ଅନନ୍ତ କାଳଧରି ସୁରଭିତ ହେଉଥିବ ଓଡ଼ିଆ ସାହିତ୍ୟ ! ଆପଣଙ୍କ ଦାନ ଅବିସ୍ମରଣୀୟ—ସେ ସ୍ମୃତି ଅଭୁଲା ।

Digitized by srujan ka@gmail.com

ମହାନ୍ ଶିକ୍ଷକ
ଡକ୍ଟର ମାୟାଧର ମାନସିଂ

ଡକ୍ଟର ଦାମୋଦର ଲେଙ୍କା

ଦୁଃଖ ଓ ପରିତାପର ବିଷୟ ଭୁବନେଶ୍ୱରର ସ୍ନିଗ୍ଧ, ସୁଶୀତଳ କମନୀୟ ପରିବେଶରେ ଓଡ଼ିଶାର ଭାଗ୍ୟାକାଶରେ ପ୍ରବଳ ପ୍ରଚଣ୍ଡ ଯେଉଁ ଝଡ଼ର ଅବସାନ ହୋଇଗଲା, ତାହା ଓଡ଼ିଆ ସାହିତ୍ୟାକାଶର ମନସ୍ୱୀ ବାଣୀସାଧକ ସାରସ୍ୱତପୀଠର ହିତାଙ୍କ ସୃଜନୀ ଶକ୍ତିବାହକ, ଆଧୁନିକ ଓଡ଼ିଆ ସାହିତ୍ୟସୌଧର ଅନ୍ୟତମ ପଞ୍ଚ-ପ୍ରରେଖା କବି ପଦ୍ମଶ୍ରୀ ଡକ୍ଟର ମାୟାଧର ମାନସିଂହଙ୍କୁ ଚିରକାଳ ଲାଗି ଆମ୍ଭ ପାଖରୁ ବିଚ୍ଛିନ୍ନ କରିଦେଲା । ଓଡ଼ିଆ ସାହିତ୍ୟରେ ଏକ ଯୁଗର ଅବସାନ ହେଲା । ଶାଶ୍ୱତକବି ଡକ୍ଟର ମାନସିଂହଙ୍କର ପ୍ରତିଭା ବିଷୟରେ ଲେଖିବା ଶକ୍ତି ମୋର ନାହିଁ ।

କବି ମାନସିଂହଙ୍କର କର୍ମବହୁଳ ଜୀବନ ନାନା ସଂଘାତ ବିଜଡ଼ିତ ଓ ବନ୍ଧୁରିତ । ଓଡ଼ିଶାର ଜାତୀୟଜୀବନ ଯେତେବେଳେ କୁସଂସ୍କାର ବିଜଡ଼ିତ, ଭ୍ରଷ୍ଟ, ଜରାଜୀର୍ଣ୍ଣ, ପତନଶୀଳ ସେତେବେଳେ ଶିକ୍ଷାର ଗୁଣାତ୍ମକ ମାନ ନିର୍ଣ୍ଣୟ ଆଶା କରିବା ଏକ ଚରମ ମୂର୍ଖତା । ଜାତିର ଏହି ଘଡ଼ିସନ୍ଧିବେଳେ ଏବଂ ସଂକଟମୟ ମୁହୂର୍ତ୍ତରେ ସୁଚିତ ଶିକ୍ଷା-ମାନଦଣ୍ଡ ଧରି ଆଦର୍ଶ ଶିକ୍ଷକର କର୍ମପ୍ରବାହରେ ଆଶାୟୀ ଶ୍ରୀଯୁକ୍ତ ମାନସିଂହ ଅଧୋଗାମୀ ଶିକ୍ଷକ ସମାଜରେ ପ୍ରେମ, ସ୍ନେହ, ସୌହାର୍ଦ୍ଦ୍ୟର ଆବାହନୀ ତୋଳି ଜଗତ ସମ୍ମୁଖରେ ଏକ ସୁସ୍ଥ ଓ ଶୃଙ୍ଖଳିତ ସମାଜ ଗଠନ ପାଇଁ ବ୍ରତୀ ହେଲେ । ସ୍ୱୀୟ ଶିକ୍ଷକତା କାଳରେ ସେ ଛାତ୍ର ଓ ସହକର୍ମୀ ସମାଜରେ ଯେଉଁ ବୈପ୍ଳବିକ ପରିବର୍ତ୍ତନର ନୂତନ ମନ୍ତ୍ରୋଚ୍ଚାରଣ କଲେ, ତାହା ସେତେବେଳର ଗଡ଼ଜାତରୁ ଆରମ୍ଭ କରି ମୋଗଲବନ୍ଦୀର ଦ୍ୱାରେ ଦ୍ୱାରେ ମନ୍ଦ୍ରମଧୁର ସ୍ୱରରେ ଝଂକୃତ ହେଲା । ଛାତ୍ର ତଥା ଶିକ୍ଷକ ସମାଜର ପଙ୍କିଳ ପରିବେଶରେ ଆସିଲା ପରିବର୍ତ୍ତନ ।

ଶିକ୍ଷକ ସମାଜର ଅପାରଗତା, ବ୍ୟର୍ଥତା ଓ ଶିକ୍ଷକତ୍ୱର ମାନଦଣ୍ଡର କ୍ରମିକ ଅଧଃପତନ ମାନସିଂହଙ୍କ ହୃଦୟରେ ଗଭୀର ରେଖାପାତ କରିଥିଲା । ତେଣୁ ଖୋର୍ଦ୍ଧା ସ୍କୁଲର ତଦାନୀନ୍ତନ ତରୁଣ ଛାତ୍ର ମାନସିଂହଙ୍କର ମାନସପଟରେ ଶିକ୍ଷକତ୍ୱର ଯୁଗପତ୍ ଆଶା ଦୋଳାୟିତ ହେଉଥିଲା । ମାନସିଂହ ଆଗେଇ ଆସିଥିଲେ ଶିକ୍ଷାର ମାଧ୍ୟମରେ ଜାତୀୟ ଚରିତ୍ରର ଅଭିବୃଦ୍ଧି ପାଇଁ; କିନ୍ତୁ ତଥାକଥିତ ମାର୍କାଧାରୀ ମାଷ୍ଟର

Digitized by srujan ka@gmail.com

ବୋଲାଇବା ପାଇଁ ନୁହେଁ । ଭାବୀବଂଶଧରମାନଙ୍କ ଆଗରେ ଆଦର୍ଶପୁରୁଷ ରୂପେ ଶିକ୍ଷକସମାଜ ପ୍ରତିଷ୍ଠିତ ନ ହେଲେ ସ୍କୁଲ କଲେଜ ଶିକ୍ଷାର ମୂଳଲକ୍ଷ୍ୟ ଯେ ବ୍ୟର୍ଥ ହୋଇଯିବ, ଏଥିପାଇଁ ମାନସିଂହ ସଚେତନ ଥିଲେ । ତେଣୁ କୋମଳମତି ବାଳକ ବାଳିକାଙ୍କ ମନରେ କଳୁଷିତତାର ଛାପ ପଡ଼ିବା ପୂର୍ବରୁ ଶିକ୍ଷକର ମହନୀୟ ବ୍ୟକ୍ତିତ୍ୱର ଛାପ ପକାଇବା ପାଇଁ ସେ ସତତଃ ଚେଷ୍ଟିତ ଥିଲେ । ତାଙ୍କ ମତରେ ଓଡ଼ିଆ ଜାତିର ଅଧଃପତନ ସୂଚକ ଓ ଜାତିପ୍ରାଣଗତ ପ୍ରବୀଣ ଶିକ୍ଷକଙ୍କ ଦୁର୍ଲଭତାର କାରଣ । ଶିକ୍ଷକତା ରୂପକ ବ୍ରତକୁ ଦେଶ ଓ ଜାତିର କଲ୍ୟାଣରେ ନିୟୋଜିତ କଲେ, ସାମାନ୍ୟତମ ପୁରୁଷ ସ୍ୱର୍ଗପନ୍ତ ଦେବତା ରୂପେ ପୂଜିତ ହୋଇପାରେ । ତେଣୁ ବୌଦ୍ଧିକ ଓ ଆର୍ଥିକ ସମ୍ଭାବନା ନ ଥାଇ ଶିକ୍ଷକତ୍ୱକୁ ଏକ ବ୍ୟବସାୟ ରୂପେ ଧରିବାର ଆଶାର ସେ ତୀବ୍ର ବିରୁଦ୍ଧାଚରଣ କରୁଥିଲେ । ଜୀବନର ବହୁ ବିକ୍ଷୋଭ, ବ୍ୟର୍ଥତା ଓ ତିକ୍ତ ଅନୁଭୂତି ସତ୍ତ୍ୱେ ସ୍କୁଲ ହିଁ ବିଦ୍ୟାଳୟ, ସ୍କୁଲ ହିଁ ଜାତି, ସ୍କୁଲ ହିଁ ଦେଶ ବୋଲି ସେ ଗ୍ରହଣ କରିନେଇଥିଲେ । ଶିକ୍ଷକର ଆତ୍ମତୃପ୍ତି ମନ୍ତ୍ରୀ ବା ପ୍ରେସିଡେଣ୍ଟଙ୍କର ନାହିଁ । ଶିକ୍ଷକତା କାଳରେ ତଦାନୀନ୍ତନ ଶାସକଗୋଷ୍ଠୀ ବନ୍ଧୁବର୍ଗଙ୍କର ହେୟଭାବକୁ ଖାତିର ନ କରି ସେ ଜୀବନର ବିଶୁଦ୍ଧି, ଜ୍ଞାନ ଗରିମା ଓ ମାନବିକତା ସୃଷ୍ଟି ଶିକ୍ଷକତା ସୋପାନ ଗଢ଼ିଯାଇଛନ୍ତି । ଏକ ନିର୍ଭୀକ, ସ୍ପଷ୍ଟବାଦୀ-ଶିକ୍ଷାବ୍ରତୀ ଓ ଆଦର୍ଶ ଶିକ୍ଷକ ଶ୍ରୀଯୁକ୍ତ ମାନସିଂହ ଶିକ୍ଷାର କଳାବଜାରରେ ପ୍ରକୃତ ଗୁରୁର ଆଦର୍ଶ, ବ୍ୟକ୍ତିତ୍ୱ, ଆନ୍ତରିକତା, ଦେଶପ୍ରେମ, ଜ୍ଞାନସାଧନା ଓ ନ୍ୟାୟ-ନୈତିକତାର ଅସ୍ତମିତ ଶିକ୍ଷାକୁ ଚିର ପ୍ରଜ୍ୱଳିତ କରି ରଖିବାପାଇଁ ଦେଶର ଶିକ୍ଷକ-ସମାଜ ପ୍ରତି ସେ ଥିଲେ ଜ୍ୱଳନ୍ତ ଉଦାହରଣ ।

ଶିକ୍ଷାନୁଷ୍ଠାନରୁ ସ୍ଥାନୀୟ ସଂକୀର୍ଣ୍ଣତା ଓ ବ୍ୟକ୍ତିକେନ୍ଦ୍ରିକତାର ମନୋଭାବ ଲୋପ କରିବା ପାଇଁ ସେ ସର୍ବଦା ଚେଷ୍ଟିତ ଥିଲେ । ଶିକ୍ଷାନୁଷ୍ଠାନକୁ ସ୍ୱୟଂସମ୍ପୂର୍ଣ୍ଣ କରିବାରେ ସେ ଇନସ୍‌ପେକ୍ଟର ହେବା ଦିନଠାରୁ ଆରମ୍ଭକରି ଅଧକ୍ଷ, ସିନେଟ ଓ ସିଣ୍ଡିକେଟର ମେମ୍ବର ଭାବେ ବିଭିନ୍ନ ସ୍ୱାଧୀନମତ ବ୍ୟକ୍ତ କରି ଆସିଛନ୍ତି । ତେଣୁ ଜାତୀୟ ଚରିତ୍ରର ଉତ୍‌ଥାନ ପାଇଁ ଶିକ୍ଷାକ୍ଷେତ୍ରରେ ଅବାଞ୍ଛିତ ବ୍ୟକ୍ତିଙ୍କର ଅବାଧ ଓ ଅନଧିକାର ପ୍ରବେଶ ହିଁ ଗଭୀର କ୍ଷତିକାରଣ ହେତୁ । ସରକାରୀକଳରେ ଥାଇ ନିର୍ଭୀକ ଓ ସ୍ୱାଧୀନମତ ବ୍ୟକ୍ତ କରିବାରେ ହିଁ ଶ୍ରୀଯୁକ୍ତ ମାନସିଂହଙ୍କର ଅନନ୍ୟ-ସାଧାରଣ ବ୍ୟକ୍ତିତ୍ୱ । ଜୀବନସାରା ସ୍ପଷ୍ଟ ମତ ପ୍ରକାଶକରି ଯଦିଓ ସେ ନିଜର ନ୍ୟାଯ୍ୟ ଦାବୀରୁ ଅନେକାଂଶରେ ବଞ୍ଚିତ ହୋଇଛନ୍ତି, ତଥାପି ସେ ସେଥିରୁ କ୍ଷାନ୍ତ ନକାଲେ ଓହରି ଯାଇନାହାନ୍ତି । ଶିକ୍ଷା ତତ୍ତ୍ୱ ଓ ଜୀବନତତ୍ତ୍ୱ ପାଇଁ ତାଙ୍କର ନିର୍ଭୀକ ଆତ୍ମ-ପରୀକ୍ଷାଜନିତ ଲେଖନୀଚାଳନା ଶିକ୍ଷକସମାଜକୁ ଚିର ଉଦ୍‌ବୁଦ୍ଧ କରିବ ।

Digitized by srujan ka@gmail.com

ଆତ୍ମ-ବ୍ୟକ୍ତିତ୍ୱର ପୂର୍ଣ୍ଣବିକାଶ ପାଇଁ କର୍ମ ହିଁ ମୂଳାଧାର—ଏହା ମାନସିଂହଙ୍କର ସଂଗ୍ରାମମୟ ଜୀବନରେ ପ୍ରତିପଦରେ ପ୍ରତିପାଦିତ ହୋଇଅଛି । ମାନସିଂହ ସର୍ବଦା ଛାତ୍ରବତ୍ସଳ ଥିଲେ । ଅବସର ସମୟରେ ବିଭିନ୍ନ ଗ୍ରନ୍ଥମାନଙ୍କର ପାରିବାରିକ ଜୀବନର ଚିତ୍ର ଭଲରୂପେ ହୃଦୟଙ୍ଗମ କରିଥିଲେ । ଜୀବନର ଲକ୍ଷ୍ୟପଥରେ ଆଗେଇ ଯିବାପାଇଁ ତାଙ୍କର ଉପଦେଶାବଳୀ ବାସ୍ତବିକ୍ ଖାଲି ମୋ ହୃଦୟରେ କାହିଁକି, ପ୍ରତି ଛାତ୍ର ହୃଦୟରେ ନବୀନ ଆଶାର ସଞ୍ଚାର କରୁଥିବ । ସେହିପରି ସହକର୍ମୀ-ମାନଙ୍କର ନାନାପ୍ରକାର ଅଭାବ ଓ ଅସୁବିଧା ପ୍ରତି ସମବେଦନା ଜ୍ଞାପନ କରିବା ମାନସିଂହଙ୍କର ମହତ୍‌ହୃଦୟର ପରିଚାୟକ ।

ଆଜି ସମାଜରେ ଶିକ୍ଷା, ଶିକ୍ଷକ, ଶିକ୍ଷାୟତନ ଓ ଛାତ୍ର—ସମସ୍ତେ ଅବହେଳିତ । ଶିକ୍ଷାୟତନରେ ଶୃଙ୍ଖଳା ନାହିଁ, ଶିକ୍ଷକ ଓ ଛାତ୍ର ମଧ୍ୟରେ ସଂହତି ଓ ସଦଭାବନା ନାହିଁ । ସମସ୍ତେ ବ୍ୟସ୍ତ ଛନ୍ତି ଶିକ୍ଷାପ୍ରଣାଳୀର ପରିବର୍ତ୍ତନ । ଶିକ୍ଷକସମାଜ ଶ୍ରୀଯୁକ୍ତ ମାନସିଂହଙ୍କର ଈପ୍‌ସିତ ହୁଅନ୍ତୁ ଏବଂ ଶିକ୍ଷାକୁ ଏ ଦୁର୍ଗତିରୁ ରକ୍ଷାକରନ୍ତୁ । ମାନସିଂହ ଆଜି ଆମ ସମ୍ମୁଖରେ ନାହାନ୍ତି । ମାତ୍ର ସ୍ୱୀୟ ମହନୀୟ କର୍ମପ୍ରବାହରେ ସେ ଆଦର୍ଶର ଯେଉଁ ଉଜାଣି ସ୍ରୋତ ଓ ଓଡ଼ିଆ ସାହିତ୍ୟରେ ଅମଳିନ, ସରଳ, ସଚଳ ଫଲ୍‌ଗୁଧାର ଛୁଟାଇ ଯାଇଛନ୍ତି ତାହା ତାଙ୍କୁ ଏକ ଯୁଗ୍‌ପତ୍‌ ପୁରୁଷରୂପେ ଚିର ଭାସ୍ୱର କରି ରଖିବ, ସେହି ମହାନ୍‌ଆତ୍ମାର ସଦ୍‌ଗତି ହେଉ, ଏହାହିଁ ଏ ଦୀନ ଶିକ୍ଷକର ଏକାନ୍ତ କାମନା ।

Digitized by srujan ka@gmail.com

ଡକ୍ଟର ମାୟାଧର ମାନସିଂହଙ୍କୁ ପ୍ରଣତି

— ଶ୍ରୀ ଗୋପୀନାଥ ମହାନ୍ତି

ହଠାତ୍ ସେ ଦିନ ସନ୍ଧ୍ୟା ୭ ଟା ବେଳେ କଟକ ଡ଼ାକ୍ତରଖାନାର ହୃଦ୍‌ରୋଗ ବିଭାଗ ଭିତରେ ଦୁଇ ନମ୍ବର ବେଡ଼୍‌ରେ ଡକ୍ଟର ମାୟାଧର ମାନସିଂହ ସେପୁରକୁ ଚାଲିଗଲେ । ସକାଳୁ ସନ୍ଧ୍ୟାଯାଏ ବିଚକ୍ଷଣ ଡାକ୍ତରଙ୍କର ଅକ୍ଳାନ୍ତ ଚେଷ୍ଟା, ଚିକିତ୍ସାବିଜ୍ଞାନର ଅତି ଆଧୁନିକ ଉପାୟ ଓ ଉପକରଣ ହେଁ ସେ ଭବିତବ୍ୟକୁ ଖଣ୍ଡନ କରି ପାରିଲା ନାହିଁ । ୧୯୭୩ ସାଲ, ଅକ୍ଟୋବର ୧୧, ତାରିଖଟି ତାଙ୍କ ମହାପ୍ରୟାଣର ଦିବସ ହିସାବରେ ସ୍ମରଣୀୟ ହୋଇ ରହିଗଲା । ସେ ଦିନ କୁଆଁର ପୁନେଇଁ ପର୍ବ, ଯାହାର କୁମାର ପୂର୍ଣ୍ଣିମା ତିଥିଟି ତହିଁ ଆରଦିନ । କୁଆଁର ପୁନେଇଁ ଦିନ ତାଙ୍କ ବାପା ଯାଇଥିଲେ, ଆଉ ଗୋଟିଏ କୁଆଁର ପୁନେଇଁ ଦିନ ତାଙ୍କ ବୋଉ । ସେତେବେଳେ ସେ କ୍ଷୁଦ୍ର ଶିଶୁ, ସେ'ବି ସେଦିନ ଗଲେ । ବୟସ ୭୮ ପୂରିବାକୁ ମାସେ ଥାଏ । ସେ କୁଆଡେ ଅକ୍ଟୋବର ପହିଲା ଦିନ ଡ଼ାକ୍ତରଖାନାରେ ଭର୍ତ୍ତି ହୋଇଥିଲେ । ସଂପୂର୍ଣ୍ଣ ଭଲ ହୋଇ ଯାଇଥିଲେ, ଠିକ୍ ତା ପୂର୍ବ ଦିନ ଅକ୍ଟୋବର ୧୦ ତାରିଖ ଦିନ ତାଙ୍କର ଖବର ପଡ଼ିଥିଲା ଯେ ଏଥର ସେ ଘରକୁ ଚାଲିଯିବେ; କିନ୍ତୁ ପୂର୍ବରୁ ବର୍ଷାବେଳେ ସେ ଏପଟ ସେପଟ ହୋଇ ଦେହରେ ଥଣ୍ଡା ଲାଗିଥିଲା । ୧୧ ତାରିଖର କେତେ ଦିନ ପୂର୍ବରୁ ଓ ସେ ଦିନ ରାତି ପ୍ରଥମ ପ୍ରହରଯାଏ ବର୍ଷାଝିଙ୍କି ଲାଗିଥିଲା । ୧୧ ତାରିଖରେ ତାଙ୍କର କାଶ ଉଠିଲା । କୁଆଡେ ତିନି ବର୍ଷ ହେଲା ତାଙ୍କ ହୃତ୍‌ପିଣ୍ଡ ଦୁର୍ବଳ ଥିଲା, ଆଉ ପାରିଲା ନାହିଁ । ସେ ଚାଲିଗଲେ ! କିନ୍ତୁ କେତେ ଜ୍ଞାନବାନ ହୋଇ ଏଡ଼େ ବଡ଼ ମନୀଷୀ ଜଣେ ସେ ଚାଲିଗଲେ ! ତିନି ବର୍ଷ ହେଲା ହୃଦ୍‌ରୋଗ ଥିଲା ଅଥଚ ଚିକିତ୍ସାରେ ରହି ଭଲ ହେବା ମାତ୍ରେ ସେ ପଢ଼ାପଢ଼ି ଲେଖାଲେଖି ପରିଶ୍ରମରେ ବୁଡ଼ି ରହୁଥିଲେ । ମନ୍ଦମତି ଜାଣିଲା ଭଳି ଶରୀରକୁ ଶେଷଯାଏ ବ୍ୟବହାରରେ ଲଗାଇ ଖର୍ଚ୍ଚ କରି ଦେଇ ଚାଲିଗଲେ । ଝଡ଼ି ଚାଲିଥାଏ, ଦୀପ ନିଭିଲା, କ୍ୱଚିତ୍ କେହି ଜାଣିଲେ । ସନ୍ଧ୍ୟା ୯ଟା ଆଡ଼କୁ ବର୍ଷାଝଡ଼ି ଧଫା

Digitized by srujan ka@gmail.com

ହେଲ । ସେହି ରାତି ରାତି ତାଙ୍କ ଶରୀରକୁ ଦାହ କରି ଦିଆଗଲା । ତାଙ୍କର ସେଠି ହଜାର ହଜାର ଚହ୍ଲା ଲୋକ, ପ୍ରିୟ ବନ୍ଧୁମାନେ, ଗୁଣୀମାନେ, ତାଙ୍କ କବିତା-ପ୍ରେମୀ ପାଠକପାଠିକା, ନାନା କ୍ଷେତ୍ରରେ ତାଙ୍କ ସମ୍ପର୍କରେ ଆସିଥିବା ମଣିଷ ଯେଉଁମାନେ "ହାୟ ହାୟ" କରୁଛନ୍ତି, ୧୨ ତାରିଖ ସକାଳେ ସେମାନେ ଜାଣିବା ଆଗରୁ ସେ ଆଉ ଏ ପୃଥିବୀରେ ନାହାନ୍ତି, ଦଣ୍ଡବତଟିଏ କରି ଅର୍ପିବାକୁ ଫୁଲମାଳ ଖଣ୍ଡେ ଚଢାଇବାକୁ ତାଙ୍କ ମର ଶରୀର ବି ନାହିଁ, ସେ କେବଳ ଐତିହାସିକ ସ୍ମୃତି ।

ମଣିଷ ମାୟାଧର ମାନସିଂହ ଥିଲେ, ଆଜି ତାଙ୍କ ଆତ୍ମା ସ୍ୱର୍ଗରେ, ସେ ଦେବତା । ସେହି ପୂଜ୍ୟ ସ୍ମୃତି ଉଦ୍ଦେଶ୍ୟରେ ବାରମ୍ବାର ପ୍ରଣତି ଜଣାଉଛୁ ।

ଏଣିକି, ଯେତେବେଳେ ସେ ଆଉ ନାହାନ୍ତି, ଦିଶିଯାଉଛି ଓଡ଼ିଆ ସାହିତ୍ୟରେ ତାଙ୍କ ଶୂନ୍ୟ ସ୍ଥାନଟି । ଯେପରି ଠିଆ ହୋଇଥିଲେ ଗୋଟିଏ ପ୍ରକାଣ୍ଡ ଗଛ । ନାନା ପତ୍ରଫୁଲ ଫଳ, ଛାଇ, ମଧୁର ପକ୍ଷୀ କୂଜନରେ ପ୍ରକାଣ୍ଡ ଅଞ୍ଚଳ ପୂର୍ଣ୍ଣ କରି ରଖିଥିଲା, ଦୂରରୁ ଦେଖିଲେ ମନରେ ଦମ୍ଭ ଓ ଆହ୍ଲାଦ ଆଣୁଥିଲା, ହୋଇଥିଲା ଏ ସାହିତ୍ୟର ଗୋଟିଏ ଗୌରବ ଧନ । ସେ ଗଛଟି ନାହିଁ । ସହରଠୁ ବହୁ ଦୂରରେ ଚିଲିକା ଭିତରେ ବାଲି ଦ୍ୱୀପ ଗାଁ ନନ୍ଦଲରେ ଏ କବିଙ୍କ ଅଦ୍ୟ ସ୍ଥାନ । ସେଠୁ ବାହାରି ଏତେ ମହାନ ସାହିତ୍ୟିକ ବ୍ୟକ୍ତିତ୍ୱ ଏତେ ବିପୁଳ ସାହିତ୍ୟିକ କୃତି ଯାକେ ବହୁତ ବାଟ । କୃତୀ ଗୁଣୀ । ପାଟନାରୁ ଇଂରେଜୀ ଏମ୍. ଏ. ରେ ଦ୍ୱିତୀୟ ଶ୍ରେଣୀ, ସେ ବର୍ଷ ବିଶ୍ୱବିଦ୍ୟାଳୟରେ ଇଂରେଜୀ ଏମ୍. ଏ ରେ ପ୍ରଥମ ସ୍ଥାନ । ପରେ ବିଲାତରୁ ଇଂରେଜୀରେ ପି ଏଚ୍ ଡି ସେକ୍ସପିଅର ଓ କାଳିଦାସଙ୍କ ବିଷୟରେ ତୁଳନାତ୍ମକ ଅଧ୍ୟୟନ । ନାନା ପଦପଦବୀ, ନାନା ଅନୁଷ୍ଠାନ ସହିତ ସମ୍ପର୍କ । ବହୁକାଳ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ସଭ୍ୟ । ପଦ୍ମଶ୍ରୀ । ବହୁ ବର୍ଷ ପର୍ଯ୍ୟନ୍ତ ଓଡ଼ିଶା ସରକାରଙ୍କ ଶିକ୍ଷା ବିଭାଗରେ ଉଚ୍ଚ ପଦାଧିକାରୀ, ଅଧ୍ୟାପକ, ପ୍ରିନ୍ସିପାଲ ଆଦି, ଓଡ଼ିଆ ଜ୍ଞାନକୋଷ ପ୍ରସ୍ତୁତି କାର୍ଯ୍ୟରେ ମୁଖ୍ୟ ପରିଚାଳକ ଇତ୍ୟାଦି । ଲେଖକ ଓଡ଼ିଆରେ ଓ ଇଂରାଜୀରେ, ଉଭୟ ଭାଷାରେ । ଓଡ଼ିଆ ଭାଷାରେ ତାଙ୍କର ବହୁତ କବିତା, କାବ୍ୟ, ନାଟକ, ସମାଲୋଚନା-ସାହିତ୍ୟ, ବିବିଧ ବିଷୟରେ ପ୍ରବନ୍ଧ, ଭ୍ରମଣ କାହାଣୀ, କିଛି ଅନୁବାଦ, ଓଡ଼ିଆ ଜ୍ଞାନକୋଷ ସଂପାଦନା ଇତ୍ୟାଦି । ଓଡ଼ିଆରେ ଓ ଇଂରାଜୀରେ ତାଙ୍କର 'ଓଡ଼ିଆ ସାହିତ୍ୟର ଇତିହାସ' । ସେ ବରେଣ୍ୟ ସାହିତ୍ୟିକ, ପୁଣି ପ୍ରସିଦ୍ଧ ଶିକ୍ଷାବିତ୍ । ଶିକ୍ଷା ପଦ୍ଧତି ସମ୍ପର୍କରେ ତାଙ୍କର ଅନେକ ଲେଖା । ନାନା ସମସ୍ୟାରେ ତାଙ୍କର ନାନା ବକ୍ତୃତା । ତାଙ୍କ ଲେଖା ସବୁବେଳେ 'ନମ୍ର,କମ୍ର'

Digitized by srujan ka@gmail.com

ବି ନ ଥିଲା । ସେ ଆପଣାର ସ୍ୱତନ୍ତ୍ର ମତକୁ ବଳିଷ୍ଠ ଭାବେ ପ୍ରକାଶ କରୁଥିଲେ । ଯେତେବେଳେ ଯାହା ତାଙ୍କୁ ଭଲ ଲାଗୁ ନ ଥିଲା, ତାକୁ ଯେପରି ସ୍ପଷ୍ଟ ଭାଷାରେ କହୁଥିଲେ, ସେପରି ସ୍ପଷ୍ଟ କରି ଲେଖୁଥିଲେ । ତେଣୁ କେତେ କେତେ ବେଳେ ତାଙ୍କ ମତାମତ ସମ୍ପର୍କରେ ବାଦବିତଣ୍ଡା ବି ଲାଗୁଥିଲା । ସେ ଭଲ ଲାଗିଲେ ସେ ପଛାଉ ନ ଥିଲେ । ବେଳେ ବେଳେ ପୁଣି ଲେଖୁଥିଲେ । ତାଙ୍କଠି ଆତ୍ମବିଶ୍ୱାସ ଓ ସାହସ ଥିଲା । ନିଜର ବିଶିଷ୍ଟତା ଓ ସ୍ୱତନ୍ତ୍ର ଦୃଷ୍ଟିଭଙ୍ଗୀ ଥିଲା । କାହାର ଅପ୍ରିୟ ହେବାର ବିପଦ ଆଉ ପଛକୁ, ସେ ଶସ୍ତା ଜନରଞ୍ଜନ କରିବାକୁ ଖୋଜୁ ନ ଥିଲେ । ନାନା ବିଷୟରେ ତାଙ୍କ ଜୀବନ ଘଟଣାବହୁଳ । ଅନୁଭୂତିରେ ବୈଚିତ୍ର୍ୟମୟ । ସଂସାରୀ ଗୃହସ୍ଥ ହିସାବରେ ବି ସେ ଜୀବନ ନାନା ବିଷୟରେ ସଫଳ । ତାଙ୍କ ପିଲାମାନେ ଉଚ୍ଚଶିକ୍ଷିତ, ବିଖ୍ୟାତ, ଗୋଟିଏ ପୁଅ ଆମେରିକାରେ ପ୍ରସିଦ୍ଧ ଜିଓଫିଜିସିଷ୍ଟ, ଜଣେ ଆଇ. ଏଫ୍. ଏସ୍‌ରେ ଖ୍ୟାତନାମା କର୍ମଗୃହୀ, ଜଣେ ଆଇ. ଏ. ଏସ୍. ଇତ୍ୟାଦି ।

ତାଙ୍କ ବିଷୟରେ ଭାବିଲେ ମନେ ପଡ଼ିବ ଦୁଇଟି କଥା, ଗୋଟିଏ, ତାଙ୍କର ବିପୁଳ ନିରବଚ୍ଛିନ୍ନ ନିଷ୍ଠାରେ ନିରଳସ ସାହିତ୍ୟ-ସାଧନା, ଶେଷ ଜୀବନ ପର୍ଯ୍ୟନ୍ତ । ସେ ସାହିତ୍ୟର ଉପାଦେୟତା ଉପଲବ୍ଧି କରିବାକୁ ଓ ଆଲୋଚନା କରିବାକୁ ଅକଳନ ଭବିଷ୍ୟତ ପଡ଼ିଛି । ଓଡ଼ିଆ ସାହିତ୍ୟରେ ସେ ଅମର । ସେ ଅତି ପ୍ରସିଦ୍ଧି ପାଇଥିଲେ 'ଧୂପ' ଲେଖି । ଯୌବନ, ପ୍ରେମ ଓ ସୌନ୍ଦର୍ଯ୍ୟର ରୋମାଣ୍ଟିକ ଲେଖକ କବି ହୋଇ । କ୍ରମେ ସେ ନାନା ବିଷୟରେ ଲେଖିଗଲେ, ସମସାମୟିକ ସାମାଜିକ ରାଜନୈତିକ ଅବସ୍ଥା ବିଷୟରେ, କେତେ ଦର୍ଶନ ତତ୍ତ୍ୱ ବିଷୟରେ, ଅଧ୍ୟାତ୍ମ ବିଷୟରେ । କୌଣସି ଗୋଟିଏ ନାମ ଫଳକର ସଂକୀର୍ଣ୍ଣ ଶ୍ରେଣୀ ନିଗଡ଼ ଭିତରେ ତାଙ୍କର ବିପୁଳ କୃତୀକୁ ସୀମାବଦ୍ଧ କରି ବିଚାର କରିବା ଅସମ୍ଭବ ।

ଦ୍ୱିତୀୟରେ, ତାଙ୍କ ବିଷୟରେ ମନେ ପଡ଼ିବ ତାଙ୍କ ସ୍ୱତନ୍ତ୍ର ଓ ବିଶିଷ୍ଟ ବକ୍ତବ୍ୟମାନ ଓ ତାଙ୍କର ଦୃଷ୍ଟିଭଙ୍ଗୀ । ସାହିତ୍ୟକୁ ସେ ଭାବୁଥିଲେ ମଣିଷ ସଭ୍ୟତାର ଶ୍ରେଷ୍ଠତମ ଉତ୍କର୍ଷ ବୋଲି । ସେ ଭାବୁଥିଲେ ସାହିତ୍ୟର ମୂଲ୍ୟବୋଧ ତାର ନିଜସ୍ୱ, ତାର ରୁଚି ଓ ମତ ତା ନିଜର । ସେ ତାକୁ ପଣ୍ୟ ଦ୍ରବ୍ୟ ବ୍ୟବହାର କରିବେ ନାହିଁ, ତାକୁ ରଖିଥିବେ ବଳିଷ୍ଠ ଓ ସ୍ୱାଧୀନ କରି । ନିଜର ବୈଶିଷ୍ଟ୍ୟ ପାଇଁ ଗର୍ବ ଓ ମର୍ଯ୍ୟାଦା ଅନୁଭବ କରିବେ, ଦାୟିତ୍ୱପୂର୍ଣ୍ଣ ହେବ । ନିଜ ମତ ଓ ନିଜ ରୁଚି ତାର ଆଖିକୁ କପରି ଲାଗେ ସେ ବିଷୟ ତାଙ୍କ ଦୃଷ୍ଟିରେ ଗୌଣ । ନିଜ

Digitized by srujan ka@gmail.com

ଜୀବନର ନାନା ଅନୁଭୂତିମୟ 'ମୁଁ' ପଣ ତାଙ୍କ ଆଗରେ ମୁଖ୍ୟ, ସେ ବଳିଷ୍ଠ, ସ୍ୱତନ୍ତ୍ର, ଅନ୍ୟଠୁ ଭିନ୍ନ ପନ୍ଥୀ । ନିଜ ଇଚ୍ଛାରେ ନାନା ସମୟରେ ବଦଳିବାକୁ ବି ସେ ଅଧିକାର ରଖିବା ଅନ୍ୟ ମତ, ଅନ୍ୟ ବାଟ ସହିତ ଅମତ ହେବାକୁ ସୁଦ୍ଧା । ତାଙ୍କ କବିତାରେ ଓ ସମାଲୋଚନା ସାହିତ୍ୟରେ ତାର ଅକୁଣ୍ଠିତ ଅପଧଗ୍ଧ ପ୍ରକାଶହିଁ ତାର ଆଭିଜାତ୍ୟ । ରୂପ-ରସ-ଗନ୍ଧମୟ ଦେଖିବା ଅନୁଭୂତି,—ମାଟି ଫୁଲ, ସୌରଭ, —ନାନା ସଂପର୍କମୟ ଦୈନନ୍ଦିନ ଜୀବନ, ଆଶା ନିରାଶା, ଆନନ୍ଦ ଯାତନା, ସବୁ ତାଙ୍କ କବିତାର ବିଷୟବସ୍ତୁ । ମାର୍ଜିତ ସରଳ ମଧୁର ଚିର ବହୁଳ ଶବ୍ଦ, ଯତ୍ନ ସହକାରେ ପ୍ରଯୁକ୍ତ, ଛନ୍ଦରେ ଚମତ୍କାରିତା ନାନା ଶୈଳୀ ପାଇଁ ଚିନ୍ତା ଓ ଉଦ୍ୟମ ହୃଦୟ ଆନ୍ଦୋଳନକାରୀ ଭାବମାନଙ୍କ ସମାବେଶ, ସ୍ଥାନେ ସ୍ଥାନେ ତାଙ୍କ କବିତାରେ ଦିଶୁଥିଲା । ଆହୁରି ବେଶି ଚମତ୍କାର ଲାଗୁଥିଲା, ସାହିତ୍ୟରେ ଯାହା ସେ ସୃଷ୍ଟି କରିବାକୁ ଉଦ୍ୟମ କରୁଥିଲେ । ପରିଣତି ଅପେକ୍ଷା ଉଦ୍ଦେଶ୍ୟ ଓ ଉଦ୍ୟମ, ତାଙ୍କ କବି ଜୀବନର ଆରମ୍ଭ ବେଳର ଯୋଡ଼ିଏ ଧାଡ଼ିରେ ସେ କଥା ସେ ସରଳ ଭାବରେ ପ୍ରକାଶ କରିଥିଲେ '—

"ଏଡ଼େ ବିରାଟ ସେ, ପାଏ କି ଭାଷା
ହୃଦୟରେ ତରୁଣ କବିର ଆଶା !"

ଅସୀମ ଅଭିମୁଖ୍ୟରେ ଏହି ଉଦ୍ୟମହିଁ ତାଙ୍କର କବି-ଆଭିଜାତ୍ୟ । କବି ପକ୍ଷରେ ଏହି ଉପଲବ୍ଧିହିଁ ତାଙ୍କର ବିନୟ, ସୌଜନ୍ୟ, ଆତ୍ମନିୟନ୍ତ୍ରଣ, ଶୀଳ-ଆଚରଣ ଓ ଶାଳୀନତା ।

ତଥ୍ୟରେ, ଯେଉଁମାନେ ତାଙ୍କୁ ଦେଖିଛନ୍ତି, ତାଙ୍କ ବ୍ୟକ୍ତିତ୍ୱ ନିଶ୍ଚୟ ସେମାନେ ଭୁଲି ପାରିବେ ନାହିଁ । ତାଙ୍କ ଲେଖା ପରି ତାଙ୍କ କଥାଭାଷା ଓ ବ୍ୟବହାର ସବୁବେଳେ ମାର୍ଜିତ । ବ୍ୟକ୍ତିତ୍ୱରେ ସଂସ୍କୃତିର ଛାପ ଥିଲା, ବ୍ୟବହାରରେ ମଧୁର ସୌଜନ୍ୟ ଥିଲା । ମଧୁର କଥା, ବେଳେ ବେଳେ ପରିହାସରେ ଉଚ୍ଛୁଳ, ହୋ ହୋ ଅଖଳା ହସ । ବେଳେ ବେଳେ ଗୋଟିଏ ଅତି ସହାନୁଭୂତିଶୀଳ ସ୍ନେହୀ ହୃଦୟର କ୍ଷଣିକ ଝଲକ ବାରି ହେଉଥିଲା । ଆଉ କେତେବେଳେ ସେ କେଉଁ ଚିନ୍ତାରେ ମଗ୍ନ, କେତେବେଳେ ପାଖରେ ଥାଇ ବି ଦୂରରେ, ମୁହଁରେ ଗୋଟିଏ ନିବିଷ୍ଟ ସୌମ୍ୟ ଗମ୍ଭୀରତା । ଅତି ସାନଠୁ ବଡ଼ ଯାକେ ନାନା ବିଷୟରେ ହଠାତ୍ ସାନ ପିଲାପରି ତାଙ୍କର କୁତୂହଳ ଜନ୍ମେ, ତହିଁରେ ସେ ଆନନ୍ଦ ପାଆନ୍ତି । ସେ ଏ ଦୁନିଆଁକୁ ଭଲ ପାଉଥିଲେ । ନିଜ ଜୀବନକୁ ଉପଭୋଗ କରୁଥିଲେ, ତାଙ୍କ ବିଷୟରେ ସହଜେ ମନେପଡ଼େ ତାଙ୍କ ତାରୁଣ୍ୟ, ଓ ତାଙ୍କ ଜୀବନର

Digitized by srujan ka@gmail.com

ନାନା ଘାତପ୍ରତିଘାତ ଭିତରେ ତାଙ୍କର ସହଜ ସ୍ୱାଭାବିକ ମାନବପ୍ରିୟତା, ଜୀବନପ୍ରିୟତା । ଓଡ଼ିଆ ସାହିତ୍ୟ ପ୍ରତି ତାଙ୍କର ପ୍ରଗାଢ଼ ଅନୁରକ୍ତି, ଓ ତାଙ୍କର ବିଶିଷ୍ଟ ସ୍ୱକୀୟ ମୂଲ୍ୟବୋଧ ।

କିଏ ତାଙ୍କ ବିଷୟରେ କଣ କହୁଛି, କଣ ଲେଖୁଛି, ସେ ତା ଜାଣିବାକୁ ଆଉ ନାହାନ୍ତି । ନିଜ ଜୀବନକାଳ ଭିତରେ ସେ ନାନା ପ୍ରକାର ସମାଲୋଚନା-ମୂଳକ ମତାମତ ଦେଖିଛନ୍ତି ଓ ଶୁଣିଛନ୍ତି, ସେଥିପାଇଁ କେତେ ବିତର୍କ ଉପୁଜିଛି । ସେ ଝାଞ୍ଜିର ହଳପା କି ତାତି ଛୁଇଁ ପାରିଲା ଭଳି ଆଉ ତାଙ୍କର ରକ୍ତ ମାଂସର ଶରୀର ନାହିଁ । ରହିଛି ଓ ରହିଥିବ ଆପଣାର ପୂର୍ଣ୍ଣ ମର୍ଯ୍ୟାଦା ଘେନି ତାଙ୍କର ବିପୁଳ ସାହିତ୍ୟ-କୃତି, ତା ଉହାଡ଼ରେ ଥିବା ଅକ୍ଷୁଣ୍ଣ ସାହିତ୍ୟିକ ବ୍ୟକ୍ତିତ୍ୱ, ତାର ମୂଲ୍ୟର କଳନା ନାହିଁ । କବି ଯାହା ସାହିତ୍ୟକୁ ଓ ଦେଶକୁ ଦେଇଯାନ୍ତି କିଏ ତା ପାଇଁ କି ପ୍ରତିଦାନ ଦେବ ! ଅଜି ଏ ଦେଶର ସମାଜରେ ସାହିତ୍ୟିକର ସ୍ଥାନ ବା କାହିଁ ? ପାଇଲେ ପାଇବ ତାର ସାହିତ୍ୟକୁ ଭଲ ପାଉଥିବା ପାଠକଙ୍କଠୁଁ ଟିକିଏ ତୁଣ୍ଡ ପ୍ରଶଂସା, ଟିକିଏ ନିନ୍ଦା । ସେ ଭଲ ପ୍ରତିଦାନ ଆଶାରେ ବି ସାହିତ୍ୟ ଜନ୍ମେ ନାହିଁ କି ବଢ଼େ ନାହିଁ, ସେ ସମାଜକୁ ଲେଖକର ଦାନ । ସଂସାରରୁ ଉଭେଇ ଗଲା ପରେ ଅନୁଭୂତ ହୁଏ ମନୀଷି କେତେବଡ଼ ଥିଲେ ଓ କଣ ଥିଲେ । ମାନସିଂହଙ୍କ ବିୟୋଗରେ ଓଡ଼ିଆ ସାହିତ୍ୟ ଓ ଓଡ଼ିଶାର ଅପୂରଣୀୟ କ୍ଷତି ହୋଇଛି । ଅସଂଖ୍ୟ ଲୋକ ତାଙ୍କୁ ଝୁରୁଛନ୍ତି, ଝୁରିବେ । ଓଡ଼ିଆ ସାହିତ୍ୟରେ ତାଙ୍କ ସ୍ଥାନ ସବୁଦିନେ ରହିଥିବ । ତାଙ୍କ ସ୍ମୃତି ଆତ୍ମପ୍ରକାଶ କରିବ ନାନା ପ୍ରବନ୍ଧରେ, ପୁସ୍ତକରେ ।

ସେହି ବରେଣ୍ୟ ସାହିତ୍ୟିକଙ୍କ ଅମର ସ୍ମୃତି ଉଦ୍ଦେଶ୍ୟରେ ପୁଣି ପ୍ରଣତି ଜଣାଉଛି ।

Digitized by srujan ka@gmail.com

'ଧୂପ'ର ଅପରାଧ କବି

ଶ୍ରୀ ଉଦୟନାଥ ଷଡ଼ଙ୍ଗୀ

୧୯୨୨-୨୩ ମସିହାର ଘଟଣା, ଅସହଯୋଗ ଆନ୍ଦୋଳନ ହୁଲସ୍ଥୁଲ ପକାଉ ଦେଉଥାଏ । ସ୍କୁଲ କଲେଜ ଛାଡ଼ି ଆସିଥିବା ପିଲମାନଙ୍କ ପାଇଁ ବିଭିନ୍ନ ସ୍ଥାନରେ ଜାତୀୟ ସ୍କୁଲ ପ୍ରତିଷ୍ଠା କରାଗଲା । ଜଗତସିଂହପୁରରେ ତ୍ୟାଗୀ ସ୍ୱର୍ଗୀୟ ଗୋପବନ୍ଧୁ ଚୌଧୁରୀଙ୍କ ପ୍ରତିଷ୍ଠିତ 'ଅଳକାଶ୍ରମ' ତା ମଧ୍ୟରୁ ଅନ୍ୟତମ । ନିସ୍ତ ଗୌରବ ଅଳକା ନଦୀ କୂଳ ରମଣୀୟ ଆମ୍ର ତୋଟାରେ ଏହି ଆଶ୍ରମ ଶହଶହ ଅଳ୍ପ ବୟସ୍କ ବାଳକଙ୍କର କ୍ରୀଡ଼ାସ୍ଥଳୀ ହୋଇଥାଏ । ପିଲାମାନଙ୍କ ଉଦ୍ୟମରେ ଗୋଟିଏ ହାତ ଲେଖା ପତ୍ରିକା 'ଅଳକା' ପ୍ରକାଶ ପାଉଥାଏ । ତାର ପ୍ରଥମ ସଂଖ୍ୟାରେ ମୋର ପ୍ରଥମ ଲେଖା କବିତା 'ଅଳକା' ସ୍ଥାନ ପାଇଥିଲା । ପ୍ରାୟ ବର୍ଷକ ପରେ ଦେଖିଲି, ଓଡ଼ିଶାର ଶ୍ରେଷ୍ଠ ସେବକ ସ୍ୱର୍ଗୀୟ ଲକ୍ଷ୍ମୀନାରାୟଣ ସାହୁଙ୍କ ସମ୍ପାଦିତ 'ସହକାର'ରେ ତାହା ପ୍ରକାଶ ପାଇଛି । ଛପା ଅକ୍ଷରରେ ଲେଖାଟିକୁ ଦେଖି ଗୋଡ଼ ତଳେ ଲାଗି ନ ଥିଲି । 'ସହକାର'ରେ ସେହି ସଂଖ୍ୟାରେ ଥିଲା 'ବାଣୀ ଆରାଧନା' ନାମକ ଗୋଟିଏ କବିତା । ଲେଖକ—ଶ୍ରୀ ମାୟାଧର ମାନସିଂହ, ଖୋର୍ଦ୍ଧା ହାଇସ୍କୁଲ ଛାତ୍ର । ସେହି କବିତାର ଉଚ୍ଚ ଭାବ ଓ ଭାଷାର ଲାଳିତ୍ୟ ମୋ ମନକୁ ଆଚ୍ଛନ୍ନ କରି ଦେଇଥିଲା । ସେ ଭାଷା ଓ ଶବ୍ଦ ଯୋଜନା ତୁଳନାରେ ମୋ କବିତା ଯେ କେତେ ତୁଚ୍ଛ, ତାହା ଭାବି ମନେ ମନେ ଲଜ୍ଜାବୋଧ କରୁଥାଏ । ଲେଖକଙ୍କୁ ଥରେ ଦେଖିବା ପାଇଁ ମନ ଅଧୀର ହୋଇ ଉଠୁଥାଏ ।

ଚାର ଗୁର ପାଞ୍ଚ ବର୍ଷ ପରେ ମୁଁ 'ଉତ୍କଳ ସାହିତ୍ୟ' ପ୍ରେସର ପ୍ରୁଫ୍ ରିଡ଼ର ରୂପେ ନିଯୁକ୍ତି ପାଉଥାଏ । 'ଉତ୍କଳ ସାହିତ୍ୟ'ରେ ପ୍ରକାଶିତ ସମସ୍ତ ଲେଖାର ପ୍ରଥମ (ଗେଲି) ପ୍ରୁଫ୍ ମୋତେ ହିଁ ଦେଖିବାକୁ ପଡ଼େ । ସାଫ୍ ପ୍ରୁଫ୍ ନିଜେ ସମ୍ପାଦକ ସ୍ୱର୍ଗୀୟ ବିଶ୍ୱନାଥ କର ଦେଖନ୍ତି ।

ସେ ବର୍ଷ ଉତ୍କଳ ସାହିତ୍ୟ ନବ ବର୍ଷର ପ୍ରଥମ କବିତା ଥିଲା, "ତରୁଣ କବିର ଆଶା" । ତଳେ ଲେଖକଙ୍କ ନାମ—ମା: ମାନସିଂହ । ବିଶ୍ୱନାଥ ବାବୁ

Digitized by srujan ka@gmail.com

ତାକୁ କାଟି "ମାୟାଧର ମାନସିଂହ" କରିଥାନ୍ତି । ଉତ୍କଳ ସାହିତ୍ୟରେ ଯେତେ ପ୍ରବନ୍ଧ, କବିତା, ଗଳ୍ପ ପ୍ରକାଶ ପାଏ, ସେ ସବୁର ଲେଖାରେ ସାଧାରଣ ସମ୍ପାଦକ କିଛି ନା କିଛି କାଟାକଟି ସଂଶୋଧନ କରିଥାନ୍ତି; ମାତ୍ର ଏ କବିତାରେ ନାମ ସଂଶୋଧନ ବ୍ୟତୀତ ଆଉ କୌଣସି ସ୍ଥାନରେ ସମ୍ପାଦକଙ୍କ କଲମ ଲାଗି ନ ଥିଲା ।

ପୂର୍ବରୁ ଉତ୍କଳ ସାହିତ୍ୟରେ ଶ୍ରୀଯୁକ୍ତ ଅନ୍ନଦାଶଙ୍କର ରାୟଙ୍କ ଲେଖା ସବୁ ଶ୍ରୀ ଅ. ରାୟ ନାମରେ ପ୍ରକାଶ ପାଉଥିଲା । ସେଇଥି ପାଇଁ ବୋଧହୁଏ ସମ୍ପାଦକ ମହୋଦୟ ମା: ମାନସିଂହ କାଟି ପୁରା ନାମ ଲେଖି ଦେଇଥିଲେ ।

କବିତା ପ୍ରକାଶ ପାଇବା ସଙ୍ଗେ ସଙ୍ଗେ ଗୁରୁ ଆନ୍ଦୋଳନର ସୂତ୍ରପାତ ହେଲା । ନବୀନ ଲେଖକ ଓ ପ୍ରବୀଣ ସଂପାଦକ ଉଭୟେ କଟୁ ସମାଲୋଚନାର ଶିକାର ହେଲେ । ଯେତେଦୂର ମନେ ହୁଏ, ଶ୍ରୀଯୁକ୍ତ ହରେକୃଷ୍ଣ ବଡ଼ାଳଙ୍କ ସମାଲୋଚନା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା । କବିତାଟିରେ ଥିଲା

"ଖସିଥିଲା ଗୁଡ଼ି ପୃଥିବୀ ବାଧା
ପୂଜିବି ମେ ମୋର ହୃଦୟ ରାଧା
ବଜାଇ ମୁରଲୀ ମୁଁ ଅହରହ
କାହିଁ ବିରହ ?
ଅମର ବୃନ୍ଦା ଯାମିନୀ ତଳେ
ସେ ରାଧା କୋମଳ ଜଘନ ପରେ
ଜୀବନ ମରଣ ଯାଆନ୍ତି ଭୁଲି
ସପନ ପରି ।

× × ×

ପାଖରେ ଥାଆନ୍ତି ଚିର କବିତା
ଚିର ଯଉବନ ପ୍ରଣୟ ଗୀତା
ପ୍ରେୟସୀ ଗାଆନ୍ତି, ଚୁମନ୍ତି ମୁଖ
ପୂରନ୍ତା ବୁକ ।
ବୁଲନ୍ତି ପୁଣି ମୁଁ ରସିକ ପରି,
ସବୁ କିଶୋରୀଙ୍କ ଚିବୁକ ଧରି
ବୋଲନ୍ତି, ସବୁରି ବାନ୍ଧବ ମୁହିଁ ।
ଜାଣ ସୁମୁହିଁ ।

× × ×

Digitized by srujan ka@gmail.com

ନବୀନ କବିର ସଂସାର ପୀଡ଼େ
କବିତାକୁ ବେଳ ନାହିଁ ଏ ଭିଡ଼େ,
ଫଗୁଣ ଚଳଇ ଚଇତ ଆସେ
କି ଯାଏ ଆସେ ।"

ସେଇ ପ୍ରଥମ କବିତାରୁ ହିଁ କବି ମାନସିଂହ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ପ୍ରତିଷ୍ଠିତ ହୋଇ ଉଠିଲେ । ତାଙ୍କ ସହିତ ପରିଚିତ ହେବାର ଆକାଂକ୍ଷା ମୋର ମଉଳି ଗଲା । ଏପରି ମହିମାମୟ ପ୍ରତିଭା ଆଗରେ ମୋର ଯୋଗ୍ୟତା ସଂପର୍କରେ ମୁଁ ସନ୍ଦିହାନ ହୋଇ ଉଠିଲି । ମାତ୍ର ଆମର ଗୋଟିଏ ଅତି ନଗଣ୍ୟ ମେସ୍‌ରେ ଯେଉଁଦିନ ସେହି ଅତି ସୌମ୍ୟ ଦର୍ଶନ ସମବୟସ୍କ କବିଙ୍କୁ ହଠାତ୍ ଦେଖିବାର ସୌଭାଗ୍ୟ ମିଳିଲା, ସେ ଦିନ ତାଙ୍କର ସଦାହସହସ, ପ୍ରତିଭାଦୀପ୍ତ, କବିସୁଲଭ ବଦନ ମଣ୍ଡଳ ଓ ଗର୍ବ ଦାମ୍ଭିକତା ଶୂନ୍ୟ ମଧୁର କଥାବାର୍ତ୍ତା ମେସର ସମସ୍ତଙ୍କୁ ଅତି ଆପଣାର କରି ନେଇଥିଲା । ତାଙ୍କର ପ୍ରଥମ କବିତା ସଂଗ୍ରହ 'ଧୂପ' ପ୍ରକାଶ ପାଇଁ ସେ ଆଗ୍ରହୀ ଥିଲେ । କୌଣସି ପ୍ରକାଶକ ତାହା ପ୍ରକାଶ କରିବାକୁ ରାଜି ହେଲେ ନାହିଁ, ଏପରିକି କୌଣସି ଛାପାଖାନା ମଧ୍ୟ ଗ୍ରହଣ କଲେ ନାହିଁ । ମେସ୍ ସାଥୀ ଶ୍ରୀ ପରମାନନ୍ଦ ରଥ ଓ ମୁଁ କବିଙ୍କ ସହ ଉତ୍କଳ ସାହିତ୍ୟ ପ୍ରେସକୁ ଯାଇ ଶ୍ରୀଯୁକ୍ତ ବିଶ୍ୱନାଥ କରଙ୍କ ଅନୁଗ୍ରହ ପ୍ରାର୍ଥୀ ହେଲୁ । ସେ ଆଗ୍ରହ ସହିତ ସମ୍ମତ ହେଲେ ଓ ଧୂପ ପ୍ରକାଶ ପାଇଲା । ବିଶ୍ୱନାଥ ବାବୁଙ୍କ ନିର୍ଦ୍ଦେଶରେ "ତରୁଣ କବିର ଆଶା" ପୁସ୍ତକର ପ୍ରଥମରେ ଦିଆ ହୋଇଥିଲେ ମଧ୍ୟ 'ନୀତିବାଦୀ'ଙ୍କ ଦ୍ୱାରା କଟୁ ସମାଲୋଚିତ କେତୋଟି ସୁନ୍ଦର ପଦ ବାଧ୍ୟ ହୋଇ ସେଥିରୁ ବାଦ୍ ଦେବାକୁ ପଡ଼ିଥିଲା । ଏ ଯୁଗର ପାଠକପାଠିକାମାନଙ୍କ ଠାରେ ସେ ମାଧୁର୍ଯ୍ୟ ଅଜ୍ଞେୟ ରହିଗଲା ।

ଏକା "ତରୁଣ କବିର ଆଶା" ନୁହେଁ କବିଙ୍କ ଲିଖିତ 'ପୁଷ୍ପିତା' ଯେତେବେଳେ ପ୍ରକାଶ ପାଇଲା, ଶ୍ରୀଯୁକ୍ତ ବଡ଼ାଲ ମଧ୍ୟ ତାର ଅତି କଟୁ ସମାଲୋଚନା କରିଥିଲେ । କବି ଓ ସମାଲୋଚକଙ୍କ ଉତ୍ତରପ୍ରତ୍ୟୁତ୍ତର ବହୁଦିନ ପର୍ଯ୍ୟନ୍ତ ଓଡ଼ିଆ ସାହିତ୍ୟ ଆକାଶକୁ ମେଘାଚ୍ଛନ୍ନ କରି ରଖିଥିଲା । ଏ ଯୁଗର ସାଧାରଣ ପାଠକର ଧାରଣା ହେବା ସ୍ୱାଭାବିକ ଯେ, ଉଭୟେ ଉଭୟଙ୍କର ପରମ ଶତ୍ରୁ ହୋଇ ଉଠିଥିଲେ । ମାତ୍ର ଡକ୍ଟର ମାନସିଂହ ବିଲାତ ଯାଆବେଳେ ଶ୍ରୀଯୁକ୍ତ ବଡ଼ାଲଙ୍କ ଠାରୁ ଯେପରି ଅନାକାଂକ୍ଷିତ ସହଯୋଗ ଓ ପ୍ରେରଣା ପାଇଥିଲେ, ତାହା ସେ କୃତଜ୍ଞତାର ସହିତ ବରାବର ବନ୍ଧୁବାନ୍ଧବମାନଙ୍କ ଆଗରେ ମୁକ୍ତ କଣ୍ଠରେ ସ୍ୱୀକାର କରିଥାନ୍ତି ।

Digitized by srujan ka@gmail.com



କନ୍ୟା ଓ ନାତୁଣୀ ସହ କବି ମାନସିଂ

Digitized by srujan ka@gmail.com



ନିଜଗାଁ ନନ୍ଦଲାରେ ପତ୍ନୀ ଓ କନ୍ୟାସହ କବି ମାନସିଂ

Digitized by srujan ka@gmail.com

"ସୌମ୍ୟ ସ୍ନିଗ୍ଧ ସାରଥୀ, ସ୍ତବ୍ଧ ହେଲ କିପରି"

ଶ୍ରୀ ରାଜକିଶୋର ରାୟ

ରଥ-ଚକା ବନ୍ଦ ହେଲ ତେବେ ? ଜୀବନ ରଥ । ଅଶ୍ୱଗୁଡ଼ାକ ଅମାନିଆ ହୋଇ ଉଠିରେ । ଆଉ ଆଗକୁ ପଥ ନାହିଁ ନା ? ପୁଣି ଘୋର ଦୁର୍ଦ୍ଦିନ । ପ୍ରକୃତିର ଭ୍ରୁ କୁଟି ।

ଶେଷ ହେଲ ଜୀବନ-ପରିକ୍ରମା । ଅଖ୍ୟାତ ପଲ୍ଲୀର ଅଖ୍ୟାତ ଶିଶୁ । ପିତୃମାତୃହୀନ ସନ୍ତାନ । ପ୍ରକୃତି ହେଲ ଧାତ୍ରୀ । ନଦୀ ସରୋବର, ଶୈଳ, ଆକାଶ, ସମସ୍ତେ ଶିଖାଇଲେ ଦରେଟି ଭାଷା·· କଂପନ, ଅଧରରେ କଂପନ, ଆଖିରେ ସୁନ୍ଦରକୁ ସାଉଁଟିବାରେ ତୃଷା । ମନରେ ଧରିଲ ତାଙ୍କର ବହୁରୂପ ।

କିଶୋର ମାନସିଂହ ଶିଖିଲେ ମାନ କରିବାକୁ । ବାନ୍ଧିଲେ ଅଙ୍ଗଭବକୁ । ଅମାନିଆ କୈଶୋରାସ୍ତ ତେଜରେ ଉଚ୍ଛିନ୍ନ ତରଙ୍ଗ ।

ଗୁରୁ ପାଠ ପଢ଼ାଇଲେ । ଶୈଶବ ପାଇକ ଭୂମି । ସେଇଠି ଜୀବନ୍ୟାସ । ମଣିଷ ପଣିଆର ଦୀକ୍ଷା । ବାଙ୍କନଧି ପଠନାସ୍ତକ—ନାମରେ ବନ୍ଧ ହେଲେ ବି ତାଙ୍କ ଭଳି ସିଧା କେହି ନ ଥିଲେ ।

ଦେଖିଲେ, ବାଂଛିତ ଏକ କଳ-ପ୍ରଦେଶ ଉନ୍ମୀଳିତ ହେବାକୁ ପଥ ଖୋଜୁଛି । ନୀରବ ଧ୍ୟାନ । ପିଲାଟା ଦଉଡ଼ି ଯାଏ ବରୁଣେଇ ପର୍ବତ ଶିଖରକୁ । ପଢ଼େ ଅପାଠ ପାଇକ ଜୀବନୀ, ଖୋଜେ ତୃଷାତୁର ତାର ଆଖି ଦୁଇଟି କାରକଙ୍କରେ ଶୋଭା ।

ମିଳିଯାଏ ସେ ଚନ୍ଦ୍ରାତପ । ତଳେ ବନ ବୀଥିକାର ସଜ୍ଜିତ ଆମ୍ରତରୁର ମଧୁ ପ୍ରଦେଶ । ପିଲାଟା ହଜିଯାଇଛି କେତେବେଳେ ନବରଙ୍ଗ ଚଟିଗା ତଳେ କେବେ ବା ବିଘୂର୍ଣ୍ଣିତ ହେଉଛି ତାର ଆତ୍ମା ପ୍ରକୃତିର ଶାଶ୍ୱତ କଳ-କୂଜନରେ ।

Digitized by srujan ka@gmail.com

ବିଷ ଓ ବନ୍ଧୁତା । ଦୁଇଟାର ଅଭିଶାପ ଥିଲା ଭାଗ୍ୟ ଉପରେ । ଏଇ ବୟସରୁ ଏମିତି ଅଭିମାନ ? ଯେ କ୍ଷଣଟି ନ ଥିଲା ମୃତ୍ୟୁ-ଶୀତଳ ବେଳା-ଆଶ୍ରମ ପଥ ପଡ଼ିଛି·· ବିରାଟ ଯୋଜନା କେତେ ପ୍ରେମ ହରିଣୀର ସ୍ୱର୍ଣ୍ଣିମ କୁନ୍ତଳର ସ୍ପର୍ଶ ! କେତେ ପୁଷ୍ପ, ଶଯ୍ୟା ଉପରେ ପଦପ୍ରାନ୍ତର ଆଲିଙ୍ଗନ···

ବନ୍ଧୁକଟା ଅବଶ୍ୟ ଗୁଳିଭରା ଥିଲା । ଫୁଟିଥିଲେ ବାଜିଥାନ୍ତା ବକ୍ଷ ଉପରେ । ଶୋଣିତର ଜବାରେ ସେ ଜୀବନ ଜଳି ଯାଇଥାନ୍ତା ।

କିନ୍ତୁ ନା ··ଯେ ଧରିଲେ ଆଗ୍ନେୟ ଅସ୍ତ୍ର, ସେ ଥିଲେ ନିମିତ୍ତ ମାତ୍ର । ଯେ ରଚିଲେ ସ୍ୱର୍ଣ୍ଣ-କୁରଙ୍ଗୀ ଭଳି ଟିକିଏ ଦେହ ଆମ୍ଭ ମନ ଆଉଁସା ସମ୍ଭାର ତଳର ଛନ ଛନ ଆନ, ସେ ବି ଥିଲେ ନିମିତ୍ତ ମାତ୍ର !

ନିମିତ୍ତ ମାତ୍ର ହେଲା କ୍ରମେ ବିଶ୍ୱ ରୂପ । ସେ ସିନା ଥିଲା ପ୍ରଣୟ-ପ୍ରତିଦ୍ୱନ୍ଦୀର ଅସ୍ତ୍ର ଉଠା ହୁଙ୍କାର···ତା ପରେ ତ ଜୀବନ ଯାକ ବନ୍ଧୁ ବନ୍ଧୁକ, ଗୁଳି ଧନୁଷ୍ଟଙ୍କାର ·· କେତେ ବାଜିଛି, କେତେ ଝଡ଼ିଛି··· କରୁଣା— ଦୃଷ୍ଟିରେ ଦେଖିଲି ବୈଷ୍ଣ ଲେଖିଛି ତଳେ···'ଆହା' କହୁଛି, ପୁଣି ଠୋ ଠୋ ହସ

ସେ ହସ ଅଧରରୁ ଆସେ ନାହିଁ । ସେ ହସ ନଗୁଛ ଦୁଏ ଆଖି ପତାକୁ ଲଲାଟକୁ···ସର୍ବଶରୀର ଢେଉ ତୋଳେ, ମାନବିକ, ପ୍ରୀତିପୂରକ ଓ ବିଶ୍ୱ ଉଲ୍ଲାସକ ସେଇ ଠୋ·· ଠୋ ହସ ।

କଟକ,
୧୪ । ୯ । ୭୩

ପ୍ରିୟ ସ୍ୱପ୍ନ,

କଟକ ତ ଆସୁଥିବ ଦୟାକର ଥରେ ଥରେ ଚନ୍ଦ୍ର ବଦନ ପ୍ରଦର୍ଶିତ କରିଗଲେ ଏ ଦୀନ କୁଟୀରରେ, କ୍ଷତି ତ କିଛି ଲାଗନ୍ତା ନାହିଁ । ସେଟେ ସେଟେ ହସନ୍ତେ ତ । ଇହ ଜୀବନରେ ତା ଠୁଁ ବଳି ଉପଭୋଗ୍ୟ ଆଉ କିଛି ଥାଇପାରେ, ମୁଁ କଳ୍ପନା କରି ପାରୁନି । ଶେଷ ବୟସର ନିଃସଙ୍ଗତାରେ ତାରି ଅଭାବରୁ ହିଁ ମୁଁ ଏବେ ବଡ଼ବର ଅପୂର୍ଣ୍ଣ ରହୁଛି ବୋଲି ଆଶଙ୍କା । ଇତି ।

ଚରଣଶ୍ରିତାନୁଧ୍ୟାୟୀ
ମାୟାଧର ମାନସିଂହ

Digitized by srujan ka@gmail.com

ଆଃ, ଚିର ଶୁଭାନୁଧ୍ୟାୟୀ "ମାନସିଂହ" କେବେ ଅଶୁଭ ଅନୁଧ୍ୟାୟୀ ଥିଲ କି ? କାହା କାହା ପାଇଁ ଥିଲ ନିଶ୍ଚୟ, କାରଣ ସତ୍ୟଟାକୁ ମିଥ୍ୟା କରିବାରେ ମିଥ୍ୟାକୁ ସତ୍ୟ କରିବାରେ ପ୍ରବୀଣମାନଙ୍କୁ, ଯାହାଙ୍କ ପାଇଁ ଦେଶ ଉଚ୍ଛନ୍ନ ଯାଉଛି, ସେଇମାନଙ୍କୁ ତୀବ୍ର କଟାକ୍ଷରେ ଦେଖି ନେଉଥିଲ ତାଙ୍କ ଗତିପଥ ପରିବର୍ତ୍ତନ !

ଆଉ ଚନ୍ଦ୍ରବଦନ କଥା ! ମାନସିଂହଙ୍କ ଚନ୍ଦ୍ରକୁ ଏ ଜାତିର ଅର୍ଦ୍ଧଶତାବ୍ଦୀ ସନ୍ତାନଗଣ କେବେ କଅଣ ଭୁଲି ପାରିବେ ? ମଜା କଥା । କଳା ଅଂଶରେ ଚନ୍ଦ୍ର ବିମ୍ବର ଆରୋପ ? ଯଥାର୍ଥ କବି, ଶିଳ୍ପୀ, ନ ହେଲେ ଏତେ ଅନୁରଞ୍ଜନ ? ମୋ ବଦନରେ ଏ ଦୀପ୍ତି ଭାବନା ?

ଯୌବନର 'ଧୂପିତ' ଜୀବନ । ନାଲିସ୍ୱେ ନାଲିସ୍ୱେ କିଶୋରୀ କଙ୍କଣର କଳଧ୍ୱନି । ଶିଳ୍ପରେ ନୂତନ ପଥ ସନ୍ଧାନ । ସାହିତ୍ୟରେ ନୂତନ ଦର୍ଶନ, ଅଥଚ ଦେହଟି ନୁହେଁ···ଦେହ ମଧ୍ୟ ଦେଇ ଅବ୍ୟୟ ଅକ୍ଷୟ ଚିରମୁକ୍ତର ପ୍ଳାବନ, ରସ ପ୍ରଣୟ, ହେଲେ ଚେତନା, ବ୍ରାହ୍ମୀ-ଚେତନା ।

ସତ୍ୟ, ସୁଷମା ଓ ଶିବତ୍ୱ ··ସବୁଟି ଏକ ଭାବ । ଜୀବନ ଆରମ୍ଭ "ମାଷ୍ଟ୍ର" ଗିରିରେ । ସେ କଅଣ ପଢ଼ା ପଦ୍ଧତି ? ନିଜେ ପଢ଼ି ନିଜେ ଖେଳି, ଭବାତୁର, ହୃଦ କାନ୍ଦ କ୍ଲାସଟା ଭିତରେ । ମାନସିଂହଙ୍କ ସ୍ମୃତିରୀ ଶିଳ୍ପ ··ପଞ୍ଚ ଅରଣ୍ୟ, ସେଠ ଶିକ୍ଷାନୁଷ୍ଠାନ, ସେଠାରେ ଉତ୍ତର ମେଘର ସ୍ପନ୍ଦିତ ଆଲୋକ ଶିଖା କଂପନ ·· ଜଗନ୍ନାଥ ଧର୍ମ ସାଗର ବୀଜ ଥିଲ କି ?

ଭବାନୀ ପାଟଣା ମା ଭବାନୀ କୋଳରେ ମାନସିଂହ, ସେଇଠାରୁ ଅଦୃଶ୍ୟ ଚାଲିଗଲ, ପଶ୍ଚିମକୁ, ପଶ୍ଚିମ ପଥିକ । ଭିକ୍ଷୁକ ବେଶରେ, ଷ୍ଟୋଭ୍ ଘଣ୍ଟା ରାନ୍ଧ ନିଜ ହାତରେ ପାଚକତା···କିନ୍ତୁ କି ଅଭିମାନ ? ଦୁର୍ଦ୍ଦମ ଅଭିମାନ...

କଟକ

୨୩ । ୮ । ୭୩

ପ୍ରିୟ ରସ୍,

ତୁମର ଆତ୍ମ-ଚରିତ ମୂଳକ ଏକ ପ୍ରବନ୍ଧ ମୁଁ ଗତ ସଂଖ୍ୟା 'ନବରବି'ରେ ପଢ଼ିଲି । ସେଥିରେ ମୁଁ "ରାଜ ପ୍ରୁଷ୍ଟ ପୋଷକତା"ରେ ଇଂଲଣ୍ଡ ଯାଇଥିଲି ବୋଲି

Digitized by srujan ka@gmail.com

ଯାହା ଲେଖିଛ, ତାହା ଏକ ମାରାତ୍ମକ ମିଥ୍ୟା । ଆଶାକରେ ତମେ ଏହି ଚିଠି 'ନବରବି'ରେ ପ୍ରକାଶିତ କରାଇ ଏହି ଗୁରୁ ପ୍ରମାଦକୁ ଜନଚକ୍ଷୁରୁ ଅପସାରିତ କରାଇବାରେ ଚେଷ୍ଟା କରିବ ।

ମୁଁ 'ରାଜ ପୃଷ୍ଠ ପୋଷକତା' ପାଇଥିଲେ ହରିଣ ବଡ଼ାଳଙ୍କଠାରୁ ଆର୍ଥିକ ସାହାଯ୍ୟ ନେଇତି ଫେର୍ ଶୁଝି ଥାନ୍ତି କାହିଁକି ? ଏ ସବୁ 'ପଶ୍ଚିମ ପଥିକ'ରେ ବୋଧହୁଏ ବା ଅନ୍ୟତ୍ର ପ୍ରକାଶିତ ହୋଇଅଛି ।

ମୁଁ ଭବାନୀ ପାଟଣାରେ ମାତ୍ର ବର୍ଷେ ଥିଲି । ମୁଁ ପୁଣି ବାହାରର ଲୋକ । ମତେ କଳାହାଣ୍ଡି ମହାରାଜା "ପୃଷ୍ଠ ପୋଷକତା" କାହିଁକି କରି ଥାଆନ୍ତେ ? କଳାହାଣ୍ଡିର କୌଣସି ଜମିଦାର ବହୁ ଟଙ୍କା ରଖିଛନ୍ତି ଶୁଣି ତାଙ୍କୁ ପରେ-ସୁଝି ଦେବାର ପ୍ରତିଶ୍ରୁତି ଦେଇ କିଛି ସାହାଯ୍ୟ ମାଗିଥିଲି । ସେ ହଁ କରିଥିଲେ । କିନ୍ତୁ ଦେଲେ ନାହିଁ । ମୁଁ ମୋର ସାମାନ୍ୟ ସଂଚୟ ଓ ମୋର ସ୍ତ୍ରୀଙ୍କ ସ୍ୱାର୍ଥ ତ୍ୟାଗ, କେବଳ ଏତିକି ପୁଞ୍ଜି ନେଇ ସମୁଦ୍ରକୁ ଡେଇଁ ଥିଲି ।

କାହାକୁ ଭିକ୍ଷା କରିନ, ଯଦିଓ ଭବାନୀ ପାଟଣାରେ ମହାରାଜା ଦେଓ୍ୟାନ, ଗ୍ରାମସମାଜ ଓ ଜନତା, ସମସ୍ତେ ମୋ ପ୍ରତି ସୁପ୍ରସନ୍ନ ଥିଲେ । ମୁଁ ସ୍ଥାନ ପ୍ରତି କୃତଜ୍ଞ, କାରଣ ମୋର ପ୍ରଥମ ସନ୍ତାନ ସେଇଠି ଭୂମିଷ୍ଠ ହୋଇଥିଲା । କିନ୍ତୁ ମୁଁ କୃତଜ୍ଞ ନୁହେଁ ଭବାନୀ ପାଟଣା ମତେ କୌଣସି ଆର୍ଥିକ ସାହାଯ୍ୟ ଦେଇଥିଲା ବୋଲି ।   । ଇତି ।

ଚିର ଶୁଭେଚ୍ଛୁ,
ମାୟାଧର ମାନସିଂହ

ପ୍ରସ୍ଥାନର ଦେଢ଼ମାସ ତଳର ହସ୍ତଲିପି । ଲିପି ନୁହେଁ ତ ବୁଲେଟ୍ । ଅସତ୍ୟ ପ୍ରତି ବୁଲେଟ୍ । ସଂଶୋଧନ କର । ପୁନରୁଲ୍ଲେଖନ କର । ଜାତିର 'ଡକ୍‌ଟର' ଓ ପରବର୍ତ୍ତୀ 'ସିଂହ' ମାନେ, ଜାତିର 'ଦୀପକ' ପ୍ରଦୀପ ମାନେ ସେ ଦିନ ଯେଉଁମାନେ ଗୋଡେଇ ଗୋଡେଇ ସେ ପ୍ରଶାନ୍ତ ହସବିକିରଣକାରୀଙ୍କୁ ମାର୍ତ୍ତଣ୍ଡର ଚାପ ଭିତରେ 'ହାତାହାତି' କରିଥିଲେ, ସେହିମାନେ ନିଜ କୀର୍ତ୍ତିକୁ ତାହା ଫଟା ମାଟିଆ ଭିତର 'ଧର୍ଷଣ' କି 'ବର୍ଷଣ' ଯାହା ହେଉ, ସଂଶୋଧନ କର, ଅନୁତପ୍ତ ହୁଅ ।

Digitized by srujan ka@gmail.com

ମୁଁ ଦୁଃଖିତ ଯେ ମୁଁ ଭୁଲ୍ ଲେଖିଥିଲି । ଯେ କାଳରେ 'ରାଜପୃଷ୍ଠ-ପୋଷକତା', ଅନାୟାସଲବ୍ଧ ବୋଲି ବିବେଚିତ ଥିଲା, ମୋର ଧାରଣାରେ ତା'ହାହିଁ ସାମ୍ଭବ୍ୟ ଥିଲା ।

ଔଷଧକୁ ମିଠା କରି ଆଜି ଯେ ଖୁଆଇ ପାରୁଛୁ, ସେ ଦୁଇ କୁଳକୁ ରକ୍ଷା କରୁଛୁ । କୌଟିଲ୍ୟର ନବ ସଂସ୍କରଣ । ଅନେକ ତ ଚିବେଇକୁ ବାଧ୍ୟ ଥିଲେ ବି ସତ୍ୟର ସୀମାସ୍ପର୍ଶ କରନ୍ତି ନାହିଁ । ସେମାନେ କାହିଁ ବୁଝିବେ ନର୍ଦ୍ଦମାର ମଳକୁ ସଫା କରିବାକୁ ବି ଡାକ୍ତରଙ୍କର ଭୂମିକା ଅଛି ?

ପାଦ ଲେହନ ଓ ତୈଳ ବିଲେପନ କରିବାକୁ ଜୀବନର ମହତ୍ତ୍ୱ କିମ୍ବା ବୋଲି ଯେଉଁମାନେ ଭାବନ୍ତି ନିଜ ସମ୍ପର୍କର ଉନ୍ନୟନ ପାଇଁ, ସେମାନେ ଶୁଣନ୍ତୁ ମାନସିଂହୀୟ ବଜ୍ର ବାଣୀକୁ······

"ସ୍କୁଲର ଅର୍ଥ ଯେପରି କେହି ନ ବୁଝନ୍ତୁ କେବଳ ଡିଗ୍ରି-ଡିପ୍ଲୋମାର ଝଲକ । ଏ ଦେଶ ଓ ବିଦେଶରୁ ଡକ୍ଟରେଟ ଦଣ୍ଡ ଅନାୟାସରେ ସଂଗ୍ରହ କରି ବହୁ ମୂର୍ଖଙ୍କୁ ଆମେ ଏବେ ଭେଟୁଛୁ କଲେଜ ଓ ବିଶ୍ୱବିଦ୍ୟାଳୟ ମାନଙ୍କରେ । ଲୋକପ୍ରତିନିଧିଠାରେ ଆମେ ଏ ପ୍ରକାର ବିରୋଧାଭାସୀ ଚିନ୍ତା-ଚଇତନ ଦେଖିବାକୁ ଚାହୁଁନା । × × ଗତ ପଚିଶ ବର୍ଷ ଭିତରେ ଆମର ଜାତୀୟ ଅଧଃପତନର ବଡ଼ କାରଣ ହେଲା ଏହି ଯେ ଗୁଡ଼ାଏ ଲୋକ, ବୌଦ୍ଧିକ, ବୈଜ୍ଞାନିକ ଓ ନାଗରିକ ସଦ୍‌ଗୁଣାବଳୀକୁ ଭ୍ରୂକ୍ଷେପ ନ କରି କେବଳ ଦେଖିଦବାର ଫୁଲମାଳା ଦେଖାଇ, ରାଜନୀତିକୁ ଏକମାତ୍ର ପେଶା କରି ବସିଲେ ଏବଂ ସେଥିରେ ଥିବା 'ଲୋକ-ସଂଗ୍ରହର ସୁବର୍ଣ୍ଣ ସୁଯୋଗକୁ ଖାତିର ନ କରି ସେମାନେ କେବଳ ନିଜ ନିଜ ପାଇଁ ଧନ-କ୍ଷମତା ସଂଗ୍ରହ କରି ଲାଗିଲେ । କ୍ଷମତାରୁ ଟଳି ପଡ଼ିଲେ, ଏମାନଙ୍କର ଅନ୍ୟ କୌଣସି ହେଲେ ଗୁଣ ନାହିଁ ଯାହା ପାଇଁକି ସମାଜ ଏମାନଙ୍କୁ ଖାତିର କରିବ ।

ଇଂଲଣ୍ଡ ଓ ଯୁକ୍ତରାଷ୍ଟ୍ର ପ୍ରଭୃତିରେ କାହାରି ହେଲେ ରାଜନୀତି ଏକମାତ୍ର ଜୀବିକା ହୋଇ ରହି ନ ପାରେ । କୌଣସି ଗଣତାନ୍ତ୍ରିକ ରାଷ୍ଟ୍ରରେ ଏହା ସଂଭବ ହୋଇ ନ ପାରେ ।

ଅନ୍ୟ ପକ୍ଷରେ ଇଂଲଣ୍ଡର ପୂର୍ବତନ ପ୍ରଧାନ ମନ୍ତ୍ରୀ ଉଇଲସନ୍ ଥିଲେ ଓ ଅଛନ୍ତି ମଧ୍ୟ । ଇଂଲଣ୍ଡର ପ୍ରତିଭାଧର ଓକିଲମାନଙ୍କ ଭିତରୁ ଏକତମ ।

Digitized by srujan ka@gmail.com

ଅବ୍ରାହମ୍ ଲିଙ୍କନ ଥିଲେ ଓକିଲ । କେନେଡ଼ୀ ଥିଲେ ଧନୀ ଘରର ପିଲା । ପ୍ରେସିଡେଣ୍ଟ ଜନ୍‌ସନ୍‌ଙ୍କର ବ୍ୟବସାୟ ହେଲା ପଶୁ ପାଳନ । ଇଂଲଣ୍ଡର ପ୍ରଧାନ-ମନ୍ତ୍ରୀମାନଙ୍କ ଭିତରେ, ରାମ୍‌ସେ ମାକ୍‌ଡୋନାଲଡ୍‌ ବୋଧହୁଏ ଥିଲେ ଦରିଦ୍ରତମ, ବ୍ୟକ୍ତି । ସେ ଥିଲେ ଏକ ମୋଚିର ପୁତୁରା ଜନ୍ମ ପିଲାଦିନୁ ଏକ ଶ୍ରମିକ ଭାବରେ ନୈଶ୍ୟ ବିଦ୍ୟାଳୟମାନଙ୍କରେ ପାଠ ପଢ଼ି ସେ ଶେଷରେ ସାମ୍ବାଦିକ ଓ ଲେଖକ ଭାବରେ ଜୀବିକାର୍ଜନ କଲେ । ଏଥିରେ ବା କେତେ ମିଳିବ ? ତେଣୁ ପ୍ରଧାନ ମନ୍ତ୍ରୀ ହେବା ବେଳକୁ ମଧ୍ୟ ତାଙ୍କର ନିଜର ଗୋଟିଏ ମଟରକାର ନ ଥିବା ଯୋଗୁଁ, ଜଣେ ବନ୍ଧୁ ତାଙ୍କୁ ନିଜର କାରଟି ଧାର ଦେଇଥିଲେ । ଡାଉନିଂଷ୍ଟ୍ରିଟର ଦଶନମ୍ବର ଘର ଛାଡ଼ିବା ପରେ ତାଙ୍କ ଝିଅ ଗୋଟିଏ ଚା' ଦୋକାନୀକୁ ବିବାହ କରିଥିଲା । ଅଥଚ ଆମର ତଥାକଥିତ ଗାନ୍ଧିବାଦୀ ମନ୍ତ୍ରୀମାନଙ୍କ ପୁଅ ଝିଅ ବିବାହର କି ଆଡ଼ମ୍ବର ଆମେ ନ ଦେଖିଲୁ । ”

(ମାର୍ଚ୍ଚ ୧୯୭୩ ସଂଖ୍ୟା ନବରବି)

ଏ ଥିଲା ମାନସିଂହ ହାତର ଶାଣିତ ଛୁରିକାରେ ଶବ ବ୍ୟବଚ୍ଛେଦ ପ୍ରକ୍ରିୟା ...... ଏକା ଲେଖନୀ ପୁଣି ଝରାଇଥିଲା—

ଦକ୍ଷିଣ-ସମୁଦ୍ର ତୀରେ   ଲୁଡ଼କଙ୍କ ଯେ ବାଲିରେ
ବାଧାହୀନେ   ଉଡ଼ିଯାଏ ବେଳା   ବିଚରି
କ୍ଷୀଣାଙ୍ଗୀ ହରିଣେ ଗଣ   ଖାଇ ଫଳକନ୍ତ ତୃଣ
ଡ଼ିଆଁ ଦି ଉତ୍ସାହେ ବାଲି ମନ୍ଥନ କରି
ବାଲିବନ୍ତେ କଇଁସି ଲତା
କରେ ଆନେ ଆନେ ମରୁ ଶ୍ୟାମଳ ସତ୍ତା ।

(କେମା)

ଦେଖୁଛୁ, କେତେ ପୂର୍ବତନ ଡ଼ଃ ପିଃ ଆଇ, ପ୍ରିନ୍ସିପାଲଙ୍କ ଅଧୀନରେ ମାନସିଂହ କାରାରୁଦ୍ଧ ରହିଥିଲେ । ଆଜି ହଠାତ୍ ମାନସିଂହ ପ୍ରତିଭା ବିଶ୍ଳେଷଣ କରୁଛନ୍ତି ଶୋକାତୁର ହୋଇ । କାହାର କାହାର 'ଶେଷପତ୍ର' ବି ଫର ଫର ହେଉଛି ସତେ କି ମାନସିଂହ ବଚନ "ଭାଇ, ଖେଳୁଆଡ଼ ମନୋବୃତ୍ତିରେ ସବୁ ଜିଣ" ଏତେ ଦିନେ ସ୍ୱାଙ୍କୁ ସବୁ ଅମୃତ ଲାଗୁଛି !

Digitized by srujan ka@gmail.com

ଶ୍ରୀ ନବକୃଷ୍ଣ ଚଉଧୁରୀ ମୁଖ୍ୟମନ୍ତ୍ରୀ । ସରକାର ମୌଳିକ ଶିକ୍ଷା ପ୍ରଚଳନ କଲେ । ଅଯୋଜିତ ଅଜାଣ୍ତ ଏ ଯୋଜନାରେ ମାସ୍ଟରଧରଙ୍କର ମନ ମାନିଲାନି— ଅଥଚ ଏହାକୁ ନିଷ୍ଠାରେ ଚଳେଇବା ଇନସ୍‌ପେକ୍‌ଟର ଭାବରେ ତାଙ୍କର କାମ ଥିଲା ।

ସେ ଲେଖନୀ ବଜ୍ରଦୃଢ ହୋଇ ଗ୍ରଥିଲା 'ପ୍ରଜାତନ୍ତ୍ର'ରେ ମୌଳିକ ଶିକ୍ଷାର ବିରୋଧୀ ପ୍ରବନ୍ଧ । ଯାହା ସତ୍ୟ ନ ଥିଲା, ଥିଲା ସେପରନସଙ୍ଗ୍ୟ ତାକୁ କମିଅ ମାନସିଂହ କରିଥାନ୍ତେ ସମର୍ଥନ । କହିଲେ ସବୁ ବିଫଳ ହେବ, ହେଲା ବି । କିନ୍ତୁ ସେତେବେଳକୁ ସେହି ଡ଼ି. ପି. ଆଇ ପ୍ରିନସିପାଲମାନେ ମାନସିଂହ-ନିଧନସପନ୍ନ କରି କରତଳଚକ୍ରରଞ୍ଜିତ କରି ପାରିଥିଲେ ।

ମାନସିଂହଙ୍କୁ ବାଡ଼େଇଛି ପାରିଆ ଡ଼ଗ୍ କୁଣ୍ଡାକୁ ବାଡ଼େଇଲା ଭଳି । ମରଣର ନିମନ୍ତ୍ରଣ-ସ୍ୱାଗତ-ତୋରଣ ଆଡ଼କୁ ଧୀରେ ଧୀରେ ଗତି କରୁଥିବା ବେଳେ ବି ମାନସିଂହ-ମାନସ ଏହି 'କୁଣ୍ଡାତ୍ୱ' ପ୍ରତି ଖର୍ଣ୍ଣକାତର ହୋଇ ଯାହା ପ୍ରକାଶ କରିଛି—

କଟକ,
୭ । ୯ । ୭୩

ପ୍ରିୟ ଭାସ୍କ,

ତମର ଚିଠିଟି ପାଇଛି । ତମର ସୌଜନ୍ୟ ବନ୍ଦନୀୟ । ତମକୁ ବହୁ ଆଗରୁ ଉତ୍ତର ଦେବାର କଥା । କିନ୍ତୁ ଦଶ ବାର ଦିନ ହେବ, ଭୀଷଣ ସର୍ଦ୍ଦି-କାଶ ରୋଗ ଦ୍ୱାରା ଆକ୍ରାନ୍ତ ହୋଇ ବିଛଣାରେ ଶୋଇ ପାରୁନି କି ଦିନରେ ଚିଠି ଖଣ୍ଡେ ବି ଲେଖି ପାରୁନି । ଆଜି ଟିକିଏ ଭଲ ଲାଗିବାରୁ ଏ ଚିଠି ଲେଖି ବସିଲି । ତମର ଚିଠିଟି ମତେ କିନ୍ତୁ ପୁରୁଣା କଥା ସ୍ମରଣ କରାଇ ଦେଲା ।

ବହୁବର୍ଷ ତଳେ ମୋ କାର୍‌ରେ ରାଧାମୋହନ ଗଡ଼ନାୟକଙ୍କ ଅନୁଗୋଳ ଯାଇଥିଲେ । ସେ ବାଟରେ ମତେ ଖଣ୍ଡେ ବହି ପଢ଼ି ଶୁଣାଉଥିଲେ । ସେ ବହିଟି ତମର । ସେଥିରେ ତମେ ମାନସିଂ ଉପରେ ବେଶ୍ ବର୍ଣ୍ଣାଢ଼୍ୟ ମନ୍ତାମତ ଦେଇ-ଥିଲ । ମୋର ସେ ବହି ନାଁ । ମନେ ନାହିଁ । ତେବେ ଉତ୍କଳ ଦେଶରେ ତମେ ମାନସିଂ ପରି ଏକ ଅବାଂଛିତ— ଅପାଙ୍କ୍ତେୟ ଲୋକ ପାଇଁ ପ୍ରଶସ୍ତି ପ୍ରକାଶ କରି ଯେଉଁ ସତ୍‌-ସାହସ ଦେଖାଇଥିଲ ସେ କାଳରେ, ସେଥିରେ ମୁଁ ଅଭିଭୂତ

Digitized by srujan ka@gmail.com

ହୋଇଥିଲା । ଯାହାହେଉ ସେ ସବୁ ସଂପୂର୍ଣ୍ଣ ଭୁଲିଯାଇଥିଲି । ଏବେ ଶ୍ରୀ ରାଧାଶ୍ୟାମ ବେହୁରା ନାମକ ଜଣେ ତରୁଣ ଅଧ୍ୟାପକ (ପଦ୍ମପୁର ସଂସ୍କୃତ କଲେଜ) ମାନସିଂ ଉପରେ ଏକ ସଂକଳନ ଆୟୋଜନ କରୁଛନ୍ତି । ଯେହେତୁ ସେ କଟକରୁ ବହୁଦୂରରେ, ତେଣୁ ମତେ ଯେ ପ୍ରାପ୍ତ ପ୍ରବନ୍ଧଗୁଡ଼ିକ ଉପରେ ଆଖି ବୁଲାଇ ଦେବାକୁ ଅନୁରୋଧ କରିଥିଲେ ।

ତମର ଚିଠି ପାଇ ହଠାତ୍ ମନେପଡ଼ିଗଲା ଯେ ପ୍ରାବନ୍ଧିକମାନଙ୍କ ଭିତରେ ତମେ ନାହଁ । ହୁଏତ ତମ ସହ ପରିଚୟ ଅଭାବରୁ ବେହୁରା ଅନୁରୋଧ କରିବାକୁ ସାହସ କରି ନାହାନ୍ତି । ତେବେ ସମୟ ଅଛି, ରୁଚି ହେଲେ କିଛି ଲେଖି ପଠାଇ ପାର ।

ଆଜି ମାନସିଂ 'କୃତିତ୍ୱ' ଉପରେ ଲେଖିବାକୁ ତମର ଯଦି ପୂର୍ବର ତରୁଣ ସାହସିକତା କୁଳାଉନି, ତେବେ ମାନସି- "କୃତିତ୍ୱ" ଉପରେ ତ ସ୍ୱଚ୍ଛନ୍ଦରେ ଗୁଡ଼ାଏ ଲେଖିପାର । କାରଣ ଓଡ଼ିଆ ସାହିତ୍ୟ-ନଗରରେ 'ମାର' 'ମାର' 'ହତ୍', ହତ୍ କହି ଠେଙ୍ଗା ହଂଚେଇବାର ଏକମାତ୍ର "କୁତ୍ତା"ପାରିଆ ଡ଼ଗ୍ —ହେଉଛି ମାନସିଂ ।

ତାର ଗ୍ରନ୍ଥାବଳୀରୁ ଯେଉଁଠା ଏ ଉଦ୍ଦେଶ୍ୟରେ ତମ ପାଇଁ ସର୍ବୋତ୍ତମ ଲଠି ଯୋଗାଇ ପାରିବ, ବେଶ୍ ଦେଇଟିକିଣ୍ଡି ବାଛି ନେଇ, ତାକୁଇ କେନ୍ଦ୍ର କରି ପାଲା ଗାଇ ଯାଅ । ଚଅଁର ଘୂରେଇବାରେ ଯଥେଷ୍ଟ ସୁଯୋଗ ମିଳିବ ଏବଂ ମିଳିବ ମଧ୍ୟ ଉତ୍କଳ ଦେଶର ଅତି ପ୍ରଚୁର ଶସ୍ତା ହାତ-ତାଳି ।

ଶୁଭାନୁଧ୍ୟାୟୀ

ମାନସିଂ

ଏହା ପରାଜିତ ବ୍ୟକ୍ତିତ୍ୱର ବିଳାପ ନୁହେଁ, ଏହା ଅମୃତ ସଂଧାନୀ ସତ୍ୟ-ହୃଦୟର ଅପରିସୀମ ରକ୍ତୋଚ୍ଛ୍ୱାସ ! ତେଣୁ ଯେତେବେଳେ ଦେଖାଯାଉଛି ଗୁଡ଼ାଏ ଲୋକ ମାନସିଂ ପ୍ରୟାଣରେ ବାଷ୍ପରୁଦ୍ଧ ବା ଅଶ୍ରୁ ଗଳିତ ହେଉଛନ୍ତି— ଯେଉଁମାନଙ୍କଠାରୁ ସେ ଆଘାତ ପରେ ଆଘାତ ପାଇ ହତବାକ୍ ହୋଇଯାଇଥିଲେ । ଯେଉଁମାନେ ପର ମତ ଅସହିଷ୍ଣୁ ହୋଇ ଭାରତର ମୌଳିକ ସଂସ୍କୃତିର ପ୍ରଥମ

Digitized by srujan ka@gmail.com

ପୁଣି 'ସହୃଦୟତା'କୁ ବିସର୍ଜନ କରି ଶିକା ଝାଣି କଲସୀ ଫଟାଇ ଅଭିନବ ତଥା ଅଶ୍ଳୀଳ ଉପାଖ୍ୟାନ ତାଙ୍କୁ ଦେଇଥିଲେ, ସେ ବାଷ୍ପରୁଦ୍ଧତା ବା ଅଶ୍ରୁ ପ୍ରବାହରେ ଲେଖନୀ ଓ ପ୍ରତାରଣା ଛଡ଼ା ଆଉ କଅଣ ଥାଇପାରେ ?

ସୌମ୍ୟ ସ୍ନିଗ୍ଧ ସାରଥୀ ଆଜି ଜୀବନରଥ ପରିବନ୍ଧନରୁ ମୁକ୍ତ । କାଳଜୟୀ ମୃତ୍ୟୁଞ୍ଜୟୀ ମାନସିଂହଙ୍କର ସରସ କୃତି ଅକଳନୀୟ । ମହାକାଳର ଅଙ୍ଗନରେ ତାହା ସଂରକ୍ଷିତ, ସାବ୍ୟସ୍ତ ଓ ସତ୍କୃତ ।

Digitized by srujan ka@gmail.com

ପରମ ପ୍ରତିଭା ମାନସିଂହ

ଶ୍ରୀ ରାଜେନ୍ଦ୍ର ବର୍ମା

ଜଗତରେ ଏପରି କେତେ ଜଣେ କ୍ଷଣଜନ୍ମା ବ୍ୟକ୍ତି ଏହି ପୃଥିବୀକୁ ଆସି-ଥାନ୍ତି । ସେ ଦେଶ ତଥା ଜାତିର ସେବାକରି ଅକ୍ଷୟ ଓ ଅମର କୀର୍ତ୍ତି ସ୍ୱର୍ଣ୍ଣାକ୍ଷରରେ ଯୁଗ ଯୁଗକୁ ରଖି ଦେଇ ଯାନ୍ତି । ମାନସିଂହ ସେହିପରି ଜଣେ ଯୋଗଜନ୍ମା ପୁରୁଷ ରୂପେ ଜନ୍ମ ଲାଭ କରିଥିଲେ । ସେ ନୀରବ ସାଧନା କରି ନୀରବରେ ଏ ଧରା ଧାମରୁ ବିଦାୟ ନେଇ ଚାଲିଗଲେ । ତାଙ୍କର ଅସୁସ୍ଥତା ସମ୍ବାଦ କେହି ଜାଣିଲେ ନାହିଁ କି ତାଙ୍କ ପ୍ରୟାଣ କଥା ମଧ୍ୟ ଜଣା ପଡ଼ିଲା ନାହିଁ । ଯେଉଁଦିନ ଖଣ୍ଡ ପ୍ରଳୟ ହେବାର ସୂଚନା ପାଇ ଲୋକ ବିପଦ ଆଶଙ୍କାରେ ଆତଙ୍କିତ ଓ ସେହିଦିନ ସନ୍ଧ୍ୟାରେ କରାଳ ବୃଷ୍ଟିର ଆଗମନ ମଧ୍ୟରେ କବି ମାନସିଂହ ତା'ର ମଧ୍ୟରେ ଏ ସଂସାରରୁ ଅପସରି ଗଲେ । ତାଙ୍କର ଅପସାରଣ ସଙ୍ଗେ ସଙ୍ଗେ ସେ ଯେପରି ଏହି ପ୍ରଳୟଙ୍କର ତାଣ୍ଡବକୁ ନିଜ ସଙ୍ଗେ ସଙ୍ଗେ ନେଇଗଲେ ।

କବି ମାନସିଂହଙ୍କ ସଙ୍ଗରେ ଦୀର୍ଘ ୪୦ ବର୍ଷରୁ ଊର୍ଦ୍ଧ୍ୱ ଆମ ପରିବାର ଅର୍ଥାତ୍ ବି: ବର୍ମା, ମୋର ଓ ମୋର କନିଷ୍ଠ ଭ୍ରାତା ଜ୍ଞାନେନ୍ଦ୍ର ସଙ୍ଗରେ ବନ୍ଧୁତା, ଘନିଷ୍ଠ ବନ୍ଧୁତା ହୋଇଗଲା, ଯେଉଁଦିନ ବି: ବର୍ମା ତାଙ୍କର "ସାଧବ ଝିଅ" କବିତାର ସାଧବ ଝିଅ ଛବି ଅଙ୍କନ କଲେ । ଦିନେ ବର୍ମା ମାନସିଂହଙ୍କୁ ନିଜେ ଘରକୁ ନିମନ୍ତ୍ରଣ କରି ସାଧବଝିଅ ଛବିଟିକୁ ଦେଖାଇଲେ । ମାନସିଂହ ଛବିଟିର କମନୀୟତା ଭାବ ଗାମ୍ଭୀର୍ଯ୍ୟ ସମସ୍ତ ଦେଖି ଉତ୍‌ଫୁଲ୍ଲ ହୋଇ ପଡ଼ି ଥିଲେ । କହି ପକାଇଲେ, ବର୍ମା ତୁମେ ଏତେବଡ ସ୍ରଷ୍ଟା ଯେ, ସେ କଥା ମୁଁ ବ୍ୟକ୍ତ କରି ପାରୁ-ନାହିଁ । କ୍ରମେ ମାନସିଂହ ଓ ଆମ ମଧ୍ୟରେ ବନ୍ଧୁତା ଏପରି ଘନିଷ୍ଠ ହୋଇଗଲା ଯେ, ଆମ ଘରେ ଓ ମାନସିଂହଙ୍କ ଘରେ ଓଡ଼ିଆ ସାହିତ୍ୟ ଓ ଓଡ଼ିଆ ଲଳିତ କଳା ବିଷୟ ନାନା କଥା ଆଲୋଚନା ଚାଲିଲା ।

କିଛିଦିନ ପରେ "ଆରତି" ମାସିକ ପତ୍ରିକା ମାନସିଂହଙ୍କ ସମ୍ପାଦନାରେ ପ୍ରକାଶ ପାଇଲା । ବାରୁଣୀ ପତ୍ରିକା ପରେ ଆରତି ପତ୍ରିକା ଓଡ଼ିଶାରେ ନୂଆ ଯୁଗ

Digitized by srujan ka@gmail.com

ସୃଷ୍ଟି କଲା । ବର୍ମା ଏହାକୁ ଛବିଳ କରିବାର ଭାର ନେଲେ । କେତୋଟି ମାତ୍ର ସଂଖ୍ୟାରେ ଆରମ୍ଭ ଯଥେଷ୍ଟ ସୁଖ୍ୟାତି ଅର୍ଜନ କରିଥିଲା । ଏ ପତ୍ରିକାର ପୃଷ୍ଠ-ପୋଷକ ସେତେବେଳର କଲେଜ ଛାତ୍ର ଶ୍ରୀ ଉପେନ୍ଦ୍ରନାଥ ସାମଲ ।

ବହୁ ବର୍ଷ ପରେ ସେ ସେତେବେଳେ ଇଷ୍ଟର୍ଣ୍ଣ ଷ୍ଟେଟ୍ ଏଜେନ୍ସିର ଶିକ୍ଷା ଅଭିଭାବକ ଥିଲେ । ତାଙ୍କ ପ୍ରବର୍ତ୍ତନାରେ ବାମଣ୍ଡାର ରାଜା ଭାନୁଗଙ୍ଗ ତ୍ରିଭୁବନ ଦେବଙ୍କ ପୃଷ୍ଠପୋଷକତାରେ "ଶଙ୍ଖ" ନାମକ ମାସିକ ପତ୍ରିକା ମୋର କନିଷ୍ଠ ଭ୍ରାତା ଜ୍ଞାନେନ୍ଦ୍ର ବର୍ମାଙ୍କ ପରିଚାଳନାରେ ପ୍ରଥମେ ସମ୍ବଲପୁର ଓ ତା'ପରେ ବାମଣ୍ଡାର ରାଜଧାନୀ ଦେବଗଡ଼ରୁ ପ୍ରକାଶିତ ହେଲା । ବର୍ମା ମଧ୍ୟ ଏହି ପତ୍ରିକାର ପ୍ରଚ୍ଛଦପଟ ଅଙ୍କନ କରି ପତ୍ରିକାର ଗୌରବ ବୃଦ୍ଧି କରିଥିଲେ । ଶଙ୍ଖ ଅବଶ୍ୟ ଅଧିକ ଦିନ ବଞ୍ଚିରହି ପାରିଲା ନାହିଁ । କିନ୍ତୁ ପତ୍ରିକାଟି ଯଥେଷ୍ଟ ସୁନାମ ଅର୍ଜନ କରିଥିଲା ।

ଯେତେବେଳେ ସେ ସମସ୍ତ ସରକାରୀ ଦାୟିତ୍ୱରୁ ମୁକ୍ତ ହେଲେ, ସେତେବେଳେ ଅଧ୍ୟୟନ ଓ ଲେଖାଲେଖିରେ ନିଜକୁ ନିୟୋଜିତ କରିଥିଲେ । ଅନେକ ଥର ତାଙ୍କ ସଙ୍ଗରେ ନାନା କଥା ଆଲୋଚନା ହୋଇଛି । ଆଲୋଚନା ପ୍ରସଙ୍ଗରୁ ଜାଣିଲି, ତାଙ୍କର ଇଚ୍ଛା ଗୋଟିଏ ପ୍ରତିଷ୍ଠିତ ସାହିତ୍ୟ ମାସିକର ସମ୍ପାଦକ ହୋଇ ସାହିତ୍ୟ ପ୍ରଚାରରେ ଲିପ୍ତ ରହିବେ । ଶେଷକୁ ସେ "ଆଲୋକ" ମାସିକ ଡାଇଜେଷ୍ଟର ସମ୍ପାଦକ ହୋଇ ସେ ପତ୍ରିକାଟିକୁ ଅଳ୍ପ ଦିନରେ ଉତ୍ତମ ପତ୍ରିକା କରି ପାରିଲେ ।

କବି ମାନସିଂହ ଓଡ଼ିଆ ସାହିତ୍ୟକୁ କି ଦାନ କରିଛନ୍ତି ଓ ତାଙ୍କ ପ୍ରତିଭା ସମ୍ବନ୍ଧରେ କି ଆଲୋଚନା କରିବି ? ତାଙ୍କ ସଂସ୍ପର୍ଶରେ ଆସି ଦୀର୍ଘ ଅର୍ଦ୍ଧ-ଶତାବ୍ଦୀ ମଧ୍ୟରେ ଜାଣି ପାରିଛି ଯେ, ସେ ଏକ ମହନୀୟ ଚରିତ୍ରର ଅଧିକାରୀ ଥିଲେ । ତାଙ୍କର ପାଣ୍ଡିତ୍ୟକୁ କଳନା କରିବା ସହଜ ନ ଥିଲା । ସେ ରାଗ, ଈର୍ଷା, ହିଂସା ଓ ଦ୍ୱେଷଠାରୁ ଖୁବ୍ ଦୂରରେ ଥିଲେ । ସେ ଶ୍ରେଷ୍ଠ ପ୍ରତିଭାର ଅଧିକାରୀ ଥିଲେ ମଧ୍ୟ ବନ୍ଧୁ, ବାନ୍ଧବ, ସମଧର୍ମୀମାନଙ୍କ ପ୍ରତି ତାଙ୍କର ସ୍ନେହ, ଆଦର ଖୁବ୍ ଉତ୍ତମ ଥିଲା । ପରର ଉପକାର କରିବା ତାଙ୍କର ଯେପରି ଧର୍ମ ଥିଲା । ବହୁ ସହସ୍ର ସହସ୍ରଙ୍କର ସେ ବନ୍ଧୁ ଥିଲେ । ତାଙ୍କ ମୃତ୍ୟୁରେ ଜଣେ ଏକ ବ୍ୟକ୍ତିତ୍ୱର ଅବସାନ ଘଟିଲା ।

Digitized by srujan ka@gmail.com

ଗୋଟିଏ ଦିନର ସ୍ମୃତି

ଶ୍ରୀମତୀ ଲବଙ୍ଗଲତା ଦେବୀ; ବିଦୁଷୀ

ବୋଧହୁଏ ୧୯୪୦ ମସିହା ହେବ । ମୁଁ ସେତେବେଳେ ଦୀର୍ଘ ୭ବର୍ଷ ଆଲହାବାଦରୁ ଅଧ୍ୟୟନ ପରେ ଆସି କଟକରେ ଥାଏ । ମାମୁଁ ବି. ବର୍ମାଙ୍କ ଘରେ । ସେତେବେଳେ ମୁଁ 'ବିଦୁଷୀ' ଉପାଧି ପରୀକ୍ଷା ଦେଇ ଆସିଥାଏ । ମୋର ସେହି ଠାରେ ମାନସିଂହଙ୍କ ସହିତ ଦେଖା ହେଲା । ଥରେ ନୁହେଁ ବହୁ ବାର । ମୁଁ ତାଙ୍କର ହସ ହସ ମୁହଁରେ ଧୀର ଶାନ୍ତ କଥା ଶୁଣି ଅଭିଭୂତ ହୋଇ ପଡ଼ିଥିଲି । ତା ପୂର୍ବରୁ ତାଙ୍କର 'ଧୂପ' ପୁସ୍ତକ ପଢ଼ି ତାଙ୍କ ପ୍ରତିଭା ପ୍ରତି ଆକୃଷ୍ଟ ହୋଇ ଥିଲି । ମାମୁଁ ମାନସିଂଙ୍କ ସାଧବ ଝିଅ କବିତାରେ ମୁଗ୍ଧ ହୋଇ ସାଧବ ଝିଅ ଛବି ଆଙ୍କିଲେ । ସେ ଛବି ଯିଏ ଦେଖିଛି ସେ ମାନସିଂ ଓ ବର୍ମାଙ୍କ ପ୍ରତିଭାର ପ୍ରଶଂସା ନ କରି ରହି ପାରି ନାହିଁ । ଆଜି କିନ୍ତୁ ସେ ଛବିଟି ପାରଳା ମହାରାଜାଙ୍କ (ପ୍ରାସାଦ ଅନ୍ତରାଳରେ ଲୁଚି ରହିଯାଇଛି ।)

ଦିନକର ଘଟଣା— ବୋଧହୁଏ ୧୯୪୩ ମସିହା । ମୁଁ ମୋର ସ୍ୱାମୀଙ୍କ ସହ ସମ୍ବଲପୁର ଜିଲ୍ଲା ବରଗଡ଼ଠାରେ ଅବସ୍ଥାନ କରୁଥାଏ. ଦିନେ ହଠାତ୍ ଚିଠି ପାଇଲି ମାନସିଂଙ୍କଠାରୁ, ସେ ଲେଖିଥିଲେ,

ଆୟୁଷ୍ମତୀ ଲବଙ୍ଗଲତା,

ମୁଁ ବର୍ତ୍ତମାନ ଇଷ୍ଟର୍ଣ୍ଣଷ୍ଟେଟ ଏଜେନ୍ସିର ଶିକ୍ଷା ବିଭାଗ ଆଡ଼୍‌ଭାଇଜର ଅଛି । ମୁଁ ତୁମ ପାଇଁ ଗୋଟିଏ ଭଲ ଚାକିରୀ ବ୍ୟବସ୍ଥା କରିଛି । ନିକଟରେ ମୋର ରାୟଗଡ଼ା ଷ୍ଟେଟ୍ ଦେଓ୍ୱାନଙ୍କ ସଙ୍ଗରେ ସେଠାକୁ ଗସ୍ତବେଳେ ଯାଇ ଦେଖା ହୋଇଥିଲା । ସେ ଷ୍ଟେଟ୍ ପାଇଁ ଜଣେ ଲେଡି ସୋସିଆଲ ଅର୍ଗାନାଇଜର ଚାହାନ୍ତି । ମୁଁ ତୁମକୁ ସେଥିପାଇଁ ବାଛିଛି । ନିକଟରେ ତାଙ୍କଠାରୁ ଚିଠି ଆସିବ । ତୁମେ ସେଠାକୁ ଯାଇ ତାଙ୍କ ସହ ସାକ୍ଷାତ୍ କରିବ ।

ଇତି
ତୁମର
ମାନସିଂ

Digitized by srujan ka@gmail.com

ତା'ର କିଛିଦିନ ପରେ ରାଯ୍ଗଡ଼ ଷ୍ଟେଟ୍ ଦେଓ୍ୱାନଙ୍କ ସଙ୍ଗରେ ଦେଖା କରିବାକୁ ଚିଠି ଆସିଲା । ମୁଁ ମୋର ସ୍ୱାମୀଙ୍କ ସଙ୍ଗରେ ରାଯ୍ଗଡ଼ ଅଭିମୁଖେ ଯାତ୍ରା କଲି । ସେ ଦିନ ଆମେ ପ୍ରାୟ ସନ୍ଧ୍ୟା ୪ଟାରେ ସମ୍ବଲପୁରରୁ ଯାଇ ଝାରସୁଗୁଡ଼ା ଷ୍ଟେସନ୍‌ରେ ପହଞ୍ଚିଲୁ । ଟ୍ରେନରୁ ଓହ୍ଲାଇବା କ୍ଷଣି ମାନସିଂଙ୍କ ସଙ୍ଗରେ ଦେଖା ହେଲା । ସେ ମଧ୍ୟ ସମ୍ବଲପୁରରୁ ସେଠାରେ ଓହ୍ଲାଇଥିଲେ ।

ସେଠାରୁ ତାଙ୍କର ସୁନ୍ଦରଗଡ଼ ଗସ୍ତରେ ଯିବାର ଥାଏ । ସେ ହସ ହସ ହୋଇ କହିଲେ "ବୋଧହୁଏ ରାଯ୍ଗଡ଼ ଯାଉଛନ୍ତି ? ମୁଁ କହିଲି ହଁ । ସେ ହଠାତ୍ ବିବ୍ରତ ହୋଇ ଏଣେ ତେଣେ ଚାହିଁଲେ । ହଠାତ୍ ଜଣେ ଯୁବକ ଆସି ତାଙ୍କୁ ନମସ୍କାର କଲେ । ମାନସିଂ କହିଲେ, ଜୀବନାନନ୍ଦ ବାବୁ ! ଏ ହେଉଛନ୍ତି ଲବଙ୍ଗଲତା ଦେବୀ ଓ ତାଙ୍କ ସ୍ୱାମୀ ଶ୍ରୀଯୁକ୍ତ ରାଜେନ୍ଦ୍ର ବର୍ମା । ରାଯ୍ଗଡ ଦେଓ୍ୱାନଙ୍କ ନିକଟକୁ ଏକ ଇଣ୍ଟରଭିଉ ଦେବାପାଇଁ ଯାଉଛନ୍ତି । ଏଠାରେ ସେମାନେ ଅପରିଚିତ । ଆପଣ ଟିକେ ସେମାନଙ୍କର ସମସ୍ତ ସୁବିଧା କରିଦେଇ ଟ୍ରେନ୍‌ରେ ବସାଇ ଦେବେ । ଏ ଯେଉଁ ବ୍ୟବହାର ଓ କାର୍ଯ୍ୟ ସେ କଲେ, ତାହା ତାଙ୍କର ମହତ୍ତ୍ୱର ପରିଚାୟକ । ସେ ଯୁବକ ଜଣକ ହେଉଛନ୍ତି ବର୍ତ୍ତମାନର ଶିକ୍ଷା ବିଭାଗର ଜଣେ ଇନସ୍‌ପେକ୍‌ଟର ଶ୍ରୀଯୁକ୍ତ ଜୀବନାନନ୍ଦ ଆଚାର୍ଯ୍ୟ ।

ମାନସିଂଙ୍କ ଗୁଣ କିଏ ବଖାଣିବ । ସେ ଏକ ମହାନ ବ୍ୟକ୍ତି ଥିଲେ । ତାଙ୍କ ଜୀବନ ଏକ ମହାସିନ୍ଧୁ ପରି ଥିଲା । ସେ ଜୀବନରେ ଅନେକ ଘାତ ପ୍ରତିଘାତ ସବୁ ହସି ହସି ସୋଇବା ପରି ସହି ଯାଇଛନ୍ତି । ସେ ଅର୍ଦ୍ଧ ଶତାବ୍ଦୀ ଧରି ଉଜ୍ଜ୍ୱଳ ବର୍ତ୍ତିକା ସ୍ୱରୂପ ଏହି ଓଡ଼ିଶା ଦେଶରେ ବିରାଜି ଥିଲେ । ଆଜି ସେ ବର୍ତ୍ତିକା ଲିଭି ଯାଇଛି ସତ, କିନ୍ତୁ ଯେଉଁ କୀର୍ତ୍ତି ସେ ଏ ଜାତି ପାଇଁ ରଖି ଦେଇଗଲେ ସେ କୀର୍ତ୍ତି ଚିରଦିନ ଭାସ୍ୱର ହୋଇ ରହି ଏ ଜାତିକୁ ପଥ ଦେଖାଉଥିବ ।

●

Digitized by srujan ka@gmail.com

ସେ ଏକ ମହାନ୍ ତୀର୍ଥ

ଶ୍ରୀ ରମେଶ ଧଳ

କବି ମାନସିଂ ଥିଲେ ଯୁବ ସାହିତ୍ୟିକ, କଳାକାରମାନଙ୍କର ପ୍ରେରଣାର ଏକ ବିରାଟ ଉତ୍ସ । ତାଙ୍କର ପ୍ରେରଣା ଓ ଉତ୍ସାହ ଅନେକଙ୍କୁ ଆଜି ପ୍ରତିଷ୍ଠିତ ସାହିତ୍ୟିକ ରୂପେ ଗଢ଼ିବାରେ ବିଶେଷ ସାହାଯ୍ୟ କରିଛି । ସେ ନୂତନ ଲେଖକଙ୍କ ଲେଖା ଦେଖିଲେ ବିଶେଷ ଆନନ୍ଦିତ ହେଉଥିଲେ । ଧୈର୍ଯ୍ୟର ସହ ତାକୁ ଦେଖୁଥିଲେ, ଏବଂ ସଂଶୋଧନ କରି ଦେଉଥିଲେ । ଆଦ୍ୟ ସାହିତ୍ୟିକ ଜୀବନରେ ଲେଖା ପ୍ରକାଶ ପାଇଁ ବ୍ୟାକୁଳ ନ ହୋଇ ନୀରବରେ ଲେଖାଭ୍ୟାସ ଓ ବହୁ ଅଧ୍ୟୟନ କରିବାକୁ ପରାମର୍ଶ ଦେଉଥିଲେ ।

ଅନେକ ସମୟରେ କୌଣସି ନିର୍ଦ୍ଦିଷ୍ଟ ବିଷୟରେ ଲେଖିବା ନିମନ୍ତେ କେଉଁ କେଉଁ ପୁସ୍ତକ ବିଭିନ୍ନ ଭଷାରେ ସାହାଯ୍ୟକାରୀ ହୋଇପାରେ ତାହା ସୂଚାଇ ଦେଉଥିଲେ । ବିଶେଷତଃ ଯେଉଁମାନେ କବିତା ଲେଖୁଥିଲେ ସେମାନଙ୍କୁ ପ୍ରାଚୀନ ଓଡ଼ିଆ ସାହିତ୍ୟ, ରାମାୟଣ, ମହାଭାରତ ପ୍ରଥମେ ଅଧ୍ୟୟନ କରିବାକୁ କହୁଥିଲେ । ସେ କହୁଥିଲେ ଲେଖାଲେଖିରେ ହାତଦେବା ପାଇଁ ପ୍ରଥମେ ଜଣେ ଆପଣାର ପରମ୍ପରା ଓ ସଂସ୍କୃତି ସଂପର୍କରେ ସଚେତନ ହେବା ପ୍ରୟୋଜନ । ମୁକ୍ତ ଛନ୍ଦରେ କବିତା ଲେଖିବା ପୂର୍ବରୁ ପାରଂପରିକ ଧାରା ଛନ୍ଦୋବଦ୍ଧ କବିତା ଲେଖିବା ଉପରେ ସେ ବିଶେଷ ଗୁରୁତ୍ୱ ଦେଉଥିଲେ । ତାଙ୍କ ମତ ନୂତନ ଲେଖକମାନେ ଅନ୍ୟର ପ୍ରଶଂସା ବା ସମାଲୋଚନାରେ ବିଶେଷ ଉଦ୍‌ଗ୍ରୀବ କିମ୍ବା ଭାଙ୍ଗି ପଡିବା ଉଚିତ ନୁହେଁ ।

ଛୋଟ ହେଉ ବଡ ହେଉ କୌଣସି ସାହିତ୍ୟ ଆସର କିମ୍ବା ସଂସ୍ଥା ହୋଇଛି ବୋଲି ଶୁଣିଲେ ସେ ସଂପର୍କରେ ଜାଣିବାକୁ ବିଶେଷ ଆଗ୍ରହ ପ୍ରକାଶ କରୁଥିଲେ । ନିର୍ଦ୍ଦିଷ୍ଟ ଆଭିମୁଖ୍ୟ ନେଇ ସାହିତ୍ୟ ସଂସ୍ଥାମାନେ କାର୍ଯ୍ୟ କରିବା ଉଚିତ ବୋଲି ସେ କହନ୍ତି । ତେବେ ରାଜନୈତିକ ଦଳଗୁଡ଼ିକ ପରି ସାହିତ୍ୟର ପ୍ରସାର ନିମନ୍ତେ ସାଧାରଣ ସଭାସମିତିର ମୋଟେ ପ୍ରୟୋଜନ ନାହିଁ ବୋଲି ସେ ବରାବର କହୁଥିଲେ । ସେ କହୁଥିଲେ ସାହିତ୍ୟ ସାଧନା ନୀରବରେ ହେବା ଉଚିତ ।

Digitized by srujan ka@gmail.com

ଆମର ପ୍ରାଚୀନ ସାହିତ୍ୟିକମାନଙ୍କର ଅମର କୃତିକୁ ଅନ୍ୟ ଭାଷାରେ ଜଣାଇବା ପାଇଁ ଉଦ୍ୟମ କରିବା ଉପରେ ସେ ଜୋର ଦେଇଥିଲେ । ଏ କ୍ଷେତ୍ରରେ ତାଙ୍କର ସାଧୁ ଉଦ୍ୟମ ଓ ଅବଦାନ ସମସ୍ତେ ମୁକ୍ତ କଣ୍ଠରେ ସ୍ୱୀକାର କରିବେ । ଗତ କେତେଦିନ ହେଲା ସେ ବରାବର କହୁଥିଲେ ଏଣିକି ମୁଁ ଇଂରାଜୀରେ ଲେଖିବି । ଅନେକ ତ ଓଡ଼ିଆରେ ଲେଖିଲେଣି ।

ରାଜଧାନୀରେ 'ବଡ଼ଜେନା ସାହିତ୍ୟ ସଂସଦ ପକ୍ଷରୁ ଆମେମାନେ ଯେତେବେଳେ 'ବଡ଼ଜେନା ପରିକ୍ରମା' ସମାଲୋଚନା ଗ୍ରନ୍ଥ ପ୍ରକାଶ କରିବା ପାଇଁ ସ୍ଥିର କଲୁ, ତାହା କିପରି ବେଶ୍ ସୁନ୍ଦର ହୋଇ ପାରିବ ଓ ଅଧିକ ଅଣ ଓଡ଼ିଆ ତାହା ପାଠ କରି ପାରିବେ ସେଥିପାଇଁ ଦୃଷ୍ଟି ଦେବାକୁ ସେ ପରାମର୍ଶ ଦେଇଥିଲେ । ଏ ସଂପର୍କରେ ସେ ଯାହା ଲେଖିଥିଲେ ତାହା ଏଠାରେ ଉଲ୍ଲେଖ ଯୋଗ୍ୟ । ସେ. ଲେଖିଥିଲେ—

କଟକ
୩ । ୧୧ । ୭୯

ପ୍ରିୟ ରମେଶ,

ମୁଁ ତୁମର ପ୍ରଥମ ପତ୍ର ପାଇଥିବାର ମନେ ନାହିଁ । ତେବେ ଦ୍ୱିତୀୟ ପତ୍ରରୁ ଯାହା ଜାଣିଲି, ସେଥିପାଇଁ ତୁମକୁ ଧନ୍ୟବାଦ ଜଣାଉଛି । ପ୍ରାଚୀନ ଓଡ଼ିଆ କବିମାନଙ୍କ ଭିତରେ ମୁଁ ବଡ଼ଜେନାଙ୍କୁ କି ସମ୍ମାନ ଦେଇଛି ତା ତୁମେ History of Oriya Literature ରେ ପାଇଥିବ । ତାଠାରୁ ଅଧିକ କହିବା ବା ନୂତନ କହିବା ମୋ ପକ୍ଷରେ ବର୍ତ୍ତମାନ ସମ୍ଭବ ନୁହେଁ । ତୁମେ ତୁମର ସ୍ମରଣୀକାରେ ତାକୁଇ ବ୍ୟବହାର କଲେ ଯଥେଷ୍ଟ ହୁଅନ୍ତା ବୋଲି ମୋର ବିଶ୍ୱାସ । History of Oriya Literature ର ଓଡ଼ିଆ ସଂସ୍କରଣ (ଗ୍ରନ୍ଥ ମନ୍ଦିର) ତ ବାହାରି ସାରିଛି । ତେଣୁ ଓଡ଼ିଆ ଓ ଇଂରାଜୀ ଉଭୟ ବ୍ୟବହାର କରି ପାରିବ । ଭୁବନେଶ୍ୱରରେ ବହୁ ଅଣଓଡ଼ିଆ ବୁଦ୍ଧିଜୀବୀ ଅଛନ୍ତି । ସେମାନେ ଜାଣିବା ପାଇଁ ଇଂରାଜୀ ବ୍ୟବହାର ଉଚିତ କଥା ହେବ । X X X X X କ'ଣ କଲି ଉତ୍ତର ଦେବ ବା ଫୋନ କରିବ । ଇତି ।

ଶୁଭାନୁଧ୍ୟାୟୀ
ମାୟାଧର ମାନସିଂହ

ରାଜଧାନୀରେ ବଡ଼ଜେନା ସାହିତ୍ୟ ସଂସଦର ସଦସ୍ୟମାନଙ୍କୁ ଏପତ୍ର ଖଣ୍ଡିକ କିଛି କମ୍ ଉତ୍ସାହିତ କରି ନ ଥିଲା । ନବୀନ ସାହିତ୍ୟପ୍ରେମୀମାନଙ୍କୁ

Digitized by srujan ka@gmail.com

ସେ ପ୍ରତିଦିନ ଏହିପରି କିଛି କହୁଥିବା ବା ଲେଖିବା କଥା ଅନେକ ଜାଣନ୍ତି । ତାଙ୍କ ଦ୍ୱାରା ଏହି ଧରଣର ପତ୍ରଗୁଡ଼ିକ ଯାହାକି ସେ ଅନ୍ୟମାନଙ୍କୁ ଲେଖନ୍ତି ତାହା ଉପଦେଶପୂର୍ଣ୍ଣ ଓ ସ୍ନେହବୋଳା । ଏହି ପତ୍ରଗୁଡ଼ିକୁ ଯଦି ପ୍ରକାଶ କରାଯାଏ ତାହା ମଧ୍ୟ ଏକ ବିରାଟ ଗ୍ରନ୍ଥ ହେବ ।

ସେ ଯୁବକମାନଙ୍କୁ ସର୍ବଦା ନିର୍ଭୀକ, ହେବାକୁ କହୁଥିଲେ । କହୁଥିଲେ ଉତ୍ତମ ନାଗରିକ ହେବା ପାଇଁ । ଯେଉଁକାମ ଦ୍ୱାରା ଦେଶର ଦରିଦ୍ର ଜନସାଧାରଣଙ୍କର ମଙ୍ଗଳ ହେବ ଏବଂ ଦେଶର ସୁନାମ ହେବ ତାହା କରିବା ପାଇଁ ସେ କହନ୍ତି । ଆମ ନେତୃବୃନ୍ଦଙ୍କ ସ୍ୱାର୍ଥାନ୍ଧତା ଓ ନାଲିଫିତାର ଅଧିକ ପ୍ରଭାବ ହେତୁ ଏ ଦେଶର ପ୍ରଗତି ସମ୍ଭବ ହେଉ ନାହିଁ ବୋଲି କହି ବାରମ୍ବାର ଦୁଃଖ କରନ୍ତି । ଶିକ୍ଷିତ ଯୁବକମାନେ ରାଜନୀତିରେ ପଶନ୍ତୁ ଓ ଏ ସବୁର ଊର୍ଦ୍ଧ୍ୱରେ ରହି ଗାନ୍ଧି, ସୁବାସ, ଅରବିନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ଉଚିତ ବୋଲି ମତ ପୋଷଣ କରୁଥିଲେ ।

କଳାକାରମାନଙ୍କୁ ସେ କିପରି ଉତ୍ସାହିତ କରନ୍ତି ତାହା ଯେ କେବଳ ଦେଖିଛି ସେ ବୁଝି ପାରିବ । ଅସୁସ୍ଥତା ସତ୍ତ୍ୱେ ଅନେକ ସମୟରେ ଏକାମ୍ର-ଥିଏଟରର କର୍ମକର୍ତ୍ତାଙ୍କ ଅନୁରୋଧରେ ସେ ଥିଏଟର ଦେଖିବାକୁ ଆସନ୍ତି । ପ୍ରଥମରୁ ଶେଷ ପର୍ଯ୍ୟନ୍ତ ବସି ଦେଖନ୍ତି । ପ୍ରଶଂସା କରନ୍ତି । କଳାକାରମାନଙ୍କୁ ଉତ୍ସାହିତ କରନ୍ତି । ଯେଉଁଠାରେ ପରିବର୍ତ୍ତନର ପ୍ରୟୋଜନ ଥାଏ ତାହା କରିବାକୁ ନିର୍ଦ୍ଦେଶ ଦିଅନ୍ତି । ଅଭାବ ଅନାଟନ ମଧ୍ୟରେ ଯେଉଁ ନାଟ୍ୟ ସଂସ୍ଥା ଓ କଳାକାରମାନେ ଦେଶର କଳାକୁ ବଞ୍ଚାଇ ରଖିଛନ୍ତି ସେମାନଙ୍କ ପାଇଁ କବି ମାନସିଂହଙ୍କ ପରି ସମ୍ମାନସ୍ପଦ ବ୍ୟକ୍ତିମାନଙ୍କର ଉତ୍ସାହ, ପ୍ରେରଣା କିପରି ଏକ ମହାନ୍ ଆଶୀର୍ବାଦ ତାହା ସାମାନ୍ୟ ଚିନ୍ତା କଲେ ବୁଝି ହୁଏ । ତାଙ୍କର ଶିକ୍ଷାବ୍ରତୀର ଗାଥାକୁ ମଞ୍ଚସ୍ଥ କରିବା ପାଇଁ ସେ ଆଗ୍ରହ ପ୍ରକାଶ କରିଥିଲେ । ଏବଂ ନାଟ୍ୟକାର ଶ୍ରୀ କମଳ ଲୋଚନ ମହାନ୍ତିଙ୍କ ସହ ଆଲୋଚନା କରିଥିଲେ ।

କବି ମାନସିଂହ ଓଡ଼ିଆ ସାହିତ୍ୟରେ ଏକ ମହାନ୍ ତୀର୍ଥ । ଏକ ମହାନ୍ ପ୍ରଦୀପ । ସେ ପ୍ରଦୀପ ନିର୍ବାପିତ ହୋଇଯିବା ଫଳରେ ବହୁ ନୂତନ ସାହିତ୍ୟିକ ସେହି ଉଦାର ଆଲୋକ ସ୍ପର୍ଶରୁ ବଞ୍ଚିତ ହେଲେ, ଏଥିରେ ସନ୍ଦେହ ନାହିଁ ।

Digitized by srujan ka@gmail.com

‘ଧୂପ’ର କଣ୍ଠ

ଶ୍ରୀ ସୀତାକାଂତ ମହାପାତ୍ର

ଅକ୍ଟୋବର ୧୬ ତାରିଖ ଶୁକ୍ରବାର ସନ୍ଧ୍ୟା କେତେବେଳୁ ସରି-ଯାଇଥାଏ । ଯେ ଶିଆ ସାହ୍ରର ସେଇ ଘର, ଯାହାଚଲୁଡ଼ିକ ଉଠିଗଲା ପରେ ସେଇ ଚହ୍ଲା କୋଠରୀ, ସବୁ ମଣିଷ, ସେଇ ଚହ୍ଲା ଆବହାଓ୍ୱା । ଜହ୍ନ ଉଠି ସାରିଥାଏ । ସହରର କ'ଣ ସେଇଠି ଶେଷ ? ତା' ସେକତକୁ ଥିବା ଧାନବିଲ, ଘାସ କିଆରି, ବାଡ଼ ବଣ ଉପରେ କେତେଥର ସେମିତି ଜହ୍ନ ଆଲୁଅ ଭାସିଥିବ ଆଉ ସେଇ କବି ହୃଦୟଟି କଇଁଫୁଲ ପରି ଫୁଟି ଉଠିଥିବ ସ୍ପର୍ଶ-କାତର ଆନନ୍ଦରେ, ଦରଦରେ । କିନ୍ତୁ ସେ ନ ଥାନ୍ତି । ଚବିଶ ଘଣ୍ଟାରୁ ବେଶୀ ବେଳ ହୋଇ ଯାଇଥାଏ—ସେ ଆଉ ନ ଥାନ୍ତି । ସେମିତି ନିଷ୍ପ୍ରଭ ଆଲୁଅ ଘର ଭିତରେ; ଘରଆଡ଼େ କେମିତି ଗୋଟିଏ କଷ୍ଟଦାୟକ ଶୂନ୍ୟତା । ସେ ଶୂନ୍ୟତା ନିରପରାଧ ଜହ୍ନ ଆଲୁଅର ସ୍ପର୍ଶରେ ବି ଭାଙ୍ଗେନି । ଆମ ପ୍ରଶ୍ନର ଉତ୍ତରରେ, ତାଙ୍କ ସାନଝିଅର ସେଇ କେତୋଟି ତାଙ୍କର ଶେଷ କଥାରେ ବି ଭାଙ୍ଗେନି । ସେ କହୁଥିଲେ, କ୍ଲାନ୍ତଜନିତ ନିଦ ଭାଙ୍ଗିଗଲେ ଲଳିତକୁ କିପରି ସେ ଖୋଜୁଥିଲେ, ଥରକୁ ଥର ବ୍ୟସ୍ତ ହେଉଥିଲେ, ଦେହ ପୁଣି ଟିକିଏ ଭଲ ହୋଇଗଲେ କେମିତି ବାକିଆ କାମ ସବୁ ଶେଷ କରିବାକୁ ହବ । କେମିତି ତଳ ମହଲରେ ଥିବା ପତ୍ନୀଙ୍କୁ କହୁଥିଲେ, “ତମେ ଲଳିତ ବିଷୟରେ ଏତେ କଥା ଜାଣ ମତ ସେ କେମିତି ସେବା କରି ଜାଣେ ସେତକ ଦେଖିନି—ସେ ଆସୁ ଦେଖିବ” (ଲଳିତ ତାଙ୍କର ଦ୍ୱିତୀୟ ପୁତ୍ର, କାବୁଲ୍‌ର ଭାରତୀୟ ଦୂତା-ବାସରେ ପ୍ରଥମ ସେକ୍ରେଟାରୀ). “ମୋ ଅନ୍ତେ ମୋ ଫଟୋଗ୍ରାଫ ଶ୍ରୀ ରାମଚନ୍ଦ୍ର ଭବନ ବା ଅନ୍ୟତ୍ର ଦେବ ନାହିଁ” ଇତ୍ୟାଦି ।

ତା' ହେଲେ ସେ କ'ଣ ସ୍ୱପ୍ନର ମହାନଦୀରେ ଜ୍ୟୋତ୍ସ୍ନା ବିହାରରୁ ଆଉ ଫେରିଲେନି ? ଫେରିବା କହୁଛ ବନ୍ଧୁ ପୁଣି ଅନ୍ଧକାରେ ? ସେ କ'ଣ ଶ୍ରେଷ୍ଠ ସେଇ ଚିହ୍ନ-ପ୍ରେମ ସୌନ୍ଦର୍ଯ୍ୟର ହୁଳା ଡଙ୍ଗାରେ ଭାସି ଭାସି ଗଲେ ଦୂରକୁ, ଦୂରକୁ—ଯୋଉଠି କୁହୁଡ଼ିରେ ଦିଗ୍‌ବଳୟ ହଜିଥାଏ ? ସେ ସ୍ୱପ୍ନରାଜ୍ୟ କ'ଣ ଚିଲିକା କୂଳର ନନ୍ଦୋଳା ଗାଁ, କୋଉ ଠିକି ଡଙ୍ଗାରେ ଯୋଉଠୁ ରାତି ରାତି ଭାସି ଯାଉଥିବ ଚିଲିକା ଭିତରର ଦ୍ୱୀପରୁ ଦ୍ୱୀପକୁ ?

ହଠାତ୍ ବି ମନେ ହେଉଥିଲା ସେ ନୀରବତା ଭାଙ୍ଗିଯାନ୍ତା ଯଦି ସେ ତାଙ୍କର ସେଇ ପ୍ରିୟ ଡ୍ରେସିଂ ଗାଉନ୍ ଟି ପିନ୍ଧି ତାଙ୍କର ସେଇ ପଢ଼ାଘରେ ହଠାତ୍ ହସି ଉଠନ୍ତେ । ସେଇ ହସ ଯାହା ଜହ୍ନ ଅଳ୍ପ ଅରେ ଚଳକା ପରି ଉଦଗ୍ରୀବ, ଅଳ-କ ଲମ୍ବିତ, ଆକାଶ ଛୁଆଁ, ଛଳଛଳ, ଅଝଳା, ଖୋଲା । ସେଇ ସୌମ୍ୟ ମୂର୍ତ୍ତି, ସ୍ୱପ୍ନଭର୍ତ୍ତି ଆଖି । କଥାରେ ମୁରବିର ଅଭିଜ୍ଞତା, ସ୍ନେହ । ସେ କିନ୍ତୁ ନ ଥିଲେ । ସ୍ନେହ ଓ ତାରୁଣ୍ୟର ଉଦ୍ଦୀପ୍ତ ସ୍ୱର, 'ଧୂପ'ର ସ୍ପର୍ଶ-କାତର । ସ୍ୱପ୍ନ-ବିଭୋର କବି ଆଉ ନ ଥିଲେ ।

କେହି ମଣିଷ ଆଉ ଜଣେ ମଣିଷକୁ ବିଗ୍ରହ କରିବା ଅତି ଦୁରୂହ । ଦୁଃସାଧ୍ୟ । କେତେ କମ ଆମେ ଅନ୍ୟ ବିଷୟରେ ଜାଣି ! ସମୟ ଓ ସୁଯୋଗର ଅଭାବ ତ ସହଜେ । ତା' ଛଡ଼ା ଏବେ ତ ଗୋଟିଏ ରାଜ୍ୟ ଯୋଉଠି ବେଶୀ ସହଜ ଓ ସ୍ୱାଭାବିକ ବ୍ୟକ୍ତିଗତ କୁତ୍ସା-ରଟନା ପଛକୁହା, ଶାଗଖିଆକୁ ପେଜଖିଆ ସହି ନ ପାରିବା । କିନ୍ତୁ ବ୍ୟକ୍ତିତ୍ୱର ଭାବନା ଓ ଚିନ୍ତାର ଆଦାନ ପ୍ରଦାନ କାହିଁ ? ଚିନ୍ତାଶୀଳ, କବି, ସାହିତ୍ୟିକ, ନାଟ୍ୟକାର, ଔପନ୍ୟାସିକ ଏମାନଙ୍କ ଭିତରେ ପରସ୍ପର ଭେଟାଭେଟି, ଆତ୍ମିକ ଭାବ ବିନିମୟ ନିଜର କଳା ଓ ଶିଳ୍ପର ବ୍ୟକ୍ତିଗତ କେଉଁଠି ଦିଗ ସମ୍ପର୍କରେ ଖୋଲଖୋଲି, ବ୍ୟକ୍ତିଗତ ଆଲାପ କେତେ କ୍ୱଚିତ ! ପରସ୍ପରକୁ ଚିହ୍ନି ଜାଣିବାର ଯେତିକି ସୁଯୋଗ ଆସେ, ସେ ସବୁ ବି ହଟଳ । ଘରଚଟିଆ ଯଦି ଆରସି ସାମ୍ନାରେ ବସି ଗ୍ରୀବାକୁ ଝୁମ୍ପି ଗଲେ ସେ ଦୁନିଆକୁ କେମିତି ଦେଖିବ ? ସମ୍ପର୍କର ଉଆଁଳିଆ । ସ୍ନେହର ଚଳଣି, ଭାବ-ବିନିମୟ କେତେ ଗୁରୁତ୍ୱପୂର୍ଣ୍ଣ ! ତା'ର ଅର୍ଥ ନୁହେଁ ଯେ, ପରସ୍ପରର ମତାମତ, ଭାବନା ବା ଆବେଗ ସମତାଳିକ ବା ଏକସ୍ୱରର ହେବ । ଅନେକ ପାର୍ଥକ୍ୟ, ଅନେକ ମତାନୈକ୍ୟ ରହିବ । କିନ୍ତୁ ତା'ଭିତରେ ଗୋଟିଏ ବୁଝାମଣା ସମ୍ଭବ ହେବ ଯାହା ଆତ୍ମିକ, କାବ୍ୟିକ ସ୍ତରର, ଯାହା ବାହାରର, ସାମାଜିକ, ଲୋକଦେଖାଣିଆ ଭିନ୍ନମତ ଠାରୁ ବହୁତ ଉଚ୍ଚରେ ରଖି ପାରିବ ସମ୍ପର୍କକୁ ।

ଏ କଥା ଅବତାରଣା କରିବାର କାରଣ ଏହି ଯେ, କାବ୍ୟ-ଚେତନା, କାବ୍ୟ-ଆଦର୍ଶ, ଶୈଳୀ ଓ ସମାଜ ପ୍ରତି କବିତା ଓ କବିର ଆଭିମୁଖ୍ୟ ପ୍ରାୟ ଏ ପ୍ରତ୍ୟେକ ବିଷୟରେ ତାଙ୍କର ଚିନ୍ତାଧାରା ସହିତ ମୁଁ ଏକମତ ହୋଇପାରି ନ ଥିଲି । କିନ୍ତୁ ତାଙ୍କର ଆନ୍ତରିକତା ମତେ ସବୁବେଳେ ସ୍ପର୍ଶ କରିଥିଲା । ନିଜର ମତାମତ ପ୍ରତି ତାଙ୍କର ଥିଲା ଏକ ନିର୍ଭୀକ ଆନ୍ତରିକତା ଏବଂ ମୁଁ ଲକ୍ଷ୍ୟ କରିଥିଲି, ମୋ ସହିତ ଅନେକ କଥାରେ ରାଜି ନ ହେଲେ ବି ସେ ଅତି ସହାନୁଭୂତି ଓ ସ୍ନେହ

Digitized by srujan ka@gmail.com

ସହିତ ମତ ଶୁଣନ୍ତି । ଆମେ ହୁଏତ ରଚନାମାନରେ ପଢ଼ଛୁ ଯେ, ଏ ପାର୍ଥକ୍ୟ ମୌଳିକ ଦୃଷ୍ଟିଭଙ୍ଗୀର । ଏହା ଫଳରେ ତାଙ୍କ ପ୍ରତି ମୋର ସମ୍ମାନ ବଢ଼ିଥାଏ ସିନା କେବେ କମିନି । କାରଣ ଲେଖକମାନେ ସିନା ସବୁବେଳେ ଏକମତ ହୁଅନ୍ତି; ଚିନ୍ତାଶୀଳ ଶିଳ୍ପୀ ନିଜ ମତ, ନିଜ ଭାବନା ଓ ଆତ୍ମମୁଖ୍ୟ ବିଷୟରେ ସବୁବେଳେ ସଚେତନ ଓ ଅନ୍ୟଠାରୁ ତା'ର ମତ ପାର୍ଥକ୍ୟ ରହିଲେ ବି ସେ ତାକୁ ବୈଠକର ସ୍ତରକୁ ନ ଏନ, ଭାବନା ସ୍ତରରେ ରଖେ । ସେ ସେଇ କାରଣରୁ ଚିନ୍ତାଶୀଳ ବ୍ୟକ୍ତି ଥିଲେ, ଯାହାଙ୍କ ସହିତ ଅତି ଅପ୍ରିୟ କଥା ମଧ୍ୟ କହିହୁଏ । ଖୁବ୍ ଆନ୍ତରିକ ଭାବେ ତାଙ୍କ ମତାମତ ଖଣ୍ଡନ କରିବାକୁ ଇଚ୍ଛା ହୁଏ । କିନ୍ତୁ ସବୁ କ୍ଷେତ୍ରରେ ରହେ ଶ୍ରଦ୍ଧା ଭରା ମଣିଷଟିଏ । ଆଖିରେ ସ୍ନେହ, ଉଦ୍ଦୀପନା, ଜୀବନ-ପ୍ରୀତି, ଦରଦୀ ଗୀତ ।

ଅନେକ ଥର ତାଙ୍କ ସହିତ କଥୋପକଥନରେ ମନେ ହୋଇଛି ସେ ଥିଲେ ସଂଖ୍ୟାଲଘୁ ସଂସ୍କୃତି (Minority Culture)ର ବିଶ୍ୱାସୀ । ଗୋଟିଏ ଦୀର୍ଘ ଚିଠିରେ ସେ ମୋତେ ଲେଖିଥିଲେ କେମିତି ଓଡ଼ିଆ ସଂସ୍କୃତିରେ ବିଶେଷ ଭାବରେ ଦେଖା ଦେଇଛି ଉଚ୍ଚ କୋଟୀର ଚିନ୍ତା । ବା ଉତ୍କର୍ଷ (excellence) ପ୍ରତି ଆସକ୍ତି ପରିବର୍ତ୍ତେ ଲଘୁ ଲୋକପ୍ରିୟତା (popularity) ପ୍ରତି ଆକର୍ଷଣ ଆଣିଛି । ମୁଁ ତାଙ୍କ ସହିତ ଗୋଟିଏ ଦିଗରୁ ଏକମତ ହୋଇଥିଲି । କିନ୍ତୁ ଆମ ଗ୍ରାମପଟ୍ଟରେ ଏଇ ଯୋଉ ପୁରୁଣା ସମାଜ, "ଗଣ", ସଂସ୍କାର, ନିଜକୁ ଅସ୍ପୃଶ୍ୟ ମଣିଷ, ତାଙ୍କ ଜୀବନରେ ସଂସ୍କୃତି କ'ଣ ନୁହେଁ ? ସେମାନଙ୍କ ଉଚ୍ଚ ଖୋଲା ଆଶ୍ଚର୍ଯ୍ୟ କୋଣାର୍କ, ସାଧବଝିଅ, ମହାନଦୀ କୂଳର ପରମ୍ପରା, ଗଞ୍ଜାମ କଥା ଉଦାହରଣ ଦେଇ ପାରନ୍ତି । ଆମେ ଯଦି ତାଙ୍କଠୁ କାବ୍ୟଲୋକରେ କାବ୍ୟାଦର୍ଶରେ ରହୁ ଦୂରରେ, ତେବେ ତାଙ୍କର ଚିନ୍ତାର ପୃଷ୍ଠଭୂମି ଜଗତର ଜନଜୀବନ ସ୍ପର୍ଶ ଦେଉ- ଥିବା ରଜନୀଗନ୍ଧ, ପୁରୁଷାକାରୀ ଅର୍ଥନୀତି-କଳା ତାଙ୍କଠୁ ଦୂରରେ ରହୁ ଚମତ୍କାର କାରଗରୀ ହବ ସିନା, ତା' ଭିତରେ ପ୍ରାଣପ୍ରାଚୁର୍ଯ୍ୟ, ରହିବ ତ ? ସେଇ ଗମ୍ଭୀରଥା ମାଟିତଳ ଅନ୍ଧାରୀ ଉତ୍ସକୁ ନ ଛୁଇଁଲେ ସେ ଧାରା ଶୁଖି ଯିବନି, କି ? । ଏ ସବୁ ପ୍ରଶ୍ନର ଉତ୍ତର ସହଜରେ ଦେଇ ହୁଏନା, ମିଳେନି । ଆମେ ଆଲୋଚନା ଜାରି ରଖୁ ।

କିନ୍ତୁ ଏ ସବୁ ବାହାରେ ମନେପଡ଼େ, ତାଙ୍କ ସହିତ ଯୋଉଁଏ ଭ୍ରମଣ । ଥରେ ଅଣୁଂପାକୁ, ବୋଧହୁଏ ୧୯୭୦ ମସିହାରେ । ସେତେବେଳେ ମୁଁ ଉତ୍କଳ ବିଶ୍ୱବିଦ୍ୟାଳୟ ରଜନୀତି ବିଜ୍ଞାନ ବିଭାଗରେ ଅଧ୍ୟାପକ ନିମନ୍ତ୍ରଣରେ ଯାଇଥିଲି । ତାଙ୍କ ହାଫ୍ ପେଣ୍ଟ୍, ହାତରେ ଛାତି, [illegible]

Digitized by srujan ka@gmail.com

ଆଖ୍ୟାୟିକାର ଅବତାରଣା । ବେଶ୍ ଗମ୍ଭୀର, ବେଶ୍ ମେଳାପୀ ବନ୍ଧୁ । ଯେତେ ଯେମିତି ସମବୟସୀ । ସାଙ୍ଗରେ ଲଳିତ (ସେ ମୋର ଏକଦା ପ୍ରିୟ ଛାତ୍ର ଓ ଆଜି ଅନ୍ତରଙ୍ଗ ବନ୍ଧୁ) ଓ ସେଇ ଲୁନ ଝିଅଟି ଯାହାଠୁଁ ଅକ୍ଟୋବର ୧୭, ୧୯୭୩ରେ ତାଙ୍କର ଶେଷ କେତୋଟି କଥା ଶୁଣିବାକୁ ମିଳିଲା । ଦ୍ୱିତୀୟ ଥର ଦୀର୍ଘ ଯାତ୍ରା । ତାଙ୍କ ଗାଁ ନନ୍ଦୋଳାର ସ୍କୁଲ ଘରେ ରହଣି । ସମୁଦାୟ ପାଣକୁଦ ପରିକ୍ରମା—ଗାଁରୁ ଗାଁ । ମୁଁ ସେତେବେଳେ କଟକ ସେଟଲମେଣ୍ଟରେ । ପାଣକୁଦର **Final Report** ଲେଖୁଥାଏ । ସେଇ ଦିନଦିନକେ ମୁଁ ନିଶ୍ଚିତ ହୋଇଥିଲି, ସେ ମୂଳତଃ 'ଧୂପ'ର କବି । ବାକି ଯେତେ ଲେଖା, ଯେତେ କବିତା, ଯେତେ ସାହିତ୍ୟ-ଇତିହାସ, ସାହିତ୍ୟ ସମାଲୋଚନା ସେ ସବୁ ତାଙ୍କର—କିନ୍ତୁ ଅନ୍ତରର ଗଭୀରତମ ପ୍ରଦେଶର ନୁହେଁ, ଚଳିବାର ତେଜ, ହ୍ରଦକୂଳର ସେ ସବୁ ଗାଁ, ତାଙ୍କ ଗାଁର ସେ ଯୋଉ ଅଧା ଚିହ୍ନା, ଅଧା ଅଚିହ୍ନା ଅନେକ ମଣିଷ (ଯେଉଁମାନେ ବହୁ ସଂଖ୍ୟାରେ ଆସିଥିଲେ ତାଙ୍କ ଗାଁର କବିଟିକୁ ଦେଖିବା ପାଇଁ), ସେଇ ସେଉଁ ମନମତାଣିଆ ପବନ, ଗାଁ ମୁଣ୍ଡ ସ୍କୁଲଘରେ ଯୋଉଁଠି ରହୁଥିଲୁ ସେଇଠି ଯେତେ ଆଲୋଚନା, ଆକାଶରେ ଯେତେଯେତେ ଚଢ଼େଇ ଆଉ ପ୍ରତିଥର ଭୋଜନରେ ସେଇ ଭାତ-ମାଛ-ଖିରି ଏବଂ ସେ ଅପୂର୍ବ ସୂର୍ଯ୍ୟୋଦୟ—ଏ ସବୁ ଭିତରେ ମୁଁ ଲକ୍ଷ୍ୟ କରିଥିଲି, ସେ କେତେ ଉଜ୍ଜ୍ୱଳ ଓ ସ୍ୱାଭାବିକ ଦିଶୁଥିଲେ । ଯେମିତି ସେ ନିଜର ପ୍ରକୃତ ଘର ଆଜିଅରେ ଛୁଇଁଥିଲେ । ଚଳିକା ତେଜ ପରି ତାଙ୍କ ମୁହଁରେ ହସର ତେଜ ଖାଲି, କଥାକଥାକେ ହସ ।

ସେ ଓଡ଼ିଆ କାବ୍ୟ-ଜଗତକୁ ଆସିଥିଲେ ଗୋଟିଏ ନୂଆ ସ୍ୱର ନେଇ । ସେ ସ୍ୱର ଥିଲା ଅତି ବ୍ୟକ୍ତିଗତ ଅନୁଭବର ସ୍ନେହ ଓ ପ୍ରେମର । ସୁନ୍ଦରର ଉପାସନାର । ମାପଚୂପ୍, କାଣ୍ଡ-ଗ୍ରନ୍ଥ, ଜଗିରଖି ଚଳିବା ଦୁନିଆଁ ଠାରୁ ସେ ସ୍ୱର ଥିଲା ଖୁବ୍ ଦୂରରେ । ସେ ସ୍ୱର ଥିଲା ଆନ୍ତରିକତାର । ଉଦ୍ଦାମ ଅନୁଭବର । ସମ୍ପୂର୍ଣ୍ଣ ନିର୍ଭୀକତାର । ଖାଲି ପ୍ରକୃତିର ବର୍ଣ୍ଣନା ନୁହେଁ, ବସ୍ତୁନିଷ୍ଠତା ନୁହେଁ, ନିଜ କଥା, ନିଜେ ଅଙ୍ଗେ ଲିଭେଇଥିବା କଥା, ଇନ୍ଦ୍ରିୟାନୁଭୂତିର କଥା, ଏଇ ନଶ୍ୱର ଦେହର କଥା । 'ପ୍ରିୟାର କରକଙ୍କଣ', ଇରମା କିଶୋରୀର ଫୁଲ୍ଲ ବଦନ କଥା । ସେଥିରେ ଥିଲା ଏକ ଅଭୂତପୂର୍ବ ଶିହରଣ ଓ ଆନନ୍ଦର ସ୍ପର୍ଶ—ଯାହା ପାଠକଙ୍କୁ ସଂପୂର୍ଣ୍ଣ ଅଭିଭୂତ କରୁଥିଲା । ମୋର ମନେହୁଏ, ଶେଷରେ ସେ ସେଇ

Digitized by srujan ka@gmail.com

'ଧୂପ'ର କବି ହିସାବରେ ହିଁ ସମସ୍ତଙ୍କର ବେଶୀ ମନେ ରହିବେ । କାରଣ ସେଇଠି ସେ ଛୁଇଁଥିଲେ ନିଜର ଗଭୀରତମ ହୃଦୟ-ରାଜ୍ୟର ଗୁପ୍ତ-ଉତ୍ସକୁ—ଯାହା ସବୁ କଳା ଓ ସାହିତ୍ୟର ଆଦିମ ଜନକ । ଅନ୍ୟ ସବୁ ବାଦାନୁବାଦ, ମତାନୈକ୍ୟ ଉପରେ ରହିବ ଦେଇ କବିଟି ସିଏ ନିର୍ଭୟରେ ନିଜର ଗଭୀରତମ ଅନୁଭବକୁ ସିଧାସଳଖ ଲେଖି ଯାଇଥିଲି । ଯାହାଙ୍କୁ ପଢ଼ି ଅଗଣିତ ପାଠକ ନିଜର ବ୍ୟକ୍ତିଗତ ଅନୁଭବକୁ ଆଉ ଥରେ ଥରେ ପାଇ ପାରିଥିଲେ । ସେଇ ନନ୍ଦୋଳାରେ ମତେ ସେ କହିଥିଲେ ଯେ, 'ଧୂପ' ତାଙ୍କର ପ୍ରିୟତମ କାବ୍ୟ । ମୁଁ ଆଦୌ ଆଶ୍ଚର୍ଯ୍ୟ ହୋଇ ନ ଥିଲି ।

Digitized by srujan ka@gmail.com

କମଳାୟନ : ଏକ ସ୍ୱତନ୍ତ୍ର ସ୍ୱର

ଶ୍ରୀ ଅଚ୍ୟୁତାନନ୍ଦ କର

କବି ମାୟାଧର ମାନସିଂହ ଓଡ଼ିଆ ସାହିତ୍ୟର ରଙ୍ଗମଞ୍ଚରେ ଏକ ମହାକାଳଜୟୀ ଏକ ଦ୍ରୁତଗାମୀ ଚେତନାର ଯାନ । ଯୌବନର ପ୍ରାରମ୍ଭ ଧରେ ସେ 'ଧୂପ'ର ଆମୋଦିତ ଗନ୍ଧରେ ସ୍ୱପ୍ନ ବିଭୋର ହୋଇ ଓଡ଼ିଆ ଜାତି ଆଗରେ ନିଜର ଉନ୍ମୁକ୍ତ, ଅକପଟ ସମ୍ଭୋଗ ଲିପ୍ସାକୁ ଯେତେବେଳେ ଅକୁଣ୍ଠିତ ଚିତ୍ତରେ କାବ୍ୟିକ ଭଙ୍ଗୀବିନ୍ୟାସ ମାଧ୍ୟମରେ ଛିନ୍ନଭିନ୍ନ କରି ଦେଖାଇବାକୁ ଚେଷ୍ଟାକଲେ ସେତେବେଳେ ଏ ଜାତିର ସ୍ଥବିର ଚିନ୍ତା ଏକ ନବୀନ ସନ୍ଧାନୀ ଚିନ୍ତାର ଗତିରୋଧ କଲା, ଗୋଟିଏ ଲମ୍ବା ସ୍ରୋତର ସ୍ଫୁରଣ କାଳରେ ସ୍ଫୁରିତ ଆତ୍ମାର ଗତିରୋଧ କରିବା ପାଇଁ ପଥର ଖଣ୍ଡ ସାହାଯ୍ୟରେ ଗର୍ତ୍ତର ମୁହଁକୁ ଯଦି ଚିପି ଦେବାର ଚେଷ୍ଟା କରାଯାଏ, ତାହାହେଲେ ଉଚ୍ଛ୍ୱସିତ ଲାଭା ଗର୍ଭକୁ ବସୁଧା ବିଦୀର୍ଣ୍ଣ କରି ଶତମୁଖ ହୋଇଉଠେ । ଗୋଟିଏ ଚିନ୍ତା ଯେତେବେଳେ ଏହିପରି ଭାବେ ସାମାଜିକ ସ୍ତରରେ ବାଧାପ୍ରାପ୍ତ ହୋଇଛି ସେତେବେଳେ ସେ ଚିନ୍ତା ବହୁ ଚିନ୍ତାରେ ରୂପାୟିତ ହୋଇ, ହୋଇଉଠିଛି ଶତମୁଖ । 'ଧୂପର' ପ୍ରେମଦୃପ୍ତା ନାୟିକାର ଗଣ୍ଡିରୁ ନିଜକୁ ମୁକୁଳାଇ ନେଇ ମାନସିଂହଙ୍କର ଚିନ୍ତା ଆଗେଇ ଯାଇଛି ଆହୁରି ଏକ ଅନବଦ୍ୟ ସୃଷ୍ଟି 'କମଳାୟନ' ଅଭିମୁଖେ ।

'କମଳାୟନ' କାବ୍ୟରେ ମାନସିଂହଙ୍କର ଚେତନା ଏକ ଚେତନା-ବିସ୍ମୃତ ଜାତିର କୁସଂସ୍କାର ପ୍ରତି ବିଦ୍ରୋହୀ ହୋଇଉଠିଛି । ତେଣୁ ଉକ୍ତ କାବ୍ୟର ମୁଖବନ୍ଧରେ ସେ ଲେଖିଛନ୍ତି—

'ରାମଚନ୍ଦ୍ର ବାପାଙ୍କ ସତ୍ୟରକ୍ଷା ପାଇଁ ବଣକୁ ଯାଇଥିଲେ ଓ ସୀତା ନିଜର ସତୀତ୍ୱର ପରୀକ୍ଷା ନିଆଁରେ ପଶି ଦେଇଥିଲେ × × × ଏ କାଳରେ ସତୀତ୍ୱର ପରୀକ୍ଷା ପାଇଁ କେଉଁ ମୂର୍ଖ-ସ୍ୱାମୀ ସ୍ତ୍ରୀକୁ ନିଆଁରେ ପଶିବାକୁ କହିବ ? × × × ନିଆଁରେ ପଶି ପୋଡ଼ିଲେହିଁ କେବଳ ନାରୀ ସତୀ ବୋଲି ପରିଚିତ ହେବ, ତା'ର ଅନ୍ୟ ମାପକାଠି ନାହିଁ ?"

ରାମାୟଣର ଏକ ଚିରନ୍ତନ ଆଦର୍ଶ ସୃଷ୍ଟିର ଆଲେଖ୍ୟ ଉପରେ ଏହାହିଁ ତାଙ୍କର ନିଚ୍ଛକ ବାସ୍ତବ ଜୀବନ-ଚିନ୍ତାର କୁଠାରାଘାତ । ଅବାସ୍ତବର ଗଣ୍ଡି ମଧ୍ୟରେ ସେ ଚିନ୍ତାରୋଧକୁ ବରଦାସ୍ତ ନ କରି ସାହିତ୍ୟ ମାଧ୍ୟମରେ ଆଦର୍ଶର ମାର୍ମିକ ସନ୍ଧାନ ଦେଇ ଦେଶର ଜନତାଙ୍କୁ ଜୀବନ ଦର୍ଶନର ନୂତନ ସ୍ୱାଦ ଦେବା ପାଇଁ ଚେଷ୍ଟା କରିଛନ୍ତି । କମଳାୟନ କାବ୍ୟ ଏହି ମୁକ୍ତ ଆଦର୍ଶର ସାବଲୀଳତାରେ ଜୀବନ୍ତ ହୋଇ ଉଠିଛି । ବିଶ୍ୱର ଯେ କୌଣସି ଶ୍ରେଷ୍ଠ ସାହିତ୍ୟ କୃତି ସହିତ

Digitized by srujan ka@gmail.com

ଏହାକୁ ତୁଳନା କରାଯାଇ ପାରେ । ଏ ଢଙ୍ଗରେ 'କମଳାୟନ'ର ଏକ ସ୍ୱତନ୍ତ୍ର ଆସନ ରହିଛି ।

'ଡ଼ଭାର' ଦୁର୍ଭିକ୍ଷ-ପ୍ରପୀଡ଼ିତ ଜନତାର କରୁଣ, ବିବଶ, ଅନ୍ତଃଭେଦୀ ଆହ୍ୱାନ ମଧ୍ୟରୁ ଗୋଟିଏ ବୈପ୍ଳବିକ ଚିନ୍ତା ମୂର୍ତ୍ତିମନ୍ତ ହୋଇଉଠିଛି । ସେହି ଚିନ୍ତାର ଆଦର୍ଶ ହେଉଛନ୍ତି 'ଉତ୍କଳମଣି ଗୋପବନ୍ଧୁ ଦାସ ଓ ସେହି ଚିନ୍ତାର ବାହକ ସାଜିଛନ୍ତି ଆନ୍ଦୋଳିତ କମଳାୟନ କାବ୍ୟର ନାୟକ କମଳଲୋଚନ ମହାପାତ୍ର ।

କାବ୍ୟର ଆରମ୍ଭରେ କବି ସୂଚାଇଛନ୍ତି ଯେ— 'ଡ଼ଭାର' ଦୁର୍ଭିକ୍ଷ-ପ୍ରପୀଡ଼ିତ ଅଞ୍ଚଳକୁ ଉତ୍କଳମଣି ଗୋପବନ୍ଧୁଙ୍କର ନେତୃତ୍ୱରେ ଏକ ସ୍ୱେଚ୍ଛାସେବୀ-ଦଳ ସାହାଯ୍ୟ ବିତରଣ ପାଇଁ ଯାଇଥିଲେ । ଏହି ବିତରଣକାରୀ ଦଳଙ୍କ ମଧ୍ୟରେ କମଳଲୋଚନ ମହାପାତ୍ର ନାମକ ଜଣେ ବିଶ୍ୱବିଦ୍ୟାଳୟ ଯୁବକ ଛାତ୍ର ଥିଲେ । ଦଳ ଦଳ ହୋଇ, ନଗ୍ନ, କଙ୍କାଳ, ଦୁର୍ଭିକ୍ଷଜନିତ ନରନାରୀ ସାହାଯ୍ୟ ଆଶାୟୀ ହୋଇ ଧାଇଁ ଆସିଥିଲେ । ତହିଁ ମଧ୍ୟରେ ଜଣେ ଲୋକ, ଯାହାଙ୍କୁ ଦେଖିଲେ ଜଣାପଡ଼େ ଯେ ସେ ଦୁଃସ୍ଥ ନୁହନ୍ତି ବୋଲି— ସେ ମଧ୍ୟ ସାହାଯ୍ୟ ପାଇଁ ଆସିଥିଲେ । କମଳ ତାଙ୍କୁ ଦେଖି ବିଦ୍ରୂପ କରି କହିଲେ— "ତୁମ ପରି ସୁସ୍ଥ ଲୋକକୁ ସାହାଯ୍ୟ ଦେବାର ଆବଶ୍ୟକତା ନାହିଁ । ତୁମେ ଆଉ ସାହାଯ୍ୟ ପାଇଁ ଆସିବ ନାହିଁ ।" ଏତିକିବେଳେ ଜନତାର ସ୍ୱର ଶୁଭିଲା— "ଆମ ଭାଗରୁ କାଟି ତାଙ୍କୁ ଦିଅନ୍ତୁ । ସେ ଆମ ଆଖଡ଼ାର ଗୁରୁ—ଓଡ଼ିଆ ପାଇକ ଜାତିର ମେରୁଦଣ୍ଡ ତାଙ୍କ ହାତରେ ଗଢ଼ା ହୋଇଛି ।" ଏତିକିବେଳେ ଗୋପବନ୍ଧୁ ଅତି ଶାନ୍ତ ସ୍ୱରରେ କହିଲେ— "କମଳ ! ଏପରି ତିରସ୍କାର ବନ୍ଦ କର ।"

କବି ମାନସିଂହ ଅତି ନାଟକୀୟ ଉତ୍କଣ୍ଠାର ରୂପଚିତ୍ର ଦେଇ ଏ କାବ୍ୟ ଆରମ୍ଭ କରିଛନ୍ତି । ଏ କାବ୍ୟର ପ୍ରତି ଛନ୍ଦେ ଛନ୍ଦେ ତାଙ୍କର ଭାଷାର ଏକ ନୂତନ ସ୍ୱାଦ ଓ ନୂତନ ବ୍ୟଞ୍ଜନା ଫୁଟି ଉଠିଛି । ମଲ୍ଲ ଗୁରୁଙ୍କ ପ୍ରତି କମଳର ତିରସ୍କାର ଜନତାର ଉତ୍ତରକୁ ମାନସିଂହ ତାଙ୍କ କାବ୍ୟିକ ଭାଷାରେ ଲେଖିଛନ୍ତି—

'ଏ ଗୁଆଳ ତାଙ୍କ ପାଇଁ ଦିଏ ଉପବାସୀ
ତାଙ୍କ ପାଇଁ ନୁହେଁ, ଦିଏ ଥିଲାବାଲା ଖୁସୀ ।
ଦିଶୁ ନାହିଁ ତଲେ ତୁମେ ନ ଖାଇଲ ପରି
ଦେହ ଅଛି, ନକେ ପୋଷି ପାର ଖଟିକରି,
ଦୁଇ ଦିନ ହେଲା ଦେଖେଁ ତମେ ବାରମ୍ବାର
ନେଉଛ ଗୁଆଳ ଏଠୁଁ, ଭଲ କାରବାର

ନୁହେଁ ତ ଏ, ଉଠି ଯାଅ ଏଠୁ ଏଇକ୍ଷଣି
ଫାସିବନା ଆଉ ଏଥେ, ନଅ ଯା ନେଲଣି ।’

× × ×

ଏ କାଳେ ଶୁଭିଲା ସମସ୍ତର କନତାରୁ,
‘‘ବାବୁ, ବାବୁ, ଉଅ ତାଙ୍କୁ ଆମର ଭେଦାରୁ,
ଆଖଡ଼ାର ଧୂଳୁ ଯେ ଯେ ଏ ଖଣ୍ଡ ମଣ୍ଡଳେ
ଭାଙ୍ଗିଛୁ ସଭଙ୍କ ଅଣ୍ଟା ଚର ଦୁର୍ଭିକ୍ଷରେ,
କିଏ ଆଉ ଗୃନ୍ଦା ଦେଇ ପାଇକର ପାଠ
ଶିଖିବ ତାଙ୍କଠୁ ? ଏବେ ଧରବାରୁ ବାଟ
ଅତିମନ୍ଦ ହୋଇଅଛି ଅବସ୍ଥା ତାଙ୍କର
ନ ହେଲେ ସେ କାହା ପାଖେ ପାତନ୍ତେ କ କର ?’

× × ×

କାବ୍ୟର ନାୟକ କମଳର ଚିନ୍ତାରାଜ୍ୟରେ ଏଇଠୁ ଏକ ମାର୍ମିକ ଆଲୋଡ଼ନ ସୃଷ୍ଟି ହୋଇଛି । କଳ୍ପନାର ସ୍ବର୍ଗ ତାଙ୍କୁ ତ୍ୟାଗ କରିଛି । ବାସ୍ତବ କ୍ଷେତ୍ରରେ କଠୋର ସଂଗ୍ରାମ ପଥରେ ସେ ପାଦ ବଢ଼ାଇବାକୁ ଇଚ୍ଛା ପୋଷଣ କରିଛନ୍ତି । ଘଟଣାଚକ୍ରରେ ତାଙ୍କ ଇଚ୍ଛା ପଥରେ ସେ ସନ୍ଧାନୀ ଛନ୍ତି କରୁଣାଙ୍କୁ; ଯିଏକ ପରବର୍ତ୍ତୀ ଜୀବନରେ ସହଧର୍ମିଣୀ, ସହକର୍ମିଣୀ ଓ ସହମର୍ମିଣୀ ହୋଇଛନ୍ତି କମଳର । ତତ କାଳୀନ ଭାରତୀୟ ସ୍ଵାଧୀନତା ସଂଗ୍ରାମରେ ପତି-ପତ୍ନୀ ଯୋଗ-ଦେଇ କାରା-ନର୍ଯ୍ୟାତିତ ହୋଇଛନ୍ତି । କାରାଗାରରେ କମଳ ଅନୁଭବ କରିଛନ୍ତି, ସ୍ଵାଧୀନତା ସଂଗ୍ରାମ ନାମରେ କେତେକ ସୁବିଧାବାଦୀ ଉଦ୍ଦେଶ୍ୟ ପ୍ରଣୋଦିତ ହୋଇ ନିଜ ସ୍ୱାର୍ଥ-ରାସ୍ତା ସନ୍ଧାନୁଛନ୍ତି । ତେଣୁ ଏଇଠାରୁ କମଳଙ୍କର ମାର୍ଗ ଓ ଚିନ୍ତାର ସ୍ରୋତ ଭିନ୍ନାଭିମୁଖୀ ହୋଇଯାଇଛି, ସାଧନାର ସନ୍ଧାନରେ କମଳ ଓ କରୁଣା ଆମେରିକା ଯାଇଛନ୍ତି । ଆମେରିକା ରହଣି କାଳରେ କରୁଣା ଗର୍ଭବତୀ ହୋଇ ଏକ କନ୍ୟା ପ୍ରସବ କରିଛନ୍ତି । ଏଇଠି କରୁଣାର ଜୀବନରେ ଦ୍ୱନ୍ଦ୍ୱ ଦେଖାଦେଇଛି ! ଅତୀତରେ କରୁଣା ବିପ୍ଳବୀ ଭାବେ ଭାରତର ସ୍ୱାଧୀନତା ଆନ୍ଦୋଳନକୁ ସାହାଯ୍ୟ କରିବା ପାଇଁ ଏକ ପାଦ୍ରୀଙ୍କୁ ହତ୍ୟାକରି କାରାବରଣ କରିଥିଲେ—ସେହି ପାଦ୍ରୀଙ୍କ କନ୍ୟା ପିତୃହୀନା ନର୍ସ ମିସ୍ ଓ୍ୟାଟସନ୍ ଏଠାରେ କରୁଣାର ସେବା କରିଛନ୍ତି କନ୍ୟା ପ୍ରସବ କାଳରେ । କରୁଣାର ଖଣ୍ଡୀ ଆତ୍ମା କାନ୍ଦି ଉଠିଛି । ସେ ପାଦ୍ରୀ କନ୍ୟାଙ୍କୁ ନିଜର ଭଉଣୀ ଭାବେ ଗ୍ରହଣ କରିଛନ୍ତି । ଏକ ଦେଶ ଦର୍ଶୀର ପ୍ରେମ ଏଇଠି ଅନ୍ତର୍ଜାତୀୟତା ଆଡକୁ ମୁହାଁଇଛି । ତା ପରେ ଅନ୍ତର ବହୁତ କିଛି…… । ଏହାହିଁ କମଳାୟନ ବିଷୟର ସଂକ୍ଷିପ୍ତ ସାର ।

●

Digitized by srujan ka@gmail.com

ସତ୍ୟ ଓ ସୌନ୍ଦର୍ଯ୍ୟର କବି ମାନସିଂହ

ସୁରେନ୍ଦ୍ରନାଥ ଶର୍ମା, କୋଚଣ୍ଡା

କବି ମାନସିଂହଙ୍କର ନଶ୍ୱର ଶରୀର ବିଲୀନ ହୋଇଛି କାଳର ଅନନ୍ତ ଗର୍ଭରେ ସତ୍ୟ, କିନ୍ତୁ ସେ ଅବିନଶ୍ୱର । ତାଙ୍କର ରଚନାର ପ୍ରତ୍ୟେକ ସ୍ତରରେ ଚିରନ୍ତନ ସତ୍ୟର ନିଗୂଢ଼ ତତ୍ତ୍ୱ, ପ୍ରକୃତି ଓ ସୃଷ୍ଟିର ଅନନ୍ତ ସୌନ୍ଦର୍ଯ୍ୟର ନିଖୁଣ ଚିତ୍ର ରୂପାୟିତ ହୋଇ ଭାବୁକ ମନରେ ଐଶ୍ୱରିକ ଲୀଳାର ଜୀବନ୍ତ ଛବି ଚଳଚିତ୍ର ପରି ଉପସ୍ଥାପିତ କରେ । କବିପ୍ରାଣ ପ୍ରତିଭା ଗଠିତ; ତାହା ଭାରତୀଙ୍କର ବୀଣାର ଝଙ୍କାରରେ ଉତ୍ଫୁଲ୍ଲିତ ହୋଇ ସମଗ୍ର ବିଶ୍ୱର ପ୍ରାଣୀ ଜୀବନରେ ଆନନ୍ଦ ଦାନକରେ । କେବଳ ମାନବ ସୃଷ୍ଟି ନୁହେଁ, ଜୀବ ଜଗତର ଇତର ପ୍ରାଣୀମାନେ ମଧ୍ୟ ସେହି ଝଙ୍କାରରେ ଆକୃଷ୍ଟ ହୋଇ ସେମାନଙ୍କର ସ୍ଥିତି ଭୁଲିଯା'ନ୍ତି । କବିସୂର୍ଯ୍ୟଙ୍କର 'ଯେବେ ନବଘନ ଶ୍ୟାମ ବଂଶୀସ୍ୱନ' ରଚନାଟି ବନରାଜି ଶୋଭିତ ଗୁଳ୍ମଲତା କୋଳ ଉପାନ୍ତରେ ଗୀତ ହେଉଥିବାବେଳେ ମୁଗ୍ଧା ହରିଣୀ ତହିଁରେ ଆକୃଷ୍ଟହୋଇ ଅରଣ୍ୟବାସ ଭୁଲି କୌଣସି ଶ୍ୱାପଦକୁ ଭ୍ରୂକ୍ଷେପ ନକରି ଲୋକାଳୟରେ ପ୍ରବେଶ କଲା । ସଙ୍ଗୀତର ମୋହନମନ୍ତ୍ର ତାର ପ୍ରାଣର ପ୍ରତି ତନ୍ତ୍ରରେ ଉନ୍ମାଦର ଜୁଆର ଖେଳାଇ ଦେଲା ! ଯେ ସୌନ୍ଦର୍ଯ୍ୟ ମନ୍ତ୍ରରେ ଦୀକ୍ଷିତ, ପ୍ରାଣ ଯା'ର ସୌନ୍ଦର୍ଯ୍ୟମୟ, ସେ ସତ୍ୟର ପୂଜାରୀ—ସେ ନିର୍ଭୀକ । ତାର ଲକ୍ଷ୍ୟ ଏକ । ସମାଜର ମନ୍ତବ୍ୟ ତାର ଦୃଷ୍ଟି ସୀମା ବାହାରେ । ସତ୍ୟ ଓ ସୌନ୍ଦର୍ଯ୍ୟର ଉପାସନା କଲାବେଳେ ସେ ବିଚଳିତ କମ୍ବା ଆନନ୍ଦିତ ନୁହେଁ "ନିନ୍ଦନ୍ତୁ ନୀତି ନିପୁଣା ଯଦି ବା ସ୍ତୁବନ୍ତୁ" ।

ଉତ୍କଳ ସାହିତ୍ୟ ଗଗନରେ ଏ ପ୍ରକାରର ନିର୍ଭୀକ କବିଥିଲେ ମାୟାଧର ମାନସିଂହ । ତାଙ୍କୁ ଓଡ଼ିଆ ସାହିତ୍ୟର ନବଯୁଗର ଜଣେ ଯୁଗଦ୍ରଷ୍ଟା କବି କହିଲେ ଅତ୍ୟୁକ୍ତି ହେବନାହିଁ । ସବୁଜ ସାହିତ୍ୟର ପ୍ରଭାବ ସାହିତ୍ୟ ରାଜ୍ୟରେ କ୍ଷିପ୍ରଗତିରେ ପ୍ରବାହିତ ହେଲାବେଳେ ତରୁଣ କବି ମାନସିଂହ ହଠାତ୍ ମାନବ ଜୀବନର ଦ୍ୱିତୀୟ ପର୍ଯ୍ୟାୟର ଚିନ୍ତାଧାରାକୁ ଭାବପ୍ରବଣତାର ସହିତ ନିର୍ଭୟରେ କବିତା ମାଧ୍ୟମରେ ପ୍ରକାଶ କଲେ । ସେତେବେଳେ ସେ ନିଶ୍ଚୟ ଭାବି ନ ଥିବେ ଯେ ଯାହା ଜୀବନର ସତ୍ୟ ତାର ପ୍ରକାଶନରେ ତତ୍କାଳୀନ ସାହିତ୍ୟ ରଥୀମାନେ କ୍ଷୁବ୍ଧ ହେବେ । କିନ୍ତୁ

Digitized by srujan ka@gmail.com

ଯେତେବେଳେ କବିଙ୍କର ଯୌବନ ପ୍ରାଣର ଉଦ୍ଦାମ କବିତା ଗୁଚ୍ଛ 'ଧୂପ'ର ଅଦ୍ୟ କବିତା 'ତରୁଣ କବିର ଆଶା' କବିତାଟି ଉତ୍କଳର ତତ୍କାଳୀନ ବିଖ୍ୟାତ ସାହିତ୍ୟ ପତ୍ରିକା ଉତ୍କଳ ସାହିତ୍ୟର ଆଦ୍ୟପତ୍ର ମଣ୍ଡନ କରି ଆତ୍ମପ୍ରକାଶ କଲା, ସେତେବେଳେ ସାହିତ୍ୟ ଜଗତରେ ଏକ ବିରାଟ ଝଞ୍ଜା ସୃଷ୍ଟି ହୋଇ ନବୀନ ତରୁଣ କବିଙ୍କୁ ବିଦ୍ଧ ଭର୍ତ୍ସନା ସହିବାକୁ ପଡ଼ିଥିଲା । ତତ୍କାଳୀନ ଅନ୍ୟ ଏକ ମାସିକ ସାହିତ୍ୟ ପତ୍ରିକା କହିଲେ, "ଧିକ୍ ତୁମ୍ଭଙ୍କୁ ତରୁଣ କବି, ତୁମ ଜୀବନରେ ଆଉ କୌଣସି ଭଲ ଜିନିଷ ମିଳିଲା ନାହିଁ ।" ଏତିକିରେ ମାତ୍ର ସନ୍ତୁଷ୍ଟ ନହୋଇ ଉତ୍କଳ ସାହିତ୍ୟର ଖ୍ୟାତନାମା ସମ୍ପାଦକ ବିଶ୍ୱନାଥ କରଙ୍କୁ ବାର୍ଦ୍ଧକ୍ୟରେ ତାରୁଣ୍ୟର ପ୍ରାବଲ୍ୟ ବୋଲି ନିନ୍ଦା କରି-ଯାଇଥିଲା । କବିଙ୍କ ଲେଖନୀରୁ ନିଃସୃତ ସତ୍ୟ ଯେପରି ଚିରନ୍ତନ, ନିନ୍ଦୁକମାନଙ୍କର ନିନ୍ଦା ମଧ୍ୟ ସେପରି ଏକ ଚିରାଚରିତ ପ୍ରଥା । କବି ଏଥିରେ ବିବ୍ରତ ନହୋଇ ସତ୍ୟର ପୂଜାରୀ ରୂପେ ସର୍ବଦା ସତ୍ୟ ଓ ସୌନ୍ଦର୍ଯ୍ୟର ଉପାସକ ହେବାକୁ ଛାଡ଼ି ନାହାନ୍ତି । ସେ ସ୍ପଷ୍ଟ ଭାବରେ ହୃଦୟଙ୍ଗମ କରିଥିଲେ ଯେ କୌଣସି ସାହିତ୍ୟ କ୍ଷେତ୍ରରେ ପରମ୍ପରାକୁ ଭଙ୍ଗ କରି କେହି ସତ୍ୟର ପୂଜାରୀ ହେଲେ ତାକୁ ବିଦ୍ଧ ନିର୍ଯ୍ୟା-ତନା ସହିବାକୁ ହୁଏ । ସତ୍ୟର ପୂଜାରୀ ହେବାଯୋଗୁ ପ୍ରଭୁ ଯୀଶୁ କ୍ରୁଶ୍ ବିଦ୍ଧ ହେଲେ; ପଣ୍ଡିତ ସକ୍ରେଟିସ୍‌ଙ୍କୁ ବିଷପାନ କରି ମୃତ୍ୟୁ ବରଣ କରିବାକୁ ପଡ଼ିଥିଲା । ସତ୍ୟର ନିର୍ଦ୍ଦେଶ କାବ୍ୟ କବିତାରେ ବଜ୍ର ନିର୍ଘୋଷ ଧ୍ୱନିରେ ପ୍ରଚାର କରିବାରୁ ଇଂରାଜୀ କବି ସେଲିଙ୍କୁ ପାଗଳ ଆଖ୍ୟା ଧାରଣ କରିବାକୁ ପଡ଼ିଥିଲା ।

କବି ମାନସିଂହଙ୍କର ସରଳ ଶିଶୁ ସୁଲଭ ଅନ୍ତର ମହାମାନବିକ ଗୁଣମାନରେ ପରିପୂର୍ଣ୍ଣ ଥିଲେ । ସେ ଥିଲେ ପ୍ରକୃତରେ ଦ୍ରଷ୍ଟା । ନଦୀ ବନ୍ୟାରେ ଅଗଣିତ ନରନାରୀ ପ୍ରକୃତିର ତାଣ୍ଡବ ଲୀଳାରେ ମର୍ମନ୍ତୁଦ ଯନ୍ତ୍ରଣା ଭୋଗ କରୁଥିବାବେଳେ ସେମାନଙ୍କର ବେଦନାରେ ସମବ୍ୟଥିତ ହୋଇ, ସେହି ରୁଦ୍ର ସଂହାର ମୂର୍ତ୍ତିରେ କବି ଦେଖିଥିଲେ ଜଳପ୍ଲାବନର ଅପୂର୍ବ ସୌନ୍ଦର୍ଯ୍ୟର ଛବି । ପ୍ରକୃତିର ତାଡ଼ନାରେ ପ୍ରାଣୀ ସୁଖଦୁଃଖ ଭୋଗ କରନ୍ତି । ବନ୍ୟାକ୍ଳିଷ୍ଟମାନେ ସମାଜର ଦୁଃଖରେ ଦୁଃଖୀ ହେବା ସଙ୍ଗେ ସଙ୍ଗେ ବନପର୍ବତଭେଦୀ ଦିଗନ୍ତବ୍ୟାପୀ ବନ୍ୟାର ସୌନ୍ଦର୍ଯ୍ୟ କବି ଉପଭୋଗ କରନ୍ତି । ଏହା ତାଙ୍କର କବିତାର ବିଶେଷତ୍ୱ ।

ପ୍ରକୃତିର ସୌନ୍ଦର୍ଯ୍ୟ ବର୍ଣ୍ଣନା କରିବାରେ କବି ଯେପରି ସିଦ୍ଧହସ୍ତ ତାଙ୍କ କଳ୍ପନା ବିଳାସ ସେପରି ଉଚ୍ଚକୋଟୀର । ମଙ୍ଗଳ ମାଳିନୀ ନୀଳାମ୍ବୁ-ଚଳନ୍ତୀ ମଧ୍ୟରେ ଅବସ୍ଥାନ କରି ଉର୍ଦ୍ଧ୍ୱରେ ନୀଳନଭ ବିତାନତଳେ ଅସୀମ ଦୂର ଦିଗ୍‌ବଳୟ କୋଡ଼ରେ ଅସଂଖ୍ୟ ବିହଙ୍ଗର ମାଳାରଚନା ଦର୍ଶନ କରିବାର ସୌଭାଗ୍ୟ ତାଙ୍କର କଳ୍ପନା ଓ କବିତ୍ୱକୁ ଅନେକ ବୈଦେଶିକ ଉଚ୍ଚକୋଟୀର କବିମାନଙ୍କର ସମକକ୍ଷ

Digitized by srujan ka@gmail.com

କରିଥିଲି । Child Harold's Plgrimage କାବ୍ୟରେ କବି ବାଇରନଙ୍କର ସମୁଦ୍ରବର୍ଣ୍ଣନା ସଙ୍ଗେ ଜେମା କାବ୍ୟରେ ମାନସିଂହଙ୍କର ସମୁଦ୍ର ବର୍ଣ୍ଣନା ସମକକ୍ଷ କହିଲେ ଅତ୍ୟୁକ୍ତି ହେବନାହିଁ । ମାନସିଂହ ଏକାଧାରରେ ଇଂରାଜୀ ସାହିତ୍ୟର ରୋମାଣ୍ଟିକ୍ ଯୁଗର କବି କିଟ୍‌ସ୍, ସେଲି ଓ ବାଇରନ୍‌ଙ୍କର ତୁଲ୍ୟ ସୌନ୍ଦର୍ଯ୍ୟଗ୍ରାହୀ, ସତ୍ୟର ପୂଜାରୀ ଓ ନବଯୁଗର ଆବାହକ । ଏହି କବିମାନଙ୍କର ପରି କବି ମାନସିଂହଙ୍କୁ ମଧ୍ୟ ଆଶା ନିରାଶା ମଧ୍ୟରେ ସାରା ଜୀବନ ଗତି କରିବାକୁ ହୋଇଛି । ବହୁ ଘାତ ପ୍ରତିଘାତ ମଧ୍ୟରେ ଗତିକଲେ ମଧ୍ୟ ଏମାନେ ନିଜର ଲକ୍ଷ୍ୟସ୍ଥାନରେ ପହଞ୍ଚିବାକୁ ଅଗ୍ରସର ହୋଇଅଛନ୍ତି ।

ସତ୍ୟର ଉପାସକ ଓ ସୌନ୍ଦର୍ଯ୍ୟର ପୂଜାରୀ କବିମାନେ ପ୍ରକୃତରେ ଦ୍ରଷ୍ଟା । ସେମାନେ ବଜ୍ର ନିର୍ଘୋଷରେ ଭବିଷ୍ୟତର ଘଟଣାବଳୀ ବର୍ଣ୍ଣନା କରନ୍ତି କାରଣ ଆଗତ ଭବିଷ୍ୟ ସମସ୍ତ ତାଙ୍କର ଦୃଷ୍ଟିପଥାରୂଢ଼ । କବି ମାନସିଂହଙ୍କର ଏ ପ୍ରକାର କେତେକଥା ମୁଁ ବ୍ୟକ୍ତିଗତ ଭାବେ ଦେଖିଛି । ସମ୍ବଲପୁରରେ ମ୍ୟୁନିସିପାଲିଟିର କାର୍ଯ୍ୟ ନିର୍ବାହୀ କର୍ମଚାରୀ (Executive Officer) ପଦରେ ୧୯୫୩-୧୯୫୪ ସାଲରେ ମୋର ଅବସ୍ଥାନ କାଳରେ କବି ମାନସିଂହ ଗଙ୍ଗାଧର ମେହେର କଲେଜରେ ପ୍ରଧାନ ଅଧ୍ୟକ୍ଷ ଭାବରେ ଅବସ୍ଥାପିତ ଥିଲେ । ଅବକାଶ ଦିନମାନଙ୍କରେ ମଝେ ମଝେ ତାଙ୍କ ସଙ୍ଗରେ ଦେଖାହୁଏ । ଶିକ୍ଷକ ଓ ଶାସକ ହିସାବରେ ତାଙ୍କର ସୁନାମ ଥାଏ । ଦିନେ ଡାକ୍ତର ରମାକାନ୍ତ ମିଶ୍ରଙ୍କ ବାସଭବନରେ କଥା ପ୍ରସଙ୍ଗରେ କବି ମାନସିଂହ କହିଲେ ଦିନେ ଏହି ସମ୍ବଲପୁରରେ ହୀରାକୁଦ ବିଶ୍ୱବିଦ୍ୟାଳୟ ସ୍ଥାପିତ ହେବ । ଏଥିରେ କୌଣସି ସତ୍ୟତା ନାହିଁ ବୋଲି ଆମ୍ଭେମାନେ କଥାକୁ ହସି ଉଡାଇ ଦେଲୁଁ । ସେ କହିଲେ ଏହା ଭବିଷ୍ୟତବାଣୀ ଓ ସତ୍ୟ—ଦେଖିବ ଏହା ନିଶ୍ଚୟ ରୂପାୟିତ ହେବ । ସତକୁ ସତ ତାଙ୍କର ଏହି ବାଣୀ ସତ୍ୟରେ ପରିଣତ ହେଲା । ଆଜି ତାଙ୍କର କଳ୍ପିତ ବିଶ୍ୱବିଦ୍ୟାଳୟ ରୂପାୟିତ । ଏହା କବିଙ୍କର ଭବିଷ୍ୟତ-ବାଣୀର ତୂର୍ଯ୍ୟନାଦ—ସତ୍ୟତା । (Trumpet of prophecy truth) ।

କବିଙ୍କର ସତ୍ୟ କହିବାରେ ନିର୍ଭିକତା ମୁଁ ବହୁବାର ଦେଖିଛି । ପୂର୍ବତନ ବାମଣ୍ଡା ରାଜ୍ୟରେ ଅବସ୍ଥିତ ବାରକୋଟ ସବ୍‌ଡିଭିଜନରେ ସବ୍‌ଡିଭିଜନାଲ୍ ଅଫିସର ହିସାବରେ ଅବସ୍ଥାନ କାଳରେ ମାନସିଂହ ପୂର୍ବତନ ଗଡଜାତ ବିଭାଗର ଶିକ୍ଷାବିଭାଗର ପରିଦର୍ଶକ ଭାବରେ ବାରକୋଟ ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ କରିଥିଲେ । ବିଦ୍ୟାଳୟ ଗୃହର ପ୍ରାଙ୍ଗଣରେ ଥିବା ଫୁଲ ବଗିଚାରେ ଫୁଲ ଫୁଟି ସୁନ୍ଦର ଦିଶୁଥିଲା । ଗୃହର ବାହାର କାନ୍ଥରେ ପୃଥିବୀ, ଭାରତବର୍ଷ, ଓଡ଼ିଶା ଓ ବାମଣ୍ଡାର ମାନଚିତ୍ରମାନ ସୁନ୍ଦର ଭାବରେ ଅଙ୍କିତ ହୋଇଥିଲା । ମାନସିଂହ ବିଦ୍ୟାଳୟ

Digitized by srujan ka@gmail.com

ପ୍ରାଙ୍ଗଣରେ ପ୍ରବେଶ କରି ବଗିଚ୍ଚର ଫୁଲ ଓ କାନ୍ଥର ଚିତ୍ରଦେଖି ମୁଗ୍ଧ ହେଲେ ଓ କହିଲେ "ବଡ଼ ସୁନ୍ଦର ହୋଇଛି" । ତତ୍ପରେ ବିଦ୍ୟାଳୟ ଗୃହରେ ପ୍ରବେଶ କରି ଝିଅମାନଙ୍କୁ ପରୀକ୍ଷାକରି ପରିଦର୍ଶକ ବହିରେ ତାଙ୍କର ମନ୍ତବ୍ୟ ଲେଖି ମତେ ପଢ଼ିବାକୁ କହିଲେ । ମୁଁ ପଢ଼ି ବିସ୍ମିତ ହେଲି । ସେଥିରେ ଗୋଟିଏ ଧାଡ଼ି ଲେଖାଥିଲା "The outermost is as beautiful and attractive as the innermost is rotton" (ବାହାରଟି ଯେପରି ସୁନ୍ଦର ଓ ଆକର୍ଷଣୀୟ ଭିତରଟି ସେପରି ସଢ଼ା) । ମୁଁ କହିଲି ଏହା କାହିଁକି ଲେଖିଲେ । ଉତ୍ତରରେ ସେ କହିଲେ ଯାହା ନିରିଟ ସତ୍ୟ ତାହା ଲେଖା ହୋଇଛି । ଏହା କହିବା ବାହୁଲ୍ୟ ମାତ୍ର ଯେ ଏହି ପ୍ରକାର ସ୍ପଷ୍ଟବାଦୀତା ଓ ସତ୍ୟ ମନ୍ତବ୍ୟ ପ୍ରକାଶ କରି ସେ କେତେକ ଧନୀଙ୍କୁ ଅସନ୍ତୁଷ୍ଟ କରିଥିଲେ; ଫଳରେ ତାଙ୍କୁ ସେହି କାର୍ଯ୍ୟରୁ ବିଦାୟ ନେବାକୁ ପଡ଼ିଥିଲା । କେବଳ ଏତିକି ନୁହେଁ ବହୁବାର ତାଙ୍କୁ ଚାକିରୀ କ୍ଷେତ୍ରରେ ଏହି ସ୍ପଷ୍ଟ-ବାଦୀତା ଯୋଗୁଁ ନିର୍ଯ୍ୟାତନା ସହିବାକୁ ପଡ଼ିଅଛି ।

କବି ମାନସିଂହ ସଂସାରରୁ ବିଦାୟ ନେଇଛନ୍ତି ସତ୍ୟ, କିନ୍ତୁ ତାଙ୍କର ମହାନ୍ ବ୍ୟକ୍ତିତ୍ୱ, ସ୍ପଷ୍ଟବାଦୀତା ଓ କବି ପ୍ରତିଭା ଚିରଦିନ ଉତ୍କଳ ସାହିତ୍ୟ କ୍ଷେତ୍ରରେ ଦେଦୀପ୍ୟମାନ ରହି ତରୁଣ ଉତ୍କଳୀୟ କବିମାନଙ୍କୁ ଉଦ୍‌ବୁଦ୍ଧ କରିବ । କବି ଦିନେ ଭଗବାନଙ୍କୁ ନିଦ୍ରିତ ଅବସ୍ଥାରେ ଖୋଜି କହିଥିଲେ "ଭଗବାନ ତୁମେ ନିଦ୍ରିତ କେଉଁଠାରେ" କିନ୍ତୁ ଆଜି ସେ ତାଙ୍କୁ ଜାଗ୍ରତ ଅବସ୍ଥାରେ ପାଇ ତାଙ୍କ ନିକଟକୁ ଚାଲିଯାଇ ଅଛନ୍ତି । ଭଗବାନ ତାଙ୍କୁ ଚିରଦିନ ସମସ୍ତଙ୍କ ମନରେ ଜାଗ୍ରତ ଅବସ୍ଥାରେ ରଖନ୍ତୁ । ସେ ଭବିଷ୍ୟତ ବଂଶଧରମାନଙ୍କୁ ସତ୍ୟ ଓ ସୌନ୍ଦର୍ଯ୍ୟର ଉପାସକ ହେବାକୁ ପ୍ରେରଣା ଦିଅନ୍ତୁ । ତାଙ୍କର ଅମର ଆତ୍ମାର ସଦ୍‌ଗତି ହେଉ—ଏହାହିଁ ଏକାନ୍ତ ପ୍ରାର୍ଥନା ।

—୦—

Digitized by srujan ka@gmail.com

ସ୍ୱର୍ଗତଃ ପୁଣ୍ୟାତ୍ମା ମାୟାଧର ମାନସିଂହଙ୍କ
ଚିରନ୍ତନ ଆତ୍ମାର ସଦ୍‌ଗତି ନିମନ୍ତେ
ପ୍ରାର୍ଥନା କରୁଛୁ ।

କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର

ବାଲୁବଜାର
କଟକ—୨ ଫୋନ ୨୧୯୯୩

ଓଡ଼ିଶାର ପ୍ରମୁଖ କବି, ସ୍ୱାଧୀନଚେତା ଶିକ୍ଷାବିତ୍ ବିଶିଷ୍ଟ ପ୍ରାବନ୍ଧିକ ମାୟାଧର ମାନସିଂହଙ୍କ ବିୟୋଗରେ ଓଡ଼ିଆ ଜାତି ଓ ସାହିତ୍ୟ ଆଜି ମ୍ରିୟମାଣ। ଆମେ ସେହି ସ୍ୱର୍ଗୀୟ ଆତ୍ମା ପ୍ରତି ଏହି ଅବସରରେ ଜ୍ଞାପନ କରୁଛୁ ଆମର ଅଶ୍ରୁଳ ପ୍ରଣତି, କାମନା କରୁଛୁ ତାଙ୍କ ଆତ୍ମାର ସଦ୍‌ଗତି ।

ଜଗନ୍ନାଥ ରଥ

ପୁସ୍ତକ ପ୍ରକାଶକ ଓ ବିକ୍ରେତା
ବିନୋଦବିହାରୀ—କଟକ-୨
ଫୋନ —୨୩୧୮୫

ଓଡ଼ିଶାର ପ୍ରଖ୍ୟାତ ପୁସ୍ତକ-ପ୍ରତିଷ୍ଠାନ

ଓଡ଼ିଶା ଜଗନ୍ନାଥ କମ୍ପାନୀ

ବାଲୁବଜାର, କଟକ—୨

ସ୍ୱର୍ଗତ ମାନସିଂହଙ୍କ ସମସ୍ତ ରଚନାବଳୀ ସହ ଅନ୍ୟାନ୍ୟ ସମସ୍ତ ପ୍ରକାର ପୁସ୍ତକ ମିଳିବାର ନିର୍ଭର ଯୋଗ୍ୟ ଠିକଣା ।

Digitized by srujan ka@gmail.com

With Best Compliments From:

SRI LALBABA ROLLER FLOUR MILLS

NAYA BAZAR
Cuttack-4
Phone-22545 & 21744

Manufactures of High class Finish Brand
MAIDA, SOOJI, ATTA, AND BRAN.

ଉତ୍କଳର କବି ପ୍ରତିଭା ଡ଼ଃ ମାୟାଧର ମାନସିଂହଙ୍କ ଅମର ସ୍ମୃତି
ଉଦ୍ଦେଶ୍ୟରେ

ଜ୍ୟୋତ୍ସ୍ନା ଅଲଙ୍କାର ଭଣ୍ଡାର

ଜେଲ୍ ରୋଡ଼
କଟକ

Digitized by srujan ka@gmail.com

Our Homage To The Great Soul

From:

Satya Machinery & Equipment Agencies

26A BAPUJEE NAGAR, JANPATH

BHUBANESWAR-9

Authorised Dealers of

M/s Greaves Cotton & Co Ltd

M/s Crompton Greaves Ltd.

ହାକମ, ମୂଲିଆ ଅବା କାରିଗର ଚାଷୀ

ପ୍ରାସାଦେ ରହୁ କି ହେଉ କୁଟୀର-ନିବାସୀ ।

ସବୁରି ସେବା ଲାଗି ମୁଁ ହୋଇଅଛି ଗଢ଼ା

ମୋ ପାଖେ ସମାନ ସବୁ ପିଲା କିବା ବୁଢ଼ା ।

ସୁଲଭ ମୂଲ୍ୟରେ ଦିଏ ସବୁ ମୁଁ ଯୋଗାଇ

ଖାଉଟିଙ୍କ ଲାଭ ମୁହିଁ ସଦା ଦେଖୁଥାଇ ।

ଜଣକ ପାଖରେ ଲାଭ କରେ ନାହିଁ ଠୁଳ

ଖାଉଟିଙ୍କ ସମବାୟ, ଖାଉଟିଙ୍କ ମେଳ ।

ଓଡ଼ିଶା

ଷ୍ଟେଟ ହୋଲ୍‌ସେଲ୍ କଂଜୁମର୍ସ୍

କୋ-ଅପରେଟିଭ୍ ଫେଡେରେସନ୍ ଲିଃ

ଭୁବନେଶ୍ୱର

Digitized by srujan ka@gmail.com

An Open Offer To Entrepreneurs

To set up their own industries—small, medium or large

With the assistance of the following institutions.

1. Industrial Development Corporation of Orissa Ltd.
   Sardar Patel Hall Premises, New Capital,
   Bhubaneswar.
   For participation in joint sector projects

2. Orissa State Financial Corporation, Barabati Stadium, Cuttack.
   For finance (including foreign currency) for small and medium industries.

3. Orissa Small Industries Corporation, Killamaidan, Cuttack.
   For assistance to small industries.

4. Industrial Promotion & Investment Corporation of Orissa Ltd.
   35 Satyanagar, Bhubaneswar.
   For finance and promotional assistance to medium and large industries.

5. Director of Industries
   Killamaidan, Cuttack.

   For factory sheds, technical and promotional assistance.

Digitized by srujan ka@gmail.com

With Best Compliments From :

M/S N.C. BUDHRAJA & CO.

(ENGINEERS & MINE OWNERS)

MANAGING PARTNERS :

J.C. BUDHRAJA & V.K. MALIK

(GOVERNMENT CONTRACTORS)

SPECIALIST IN ALL TYPE OF CIVIL CONSTRUCTION WORKS.

(EARTH DAM, SPILLWAY, ROADS & BUILDINGS & MINING OPERATIONS)

HEAD OFFICE :

BHUBANESWAR,

P.O. JHARPADA.

Phone : Office—50343
Residence—51698

Gram : BUDHRAJA

Branches Dhenkanal, Cuttack, Berhampur.

Digitized by srujan ka@gmail.com

ସ୍ୱର୍ଗତ ମାୟାଧର ମାନସିଂହଙ୍କ

ସ୍ମୃତି ଉଦ୍ଦେଶ୍ୟରେ—

ପରମ ପୁରୁଷ ତାଙ୍କ ପୂତ ଆତ୍ମାର

ସଦ୍‌ଗତି ବିଧାନ କରନ୍ତୁ ।

ଗ୍ରନ୍ଥ ମନ୍ଦିର

କଟକ-୨ : ବ୍ରହ୍ମପୁର-୧

ଓଡ଼ିଆ ସାହିତ୍ୟର ସୁ ସାହିତ୍ୟିକ ଡଃ ମାୟାଧର ମାନ୍‌ସିଂହଙ୍କ ସ୍ମୃତି ଉଦ୍ଦେଶ୍ୟରେ—

ଗ୍ରାଣ୍ଡ ସିନେମା

ଶୀତତାପ ନିୟନ୍ତ୍ରିତ ସର୍ବାଧୁନିକ ପ୍ରେକ୍ଷାଳୟ

ମହତାବ ରୋଡ଼

କଟକ

Digitized by srujan ka@gmail.com

S. AKBAR KHAN & CO. BALUBAZAR. CUTTACK-2
ଶାମସୁଦ୍ଦିନ୍ ଆକବର ଖାଁ ଏଣ୍ଡ କୋ. ବାଲୁବଜାର, କଟକ-୨

Digitized by srujan ka@gmail.com

ପଦ୍ମଶ୍ରୀ ଡଃ ମାୟାଧର ମାନସିଂହଙ୍କ ଦଶାହ ଦିବସରେ

ବିନମ୍ର ଭକ୍ତି ଓ ଶ୍ରଦ୍ଧାର ସହିତ—

ଦି ଫର୍ଟିଲାଇଜର କର୍ପୋରେସନ୍ ଅଫ୍ ଇଣ୍ଡିଆ ଲିଃ
ପୂର୍ବାଞ୍ଚଳ ବିକ୍ରୟ କେନ୍ଦ୍ର
ଭୁବନେଶ୍ୱର

'ଧୂପ'ର ମହାନ୍ କବି ଓଡ଼ିଆ ସାହିତ୍ୟର ସୁପ୍ରସିଦ୍ଧ ସାହିତ୍ୟିକ ସ୍ୱର୍ଗତ ଡଃ ମାୟାଧର ମାନ୍‌ସିଂହଙ୍କ ମହାନ୍ ଆତ୍ମା ପ୍ରତି ବିନମ୍ର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛୁ ।

ନିଉ ଷ୍ଟୁଡେଣ୍ଟସ୍ ଷ୍ଟୋର

ପୁସ୍ତକ ପ୍ରକାଶକ ଓ ବିକ୍ରେତା

ବିନୋଦ ବିହାରୀ

କଟକ

Digitized by srujan ka@gmail.com

ORISSA MINING CORPORATION LTD.

Bhubaneswar-1

In the service of

ORISSA AND THE COUNTRY

Now preparing for development of

GANDHAMARDAN IRON ORE PROJECT

(KEONJHAR DISTRICT)

Area where our Adibasi brethern form majority of the population.

CABLE-ORMINCORP * TLX. BN 201

* PHONE—52220, 52269, 50920

Digitized by srujan ka@gmail.com

ଘରେ

ବାହାରେ

ଉତ୍ସବ ଆନନ୍ଦରେ

ପି.ଆଇ.ଓ. ସମସ୍ତଙ୍କର ପ୍ରିୟ...

ପି:ଆଇଓ:ତଆର—

କମଳା ସ୍କାସ, ପିଜୁଳି ଜେଲି, ସପୁରୀ ସ୍କ୍ୱାସ, ସପୁରୀ ରସ କ୍ୟାନ୍,
ଲେମ୍ବୁ ସ୍କ୍ୱାସ, ସପୁରି ଖଣ୍ଡ କ୍ୟାନ୍, ଆମ୍ବ ସ୍କ୍ୱାସ, ଲେମ୍ବୁ ଆଗ୍ଭର, ଲଙ୍କାଆମ୍ବସ୍କ୍ୱାସ;
ଆମ୍ବ ଅଗ୍ଭର, ଅରେଞ୍ଜ ମାରମାଲେଡ୍, କାଜୁବାଦାମ୍ । କିଣନ୍ତୁ ।
ଡେପୁଟି ଡାଇରେକ୍ଟର ଅଫ୍ ଏଗ୍ରିକଲ୍‌ଚର (ଫ୍ରୁଟ୍ ପ୍ରିଜରଭେସନ)
ସ୍ଥାନ—ସର୍ଦ୍ଦାର ପଟେଲ ହଲ ଭୁବନେଶ୍ୱର ଫୋନ୍ — ୫୦୬୯

Digitized by srujanika@gmail.com

ହସ୍ତତନ୍ତ ଶିଳ୍ପର ଅଗ୍ରଗତିରେ ଆମର ସହଯୋଗ

ପ୍ରାଥମିକ ତନ୍ତୁବାୟ ସହଯୋଗ ସମିତିମାନଙ୍କୁ ଆବଶ୍ୟକୀୟ ସୂତା, ରଙ୍ଗ,

ବୁଣିବା ଯନ୍ତ୍ରପାତି ସୁଲଭ ମୂଲ୍ୟରେ ଯୋଗାଇ ଦେବା,

ଉତ୍ପାଦିତ ବସ୍ତ୍ର ସମୂହର ବିକ୍ରୟ ବନ୍ଦୋବସ୍ତ କରିବା,

ନୂତନ ଧରଣର ବସ୍ତ୍ର ଉତ୍ପାଦନ କରି କଳାର ପ୍ରସାର ତଥା ପ୍ରସ୍ତୁର କରିବା ।

ଓଡ଼ିଶା ରାଜ୍ୟ ତନ୍ତୁବାୟ ସହଯୋଗ ସମିତି ଲି:

ମୁଖ୍ୟ କାର୍ଯ୍ୟାଳୟ : ଭୁବନେଶ୍ୱର-୨ ଫୋନ୍ ନଂ—୫୦୭୪୧

ଅଳ୍ପ ଖର୍ଚ୍ଚରେ ଅଧିକ 'କ୍ଷୀର' ଓ ଅଣ୍ଡା ଉତ୍ପାଦନ କରନ୍ତୁ ।

ଓଡ଼ିଶା ସରକାରଙ୍କ ଦ୍ୱାରା ପରିଚାଳିତ

ଓଡ଼ିଶା ଆଗ୍ରୋ ଆଣ୍ଡ ସ୍ମଲ ଇଣ୍ଡଷ୍ଟ୍ରିଜ୍ କର୍ପୋରେସନ୍ ଲିଃଙ୍କ ଦ୍ୱାରା ପ୍ରସ୍ତୁତ 'ସୁରଭି' ମାର୍କା ଗୋଖାଦ୍ୟ ଏବଂ "ଗରୁଡ଼"ମାର୍କା କୁକୁଡ଼ା ଖାଦ୍ୟ ବ୍ୟବହାର କରନ୍ତୁ ।

* ଏହି 'ସୁରଭି' ମାର୍କା ଗୋଖାଦ୍ୟ ଅଳ୍ପ ଖର୍ଚ୍ଚରେ ଗୋଜାତିଙ୍କୁ ସୁସ୍ଥ ରଖିବା ସଙ୍ଗେ ସଙ୍ଗେ ସେମାନଙ୍କର ଦୁଗ୍ଧ ଉତ୍ପାଦନ ଶକ୍ତି ବୃଦ୍ଧି କରିଥାଏ ।
* ଆମ୍ଭର 'ଗରୁଡ଼' ମାର୍କା କୁକୁଡ଼ା ଖାଦ୍ୟ ଅଳ୍ପ ଖର୍ଚ୍ଚରେ କୁକୁଡ଼ାଙ୍କୁ ସୁସ୍ଥ ରଖିବା ସଙ୍ଗେ ସଙ୍ଗେ ସେମାନଙ୍କର ଅଣ୍ଡା ଉତ୍ପାଦନ ଶକ୍ତି ବୃଦ୍ଧି କରିଥାଏ ।
* ଏହି ଖାଦ୍ୟ ଦ୍ୱୟ ସୁଚିନ୍ତିତ ବୈଜ୍ଞାନିକ ପ୍ରଣାଳୀରେ ତିଆରି ହୋଇଅଛି ।
* ସୁରଭି ମାର୍କା ଗୋଖାଦ୍ୟ ଖୁଆଇବା ପ୍ରଣାଳୀ ଖୁବ୍ ସହଜ ।
* ସୁରଭି ଓ ଗରୁଡ଼ ଦ୍ୱୟ ଏକ ସୁଷମ ଓ ସୁସ୍ୱାଦୁ ଖାଦ୍ୟ । ଏହାର ଉପାଦେୟତା ତୁଳନାରେ ଖର୍ଚ୍ଚ ଖୁବ୍ କମ୍ ।
* ଏହା ଶସ୍ତା ଓ ସୁଲଭ ମୂଲ୍ୟରେ ସର୍ବଦା ଯୋଗାଇ ଦିଆ ଯାଇଥାଏ ।
* ଏଥି ନିମିତ୍ତ କୌଣସି ପରମିଟ୍ ଦରକାର ହୁଏନାହିଁ ।

ସ୍ୱତ୍ୱପ୍ରାପ୍ତ ଏଜେଣ୍ଟ:—

୧—ଡା: ବସନ୍ତ କୁମାର ସାହୁ
ରାଣିହାଟ, କଟକ

୨—ଏନ୍.ଏନ୍.ପାଣି
43A. ବାପୁଜୀନଗର
ଭୁବନେଶ୍ୱର

୩—ପି. ଶିବଲିଙ୍ଗମ୍
ବାଚ୍ଚୁଭାରୀ ଷ୍ଟ୍ରିଟ୍
ବ୍ରହ୍ମପୁର—୨

୪—ଏମ୍. ବାଲକିଷ୍ଣନ୍
ଗୋଲପଲ ଷ୍ଟ୍ରିଟ୍, ବ୍ରହ୍ମପୁର

୫—ୟୁ.ଏନ୍.ଦାସ୍ (ଦାସଷ୍ଟୋର)
ଦୋଲମୁଣ୍ଡାଇ, କଟକ

—ଅନୁସନ୍ଧାନ କରନ୍ତୁ—

ଓଡ଼ିଶା ଆଗ୍ରୋ ଆଣ୍ଡ ସ୍ମଲ ଇଣ୍ଡଷ୍ଟ୍ରିଜ୍ କର୍ପୋରେସନ୍ ଲିଃ

(ଓଡ଼ିଶା ସରକାରଙ୍କ ସଂସ୍ଥା)

କଲ୍ଲାମଇଦାନ୍, କଟକ—୧

କାରଖାନ—
ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ୍
ବ୍ରହ୍ମପୁର, (ଗଞ୍ଜାମ)

—x—

Digitized by srujan ka@gmail.com

ORISSA STATE FINANCIAL CORPORATION

BARABATI STADIUM,

Cuttack-5

IMPORTANT INFORMATION FOR SMALL
AND MEDIUM SCALE INDUSTRIES

---

1. Foreign Exchange credit for import of capital equipments and spares by by small and medium scale industries from INTERNATIONAL DEVELOPMENT ASSOCIATION (IDA)—an affiliate of world Bank—is now available through the Corporation.

2. Public and private Limited Companies can avail of this credit upto a limit of Rs.30.00 lakhs and other upto Rs.15.00 lakhs.

3. The credit can be made available from any foreign exchange currency through any of the world Bank countries and Switezrland.

Digitized by srujan ka@gmail.com

ଓଡ଼ିଆ ସାହିତ୍ୟର ମହାନ୍ କବି ଡଃ ମାୟାଧର

ମାନ୍‌ସିଂଙ୍କ ଅମର ଆତ୍ମା ଉଦ୍ଦେଶ୍ୟରେ

ଆମର ବିନମ୍ର ପ୍ରଣତି

ଓଡ଼ିଶା ସିମେଣ୍ଟ ଲିଃ

ରାଜଗାଙ୍ଗପୁର

ସୁନ୍ଦରଗଡ଼

ଫୋନ୍—୩୨

ଗ୍ରାମ୍ -ଓଡ଼ିଶା ସିମେଣ୍ଟ

Digitized by srujan ka@gmail.com

ଗ୍ରାମ : କୋମାର୍କେଟ   ଫୋନ { ୫୦୦୨୦
୫୦୦୧୮

ଓଡ଼ିଶା

ରାଜ୍ୟ ସମବାୟ ବାଣିଜ୍ୟ ସମିତି ଲିମିଟେଡ୍
ଷ୍ଟେସନ ରୋଡ—ଭୁବନେଶ୍ୱର

ଆପଣମାନଙ୍କ ସେବାରେ ସମସ୍ତ ପ୍ରକାର ରାସାୟନିକ ସାର, ପୋକମରା ଔଷଧ, ବିଶୁଦ୍ଧ ମଞ୍ଜି, ଷ୍ଟ୍ରେୟାର ଆଦି କୃଷି ଉପକରଣ ଯନ୍ତ୍ରପାତି, ଗୋ ଖାଦ୍ୟ, କୁକୁଡ଼ା ଖାଦ୍ୟ, ପଶୁ ଚିକିତ୍ସା ପାଇଁ ଔଷଧ ଆଦି ଆମର ଭୁବନେଶ୍ୱର ବିକ୍ରୟ କେନ୍ଦ୍ର ତଥା ରାଜ୍ୟର ସମସ୍ତ ଆଞ୍ଚଳିକ ବାଣିଜ୍ୟ ସମବାୟ ସମିତିମାନଙ୍କରେ ମହଜୁଦ୍ ରଖିଛୁ ।

ଏହା ବ୍ୟତୀତ (୧) ରାଜ୍ୟ ସରକାରଙ୍କ ଏଜେଣ୍ଟ ରୂପେ ରାଜ୍ୟର ଧାନ, ଚାଉଳ ଓ ଗହମ ସଂଗ୍ରହ କରିବା ସଙ୍ଗେ ଅନ୍ୟ କୃଷିଜାତ ଦ୍ରବ୍ୟର କିଣାବିକା ପାଇଁ ସବୁ ସୁବିଧା ରଖିଛୁଁ ।

(୨) ଆମ ବିଶେଷଜ୍ଞ କର୍ମଚାରୀଙ୍କ ଦ୍ୱାରା ଚାଉଳ ଓ ତେଲ କଳ, ଶୀତଳ ଭଣ୍ଡାର ଇତ୍ୟାଦି ସ୍ଥାପନ କରୁଛୁ ।

(୩) ଅତି ନିକଟରେ ଆମର ବରଗଡ଼ କାରଖାନାରୁ ଦାନାଦାର 'ଶ୍ୟାମଳା' ସାର, ପୋକମରା ଔଷଧ ଓ କୁଣ୍ଡାରୁ ତେଲ ଉତ୍ପାଦନ କରୁଛୁଁ ।

ଶ୍ରୀ ସନ୍ତୋଷ କୁମାର ସାହୁ
ସଭାପତି

ଶ୍ରୀ ଭଗବାନ ଖଟୋଇ
ସଂପାଦକ

Digitized by srujan ka@gmail.com

ଆପଣଙ୍କ ନିଜର ତଥା ଦେଶର ସମୃଦ୍ଧି ପାଇଁ ସଞ୍ଚୟ ଏକାନ୍ତ ଆବଶ୍ୟକ ଉଜ୍ଜ୍ୱଳତର ଆସନ୍ତା କାଲି ପାଇଁ ଆଜି ହିଁ ସଞ୍ଚୟ କରନ୍ତୁ ଏବଂ ପୋଷ୍ଟ ଅଫିସ୍‌ରେ ଗୋଟିଏ ଏକାଉଣ୍ଟ ଖୋଲନ୍ତୁ ।

୫ ବର୍ଷିଆ ରେକରିଂ ଡିପୋଜିଟ୍ ଏକାଉଣ୍ଟ—

ସୁଧ-ବାର୍ଷିକ ଶତକଡ଼ା ୭.୭୫ ଟଙ୍କା
(ସୁଧ ଉପରେ ଆୟକର ପଡ଼େ)

୧୦-ବର୍ଷିଆ ସି. ଟି. ଡି. ଏକାଉଣ୍ଟ —

ସୁଧ-ବାର୍ଷିକ ଶତକଡ଼ା ୪.— ଟଙ୍କା (କରମୁକ୍ତ)
ଏଥିରେ ଆୟକର ରିହାତି ମଧ୍ୟ ମିଳେ ।

୧୫-ବର୍ଷିଆ ପବ୍ଲିକ୍ ପ୍ରଭିଡେଣ୍ଟ ଫଣ୍ଡ—

୧୯୭୩-୭୪ ବର୍ଷ ପାଇଁ ସୁଧହାର ବାର୍ଷିକ ଶତକଡା—
୫.୩୦ ଟଙ୍କା (କରମୁକ୍ତ)

ପୋଷ୍ଟ ଅଫିସ୍ ଟାଇମ୍ ଡିପୋଜିଟ୍

୧-ବର୍ଷିଆ	ଏକାଉଣ୍ଟ	— ସୁଧ —	ବାର୍ଷିକ	ଶତକଡା	୬ ଟଙ୍କା
୨-	,,	,,	— ,, —	,,	୭ ଟଙ୍କା
୩-	,,	,,	— ,, —	,,	୭ ଟଙ୍କା
୫-	,,	,,	— ,, —	,,	୭.¼ ଟଙ୍କା

(ସୁଧ ଉପରେ ଆୟକର ପଡ଼େ)

ଏହି ସମସ୍ତ ଆକାଉଣ୍ଟରୁ ଟ ୩୦୦୦ଙ୍କା ପର୍ଯ୍ୟନ୍ତ ମିଳୁଥିବା ସୁଧ ଉପରେ ଆୟକର ପଡ଼େ ନାହିଁ ।

ବିଶଦ ବିବରଣୀ ପାଇଁ ଯୋଗାଯୋଗ ସ୍ଥାପନ କରନ୍ତୁ :—
(୧) ନିକଟତମ ଡାକଘର (୨) ଜିଲ୍ଲା ସଞ୍ଚୟ ଅଫିସର (୩) ଉପନିର୍ଦ୍ଦେଶକ, ସ୍ୱଳ୍ପ ସଂଚୟ, ଅର୍ଥବିଭାଗ ଭୁବନେଶ୍ୱର (୪) ଆଞ୍ଚଳିକ ନିର୍ଦ୍ଦେଶକ ।

ଭାରତ ସରକାରଙ୍କ ଜାତୀୟ ସଂଚୟ ସଂଗଠନ, ହରିପୁର ରୋଡ ।
କଟକ-୧

ସ୍ୱଳ୍ପ ସଞ୍ଚୟ ନିର୍ଦ୍ଦେଶକ
ଅର୍ଥବିଭାଗ
ଭୁବନେଶ୍ୱର

Digitized by srujan ka@gmail.com

"HOMAGE TO THE DEPARTED SOUL"

M/S FERRO ALLOYS CORPORATION LTD.

INDIA'S

LARGEST PRODUCERS
OF
FERRO ALLOYS

121 A—SURYANAGAR—BBSR-3

TEL—52758-52225

Digitized by srujan ka@gmail.com

ଓଡ଼ିଶା ସାହିତ୍ୟ ଏକାଡେମୀଦ୍ୱାରା ପ୍ରକାଶିତ ନୂତନ ପୁସ୍ତକ ଓ ପତ୍ରିକା ।

ସଂସ୍କୃତ

ବାଙ୍ମୟ ବିବେକ — ଡଃ କରୁଣାକର କର

ସାଂଖ୍ୟତତ୍ତ୍ୱ ଦୀପିକା } ପଣ୍ଡିତ ଶ୍ରୀ ଗଣେଶ୍ୱର ରଥବାଚସ୍ପତିଶର୍ମା
ଯୋଗତତ୍ତ୍ୱ ବୋଧ

ବ୍ୟାପ୍ତି ପଂଚକମ — ପଣ୍ଡିତ ଲୋକନାଥ ଶାସ୍ତ୍ରୀ

ଓଡ଼ିଆ

ଓଡ଼ିଶାର ପ୍ରତ୍ନତତ୍ତ୍ୱ ଓ ଅନ୍ୟାନ୍ୟ ପ୍ରବଂଧ
(୨ୟ ଭାଗ) ପରମାନଂଦ ଆଚାର୍ଯ୍ୟ

ପଣ୍ଡିତ ମୃତ୍ୟୁଂଜୟ ରଥ ଜୀବନୀ — ଡଃ ଗୋପାଳଚଂଦ୍ର ମିଶ୍ର

ଓଡ଼ିଆ ପୋଇ ସାହିତ୍ୟ — ପଣ୍ଡିତ ଶ୍ରୀ ନୀଳମଣୀ ମିଶ୍ର

ଆଧୁନିକ ଓଡ଼ିଆ ସାହିତ୍ୟର ଭୂମି ଓ ଭୂମିକା ୨ୟ ସଂସ୍କରଣ — ସଂକଳକ ଡଃ କୁଂଜବିହାରୀ ଦାଶ

ଭାରତୀୟ ନୃତ୍ୟକଳା — ଶ୍ରୀ ଧୀରେଂଦ୍ର ନାଥ ପଟ୍ଟନାୟକ

ପତ୍ରିକା

କୋଣାର୍କ (ପଂଚସଖା ସାହିତ୍ୟ ବିଶେଷାଙ୍କ)
ମୁଖ୍ୟ ସମ୍ପାଦକ ଡଃ ବଂଶୀଧର ମହାନ୍ତି
ସମ୍ପାଦକ ଓଡ଼ିଶା ସାହିତ୍ୟ ଏକାଡେମୀ

Digitized by srujan ka@gmail.com

With Best Compliments

Phone : 21022 CTC.
52249 BBSR
Telex 025-235

SHREE DURGA GLASS WORKS

Manufacturers of

Containers Tableware & Domestic Wares.

FACTORY
BARANG
Dist : Cuttack.

Digitized by srujanika@gmail.com

ହେ ସ୍ୱର୍ଗତ କବି !

ତୁମ୍ଭର ଅମର "ଧୂପ" ଓଡ଼ିଆ ଜାତିକୁ

ଯୁଗେ ଯୁଗେ ଆମୋଦିତ କରୁ ।

ଇଣ୍ଡିଆନ ମେଟାଲ୍ସ ଏଣ୍ଡ ଫେରୋ

ଏଲଏସ୍ ଲି ।

ଭୁବନେଶ୍ୱର

Digitized by srujan ka@gmail.com

Hot Songs of

1973 PUJA RECORDS

୧ । ଉଡ଼ୁ ଉଡ଼ୁକା ଦେବ ବଉଦ ପାର

Dvet Song—Nirmala Misra.
&
Pranab K. Pattanaik.

୨ । ଠାକୁର କରିଲ ପୁଅଟେ ନହେଲେ
କେତେ ସୁଖ ପାଇଥାନ୍ତି—

Pranab K. Pattanaik.
Both the song Music given by
Sri Santanu K. Mohapatra.
Liric by—Sri Gour Krushna Goswami.

When you think to stage your Drama
We think better to light your stage.
For quality Stage lights
Please Contact

CHHAYALOKA
(M. K. Balabanta Roy)
Unit—4
New Capital, Bhubaneswer.

Digitized by srujan ka@gmail.com

ଓଡ଼ିଆ ସାହିତ୍ୟର ବରପୁତ୍ର
ସ୍ୱର୍ଗତଃ ଡ଼ଃ ମାୟାଧର ମାନସିଂଙ୍କ
ଅମର ଆତ୍ମା ଉଦ୍ଦେଶ୍ୟରେ ଆମର
ବିନୀତ ଶ୍ରଦ୍ଧାଞ୍ଜଳି

ଜେ. ମହାପାତ୍ର ଆଣ୍ଡ କୋ:
ପୁସ୍ତକ ପ୍ରକାଶକ ଓ ବିକ୍ରେତା
ବାଲୁବଜାର
କଟକ

ସ୍ୱର୍ଗତଃ ଡ଼ଃ ମାୟାଧର ମାନସିଂଙ୍କ
ଅମର ଆତ୍ମା ଉଦ୍ଦେଶ୍ୟରେ

ଦାଶରଥୀ ପୁସ୍ତକାଳୟ
ପୁସ୍ତକ ପ୍ରକାଶକ ଓ ବିକ୍ରେତା
ବାଲୁବଜାର
କଟକ

Digitized by srujan ka@gmail.com

Belpahar Refractories Limited

MANUFACTURERS OF QUALITY REFRACTORIES

Works-
P.O. Belpahar,
Dist. Sambalpur'
Orissa
P.O. Karuppur
Dist-Salem
Tamilnadu

Sales Office-
43' Chowringhee Road
Tata Building
11th Floor
Calcutta-16

ପୁଣ୍ୟାତ୍ମା ଓଡ଼ିଶାର ବରେଣ୍ୟ କବି ଡ଼ଃ ମାନସିଂଙ୍କ ଅମର ଆତ୍ମା ଉଦ୍ଦେଶ୍ୟରେ—

ସାଥୀ ମହଲ

ପୁସ୍ତକ ପ୍ରକାଶକ ଓ ବିକ୍ରେତା

ବାଲୁ ବଜାର, କଟକ

Digitized by srujan ka@gmail.com

- National Award for "Best Hindi Film"
- 5 Awards from Bengal Film Journalists

  Association for "Best Film" "Best Direction" "Best script" "Best Acting" and "Best Dailogue"
- Andhra Pradesh Film Journalists Association Award for "Best Acting"
- Shamma-Shushma Aw rd for "Best Story"

COMING SHORTLY TO YOUR TOWN

Issued by :—**EASTERN FILMS,**

Buxi Bazar, Cuttack-1

Digitized by srujan ka@gmail.com

ଓଡ଼ିଆ ସାହିତ୍ୟାକାଶର ଉଜ୍ଜ୍ୱଳତମ ତାରକା ସ୍ୱର୍ଗତଃ କବି

ଡଃ. ମାୟାଧର ମାନସିଂହଙ୍କ

ପବିତ୍ର ଆତ୍ମା ଉଦ୍ଦେଶ୍ୟରେ ଆମର ବିନୀତ ପ୍ରଣତି

ଜି. ନାୟକ ଏଣ୍ଡ୍ କୋଃ

ଷ୍ଟେସନ ରୋଡ

କଟକ

Digitized by srujan ka@gmail.com